

ଫେବୃଆରୀ ୨୦୧୯ • ୩୦ ଟଙ୍କା
ଆମ ମାଟିର ସ୍ୱର


New Product
HDPE Pipes
SAVE WATER!
WATER IS LIFE.
Ohm
PVC
HDPE
Pipes & Fittings
Agriculture / Irrigation / Industries / Domestic
Ohm PVC Pipes
HDPE Pipes
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# ରେବତୀ
## ଆମ ମାଟିର ସ୍ୱର

# REBATI AMA MATIRA SWARA

*(a family feature monthly odia magazine on life & literature)*

ପ୍ରଥମ ବର୍ଷ : ପଞ୍ଚମ ସଂଖ୍ୟା, ଫେବୃଆରୀ, ୨୦୧୯ ■ Vol-1, Issue-5, February, 2019



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

■

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

■

ଅଳଂକରଣ ବିଭାଗ

- ଚିତ୍ରକଳା : ଡକ୍ଟର ରଂଜନ ମଲ୍ଲିକ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

■

ସମ୍ପାଦକୀୟ କାର୍ଯ୍ୟାଳୟ | **Editorial Office**

ସମ୍ପାଦିକା : ରେବତୀ | Editor : **Rebati Ama Matira Swara**

ଓ.ଟି. ରୋଡ୍, ବାଲେଶ୍ୱର | O.T. Road, Balasore

ପିନ୍- ୭୫୬୦୦୧ | Pin - 756001, Odisha

ଫୋନ୍ : ୯୪୩୭୦୮୦୦୦୩ | Phone : 9437080003

୭୦୦୮୮୪୫୯୨୦ | 7008845920

E-mail : rebati.rebati2018@gmail.com

## ଲେଖକମାନଙ୍କୁ ଲେଖାର ପାରିତୋଷିକ ଦେବାର ବ୍ୟବସ୍ଥା ହେଉ

● 'ରେବତୀ' ଜାନୁଆରୀ ୨୦୧୯ ଏବେ ମୋ ହାତରେ । ନନ୍ଦିନୀ ଶତପଥିଙ୍କ ଉପରେ ମୋ ଲେଖାଟି ପ୍ରକାଶ କରିଥିବାରୁ ଧନ୍ୟବାଦ ଜଣାଉଛି । ପତ୍ରିକାଟି ନିଶ୍ଚିତ ଭାବରେ ଓଡ଼ିଶାର ପାଠକପାଠିକାଙ୍କୁ ଆକୃଷ୍ଟ କରିଛି । କେହି 'ସଚିତ୍ର ବିଜୟା' ସହିତ ତୁଳନା କଲା ବେଳେ କେହି 'କାଦମ୍ବିନୀ' ସହ ତୁଳନା କରୁଛନ୍ତି । ଏହା ପାଠକର ନିଜସ୍ୱ ମତ । ତେବେ ମୁଦ୍ରଣ ପ୍ରମାଦ ପ୍ରତି ଧ୍ୟାନ ଦିଅନ୍ତୁ । ମୋ ଲେଖାରେ ପ୍ରଥମରୁ 'ଶତପଥୀ' ସ୍ଥାନରେ 'ନନ୍ଦିନୀ ଶତପଥି' ରହିଛି । ଭିତରେ ବି କେତେବେଳେ ଶତପଥୀ ତ କେତେବେଳେ ଶତପଥି ହୋଇଛି । ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବା ସମ୍ଭବ ହୁଏନା, ଯଥାସମ୍ଭବ ତ୍ରୁଟିଶୂନ୍ୟ କରିବା ଦରକାର । ଲେଖକୀୟ ପାରିତୋଷିକ ବ୍ୟବସ୍ଥା ରଖନ୍ତୁ । 'ରେବତୀ'ର ମାର୍ଗଦର୍ଶକ ଏବଂ ସମ୍ପାଦିକା ଏ ଦିଗ ପ୍ରତି ଧ୍ୟାନ ଦେବେ ବୋଲି ଭାବୁଛି । ପ୍ରଥମ ସଂଖ୍ୟା ପଢ଼ି ମୁଁ ଯେଉଁ ପତ୍ରଟି ଲେଖିଥିଲି ଆପଣ ଅବିକଳ ଛାପିଥିବାରୁ ଧନ୍ୟବାଦ । ପ୍ରସ୍ତାବ ଦେଇଥିଲି 'ରେବତୀ' ଗଳ୍ପ ସହ ଏଯାଏଁ ରେବତୀକୁ ନେଇ ଲେଖା ଯାଇଥିବା ଗଳ୍ପଗୁଡ଼ିକରୁ ଗୋଟିଏ ଗୋଟିଏ ଦେବାକୁ । ଏଥର ଫକୀରମୋହନଙ୍କ 'ରେବତୀ' ସ୍ଥାନ ପାଇଛି ଓ ତା' ସହିତ ଆଲେଖ୍ୟ ପଢ଼ି ଖୁସି ଲାଗିଲା । 'ରେବତୀ'ରେ ରେବତୀ ପରମ୍ପରା ବଜାୟ ରହିବ ବୋଲି ଆଶା ।

କେତେଦିନ ପତ୍ରିକା ଚାଲିବ ସେକଥା ତ କହିହେବନି । 'ସାନନ୍ଦା', 'ସଚିତ୍ର ବିଜୟା', 'ସାହିତ୍ୟ ପୃଥିବୀ' ଭଳି ପତ୍ରିକା ଏବଂ ମନୋଜ ଦାସଙ୍କ ସଂପାଦିତ 'ହେରିଟେଜ୍' ସମେତ ବହୁ ପ୍ରତିଷ୍ଠିତ ପତ୍ରିକା ବନ୍ଦ ହୋଇଯାଇଛି । ତେବେ ଯେତେଦିନ ବଞ୍ଚିବ ସୁସ୍ଥ, ସୁନ୍ଦର, ଇତିହାସ ସୃଷ୍ଟି କଲା ଭଳି ବଞ୍ଚିବ । ତେଣୁ 'ରେବତୀ'କୁ ସକରାତ୍ମକ ଭାବରେ ଗ୍ରହଣ କରିନେଇ ଆଶାବାଦୀ ମୁଁ ହୋଇଛି ଯେ ଏହା ଯେତେଦିନ ବଞ୍ଚିବ, ଇତିହାସ ସୃଷ୍ଟି କରିବ । ଏଥିପାଇଁ ସମ୍ପାଦିକା ଓ ସହଯୋଗୀ ସମ୍ପାଦକଙ୍କୁ ମୋର ଶୁଭେଚ୍ଛା ।

ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଉତ୍ସର୍ଗୀକୃତ ମାଟି ହେଉଛି ବାଲେଶ୍ୱର । ଏ ମାଟିର ସ୍ୱର ସାରା ଓଡ଼ିଶାରେ ନିନାଦିତ ହୋଇ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିଛି । 'ରେବତୀ' ଏଇ ତ ଜନ୍ମ ନେଇଛି । ତେଣୁ ପୂର୍ବସୂରୀଙ୍କ ଚଲାପଥକୁ ଅନୁସରଣ କରି ସେ ନିଷ୍ଠେ ସ୍ୱପ୍ନ ଦେଖିବା ଦରକାର, ଇତିହାସ ସୃଷ୍ଟି କରିବ ବୋଲି ଦିନେ । ବିଶ୍ୱବିଦ୍ୟାଳୟମାନଙ୍କୁ ନେଇ ଯେଉଁ ଆଲେଖ୍ୟ ଲେଖା ଯାଉଛି ତାହା ଖୁବ୍ ଉପାଦେୟ ଓ ଜାଣିବାର ଅଛି । ଏଥର ସେହିପରି ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କ 'ଓଡ଼ିଶାର ଅକ୍ସଫୋର୍ଡ଼ ରେଭେନ୍ସା' ଖୁବ୍ ଉପାଦେୟ । ବିଶ୍ୱବିଦ୍ୟାଳୟର କ୍ୟାମ୍ପସକୁ ନେଇ ବି ଗଳ୍ପ କବିତା ରଖା ଯାଇପାରେ । ଅତୀତରେ କ୍ୟାମ୍ପସ୍‌କୁ ନେଇ ପ୍ରକାଶିତ ଗଳ୍ପ, କବିତାକୁ ବି ସ୍ଥାନ ଦିଆଯାଇପାରେ । ଶେଷରେ ପତ୍ରିକାଟିର ଦୀର୍ଘ ଜୀବନ କାମନା କରୁଛି ।

**ଡକ୍ଟର କବିତା ବାରିକ**

ସହଯୋଗୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ, ବାରିପଦା-୭୫୭୦୦୩

ଆମ ଉତ୍ତର : ପ୍ରଥମତଃ, ଆପଣଙ୍କ ମନଖୋଲା ପତ୍ର ପାଇଁ ଆମେ ସାଧୁବାଦ ଜଣାଉଛୁ । ତେବେ ଆପଣ ଅନେକ ଜିଜ୍ଞାସାର ଉତ୍ତର ନିଜେ ବି ଆପଣ ଲେଖି ଦେଇଛନ୍ତି । ଲେଖକଙ୍କ ପାରିତୋଷିକ ସମ୍ପର୍କରେ ଏତିକି ଜଣାଇ ଦେବାକୁ ଚାହୁଁ ଯେ, ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେ ତାହା ଆରମ୍ଭ କରିନାହୁଁ । ତେବେ ଆଗାମୀ ଦିନରେ ଆମେ ନିଶ୍ଚୟ ଏ ଦିଗରେ ବ୍ୟବସ୍ଥା କରିବୁ । ପତ୍ରିକାର ଅଙ୍ଗସଜ୍ଜା ବାବଦରେ ଆପଣଙ୍କ ପରାମର୍ଶକୁ ଆମେ ଏ ପତ୍ରରୁ ବାଦ୍ ଦେଇଛୁ ଏଇଥିପାଇଁ ଯେ, ତାହା ଆମେ ସର୍ବସାଧାରଣଙ୍କୁ ଜଣେଇବାକୁ ଚାହୁଁନା । କାରଣ ଆମେ ସେସବୁକୁ ଅନୁସରଣ କରିପାରୁ । କ୍ୟାମ୍ପସ୍ ଗପକବିତା ପୂର୍ବରୁ ଅନେକେ କରିଛନ୍ତି । ଆମେ କିଛି ନୂଆ କରୁଛୁ । ଯେପରି ଏଥର ପକ୍ଷୀ ଜୀବନକୁ ନେଇ ଆଲେଖ ଦେଇଛୁ । ଆପଣମାନେ ପତ୍ରିକାର ନିୟମିତ ପାଠକ ହେଲେ ପତ୍ରିକା ବଞ୍ଚିବ ।

## 'ସୁନାଝିଅ' ମୁଗ୍ଧ କଲା

● ଗତକାଲି ମୁଁ ବାଦାମବାଡ଼ି ମାଧବ ବୁକ୍‌ଷ୍ଟୋରରୁ ଜାନୁଆରୀ ସଂଖ୍ୟା 'ରେବତୀ' ଆଣିଲି । ପୂର୍ବ ସଂଖ୍ୟା ପରି ଚଳିତ ସଂଖ୍ୟାଟି ବି ସୁନ୍ଦର ହୋଇଛି । ପୂର୍ବ ସଂଖ୍ୟାରେ ଅପୂର୍ଣ୍ଣ ଭାବରେ ପ୍ରକାଶିତ ମୋର 'ପୁନଶ୍ଚ ପୂତନା' କବିତାକୁ ସଂପୂର୍ଣ୍ଣ ପ୍ରକାଶ କରିଥିବାରୁ ମୁଁ 'ରେବତୀ' ପରିବାରକୁ ସାଧୁବାଦ ଜଣାଉଛି । ଚଳିତ ସଂଖ୍ୟାରେ ପ୍ରକାଶିତ ସାବିତ୍ରୀ କବିଙ୍କ 'ସୁନାଝିଅ' କବିତା ଆଉ ଆଲେଖ୍ୟ ମୋତେ ମୁଗ୍ଧ କଲା ।

**ସେନାପତି ପ୍ରଦ୍ୟୁମ୍ନକେଶରୀ**
କଟକ

## ଫକୀରମୋହନ ଭଲ ଲାଗିଲେ

● 'ରେବତୀ'ର ଜାନୁଆରୀ ସଂଖ୍ୟା କିଣିଲି ବାରିପଦାରୁ । ଫକୀରମୋହନଙ୍କ ସମ୍ପର୍କରେ ବେଶ୍ ଉପାଦେୟ ଲେଖାମାନ ଦେଇ ଆପଣମାନେ ପତ୍ରିକାଟିକୁ ଭିନ୍ନ ଉଚ୍ଚତାକୁ ଘେନି ଯାଇଛନ୍ତି । ସେ ପାଇଁ ସାଧୁବାଦ । ରାଧାକୃଷ୍ଣ ଭଞ୍ଜଙ୍କ ଉପରେ ମୋ' ଲେଖାଟିରୁ ମୁଁ ଦେଇଥିବା ଶୀର୍ଷକ 'ସୁରସଙ୍ଗୀତର ମହାକୁଞ୍ଜ: ରାଧାକୃଷ୍ଣ ଭଞ୍ଜ' ବଦଳେଇ ଦିଆ ଯାଇଛି । ମୋ ମତରେ ସେଇଟା ଭଲ ଶୀର୍ଷକ ହୋଇଥାନ୍ତା । ସେ ଯାହାହେଉନା କାହିଁକି ଆପଣଙ୍କ ପତ୍ରିକା ସତରେ ଅପୂର୍ବ । ସମ୍ପାଦନା ମଣ୍ଡଳୀ ତଥା ସଂପାଦିକା ଧନ୍ୟବାଦାର୍ହ ।

**ନିମାଇ ମହାନ୍ତି**
ବାରିପଦା

## ବିରଳ ସମ୍ପାଦନା ଶୈଳୀ 'ରେବତୀ'ର

● 'ରେବତୀ ଆମ ମାଟିର ସ୍ୱର' ପତ୍ରିକାର ସମ୍ପାଦନା ସହଯୋଗୀ କୃଷ୍ଣ କୁମାର ମହାନ୍ତି ଅନେକ କଷ୍ଟ ସ୍ୱୀକାର କରି ପ୍ରଯତ୍ନଶୀଳତା ଓ ବୌଦ୍ଧିକତାର ପରିଚୟ ପ୍ରଦାନ ପୂର୍ବକ ଏ ସଂଖ୍ୟା ସମ୍ପାଦନା କରିଛନ୍ତି । ତାଙ୍କୁ ସାଧୁବାଦ ଓ ମୋ ପ୍ରୟାସଟିକୁ ସ୍ଥାନ ଦେଇଥିବାରୁ ଆନ୍ତରିକ ଧନ୍ୟବାଦ । 'ରେବତୀ'ର ପୂରା ପରିବାର ଏବଂ ସମ୍ପାଦିକା ସୁବାସିନୀ ଜେନାଙ୍କୁ ତାଙ୍କର ଏ ଅଭିଯାନ ପାଇଁ କୃତଜ୍ଞତା ଜ୍ଞାପନ କରୁଛି । ମାଡ଼ାମ୍ ଜେନା ପ୍ରକୃତରେ ଜଣେ ଯୋଗ୍ୟ ଓ ପ୍ରକୃଷ୍ଟ ବ୍ୟକ୍ତିଙ୍କୁ ଏ କାର୍ଯ୍ୟ ପାଇଁ ଚୟନ କରିଛନ୍ତି । ତାଙ୍କୁ ସାଦର ପ୍ରଣାମ । 'ରେବତୀ'ର ଅପୂର୍ବ ସମ୍ପାଦନା ଶୈଳୀ ସତରେ ବିରଳ ।

**ସନ୍ତୋଷ କୁମାର ନାୟକ**
ଆସିଷ୍ଟାଣ୍ଟ୍ ପ୍ରଫେସର, କୋରାପୁଟ

## 'ଓଡ଼ିଶାର ଅକ୍ସଫୋର୍ଡ଼ : ରେଭେନ୍ସା' ଏକ ଅଦ୍ୱିତୀୟ ଲେଖା

● 'ରେବତୀ'ର ଜାନୁଆରୀ ସଂଖ୍ୟାରେ 'ଓଡ଼ିଶାର ଅକ୍ସଫୋର୍ଡ଼' ଶୀର୍ଷକ ଆଲେଖ୍ୟଟିକୁ ଭଲ ଭାବରେ ପଢ଼ିଲି । ତଥ୍ୟ, ତତ୍ତ୍ୱ ଓ ଉପସ୍ଥାପନା ଅଦ୍ୱିତୀୟ । ରେଭେନ୍ସା ଏକ ଶିକ୍ଷାନୁଷ୍ଠାନ କେବଳ ନୁହେଁ, ଓଡ଼ିଆ ଜାତିର ଅସ୍ମିତାର ପରିଚୟ । ଶିକ୍ଷାର କୋଣାର୍କ, ଅନେକ ସାମାଜିକ ବିପ୍ଳବ ଓ ଆନ୍ଦୋଳନର ଏକ୍ତିଆରଶାଳ । ସ୍ୱପ୍ନର ପରିମହଲ ଅସଂଖ୍ୟ ଯୁବକ ଯୁବତୀଙ୍କ ନିମନ୍ତେ । ସବୁ ଦିଗକୁ ସ୍ପର୍ଶ କରି ତଥ୍ୟ ଦେଇଛନ୍ତି ବିଜୟଲକ୍ଷ୍ମୀ ଦାଶ । ମୁଁ ମାନନୀୟ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ମହୋଦୟଙ୍କୁ ଅନୁରୋଧ କରିବି ଏହି ଆଲେଖ୍ୟକୁ ସେ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ସ୍ଥାନ ଦେବାର ବ୍ୟବସ୍ଥା କରିବେ । ଅନେକ ଅନେକ ଅଭିନନ୍ଦନ ଭଉଣୀ ବିଜୟଲକ୍ଷ୍ମୀଙ୍କୁ ଓଡ଼ିଆ ଜାତିର ଅସ୍ମିତାକୁ ଜାଗ୍ରତ କରିଥିବାରୁ ଏବଂ ରେବତୀର ସମ୍ପାଦିକା ସୁବାସିନୀ ଜେନା ଓ ସହଯୋଗୀ ସମ୍ପାଦକ କୃଷ୍ଣ ବାବୁଙ୍କୁ ଏପରି ଲେଖାଟିଏ ଲେଖେଇନେଇ ଛାପି ଥିବାରୁ ।

**କ୍ଷୀରୋଦ ଚନ୍ଦ୍ର ବେହେରା**
ଭୁବନେଶ୍ୱର




## ଫକୀରମୋହନଙ୍କୁ ବିରାଟ ଶ୍ରଦ୍ଧାଞ୍ଜଳି

● ଆଜି ଭୁବନେଶ୍ୱରରେ ମିଳିଲା 'ରେବତୀ', ପଢୁଥିଲି ଏବେ ଯାଏଁ । ଚମତ୍କାର ସଂଖ୍ୟାଟି, ସାଇତି ରଖିବା ପରି । ଫକୀରମୋହନଙ୍କୁ ଏହା ବିରାଟ ଶ୍ରଦ୍ଧାଞ୍ଜଳି, ଅତି ସୁନ୍ଦର ଭାବେ ଉପସ୍ଥାପନା । ମହାରାଷ୍ଟ୍ରର ଖାଦ୍ୟ ସାଙ୍ଗକୁ ସ୍ୱାସ୍ଥ୍ୟ ସଚେତନତା- ସବୁ ଅଛି । ଶେଷକଥାଟି ବେଶ୍ ଭଲ କଟାକ୍ଷ, ବୁଝିବା ଲୋକ ବୁଝିଯିବେ । ରେଭେନ୍ସା ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟର ଲମ୍ବା ଯାତ୍ରା, ବିଜୟଲକ୍ଷ୍ମୀ ଅତି ବିଷଦ ଭାବେ ବର୍ଣ୍ଣନା କରିଛନ୍ତି । ଆମ ପଢ଼ିଲାବେଳର ସ୍ମୃତି ଜାଗ୍ରତ ହେଲା । ନେତାଜୀ ଅଭିନନ୍ଦନ କାଳିଆ କଳାପାହାଡ଼କୁ ନେଇ ତାଙ୍କ ବ୍ୟବଚ୍ଛେଦ କରିଛନ୍ତି ଗହନ ଭାବେ । କାଂଶବାଂଶ ନଦୀ ଓ ନନ୍ଦିନୀ ଶତପଥିଙ୍କ ବିଷୟରେ ଅନେକ କଥା ଜାଣିହେଲା । ଶୂନ୍ୟ ମଣ୍ଡପ ଓ ହନୁମାନ ବାଟିକାର ଲେଖକ ଲେଖିକାଙ୍କୁ ଧନ୍ୟବାଦ ନଦେଇ ରହି ପାରୁନାହିଁ । ଚମତ୍କାର ପ୍ରଚ୍ଛଦ ଚିତ୍ର, ହାତ ଆଇନାରେ ଶୃଙ୍ଗାର, ଅବର୍ଣ୍ଣନୀୟ । କଳାତ୍ମକତାରେ ହଜିଗଲି । ପତ୍ରିକାଟି ଆଗାମୀ ପିଢ଼ି ପାଇଁ ସାଇତି ରଖିବା ଭଳି । ଫକୀରମୋହନଙ୍କୁ ଏହାଠୁ ବଳି ବଡ଼ ସ୍ମରଣିକା ଆଉ କିଛି ହୋଇନପାରେ । 'ରେବତୀ' ନାମର ସାର୍ଥକତା ପ୍ରତିପାଦିତ କଲେ ଏହି ସଂଖ୍ୟାର ବହୁତ ବଡ଼ ଆଲୋଚନାମାନ କରି, ଯାହା ଆଗରୁ କେହି କେବେ କରି ନଥିଲେ । ସେଥିପାଇଁ ନୂଆବର୍ଷ ଭେଟିଟି ଅନେକ ଦିନ ମନେ ରହିବ । ପୁରା ସମ୍ପାଦନା ମଣ୍ଡଳୀଙ୍କୁ ଧନ୍ୟବାଦ କମ୍ ହେବ, ଫକୀରମୋହନଙ୍କ ଆଶୀର୍ବାଦ ମିଳୁ, ଏହା ହିଁ କାମନା । 'ରେବତୀ' ଆଗକୁ ଏମିତି ଅନେକ ଦିନ ଧରି ଆମକୁ ବାନ୍ଧି ରଖୁ ।

**ଡକ୍ଟର ରାଜୀବ ଷଡ଼ଙ୍ଗୀ**
୨୫,ସୂର୍ଯ୍ୟ ନିଳୟମ୍, କୁଣ୍ଡି, କୁମୁଡ଼ା, ଜୟପୁର ଡାକଘର
କୁଆଁପାଳ, କଟକ-୭୫୪୨୦୪

## ସଚିତ୍ର ବିଜୟାର ଅଭାବକୁ ପୂରଣ କରିବ

● ଲୋ ନିଆଁ, ଲୋ ରେବୋ, ଲୋ ଚୁଲି.... କବିସମ୍ରାଟ ବ୍ୟାସକବି ଫକୀରମୋହନଙ୍କ ଚିରସ୍ମରଣୀୟ ଗପ 'ରେବତୀ' ନାଁରେ ଏକ ପତ୍ରିକାର ପ୍ରଚ୍ଛଦପଟ, ମସୃଣ କାଗଜ, ସୁନ୍ଦର ପରିପାଟୀ ଓ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟ ଦେଖି ନଭେମ୍ବର ମାସର ପତ୍ରିକାଟି କିଣିଥିଲି । ଓଡ଼ିଆ ଭାଷାରେ ଏମିତି ଅନେକ ପତ୍ରିକା ବାହାରୁଛି ଓ ବନ୍ଦ ହୋଇଯାଉଛି । ନିୟମିତ ଭାବେ ପ୍ରକାଶିତ ହୋଇ ବହୁତ ବର୍ଷ ଯାଏଁ ଯେଉଁ ପତ୍ରିକା ମୋତେ ଆତ୍ମସନ୍ତୋଷ ଦେଇଥିଲା ତାହା ଥିଲା 'ସଚିତ୍ର ବିଜୟା' । ଫିଚରଧର୍ମୀ ପତ୍ରିକା ଭାବେ 'ରେବତୀ' ସେ ଅଭାବବୋଧକୁ ପୂରଣ କରିପାରିବ । ଏହା ନିଃସନ୍ଦେହ । ସେଥିପାଇଁ ପତ୍ରିକାର ସତ୍ତ୍ୱାଧିକାରୀ ଓ ସମ୍ପାଦିକା ସୁବାସିନୀ ଜେନା ଓ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କୁ ଆନ୍ତରିକ ସାଧୁବାଦ ଜଣାଇବା ସହ ପତ୍ରିକାର ଦୀର୍ଘ ଆୟୁଷ କାମନା କରୁଛି ।

**ମନମୋହନ ପ୍ରଧାନ**
ଆଠମଲ୍ଲିକ

## ବିଦେଶରେ ରହୁଥିବା ପାଠକଙ୍କ ପାଇଁ ଅନ୍-ଲାଇନ୍‌ରେ 'ରେବତୀ' ଉପଲବ୍ଧ ହେଉ

● ପାରିବାରିକ ପତ୍ରିକା ଭାବରେ ଆପଣଙ୍କର 'ରେବତୀ'କୁ ସ୍ୱାଗତ କରିବା ବେଳେ ମୁଁ ସୁଦୂର ଇଂଲଣ୍ଡରେ ଥାଇ ଆଶା କରିବି ଏହାର ଅନ୍-ଲାଇନ୍ ସଂସ୍କରଣ ପଢ଼ିବାକୁ । ଯେତିକି ସୂଚନା ଅଛି, ଏହି ପତ୍ରିକାରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଉପାଦେୟ ଆଲେଖ୍ୟମାନ କେବଳ ସଂଗ୍ରହଣୀୟ ନୁହେଁ, ଏହା ମଧ୍ୟ ସୁଖପାଠ୍ୟ ।

ଓଡ଼ିଆ ସାହିତ୍ୟର ମାଇଲ୍‌ଷ୍ଟୋନ୍ କୁହାଯାଉଥିବା ଫକୀରମୋହନଙ୍କ ଗଳ୍ପ 'ରେବତୀ'ର ନାମାନୁସାରେ ଆପଣଙ୍କ ପତ୍ରିକା ନାମିତ ହୋଇଥିବାରୁ ଏବଂ ଏହା ବାଲେଶ୍ୱର ମାଟିରୁ ପ୍ରକାଶ ପାଉଥିବାରୁ ମୁଁ ଆଶା କରିବି ଏ ପତ୍ରିକା ଦିନେନା ଦିନେ ଓଡ଼ିଆ ସାହିତ୍ୟର ଏକ ଅତୁଲ୍ୟ ସମ୍ପଦ ଭାବେ ନିଜକୁ ପ୍ରତିପାଦିତ କରିବ ।

ଦୟାକରି ଆମ ପରି ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ 'ରେବତୀ'ର ଅନ୍-ଲାଇନ୍ ସଂସ୍କରଣ କରନ୍ତୁ ଏବଂ ଏହା ନହେବା ପର୍ଯ୍ୟନ୍ତ ଅନ୍ତତଃ ଗୋଟେ ଯୋଡ଼େ ଲେଖାକୁ ଅନ୍-ଲାଇନ୍‌ରେ ଉପଲବ୍ଧ କରାଇବେ ବୋଲି ଆଶା ରଖୁଛି ।

**ଡାକ୍ତର ନୀଳମାଧବ କର**
ମନୋରୋଗୀ ଚିକିତ୍ସକ,
ୱୁଲଭରହାମ୍ପଟନ୍,
ଇଂଲଣ୍ଡ

## ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ରେଖାଚିତ୍ର' ଏକ ବଳିଷ୍ଠ ଉପସ୍ଥାପନା

● 'ରେବତୀ'ର ଡିସେମ୍ବର ସଂଖ୍ୟା ପଢ଼ିଲି । ସମ୍ପାଦକ ଖୁବ୍ ନିଖୁଣ ଭାବରେ ସମ୍ପାଦନା କରିଛନ୍ତି 'ରେବତୀ'ରେ । ଆନ୍ତରିକ ସାଧୁବାଦ । ପତ୍ରିକାରେ ସନ୍ନିବେଶିତ 'ପଶ୍ଚିମର ପଦ୍ମ' ଶୀର୍ଷକରେ ପ୍ରକାଶିତ କବି ହଳଧର ନାଗଙ୍କ ଆଲେଖ୍ୟରୁ ତାଙ୍କ ବିଷୟରେ ବହୁତ ତଥ୍ୟ ଜାଣି ହେଲା । 'ଭିନ୍ନ ମଣିଷ' କ୍ରମରେ ଭାଗିରଥି ଦାସଙ୍କ ଆଲେଖ୍ୟ ମର୍ମସ୍ପର୍ଶୀ । ଭବିଷ୍ୟତରେ ତାଙ୍କ ସହିତ ସାକ୍ଷାତକାର ପ୍ରକାଶ କରନ୍ତୁ । ଦୁଇଟି ଭିନ୍ନ କାଳଖଣ୍ଡରେ ରଚିତ ନାରୀ ମନସ୍ତତ୍ତ୍ୱକୁ ଭିତ୍ତିକରି ଚିରସ୍ମରଣୀୟା ଅଳକା ସାନ୍ୟାଲ ଚରିତ୍ରର ତୁଳନାତ୍ମକ ଅବତାରଣା ଚମତ୍କାର । ପର୍ଯ୍ୟଟନ କ୍ରମରେ 'କୋରାପୁଟର କୁହୁ'ର ଉପସ୍ଥାପନା ସେ ସ୍ଥାନକୁ ଭ୍ରମଣରେ ଯିବା ପାଇଁ ପ୍ରେରିତ କରୁଛି । 'ପୁତନା କିଏ'ରେ କବିତାର ଆଲୋଚନା ମର୍ମସ୍ପର୍ଶୀ । 'ରାଜନୀତିର ରେଖାଚିତ୍ର'ରେ ନେତାଜୀ ଅଭିନନ୍ଦନଙ୍କ ଐତିହାସିକ, କିମ୍ବଦନ୍ତୀକୁ ନେଇ ଉପନ୍ୟାସ ଶୈଳୀରେ ବଳିଷ୍ଠ ଉପସ୍ଥାପନା ଏକ ନୂଆ ସମ୍ଭାବନା ଉଦ୍ରେକ କରୁଛି । 'ଚଳନ୍ତିକା'ରେ ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣର ପ୍ରଚ୍ଛଦପଟର କାହାଣୀ । 'ନଦନଦୀ' ବିଭାଗରେ 'ନାଗାବଳୀର ଆଲେଖ୍ୟ' ମନକୁ ଛୁଇଁଲା । 'ଦେବାଳୟ' ବିଭାଗରେ ବାଲେଶ୍ୱର ଜଗନ୍ନାଥ ମନ୍ଦିରର ପଟ୍ଟଚିତ୍ରରୁ ମନ୍ଦିରର କାରୁକାର୍ଯ୍ୟ ଦେଖି ଅନୁଭବ ହେଲା ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କ ସ୍ୱପ୍ନ ଅବାସ୍ତବ ନୁହେଁ । ସୁନିର୍ବାଚିତ ଗପ ଦୁଇଟି ମନକୁ ଛୁଇଁଲା । ସମସ୍ତ ଲେଖକଙ୍କୁ ଶୁଭେଚ୍ଛା ।

**ମନମୋହନ ପ୍ରଧାନ, ଭିଲ୍ଲାଇ, ଛତିଶଗଡ଼,**

## ନବୀନତାରେ ପରିପୁଷ୍ଟ ପ୍ରଚ୍ଛଦରୁ ଆରମ୍ଭ କରି ସବୁ ବିଭାଗ 'ରେବତୀ'ର

● 'ରେବତୀ'ର ଜାନୁଆରୀ ୨୦୧୯ ନବବର୍ଷ ସଂଖ୍ୟା ପାଉଛି । ଏ ପ୍ରକାର ସାଧୁ ଉଦ୍ୟମ ପାଇଁ ଆପଣଙ୍କୁ ଏବଂ ଆପଣଙ୍କ ସହଯୋଗୀମାନଙ୍କୁ ମୋର ସଦିଚ୍ଛା । ଏହାର ଦୀର୍ଘ ଜୀବନ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି । ପତ୍ରିକା ସହ କବିପ୍ରାଣ କୃଷ୍ଣ କୁମାର ମହାନ୍ତିଙ୍କ ଅନ୍ତରଙ୍ଗ ସ୍ପର୍ଶ ସ୍ପଷ୍ଟ ବାରି ହେଉଛି- ପ୍ରଚ୍ଛଦରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଫଟୋଚିତ୍ର, ପ୍ରବନ୍ଧ, କବିତା ବିଭାଗ ପରିପୁଷ୍ଟ ନବୀନତାରେ । ପରମବନ୍ଧୁ ନିମାଇଁ ମହାନ୍ତି, ହୃଦାନନ୍ଦ ପାଣିଗ୍ରାହୀଓ କୃଷ୍ଣ କୁମାର ମହାନ୍ତିଙ୍କ ଆଲେଖ୍ୟ ଗୁଡ଼ିକ ପତ୍ରିକାର ଗୁଣାତ୍ମକମାନ ବଜାୟ ରଖିବାରେ ସାହାଯ୍ୟ କରିଛି । ପ୍ରବୀଣା ମହାନ୍ତି ଓ କବିତା ବାରିକ, କ୍ଷୀରୋଦ ବେହେରା ଓ ବିବୁଧ ରଂଜନଙ୍କ ସର୍ଜନାତ୍ମକ ଲେଖା ସର୍ବଦା ପଠନୀୟ ।


**ଶଶିଭୂଷଣ ରଥ**
ଏନ-୧, ଏ/୩୨, ଆଇଆରସି ଭିଲେଜ, ଭୁବନେଶ୍ୱର-୭୫୧୦୧୫

## ସୂ ଚୀ ପ ତ୍ର

୧ମ ବର୍ଷ ୫ମ ସଂଖ୍ୟା । ଫେବୃଆରୀ ୨୦୧୯ ।

ଆମ ମାଟିର ସର


୯ ସମ୍ପାଦକୀୟ : ମହିଳା ଆରକ୍ଷଣ... : ସୁବାସିନୀ ଜେନା



୧୦ ମୋ ବାପା : ଚେତନାର ଚିତ୍ରକର... : ଶଶିଭୂଷଣ ରଥ

୧୫ ଅନୁଶୀଳନ-୧ : ଇବ୍ରାହିମ୍‌ର ଇଲ୍ୟୁଜନ୍ : କ୍ଷୀରୋଦ ଚନ୍ଦ୍ର ବେହେରା

୧୮ ଭଲବହି : ବେନିୟାମିନ୍‌ଙ୍କ ବିସ୍ମୟ : କେ. ଶ୍ୟାମବାବୁ ଦୋରା

୨୩ ଅନୁଶୀଳନ-୨ : ଗିରିଜାଙ୍କ ଦେଶ... : ଭରତ ବେହେରା

୩୦ ସ୍ୱୀକାରୋକ୍ତି : ମୋ ଉପନ୍ୟାସରେ... : ଲକ୍ଷ୍ମୀ ଚାନ୍ଦ






୩୩ ଏଇ ପାଠାଗାର କହେ : ସୁଧାଂଶୁ ଦ୍ୱିବେଦୀ

୩୬ ପର୍ଯ୍ୟଟନ : ଅଜିତ ପାତ୍ର

୪୦ କଥା-କାହାଣୀ-୧ : ସଞ୍ଜୟ ଭଟ୍ଟ

୪୭ କଥା-କାହାଣୀ-୨ : କମଳା ଶତପଥୀ

୫୪ କବି-କବିତା : ରୁନୁ ମହାନ୍ତି

୫୬ ସମକାଳ କବିତା : ଦୁର୍ଗା ପ୍ରସାଦ ପଣ୍ଡା
: ଅଭୟ ଦାସ

୫୭ : ପୀତାମ୍ବର ତରାଇ

୫୮ ଦେବାଳୟ : ବିଭୂତି ଭୂଷଣ ସେନାପତି

୬୦ ବିହଙ୍ଗ-ବିତାନ : ପ୍ରଫୁଲ୍ଲ କୁମାର ମହାନ୍ତି

















୬୩ ନଦ-ନଦୀ : **ରଞ୍ଜନ ପ୍ରଧାନ**

୬୮ ଭ୍ରମଣ କାହାଣୀ : **ବ୍ରହ୍ମନାଥ ରଥ**

୭୧ ଦେଶବିଦେଶ : **ସୌରଭ ରଂଜନ ମହାପାତ୍ର**

୭୫ ଦିବ୍ୟ-ଅନୁଭବ : **କିଶୋର ପାଣିଗ୍ରାହୀ**

୭୮ ପଛ-ଝର୍କା : **ନେତାଜୀ ଅଭିନନ୍ଦନ**

୮୨ ପଞ୍ଚତନ୍ତ୍ର କାହାଣୀ : **ଡକ୍ଟର ବିବୁଧରଂଜନ**

୮୪ କଥା-କାହାଣୀ-୩ : **ସ୍ୱାଗତିକା ସେଠୀ**


## ନିୟମିତ ବିଭାଗ


୮୭ ସ୍ୱାସ୍ଥ୍ୟ-ଚର୍ଚ୍ଚା : **ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

୯୧ ଗୃହ ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**

୯୫ ବାଡ଼ି-ବଗିଚା : **ଦେବଯାନୀ ଦାସ**

୯୮ ରୋଷେଇଶାଳ : **ରିମି ଦାସ**


୧୦୦ ଛାୟାଚିତ୍ର : **ଶୃଙ୍ଖଳିତ ସୁରେନ୍ଦ୍ର : ବିଜୟ କୁମାର ମହାନ୍ତି**

୧୦୫ ମୁଦ୍ରା : **ରମାକାନ୍ତ ରଥ : ଆଦିତ୍ୟ ରାଉତ**

୧୦୬ ଶେଷପୃଷ୍ଠା : **ଲେଖକ ଓ ... : କୃଷ୍ଣ କୁମାର ମହାନ୍ତି**











ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**

ପ୍ରଚ୍ଛଦ ଫଟୋଗ୍ରାଫି : **ରଶ୍ମିରଂଜନ ଦାଶ**

ପ୍ରଚ୍ଛଦ ମଡେଲ୍ : **ଶାଶ୍ୱତୀ ପଣ୍ଡା**

ଉଚ୍ଚତା : **୫ ଫୁଟ୍ ୨ ଇଞ୍ଚ୍**

ଶିକ୍ଷା : **ସାମ୍ବାଦିକତାରେ ସ୍ନାତକୋତ୍ତର**

ବୃତ୍ତି : **ଅଭିନେତ୍ରୀ**

କଷ୍ଟ୍ୟୁମ୍ ଓ ମେକ୍ଅପ୍ : **ଭାରତୀ ପଣ୍ଡା**

ସ୍ଥାନ : **ସାଲେପୁର**

ମଲାଟ କଥା : ପୁଷ୍ପ ହେଉଛି ଦିବ୍ୟ ଅନୁଭବର ପ୍ରତୀକ । ଉପାସନାର ପଶ୍ଚାତ୍‌ରେ ଯେଉଁ ମନୋକାମନା ଥାଏ, ତାହା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପୁଷ୍ପାର୍ଘ୍ୟ ଅର୍ପଣ ବିନା ସମ୍ଭବ ହୁଏନା । ନାରୀଟେ ସବୁବେଳେ ମଙ୍ଗଳକାମୀ । ଏଣୁ ବସନ୍ତ ଋତୁର ଆଗମନ ଏବଂ ଦେବୀ ସରସ୍ୱତୀଙ୍କ ପୂଜା ଆରାଧନା ଭିତରେ ଏ ନାରୀ ହିଁ ଜଗତ କଲ୍ୟାଣ ନିମନ୍ତେ ଆଗେଇ ଆସିବ, ଏଇ ଆସ୍ଥାହିଁ ଆମ ପ୍ରଚ୍ଛଦ ଭାବନା ।

# ରେବତୀ ର ନିୟମାବଳୀ

ଆମ ମାଟିର ସ୍ୱର

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ /ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ କରାଯିବ ।


ସମ୍ପର୍କ : ସମ୍ପାଦିକା, 'ରେବତୀ', ରେବତୀ ମିଡିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧

ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦

ଇ-ମେଲ୍ : rebati.rebati2018@gmail.com

ସମ୍ପାଦକୀୟ

# ମହିଳା ଆରକ୍ଷଣ ଓ ମହିଳାଙ୍କ ଅଧିକାର

ସମାଜରେ ମହିଳାଙ୍କ ପ୍ରତି ସମ୍ବେଦନା ଓ ସମ୍ମାନ ପ୍ରଦର୍ଶନ ପ୍ରସଙ୍ଗଟି ସର୍ବଦା ଆଲୋଚନାର ଶୀର୍ଷକ ହୋଇ ରହିଥାଏ । ପୁରୁଷ-ପ୍ରାଧାନ୍ୟ ସମାଜ ବ୍ୟବସ୍ଥାରେ ମହିଳାଙ୍କୁ ସମାନ ଅଧିକାର ଦେବା ଏବଂ ସେମାନଙ୍କୁ ମୁଖ୍ୟ ଧାରାରେ ସାମିଲ୍ କରାଯିବା କଥାଟି ଏବେ ବି ରହିଛି ଅସମାହିତ । କୌଣସି ଏକ ସମୟରେ ମହିଳାମାନେ ଥିଲେ ପୁରୁଷ ହାତର ଖେଳନା । ଯଦିଓ ଆଜିର ଦିନରେ ସେ ଚିତ୍ରରେ ଆସିଛି ପ୍ରଭୂତ ପରିବର୍ତ୍ତନ, କିନ୍ତୁ ସମ୍ପୂର୍ଣ୍ଣ ଭାବେ ଆମେ ମହିଳାଙ୍କୁ ଦେଇପାରିନୁ ତାଙ୍କର ସ୍ୱାଧିକାର, ତାଙ୍କର ଆତ୍ମମର୍ଯ୍ୟାଦା ଏବଂ ତାଙ୍କର ଅସ୍ମିତା । ସମାଜର ପ୍ରତ୍ୟେକଟି କ୍ଷେତ୍ରରେ ଆଜି ମହିଳାଙ୍କ ପ୍ରବେଶ ଘଟିଥିଲେ ବି କେଉଁଠି ନା କେଉଁଠି ସେ ନିଜ ଅଧିକାର ପାଇଁ ସଂଘର୍ଷ କରୁଛି । ଆଜି ବି ସେ ମାଗୁଛି ତା'ର ନିଜସ୍ୱ ଆକାଶ । ଯେଉଁଠି ସେ ନିଜ ଇଚ୍ଛାରେ ଉଡ଼ିବ । ନିଜ ଇଚ୍ଛାରେ ବଞ୍ଚିବ । ଆମେ କ'ଣ ଏତକ ଦେଇପାରିଛୁ ଆମ ମହିଳା-ସମାଜକୁ ! କୁହାଯାଏ, ଯେଉଁଠି ମହିଳାଙ୍କ ପ୍ରତି ସମ୍ମାନ ନଥାଏ, ସେଠି ସମାଜ ବୋଲି କିଛି ନଥାଏ । ଯେଉଁ ପରିବାରରେ ମହିଳାଙ୍କୁ ସ୍ୱାଧୀନତା ଦିଆଯାଇ ନଥାଏ, ସେ ପରିବାରରେ ଅଶାନ୍ତି ବିରାଜୁଥାଏ । ସମାଜ ହେଉ କି ପରିବାର, ଏହାର ମୂଳ ଆଧାର ହେଉଛି ନାରୀ । ଅଥଚ ଆମେ ନା ସମାଜରେ ନାରୀକୁ ଦେଇଛୁ ସମାନତାର ଅଧିକାର, ନା ପରିବାର ଭିତରେ ନାରୀକୁ ଦେଇଛୁ କ୍ଷମତା । କିନ୍ତୁ ସେଇ ନାରୀ ହିଁ ଚଳାଏ ପରିବାରକୁ । ସେଇ ନାରୀ ହିଁ ଗଢ଼େ ସମାଜ । ସେଇ ନାରୀ ହିଁ ପୁରୁଷର ସୃଷ୍ଟିକର୍ତ୍ତ୍ରୀ । ତେବେ କାହିଁକି ନାରୀ ପ୍ରତି ଏତେ ଅବହେଳା ? କାହିଁକି ନାରୀକୁ ଦିଆ ଯାଏନି ତା'ର ସ୍ଥାନ ? କାହିଁକି ସେ ଆଉ କାହା ଦୟାର ପାତ୍ରୀ ?

ଏ ପ୍ରଶ୍ନର ଉତ୍ତର ହୁଏତ ଆମ ପାଖରେ ନାହିଁ । କିନ୍ତୁ ଆମ ଘରସଂସାର ଭିତରେ ନାରୀଟିକୁ ତ ଆମେ ଦେଇ ପାରିବା ଗୋଟେ ସ୍ୱାଧୀନ ପରିବେଶ । ପରିବାର ଭିତରେ ନାରୀର ଦାୟିତ୍ୱ ସବୁଠାରୁ ବେଶୀ । ଅଥଚ ସେ ହିଁ ଯାହା କରିବାକୁ ଚାହେଁ, ନିଜ ଇଚ୍ଛାନୁସାରେ କରିପାରେନି ! ଅନ୍ୟକୁ ପଚାରି ପଚାରି ତାକୁ ଜୀବନ ଅତିବାହିତ କରିବାକୁ ପଡ଼େ । ନିଜ ପାଇଁ କିଛି କିଣିବା ଠୁଁ ଆରମ୍ଭ କରି ଘରର କିଛି ବି କାମ କରିବା ପର୍ଯ୍ୟନ୍ତ ସବୁକଥା ପାଇଁ ତାକୁ ଆଉ କାହାର ଅନୁମତି ନେବାକୁ ପଡ଼େ । କାହିଁକି ଏ ପ୍ରକାର ବିଡ଼ମ୍ବନା ! ଘରେ ପୁରୁଷଟେ ଯାହା ଇଚ୍ଛା ତାହା କରି ପାରୁଥିବା ବେଳେ ପୁରୁଷ ଠାରୁ ଅଧିକ ଦାୟିତ୍ୱ ନିର୍ବାହ କରି ମଧ୍ୟ ନାରୀଟି କାହିଁକି ତା' ଇଚ୍ଛାନୁସାରେ ଖାଇ ପାରିବନି, ବୁଲି ପାରିବନି, ପିନ୍ଧି ପାରିବନି, ସର୍ବୋପରି ଜୀବନ ଜିଇଁ ପାରିବନି ! ଏ କି ପ୍ରକାର ସାମାଜିକ ବ୍ୟବସ୍ଥା ଭିତରେ ଆମେ ମାନବସମାଜ ବଞ୍ଚୁଛୁ ସତରେ ! ସେ ସମାଜ କ'ଣ ବିକଶିତ ସମାଜ ନା ସେ ଘର ଗୋଟେ ସ୍ୱର୍ଗ ? ଯେଉଁଠି ନାରୀ ଖୋଜୁଛି ବଞ୍ଚିବା ପାଇଁ ରାହା, ଗୋଟେ ମୁକ୍ତ ବିହଙ୍ଗର ।

ମହିଳାଙ୍କୁ ନେଇ ସଂରକ୍ଷଣର କଥା ଅନେକଥର ମୁଣ୍ଡ ଟେକେ । ପ୍ରକୃତରେ ଏ ସଂରକ୍ଷଣ ବ୍ୟାପାରଟି କ'ଣ ନାରୀକୁ ତା'ର ଆତ୍ମମର୍ଯ୍ୟାଦା ଫେରାଇ ପାରିଛି ? ସେ କ'ଣ ତା'ର ଅସ୍ତିତ୍ୱକୁ ଜାହିର୍ କରିପାରିଛି ?

ଯେଉଁଠି ପରିବାର ଭିତରେ ସମସ୍ତେ ଖାଇସାରିବା ପରେ ନାରୀଟେ ଖାଏ, ଯେଉଁଠି ପୁରୁଷଟି ଘରକୁ ଫେରିବା ପର୍ଯ୍ୟନ୍ତ ନାରୀକୁ ଭୋକ ଲାଗିଲେ ବି ଅପେକ୍ଷା କରିବାକୁ ପଡ଼େ, ଯେଉଁଠି ପରିବାରର ସମସ୍ତେ ବାହାରକୁ ଚାଲିଯିବା ପରେ ନାରୀଟି ହିଁ ଘରକୁ ଜଗିଥାଏ, ଯେଉଁଠି ମାସ ଶେଷରେ ନିଜ ଦରମା ତକ ବି ପୁରୁଷ ହାତରେ ଧରେଇ ଦିଏ ନାରୀ, ଯେଉଁଠି ନିଜ ପାଇଁ ଜୋତା ହଳେ କିଣିବ କି ନାହିଁ ନାରୀ ନିର୍ଦ୍ଧାରଣ କରିପାରେନା, ସେଠି ନାରୀର ଅସ୍ତିତ୍ୱ କ'ଣ ? କ'ଣ ତା'ର ଜନ୍ମର ସାର୍ଥକତା ? ସୃଷ୍ଟି କରି ଲାଳନପାଳନ କରି ଜୀବନ ତମାମ୍ ତ୍ୟାଗ ହିଁ ତ୍ୟାଗ କରି ମରିଯିବା ହିଁ କ'ଣ ନାରୀର ନିୟତି ? ଏ ଏକ ବଡ଼ ପ୍ରଶ୍ନବାଚୀ ।

ପ୍ରକୃତରେ ନାରୀଟେ ତା'ର ଅଧିକାର ମାଗିବ ତ କାହାଠୁ ମାଗିବ ? କିଏ ଦେବ ସେ ଅଧିକାର ? କ'ଣ ଏ ପୁରୁଷ ତାନ୍ତ୍ରିକ ସମାଜ ବ୍ୟବସ୍ଥା ଦେଇପାରିବ କେବେ ତାକୁ ତା'ର ଅଧିକାର ! ପୁରୁଷ ପରି ନାରୀ ବି ଏ ସମାଜର ଜଣେ ଅଂଶ । ସେ ବି ମଣିଷ । ତେଣୁ କାହାଠୁ ସେ ମାଗିବ ତା'ର ଇପ୍ସିତ ପୃଥିବୀ ? କାହିଁକି ବା ମାଗିବ ! କିଏ ଦେଇପାରିବ ତା'କୁ ସଂରକ୍ଷଣ ସୁବର୍ଣ୍ଣ କଙ୍କଣ ! ନାରୀ ନିଜେ ସୃଷ୍ଟି । ସେ ନିଜେ ହିଁ ନିଜକୁ ଗଢ଼ିବା ଶିଖୁ । ନିଶ୍ଚୟ ଗୋଟେ ସମୟ ଆସିବ, ଯେତେବେଳେ ନାରୀକୁ ନ୍ୟୂନରେ ରଖି ଭାବିବାକୁ ସୁଦ୍ଧା କେହି ନଥିବେ । ସମାନତାର ଏକ ସ୍ୱଚ୍ଛଳ ଧାରାରେ ଉଦ୍‌ଭାସିତ ହେଉଥିବ ନାରୀର ଅସ୍ମିତା । ନାରୀର ହସରେ ବଗିଚା ବଗିଚା ଲାଗୁଥିବ ଘରବାହାର ।

**ଦୃଶ୍ୟ ନମ୍ବର ଏକ:** ଲକ୍ଷ୍ମୀନାରାୟଣ ସାର୍ ଶିକ୍ଷକତାରୁ ଅବସର ନେଇ ସହରର ଉପକଣ୍ଠ ଅଞ୍ଚଳରେ ଜାଗା କିଣି ନିଜ ଘର ତିଆରି କରିଛନ୍ତି । ତାଙ୍କ ପତ୍ନୀଙ୍କର ମୃତ୍ୟୁ ହେବା ପରେ ସେ ପ୍ରାୟ ନିଃସଙ୍ଗ । ତାଙ୍କ ଝିଅର ବିବାହ ପରେ ସ୍ୱାମୀ ସହ ଝାଡ଼ଖଣ୍ଡରେ ସେ । ପୁଅ ଗୋଟେ ଟେଲିକମ୍ୟୁନିକେଶନ୍ କମ୍ପାନୀରେ ଚାକିରି କରେ । ବର୍ଷେ ହେବ ପୁଅକୁ ବାହା କରେଇ ଘରକୁ ଗୋଟେ ଶିକ୍ଷିତ ବୋହୂ ବି ଆଣିଛନ୍ତି ଲକ୍ଷ୍ମୀନାରାୟଣ ସାର୍ । ଏଇଠି ହିଁ ସମସ୍ୟା ତାଙ୍କର । ବୋହୂର ଏକା ଜିଦ୍ ଘର ଭଡ଼ା ଦେଇ ପଳେଇବା ଚାଲ ଭୁବନେଶ୍ୱର । ଲକ୍ଷ୍ମୀନାରାୟଣ ସାର୍ ନିଜ ଘର ଓ ଜନ୍ମମାଟି ଛାଡ଼ି ଯିବେନି । ଏଇଠି ପୁଅର ସମର୍ଥନ ନିଜ ବାପା ପ୍ରତି ନହୋଇ ସ୍ତ୍ରୀ ପ୍ରତି ହେବା ଘଟଣା ଛୋଟ ପରିବାରରେ ଅଶାନ୍ତି ଭରି ଦେଇଛି । ଶିକ୍ଷିତା ବୋହୂଟି ଶ୍ୱଶୁରଙ୍କ ପ୍ରତି ବେପରୁଆ ଥିବା ବେଳେ ବିଚରା ଶ୍ୱଶୁର ମନେମନେ ଝୁରି ହୁଅନ୍ତି ନିଜର ସ୍ୱର୍ଗବାସୀ ପତ୍ନୀଙ୍କୁ । ବୋହୂ ନିଜ ଇଚ୍ଛାରେ ସ୍କୁଟିରେ ବୁଲେ, ଫିଲ୍ମ ଯାଏ, ମନ ଇଚ୍ଛା ରୋଷେଇ କରେ ତ କେବେ ହୋଟେଲରୁ ମଗାଏ । ବିଚରା ବୁଢ଼ା ବୟସରେ ଲକ୍ଷ୍ମୀନାରାୟଣ ସାର୍‌ଙ୍କ ଭାଗ୍ୟକୁ ଜୁଟେନା ତାଙ୍କ ପ୍ରିୟ ଖାଦ୍ୟ ଆମ୍ବୁଲ ରାଇ ଚାଖିବା ।

**ଦୃଶ୍ୟ ନମ୍ବର ଦୁଇ:** ମିନତୀ ବାହାଘର ପରେ ସ୍ୱାମୀଙ୍କ ସହ ରହେ ଭୁବନେଶ୍ୱର ଉପକଣ୍ଠରେ । ଏକମାତ୍ର ଝିଅ ପଢ଼େ ସପ୍ତମରେ । ଘରେ ଶାଶୁ ରହନ୍ତି । ମିନତୀର ଲେଖାଲେଖିରେ ରୁଚି ଥିବାରୁ କେବେ କେବେ ପତ୍ରପତ୍ରିକାକୁ ଲେଖା ପଠାଏ । ସ୍ୱାମୀ ସଚିବାଳୟରେ ଚାକିରି କରନ୍ତି । ମିନତୀ କିନ୍ତୁ ପାଠଶାଠ ପଢ଼ି ଚାକିରି କରିବାର ଇଚ୍ଛାକୁ ମନ ଭିତରେ ଚାପି ଦେଇଛି । ଶାଶୁ ତା'ର ଜଗିଥାଏ ତାକୁ ଦିନସାରା । ରୋଷେଇବାସ ସାରି ଶାଶୁର ମନ ରଖିବାକୁ ଶାଶୁ ସହ ଗପେ, ଗୋଡ଼ହାତ ଘଷିଦିଏ, ସେବାଶୁଶ୍ରୂଷା କରେ । କିନ୍ତୁ ଗେଟ୍ ବାହାରକୁ ଯିବାକୁ ହେଲେ ଅନୁମତି ମିଳେନା କେବେ । ହାତେ ଓଢ଼ଣା ଦେଇ ରହିବାକୁ ପଡ଼େ । କେବେ କେମିତି ସାହିତ୍ୟ ସଭାରୁ ନିମନ୍ତ୍ରଣ ଆସିଲେ ମିନତୀ ଯାଇପାରେନା । ନିହାତି କହିଲେ ସ୍ୱାମୀ ନେଇକି ଯାଆନ୍ତି ଓ ସାଙ୍ଗରେ ନେଇ ପୁଣି ଫେରନ୍ତି ।


ଏ ଦୁଇ ପ୍ରକାର ଦୃଶ୍ୟରୁ ଆମେ ଦୁଇଟି ନାରୀ ଚରିତ୍ରକୁ ପାଇବା, ଜଣେ ସ୍ୱାଧୀନଚେତା ଓ ମୁକ୍ତ ତ ଆଉ ଜଣେ ନିଜ ପରି ବଞ୍ଚିବାର ଅଧିକାରରୁ ବଞ୍ଚିତ । ଏଭଳି ଅନେକ ନାରୀ ଆମମାନଙ୍କର ପାଖେପାଖେ ଅଛନ୍ତି । କିଏ ସେମାନଙ୍କୁ ମୁକ୍ତି ଦେବ ? କିଏ ଫେରେଇ ଦେବ ସେମାନଙ୍କୁ ସେମାନଙ୍କର ଖୁସିର ହଳେ ଡେଣା ? ଆସନ୍ତୁ ଆମେ ଏକଥା ଆମ ଘରୁ ହିଁ ଆରମ୍ଭ କରିବା । ଦେଖିବେ ଦିନେ ଏହା ଘରରୁ ଘର ହୋଇ ସାରା ଦୁନିଆ ବ୍ୟାପିଯିବ ।

ସରସ୍ୱତୀ ପୂଜାର ଶୁଭେଚ୍ଛା ସହ ଆପଣମାନଙ୍କୁ ଏଥରର 'ରେବତୀ' ଭେଟି ଦେବା ବେଳେ ପୂର୍ବପରି ଭଲପାଇବା ଆଶା କରୁଛି ।

ସମ୍ପାଦିକା



# ଚେତନାର ଚିତ୍ରକର ଚନ୍ଦ୍ରଶେଖର



# ନନାଙ୍କ ଠାରୁ ଶିଖିଛି ଜୀବନ ଶୃଙ୍ଖଳା



**ଶଶିଭୂଷଣ ରଥ**

ଫଟୋ ସୌଜନ୍ୟ : ଲେଖକ



ସୃଜନର ଶିଖର ପୁରୁଷ : ଚନ୍ଦ୍ରଶେଖର

**କୁମାର** ପୂର୍ଣ୍ଣିମା । ଚନ୍ଦ୍ରଶେଖର ରଥଙ୍କ ଜନ୍ମତିଥି । ମୁଁ ତାଙ୍କର ଜ୍ୟେଷ୍ଠ ସନ୍ତାନ । ମୋର ଜ୍ଞାନ ହେବା ଦିନୁ ଦେଖି ଆସୁଥିବା ବ୍ୟକ୍ତିତ୍ୱ ମୋ ନନା । ଉଦ୍‌ବର୍ତ୍ତନ ଏବଂ ପରିବର୍ତ୍ତନ ସମୟରେ କିଛିଟା ବୁଝି ପାରୁଥିବା, ଖୁବ୍ ନିକଟରୁ ଅନୁଧ୍ୟାନ କରିଥିବା ଅନେକ ରୂପରେଖକୁ ମୁଁ ବଖାଣିବାକୁ ଚାହେଁ ।

ସାହିତ୍ୟ ସଂସାର ପ୍ରାରମ୍ଭରୁ ମୁଁ ଦେଖି ଆସିଛି ନନା ସମସ୍ତଙ୍କୁ, ଖୁବ୍ ଆପଣେଇ ନେଇଛନ୍ତି, ଭଲ ପାଇଛନ୍ତି । ତାଙ୍କ ମିତ୍ରାଚରଣ ଶୁଦ୍ଧ ଏବଂ ସ୍ୱଚ୍ଛ । ପରମାନନ୍ଦ ଆଚାର୍ଯ୍ୟ ପ୍ରାଣବନ୍ଧୁଙ୍କର, ସୀତାକାନ୍ତ ମହାପାତ୍ର, ଜୀବନାନନ୍ଦ ପାଣି, ରମାକାନ୍ତ ରଥ, ଗୋପୀନାଥ ମହାନ୍ତି, ନନ୍ଦିନୀ ଶତପଥି, ସୁରେନ୍ଦ୍ର ମହାନ୍ତି, ଜାନକୀ ବଲ୍ଲଭ ପଟ୍ଟନାୟକ, ରାଧାକୃଷ୍ଣ ଭଂଜ, ରାମନାଥ ପଣ୍ଡା, ହୃଦାନନ୍ଦ ମହାପାତ୍ର, ନୀଳମଣି ସାହୁ, ଶାନ୍ତନୁ କୁମାରଆଚାର୍ଯ୍ୟ, ଶରତ କୁମାର ମହାନ୍ତି, ମନୋଜ ଦାସ, ଖଗେଶ୍ୱର ମହାପାତ୍ର, ସୂର୍ଯ୍ୟକାନ୍ତ ଦାସ, ଛୋଟେ ନାରାୟଣ ଶର୍ମା, ପ୍ରପତ୍ତି, ବାବାଜୀ ମହାରାଜ, ଚିତ୍ତରଂଜନ ଦାସ ଏବଂ ଅନ୍ୟ ବ୍ୟକ୍ତିଙ୍କ ସହ ୬୦ ଦଶକରେ ତାଙ୍କର ଆଚରଣ ଏବେ ବି ମୋ ମାନସପଟ୍ଟରେ ଚିତ୍ରିତ ହୋଇ ରହିଛି । ରବି ପଟ୍ଟନାୟକ, ହରପ୍ରସାଦ ଦାସ, ପ୍ରବୀଣା ମହାନ୍ତି, କେ.ଭି.କେ.ରାଓ, ପ୍ରଫୁଲ୍ଲ କୁମାର ମହାନ୍ତି, ଛନ୍ଦା ଚରଣ, ପ୍ରତିଭା ରାୟ, ଶୁଭେନ୍ଦୁ ମୁଣ୍ଡ, କଳ୍ପନା ଦାଶ, ସୁନୀଲ ପୃଷ୍ଟି, ନିରଂଜନ ମହାନ୍ତି, ସୌମ୍ୟରଂଜନ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ, ବାଉରୀବନ୍ଧୁ କର, ପ୍ରସନ୍ନ ମହାନ୍ତି, ହରପ୍ରସାଦ ପରିଚ୍ଛା ପଟ୍ଟନାୟକ, ବିଭୂ ଆଚାର୍ଯ୍ୟ, ରାଜେନ୍ଦ୍ର କିଶୋର ପଣ୍ଡା ଏବଂ ଆହୁରି ଅନେକଙ୍କୁ ନନା କେତେ

ଭଲ ପାଆନ୍ତି ହୁଏତ ସେମାନେ ତାହା ଜାଣନ୍ତି ନାହିଁ । ଏମାନଙ୍କ ମଧ୍ୟରୁ ଅନେକ ଦିବଙ୍ଗତ କିନ୍ତୁ ମୋ ସ୍ମୃତିରେ ସଦାଜାଗ୍ରତ ଏବଂ ମୂର୍ତ୍ତି । ନନାଙ୍କ ସାହିତ୍ୟ ସଂସାରର ଅଂଶ ବିଶେଷ ଏମାନେ ସମସ୍ତେ ଏବଂ 'ପାଠକ କୁଳତ' ମୋର କୁଟୁମ୍ବ ଏପରି ମନେ ହୋଇଛି ମୋତେ । ସେ କାହାପ୍ରତି କଟୁକ୍ତି ବା ଆକ୍ଷେପ କରିବାର ମୁଁ ଜାଣି ନାହିଁ । ବେଳେବେଳେନନା କନିଷ୍ଠ ଲେଖକଙ୍କୁ କିଛି ଲଘୁ ଦାୟିତ୍ୱ ଦେଇଛନ୍ତି ଏବଂ କାଳକ୍ରମେ ସେମାନେ ପାସୋରିବା ବା ନକରିବା ଏବଂ ନନା ସେମାନଙ୍କ ପାଇଁ ଚିନ୍ତିତ ହେବା ମୁଁ ଦେଖିଛି । ମୁଁ କ୍ଷୁବ୍ଧ ହୋଇଛି । ସେ ଆଘାତ ପାଇଛନ୍ତି ତଥାପି ସେ ଏମାନଙ୍କୁ କ୍ଷମା କରିଛନ୍ତି ଉଦାର ଭାବରେ । ସେ ଏକ ସମ୍ବେଦନଶୀଳ ମାନବାତ୍ମା, ଏକ ଅଭିନବ ଚେତନାର ବାର୍ତ୍ତାବହ ।

ନନାଙ୍କ ଅଧିକାଂଶ ରଚନାର ପ୍ରଥମ ପାଠକ ଭାବରେ ମୁଁ ନିଜକୁ ଭାଗ୍ୟବାନ ମନେକରେ ।ନନା ତାଙ୍କ ସହଜ ଭାବରେ ପଚାରନ୍ତି., "ତୋତେ କେମିତି ଲାଗିଲା'' । ଶ୍ରଦ୍ଧା ସଂଭ୍ରମ ଓ ସଂଯମ ରକ୍ଷାକରି ମୁଁ ମୋର ଭାବନାକୁ ସ୍ୱାଧୀନ ଭାବରେ ବ୍ୟକ୍ତ କରିବାର ସୁଯୋଗ ସେ ସର୍ବଦା ଦେଇ ଆସିଛନ୍ତି । ଅନନ୍ତ ଧୈର୍ଯ୍ୟର ସହ ଶୁଣନ୍ତି ଓ ଗ୍ରହଣ କରନ୍ତି । ଯେତିକି ପଢ଼ିଛି ଯେତିକି ବୁଝିଛି ତାଙ୍କୁ ଅଦ୍ଭୁତ ସମୀକରଣ କରିପାରିଛନ୍ତି ସେ ସାହିତ୍ୟ ଓ ସ୍ୱାଧ୍ୟାୟର । ଅନୁରାଗ ଓ ଅଧ୍ୟାତ୍ମର ମିଳନ ହେଉଉଛି ତାଙ୍କ ଶବ୍ଦ ସଂଯୋଜନାରେ । ତାଙ୍କ ସୃଜନ-ଜଗତ ସର୍ବଦା ସ୍ୱଚ୍ଛ ଓ ଆଲୋକିତ । ତାଙ୍କୁ ନିରୀକ୍ଷଣ କରିଥିବା ସୁହୃଦ ମାନେ ମୋତେ କହିଛନ୍ତି ଯେତାଙ୍କ ଋଷିପ୍ରତିମ ବ୍ୟକ୍ତିତ୍ୱ ଓ ଗମ୍ଭୀର ଭାବଭଙ୍ଗୀରେ ଏକ ପାରମାର୍ଥିକ ଆକର୍ଷଣ ରହିଛି । ଏହା ମୁଁ ଅନୁଭବ କରିଛି ।

ତାଙ୍କ ରଚନା ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଛି: ରମ୍ୟରଚନା, ପ୍ରବନ୍ଧ, ଉପନ୍ୟାସ, ଗଳ୍ପ ଓ  କବିତା । ନିରବଚ୍ଛିନ୍ନ ସେ ଲେଖି ଚାଲିଛନ୍ତି । ମୋତେ ଲାଗେ ସାକ୍ଷୀ ପୁରୁଷ ପାଖରେ ଦେଖୁଛନ୍ତି ଓ ସେ ଲେଖୁଛନ୍ତି । ଲେଖିକା ସମୟରେ ସେ ବୋଧହୁଏ ସେଇ ସାକ୍ଷୀ ପୁରୁଷଙ୍କ ଜାଜ୍ୱଲ୍ୟ ଆଭାରେ ଝଟକୁଥାନ୍ତି ଊର୍ଦ୍ଧ୍ୱ ଚେତନାରେ । ସେ ପ୍ରକ୍ରିୟାକୁ ବୁଝିବା କଠିନ । ନନାଙ୍କ ସାହିତ୍ୟ ସାଧନାର କାର୍ଯ୍ୟଶାଳା ଆମ ପାଇଁ ଦେବାଳୟ । ଭାରତୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ, ବିଶ୍ୱାସବୋଧ ସହ ପାଶ୍ଚାତ୍ୟ ଦର୍ଶକ, ସାହିତ୍ୟ ଓ ବିଜ୍ଞାନ ତାଙ୍କ ଚିନ୍ତାଧାରାର ମୂଳସ୍ରୋତ । ସେ ଚିରସମର୍ପିତ, ଚିରଜାଗ୍ରତ, ଚିରସୃଜନଶୀଳ ହୋଇଥିବାରୁ ତାଙ୍କ ସୃଷ୍ଟି ଅନୁପମ ଓ ଐଶ୍ୱର୍ଯ୍ୟମଣ୍ଡିତ ଲାଗେ ମୋତେ । କେବେ କେମିତି ଚର୍ଚ୍ଚା କରୁକରୁ ସେ ଚାଲିଯାନ୍ତି ବିଜ୍ଞାନ, ଗଣିତ, ଦର୍ଶନର ଭିତ୍ତିଭୂମିକୁ । ସେ ନିର୍ଜରା ଭୂମିରେ ଉଙ୍କିମାରୁଥିବା ପ୍ରଶ୍ନ ଉପରେ ଚର୍ଚ୍ଚା କରୁ ଉଭୟେ । ବହୁଦିନରୁ ନନା କବିତା ଲେଖିଆସୁଥିଲେ କିନ୍ତୁ ନା କବିତା ପାଠରେ ଅଂଶ ଗ୍ରହଣ କରୁଥିଲେ ନା କବିତା ସଂକଳନ ପ୍ରକାଶ କରୁଥିଲେ । ୭୦ତମ ଜନ୍ମତିଥିରେ ବନ୍ଧୁ ମିଳନରେ ସେ ପ୍ରଥମ କବିତା ପାଠକଲେ । ସେ ଥିଲା ଏକ ଅପୂର୍ବ ମୁହୂର୍ତ୍ତ ଆମ ବାସଭବନର ଅଗଣାରେ । ପରେପରେ ପ୍ରକାଶ ପାଏ ପ୍ରଥମ କବିତା ସଂକଳନ 'ତୁମପାଇଁ ପକ୍ଷୀଗାନ' । ନନା ଲେଖିଛନ୍ତି: "ଆଉ ବନ୍ଧୁ, ତୁମ ପାଖରେ ମୋର ସମସ୍ତ କୃତଜ୍ଞତା । ମୁଁ ଜାଣେ ଏ ତୁମର ଯୋଗ୍ୟ ନୁହେଁ । ତଥାପି ଅର୍ପି ଦେଉଛି- ବିନୟରେ ଶ୍ରଦ୍ଧାରେ ସନ୍ତର୍ପଣରେ 'ତୁମପାଇଁ ପକ୍ଷୀଗାନ' ମୋ ପାଇଁ କବିତା ।'' ଅଭିଜ୍ଞାନ କବିତାଟି ନିମ୍ନରେଉଦ୍ଧାର କରୁଛି ଆପଣଙ୍କ ପାଇଁ:

ଧଳାପିନ୍ଧି କେହିଜଣେ ନିଃଶବ୍ଦ ରାତିରେ
ତୋ ଦୁଆରେ ଠିଆ ହୋଇଥିଲେ
ତାଳଚୂଳେ ଚତୁର୍ଦ୍ଦଶୀ ଜହ୍ନ ନଇଁ ଗଲାବେଳେ
କୁନ୍ଦ କଢ଼ ପରି ଲମ୍ବା, ଭାରି ଲମ୍ବା ସେ ଜଣକ
ସେ ନିଶ୍ଚୟ ପିନ୍ଧିଥିଲେ
ରଜନୀଗାନ୍ଧାର ମାଳ ।
ଭୂଇଁକୁ ଅନାଇରହି ସ୍ଥିର ପ୍ରତୀକ୍ଷାରେ
ରାତ୍ରିର ତୃତୀୟ ଯାମ ବିତିଗଲା ଜହ୍ନ ଆଲୁଅରେ
ଛାଇ ଲମ୍ବିଗଲା,
ବିଷର୍ଣ୍ଣ ପକ୍ଷୀର ଡାକ ଘୁଞ୍ଚିଗଲା ଦୂରରୁ ଦୂରକୁ ।
ତଥାପି ତୋ ନିଦ ଭାଙ୍ଗିଲାନି
କିଛି ଇତସ୍ତତଃ କରି
ଖୁବ୍ ଆସ୍ତେ ତୋ ଦୁଆରେ କରାଘାତ କଲେ;
ତା'ପରେ ମୁହଁ ଫେରାଇ
ଖୁବ ଆସ୍ତେ ଚୁପ୍ ଚାପ୍
ଚାଲିଗଲେ ତାଳବଣ ଜହ୍ନ ଆଲୁଅକୁ ।
ତୁ କହୁଛୁ ଚାରିଟା ଚାଳିଶ୍ ବେଳେ
ତୋ ଦୁଆର ଝରକା ଜଞ୍ଜିର ସବୁ
ଝଣଝଣ ହେଲା,
ଦୋହଲିଲା ମୁହୂର୍ତ୍ତକ ପାଇଁ
ଛାତ କାନ୍ଥ ଦର୍ପଣର ବାଡ଼
ତୁ କହୁଛୁ ଭୂମିକମ୍ପ ହେଲା ।
ତୋ ଦୁଆରେ ଏବେବି ପଡ଼ିଛି
ଗୋଟିଏ ରଜନୀଗନ୍ଧା,
ଆକାଶରୁ ଉଲ୍‌କାଟିଏ ପରି
ଝରିଛି ତୋ  ଦୁଆର ଧୂଳିରେ
ହତବାକ ଅପେକ୍ଷାରେ ନିଶ୍ଚଳ ପଡ଼ିଛି
ତୋ ନିଦ ଭାଙ୍ଗିବା ଯାଏଁ;
ତୁ ଆସି ତୋ ଦ୍ୱାର ମେଲି, ଚମକି ଚାହିଁବା ଯାଏଁ
ଦରିଦ୍ର ରତନ ପାଇ ହାରିବାର, ପାଇବାର
ବିହ୍ୱଳ ଲୋତକ ସିନ୍ଧୁ ଟଳମଳ ହେବାବେଳେ
ତାକୁ ଏ ଧୂଳି ଉପରୁ ସାଉଁଟି ତୋଳିବା ଯାଏଁ
ବଜ୍ରହାତ ପରି, ବିଶ୍ୱାସ କରିବାଯାଏଁ
ତୋ ଦୁଆରେ କୁନ୍ଦ କଢ଼ପରି
ସାରାରାତି ଜହ୍ନ ଆଲୁଅରେ
ସେ ନିର୍ବାକ ଠିଆ ରହିଥିଲେ !
ଫେରିବା ପୂର୍ବରୁ, କରାଘାତ କରିଥିଲେ
ତୋ ନିଦ୍ରିତ କବାଟ ଉପରେ !

ତାଙ୍କର ଏ କବିତାଟି ମୋତେ ଖୁବ ଭଲ ଲାଗିଥିଲା ଏବଂ ମୁଁ ଲାଗପଡ଼ିଥିଲି

ସଂଗ୍ରହ କରିବା ପାଇଁ ତାଙ୍କର ଅନ୍ୟାନ୍ୟ କବିତା ପୁରାତନ ଓ ନୂତନ । ଏକାଠି କରାଯିବା ପରେ ସଂକଳନଟି ନନା ନାମକରଣ କଲେ "ଆଗକୁ ବନସ୍ତ'' । ୭୪ତମ ଜନ୍ମତଥିରେ ଏ ପୁସ୍ତକଟିକୁ ଲୋକାର୍ପଣ କରାଯାଇଥିଲା ଆମ ବାସ ଭବନରେ । ପ୍ରତମ କବିତା ସଂଗ୍ରହ ପରି ଦ୍ୱିତୀୟଟି ମଧ୍ୟ ଗଭୀର ଅନୁଧ୍ୟାନର ପରିପ୍ରକାଶ ।



## ନନାଙ୍କୁ ନିବେଦିତ

# ରୋଦନ

**ଶଶିଭୂଷଣ ରଥ**

ବର୍ଷା ରାତିରେ କାଳେ ଶୀତ ଲାଗିଯିବ ବୋଲି
ରାତି ରାତି ନଶୋଇ ମୋତେ ଘୋଡ଼ାଇ ଧରୁଥିଲ ।
କାନ୍ଧ ହାଡ଼ ଖେଳୁ ଖେଳୁ ଭାଙ୍ଗି ଗଲାବୋଲି
ରାତି ରାତି ନିଜ ହାତ ମୋ ମୁଣ୍ଡ ତଳେ ଭରା ରଖୁଥିଲ ।
ଯେଉଁ ଜଗନ୍ନାଥଙ୍କ ସାମ୍ନାରେ ହାତଟେକି
ପିତାମହ ପୁତ୍ରଟିଏ ମାଗିଥିଲେ ତୁମପାଇଁ ।
ସେଇ ଜଗନ୍ନାଥଙ୍କ ଦର୍ଶନ ପାଇଁ କାନ୍ଧରେ ବସାଇ
ମହାଦର୍ଶନ କରାଉଥିଲ ମହାନନ୍ଦରେ ।
ମାଇଲ ମାଇଲ ରାଲେ ସାଇକେଲ୍‌ରେ ବସାଇ
ବୁଲାଇଛ ବାରିପଦା ଆଉ ପୁରୀର ରାଜରାସ୍ତାରେ
ସାଇକେଲ ହାଣ୍ଡେଲ ପଟକୁ ମୁଁ
ମୋ ପଛକୁ ତୁମେ ଆଉ ଘରପାଇଁ ପନିପରିବା
ବାରମ୍ବାର ଦୋହରାଇଛ ମୋତେ ମୁଁ ଏକୁଟିଆ ନୁହଁ
ସମସ୍ତେ ଅଛନ୍ତି ମୋ ସାଥିରେ ବୋଉ ଭାଇ ଭଉଣୀ ।
ଆହୁରି ଅଛନ୍ତି ଦୂରରେ ଅଜା ଆଇ ମାମୁଁ ମାଇଁ
ବୁଢ଼ାବାପା ବୁଢ଼ୀମା ଦଦେଇ କକେଇ ଜେଠେଇ କଥାରେ
ତୁମ ହାତ ଟିସଟ୍ ଘଣ୍ଟ ଠାରୁ ଅଧିକ ବିଶ୍ୱାସୀ ନାହାନ୍ତି କେହି
ସତେତ ମୋ ଜୀବନର ସାୟାଦୂରେ ଅନୁଭବ କରୁଛି ମୁଁ
କେହି ନାହାନ୍ତି ମୋ ପାଖଷର, କେହି ବି ବିଶ୍ୱାସୀ ନୁହନ୍ତି
ସବୁବେଳେ ଏକାକୀ ଲାଗୁଛି ମୋତେ କେଜାଣି କାହିଁକି ମହାଶୂନ୍ୟ
ଅଜାଡ଼ି ହେଉଛି ମୋ ଭିତରେ ବାହାରେ ।

ସେଥିରେ ରହିଛି ଜୀବନଦର୍ଶନ, ମାନବୀୟ ସମ୍ପର୍କ ଓ ପ୍ରକୃତିର ରହସ୍ୟ । ସରଳ ମନଛୁଆଁ ଭାଷା ତାଙ୍କର କବିତାଟିଏ ପଢ଼ିଲେ ମୋତେ ଲାଗେ ସତେ ଯେପରି ମୁଁ ନିଜେ ନିଜକୁ ଅତିକ୍ରମଣ କରୁଛି । ଅନୁଭବ କରୁଛି ଏକ ଆଧ୍ୟାତ୍ମିକ ଆରୋହଣ । ୨୦୦୨ରେ ପ୍ରକାଶିତ ପାଠଚକ୍ର ଡାଏରି ଏ ପର୍ଯ୍ୟାୟଭୁକ୍ତ, ପ୍ରତିଦିନ ପଢ଼ିଲା ପରି ବହିଟିଏ । ତାଙ୍କର ଖୁବ୍ ଆପଣାର ଏବଂ ଖୁବ୍ ନିକଟରେ ଥାଇ ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ ଏବଂ ସାହିତ୍ୟିକ ବିଭବକୁ ମୁଁ ଆକଳନ କରିପାରି ନାହିଁ । ତାଙ୍କ ଉପରେ, ବିଶେଷ କରି ତାଙ୍କ ସାହିତ୍ୟ କୃତୀ ଉପରେ ଗବେଷଣା କରି ଡକ୍ଟରେଟ୍ କରିଥିବା ଛାତ୍ରମାନଙ୍କ ସନ୍ଦର୍ଭ ପଢ଼ିଛି କିନ୍ତୁ ଅନୁଭବ କରିଛି ଯେ ସେଗୁଡ଼ିକ ଏକ ଆଂଶିକ ଆକଳନମାତ୍ର । ତଥାପି ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ । ସେ ଆତ୍ମକଥନ-୨ (ଚନ୍ଦ୍ରଶେଖର ୭୦)ରେ ଲେଖିଛନ୍ତି "କିନ୍ତୁ ବିଧିର ବିଚିତ୍ର ବଧାନ- ମୋତେ ଉଭୟ ମାର୍ଗରେ ବିନିଯୋଗ କଲେ ମାଲିକେ । ସେହିପରି ତୁଳୀ ବଟାଳୀ ଧରାଇ ଦେଉଇଥିବାରୁ ରଙ୍ଗ ରୂପର ଛନ୍ଦ ସୃଷ୍ଟି କରିବାକୁ ପ୍ରବୃତ୍ତ ହେଲି । ଜୀବନର ଏ ମୋଡ଼ ଉପରେ ଛିଡ଼ା ହୋଇ ଭାବୁଛି ଯେ କୌଣସି ଗୋଟିଏ ମାଧ୍ୟମରେ ନିଜକୁ ପ୍ରକାଶ କରିବାର ପର୍ଯ୍ୟାପ୍ତ ସାମର୍ଥ୍ୟ ନଦେଇ ମାଲିକ ଚାହିଁଲେ ଏପରି ବିବିଧ ମାର୍ଗରେ ନଚାଇବାକୁ । ସେ ଯେମିତି ଚାହିଁଲେ ସେପରି ହେଲି...କିନ୍ତୁ ବିଶ୍ୱାସ କରନ୍ତୁ ସାରଳା ଯେତେବେଳେ କହନ୍ତି, ‘ରାତିରେ ସେ ପଦମାନ କହିଦିଏ, ଦିନ ଆଲୁଅରେ କବି ତାକୁପ୍ରବନ୍ଧ କରେ । ସେଥିରେ ଆଦୌ ଅତିରଞ୍ଜିନ ନାହିଁ । ନ୍ୟାୟାଳୟର ଶପଥପାଠ ପରି ଏହା ସତ୍ୟ । ସଭାମଞ୍ଚରେ ଭାଷଣ ଦେବାବେଳେ, ନିଭୃତରେ ବସି କବିତା ଲେଖିଲା ବେଳେ ସେ ହିଁ ଅଦୃଶ୍ୟ ଭୂମିରୁ ପଦକହିଦିଏ । ଏହା ସତ୍ୟ, ସତ୍ୟ !’’

କଲେଜରେ ପଢୁଥିବା ବେଳେ ତାଙ୍କ ଛାତ୍ରଥିଲି । ଇଂରାଜୀ ପଢ଼ାଉଥିଲେ । ଶବ୍ଦ ତା ଉଚ୍ଚାରଣରେ ଥିବା ନାଦନିକତା ତାଙ୍କ ପାଠ ପଢ଼ାରୁ ମୁଁ ବୁଝିପାରିଛି । ପରବର୍ତ୍ତୀ କାଳରେ କେଇଗୋଟି ଭାଷଣ ଶୁଣିବାର ଅବକାଶ ମିଳିଛି ଓ ଭାଷଣ ପରେ ଶ୍ରୋତାମାନଙ୍କ ମନ୍ତବ୍ୟ ମୋ ବିଚାରକୁ ଦୃଢତର କରିଛି- ସେ ଏକ ଅନନ୍ୟ ବକ୍ତା । ତାଙ୍କ ବକ୍ତବ୍ୟର ସ୍ୱଚ୍ଛ ନିର୍ମଳଧାରା । ତା'ର ପୁନରାବୃତ୍ତି ନାହିଁ ବରଂ ଅଛିନିତ୍ୟ ନୂତନତା । ଡାକ୍ତରମାନଙ୍କ ପାଇଁ ଇଂଜିନିୟରମାନଙ୍କ ପାଇଁ, ଆଧ୍ୟାତ୍ମିକ ଜନତାଙ୍କ ପାଇଁ, ଆଶ୍ରମର ଅନ୍ତେବାସୀମାନଙ୍କ ପାଇଁ ତାଙ୍କ ବକ୍ତବ୍ୟ ଝରିଯାଏ ଝରଣାଟିଏ ପରି । ଏପର୍ଯ୍ୟନ୍ତ ସେ କେତେଯେ ଭାଷଣ ଦେଇଛନ୍ତି ତା'ଣ ହିସାବ ନାହିଁ । ଟେପ କରିବାର ପ୍ରୟାସ କରିଛି କିଛିଟା । ସେ ଭାଷଣ ପାଇଁ ପ୍ରସ୍ତୁତ କରନ୍ତି ନାହିଁ । ସ୍ୱାଭାବିକ ଭାବରେ ସୃଷ୍ଟି ହୁଏ ତାଙ୍କ ଅଭିଭାଷଣ, ସେଗୁଡ଼ିକର ଗ୍ରନ୍ଥରୂପ କେତେଦୂର ସଂଭବ ମୁଁ ଜାଣେନା । ସେ ଅନୁଷ୍ଠାନ ଅପେକ୍ଷା ବ୍ୟକ୍ତିକୁ ସଦାସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି ତେଣଉ ନିମନ୍ତ୍ରଣଟିକୁ ଏଡ଼ାଇ ପାରନ୍ତି ନାହିଁ । ଅନେକ ଥର ଦୂର ଦୂରାନ୍ତ ଅପନ୍ତରା ସ୍ଥାନକୁ ନିମନ୍ତ୍ରିତ ହୋଇ କଷ୍ଟସ୍ୱୀକାର କରିଯାଇଛନ୍ତି ।

ସେ ଅନୁଷ୍ଠାନ ଅପେକ୍ଷା ବ୍ୟକ୍ତିକୁ ସଦାସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି ତେଣୁ ନିମନ୍ତ୍ରଣଟିକୁ ଏଡ଼ାଇ ପାରନ୍ତି ନାହିଁ । ଅନେକ ଥର ଦୂର ଦୂରାନ୍ତ ଅପନ୍ତରା ସ୍ଥାନକୁ ନିମନ୍ତ୍ରିତ ହୋଇ କଷ୍ଟସ୍ୱୀକାର କରିଯାଇଛନ୍ତି । କେତେବେଳେ ମୁଁ ତାଙ୍କୁ କହିଛି ଯେ ଦୂର ଦୂରାନ୍ତରୁ ଆଉ ନଯାଆନ୍ତୁ ନିଜ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ । ସେ ଜାଣନ୍ତି ଯେ ଅନେକ ବ୍ୟକ୍ତି, ବ୍ୟକ୍ତିଗତ





ସେ ଅନୁରୋଧଟିକୁ ପ୍ରତ୍ୟାଖ୍ୟାନ ନକରି ଯାଆନ୍ତି ।

ତାଙ୍କ ଦିନଚାର୍ଯ୍ୟା ଓ ଆମେମାନେ:-

ସେ ଜଣେ ଅଭ୍ୟାସୀ, ତାଙ୍କ ଦିନଚର୍ଯ୍ୟାର ଅଭ୍ୟାସ ମୋତେ ସ୍ତମ୍ଭୀଭୂତ କରେ! ଆପଣ ହୁଏତ ବିଶ୍ୱାସ କରିବେ ନାହିଁ ଯେ ନନାଙ୍କ ଏ ପରିଣତ ବୟସରେ ତାଙ୍କ ଗତି ସହ ମୁଁ ତାଳ ଦେଇପାରେ ନାହିଁ । ସକାଳ୫ରେ ଶଯ୍ୟାତ୍ୟାଗ, ସ୍ନାନାଦି ନିତ୍ୟକର୍ମ ପରେ ଧଳାହାପ୍‌ପେଣ୍ଟ ଟିସାର୍ଟ ଓ କେଡ୍‌ସ ପିନ୍ଧି ଭ୍ରମଣ ଆରମ୍ଭ । ପ୍ରତ୍ୟେକ ଦିନ ୬ କିଲୋମିଟର ଚାଲିବା ନୂଆପଲ୍ଲୀର ସମସ୍ତେ ଜାଣନ୍ତି । ତାଙ୍କର ଏ ଅଭ୍ୟାସର ବ୍ୟତିକ୍ରମ ନାହିଁ । ପ୍ରଭାତ ଭ୍ରମଣ ସେ ଏକଦା ଏକୁଟିଆ କରୁଥିଲେ । ସେ ସମୟରେ ନୂଆପଲ୍ଲୀରେ ସକାଳୁ ଚାଲିବା ଲୋକ ନଥିଲେ କହିଲେ ଚଳେ । ଆଜି ଶହଶହ ପ୍ରଭାତ ଭ୍ରମଣକାରୀ ଦୃଷ୍ଟିକୁ ଆସନ୍ତି । ନନାଙ୍କ ସାଙ୍ଗରେ ପ୍ରଭାତ ଭ୍ରମଣ ଏକ ଅଭିନବ ଅନୁଭବ । ଚାଲନ୍ତି ଅଧିକ, କଥାବାର୍ତ୍ତା କରନ୍ତି କମ୍ । ତାଙ୍କୁ ପ୍ରଭାତରେ ଦେଖିଲେ ମନେହୁଏ life is full of sunshine. No regrets! ସୂର୍ଯ୍ୟ କାନ୍ତିରେ ଭରପୂର ତାଙ୍କ ଜୀବନ, ଅନୁଶୋଚନାର ସ୍ଥାନନାହିଁ ତାଙ୍କ ଠାରେ ।

ସକାଳ ୭ଟା ସୁଦ୍ଧା ଫେରିଆସନ୍ତି ବାସଭବନକୁ । ଆସନ ପ୍ରାଣାୟମ କରନ୍ତି ଏକଘଣ୍ଟାଏ । ୮ଟାରେ ଜଳଖିଆ । ସେ ସମୟରେ ଆମେ ପୁଅ ନାତି ସମସ୍ତେ ଜଳଖିଆ ଖାଉ । ସେ ସ୍ଥାନୀୟ ସମ୍ବାଦପତ୍ର ପଢ଼ନ୍ତି ଓ ଚର୍ଚ୍ଚା କରନ୍ତି । ତା'ପରେ ପୂଜାଘରେ କିଛି ସମୟ ସେ ପୂଜାର୍ଚ୍ଚନା କରନ୍ତି । ବିଗ୍ରହମାନଙ୍କୁ ପୁଷ୍ପାର୍ପଣ କରନ୍ତି ।

ସକାଳ ୧୦ରୁ ଦ୍ୱିପ୍ରହର ପର୍ଯ୍ୟନ୍ତ ଘରୋଇ କାର୍ଯ୍ୟକ୍ରମ । ଦୋକାନ ବଜାର ପେଟ୍ରୋଲ ସବୁ କିଛି ନିଜେ କରିବାକୁ ଭଲ ପାଆନ୍ତି । ସାହିତ୍ୟ ସଂସାରରେ ନିମଜ୍ଜିତ ରହି ସେ ପରିବାରର ତେଲ ଲୁଣ ସଂସାରକୁ ତିଳାର୍ଦ୍ଧେ ଉପେକ୍ଷା କରିନାହାନ୍ତି । ସ୍ୱପ୍ନରେ ସୁଦ୍ଧା ଆମେ ଅବହେଳିତ ବୋଧ କରିନାହୁଁ । ସର୍ବଦା ଆମେ ଚାହିଁଛୁ ନନା ଆମପାଇଁ ସମୟ ବିନିଯୋଗ ନକରି ସାହିତ୍ୟ ପାଇଁ ଅଧିକ ସମୟ ଦିଅନ୍ତୁ । ସେ କିନ୍ତୁ ସର୍ବଦା ସ୍ୱଭାବ ପ୍ରତିଷ୍ଠିତ । ତାଙ୍କର ଇଚ୍ଛାକୁ ଆମେ କେବେ ପ୍ରଶ୍ନ କରିନାହୁଁ । ପ୍ରତ୍ୟେକ ଜନ୍ମଦିବସରେ ଆମେ ଇଷ୍ଟଦେବତାଙ୍କ ପାଖରେ ପ୍ରାର୍ଥନା କରୁ ତାଙ୍କର ସ୍ୱାସ୍ଥ୍ୟ, ସୃଜନଶୀଳତା ଓ ବିଶ୍ୱଦୃଷ୍ଟି ସହ ଦୀର୍ଘଜୀବନ ପାଇଁ ।



ଆମ ପରିବାରରେ ବୋଉ, ଆମେ ଦୁଇ ଭାଇ ଓ ଚାରିଭଉଣୀ । ଆମ ପରିବାର ଠାରୁ ଅଧିକ ସତ୍ୟ ଆମ ବର୍ଦ୍ଧିଷ୍ଣୁ ପାରିବାର । ମୋର ଅନେକ ଭାଇଭଉଣୀ ପ୍ରବୀଣା, ହୃଷୀକେଶ, ବାଉରୀବନ୍ଧୁ, ପଞ୍ଚମକନ୍ୟା କଳ୍ପନା, ବିଭୁ, ପ୍ରସନ୍ନ...ମୁଁ ନିଃସଙ୍କୋଚରେ କହିପାରେ ଯେ ଓଡ଼ିଆଟିଏ ଓଡ଼ିଶା ଭୂଇଁରେ ହେଉ ବା ପ୍ରବାସରେ ହେଉ ଯେତେବେଳେ କଲମଟିଏ ଧରିଲେଖେ ବା ଦ୍ୱିପାଦଭୂମିରେ ଠିଆ ହୋଇ କହେ ସମସ୍ତଙ୍କ ସାମ୍ନାରେ ବା ତୁଳୀଟିଏ ବା ନିହାଣ ବା ମାଟିରେ ସର୍ଜନାଟି କରିବା ଆରମ୍ଭ କରେ ମୋତେ ଲାଗେ ସେ ମୋର ଅତିଆପଣାର, ଆମ କ୍ରମବର୍ଦ୍ଧିଷ୍ଣୁ ପରିବାରର ସଦସ୍ୟ । ସେମାନେ ସମସ୍ତେ ନନାଙ୍କ ଆଦରଣୀୟ ।

ନନାଙ୍କ ଜନ୍ମତିଥିରେ ବୋଉ ବିଷୟରେ ଅଳ୍ପ ନଲେଖିଲେ ଏ ଲେଖା ହେବ ଅପୂର୍ଣ୍ଣ । ଆମ ସମସ୍ତଙ୍କ ଆଦରଣୀୟା ସ୍ନେହମୟୀ ବୋଉର ଭୂମିକା ଆମ ପରିବାର ପାଇଁ ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତେ ଜାଣନ୍ତି । ଷଠୀଓଷା ଦିନ ତାର ଜନ୍ମତିଥି । ତା'ର ଜନ୍ମଦିନ ବି ଘରେ, ସରଳ ନିରାଡ଼ମ୍ବର ଭାବେ ପାଳିତ ହୁଏ । ତାକୁ ଖୁବ ଭଲଲାଗେ । ଯେତେବେଳେ ଆମେ ତାକୁ ଶୁଭଜନ୍ମଦିନ ସଦିଚ୍ଛା ଜଣାଉ । ଯେତେବେଳେ ଛୋଟ ଛୋଟ ନାତି ନାତୁଣୀମାନେ ସୁଦୂରରୁ 'ହେପି ବାର୍ଥ ଡେ' ଆଈ' ବା ଜେଜେମା କହନ୍ତି ତା' ଆଖିରୁ ଆନନ୍ଦାଶ୍ରୁ ଝରିଯାଏ ଆମକୁ ଆଶୀର୍ବାଦ କରି ତା'ର ଜନ୍ମଦିନକୁ ଭୁଲିଗଲେ ବା ବିଳମ୍ବରେ ମନେପକାଇଲେ ସେ ହସିହସି କ୍ଷମା କରିଦିଏ ଆମକୁ । ମୋର ଜନ୍ମଦାତ୍ରୀ ବୋଉକୁ ପ୍ରଣାମ କରୁଛି ନନାଙ୍କ ଏ ଶୁଭ ଜନ୍ମତିଥିରେ । ଯେତେବେଳେ ବି ନନାଙ୍କ ପ୍ରଥମ ପାଠିକା ବୋଉ ଓ ପ୍ରଥମ ପାଠକ ମୁଁ ପାରିବାରକ ସମ୍ପର୍କ ଓ ସାହିତ୍ୟ ସମ୍ପର୍କର ଯୁଗଳବନ୍ଦୀ । ନନାଙ୍କ ଦିନଚର୍ଯ୍ୟାର ସମୟାନୁବର୍ତ୍ତିତା ବୋଉ ପାଇଁ ହିଁ ସମ୍ଭବହୁଏ । ନନାଙ୍କ ପାଇଁ ନିର୍ଦ୍ଦିଷ୍ଟ ଆହାର, ଗସ୍ତ ସମୟର ଟିକିନିଖି ପ୍ରସ୍ତୁତି, ବିଶ୍ରାମ ବ୍ୟାଘାତ ନକରିବା, ଅତିଥିମାନଙ୍କ ସାଦର ସତ୍କାର, ଆମ ବାସଭବନରେ ୱାର୍ଲଡ଼ ୟୁନିୟନର ସଭାକୁ ଆପଣେଇ ନେବାରେ ବୋଉର ସ୍ୱତନ୍ତ୍ର ଭୂମିକା ରହିଛି । ଆମମାନଙ୍କ ଠାରୁ ବିଶେଷକରି ମୋ ଠାରୁ ଛୋଟ ଉପଢ଼ୌକନଟିଏ ପାଇଲେ ବୋଉର ମନ କୁଣ୍ଢେମୋଟ ହୋଇଯାଏ । ଖୁସିରେ ଗଦ୍ ଗଦ୍ ହୋଇଯାଏ । ବାରମ୍ବାର ଦେଖେ ତାକୁ । ସାଇତିରଖେ ତା ଗନ୍ତାଘରେ ।

ଋତାୟନ, ଋଷିକେଶ, ବ୍ରତତୀ ଅନୁରାଗିଣୀ, ଟିନା, ଟିଡି, ସତରୂପା, ନାତିନାତୁଣୀ ନନା ବୋଉଙ୍କ ଅତିଆଦରର ପିତୁଳା । ବୋହୂ ସଂଘମିତ୍ରା ଜ୍ୱାଇଁ ତ୍ରିଲୋଚନ, ସୁଭାଷ, ଜ୍ଞାନେଶ ନନାବୋଉଙ୍କ ପ୍ରାଣଧନ । ଆମେ ସମସ୍ତେ ନନାବୋଉଙ୍କ ଠାରୁ ଦୂରରେ କାର୍ଯ୍ୟରତ ତଥାପି ସେ ଦୁହେଁ ଆମ ପାଖରେ ସର୍ବଦା ବିରାଜମାନ । ସେମାନଙ୍କ ଠାରୁ ପ୍ରାପ୍ତ କାୟିକ, ମାନସିକ ଓ ବାଚିକ ଆହାର ଚିରକାଳ ପାଇଁ ଆମମାନଙ୍କର ପାଥେୟ ହୋଇ ରହିବ ଏଥିରେ ଦ୍ୱିମତ ନାହିଁ । ଜୀବନର ଶୃଙ୍ଖଳା ଜୀବନଠାରୁ ବେଶୀ ମୂଲ୍ୟବାନ; କାରଣ ସେହି ଶୃଙ୍ଖଳାରୁ ହିଁ ଜୀବନ ତା'ର ମୂଲ୍ୟପ୍ରାପ୍ତ ହୋଇଥାଏ- ଏ ଶିକ୍ଷା ମୁଁ ପାଇଛି ସେମାନଙ୍କ ଦିନଚର୍ଯ୍ୟାରୁ ।

ଜୀବନର ବିଭିନ୍ନ ପରିସ୍ଥିତିରେ ତଥା ସ୍ଥାନକାଳପାତ୍ର ଭେଦରେ ନନାଙ୍କ ଆଶୀର୍ବାଦ ମୋତେ ଅନୁପ୍ରାଣିତ କରୁଥିବ । ପ୍ରଣାମ ନନା ।

**ଏନ୍-୧, ଏ/୩୨, ଆଇ.ଆର୍.ସି, ଭିଲେଜ, ଭୁବନେଶ୍ୱର-୭୫୧୦୧୫**
**ଫୋନ : ୮୮୯୫୫୦୫୪୩**

# ଇବ୍ରାହିମ୍‌ର ଇଲ୍ୟୁଜନ୍



# ଇବ୍ରାହିମ୍

## ହେ ଆଲ୍ଲା, ତୁମେ ଫେରିଆସ ଥରକ ପାଇଁ ମୋ ପାଖକୁ : ନଜିବ୍


**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**

ବି-୩୦୩, ଆକାଶଦୀପ ଆପାର୍ଟମେଣ୍ଟ, ବିବେକାନନ୍ଦମାର୍ଗ
ଭୁବନେଶ୍ୱର-୭୫୧୦୦୨
ଫୋନ : ୯୫୩୯୨୦୩୯୨୪


ଚିତ୍ର : ଶିବଶଙ୍କର ଦାସ



ଲେଖକ କ୍ଷୀରୋଦ ଚନ୍ଦ୍ର ବେହେରା

ବାଥା ପୋଲିସ୍ ଷ୍ଟେସନ୍‌ରେ ବହୁ କୌଶଳକ୍ରମେ ନିଜକୁ ଦାଖିଲ୍ କରିସାରିବା ପରେ, ସେଠିକା ଅପରାଧୀ ଫଟୋ ଗହଣରେ ଇବ୍ରାହିମ୍‌ର ଫଟୋ ଝୁଲୁଥିବା ଦେଖି ମୁଁ ନଜିବ୍, ଖୁବ୍ ଜୋରରେ ଚମକି ଯାଇଥିଲି । ମୋ ଚମକ୍ ଏତେ ଜୋର ଥିଲା ଯେ, ପାଖରେ ଥିବା ପୋଲିସ୍ ତାହା ଜାଣି ପାରିଥିଲା ଓ ମୋତେ ସଙ୍ଗେ ସଙ୍ଗେ ପଚାରିଥିଲେ, "ତାକୁ କଣ ଜାଣିଛୁ ?"

ଇଚ୍ଛା ଥିଲା କହିଦେବାକୁ- "ଆଲ୍ଲାଙ୍କୁ କିଏ ବା ନଜାଣେ ? ନଚିହ୍ନେ ?

ମୋତେ ଅନେକ ଅଭିନୟ କରବାକୁ ପଡ଼ିଥିଲା ସେଇ ମୁହୂର୍ତ୍ତରେ ଯେ ମୁଁ ସେ ଲୋକକୁ ଆଦୌ ଜାଣେ ନାହିଁ ବା ଚିହ୍ନେ ନାହିଁ । ମୁଁ ଜାଣେ ମୋ ତ୍ରାଣକର୍ତ୍ତା, ମୋ ଜୀବନଦାତାକୁ ନଚିହ୍ନିଛି କହିବା କେତେ ବଡ଼ ଅପରାଧ ଓ ବିଶ୍ୱାସଘାତକତା । ମାତ୍ର ମୁଁ ଯଦି କହିବି ଇବ୍ରାହିମ୍‌ଙ୍କୁ ମୁଁ ଚିହ୍ନେ, ଜାଣେ, ସେ ମଣିଷ ନୁହେଁ- ଆଲ୍ଲା ଓ ତାଙ୍କୁ ମୁଁ ଆଲ୍ଲା ରୂପରେ ଉପାସନା କରେ, ତେବେ ହୁଏତ ମୁଁ ମୋ ଦେଶକୁ ଫେରିବା, ମୋ ପ୍ରିୟ ପରିବାର ସହ ମିଳିତ ହେବା ଏବଂ ଅକଥ୍ୟ ଯନ୍ତ୍ରଣା ଓ ଅତ୍ୟାଚାରରୁ ମୁକୁଳିବା ସମ୍ଭବ ହେବ ନାହିଁ । ଇବ୍ରାହିମ୍ ଚାହିଁଥିଲା ମୁଁ ମୁକୁଳି ଆସେ, ଫେରିପାଏ ମୋର ପୂର୍ବ ଜୀବନ । ଏଣୁ ତାକୁ ସମ୍ମାନ ଦେବାକୁ ଯାଇ ମୁଁ ପୋଲିସିଟି ପାଖରେ ଏକାନ୍ତ ନିରୀହ ଭାବରେ କହିଲି ମୁଁ ତାକୁ ଜାଣେ ନାହିଁ ।

ନିଜ ତ୍ରାଣକର୍ତ୍ତାଙ୍କୁ କିଏବା ଏ ପୃଥିବୀରେ ଜାଣେ ନାହିଁ, ଚିହ୍ନେ ନାହିଁ ? ଆରବ ଉପସାଗରୀୟ ବିସ୍ତୃତ ମରୁଭୂମିର କେନ୍ଦ୍ରଭୂମିରେ ସେତେବେଳକୁ ବିତି ସାରିଥିଲା ତିନୋଟି ବର୍ଷ । ଏ ତିନୋଟି ବର୍ଷ ଭିତରେ ମୁଁ ମଣିଷରୁ ସରୀସୃପକୁ ରୂପାନ୍ତରିତ ହୋଇ ସାରିଥିଲି । ବାଲିର ପାହାଡ଼, ଉତ୍ତପ୍ତ ସୂର୍ଯ୍ୟ, ଧୂଳି ଝଡ଼ ଓ ଛେଳିଙ୍କ ଗୁହମୁତ ଭିତରେ ବିତୁଥିଲା ମୋ ସମୟ । ଯେଉଁ ଆଡ଼କୁ ଚାହୁଁଥିଲି କେବଳ ବାଲି ହିଁ ବାଲି । ଦୁର୍ଦ୍ଦାନ୍ତ ଓ ନିଷ୍ଠୁର ମାଲିକ ହାତରେ ଥିଲା ବନ୍ଧୁକ ଓ ବାଇନୋକୁଲାର୍ । ସେ ଧମକ ଦେଇଥିଲା ମୁଁ ଖସିଯିବାକୁ ଚେଷ୍ଟା କଲେ ସେ ମୋତେ ଖୋଜି ଆଣିବ ଓ ଏ ଅପନ୍ତରାରେ ଗୁଳି କରିଦେବ । ମୁଁ ଜାଣିଥିଲି ସେଠାରୁ ଖସିବା ସମ୍ଭବ ନୁହେଁ । ବର୍ଷ ବର୍ଷ ଧରି ବିନା ସ୍ନାନରେ, ଧୂଳି ଝଡ଼ରେ, ମରୁଭୂମିର ମାସାରାରେ ମୁଁ ଏକ ଭୂତ ହୋଇ ଛେଳି ଜଗୁଥିଲି । ବଡ଼ ହୃଦୟ ବିଦାରକ ସେ କାହାଣୀ ।

କୋଶ କୋଶ ଦୂରରେ ଥିବା ଅନ୍ୟ ଏକ ମାସାରାର ଛେଳି ଚରାଳି ହକିମ୍ ସହ ଅକସ୍ମାତ୍ ଛେଳି ଚରାଇବା ସମୟରେ ଭେଟ ହୋଇଥିଲା । ରାତ୍ରୀର ନିସ୍ତବ୍ଧ ପ୍ରହରରେ ମୁଁ ତାକୁ ଭେଟିବାକୁ ତା ମାସାରାକୁ ଯାଉଥିଲି, ଦୁଃଖସୁଖ ହେଉଥିଲି- ସେଇଠି ସେ ଦେଇଥିଲା ଇବ୍ରାହିମ୍‌ର ପରିଚୟ । ମୁକ୍ତିର ସନ୍ଧାନ ।

ଇବ୍ରାହିମ୍ ଦେବଦୂତ ପରି ଓହ୍ଲାଇ ଆସିଥିଲା କେବଳ ଆମକୁ ମୁକ୍ତି ଦେବା ପାଇଁ । ସେ ମୋ ପାଇଁ କେବଳ ଦେବଦୂତ ନଥିଲା, ମୁଁ ତାକୁ ସ୍ୱୟଂ ଆଲ୍ଲା ରୂପରେ ଦେଖୁଥିଲି । ମୋତେ କେତେ ମୃତ୍ୟୁରୁ ସେ ନ ବଞ୍ଚେଇଛି ?

ତା ପାଇଁ ମୁଁ ବଞ୍ଚିଛି, ମୋତେ ଜୀବନଦାନ ଦେଇ ସେ ଉଭାନ୍ ହୋଇଯାଇଛି । ଉଭାନ୍ ହୋଇଗଲା ପରେ ମୋର ସଂଶୟ ଜାତ ହୋଇଛି, ବାସ୍ତବରେ ସେ ମଣିଷ ଥିଲା ନା ଅଶରୀରୀ । ମୋତେ ବଞ୍ଚାଇବା ନିମିତ୍ତ ସେ କେବଳ କ'ଣ ଶରୀର ଧାରଣ କରିଥିଲା ? ଆଜି ବାଥା ପୋଲିସ ଷ୍ଟେସନ୍‌ର ଅପରାଧୀମାନଙ୍କ ଫଟୋ ମଧ୍ୟରେ ତା ଫଟୋ ଥିବା ଦେଖି ବିଶ୍ୱାସ ହେଲା ଯେ ସେ ମଣିଷ ଶରୀରଧାରୀ ଦେବଦୂତ ।

ପୋଲିସ୍ ଷ୍ଟେସନ୍‌ର ଅପରାଧୀମାନଙ୍କ ଫଟୋ ସହିତ ଫଟୋ ଝୁଲିଲେ କ'ଣ ଦେବଦୂତ ଅପରାଧୀ ହୋଇଯାଏ ? ମୋର ବିଶ୍ୱାସ ହେଉନାହିଁ ।

ସମସ୍ତ ପ୍ରତିବନ୍ଧକ ଓ ଅଜସ୍ର ବାଧାବିଘ୍ନ ସତ୍ତ୍ୱେ ତାର ପଣ ଥିଲା ମୋତେ ମୁକ୍ତି ଦେବ, ମୋ ପ୍ରାଣକୁ ବଞ୍ଚାଇବ । ମୋ ସାମ୍ନାରେ ହକିମ୍ ପାଣି ପାଣି

ଚିତ୍କାର କରି, ରକ୍ତବାନ୍ତି କରି ମରି ପଡ଼ିଲା । ଖରାରେ ଖଇଫୁଟା ବାଲିରେ ଚାଲି ଚାଲି ମୋ ପାଦରେ ବି ଘା' ହୋଇ ରକ୍ତ ଝରୁଥିଲା । ଦିନ ଦିନ ଧରି ପାଣି ନପିଇ ଚାଲିବା ସମ୍ଭବ ନଥିଲା । ମୋତେ କାନ୍ଧରେ ପକାଇ କେତେଦିନ ଧରି ସେ ନଚାଲିଛି । ବହୁ କଷ୍ଟରେ ବହୁଦିନ ପରେ ଯେତେବେଳେ ଆମେ ଏକ ଓଏସିସ୍‌ର ସନ୍ଧାନ ପାଇଲୁ, ଧୂସର ବାଲିର ବିସ୍ତୀର୍ଣ୍ଣ ପାହାଡ଼ ମଧ୍ୟରେ ସବୁଜ ଗାଲିଚାଟିଏ ପରି ଓଏସିସ୍‌ଟିଏ ବିଛେଇ ପଡ଼ିଥାଏ । ତା କେନ୍ଦ୍ରରେ ଥାଏ ଛୋଟ ଜଳଭଣ୍ଡାର ।  ମାସ ମାସ ଧରି ପାଣି ପିଇ ନଥବା ମୋ ଶୋଷ ମୋତେ ଯେତେବେଳେ ପାଣି ଆଡ଼କୁ ଟାଣିନେଲା, ମୋ ଗୋଡ଼ ଧରି ସେ ଟାଣି ଆଣିଲା ।

ତାପରେ ମୁଁ ଚେତାଶୂନ୍ୟ ହୋଇଯାଇଥିଲି ।

ମୋ ଚେତା ଫେରିଲା ବେଳକୁ ଦେଖିଲି ଓଦା କପଡ଼ାରେ ମୋ ବାଲିଭର୍ତ୍ତି ଓଠକୁ ଯତ୍ନରେ ପୋଛି ଦେଇଛି ଇବ୍ରାହିମ୍ । ସଂପୂର୍ଣ୍ଣ ସଫା ହୋଇ ସାରିଲା ପରେ ମୋ ପାଟିରେ ସେ ପକାଇଥିଲା ଟୋପାଏ ଟୋପାଏ ପାଣି । ପାଣିର ଚଳନ ମୋ ଦେହ ଭିତରେ କିପରି ହେଉଥିଲା– ସେ ଅନୁଭବ ବଖାଣି ହେବନି । ମୋ ତଣ୍ଟି ସଂପୂର୍ଣ୍ଣ ଓଦା ହୋଇସାରିଲା ପରେ– ସେ ମୋତେ ନେଇ ଯାଇଥିଲା । "ଦୁଇ ହାତରେ ପାଣି ଧରି ସେ ମୋ ଓଠ ଉପରେ ଟେକି ଧରିଲା । ଆଞ୍ଜୁଳା ଆଞ୍ଜୁଳା କରି ସେ ମୋତେ ପାଣି ପିଆଉଥାଏ ।"

ଅଥଚ ଏଇ ଇବ୍ରାହିମ୍‌କୁ ମୁଁ କେଇ ଘଣ୍ଟା ଆଗରୁ କୁକୁର କହି ଗାଳି ଦେଇଥିଲି । ହକିମ୍ ତାକୁ କହିଥିଲା– "ତୁ କୁକୁର ଏଠୁ ଭାଗ୍ । ଆମକୁ ଏଠାକୁ କଅଣ ମାରିବାକୁ ଆଣିଥିଲୁ ?"

ପ୍ରକୃତରେ ସେ ଆମ କାହାକୁ ବି ମରିବାକୁ ଦେବାକୁ ଚାହୁଁନଥିଲା । କିନ୍ତୁ ଆମ ଆଗରେ ହକିମ୍ ମରିଯାଇଥିଲା ।

ଜାଣେନା ମୁଁ କେମିତି ବଞ୍ଚିଲି ? ବିଶେଷତଃ ସେଇ ବିଷଧର ସାପମାନଙ୍କ ବିଶାଳ ଶୋଭାଯାତ୍ରାରୁ । ଇବ୍ରାହିମ୍ ନଥିଲେ ମୁଁ କେବେ ଠୁ ମରି ପଡ଼ି ମରୁଭୂମିରେ ଥିବା ଅସଂଖ୍ୟ ପଶୁପକ୍ଷୀଙ୍କ ଖାଦ୍ୟ ହୋଇ ସାରିଥାନ୍ତି ।

ମନେପଡୁଛି ସେଇ ଭୟଙ୍କର ଦୃଶ୍ୟ ।

*"ଆମେ ଏଠି ବେଶୀ ସମୟ ରହିବା ଉଚିତ ହେବ ନାହିଁ । କାରଣ ଏଇଟା ଗୋଟେ ବିପଜ୍ଜନକ ଜାଗା । ହଠାତ୍, ବାଲିଝଡ଼ଟାଏ ମାଡ଼ି ଆସିପାରେ । ସେମିତି ହେଲେ ଆମେ ପ୍ରାଣ ବଞ୍ଚେଇବାକୁ ସୁଦ୍ଧା ସମୟ ପାଇବା ନାହିଁ ।" – ଇବ୍ରାହିମ୍ କହିଲା ।*

*ଦଶ କଦମ୍ ଆଗକୁ ବଢ଼ିଛୁ କି ନାହିଁ ଆମ ସାମ୍ନାରେ କିଛି ଗତିଶୀଳତା ମୁଁ ଲକ୍ଷ୍ୟ କଲି । ପ୍ରଥମେ ମୁଁ ଭାବିଲି ଏଇଟା ମରୀଚିକା ହେଇଥିବ । କାରଣ ମରୁଭୂମିରେ ଏମିତି ମରୀଚିକା ଜଳର ଭ୍ରମ ସୃଷ୍ଟି କରି ସମସ୍ୟା ସୃଷ୍ଟି କରନ୍ତି । ମାତ୍ର ଏହା ମରୀଚିକା ନଥିଲା । କିଛି ସମୟ ପରେ ଆମେମାନେ ଅସ୍ୱାଭାବିକ ଶବ୍ଦ ଶୁଣିଲୁ । ତା'ପରେ ଏହି ସଁ ସଁ ଶବ୍ଦ ସ୍ପଷ୍ଟ ଶୁଭିଲା ଓ କ୍ରମେ ସେ ଶବ୍ଦ ବଢ଼ି ଚାଲିଲା । ଇବ୍ରାହିମ୍ ଯାହା କହିଥିଲା ତାହା ଠିକ୍ । ଗୋଟାଏ ବାଲିଝଡ଼ ଆସୁଥିଲା । ଆମେ ନିରିଖେଇ ଦେଖୁଥାଉ, ଆମ ସାମ୍ନାରେ ସତେ କି ଗୋଟେ ବଗିଚାର ଗଛ ଡାଳ ଝଡ଼ରେ ନୋଇଁପଡୁଛି ଓ ପୁଣି ଉଠିପଡୁଛି । ସେଇପରି ଆମକୁ ଦିଶୁଥାଏ ସାମ୍ନାର ଦୃଶ୍ୟ । ଧୀରେ ଧୀରେ ଏଇ ଦୃଶ୍ୟଟା ଆମ ଆଡ଼କୁ ଆଗେଇ ଆସୁଥାଏ । ଇବ୍ରାହିମ୍ ଚିତ୍କାର କଲା, "ସାପ, ସାପ, ଏଗୁଡ଼ାକ ମରୁଭୂମିର ସାପ ।" ସେତେବେଳେ ଯାଇ ଆମେ ସ୍ପଷ୍ଟ ଦେଖି ପାରିଲୁ । ଦଳେ ସାପ ପବନରେ ସେମାନଙ୍କ ଫଣା ହଲେଇ ହଲେଇ ଆଗକୁ ଆଗଉଥିଲେ । ସେମାନଙ୍କ ସଂଖ୍ୟା କେତେ ମୁଁ ଗଣିପାରି ନଥାନ୍ତି । ହଜାର ହଜାର ସାପ ଏକାଠି ଚାଲିଥିଲେ । ଏପରି ଗୋଟେ ଦୃଶ୍ୟ ମୁଁ କେବେ କଳ୍ପନା କରିପାରି ନଥାନ୍ତି । ସେମାନେ ସମସ୍ତେ ଆମରି ଦିଗରେ ଆସୁଥିଲେ । ସେମାନଙ୍କ ଫଣାର ଫୁତ୍କାର ମରୁଭୂମିର ବାଲିକୁ ଧୂଳା କରି ଉଡ଼ଉଥାଏ । ସତେ କି ଗୋଟେ ସୈନ୍ୟବାହିନୀ ଆମକୁ ଆକ୍ରମଣ କରିବା ଲାଗି ଆସୁଥାଏ । ସେଇ ସାପ ଦଳଟିର ସବା ଆଗରେ ଗୋଟେ ବିରାଟ ସାପ ଚାଲିଥାଏ । ସେ ସତେ କି ଥିଲା ଏଇ ସର୍ପବାହିନୀର ସେନାପତି, ତା' ପଛରେ ହଜାର ହଜାର ସର୍ପ-ସୈନିକ !*



*"ନିଜ ନିଜର ମୁଣ୍ଡକୁ ବାଲିରେ ପୋତି ପଡ଼ି ରୁହ । ଜମା ହଲଚଲ ହେବ ନାହିଁ । ଏହାଛଡ଼ା ବର୍ତ୍ତମାନ ଆମେ ଆଉ କିଛି କରିପାରିବା ନାହିଁ ।" – ଇବ୍ରାହିମ୍ ନିର୍ଦ୍ଦେଶ ଦେଲା ।*

*ତା' କଥା ଶୁଣି ଆମେ ଦିହେଁ ଓଟପକ୍ଷୀ ତା' ମୁଣ୍ଡ ବାଲିରେ ପୋତିଦେବା ପରି ଆମ ନିଜର ମୁଣ୍ଡକୁ ବାଲିରେ ପୋତିଦେଲୁ ଓ ଚୁପ୍‌ଚାପ୍ ପଡ଼ିରହିଲୁ । କିଛି ସମୟରେ ସାପଦଳ ଆମ ପାଖରେ ଆସି ପହଞ୍ଚିଗଲେ । ମୋ ଦେହ ଭୟରେ ଗୋଟାପଣେ ଥରୁଥାଏ । ଏଭଳିଆ ଭୟଙ୍କର ସାପର ଫଣା ଯଦି ମୋ ଦେହରେ ଦଶ ସେକେଣ୍ଡ ପାଇଁ ସୁଦ୍ଧା ବାଜିଯାଏ ତାହାହେଲେ ମୁଁ ଚଟ୍‌କିନା ମରିଯିବି । ମୁଁ ମନେମନେ ଆଲ୍ଲାଙ୍କୁ ଡାକୁଥାଏ ଓ ମୁର୍ଦ୍ଦାର ପରି ପଡ଼ି ରହିଥାଏ । ସେଗୁଡ଼ାକ ଆସି ଆମ ପାଖରେ ପହଞ୍ଚିଗଲେ ଏବଂ ଆମ ଉପର ଦେଇ ଆଗକୁ ବଢ଼ିଗଲେ । ସାପଗୁଡ଼ାକ ମୋ ଉପର ଦେଇ ଚାଲିଗଲା ବେଳେ ମୋତେ ଲାଗୁଥାଏ କିଏ ଯେମିତି ମୋ ଦେହ ଉପରେ ତତଲା ଲୁହାଛଡ଼ ଥୋଇ ଦେଇଛି । ମୁଁ ସେମିତି ଚୁପ୍‌ଚାପ୍ ପଡ଼ିଥାଏ ଯେତେବେଳେ ସାପଗୁଡ଼ାକ ଆମକୁ ଅତିକ୍ରମ କରି ଯଥେଷ୍ଟ ଦୂରକୁ ଚାଲି ଗଲେଣି ବୋଲି ହୃଦ୍‌ବୋଧ ହେଲା, ସେତେବେଳେ ଆମେ ବାଲି ଭିତରୁ ଆମ ମୁଣ୍ଡଟିମାନ ବାହାର କଲୁ । ଦେହ ମୁଣ୍ଡରୁ ବାଲି ଝାଡ଼ି ଚାରିଦିଗକୁ ଆମେ ଅନେଇଲୁ । ଦେହର ଯେଉଁ ଅଂଶ ବାହାରକୁ ଦିଶୁଥିଲା ତା' ଉପରେ ସାପଗୁଡ଼ାକ ଚଢ଼ି ଚାଲି ଯାଇଥିଲେ । ସେ ଜାଗାମାନଙ୍କରେ ଚାବୁକ ଦାଗ ପରି ନୋଳା ବସି ଯାଇଥିଲା ।"* **(ଛେଳି ଚରାଇବାର ଦିନ/ପୃଷ୍ଠା.୧୯୪-୧୯୫)**

ଏବେ ବି, ଏଇନେ ନୋଳା ବସିଥିବା ଦାଗକୁ ମୁଁ ଆଉଁସେ– ଲାଗେ ଇବ୍ରାହିମ୍‌ର ସ୍ନେହର ଦାଗ ।

ଜନପଦର ସନ୍ଧାନରେ ମରୁଭୂମିରେ ବାଟବଣା ହୋଇ ବୁଲୁଥିବା ବେଳେ ମଧ୍ୟ ଗାଡ଼ି ଚକଚିହ୍ନକୁ ଅନୁସରଣ କରି ପହଞ୍ଚିଥିଲୁ ରାସ୍ତା ପାଖାପାଖି । ଅତ୍ୟନ୍ତ କ୍ଳାନ୍ତ ହୋଇ ମୁଁ ଶୋଇ ପଡ଼ିଥିଲି । ରାତ୍ରୀର ଶେଷ ପ୍ରହର ଆଡ଼କୁ ମୋ ନିଦ ଭାଙ୍ଗିଗଲା ଅଜବ୍ ଶବ୍ଦରେ । ମାଲ୍ ବୋଝେଇ ଟ୍ରକ୍‌ଗୁଡ଼ିକ କଂକ୍ରିଟ୍ ରାସ୍ତାରେ ଯାଉଥିବାର ଶବ୍ଦ । ଗୋଟାଏ ଉଚ୍ଚା ପାହାଡ଼ ତଳେ ଆମେ ଶୋଇ ଯାଇଥିଲୁ ରାତ୍ରୀର ବିଳମ୍ବିତ ପ୍ରହରରେ । ମୁଁ ପାହାଡ଼ ଉପରକୁ ଚଢ଼ିଲା ବେଳକୁ ସୂର୍ଯ୍ୟୋଦୟ ହେଉଥିଲା । ସୂର୍ଯ୍ୟଙ୍କ ସୁନେଲୀ କିରଣରେ ମୁଁ ଦେଖୁଥିଲି ଖୁବ୍ ଦୂରରେ ମଟରଗାଡ଼ି ଯାଉଥିବାର ଦୃଶ୍ୟ । ମୋତେ ଲାଗିଲା ମୁଁ ସ୍ୱପ୍ନ ଦେଖୁଛି ଅଥବା ମାୟାବୀ ରାଜ୍ୟରେ ପହଞ୍ଚି ଯାଇଛି । ପ୍ରକୃତିସ୍ଥ ହେଲାବେଳକୁ ଦେଖିଲି ଇବ୍ରାହିମ୍ ନାହିଁ । କଣ୍ଠ ଫଟେଇ ଇବ୍ରାହିମ୍‌ଙ୍କୁ ଡାକିଲି, ଖୋଜିଲି, ପାଇଲି ନାହିଁ । ପବନରେ ମିଳେଇ ଯିବା ପରି ଇବ୍ରାହିମ୍ ମିଳେଇ ଯାଇଥିଲା । ହଠାତ୍ ମୁଁ ଛେଉଣ୍ଡ ହୋଇଗଲି, ମୋ ଦେହ ମୋତେ ବୋଝ ହୋଇଗଲା । ସେହି ଦେହକୁ ବୋହି ବହୁ କଷ୍ଟରେ ମୁଁ ଏବେ ଆରବ ଦେଶର ଥାନାରେ । ହୁଏତ, ଏଇଠୁ ମୁଁ ମୋ ଜୀବନ ସାଉଁଟିବି– କିନ୍ତୁ ଯେଉଁ ଦେବଦୂତ ମୋତେ ଏ ଜୀବନ ଦେଇଛି– ତାକୁ ମୁଁ ପାଇବି କେଉଁଠୁ ?

ଭଲ ବହି


# ବେନିୟାମିନ୍‌ଙ୍କ ବିସ୍ମୟ



ଅନୁବାଦକ ଗୌରହରି ଦାସ

ଗୋଟିଏ ବହିର ଶହେଟି ସଂସ୍କରଣ... ଆଶ୍ଚର୍ଯ୍ୟ ଲାଗୁନି ! ହଁ, ସେମିତି ଗୋଟେ ବହିର ଓଡ଼ିଆ ନାଁ 'ଛେଳି ଚରେଇବାର ଦିନ'। ମଲୟାଲୀରେ 'ଅନୁଜୀବିଧର୍ମ' ଯାହାର ଲେଖକ ହେଲେ ବେନିୟାମିନ୍। ଓଡ଼ିଆରେ ଏହି ବହିଟିକୁ ଅନୁବାଦ କରିଛନ୍ତି ବିଶିଷ୍ଟ ଗାଳ୍ପିକ ଡକ୍ଟର ଗୌରହରି ଦାସ। ଓଡ଼ିଆରେ ମଧ୍ୟ ଏ ବହିର ପ୍ରଥମ ସଂସ୍କରଣ ଆରମ୍ଭ ହୋଇ ଦ୍ୱିତୀୟ ସଂସ୍କରଣ ବିକ୍ରି ଚାଲିଛି। ପ୍ରଥମ ପ୍ରକାଶକ ଆର୍ଯ୍ୟ ବେଦାନ୍ତ ପବ୍ଲିକେଶନ୍ସ ଥିବାବେଳେ ଦ୍ୱିତୀୟଟିକୁ ଫ୍ରେଣ୍ଡସ୍ ପବ୍ଲିଶର୍ସ ପ୍ରକାଶ କରିଛି।

ପୁସ୍ତକର ପୂରା ପ୍ରଚ୍ଛଦ



# ବିଡ଼ମ୍ବିତ ଭାଗ୍ୟ ଓ ବିଶ୍ୱାସର ବିଜୟ

# ଛେଳି ଚରେଇବାର ଦିନ



**କେ. ଶ୍ୟାମବାବୁ ଦୋରା**

**ଫଟୋ ସୌଜନ୍ୟ : ଗୌ.ଦା. ଓ ରେବତୀ ମିଡ଼ିଆ**

ଉପନ୍ୟାସଟି ପଢ଼ା ସରିଲା ବେଳକୁ ମୋ ଆଖିରେ ଥିଲା ଦୁଇବୁନ୍ଦା ଲୁହ । ମୋତେ ଲାଗିଚି ଯେ' ବହିଟିର ନାଁ 'ଛେଳି ଚରେଇବାର ଦିନ' ନ ହୋଇ 'ଛେଳି ପାଲଟିଯିବାର ଦିନ' ହେଇଥାଆନ୍ତା କି !

ଛେଳି ପାଲଟିଯିବା ଅର୍ଥାତ୍ ମଣିଷଟିଏ ତା' ଅସ୍ତିତ୍ୱ କି' ଅସ୍ମିତା ଭିତରୁ ବାହାରି ଯାଇ ଗୋଟେ ଛେଳି ରୂପରେ ନିଜକୁ ଆବିଷ୍କାର କରିବା, ଛେଳିର ଜୀବନ ଜିଇଁବା । ଛେଳି କହିଲେ ତ ଗୋଟେ ପୂତିଗନ୍ଧମୟ ଖୁଆଡ଼, ବଳି କି ଖାଦ୍ୟଯୋଗ୍ୟ ଏକ ପଶୁ । ଛେଳି ପରାଧୀନତାର ପ୍ରତୀକ । ମଣିଷଟିଏ ଛେଳି ପରି ମେଁ ମେଁ ହେବ । ସେ ମଣିଷ ଭଳି ଚିନ୍ତା କରିବ, କିନ୍ତୁ କଥା କହି ପାରିବ ନାହିଁ । କହିଲେ ବି ଶୁଣିବାକୁ ତା' ପାଖରେ କେହି ନଥିବେ । ଥିଲେ ବି ତା' କଥାକୁ ବୁଝିବାକୁ କେହି ଚେଷ୍ଟା କରିବେ ନାହିଁ ।

କେହିଜଣେ କହିଥିଲେ- ମଣିଷ ଜନ୍ମ ହୁଏ, ଦୁଃଖ ପାଏ ଓ ମରେ । ହତଭାଗ୍ୟ ନଜିବ୍ ମହମ୍ମଦର ଦୁର୍ଦ୍ଦଶାର ଦିନଗୁଡ଼ିକୁ ଦେଖିଲେ ଆପାତତଃ ଏହା ସତ୍ୟ ବୋଲି ହିଁ ପ୍ରମାଣିତ ହେବ । ତେବେ ମଣିଷର ଜନ୍ମ କେବଳ କ'ଣ ମରିବା ପାଇଁ? ମୃତ୍ୟୁ ଅନିବାର୍ଯ୍ୟ ବୋଲି ସେ କ'ଣ ତେବେ ସ୍ୱପ୍ନ ଦେଖିବା ଛାଡ଼ିଦେବ ?

ଗଲ୍ଫରେ ଥିବା ଲକ୍ଷ ଲକ୍ଷ ନିମ୍ନବିତ୍ତ ମାଲୟାଲୀ ଦେଶ ଛାଡ଼ିବା ଆଗରୁ ଯେଉଁ ସ୍ୱପ୍ନ ଦେଖି ଥାଆନ୍ତି ଓ ଯୋଜନା କରିଥାଆନ୍ତି, ତା'ର ବି ଥିଲା ସେଇ ଏକା ରକମର ସ୍ୱପ୍ନ- ସୁନାର ଘଣ୍ଟା, ଫ୍ରିଜ୍, ଟିଭି, କାର୍, ଟେପ୍ ରେକର୍ଡ଼ର, ଭିସିପି ଓ ମୋଟା ଗୋଟେ ସୁନା ଚେନ୍... ।


ତା' ବୁଦ୍ଧିମତୀ ସ୍ତ୍ରୀ ସାଇନୁ କିନ୍ତୁ ପ୍ରାଚୁର୍ଯ୍ୟର ସ୍ୱପ୍ନ ଦେଖୁନଥିଲା । ନଜିବ୍ ମହମ୍ମଦ ଦେଶ ଛାଡ଼ିଲା ବେଳକୁ ସେ ଥିଲା କିଛି ମାସର ଗର୍ଭବତୀ । ସେ ବିଡ଼ା ବିଡ଼ା ଟଙ୍କା କି' ବଡ଼ କୋଠାଘର ଆଶା କରିନଥିଲା । ସେ ତ କେବଳ ଚାହିଁଥିଲା ତା' ଗର୍ଭସ୍ଥ ସନ୍ତାନକୁ ପାଳନ ପୋଷଣ କରି ମଣିଷଟିଏ କରି ଗଢ଼ି ତୋଳିବା ନିମିତ୍ତ ସର୍ବନିମ୍ନ ଯେତିକି ଅର୍ଥର ଆବଶ୍ୟକ, ବାସ୍ ସେତିକି ।

ନଜିବ୍ ମହମ୍ମଦ ପିଲାଦିନେ ଦେଖିଥିବା କୋଉ ଗୋଟେ ସିନେମା ତା' ଉପରେ ଗଭୀର ପ୍ରଭାବ ପକେଇଥିଲା । ସେଥିରେ ଗୋଟେ ଛେଳି ଜଗୁଆଳିର ଚରିତ୍ର ଥିଲା ଓ ତାହା ତାକୁ ଖୁବ୍ ବଢ଼ିଆ ଲାଗିଥିଲା । ଏ ଜାଗାରୁ ସେ ଜାଗାକୁ ଯାଅ, ଯେଉଁଠି ମନ ସେଇଠି ତମ୍ବୁ ପକାଅ, ଛେଳି ପଲକୁ ଧରି ସବୁଜ ଉପତ୍ୟକାରେ ବୁଲ । ପ୍ରତିଦିନ ନୂଆ ଜାଗା, ନୂଆ ପରିବେଶ । ଶୀତରାତିରେ ନିଆଁ ଜଳେଇ ତା' ପାଖରେ ବସିବା କ'ଣ କମ୍ ମଜା ! ଛେଳିଜଗାକୁ ଛେଳି ଜଗା, ଭ୍ରମଣକୁ ଭ୍ରମଣ । ଛେଳି ଜଗୁଆଳି କାମଟା ପ୍ରକୃତରେ ଭାଗ୍ୟରେ ଥିଲେ ମିଳେ- ଏମିତି ଏକ ଧାରଣା ପିଲାଦିନେ ତା' ଭିତରେ ଦାନା ବାନ୍ଧିଥିଲା । କିନ୍ତୁ ଯେତେବେଳେ ଏହି ସ୍ୱପ୍ନ ଦିନେ ସତ୍ୟରେ ପରିଣତ ହେଲା ସେତେବେଳେ ଜାଣିଲା ଯେ' ବାସ୍ତବତାଟି କଳ୍ପନା ଠାରୁ କେତେ ଦୂରବର୍ତ୍ତୀ ସତରେ, କେତେ ଯନ୍ତ୍ରଣାଦାୟକ ଓ କଷ୍ଟକର ଗୋଟେ ଛେଳି ଜଗୁଆଳିର ଜୀବନ ! ନିଷ୍ଠୁର ବାସ୍ତବତାକୁ ସାମ୍ନା କରିବା ପରେ ସେତେବେଳେ ଯାଇ ସେ ବୁଝିଲା- ଯେଉଁ କଥା ବିଷୟରେ ଜଣେ ଭଲଭାବେ ଜାଣିନାହିଁ ତାକୁ ନେଇ ସେ ସ୍ୱପ୍ନ ଦେଖିବା ଆଦୌ ଉଚିତ୍ ନୁହେଁ ।

'ଆଡୁ ଜୀବିଥମ୍' ଓଡ଼ିଆରେ ଯାହା 'ଛେଳି ଚରେଇବାର ଦିନ' ପ୍ରଖ୍ୟାତ ମାଲୟାଲମ୍ ଲେଖକ ବେନିୟାମିନ୍‌ଙ୍କର ଏମିତି ଏକ କରୁଣ ଓ ହୃଦୟ ବିଦାରକ ବହୁ ଚର୍ଚ୍ଚିତ ବହୁ ପଠିତ ଉପନ୍ୟାସ ଯାହା ବର୍ଷ ବର୍ଷ ଧରି ଆନ୍ଦୋଳିତ କରି ଆସିଛି ପାଠକଙ୍କୁ ବିଶ୍ୱବ୍ୟାପୀ ।

ଏକ ସତ୍ୟ ଘଟଣା ଉପରେ ଆଧାରିତ ଏ ଉପନ୍ୟାସଟି ପ୍ରକାଶ ପାଏ ୨୦୦୯ରେ । ସଂପ୍ରତି ଏହାର ଏକଶତରୁ ଅଧିକ ସଂସ୍କରଣ ପ୍ରକାଶିତ ଓ ଇଂରାଜୀ ସମେତ ବିଭିନ୍ନ ଭାଷାରେ ଅନୂଦିତ ।

ପୀଡ଼ିତ ତଥା ଭୁକ୍ତଭୋଗୀ ନଜିବ୍ ଠୁଁ ପ୍ରଥମେ ଆମୂଳଚୂଳ ଶୁଣିଛନ୍ତି ଲେଖକ ଓ ତା'ପରେ କାହାଣୀଟିକୁ ଉପସ୍ଥାପନ କରିଛନ୍ତି ପ୍ରଥମ ପୁରୁଷରେ,



ନଜିବ୍ ମହମ୍ମଦର କାହାଣୀ ତା' ନିଜ ମୁହଁରେ । 'ଗୋଟ୍ ଡେଜ୍' ନାଁରେ ଏହାର ଇଂରାଜୀ ଅନୁବାଦ କରିଛନ୍ତି ଯୋଶେଫ୍ କୋୟିପାଲୀ ଏବଂ ଏଇ ଇଂରାଜୀ ସଂସ୍କରଣରୁ ହିଁ ଓଡ଼ିଆରେ ସ୍ୱକୀୟ ଶୈଳୀରେ ଖୁବ୍ ସାବଲୀଳ ଢଙ୍ଗରେ ମର୍ମାନୁବାଦ କରିଛନ୍ତି ବିଶିଷ୍ଟ କଥାକାର ଗୌରହରି ଦାସ । ଏହାର ବର୍ଣ୍ଣନା ଓ ଅନୁବାଦ ଏତେ ପ୍ରଭାବଶାଳୀ ଯେ' ଥରେ ପଢ଼ିବାକୁ ଆରମ୍ଭ କଲେ ଏହାକୁ ଆପଣ କଦାପି ନ'ସାରି ରହି ପାରିବେ ନାହିଁ । 'ଅନୁବାଦକର ଦୁଇ ପଦ' ଶୀର୍ଷକରେ ସନ୍ନିବେଶିତ ନିଜ କଥାରେ ସେ ଲେଖିଛନ୍ତି– 'ଗୋଟ୍ ଡେଜ୍' ବା 'ଛେଳି ଚରେଇବାର ଦିନ' ଉପନ୍ୟାସଟି ମୋତେ ଗୋଟିଏ ବଡ଼ ଶିକ୍ଷା ଦେଇଛି । ଏକ ସଫଳ ଉପନ୍ୟାସ ପାଇଁ ବିରାଟ କାହାଣୀର ପ୍ରୟୋଜନ ନାହିଁ । ଜଣେ ସାଧାରଣ ଲୋକର ଛୋଟିଆ କାହାଣୀଟି ମଧ୍ୟ ଏକ ସଫଳ ଉପନ୍ୟାସର ପୃଷ୍ଠଭୂମି ହୋଇପାରେ । ଏଥିପାଇଁ ସଂଭ୍ରାନ୍ତ ଭାଷା କିମ୍ବା ସୁଦକ୍ଷ ଶୈଳୀର ପ୍ରୟୋଜନ ନାହିଁ । ଅତି ସରଳ, ସାବଳୀଳ ଭଙ୍ଗୀ ସୁଦ୍ଧା ପାଠକଙ୍କୁ ତା' ପାଖରେ ବାନ୍ଧି ରଖିପାରେ । ମାତ୍ର ସେ କାହାଣୀ ଶକ୍ତିଶାଳୀ ହୋଇଥିବା ଦରକାର ।

ଉପନ୍ୟାସଟିର ତୃତୀୟ ପରିଚ୍ଛେଦରେ ଲିଖିତ ଏ ବାକ୍ୟଟି ଖୁବ୍ ପ୍ରଣିଧାନ ଯୋଗ୍ୟ ମନେହୁଏ– "ନିଜ ଦୁଃଖକୁ ଭୁଲିବାର ସବୁଠୁଁ ବଡ଼ ଉପାୟଟି ହେଉଛି ତାହା ଠୁଁ ଅଧିକ ଦୁଃଖ ଭୋଗିଥିବା ଲୋକର କାହାଣୀ ଶୁଣିବା ।"

କର୍ମ ସଂସ୍ଥାନ ଦାୟରେ କେରଳର କୌଣସି ଏକ ଅଖ୍ୟାତ ପଲ୍ଲୀରୁ ଦଲାଲ୍ଙ୍କ ମାଧ୍ୟମରେ ସୁଦୂର ଆରବ ପହଂଚି ଯାଇଥିବା ଜନୈକ ମାଲୟାଲୀ ଯୁବକର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର କାହାଣୀ ଯେ । ଅକଥନୀୟ ଦୁର୍ଦ୍ଦଶା ଓ ପରିଶେଷରେ ଧୈର୍ଯ୍ୟ ତଥା ବିଶ୍ୱାସର ବିଜୟ । ନଜିବ୍ ମହମ୍ମଦର ଜୀବନରେ ଘଟି ଯାଇଥିବା ଯେ' ଏକ ଦୁଃଖଦ ଅଧ୍ୟାୟ, ପ୍ରାଚୁର୍ଯ୍ୟର ସ୍ୱପ୍ନ ଦେଖୁ ଦେଖୁ ପରିସ୍ଥିତିର ତାଡ଼ନାରେ ଯିଏ କ୍ରୀତଦାସଟିଏ ପାଲଟି ଯାଇଥିଲା ଉପସାଗରୀୟ ଅଞ୍ଚଳରେ ।

ଦିଗନ୍ତବ୍ୟାପୀ ରାଶି ରାଶି ବାଲି, ଓଟ ଓ ଛେଳି ମେଣ୍ଢାଙ୍କର ଉତ୍କଟ ଗନ୍ଧ, ମରୁଭୂମିର ପ୍ରଚଣ୍ଡ ଖରା, ଅଜଣା ଭାଷା, କଥାକଥାକେ ମୁନିବଙ୍କର ମାଡ଼-ଗାଳି ସହିସହି ତିନିବର୍ଷରୁ କିଛି ଅଧିକା କାଟି ସାରିବା ପରେ ସ୍ୱଦେଶକୁ ଫେରିବାର ସମସ୍ତ ଆଶା ହରେଇ ସାରିଥିବା ନଜିବ୍ ମହମ୍ମଦ ଜୀବନର ଅନେକ ବୈଚିତ୍ର୍ୟକୁ ଦେଖିଛି, ଉପଲବ୍ଧି କରିଛି ଭିନ୍ନ ଏକ ପୃଥିବୀକୁ ଯାହା ତା' ପାଇଁ ଅଜଣା ଅଶୁଣା ।

ତା'କଥା ତା' ନିଜ ମୁହଁରେ ଏମିତି– "ମରୁଭୂମିର ଗଛଲତା, ଗୁଳ୍ମ ଏବଂ ପୋକଜୋକମାନେ ଭଲ ସମୟକୁ ଅପେକ୍ଷା କରି ସୁପ୍ତ ଭାବରେ ପଡ଼ି ରହିଥିବା ଘଟଣା ମୋତେ ନୂଆ ଅଭିଜ୍ଞତା ଦେଲା । ସେ କଥା ଉପଲବ୍ଧି କରି ମୁଁ ଆନନ୍ଦ ଅନୁଭବ କରୁଥିଲି । କାରଣ ମୁଁ ମୋ ଆଖିରେ ଦେଖୁଥିଲି, ଛୋଟିଆ ଗୁଳ୍ମ

## ଲେଖକ ବେନିୟାମିନ୍ ଯାହା କହନ୍ତି

ଦିନେ ମୋର ବନ୍ଧୁ ସୁନୀଲ୍ ମୋତେ ଏଇ ନଜିବ୍ ନାମକ ଲୋକର କାହାଣୀ କହିଲେ । ମୁଁ ପ୍ରଥମେ ଭାବିଲି, ଏଇଟି ବୋଧହୁଏ ଉପସାଗର ଅଞ୍ଚଳକୁ ଚାକିରି ଖୋଜି ଯାଉଥିବା କୌଣସି ଶ୍ରମିକର ସାଧାରଣ କାହାଣୀ ହୋଇଥିବ । ତେଣୁ ମୁଁ ତା' କଥାକୁ ବେଶି ଗୁରୁତ୍ୱ ଦେଲି ନାହିଁ । ମାତ୍ର ସୁନୀଲ୍ ମୋତେ ବାଧ୍ୟ କଲେ, ତାଲ ସେ ଲୋକକୁ ତୁମେ ଭେଟିବ । ମୁଁ ନଜିବ୍ ସାଙ୍ଗରେ କଥା ହୁଏ ବୋଲି ସେ ଏକ ପ୍ରକାର ଜିଦ୍ କଲେ । "ତା କଥା ଟିକେ ଶୁଣ ଏବଂ ଯଦି ଭଲ ଲାଗେ ତାହା ହେଲେ ଲେଖିବାକୁ ଚେଷ୍ଟା କର ।" ସୁନୀଲ୍ଙ୍କ କହିବା କଥା ହେଲା ଯେ ଯେଉଁ ଲୋକମାନେ ପ୍ରତିକୂଳ ପରିସ୍ଥିତିରେ ପଡ଼ି ଲଢ଼େଇ



କରିବାରେ ଶକ୍ତି ହରେଇ ବସିଥାନ୍ତି ସେମାନଙ୍କ ପାଇଁ ନଜିବ୍ଙ୍କ ସଂଘର୍ଷ କଥା ପ୍ରେରଣାଦାୟକ ହେବ । ତାଙ୍କ ଜିଦ୍ ଯୋଗୁଁ ମୁଁ ନଜିବ୍ଙ୍କୁ ଯାଇ ଭେଟିଥିଲି । ସେ ଖୁବ୍ ସାଦାସିଧା ଓ ସରଳ ସ୍ୱଭାବର । ପ୍ରଥମେ ସେ ତାଙ୍କର ଅଭିଜ୍ଞତା ବିଷୟରେ ଗପିବା ଲାଗି କୁଣ୍ଠା ପ୍ରକାଶ କରୁଥିଲେ । "ବହୁଦିନ ତଳେ ସେସବୁ ଘଟିଗଲା, ମୁଁ ଭୁଲିଗଲିଣି" - ଏମିତି କହି ମୋ ପ୍ରଶ୍ନକୁ ଏଡ଼ାଇ ଯିବାକୁ ଚାହିଁଥିଲେ । ମାତ୍ର ମୁଁ ତାଙ୍କୁ ବାଧ୍ୟ କଲି । ସେଇଠୁ ସେ ଏସବୁ କହିବାକୁ ଆରମ୍ଭ କଲେ । ମୁଁ ଲକ୍ଷ୍ୟ କଲି ଯେ ଥରେ କହିବାକୁ ଆରମ୍ଭ କଲା ପରେ, ସେ ପଛ କଥାଗୁଡ଼ିକ ସବୁ ଚିକିନିଖି ମନେପକାଇ ପାରୁଥିଲେ । ଯେଉଁ ଘଟଣାଗୁଡ଼ିକ ସେ ଭୁଲି ଯାଇଥିଲେ ବୋଲି ଭାବୁଥିଲେ ସେଗୁଡ଼ିକ ପୁଣି ଜୀବନ୍ତ ହୋଇ ତାଙ୍କ ଆଖି ଆଗରେ ନାଚି ଉଠିଥିଲା । ତାଙ୍କ ବର୍ଣ୍ଣନାର ପ୍ରଭାବଶାଳୀ ଢଙ୍ଗ ମୋତେ ପ୍ରକୃତରେ ସେଦିନ ବିସ୍ମିତ କରିଥିଲା ।

ତାହାପରେ ମୁଁ ନଜିବ୍ଙ୍କୁ ଅନେକବାର ଭେଟିଛି । ଆମେ ଘଣ୍ଟା ଘଣ୍ଟା ଧରି ଗପିଛୁ । ମୁଁ ଉପସାଗର ଅଞ୍ଚଳର ଘଟଣା ବାବଦରେ ତାଙ୍କୁ ନାନା ପ୍ରଶ୍ନ ପଚାରିଛି ଏବଂ ସେ ଧୈର୍ଯ୍ୟର ସହ ସେସବୁର ଉତ୍ତର ଦେଇଛନ୍ତି । ତାଙ୍କ କଥା ଶୁଣି ମୁଁ ଅନୁଭବ କରିଛି ଯେ ଆଗରୁ ସେ ବାବଦରେ ମୁଁ ଶୁଣିଥିବା ବିବରଣୀଗୁଡ଼ିକ କେମିତି ଉପର ଠାଉରିଆ ଥିଲା ।

ପ୍ରଥମେ ଯେଉଁଦିନ ନଜିବ୍ଙ୍କୁ ଭେଟିବାକୁ ଯାଇଥିଲି ସେଦିନ ତାଙ୍କ କାହାଣୀକୁ ନେଇ ଉପନ୍ୟାସଟିଏ ଲେଖିବି ବୋଲି ମୁଁ ଆଦୌ ଭାବିନଥିଲି । ଦୁଃଖକଷ୍ଟ ସହିଥିବା ଜଣେ ଲୋକର ଅଭିଜ୍ଞତା ଶୁଣିବା ପାଇଁ କେବଳ ମୁଁ ଯାଇଥିଲି । ମାତ୍ର ତାଙ୍କ ବିଷୟରେ ଯେତେବେଳେ ଏସବୁ ଜାଣିଲି ସେତେବେଳେ ସେସବୁକୁ ନେଇ ଉପନ୍ୟାସ ଲେଖିବାର ଆଗ୍ରହକୁ ମୁଁ ଆଉ ଦମନ କରି ପାରିଲି ନାହିଁ । ଉପସାଗରୀୟ ଅଞ୍ଚଳରେ ଲକ୍ଷ ଲକ୍ଷ ମାଲୟାଲୀ ରହୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଲୋକ କାମଧନ୍ଦା କରି ଫେରି ଆସିଲେଣି । ମାତ୍ର ତାଙ୍କ ଭିତରୁ ଏଭଳି ଦୁର୍ଭାଗ୍ୟଜନକ କେତେଜଣ ଜିଇଛନ୍ତି ? କେତେଜଣ ଏମିତି ଭୟଙ୍କର ମୃତ୍ୟୁ ସହ ଲଢ଼େଇ କରି ବିଜୟୀ ହେଇଛନ୍ତି ? ପାଠକଙ୍କ ମନୋରଂଜନ ଲାଗି ମୁଁ ନଜିବ୍ଙ୍କ କାହାଣୀରେ କିଛି ଅଧିକା ଯୋଡ଼ିନାହିଁ କି ବର୍ଣ୍ଣନାକୁ ଅତିରଂଜନ କରିନାହିଁ । କାରଣ, ସେସବୁ ବ୍ୟତିରେକେ ସୁଦ୍ଧା ନଜିବ୍ଙ୍କ କାହାଣୀ ପଠନୀୟ, ପଠନଯୋଗ୍ୟ ।

ଏହା ନଜିବ୍ କହିଥିବା ଗୋଟେ କାହାଣୀ ନୁହେଁ, ତାଙ୍କ ଅଙ୍ଗେନିଭା ଅନୁଭୂତି । ଗୋଟିଏ ସତ ଜୀବନର କାହାଣୀ, ଗୋଟେ ଛେଳିର ଜୀବନ ଜିଇବାକୁ ବାଧ୍ୟ ହେଇଥିବା ଅସହାୟ ମଣିଷର କାହାଣୀ ।

## ଅନୁବାଦକ ଗୌରହରି ଦାସ ଯାହା କହନ୍ତି

୨୦୧୫ରେ ମଣିପୁର ଠାରେ ଆୟୋଜିତ କେନ୍ଦ୍ର ସାହିତ୍ୟ ଏକାଡ଼େମିର ଗୋଟେ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଁ ଫେରୁଥାଏ । ଇମ୍ଫାଲ୍ ବିମାନ ବନ୍ଦରରେ ମାଲୟାଲମ୍ କବି ପ୍ରଫେସର କେ.ଜି.ଶଙ୍କର ପିଲାଇଙ୍କ ସହ ଦେଖା ହେଲା । ସିଏ ବି ସେଇ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ । ବୟସରେ ବଡ଼ ଏବଂ ଗମ୍ଭୀର ସ୍ୱଭାବର କବି ବୋଲି ତାଙ୍କ ସହ ଇମ୍ଫାଲ୍‌ରେ ମୋର ବେଶି କଥାବାର୍ତ୍ତା ହୋଇପାରି ନଥିଲା । ଇମ୍ଫାଲ୍‌ରୁ ଆମେମାନେ ଗୋଟିଏ ବିମାନରେ କୋଲ୍‌କାତା ଆସିଲୁ । ସେଇଠୁ ସେ ଅଲଗା ଉଡ଼ାଣରେ ବାଙ୍ଗାଲୋର୍ ଯିବେ ଏବଂ ମୁଁ ଆସିବି ଭୁବନେଶ୍ୱର । କୋଲକାତା ବିମାନବନ୍ଦରରେ ଚା-ଜଳଖିଆ ଖାଇବା ଭିତରେ ମୁଁ ତାଙ୍କୁ ମାଲୟାଲମ୍‌ର ନୂଆ ଲେଖକମାନଙ୍କ ବିଷୟରେ ପଚାରିଲି । ପ୍ରଫେସର୍ ପିଲାଇ ମୋତେ ବେନିୟାମିନ୍‌ଙ୍କ ସମ୍ପର୍କରେ ସୂଚନା ଦେଲେ । ସେ ଏକଥା ମଧ୍ୟ କହିଲେ ଯେ ଆପଣ ତାଙ୍କର 'ଗୋଟ୍ ଡେଜ୍' ବହିଟି ପଢ଼ନ୍ତୁ, ନିଶ୍ଚୟ ଭଲ ଲାଗିବ । ମୋର ଫେରିବା ସମୟ ହୋଇ ଯାଉଥିଲା । ମୁଁ ତାଙ୍କୁ ଧନ୍ୟବାଦ ଦେଇ ଚାଲି ଆସିଲି । ମନ ଭିତରେ ବହିର ନାଁଟି ରହି ଯାଇଥାଏ । ଭୁବନେଶ୍ୱର ଫେରି ବହିଟି ମଗେଇଲି ।

ପ୍ରଫେସର୍ ପିଲାଇଙ୍କ ଠାରୁ ଏହି ବହି ସମ୍ପର୍କରେ ସୂଚନା ପାଇଲା ବେଳେ ମୁଁ କଦାପି ଭାବିନଥିଲି ଯେ ଏହା ମୋତେ ଏତେ ପ୍ରଭାବିତ କରିବ ଯେ ମୁଁ ତାହାର ଅନୁବାଦ କରି ବସିବି । 'ଗୋଟ୍ ଡେଜ୍'ର କାହାଣୀ ମୋତେ ଏମିତି ଅସ୍ତବ୍ୟସ୍ତ କରିଦେଲା ଯେ ମୁଁ ତାହାର ଅନୁବାଦ ନ ସାରିଲା ଯାଏଁ ଶାନ୍ତିରେ ବସି ପାରିଲି ନାହିଁ । ଦୁର୍ଦ୍ଦଶା ଓ ଦୁଃସମୟ ସହ ସଂଗ୍ରାମ କରି ଆଗକୁ ବଢ଼ିଥିବା ଏବଂ କଷ୍ଟକର ସମୟ ଭିତରେ ଜୀବନ କାଟିଥିବା ମଣିଷମାନଙ୍କ ପ୍ରତି ମୋର ସବୁବେଳେ ଶ୍ରଦ୍ଧା ଓ ସମ୍ମାନ । ମୋର ବିଶ୍ୱାସ, ସେମାନଙ୍କ ସଂଘର୍ଷର କାହାଣୀ ଅନ୍ୟମାନଙ୍କୁ ଦୁଃଖକଷ୍ଟ ସହି ଜୀବନ ଜିଇବାକୁ ପ୍ରେରଣା ଦିଏ । ସେଥିପାଇଁ, ମୋ ଭାଷାର ପାଠକପାଠିକା ଏଇ ବହିଟି ପଢ଼ନ୍ତୁ ବୋଲି ମୋର ଇଚ୍ଛା ହେଲା, ସେଇ ଇଚ୍ଛାରୁ ଏହି ଅନୁବାଦ ।

ବହିଟିର କାହାଣୀ ସମ୍ପର୍କରେ ଅଧିକ କହିବା ଦରକାର ନାହିଁ । ଏତିକି କହିବି, ଆପଣ ଏଇଟିକୁ ପଢ଼ିବା ଆରମ୍ଭ କଲେ ନସାରି ରହି ପାରିବେ ନାହିଁ । ମାଲାୟାଲମ୍ ଭାଷାରେ ଏହାର ଶହେରୁ ଅଧିକ ସଂସ୍କରଣ ପ୍ରକାଶ ପାଇଛି । ଏହାଛଡ଼ା ବହିଟି ଇଂରାଜୀ ସମେତ ଅନେକଗୁଡ଼ିଏ ଭାଷାକୁ ଅନୂଦିତ ହୋଇ ସାରିଲାଣି । ମୁଁ ଏହାର ଇଂରାଜୀ ଅନୁବାଦରୁ ଓଡ଼ିଆ ମର୍ମାନୁବାଦ କରିଛି । ମୋର ଓଡ଼ିଆ ଅନୁବାଦକୁ ପ୍ରକାଶ କରିଥିବାରୁ ମୁଁ ଆର୍ଯ୍ୟବେଦାନ୍ତ ପବ୍ଲିକେସନ୍ସ ଅନୁଷ୍ଠାନକୁ ଧନ୍ୟବାଦ ଜଣାଉଚି, ଯିଏ 'ପେଙ୍ଗୁଇନ୍ ଇଣ୍ଡିଆ' ଠାରୁ ଏହାର ଓଡ଼ିଆ ଅନୁବାଦ ଅଧିକାର ହାସଲ କରିଛନ୍ତି । ଏହାର ମୁଖ୍ୟ ଶ୍ରୀମାନ ମହେନ୍ଦ୍ର ପ୍ରସାଦ ଏହା ସଂଗ୍ରହ କରି ନଥିଲେ ମୋର ଓଡ଼ିଆ ଅନୁବାଦ ସମ୍ଭବ ହୋଇନଥାନ୍ତା । ଏ ନେଇ ମୋ ନିଜର ଗୋଟିଏ ତିକ୍ତ ଅଭିଜ୍ଞତା ଅଛି । ଗତ ଶତକର ଅଶୀ ଦଶକରେ ରେଭେନ୍ସାରେ ପଢୁଥିବା ବେଳେ ମୁଁ ପ୍ରସିଦ୍ଧ ମରାଠୀ ଔପନ୍ୟାସିକ ଭି.ଏସ୍. ଖଣ୍ଡେକରଙ୍କର 'ଯଯାତି' ଉପନ୍ୟାସର ଓଡ଼ିଆ ଅନୁବାଦ କରିଥିଲି । ସେତେବେଳେ ମୁଁ ଛାତ୍ର ଏବଂ ଲେଖକ ସମାଜରେ ସମ୍ପୂର୍ଣ୍ଣ ଅପରିଚିତ । ବହିଟିର ଇଂରାଜୀ ପ୍ରକାଶକଙ୍କ ପାଖରୁ ଅନୁବାଦ ଅଧିକାର ଆଣିବା ଲାଗି ମୁଁ କେତେଜଣ ଅଧ୍ୟାପକ ଏବଂ ପ୍ରତିଷ୍ଠିତ ଲେଖକଙ୍କ ଆଗରେ ଗୋଡ଼ଭାଙ୍ଗି ଛିଡ଼ା ହୋଇଥିଲି । ମାତ୍ର କେହି ମୋ କଥାକୁ ଗୁରୁତ୍ୱ ଦେଲେ ନାହିଁ । ଶେଷକୁ ଜଣେ ନାଟ୍ୟକାର-ଅଧ୍ୟାପକ କୁଣ୍ଡାର ସହ ଜଣେ ଓଡ଼ିଆ ପ୍ରକାଶକଙ୍କୁ କହି ଚିଠିଟିଏ ଲେଖାଇଲା ବେଳକୁ ଖବର ପାଇଲି ଯେ ଅନ୍ୟ ଜଣେ ପ୍ରତିଷ୍ଠିତ ଅନୁବାଦକ ସାରିଥିବା 'ଯଯାତି'ର ଓଡ଼ିଆ ଅନୁବାଦ ସେଇ ବାଲୁବଜାରର ଆଉ ଏକ ପ୍ରକାଶକ ଛାପି ସାରିଲେଣି । ମୋର ଦେଢ଼ବର୍ଷର ପରିଶ୍ରମ ବୃଥା ଗଲା । ଅନେକ ଦିନ ପର୍ଯ୍ୟନ୍ତ 'ଯଯାତି'ର ଓଡ଼ିଆ ଅନୁବାଦର ମୋଟା ପାଣ୍ଡୁଲିପି ଖାତା ଯୋଡ଼ିକ ମୋ ବହିଥାକରେ ରହି ମୋତେ ସଚେତନ କରି ଦେଉଥିଲେ ଯେ, ମୂଳ ପ୍ରକାଶକ କିମ୍ବା ଲେଖକଙ୍କ ଠାରୁ ଅନୁବାଦ ଅଧିକାର ନଆଣି କେବଳ ସାହିତ୍ୟ ପ୍ରେମରେ କୌଣସି ବହିର ଅନୁବାଦ କରିବସିଲେ ପରିସ୍ଥିତି ଏଇ ପ୍ରକାର ତିକ୍ତ ହେବ ।



କିପରି ବଢ଼ ହେଉଥିଲା, ସେଥିରେ ଫୁଲ୍ ଓ ଫଳ ଧରୁଥିଲା ଏବଂ ମରୁଭୂମିର ମାଟି ଭିତରେ ତା'ର ଭବିଷ୍ୟତ ବଂଶଧର ପାଇଁ ମଞ୍ଜି ଓ ମୂଳ ଛାଡ଼ି ଯାଉଥିଲା । ପ୍ରକୃତିର ଏଇ ଅଦ୍ଭୁତ ରହସ୍ୟ ମୋତେ ମୁଗ୍ଧ କରୁଥିଲା । ଏହି ଗଛ ଓ ଗୁଳ୍ମମାନେ ବାସ୍ତବରେ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କଥା ଶିକ୍ଷା ଦେଉଥିଲେ । ସେଇ ଛୋଟ ଛୋଟ ଗଛର ପତ୍ରଗୁଡ଼ିକ ପବନରେ ଦୋହଲୁ ଦୋହଲୁ ମୋ କାନ ପାଖରେ ଥିରି ଥିରି ହେଇ କହୁଥିଲେ- "ନଜିବ୍, ତୁ ଏ ମରୁଭୂମିର ପାଳିତ ସନ୍ତାନ । ଆମ ପରି ତୁ ମଧ୍ୟ ତୋ ପ୍ରାଣ ଶକ୍ତିକୁ ବଞ୍ଚେଇ ରଖିବୁ ଏବଂ ଏଇ ମରୁଭୂମି ସହିତ ଯୁଝୁଥିବୁ ।"(ପୃଷ୍ଠା:୧୩୮)

ଏ ଅଭିସମ୍ପାତମୟ ଜୀବନ ଭିତରେ ତା' ଭିତରେ ତଥାପି ଉଜ୍ଜୀବିତ ସୌନ୍ଦର୍ଯ୍ୟବୋଧ ଓ କାରୁଣ୍ୟର ଏ ଅଦ୍ଭୁତ ମିଶ୍ରରାଗକୁ ଟିକେ ଶୁଣନ୍ତୁ ତ, ହୁଏତ ମୋ ଭଳି ଆପଣଙ୍କୁ ବି ଏହା ଛୁଇଁଯିବ ।

– "ମୋତେ ଯଦି କେହି ପଚାରେ ଯେ ମରୁଭୂମିରେ ମୁଁ ଦେଖିଥିବା ସବୁ ଦୃଶ୍ୟ ଭିତରୁ ସୁନ୍ଦରତମ ଦୃଶ୍ୟଟି କଅଣ, ତାହାହେଲେ ମୁଁ ଉତ୍ତର ଦେବି- ସୂର୍ଯ୍ୟାସ୍ତ । ଏହି ସମୟରେ ସୂର୍ଯ୍ୟ ସତେକି ନାଲି କଇଁଛଟିଏ ପରି ଧୀରେ ଧୀରେ ବାଲି ତଳକୁ ଗଳିପଡ଼େ । ତା'ପରେ ସଂପୂର୍ଣ୍ଣ ବୁଡ଼ିଯାଏ ସୂର୍ଯ୍ୟ । ମୁଁ କେତେ ସହସ୍ରଥର ଭାବିଥିବି ସୂର୍ଯ୍ୟାସ୍ତର ଏହି ଚମତ୍କାର ଦୃଶ୍ୟ ଦେଖିବା ପାଇଁ ସାଇନୁ ମୋ ପାଖେ ଥାଆନ୍ତା କି ! ଯଦିଓ ମୁଁ ସବୁବେଳେ ମୋ ଘର, ଗାଁ ଗଣ୍ଡା, ସାଇନୁ ଓ ମୋ ପିଲାପିଲିଙ୍କ କଥା ମନଠୁଁ ଦୂରରେ ରଖିବା ଲାଗି ଚେଷ୍ଟା କରୁଥିଲି ତଥାପି ସେସବୁ ବାରମ୍ବାର ମୋ ଭିତରକୁ ଧସେଇ ପଶି ଆସୁଥିଲେ । ତା'ପରେ ଆଉ ମୋ ମନ ଥୟ ଧରୁ ନଥିଲା । ଛାଟିପିଟି ହେଲା ପରି ଲାଗୁଥିଲା ନିଜକୁ । ଭଲ ଦୃଶ୍ୟଟିଏ ଦେଖିବା ବେଳେ ତାକୁ ଦେଖାଇବା ପାଇଁ ପାଖରେ କୌଣସି ପ୍ରିୟ ଲୋକ ନଥିଲେ ମନଟା ଭାଙ୍ଗିପଡ଼େ, ସେଥିପାଇଁ ମୁଁ ସୂର୍ଯ୍ୟାସ୍ତ ପାଖରୁ ମୁହଁ ବୁଲାଇ ଅନ୍ୟ ଆଡ଼କୁ ଚାହୁଁଥିଲି ଓ ମୋ ଖଟ ଉପରେ କଡ଼ମାଡ଼ି ଶୋଇ ପଡୁଥିଲି । ସତେକି ମୁଁ ଗୋଟେ ମଣିଷ ନୁହେଁ, ଗୋଟେ ଲାୱାରିସ୍ ଶବ ।" (ପରିଚ୍ଛେଦ: ଚବିଶ, ପୃଷ୍ଠା:୧୫୦)

ଦୁଃଖ, ଯାତନା, ବିଶ୍ୱାସ, ଅବିଶ୍ୱାସ, ସାଲିସ୍ ଓ ସଂଘର୍ଷ ଭିତର ଦେଇ ତା' ଜୀବନ ଗତି କରୁଥିବା ବେଳେ ଦିନେ ଅଲୌକିକ ଘଟଣାଟିଏ ଘଟିଯାଏ । ଅଚାନକ ଦିନେ ତ୍ରାଣକର୍ତ୍ତା ସାଜି ତା' ପାଖରେ ପହଂଚିଯାଏ ଅଚିହ୍ନା ମଣିଷ

## ପ୍ରକାଶକ ମହେନ୍ଦ୍ର ପ୍ରସାଦଙ୍କ ବକ୍ତବ୍ୟ



୨୦୧୫ ମସିହାରେ ବିଶିଷ୍ଟ ଲେଖକ ଏବଂ ମୋର ପ୍ରିୟ ମଣିଷ ଗୌରହରି ଦାସ ଏହି ବହି **'Goat Days'** କଥା ମୋତେ କହିଲେ । ପେଙ୍ଗୁଇନ୍‌ରୁ ଅନୁମତି ଆଣିବା ଦିଗରେ ସେ ମୋର ସହଯୋଗ ଲୋଡ଼ିବାରୁ ମୁଁ ଦିଲ୍ଲୀ ଯାଇ ଏହି ବ୍ୟବସ୍ଥା କରିଥିଲି । ପରେ ସେ ବହିଟି ଯେତେବେଳେ ପଢ଼ିଲି, ସେତେବେଳେ ମୋର ଦୃଢ଼ ଧାରଣା ହେଲା, ଓଡ଼ିଆ ଭାଷାରେ ଏହି ବହିଟି ପ୍ରକାଶିତ ହେଲେ ଆମର ପାଠକପାଠିକା ନିଶ୍ଚିତ ଉପକୃତ ହେବେ । ପ୍ରଥମ ସଂସ୍କରଣ ପ୍ରକାଶନ ବେଳେ ବିଶିଷ୍ଟ ଚିତ୍ରଶିଳ୍ପୀ ସୁଧାକର ବିଶ୍ୱାଳ ଏବଂ ଅଶୋକ ପରିଡ଼ାଙ୍କ ସହଯୋଗ ଭୁଲି ହେବ ନାହିଁ । ଜଣେ ପ୍ରକାଶକ ଭାବରେ ନୁହେଁ, ଜଣେ ସାହିତ୍ୟକର୍ମୀ ଭାବରେ ଏ ବହିଟି ମୁଁ ପ୍ରକାଶ କରିଥିଲି । ମୋର ଦୃଢ଼ ବିଶ୍ୱାସ ଏହାର ଦ୍ୱିତୀୟ ସଂସ୍କରଣ ମଧ୍ୟ ଶୀଘ୍ର ସରିଯିବ । ଏ ବହିଟି ପ୍ରକାଶ କରିଥିବା ଯୋଗୁଁ ମୁଁ ଖୁବ୍ ଆନନ୍ଦିତ ।

ଆର୍ଯ୍ୟ ବେଦାନ୍ତ ପବ୍ଲିକେଶନ୍ସ, ଭୁବନେଶ୍ୱର

## ପ୍ରକାଶକ ସୁଧାଂଶୁ ପ୍ରଧାନଙ୍କ ବକ୍ତବ୍ୟ




ବେନିୟାମିନ୍‌ଙ୍କ ମାଲୟାଲାମ୍ ଭାଷାର ଉପନ୍ୟାସ 'ଆଡୁ ଜୀବିଥମ୍'ର ଯୋଶେଫ୍ କୋୟିପାଲୀଙ୍କ ଦ୍ୱାରା ଅନୂଦିତ କୃତି 'ଗୋଟ୍ ଡେଜ୍'ର ଭାଷାନ୍ତର କରିଥିବା ବିଶିଷ୍ଟ କଥାକାର ଗୌରହରି ଦାସଙ୍କ 'ଛେଳି ଚରେଇବା ଦିନ'ର ପ୍ରଥମ ସଂସ୍କରଣର ବିତରକ ରୂପେ ଆମ ସଂସ୍ଥା ମାତ୍ର ଦୁଇ ମାସ ଭିତରେ ସମସ୍ତ କପି ନିଃଶେଷ କରି ଦେଇଥିଲା ।

ଏହି ପୁସ୍ତକର ଅନେକ ପାଠକ କହିଛନ୍ତି ଯେ ଏକ ମୌଳିକ ଉପନ୍ୟାସ ପଢ଼ିଲା ଭଳି ସେମାନେ ଅନୁଭବ କରିଛନ୍ତି ଓ ମୁଗ୍ଧ ହୋଇଛନ୍ତି । ବରିଷ୍ଠ କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, କଥାକାର ମନୋଜ ଦାସ, ବିଭୂତି ପଟ୍ଟନାୟକ, ହର ପ୍ରସାଦ ଦାସ, ଦେବଦାସ ଛୋଟରାୟ ଓ ଅଜୟ ସ୍ୱାଇଁଙ୍କ ସଂକ୍ଷିପ୍ତ ବକ୍ତବ୍ୟ ପଢ଼ିଲା ପରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବା ସଂକ୍ରାନ୍ତରେ ଆମକୁ ଚିନ୍ତା କରିବାକୁ ପଡ଼ିଲାନି । ଆମେ ପ୍ରକାଶ କରିଥିବା ଏହି ଦ୍ୱିତୀୟ ସଂସ୍କରଣର ବିପଣନ ମଧ୍ୟ ଆମ ପାଇଁ ଉତ୍ସାହଜନକ ।

ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ


ମନୋଜ ଦାସ


ବିଭୂତି ପଟ୍ଟନାୟକ


ଦେବଦାସ ଛୋଟରାୟ


ଅଜୟ ସ୍ୱାଇଁ

- ଅଦ୍ୟାବଧି ଯେ ମଣିଷକୁ କ୍ରୀତପଶୁ ସମତୁଲ ବ୍ୟବହାର କରାଯାଇପାରେ, ସେ ବାସ୍ତବତାର ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଛେଳି ଚରେଇବର ଦିନ । ସ୍ୱନାମଧନ୍ୟ କଥା ସାହିତ୍ୟିକ ଶ୍ରୀମାନ୍ ଗୌରହରି ଦାସଙ୍କ କୃତ ଏ ଅନୁବାଦ ସାବଲୀଳତା ଏବଂ ଯଥାର୍ଥ ଶବ୍ଦଚୟନରେ କୁଶଳତା ଦୃଷ୍ଟିରୁ ଆମ ଅନୁବାଦ ସାହିତ୍ୟରେ ଏକ ବିରଳ ଦୃଷ୍ଟାନ୍ତ ରୂପେ ପରିଗଣିତ ହେବ ।

**ମନୋଜ ଦାସ**

- 'ଛେଳି ଚରେଇବାର ଦିନ' ହେଉଛି ହତଭାଗ୍ୟ ନଜିବ୍ ମହମ୍ମଦର ଅବିଶ୍ୱାସ୍ୟ ଭୟାବହ ଅନ୍ତରଙ୍ଗ ଅନୁଭୂତିର ଅପୂର୍ବ ଆଲେଖ୍ୟ । ଆଦ୍ୟ କୈଶୋରରେ ଉଦୟନାଥ ଷଡ଼ଙ୍ଗୀଙ୍କ ଅନୂଦିତ ଉପନ୍ୟାସ 'ଟମ୍ କକାଙ୍କ କୁଟୀର' ପଢ଼ି ମୁଁ ଲୁହ ସମ୍ଭାଳି ପାରିନଥିଲି । ଏଇ ପରିଣତ ବୟସରେ ଗୌରହରି ଦାସଙ୍କ ଭାଷାନ୍ତରିତ ମାଲୟାଲୀ ଉପନ୍ୟାସ 'ଛେଳି ଚରେଇବାର ଦିନ' ଏକା ନିଶ୍ୱାସକେ ପଢ଼ି ଶେଷ କଲା ପରେ ଅନୁରୂପ ଅନ୍ତର୍ବେଦନାରେ ମୋର ସାରା ଦେହ ରୋମାଞ୍ଚିତ ହୋଇ ଉଠିଛି ।

**ବିଭୂତି ପଟ୍ଟନାୟକ**

- 'ଛେଳି ଚରେଇବାର ଦିନ' ପଢ଼ିଲା ବେଳେ, ମୋର J. M. Coetzeeଙ୍କର ୧୯୮୩ରେ ପ୍ରକାଶିତ 'Life and Times of Michael K' ହଠାତ୍ ମନେ ପଡ଼ିଲା । ଦୁଇଟି କାହାଣୀରେ ରୁକ୍ଷ ପ୍ରକୃତି ଓ ରିକ୍ତ ଜୀବନର ଅଦ୍ଭୁତ Tango । ଗୌରହରିଙ୍କ ଅନୁବାଦ ଏକ ଜୀବନ୍ତ ଦୁଃସ୍ୱପ୍ନର ଜଳଛବି ।

**ଦେବଦାସ ଛୋଟରାୟ**

- ବେନିୟାମିନ୍‌ଙ୍କ ଚର୍ଚ୍ଚିତ ଉପନ୍ୟାସ 'ଛେଳି ଚରେଇବାର ଦିନ' ଅନୁସୃଜନ କରି ଗୌରହରି ତାଙ୍କ ସଫଳ ସୃଜନରେ ଆଉ ଏକ ପୃଷ୍ଠା ଯୋଡ଼ିଛନ୍ତି ।

**ଅଜୟ ସ୍ୱାଇଁ**

ଇବ୍ରାହିମ୍ କାଦିର୍, ଯିଏ ତାକୁ ଏ ନର୍କରୁ ଉଦ୍ଧାର କରେ ଓ ଯେମିତି ଆକସ୍ମିକ ଭାବରେ ସେ ଉଭା ହେଇଥିଲା ଠିକ୍ ସେମିତି ରହସ୍ୟମୟ ଭାବରେ ପୁଣି ଉଭାନ୍ ହେଇଯାଏ !

ନଜିବ୍ ମନରେ ସେଇ ଗୋଟିଏ ପ୍ରଶ୍ନ- କୁଆଡ଼େ ଅନ୍ତର୍ଦ୍ଧାନ ହେଇଗଲା ତା' ଉଦ୍ଧାରକର୍ତ୍ତା ଇବ୍ରାହିମ୍ ! କିଏ ଏଇ ଇବ୍ରାହିମ୍ କାଦିର୍ ? ସେ କ'ଣ ମହାପୁରୁଷ ମୋଜେସ୍ ? ନା ନିରାପତ୍ତାର ଦ୍ୱାରଦେଶରେ ତାକୁ ପହଞ୍ଚାଇ ଦେଇ ଅଦୃଶ୍ୟ ହେଇଯାଇଥିବା ସେ କ'ଣ ଭାଗ୍ୟ ନିୟନ୍ତା ସ୍ୱୟଂ ଈଶ୍ୱର !

ଏ ରହସ୍ୟ, ରହସ୍ୟ ହେଇ ରହିଛି । ରହିଥାଉ ।

ନିକଟରେ ଅନୁବାଦକ ଶ୍ରୀଯୁକ୍ତ ଦାସ ଉଲ୍ଲେଖ କରିଛନ୍ତି ଯେ 'ଛେଳି ଚରେଇବାର ଦିନ'ର ପ୍ରଥମ ସଂସ୍କରଣର ସବୁ କପି ବିକ୍ରି ସରିଛି ଯା' ଭିତରେ । ୨୪୨ ପୃଷ୍ଠା ବିଶିଷ୍ଟ ବହୁ ଚର୍ଚ୍ଚିତ ଏ ପୁସ୍ତକଟିକୁ ପଢ଼ି ପାରିନଥିବା ପାଠକପାଠିକାଙ୍କ ପାଇଁ ଏବେ ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଛନ୍ତି କଟକର ସମ୍ଭ୍ରାନ୍ତ ପ୍ରକାଶନୀ ସଂସ୍ଥା 'ଫ୍ରେଣ୍ଡସ୍ ପବ୍ଲିଶର୍ସ' ।

ଆମମାନଙ୍କ ଭିତରୁ ଯୋଉମାନେ ନିଜ-ନିଜର ସୌଭାଗ୍ୟ କି ସ୍ୱାଧୀନତାକୁ ନେଇ ତଥାପି ସନ୍ଦୀହାନ, ସେମାନେ ଉପନ୍ୟାସଟିକୁ ନିଶ୍ଚୟ ଥରେ ପଢ଼ନ୍ତୁ ।

ଲକ୍ଷ୍ମୀ ବ୍ୟାଙ୍ଗଲସ୍, ଜାନାନା ହସ୍ପିଟାଲ ରୋଡ୍,
ବ୍ରହ୍ମପୁର-୭୬୦୦୦୧
ଫୋନ୍ : ୭୦୦୮୯୨୩୨୯୬

ଅନୁଶୀଳନ-୧

# ଗିରିଜାଙ୍କ ଦେଶ ଭାରତବର୍ଷ



‘ଭାରତବର୍ଷ’ର ସ୍ରଷ୍ଟା କବି ଗିରିଜା ବଳୀୟାରସିଂହ

# ଉତ୍ତୀର୍ଣ୍ଣ ଅନ୍ତର୍ଲିଖନର ଅମଳିନ ଆଭା: ଭାରତବର୍ଷ




**ଡକ୍ଟର ଭରତ ବେହେରା**

**ଏମ୍.ଆଇ.ଜି.- ୨୨, ଜି.ଏସ୍ ନଗର, ଜଗତପୁର, କଟକ-୭୫୪୦୨୧,**
**ଫୋନ: ୯୪୩୭୫୭୦୧୨୦**


ଗିରିଜାକୁମାର ବଳୀୟାରସିଂହ । ଓଡ଼ିଆ କବିତା ଜଣେ ଆତ୍ମଲୀନ କବି । ପନ୍ଦରରୁ ଉର୍ଦ୍ଧ୍ୱ କବିତା ସଂକଳନର ସ୍ରଷ୍ଟା । ଶବ୍ଦ ଚୟନରେ ଧୂରୀଣ ସେ । ଜଣେ ନିରୋଳା ଓ ନିଆରା କବି । ମୁଖ୍ୟତଃ ଜଣେ ସନେଟ୍ କବିତା ଲେଖୁଥିବା ଅଦ୍ୱିତୀୟ କବି ସେ । ସେକ୍ସପିଅର୍ ନାଟ୍ୟକାର ହେଲେ ବି, କବି ଭାବରେ କିଛି ଊଣା ନୁହଁନ୍ତି । ତାଙ୍କ ସ୍ୱଳ୍ପ ଜୀବଦ୍ଦଶାରେ ୧୫୩ଟି ସନେଟ୍ ଲେଖିଥିବା ବେଳେ ଗିରିଜା ୧୫୦୦ରୁ ଉର୍ଦ୍ଧ୍ୱ କବିତା (ସନେଟ୍) ଲେଖି ସାରିଲେଣି । ଅଧିକନ୍ତୁ ସନେଟ୍ କବିତା ସର୍ଜନା ଏବେ ମଧ୍ୟ ଜାରି ରହିଛି । ଅନ୍ୟପକ୍ଷରେ, ସନେଟ୍ ବାହାରେ ମଧ୍ୟ ସେ ବେଶ୍ ସଂଖ୍ୟକ କବିତା ସର୍ଜନା କରିଛନ୍ତି । ତାଙ୍କ ସନେଟ୍‌ର ବିଷୟବସ୍ତୁ ହେଉଛି ପ୍ରେମ, ସମୟ ଓ ଅନୁଶୀଳନ । ତାଙ୍କ କାବ୍ୟାନୁଶୀଳନ ହେଉଛି, ମହାଭାରତୀୟ ଜୀବନ-ଦର୍ଶନ ।

**॥ ଏକ ॥**

ସତରେ ଗୋଟେ ବିସ୍ମୟ ସେ । ଶବ୍ଦର ଅସରନ୍ତି ଭଣ୍ଡାର । ଏତେ ଶବ୍ଦର ଜୟଯାତ୍ରା କୌଣସି ଓଡ଼ିଆ କବିଙ୍କ କବିତାରେ ପରିଦୃଷ୍ଟ ହୁଏ ନାହିଁ । ନିଶ୍ଚିତ ଭାବରେ ସେ ଜଣେ ଶବ୍ଦ ସ୍ରଷ୍ଟା । ଶବ୍ଦର ସର୍ଜକ କିଏ ? ବିଶିଷ୍ଟ କବି, ସମ୍ପାଦକ ଓ ବ୍ୟାକରଣବିତ୍ ସରୋଜ ରଞ୍ଜନ ମହାନ୍ତି କହନ୍ତି, "କବି ଓ ଗଣମାଧ୍ୟମ ହେଉଛନ୍ତି ଶବ୍ଦର ସର୍ଜକ ।" ସଂଯୋଗବଶତଃ କବି କିଛି କାଳ ଗଣମାଧ୍ୟମରେ କାର୍ଯ୍ୟ କରି ବହୁ ଶବ୍ଦ ଆୟତ୍ତ କରିପାରିଛନ୍ତି । ତାଙ୍କ କବିତ୍ୱ ସମ୍ପର୍କରେ କବି ରମାକାନ୍ତ ରଥ କହନ୍ତି, "ଗୀତରେ କଥାକହିବା ଶିଖିଲ କିପରି ?" କବି ସୀତାକାନ୍ତ ମହାପାତ୍ରଙ୍କ ମନଛୁଆଁ ମତାମତ ଏମିତି : "ତୁମର ସବୁ ବହି ପ୍ରିୟବନ୍ଧୁ, ଝଲକାଏ ଝଲକାଏ ମୁଖରିତ ହାଓ୍ୱା ହୋଇ ମୋତେ ଆସି ଛୁଏଁ ।" ରୋମାଣ୍ଟିକ୍ ଓ ସୋସିଆଲିଷ୍ଟ୍ ଲେଖକ ବିଭୂତି ପଟ୍ଟନାୟକଙ୍କ ମତାମତ ଏପରି: "ମୁଁ ତମ କବିତା ପ୍ରେମିକ ।"

ପ୍ରଥମରୁ କୁହାଯାଇଛି ଗିରିଜା ହେଉଛନ୍ତି ଶବ୍ଦର ଅନ୍ତହୀନ ଖଣି । ଦେବଦାସ ଛୋଟରାୟଙ୍କ ମତରେ, "ତୁମେ କେତେ ଶବ୍ଦ ଜାଣିଛ ସତରେ, ଆଉ କି ସହଜରେ ଛନ୍ଦ ଆସେ ତୁମ ଭିତରେ ।" ଅଧିକନ୍ତୁ ତାଙ୍କ କବିତ୍ୱ ପରାକାଷ୍ଠାରେ ବିସ୍ମୟ ପ୍ରକାଶ କରନ୍ତି କଥାକାର ଦେବ୍ରାଜ ଲେଙ୍କା । ତାଙ୍କର ବିସ୍ମୟାଭିଭୂତ ଶବ୍ଦ : "ବାବାଃ...ମୁଁ ସ୍ତବ୍ଧ, ଅଭିଭୂତ, ଚକିତ । ମୂର୍ଚ୍ଛା ଓ ପତନ । ହାଃ...ହାଃ ଏମିତି କବିତା ଆଉ କିଏ ଏବେ ଲେଖୁଛନ୍ତି, କାହିଁ ମୁଁ ତ ପାଉନି ।" ସତରେ କବି ଯେଉଁ ଶବ୍ଦ ଓ ଶୈଳୀ ପ୍ରୟୋଗ କରି ସର୍ଜନା କରନ୍ତି, ତାହା ଅନନ୍ୟ, ଅସାଧାରଣ । ଦୀପକ ମିଶ୍ରଙ୍କ ଉଚ୍ଚାଟିତ ଶବ୍ଦ ଏମିତି: "ଏତେ ସୁନିପୁଣ ଦକ୍ଷତା ଏ ସମୟର କୌଣସି କବିଙ୍କର ନାହିଁ, ଏତକ ମୁଁ ନିଃସଙ୍କୋଚରେ ଓ ନିର୍ବିବାଦରେ ଲେଖି ଦେଉଛି, ଗ୍ରହଣ କରିବା ନକରିବା ତୁମ କାମ ।"

ଭାରତୀୟ ଜୀବନବୋଧ ଓ ପରିଚୟ ବଡ଼ ଜଟିଳ ଓ ରହସ୍ୟମୟତାରେ ପରିପୂର୍ଣ୍ଣ । ତାକୁ ବିଶ୍ଳେଷଣ କରିବା ସହଜ ନୁହେଁ । ତା' ସତ୍ତ୍ୱେ ସେ ଗଭୀର ଅନ୍ତର୍ମୁଖୀ ପ୍ରବଣ ହୋଇ ଯଥେଷ୍ଟ ଅଧ୍ୟୟନ ଓ ଅନୁଶୀଳନ କରିଛନ୍ତି ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । କହିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଜାତିର ଜନକ ମହାତ୍ମାଗାନ୍ଧୀ ଭାରତୀୟ ସାମାଜିକ-ମନସ୍ତାତ୍ତ୍ୱିକ ଓ ରାଜନୀତିକ ଜୀବନକୁ ତନ୍ନ ତନ୍ନ ବିଶ୍ଳେଷଣ କରି ବିଧିବଦ୍ଧ ପଥ ଓ ଉପାୟ ନିର୍ଦ୍ଦେଶ କରିଥିଲେ । ଫଳଶ୍ରୁତି ସ୍ୱରୂପ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଥିଲେ । ସଂଭବତଃ, ସେଥିପାଇଁ ସେ ମହାତ୍ମା ପଦବାଚ୍ୟ । ଅନୁରୂପ ଭାବରେ, ଗିରିଜା ମହାଭାରତୀୟ ଜୀବନଦର୍ଶନକୁ ଖୁଣ୍ଟି ସାଉଁଟି ଅଧ୍ୟୟନ କରିଛନ୍ତି, ଯାହାର ପରିଣତି ହେଉଛି 'ଭାରତବର୍ଷ' କବିତା ସଂକଳନ । ଏହାର ପ୍ରଥମ ପ୍ରକାଶ କାଳ ହେଉଛି ୨୦୦୩ ମସିହା । ଇତ୍ୟବସରରେ ଏହାର ସପ୍ତଦଶ ସଂସ୍କରଣ ପ୍ରକାଶିତ । ଏଥିପାଇଁ କବିଙ୍କୁ ବହୁ ଉଜାଗର ରାତି ବିତେଇବାକୁ ପଡ଼ିଛି । ବର୍ଷ ପରେ ବର୍ଷ ତେତିଶ ବର୍ଷ ଅଧ୍ୟୟନର ଫଳଶ୍ରୁତି ହେଉଛି 'ଭାରତବର୍ଷ'ର ମୁଖ ଦର୍ଶନ । "ଭାରତବର୍ଷ ତେତିଶ ବର୍ଷର ତତଲା ସ୍ପର୍ଶ । ମୋ ଜର୍ଜରିତ ଜନ୍ମାନ୍ତର କେଉଁ କୁମାରୀ ପ୍ରେମର କଳ୍ପ ପ୍ରବାସରେ ।" **(ଭାରତବର୍ଷ, ପୃ.୧୩)**

ସାମଗ୍ରିକ ଭାବରେ 'ଭାରତବର୍ଷ' କବିତା ଗ୍ରନ୍ଥ ତିନି ଭାଗରେ ବିଭକ୍ତ । ଭାରତବର୍ଷ, ପକ୍ଷୀପୁରାଣ ଓ ମହାଭାରତବର୍ଷ । ଭାରତବର୍ଷ ଭୂମିକୁ ସୂଚାଉଥିବା ବେଳେ ପକ୍ଷୀପୁରାଣ ଆତ୍ମା ବା ଉଡ଼ାଣର ପ୍ରତୀକ ଓ ମହାଭାରତ ବର୍ଷ ଭୂମାର ପ୍ରତୀକ । ଅଧିକନ୍ତୁ, ଅନ୍ୟ ଅର୍ଥରେ ସଂପୃକ୍ତ ଗ୍ରନ୍ଥ ଛଅ ଭାଗରେ ବିଭକ୍ତ । ବ୍ୟାସକୂଟ, ଅଷ୍ଟାଦଶ ପର୍ବ, ଭ୍ରଥଖଣ୍ଡ, ୨୦୦୦-୦୨ (ଶୀର୍ଷକ ବିହୀନ କବିତା), ପକ୍ଷୀପୁରାଣ ଓ ମହାଭାରତବର୍ଷ । ବ୍ୟାସକୂଟ ଶୀର୍ଷକରେ ପାଞ୍ଚଟି ଦୀର୍ଘ କବିତା, ଗଦ୍ୟ କବିତା, ସନେଟ୍ ଓ ଅଣ-ସନେଟ୍ କବିତା ପୁସ୍ତକର ମାନକୁ ଉର୍ଦ୍ଧ୍ୱକୁ ତୋଳି ଧରିବାରେ ସହାୟକ ହୋଇଛି । ଦୀର୍ଘ ତେତିଶ୍ ବର୍ଷ କଷ୍ଟଲବ୍ଧ ଫଳ ହେଉଛି 'ଭାରତବର୍ଷ' । ଗିରିଜାଙ୍କର ଏହି ଗ୍ରନ୍ଥ ହେଉଛି ସର୍ବ ବୃହତ୍ ଗବେଷଣାର ପରିଣତି, ଯାହା କେଶ୍ ଷ୍ଟଡ଼ି ଢଙ୍ଗରେ ସମାପ୍ତ ହୋଇଛି । କବି, ଉପକ୍ରମକୁ ମଙ୍ଗଳାଚରଣ ବୃତ୍ତରେ ପ୍ରକାଶ କରିଛନ୍ତି ଏବଂ ଏହାର ଅନ୍ୟନାମ 'ଅଭାରତେୟ' ଉଚ୍ଚାରଣ କରି ଭାରତୀୟ ଜୀବନବୋଧର ସୀମାରେଖାକୁ ଦିଗ୍‌ବଳୟ ସେପାଖ ଯାଏ ପ୍ରଲମ୍ବିତ କରାଇଛନ୍ତି ।

ଗଭୀର ଅଧ୍ୟୟନର ଶୀର୍ଷ ଦେଶରେ ପହଞ୍ଚିଲେ ଚେତନାର ଦୁଇ ପ୍ରକାର ଉପଲବ୍ଧି ଅନୁଭୂତ ହୁଏ । ହୁଏତ ଅତିମାନସ ଚେତନା ସ୍ତରକୁ ମଣିଷ, ସମାଜ, ଦେଶବାସୀ, ରାଷ୍ଟ୍ର ଓ ରାଷ୍ଟ୍ର ଶାସନ ଅବନତ ହୋଇଥାନ୍ତି କିମ୍ବା ମୁକ୍ତ ଚେତନା ହେତୁବାଦୀ ଜୀବନ ଓ ଶାସନ ଧାରାକୁ ଗ୍ରହଣ କରାଯାଇପାରେ । ପ୍ରଥମ ଦିଗଟି

ସହଜ,  ଦ୍ୱିତୀୟ ଦିଗ ନିଶ୍ଚୟ କଷ୍ଟସାପେକ୍ଷ । କାରଣ, ଭିନ୍ନ ଭିନ୍ନ ଜାତି, ଗୋଷ୍ଠୀ, ଧର୍ମ ସମ୍ପ୍ରଦାୟ ଓ ଶ୍ରେଣୀକୁ ନେଇ ସମାଜ ଗଠିତ ହୋଇଥାଏ । ଏହିସବୁ ଉପାଦାନ ବିଭେଦକ ଓ ବିଭାଜକର ଭୂମିକା ପାଳନ କରିଥାନ୍ତି । ଫଳତଃ, ଜୀବନ ରହସ୍ୟବାଦର ଭଉଁରୀ ଭିତରେ ଚିରକାଳ ଉବୁଟୁବୁ ହେଉଥାଏ । ଯୁଗ ଯୁଗାନ୍ତରର ଆବର୍ତ୍ତରୁ ମୁକ୍ତ ହେବା ଏତେ ସହଜ ନୁହେଁ । କ୍ୱଚିତ କବି, ଲେଖକ, ଦାର୍ଶନିକ, ଚିନ୍ତାନାୟକ ଏଥିରୁ ମୁକ୍ତ । ବେଶି ବେଶି ଲୋକ ଗତାନୁଗତିକ ରାସ୍ତାରେ ଚାଲିବାକୁ ନିରାପଦ ମନେ କରିଥାନ୍ତି । ପ୍ରତିବାଦୀ ରାସ୍ତା ସବୁବେଳେ ବିପଜ୍ଜନକ ଓ କଣ୍ଟକିତ । ଭାରତୀୟ ଜୀବନବୋଧ ରହସ୍ୟ, ଆଧିଦୈବିକ, ଆଧିଭୌତିକ, ଆଧ୍ୟାତ୍ମିକ ଓ ପାରଲୌକିକ ଦର୍ଶନରେ ଆଚ୍ଛାଦିତ । ଗିରିଜାଙ୍କ ଅଧ୍ୟୟନ ଓ ଅନୁଶୀଳନର ନିଷ୍କର୍ଷ ରହସ୍ୟବୋଧ ଉପରେ ପ୍ରତିଷ୍ଠିତ । ସେହି ବାଗରେ, ଢଙ୍ଗରେ କବି ଭାରତୀୟ ଜୀବନକୁ ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ପ୍ରଚଳିତ ପ୍ରବହମାନତାରେ ହସ୍ତକ୍ଷେପ କରିବାକୁ ଚାହିଁ ନାହାଁନ୍ତି । ସମ୍ଭବତଃ, କାବ୍ୟିକ ହସ୍ତକ୍ଷେପ ମୌଳିକ ଚିନ୍ତନକୁ ବାଟବଣା କରିବାର ସମ୍ଭାବନା ଅଧିକ । ମୌଳିକ ଚିନ୍ତନରେ ହସ୍ତକ୍ଷେପ ନକରିବା ପାଇଁ ସେ ଦୀର୍ଘବର୍ଷ କଠୋର ଅଧ୍ୟୟନ ଜନିତ ତପସ୍ୟା କରିଛନ୍ତି । କାବ୍ୟପୁରୁଷର 'ଅଭାରତେୟ' ଅବଧାରଣା ବିଶ୍ୱ ମନୁଷ୍ୟର ସ୍ପଷ୍ଟ ପରିଚୟ ।

ଗିରିଜା, ଅନ୍ଧ ଭାବରେ ଭାରତୀୟ ଧାର୍ମିକ ଜୀବନର ଅବତାରବାଦକୁ ସ୍ୱୀକାର କରିବାକୁ ନାରାଜ୍ । କାରଣ ସେହିସବୁ ଅବତାର ଦେବତାମାନଙ୍କର ବୋଲି ସେ ହୃଦ୍‌ବୋଧ କରିଛନ୍ତି । କାବ୍ୟନାୟକ ମଣିଷର ଅବତାର ସପକ୍ଷରେ ମତବ୍ୟକ୍ତ କରିଛନ୍ତି । ମଣିଷ ଅବତାର ହିଁ ଅତିମାନସ ଚେତନାର ପ୍ରକୃତ ପ୍ରତିଭୂ । ସବୁ ମଣିଷ ଯେଉଁଦିନ ଉନ୍ନତ, ପରିମାର୍ଜିତ ଚିନ୍ତାଚେତନାର ଅଧିକାରୀ ହେବେ ସେହି ସମୟର 'ଭାରତବର୍ଷ' ହିଁ ହେବ ଅସଲ ଭାରତବର୍ଷ ଅଥବା ମହାଭାରତବର୍ଷ । "ଭଗବାନର ନୁହେଁ, ମଣିଷର ଅବତାର ଯଦି ପ୍ରକୃତରେ ସମ୍ଭବ ହୁଏ, ତେବେ ତାହା ହିଁ ହେବ ଅସଲ ଅବତାର ଏବଂ ସେହି ଅବତାର ହିଁ ବାଟ ବତେଇବ ଅସଲ ଭାରତବର୍ଷ ଆଡ଼େ ।"**(ଭାରତବର୍ଷ, ପୃ.୮)** ମଣିଷ ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ଯଦିଓ ଅସମ୍ଭବ ମନେହୁଏ, ତେବେ ଏହା ସମ୍ଭବ ହୋଇପାରିବ ବୋଲି କବି ଦୃଢ଼ ଆଶାବାଦୀ ।

ପ୍ରାଚୀନ ଭାରତର ଅତୀତ ବଂଶବାଦ ଉପରେ ପ୍ରତିଷ୍ଠିତ । ସେ ସମ୍ପର୍କରେ ଗିରିଜାଙ୍କର ଅଭିବ୍ୟକ୍ତି ସ୍ପଷ୍ଟ । "ସଗର ବଂଶର ସନ୍ତାପରୁ ଯଦୁବଂଶର ଯବନିକା ଏବଂ ଶାକ୍ୟବଂଶର ଶ୍ମଶାନଯାତ୍ରାରୁ ଶବର ବଂଶର ଶୋକ ସଙ୍ଗୀତ ପର୍ଯ୍ୟନ୍ତ ବଂଶ ପରେ ବଂଶର ବାଜ୍ୟାପ୍ତି ଭାରତବର୍ଷର ଅବଚେତନରେ ଆଣି ସାରିଛି କାଳାନ୍ତରର କାରୁଣ୍ୟ, ବିଷାଦ ଯୋଗର ବୈରାଗ୍ୟ, କୈବଲ୍ୟର ବୈକଲ୍ୟ ।"**(ଭାରତବର୍ଷ, ପୃ.୧୨)** କାବ୍ୟପୁରୁଷ ବଂଶବାଦକୁ ଅସ୍ୱୀକାର କରିଥିଲେ ବି ତାହା ଆଜି କଠୋର ବାସ୍ତବତାରେ ପରିଣତ । ହୋଇପାରେ ତାହା ଅଗ୍ରଗତିର ପରିପନ୍ଥୀ । ସମକାଳୀନ ଭାରତର ବିମର୍ଷ ଦୃଶ୍ୟ ଦେଖି କବି ମ୍ରିୟମାଣ । ଯେମିତି "ମାଟି ଆଜି ଘାଟି, ଗୃହ ଆଜି ବ୍ୟୂହ, କୀଟରୁ କୀଚକ ଯାଏଁ ଆଜି ବି ଏକ କୁତ୍ସିତ କୂଟଚକ୍ର ଏଠି । ରୁଗ୍ଣ ରାଜନୀତି ଏବଂ ଋଣୀ ଅର୍ଥନୀତିର ମତ୍‌ଲବୀ ମଧୁଚନ୍ଦ୍ରିକା ଆଜି ଭଲ ପାଇବାର ଭାରତବର୍ଷକୁ କରି ସାରିଛି ଗୋଟିଏ ଗୈରିକ ଗଣ୍ଡଶିଳା । ଧର୍ମର ଧର୍ଷଣ, ଶାସ୍ତ୍ରର ଶୋଷଣ, ସଂହିତାର ସଂହାର, ସ୍ମୃତିର ସତ୍କାର, ସତ୍ତ୍ୱର ସଙ୍କଟ ମଧ୍ୟରେ ପ୍ରତ୍ନ-ଭାରତର ପ୍ରଶ୍ନ ଆଜି ଅନୁତ୍ତରିତ । **(ଭାରତବର୍ଷ, ପୃ.୧୩)**

**॥ ଦୁଇ ॥**

ଭାରତୀୟ ଜୀବନ-ଦର୍ଶନ ଅତିମାତ୍ରାରେ ସମ୍ମୋହକ । ଇହଲୋକ ଅପେକ୍ଷା ପାରଲୌକିକ ଜଗତକୁ ଗୁରୁତ୍ୱ, ଅସ୍ତିତ୍ୱ ଅପେକ୍ଷା ଅଣ-ଅସ୍ତିତ୍ୱ ଉପରେ ପ୍ରାଧାନ୍ୟ, ବ୍ୟବସ୍ଥାକୁ ଅଣଦେଖା କରି ଜନ୍ମାନ୍ତରବାଦ, କର୍ମଫଳ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଆସିଛି । ସେହି ଅନୁଯାୟୀ, ଭାରତୀୟ ଶିକ୍ଷା, ସାହିତ୍ୟ, ସଂସ୍କୃତି, ରାଜନୀତି, ଅର୍ଥନୀତି ଓ ସକଳ ବିଭାଗ ଆଚ୍ଛାଦିତ । ଯୁଗଯୁଗାନ୍ତରରୁ ଗଢ଼ି ଆସିଥିବା ଧ୍ୟାନ ଧାରଣାରୁ ମୁକ୍ତ ହେବା ଏତେ ସହଜ ନୁହେଁ । ଏହାର କାରଣ କଣ ? "ବୈଦିକ ଯୁଗରୁ ଆରମ୍ଭ କରି ସମସ୍ତ ପ୍ରାଚୀନ ଯୁଗରେ ଭାରତରେ ଯେତେ ପ୍ରକାର ସାହିତ୍ୟ ଆତ୍ମପ୍ରକାଶ କରିଥିଲା ସେପରି ଅଗାଧ ସାହିତ୍ୟ ପୃଥିବୀର ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳି ନାହିଁ । ଅଥଚ, ଏହା ଏକ ଆଶ୍ଚର୍ଯ୍ୟର ବିଷୟ ଯେ, ପ୍ରାଚୀନ ଭାରତର ମନୀଷୀମାନେ ସେମାନଙ୍କ ସମୟରେ ଘଟି ଯାଉଥିବା ଘଟଣାବଳୀର ଧାରାବାହିକ ବିବରଣୀ ଲେଖି




▼ସାମ୍ନାସାମ୍ନି ସୃଜନର ଦୁଇ ସାଥୀ : ଭରତ ବେହେରା ଓ ଗିରିଜା କୁମାର

ନଥିଲେ । ଅର୍ଥାତ୍, ଇତିହାସ ରଚନା ପ୍ରତି ସେମାନଙ୍କ ମନ ଆକୃଷ୍ଟ ହୋଇ ନଥିଲା + + + ଫଳରେ ଭାରତର ପ୍ରାଚୀନ ଇତିହାସ ଧାରାବାହିକ ରୂପରେ ପ୍ରକାଶ ଲାଭ କରିପାରିଲା ନାହିଁ । ଅତୀତର ଅନେକ ଘଟଣା ଭବିଷ୍ୟତ ପାଇଁ ଅଜଣା ରହିଗଲା ।" **(ମନ୍ମଥନାଥ ଦାସ, ଗଣେଶ୍ୱର ନାୟକ, ବିନୋଦ ବିହାରୀ ଶତପଥୀ: ଭାରତ ଇତିହାସ, ପୃ.୩, ବିଦ୍ୟାପୁରୀ, କଟକ, ନୂତନ ସଂସ୍କରଣ-୨୦୧୭)** ।

ଅନ୍ୟ ଜଣେ ବିଶିଷ୍ଟ ଐତିହାସିକଙ୍କ ମତାମତ ମଧ୍ୟ ପ୍ରଣିଧାନ ଯୋଗ୍ୟ । "ପ୍ରାଚୀନ କାଳରେ ଭାରତର ଇତିହାସ ଲିପିବଦ୍ଧ ହୋଇନଥିଲା । କାରଣ ସେତେବେଳେ ଏହି ଦେଶରେ ପ୍ରାଚୀନ ଗ୍ରିସ୍‌ର ହେରୋଡଟସ୍(Herodotus) ଥୁସିଡାଇଡସ୍ (Tacitus) ଓ ଲିଭି (Livy)ଙ୍କ ଭଳି କୌଣସି ଐତିହାସିକ ନଥିଲେ । ତତ୍କାଳୀନ ଭାରତୀୟ ବିଦ୍ୱାନମାନେ ଦର୍ଶନଶାସ୍ତ୍ର, ଧର୍ମଶାସ୍ତ୍ର, ବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ର ତଥା କଳା ସମ୍ବନ୍ଧୀୟ ଗ୍ରନ୍ଥ ରଚନା କରିବା ଦିଗରେ ମନୋନିବେଶ କରିଥିଲେ । + + + ରାଜନୀତିକ ଘଟଣାବଳୀକୁ ଲିପିବଦ୍ଧ କରିବା ଦିଗରେ ଧ୍ୟାନ ନଦେଇ ଭାରତୀୟ ସଂସ୍କୃତିର ଉନ୍ନତି ସାଧନ ଦିଗରେ ଅଧିକ ଧ୍ୟାନ ଦେଇଥିଲେ ।" **(ଜଗନ୍ନାଥ ପଟ୍ଟନାୟକ, ନିହାର ରଞ୍ଜନ ପଟ୍ଟନାୟକ: ଭାରତ ଇତିହାସ, ପୃ.୨, ନାଳନ୍ଦା, କଟକ, ପରିମାର୍ଜିତ ସଂସ୍କରଣ, ୨୦୧୭)** ସୁତରାଂ, ବାସ୍ତବତା ବଦଳରେ ମେଟାଫିଜିକ୍ସର ପ୍ରାବଲ୍ୟ ଭାରତୀୟ ଜୀବନବୋଧକୁ କାବୁ କରି ରଖିଛି ।

ଗିରିଜାଙ୍କ 'ଭାରତବର୍ଷ' ଛଅ ଅଧ୍ୟାୟକୁ ନେଇ ସମୃଦ୍ଧ ।

୧. ବ୍ୟାସକୂଟ, ୨. ଅଷ୍ଟାଦଶ ପର୍ବ, ୩. ଭୂଥଖଣ୍ଡ, ୪. ଶୀର୍ଷକ ବିହୀନ ଷାଠିଏଟି କବିତା ୨୦୦୦-୨୦୦୨, ୫.ପକ୍ଷୀ ପୁରାଣ, ୬. ମହା ଭାରତବର୍ଷ । ବ୍ୟାସକୂଟ ଅଧ୍ୟାୟ ପୁଣି ପାଞ୍ଚଟି ଉପ ଅଧ୍ୟାୟରେ ବିଭକ୍ତ । ଏଥିରେ ସନେଟ୍ ଓ ଅଣ-ସନେଟ୍ ଉଭୟ କବିତା ସ୍ଥାନିତ । ବ୍ୟାସକୂଟ ବ୍ୟତୀତ ଅନ୍ୟ ପାଞ୍ଚ ଅଧ୍ୟାୟରେ ସ୍ଥାନିତ ସମସ୍ତ କବିତା ସନେଟ୍‌ଭୁକ୍ତ । ବ୍ୟାସକୂଟର ଆଭିଧାନିକ ଅର୍ଥ ହେଉଛି ବ୍ୟାସଦେବ କୃତ କତିପୟ ଦୁର୍ବୋଧ୍ୟ ଶ୍ଲୋକ । ତେବେ ଗିରିଜାଙ୍କର ବ୍ୟାସକୂଟ ଦୁର୍ବୋଧ୍ୟ ନହୋଇ ସୁବୋଧ୍ୟ ହୋଇଛି । ଏହାର ପ୍ରଥମ ଉପକଥାରେ କାବ୍ୟପୁରୁଷ ମହାଭାରତ ଯୁଦ୍ଧର ଅବସାନ ପରେ ଯୁଦ୍ଧ କ୍ଷତିଗ୍ରସ୍ତ ଦୃଶ୍ୟର କାରୁଣ୍ୟ ଚମତ୍କାର ଢଙ୍ଗରେ ପର୍ଶି ଦେଇଛନ୍ତି ପାଠକ



ସାମ୍ନାରେ । ଭାରତବର୍ଷର ଅସ୍ତିତ୍ୱକୁ କବି ଖୋଜିଛନ୍ତି ଅତ୍ୟଦ୍ଭୁତ ଅନିସନ୍ଧିତ୍ସୁ ଦୃଷ୍ଟିରେ । ଆପଣା ଜନ୍ମିତ ଗାଁ 'ବାଜପୁର'ରୁ ଆବିଶ୍ୱ ଭ୍ରମଣ କରିଛନ୍ତି ଭାବ ରାଜ୍ୟରେ, ମନ୍ଥିଛନ୍ତି ବେଦ, ଉପନିଷଦ, ପୁରାଣ, ଜ୍ୟୋତିଷ ଶାସ୍ତ୍ରର ପ୍ରତ୍ୟେକ ପୃଷ୍ଠାକୁ । ପରିଶେଷରେ ସେ ଗାୟତ୍ରୀ ମନ୍ତ୍ର ପାଖରେ ପଦପାତ କରିଛନ୍ତି । ଖୁବ୍ ହାର୍ଦ୍ଦିକତାର ସହ ସେ ଭାରତର ଅତୀତ ଇତିହାସକୁ ଅଧ୍ୟୟନ କରିଛନ୍ତି । ତତ୍କାଳୀନ ଭାରତର ଇତିହାସ, ଧର୍ମ, ଜାତି, ନୀତି, ଦର୍ଶନ ଓ ଜ୍ୟୋତିଶାସ୍ତ୍ରକୁ ବୁଝାଏ ।

'ବ୍ୟାସକୂଟ' ଦ୍ୱିତୀୟ ଉପକଥାରେ କାବ୍ୟନାୟକ ଦେବତା-ରାକ୍ଷସଙ୍କ ଯୁଦ୍ଧ ଏବଂ ଯୁଦ୍ଧରେ ଦେବତାଙ୍କର ପରାଜୟ ସହ ରାମାୟଣ, ମହାଭାରତ ଓ ତା'ର ମୁଖ୍ୟ ଚରିତ୍ରଙ୍କର ଜନ୍ମ ରହସ୍ୟକୁ ଚମତ୍କାର ଶୈଳୀରେ ପ୍ରକାଶ କରିଛନ୍ତି । ପ୍ରତୀକ ମାଧ୍ୟମରେ ଉପସ୍ଥାପିତ ତା'ର ଗୋଟେ ଉଦ୍ଧୃତି ଏମିତି:

"ଦୟନୀୟ ଦେବତାର ଦଳ
ଦାନବର ଦୁର୍ଗ ଦ୍ୱାରପାଳ ।" **(ଭାରତବର୍ଷ, ପୃ.୬୧)**

'ପକ୍ଷୀପୁରଣ' ଶୀର୍ଷକରେ ଗିରିଜା ଯେଉଁ କେତୋଟି କବିତା ସର୍ଜନା କରିଛନ୍ତି, ତାର ମୂଳଦୁଆ ବ୍ୟାସକୂଟରୁ ଆରମ୍ଭ ହୋଇଛି । ଯେମିତି:

"ଛିନ୍ନା ହତ ଜୀର୍ଣ୍ଣାୟୁ ଜଟାୟୁ
କାନ୍ଦେ ସ୍ୱର୍ଗ, କାନ୍ଦେ ବର୍ଗ
କାନ୍ଦେ ବାସ୍ତୁ, କାନ୍ଦେ ବାୟୁ
ପ୍ରାଣ ପରମାୟୁ ।"**(ଅତ୍ରୈବ, ପୃ.୬୧)**

ଅନୁରୂପ ଭାବରେ ମହାଭାରତର ବିଶିଷ୍ଟ ଚରିତ୍ରମାନଙ୍କର ଜନ୍ମ ରହସ୍ୟକୁ କାବ୍ୟପୁରୁଷ ସଯତ୍ନ ପ୍ରକାଶ କରିଛନ୍ତି । ଯେମିତି:

"ବ୍ରହ୍ମ ଚର୍ଯ୍ୟବ୍ରତ ଭାଙ୍ଗେ
ବାଗ୍ମୀ ବେଦବ୍ୟାସ...
ଭଦ୍ର ଭରଦ୍ୱାଜ ଭାଙ୍ଗେ
ଉଗ୍ର ଉପବାସ
\+ + + +
ଜାତ ହୁଏ ମନ୍ତ୍ର ଗୁରୁଶୁକ
ଜନ୍ମ ନିଏ ଅସ୍ତ୍ରଗୁରୁ ଦ୍ରୋଣ
\+ + + +
ତନୁର ତୀର୍ଥରେ ତାର ତିଳତିଳ
ତୃଷ୍ଣାର ତପସ୍ୟା
ମୁନିର ମଥୁନ ମନ୍ତ୍ରେ
ମତ୍ସ୍ୟଗନ୍ଧା ବଶ୍ୟା ।" **(ପୃ.୬୭,୬୯)**

ପ୍ରେମର ଶକ୍ତି (Power of love) ଅସୀମ । ଶାଶ୍ୱତ ପ୍ରେମ ଠାରୁ ଶରୀର ପ୍ରେମର ଶକ୍ତି ଅଧିକ ବଳଶାଳୀ, ପ୍ରେରଣାଦାୟୀ ମଧ୍ୟ । ସମଗ୍ର ପୋଥି ପୁରାଣ ସ୍ୱକୀୟା ଓ ପରକୀୟାରେ ଉବୁଟୁବୁ । ଦୈହିକ ପ୍ରେମ ନିକଟରେ ମୁନିଋଷିଙ୍କର କୌପୀନ ବୋଲ ମାନିନାହିଁ । ଅପସରୀ ମାନଙ୍କ ଶରୀର ନିକଟରେ ଦେବତା ବି ଅବନତ । ପ୍ରସଙ୍ଗକ୍ରମେ ଶକୁନ୍ତଳାଙ୍କ ଜନ୍ମ ଓ ତାଙ୍କ ଗର୍ଭରୁ ଜନ୍ମିତ ପୁତ୍ର ଭରତଙ୍କ ନାମାନୁସାରେ ଭୂଥଖଣ୍ଡର ନାମକରଣକୁ ଗିରିଜା ବେଶ୍ ଛୋଟ ଛୋଟ ଶବ୍ଦରେ ପ୍ରକାଶ କରି ଚମତ୍କାର କାବ୍ୟକଳାର ପ୍ରମାଣ ଦେଇଛନ୍ତି । ଉଦ୍ଧୃତିଟି ଏମିତି:

"ଯୋଗ ଓ ଯୌବନ ମଧ୍ୟେ
ଜନ୍ମ ନିଏ ଶୁଭ୍ରା ଶକୁନ୍ତଳା
ମୀନଗର୍ଭେ ମର୍ମରିତ ସେ ଦିନର
ଶକୁନ୍ତଳୀ ସ୍ମୃତି !
ଭରତର ଭୂଚିତ୍ରରେ ଟେଇଁ ଉଠେ
ବିଚିତ୍ର ଭୂଖଣ୍ଡ, ଭିନ୍ନ ଭୂଥଖଣ୍ଡ ।" **(ପୃ. ୭୩, ୭୬)**

ବ୍ୟାସକୂଟ ତୃତୀୟ ଏପିସୋଡ୍‌ରେ କାବ୍ୟନାୟକ ବାଲ୍ମୀକିଙ୍କ ଉଚ୍ଚାରିତ ଆଦିଶ୍ଳୋକରୁ ଆରମ୍ଭ କରି ଧସି ପଡୁଥିବା ଦୁର୍ଗର ସମୟଖଣ୍ଡ ପର୍ଯ୍ୟନ୍ତ ପରିବ୍ୟାପ୍ତ ।

ପୂର୍ବ ଉପକଥା ଭଳି ସଂପୃକ୍ତ ଉପକଥା ଉଭୟ ରାମାୟଣ ଓ ମହାଭାରତ ମହାକାବ୍ୟର କିଛି କିଛି ଘଟଣା ପ୍ରବାହକୁ ଗୁରୁତ୍ୱ ପ୍ରଦାନ କରିଛି । ତା'ସହିତ ସତ୍ୟ, ତ୍ରେତା, ଦ୍ୱାପର ଓ କଳିଯୁଗର ଘଟଣାକୁ ବିଶ୍ଳେଷଣ କରିଛନ୍ତି ଗିରିଜା । ପ୍ରଥମରୁ କୁହାଯାଇଛି 'ବ୍ୟାସକୂଟ' ହେଉଛି ବ୍ୟାସଦେବ କୃତ ମହାଭାରତର ଦୁର୍ବୋଧ୍ୟ ଶ୍ଳୋକର ସମାହାର । କାବ୍ୟପୁରୁଷ ତାହାକୁ ସାଂପ୍ରତିକ ସମୟ ସହିତ ସଂଯୋଗ କରି ତା'ର ସରଳିକରଣ କରିବାକୁ ଉଦ୍ୟମ କରିଛି । ଏବର ସମୟରେ ଦୁଃସମୟକୁ ମୁଣ୍ଡେଇ ବାଟ ଚାଲୁଥିବା ଅହଲ୍ୟାଙ୍କୁ କିଏ ମୁକ୍ତ କରିବ ? ପଦ୍ମିନୀର ଦୁଃଖ କିଏ ଦୂର କରିବ ? କବି ରହସ୍ୟବାଦୀ । ତେଣୁ ଅତୀତର ଅନେକ ଘଟଣା ଦୁର୍ଘଟଣାକୁ ଗ୍ରହଣ କରି ନେଇଛନ୍ତି । କଥା ପୁରୁଣା ହେଲେ ସତ ଭଳି ଲାଗେ । 'ଭାରତ ବର୍ଷ'ର ସବୁଠୁ ବଡ଼ ଦିଗ ହେଉଛି କବି ଅତୀତକୁ ବୁଝିବାର ପ୍ରଚେଷ୍ଟା ଜାରି ରଖିଛନ୍ତି । କେତେକ ଘଟଣାକୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି । ଯେମିତି:

"ଅହଲ୍ୟାର ଆତ୍ମା ଆଜି
ପ୍ରାଣପାତେ ପ୍ରତ୍ୟେକ ପ୍ରସ୍ତରେ ।" (ପୃ.୯୫)

ଏକଦା, ଅଗ୍ରଗତିର ଶୀର୍ଷରେ ପହଞ୍ଚିଥିବା ରାଜତନ୍ତ୍ର ଏବେ ଧରାଶାୟୀ । ଅତୀତର ମହା ଦୁର୍ଗରୁ ଇଟାପଥର ଖସି ପଡ଼ି ଘାସ ଚରି ଗଲାଣି । ଯେମିତି:

"ଇତିହର ଇଟାସବୁ
ଖସେ ଖଣ୍ଡ ଖଣ୍ଡ
ପ୍ରତ୍ନର ପଞ୍ଜରା ପରେ
ପ୍ରଶ୍ନାବଳୀ ଲେଖିଯାଏ ଘାସ
ଭସ୍ମର ଏ ଭୂତକ୍ଷରୁ
ଉଠ, ଜାଗ, ଭବ୍ୟ ଭୂଥଖଣ୍ଡ ।" (ପୃ.୯୮)

ଏକଥା ସତ, ଭଗ୍ନସ୍ତୂପର ରୂପାନ୍ତର ହୋଇଛି । କିନ୍ତୁ ସେହି ସ୍ତୂପରେ ଆଉ କଣ ପୁରୁଣା ରଙ୍ଗ ବୋଲାଯାଇ ପାରିବ ?

'ବ୍ୟାସକୂଟ' ଚତୁର୍ଥ ଏପିସୋଡ଼ରେ କାବ୍ୟପୁରୁଷ ଭାରତର ସୁମହାନ ଅତୀତ, ନଦନଦୀ, ପାହାଡ଼ପର୍ବତ, ଗଛବୃଛ, ଲତାପତ୍ର, ଫୁଲଫଳ, ଆକାଶ, ନକ୍ଷତ୍ର, ସ୍ଥାବର ଜଙ୍ଗମ, ତୃଷ୍ଣା ତପସ୍ୟା, ଜ୍ୟୋତି ଜ୍ୟୋସ୍ନା, ସ୍ଥାନ ବିଶେଷରେ ବିଦିଶା, ମିଥିଳା, ତୋଷାଳି, ବୈଶାଳୀ, ଅବନ୍ତୀ, ମାଳବ, ଧଉଳି, ବେଳା ହିସାବରେ ସକାଳ, ଗୋଧୂଳି, ସଞ୍ଜ, ପ୍ରଳୟ, ବିଲୟ, ଭୂଧର ଅଧର, ନାଗର, ସାଗର, ଚିତ୍ର ବିଚିତ୍ର ଓ ଭୂଚିତ୍ରକୁ ଉପଜୀବ୍ୟ କରି ଭାରତବର୍ଷ ଗଠିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏ ବାବଦରେ କାବ୍ୟପୁରୁଷ ପ୍ରଶ୍ନ ପରେ ପ୍ରଶ୍ନ ଅନେକ ପ୍ରଶ୍ନ ପଚାରିଛନ୍ତି । କବିଙ୍କ ବକ୍ତବ୍ୟ ଏମିତି:

"ପର୍ବତ ପ୍ରମାଣ ପ୍ରଶ୍ନପତ୍ର
ସେ ସବୁର ଅନାସକ୍ତ ଅନୁତ୍ତର ତୁମେ
ବିମୂର୍ତ୍ତ ବିମର୍ଷ
ହେ ବ୍ୟଥା, ହେ ବ୍ୟଞ୍ଜନା ହେ ବିହଙ୍ଗ
ଭାରତବର୍ଷ ! ଭାରତବର୍ଷ !!" (ପୃ.୧୬୪)

କବି ଯାହା ଯାହାକୁ ପ୍ରଶ୍ନ କରିଛନ୍ତି ସେମାନେ ତ ବାକ୍‌ଶକ୍ତି ରହିତ । କିଏ ଦେବ ଯଥାର୍ଥ ଉତ୍ତର ? ଅନ୍ୟ ଗୋଟିଏ ପ୍ରାସଙ୍ଗିକ ଉଦ୍ଧୃତି ଏମିତି: "କେଉଁ ଝରକାରୁ / ମୁଁ ଦେଖିଲି ପୋତି ହୋଇ ଯାଇଥିବା ସମୟ ? + + + ସବୁ ନଦୀଜଳ ଯଦି ମିଠା / ତେବେ ସମୁଦ୍ରକୁ କେଉଁଠୁ ଆସେ ଲୁଣ ?" **(ନେରୁଦାଙ୍କ ପ୍ରଶ୍ନ କବିତା: ଅନୁବାଦ- ବିଷ୍ଣୁ ମହାପାତ୍ର, ପୃ. ୬୭ - ୭୦)**

ମହାଭାରତର ମହାନ ସଂସ୍କୃତି, ଦର୍ଶନକୁ ଅତ୍ୟନ୍ତ ବ୍ୟାକୁଳିତ ଭାବରେ, ସତୃଷ୍ଣ ନୟନରେ ଖୋଜିବାକୁ ଯେଉଁ ଆୟାସପୂର୍ଣ୍ଣ ଉଦ୍ୟମ କରିଥିଲେ 'ବ୍ୟାସକୂଟ' ପଞ୍ଚମ ଓ ଶେଷ ଉପକଥାରେ ଅବଶ୍ୟ ପାଇଛନ୍ତି । ବେଶ୍ ଗୋଟେ ସିଦ୍ଧାନ୍ତରେ କବି ପହଞ୍ଚଛନ୍ତି । ସଂପୃକ୍ତ ଉପକଥାରେ କାବ୍ୟପୁରୁଷ ଅତୀତର ସପ୍ତଋଷି, ସପ୍ତସମୁଦ୍ର, ସପ୍ତଲୋକ, ପଞ୍ଚଭୂତ, ଶ୍ଳୋକ, ଏଲୋରା, ଅଜନ୍ତା, କୋଣାର୍କ, ଦଶାବତାର, କାଠଯୋଡ଼ି ଠାରୁ ଭାରତର ପ୍ରମୁଖ ନଦୀ, ନକ୍ଷତ୍ର, ପ୍ରେମ, ପଶୁପକ୍ଷୀ, ବର୍ଣ୍ଣମାଳା, ସପ୍ତସ୍ୱର୍ଗ, ସପ୍ତଦ୍ୱୀପ, ସପ୍ତପାତାଳ, ବ୍ରହ୍ମ, ବେଦ, ଭେଦ, ପ୍ରଳାପ, ବିଳାପ, ବ୍ୟାସ, ଅପସରୀ, ଯଯାତି, ପାଣ୍ଡବ, କୌରବ, ଚାରିଯୁଗ, ଛଅଋତୁ, ଗଛଲତା, ପାଣିପବନ, ଅନ୍ନମୟ କୋଷରୁ ଆନନ୍ଦମୟ କୋଷ, ଲବଙ୍ଗଦ୍ୱୀପ, ଇଳା, ପିଙ୍ଗଳା, ସୁଷୁମ୍ନା, ସାକାର, ନିରାକାର, ଯୋଗ, ମୋକ୍ଷ, ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ ଓ ସର୍ବୋପରି ପୂର୍ଣ୍ଣାହୂତିର ଅନ୍ତିମ ପ୍ରାର୍ଥନାରେ ଖୋଜିଛନ୍ତି ଭାରତୀୟତାକୁ । ଗିରିଜାଙ୍କ ଭାରତୀୟତାର ରୂପରେଖ ଏମିତି:

"ରୂପ ନୁହଁ ରେଖା ନୁହଁ
ସୀମା ନୁହଁ ସରହଦ ନୁହଁ
ମାଟି ନୁହଁ ମାନଚିତ୍ର ନୁହଁ
ନଥି ନୁହଁ ନକ୍ସା ନୁହଁ
+ + + +
ଭବିଷ୍ୟଭୂମା ବଟପତ୍ରର
ଭ୍ରୂଣାୟମାନ + + + +
ହେ ଭାରତବର୍ଷ ।" (ପୃ.୧୭୮ -୧୯୬)

## ॥ ତିନି ॥

'ଭାରତବର୍ଷ' କବିତା ଗ୍ରନ୍ଥର ଦ୍ୱିତୀୟ ଅଧ୍ୟାୟ ହେଉଛି ଅଷ୍ଟାଦଶ ପର୍ବ । କବି ଭାରତୀୟ ଭାବଦର୍ଶନର ଉପାସକ । ଅଠରଟି କବିତାକୁ ନେଇ ଏହି ଅଧ୍ୟାୟ ସମୃଦ୍ଧ । ମନରେ ସ୍ୱତଃ ପ୍ରଶ୍ନ ଉଠେ, ଅଷ୍ଟାଦଶ ପର୍ବରେ ଅଠରଟି କବିତା କାହିଁକି ? ଯେହେତୁ ଗୀତାର ଅଧ୍ୟାୟ ସଂଖ୍ୟା ଅଠର, ପୁରାଣରେ ସଂଖ୍ୟା ଅଠର, ମହାଭାରତ ଯୁଦ୍ଧର ଅବଧି ଅଠର ଦିନ, ସେହି ନ୍ୟାୟରେ ହୁଏତ ଅଷ୍ଟାଦଶ ପର୍ବର ପରିକଳ୍ପନା । ଅଖଣ୍ଡ ଭାରତର ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତା ବହୁ ପ୍ରାଚୀନ । ଏହା ମେସୋପୋଟାମିଆ ସଭ୍ୟତାର ପାଖାପାଖି । କବି ଚିତ୍ରୋଉଳନ କଲାବେଳେ ସେ କେବେ ବ୍ୟଥିତ ତ ଆଉ କେବେ ଆହ୍ଲାଦିତ । ଭାରତବର୍ଷକୁ ସେ ଭିନ୍ନ ଭିନ୍ନ ଶବ୍ଦରେ ସମ୍ବୋଧିତ କରିଛନ୍ତି । ସମ୍ବୋଧନର ଶବ୍ଦ ଏମିତି । କେବେ ପ୍ରତ୍ନ, ସ୍ୱପ୍ନ, କ୍ଳାନ୍ତ, ଶାନ୍ତ, ରୁଗ୍ଣ, କ୍ଷୁବ୍ଧ, କ୍ଷୁର୍ଣ୍ଣ, ଚିର, ଜୀର୍ଣ୍ଣ, ଦିଲ୍ଲୀ, ପଲ୍ଲୀ, ମଲ୍ଲୀ, ଶୁଭ, ଭିଟା, ଦୀର୍ଘ, ପ୍ରସ୍ଥ ତ ଆଉ କେବେ ପଥ ଭାବରେ ସମ୍ବୋଧିତ କରିଛନ୍ତି ।

ବସ୍ତୁତଃ, ଇତିହାସକୁ ଜାଣିବା ପାଇଁ ପୁସ୍ତକ ପ୍ରତ୍ନତତ୍ତ୍ୱ ଓ ଜନଶ୍ରୁତି ହିଁ ମୁଖ୍ୟ ଉପାଦାନ । 'ଅଷ୍ଟାଦଶ ପର୍ବ' ଅଧ୍ୟାୟରେ ସଂରଚିତ ସନେଟ୍ କବିତା ଗୁଡ଼ିକ ପର୍ଯ୍ୟଟନ, ପ୍ରତ୍ନତତ୍ତ୍ୱ ଓ ପୌରାଣିକ ମିଥ୍ ଉପରେ ପର୍ଯ୍ୟବସିତ । ଏହି କବିତାଗୁଡ଼ିକ ସମକାଳର ସଂଘଟିତ ଘଟଣାବଳୀର ଗୋଟେ ଗୋଟେ ଜୀବନ୍ତ ଇସ୍ତାହାର । ଅବକ୍ଷୟୀ ଭାରତୀୟ ଜୀବନ ଦର୍ଶନକୁ ନେଇ କବି କେବେ ବ୍ୟଥିତ ତ ଆଉ କେବେ ଉଜାଗ୍ରତ ।

ପ୍ରସଙ୍ଗକ୍ରମେ ହରପ୍ପା ସଭ୍ୟତା ପତନର ଐତିହାସିକ କାରଣକୁ କାବ୍ୟପୁରୁଷ ନିଃସର୍ତ୍ତ ସମର୍ଥନ କରିଛି ।

ଭାରତୀୟ ସମାଜ ଜୀବନ ବହୁ ପରିମାଣରେ ଅସମାନ, ଭେଦଭାବ, ସାନବଡ଼, ଉଚ୍ଚନୀଚ ଭାବନାରେ ଭରପୂର । ଏସବୁର ଉପସ୍ଥିତି କେବେହେଲେ ଗୋଟେ ସୁସ୍ଥ ସମାଜ ଗଠନରେ ସହାୟକ ହେବ ନାହିଁ । ମହାଭାରତ ଯୁଦ୍ଧ ଅଠର ଦିନରେ ଶେଷ ହୋଇଥିଲା । ସମକାଳରେ ଯେଉଁ ଜୀବନ ଯୁଦ୍ଧ ଚାଲିଛି ତା'ର ପରିସମାପ୍ତି କେବେ ବୋଲି କାବ୍ୟ ନାୟକ ତୁହାକୁ ତୁହା ପ୍ରଶ୍ନ ପଚାରିଛି । ଯେମିତି:

"ହେ ଶ୍ରାନ୍ତ ଭାରତବର୍ଷ ! ଶେଷ କେବେ ଅଷ୍ଟାଦଶ ପର୍ବ ? / ଏଇ ଆସେ ଧୂଳିଝଡ଼...ଏଇ ଆସେ ଘୂର୍ଣ୍ଣି ଓ ଜୁଆର ।"(ପୃ.୪୨)

କାବ୍ୟପୁରୁଷ ଘୂର୍ଣ୍ଣି, ଜୁଆର ଓ ଧୂଳିଝଡ଼କୁ ଭାରତୀୟ ଶ୍ରେଣୀ ସଂଗ୍ରାମର ଗୋଟେ ଗୋଟେ ପ୍ରତୀକ ଭାବରେ ପ୍ରୟୋଗ କରିଛନ୍ତି । ସ୍ମରଣ ରଖିବାକୁ ହେବ ଯେ ସମାଜବାଦୀ ସମାଜ ବ୍ୟବସ୍ଥାର ପ୍ରଚଳନ ଲାଗି ଦର୍ଶା ଯାଇଥିବା ପଥ ବିଂଶ ଶତାବ୍ଦୀ ପାଇଁ ଯାହା ଥିଲା, ଏକବିଂଶ ଶତାବ୍ଦୀ ପାଇଁ ତାହା ଅଚଳ ହୋଇଯାଇଛି । ନୂଆ ରଣନୀତି ଓ କୌଶଳ ଗ୍ରହଣ କରିବାକୁ ହେବ । ଅନ୍ୟ କବିତାରେ କବି ଦରବୃଦ୍ଧ, ନକଲି ବିହନ, ନିଶାଦ୍ରବ୍ୟର ପ୍ରାବଲ୍ୟ, ଅପସଂସ୍କୃତିର ପ୍ରବେଶ, ଧର୍ମାନ୍ଧତା, ପରକୀୟା, ଗ୍ରାମ୍ୟ ଜୀବନର ମାଦକତା, ସତ୍ୟ ଉପରେ

ଅସତ୍ୟର ଜୁଲୁମ୍ ଓ ମୋଗଲ ସାମ୍ରାଜ୍ୟର ପୀଡ଼ନକୁ କଟାକ୍ଷ କରିବା ସଙ୍ଗେ ସଙ୍ଗେ ତଳ ଶ୍ରେଣୀ ମଣିଷକୁ ସାଗ୍ନିକ ପଥ ନିର୍ଦ୍ଦେଶ କରି ଅଷ୍ଟାଦଶ ପର୍ବର ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି । ଯେମିତି:

"ଏ ପଥ ତୁମର ପଥ । ମେହେନତି ମଣିଷର ପଥ.... / ଇତିହାସ ଟେକେ ଏଠି ଦାଆ ଏବଂ କୋଡ଼ି ଓ କୋଦାଳ / ହାତୁଡ଼ିର ଆଘାତରେ ଭାଙ୍ଗେ ପୁଣି ପୁଞ୍ଜିର ପର୍ବତ /ପୁରାଣର ପ୍ରେତ ଦେଖେ କୁଡ଼ କୁଡ଼ କୀର୍ତ୍ତିର କଙ୍କାଳ ।"**(ପୃ.୫୬)**

**॥ ଚାରି ॥**


'ଭୂଥଖଣ୍ଡ' ଅଧ୍ୟାୟରେ ସର୍ବମୋଟ ଦଶଟି କବିତା ସ୍ଥାନିତ । ଏହା ଉପରେ ଆଲୋକପାତ କରିବା ପୂର୍ବରୁ ଭୂତଖଣ୍ଡର ଅନ୍ତଃସ୍ୱର ଜାଣିବା ଏକାନ୍ତ ଆବଶ୍ୟକ । ବାସ୍ତବିକ୍ ଭୂତଖଣ୍ଡର ଅନ୍ୟନାମ ଭାରତବର୍ଷ ବା ଭାରତ ବା ଭାରତଖଣ୍ଡ । ଧର୍ମସିନ୍ଧୁ ଶବ୍ଦକୋଷର ବ୍ୟାଖ୍ୟାନ ଏମିତି: "କୁରୁବଂଶୀ ରାଜା ଦୁଷ୍ମନ୍ତଙ୍କ ପୁତ୍ର ଭରତ ଏହି ଦେଶର ଶାସକ ଥିଲେ ବୋଲି ତାଙ୍କର ନାମାନୁସାରେ ଏ ଦେଶର ନାମ ଭାରତବର୍ଷ ହୋଇଛି ବୋଲି ପଣ୍ଡିତମାନଙ୍କର ଓ ପୁରାଣ କାରଙ୍କର ମତ + + + + ଜମ୍ବୁଦ୍ୱୀପରେ ନଅଖଣ୍ଡ ଦେଶ ଅଛି । ତହିଁରୁ ଏକ ଖଣ୍ଡ ହେଉଛି ଭାରତ । ସେଥିପାଇଁ 'ଜମ୍ବୁ ଦ୍ୱୀପେ ଭୂଥଖଣ୍ଡେ' ପୁରାଣରେ ପଢ଼ାଯାଏ ।" **(ଧର୍ମସିନ୍ଧୁ ଶବ୍ଦକୋଷ: ସଂକଳିକା- କ୍ଷୀରୋଦ୍ରା ପରିଜା, ପୃ.୭୨୦, ପ୍ରଥମ ସଂସ୍କରଣ- ୨୦୧୨)** କୁହାଯାଏ, ପୃଥିବୀରେ ସାତଗୋଟି ଦ୍ୱୀପ ଅଛି, ଯଥା: ଶାକ, ଶାଳ୍ମଳୀ, ଜମ୍ବୁ, ପ୍ଲକ୍ଷ, କୁଶ, ପୁଷ୍କର ଓ କ୍ରୌଞ୍ଚ । ଭାରତବର୍ଷ ଜମ୍ବୁ ଦ୍ୱୀପରେ ଅବସ୍ଥିତ । ଅଧିକନ୍ତୁ, "ପୃଥିବୀର ବୃହତ ପର୍ବତ ଶ୍ରେଣୀ ମଧ୍ୟରେ ନଅଟି ବର୍ଷ ବା ଦେଶ ଅବସ୍ଥିତ । ଯଥା- ଭାରତବର୍ଷ, କିଂ ପୁରୁଷ ହରି, ରମ୍ୟକ, ହିରନ୍ମୟ, ଉତ୍ତର କୁରୁ, ଇଳାବର୍ତ୍ତ, ଭଦ୍ରାଶ୍ୱ ଓ କେତୁମାନବାକେତୁମାଳା ।"**(ଧର୍ମ ସିନ୍ଧୁ ଶବ୍ଦକୋଷ, ପୃ.୭୨୦)** ଦେଶ ବା ବର୍ଷ ଖଣ୍ଡ ଖଣ୍ଡ ହୋଇ ରହିଥିବାରୁ ଭାରତର ଅନ୍ୟ ନାମ ଭୂଥଖଣ୍ଡ । ସଂଭବତଃ, ଗିରିଜା ଏହି ଆଧାରରେ ଭୂଥଖଣ୍ଡର ପରିକଳ୍ପନା କରିଥିବା ଅନୁମାନ କରାଯାଏ । ସଂପୃକ୍ତ ଅଧ୍ୟାୟରେ କବି ଦଶଟି କବିତା ସ୍ଥାନିତ କରିବା ସଙ୍ଗେ ସଙ୍ଗେ ଦଶ ପ୍ରକାର ସମ୍ବୋଧନ କରିଛନ୍ତି । ସମ୍ବୋଧନର ଶବ୍ଦ ଖୁବ୍ କାବ୍ୟିକ ଲାଗେ । ଦେଶକୁ ସେ କେବେ ଉପ ଭାରତ ବର୍ଷ, ରୂପ ଭାରତ ବର୍ଷ, କଥା ଭାରତବର୍ଷ, ବ୍ୟଥା ଭାରତବର୍ଷ, ଗପ ଭାରତବର୍ଷ, ଗୀତ ଭାରତବର୍ଷ, ଗାଥା ଭାରତବର୍ଷ, ତୃଣ ଭାରତବର୍ଷ, ରସ ଭାରତବର୍ଷ ଓ ରଙ୍ଗ ଭାରତବର୍ଷ ବୋଲି ଉଚ୍ଚାରଣ କରି ଆତ୍ମୀୟତା ଭରି ଦେଇଛନ୍ତି । ଏହି ଅଧ୍ୟାୟରେ ବସ୍ତୁତଃ, ଲୋକକଳା, ଗୁଜବ, ପ୍ରବାଦ, ବାବନାଭୂତ, ସାଧବ ପୁଅ, ତଅପୋଇ, ଶବରୀ, ବୁଢ଼ୀ ଅସୁରୁଣୀ, ବଉଳା ଗାଈ, ଡାହାଣୀ ଆଲୁଅ, ସତୀଦାହ, ବେଣ୍ଟପୋଖରୀ ଭଳି କାଳ୍ପନିକ କଥାବସ୍ତୁକୁ ଆଧାର କରି ପ୍ରାଚୀନ ଭାରତୀୟ ଜୀବନବୋଧକୁ ଉଜାଗ୍ରତା କରିଛନ୍ତି ।

**॥ ପାଞ୍ଚ ॥**

'ଭାରତବର୍ଷ' କବିତା ଗ୍ରନ୍ଥର ପରବର୍ତ୍ତୀ ଅଧ୍ୟାୟ ହେଉଛି ଶୀର୍ଷକ ବିହୀନ, କିନ୍ତୁ ଏଥିରେ ପ୍ରକାଶିତ ଷାଠିଏଟି କବିତା ଶୀର୍ଷକଯୁକ୍ତ । ଅଧ୍ୟାୟର ଶୀର୍ଷକ, ଶବ୍ଦରେ ପ୍ରକାଶିତ ନହୋଇ ସଂଖ୍ୟାରେ ପ୍ରକାଶିତ । ୨୦୦୦-୦୨ ହେଉଛି ଏହାର ସଂଖ୍ୟାଗତ ଶୀର୍ଷକ । ଗିରିଜା କହନ୍ତି ଜୀବନ ଗୋଟେ ସଂଖ୍ୟା । ସୁତରାଂ ଶୀର୍ଷକ ପରିବର୍ତ୍ତେ ସେ ଏହାକୁ ସଂଖ୍ୟାରେ ପ୍ରକାଶିତ କରିବାକୁ ଉଚିତ୍ ମଣିଛନ୍ତି । କହିବା ବାହୁଲ୍ୟ କବି ପାବ୍ଲୋ ନେରୁଦାଙ୍କର କବିତା ଗ୍ରନ୍ଥ **'ସମୁଦ୍ର ଓ ଘଣ୍ଟି'**ରେ ପ୍ରକାଶିତ ମୋଟ ୪୯ଟି କବିତା ମଧ୍ୟରୁ ୩୨ଟି କବିତା ଶୀର୍ଷକ ବିହୀନ । କବିତା ଗ୍ରନ୍ଥର ଅନୁବାଦକ ବିଷ୍ଣୁ ମହାପାତ୍ର 'ପୁଣିଥରେ ନେରୁଦା' ମୁଖବନ୍ଧ ଶୀର୍ଷକରେ କହନ୍ତି, "ଅଣଚାଶ କବିତା ଭିତରୁ କେବଳ ସତରଟିର ଶୀର୍ଷକ ଅଛି । ସତେ ଯେପରି ନେରୁଦା ସୂଚେଇ ଦେଉଛନ୍ତି ଯେ କବି ସବୁକାଳେ କିଛି ଶୂନ୍ୟସ୍ଥାନ ଛାଡ଼ି ଯାଇଥାଏ ପାଠକଙ୍କ ପାଇଁ, ଆଗାମୀ କାଳ ପାଇଁ । ଆମର କାମ ହେଲା ତାକୁ କିଛି ପରିମାଣରେ ପୂର୍ଣ୍ଣ କରିବା" **(ସମୁଦ୍ର ଓ ଘଣ୍ଟି, ପୃ-୭, ଅନୁବାଦ: ବିଷ୍ଣୁ ମହାପାତ୍ର)** ସମ୍ଭବତଃ, ଗିରିଜା ଏହି ଅଧ୍ୟାୟର ଶୀର୍ଷକ କଣ ହେବ ପାଠକ ପରିସରକୁ ପଠେଇ ଦେଇଛନ୍ତି ।

ଗିରିଜାଙ୍କ 'ଭାରତବର୍ଷ' କବିତା ଗ୍ରନ୍ଥର ପରିଚିତି କଣ ? ସମାଲୋଚକ ନକୁଳ ଚନ୍ଦ୍ର ସାହୁ କହନ୍ତି, "ଗିରିଜାଙ୍କ 'ଭାରତବର୍ଷ' ସାମାନ୍ୟ ଭୂଗୋଳ ନୁହେଁ । ଏହା ଏକ ପ୍ରତୀକ । ସେ ପ୍ରତୀକ ଭଲପାଇବାର, ସଂସ୍କୃତିର ।" ପୁସ୍ତକ ସମ୍ପର୍କରେ ସେ ପୁଣି କହନ୍ତି, "ଏହା ଏକ ଜଟିଳ ତମ ପୁସ୍ତକ । ତା ଉପରେ ସମାଲୋଚନା ପ୍ରସ୍ତୁତ କରିବା ଅଧିକ ଜଟିଳତମ କାର୍ଯ୍ୟ । ଏହାର ଅନ୍ୟନାମ ଅପହଞ୍ଚ ଅରଣ୍ୟ । ଯେଉଁ ଅରଣର ଥଳକୂଳ କିଛି ନାହିଁ ।" ବାସ୍ତବିକ, ଗିରିଜାଙ୍କ 'ଭାରତବର୍ଷ' ଏକ ଅଭେଦ୍ୟ ଉପତ୍ୟକା, ତାକୁ ଠାବ କରିବା ଯେତିକି ଆୟାସସାଧ୍ୟ, ତତୋଧିକ ସମୟସାପେକ୍ଷ । କବିଙ୍କ ପ୍ରାଚୀନ ଭାରତୀୟ ପ୍ରେମର ପଟାନ୍ତର ନାହିଁ । ତା'ର ପର୍ଯ୍ୟାପ୍ତ ପ୍ରମାଣ ହେଉଛି ଦେଶ ପ୍ରତି ସମ୍ବୋଧନାବେଗ । ଏମିତିକି ପୁରାଣକାର ବି ଦେଶକୁ ଏତେ ଶବ୍ଦରେ ସମ୍ବୋଧିତ କରିନଥିବେ । କାବ୍ୟପୁରୁଷର ସମ୍ବୋଧନର ଦିଗନ୍ତ ଏମିତି:

"ହେ ଶୂନ୍ୟ ଭାରତବର୍ଷ, ହେ କକ୍ଷ ଭାରତବର୍ଷ ହେ ଭୂମି ଭାରତବର୍ଷ, ହେ ଭୂମା ଭାରତବର୍ଷ, ହେ ଶୃଙ୍ଗ ଭାରତବର୍ଷ, ହେ ତୀର୍ଥ ଭାରତବର୍ଷ, ହେ ଚିତ୍ର ଭାରତବର୍ଷ, ହେ ଚିହ୍ନ ଭାରତବର୍ଷ, ହେ ନିଦ୍ରା ଭାରତବର୍ଷ, ହେ ଭୂତ ଭାରତବର୍ଷ, ହେ ଭୂର୍ଜ ଭାରତବର୍ଷ, ହେ ଭ୍ରୂଣ ଭାରତବର୍ଷ, ହେ ଶିଶୁ ଭାରତବର୍ଷ, ହେ ସୂର୍ଯ୍ୟ ଭାରତବର୍ଷ, ହେ ଚନ୍ଦ୍ର ଭାରତବର୍ଷ, ହେ ତାରା ଭାରତବର୍ଷ, ହେ ଦ୍ୱୀପ ଭାରତବର୍ଷ, ହେ ଶିଖା ଭାରତବର୍ଷ, ହେ ରାତି ଭାରତବର୍ଷ, ହେ ରାଇ ଭାରତବର୍ଷ, ହେ ସଖା ଭାରତବର୍ଷ, ହେ ସଖୀ ଭାରତବର୍ଷ, ହେ କହ୍ନା ଭାରତବର୍ଷ, ହେ ଗତ ଭାରତବର୍ଷ, ହେ ନଷ୍ଟ ଭାରତବର୍ଷ, ହେ ଦୂର ଭାରତବର୍ଷ, ହେ ଜିନ ଭାରତବର୍ଷ, ହେ ଆତ୍ମା ଭାରତବର୍ଷ, ହେ ଦେହ ଭାରତବର୍ଷ, ହେ ଅଶ୍ରୁ ଭାରତବର୍ଷ, ହେ ଗୋପା ଭାରତବର୍ଷ, ହେ ବୋଧି ଭାରତବର୍ଷ, ହେ ସତ୍ତ୍ୱ ଭାରତବର୍ଷ, ହେ ଧର୍ମ୍ମ ଭାରତବର୍ଷ, ହେ ସଂଘ ଭାରତବର୍ଷ, ହେ ସଞ୍ଜ ଭାରତବର୍ଷ, ହେ ରାତ୍ରି ଭାରତବର୍ଷ, ହେ ଜହ୍ନ ଭାରତବର୍ଷ, ହେ ଭୋର୍ ଭାରତବର୍ଷ, ହେ ମେଘ



କବି ଗିରିଜା ବଳୀୟାରସିଂହଙ୍କ ହାତରେ 'ରେବତୀ'

ଭାରତବର୍ଷ, ହେ ବର୍ଷା ଭାରତବର୍ଷ, ହେ ନଦୀ ଭାରତବର୍ଷ, ହେ ବର୍ଷ ଭାରତବର୍ଷ, ହେ ଶୀତ ଭାରତବର୍ଷ, ହେ ଖଣ୍ଡ ଭାରତବର୍ଷ, ହେ ରକ୍ତ ଭାରତବର୍ଷ, ହେ ଦୁଃଖ ଭାରତବର୍ଷ, ହେ ନୀଳ ଭାରତବର୍ଷ, ହେ ଧୂଳି ଭାରତବର୍ଷ, ହେ ଦୃଶ୍ୟ ଭାରତବର୍ଷ, ହେ ଭାଟ ଭାରତବର୍ଷ, ହେ ଇଚ୍ଛା ଭାରତବର୍ଷ, ହେ ଦୁର୍ଗ ଭାରତବର୍ଷ, ହେ ମୃତ୍ୟୁ ଭାରତବର୍ଷ, ହେ ଭଙ୍ଗା ଭାରତବର୍ଷ, ହେ ଛିନ୍ନ ଭାରତବର୍ଷ, ହେ ଭିନ୍ନ ଭାରତବର୍ଷ, ହେ ତ୍ରସ୍ତ ଭାରତବର୍ଷ, ହେ ଭସ୍ମ ଭାରତବର୍ଷ ଓ ହେ ଅସ୍ତ ଭାରତବର୍ଷ ।"

ସମଗ୍ର ଭାରତବର୍ଷର ଦେହ, ଆତ୍ମା, ହୃଦୟକୁ ସେ ତନ୍ନ ତନ୍ନ ବ୍ୟବଚ୍ଛେଦ କରିଛନ୍ତି । ଭାରତର ଧର୍ମ, ନଦନଦୀ, ପ୍ରକୃତି, ଆତ୍ମା, ପୁରାଣ, ରହସ୍ୟ, ମନସ୍ତତ୍ତ୍ୱ, ଇନ୍ଦ୍ରପ୍ରସ୍ଥ, ହସ୍ତିନା, ଭୂଗୋଳ, ଇତିହାସ, ଅଭିଲେଖ ପ୍ରଭୃତିଙ୍କୁ ସୂକ୍ଷ୍ମ ଓ ସ୍ଥୁଳ ଉଭୟ ଦିଗରୁ ନିରୀକ୍ଷଣ କରିଛନ୍ତି । ପୁରାଣକୁ ଅନ୍ଧାନୁସରଣ କରି ନାହାଁନ୍ତି । ସ୍ଥଳ ବିଶେଷରେ ମୃଦୁ ସମାଲୋଚନା ମଧ୍ୟ କରିଛନ୍ତି । ରାମାୟଣ, ମହାଭାରତ, ପୋଥି, ପୁରାଣ, ସାମନ୍ତବାଦ, ମୋକ୍ଷ, ନିର୍ବାଣ ଓ ମାର୍ଗ ପ୍ରଭୃତିକୁ ସେ ଖୁଣ୍ଟିନାଣ୍ଟି ପରୀକ୍ଷା କରିଛନ୍ତି । ତାଙ୍କ ସାରସ୍ୱତ ପରୀକ୍ଷଣ ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ସମକାଳ ପର୍ଯ୍ୟନ୍ତ ପ୍ରଲମ୍ବିତ । ସମକାଳର ବହୁ ବିଘଟନ ସତ୍ତ୍ୱେ ସେ ପୁନର୍ଜନ୍ମରେ ଅତୁଟ ଆସ୍ଥା ସ୍ଥାପନ କରିଛନ୍ତି । ତାର ଗୋଟେ ପ୍ରାସଙ୍ଗିକ ଦୃଷ୍ଟାନ୍ତ ଏମିତି:

"ମୋତିର ଏ ମହଲାରେ ଗଣତନ୍ତ୍ର ଗୋଟି ଖଟେ ଆସି

\+ \+ \+ \+

କାହାର ଆଙ୍ଖାରେ ଅଙ୍କା ଅଙ୍ଗାରରେ ତୁମ କଳ୍ପକାୟା / ଜର୍ଜରିତ ଜୀବନରେ ଜହରର ଜନ୍ମଜନ୍ମ ଜ୍ୱାଳା / ଜରାଜୀର୍ଣ୍ଣ ଜାତକରେ ଶତଶୀର୍ଣ ଛିନ୍ନ ତାର ଛାୟା / ଶୋଚନା ସଂକୁଳ ଶ୍ଳୋକ, ବ୍ୟଞ୍ଜନାର ବ୍ୟର୍ଥ ବର୍ଣ୍ଣମାଳା / ତଥାପି ତୁମରି ବୁକେ ପୁନର୍ଜନ୍ମ ମାଗେ ଏଇ ପ୍ରାଣ... / ନମିଲୁ ନିସ୍ତାର ପଛେ, ନଷ୍ଟ ହେଉ ନିଯୁତ ନିର୍ବାଣ ।" **(ପୃ.୧୬୦)**

ଶୀର୍ଷକ ବିହୀନ ଅଧ୍ୟାୟରେ ସ୍ଥାନିତ କବିତାରେ ଗିରିଜା ସୀତା ବନବାସ, ରାମଚନ୍ଦ୍ରଙ୍କ ଶୂଦ୍ରକ ନିଧନ, ଆକାଶ ପୃଥିବୀ ମଧ୍ୟରେ ନିବିଡ଼ ସମ୍ପର୍କ, କଳିଯୁଗର କଳି, ଜ୍ୟୋତିଷ ଶାସ୍ତ୍ରର ୨୭ଟି ଯାକ ନକ୍ଷତ୍ରର ଭୂମିକା, ପରକୀୟା ପ୍ରୀତି, ସୁଦାମାର ଖୁଦଭଜା ବୃତ୍ତାନ୍ତ, କୃଷ୍ଣଙ୍କର ଅଷ୍ଟ ପାଟରାଣୀ ଉପାଖ୍ୟାନ, ଗୋପୀଲୀଳା, ଜୈନଧର୍ମ, ବୌଦ୍ଧଧର୍ମ, ନାରୀ ଚାରିଜାତିର ବିଶେଷତ୍ୱ, କୃଷ୍ଣ ଜନ୍ମ, ବର୍ଷା ଋତୁ ମାହାତ୍ମ୍ୟ, ସୋମନାଥ ମନ୍ଦିର ଲୁଣ୍ଠନ, ମହମ୍ମଦ ଘୋରୀର ଆକ୍ରମଣ, ମୁକୁଳଦେବଙ୍କ ମୃତ୍ୟୁ, ଘରୋଇ ହିଂସା, ସମକାଳର ପ୍ରେମହୀନତା, ସାଂପ୍ରତିକ ଦଙ୍ଗା, ନଚିକେତା ବୃତ୍ତାନ୍ତ, ଅନୂଢ଼ା ଧର୍ଷଣ ଓ ପ୍ରେମ-ପ୍ରତ୍ୟୟର ମୃତ୍ୟୁ ସମ୍ପର୍କରେ ମାର୍ମିକ ବିଶ୍ଳେଷଣ କରିଛନ୍ତି । ଆଶା-ନିରାଶାର ମଧ୍ୟଭାଗରେ ଥିଲେ ବି ପୁନର୍ଜନ୍ମ ପାଇଁ ପ୍ରାର୍ଥନା କରିଛନ୍ତି । ସବୁ ସତ୍ତ୍ୱେ ଗୋଟେ ଭଲ ସମୟ ଅପେକ୍ଷାରେ ଅଛନ୍ତି କବି । ଯେମିତି:

"ହେ ଭସ୍ମ ଭାରବର୍ଷ ! ଜହ୍ନ ଉଠେ ଅସ୍ତ-ବନସ୍ତରୁ.../ ଯୁଗାତୀତ ଜାଗରଣ ଜୀର୍ଣ ତୁମ ଜୀବାଶ୍ମ ଭିତରୁ ।"**(ପୃ.୧୫୯)**

**॥ ଛଅ ॥**

'ଭାରତବର୍ଷ' କବିତା ଗ୍ରନ୍ଥର ଅନ୍ୟ ଏକ ଅଧ୍ୟାୟ ହେଉଛି ପକ୍ଷୀ ପୁରାଣ । ସଂପୃକ୍ତ ଗ୍ରନ୍ଥରେ ପକ୍ଷୀ ଗୋଟେ ପ୍ରତୀକ, ସେ କେତେବେଳେ ସୂକ୍ଷ୍ମ ତ ଆଉ କେବେ ସ୍ଥୁଳ । ପୁରାକାଳରୁ ପକ୍ଷୀ ଏପରି ଚିତ୍ରିତ ହୋଇ ଆସିଛି । ସେ କେତେବେଳେ ମନପକ୍ଷୀ ତ, କେତେବେଳେ ପ୍ରେମପକ୍ଷୀ, ବନପକ୍ଷୀ, ପୁଣି କେତେବେଳେ ବାର୍ତ୍ତାବହ ତ ଆଉ କେବେ ପ୍ରତିବାଦ, ପ୍ରତିରୋଧର ପ୍ରତୀକ । ଜଟାୟୁରୁ ପାରା ପର୍ଯ୍ୟନ୍ତ ତାର ଉଡ଼ାଣ । ଏହି ଅଧ୍ୟାୟରେ ଦଶଟି କବିତା ସ୍ଥାନିତ । ଏକକ ସମ୍ବୋଧନ ଶବ୍ଦରେ 'ପକ୍ଷୀ ପୁରାଣ' ସମାପ୍ତ ହୋଇଛି । ଅଧିକନ୍ତୁ ଏହି ଏପିସୋଡ଼ କଟକରୁ ଚିତ୍ରକୂଟ ଯାଏଁ ପରିବ୍ୟାପ୍ତ । କିମ୍ବଦନ୍ତୀରୁ ସମକାଳୀନ ବାସ୍ତବତା ହେଉଛି କବିତାର ଆତ୍ମିକ ବିଭବ । ସୂର୍ଯ୍ୟବଂଶୀ ରାମଙ୍କ ଠାରୁ ଚନ୍ଦ୍ରବଂଶୀ ପାଣ୍ଡବଙ୍କ ପର୍ଯ୍ୟନ୍ତ ରାଜପୁତ୍ରଙ୍କର ଜୀବନ ଅରଣ୍ୟରେ ବିତିଛି । ଗିରିଜାଙ୍କର ସମ୍ବୋଧନ ଏମିତି:

"ହେ ପକ୍ଷୀ ଭାରତବର୍ଷ ! ବୟସଟା ବିତିଯାଏ ବଣେ / ଦିଗନ୍ତର ଧୂଆଁ ଦିଶେ ଦାରୁଚିନି ଦ୍ୱୀପର ଦର୍ପଣେ ।"**(ପୃ.୧୬୭)** ଓଡ଼ିଶା ଓ ଓଡ଼ିଶାକୁ ଆସୁଥିବା ଆଗନ୍ତୁକ ପକ୍ଷୀଙ୍କର ଗୋଟେ ବିସ୍ତୃତ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ପକ୍ଷୀ ଶିକାରରେ ମ୍ରିୟମାଣ ହୋଇ ପଡ଼ନ୍ତି କବି । କାବ୍ୟପୁରୁଷ ଶାରୀ, ଟିଆ, ପେଚା, କାଉ, କୋଇଲି, ଶାଗୁଣା, ଇଗଲ୍, ଚାତକ, ମୟୂର, ଡାହୁକ, ଚକୋର, ସାରସ, ଟେଟେଁୟା, କୁଣ୍ଡାଖାଇ, କୁମ୍ଭାଟୁଆ, କୋଚିଲାଖାଇ, ହରଡ଼ ଚଢ଼େଇ ଓ ହଳଦୀ ବସନ୍ତ ପ୍ରଭୃତି ପକ୍ଷୀଙ୍କର ଜୟଗାନ କରିଛନ୍ତି । ଅଧିକନ୍ତୁ ପକ୍ଷୀକୁ ସାକ୍ଷୀ ରଖି କାବ୍ୟନାୟକ ଦରବୃଦ୍ଧି, ରାହାଜାନି, ଜନାକାରି, ଅଭାବ, ଅନଟନ, ଧର୍ମପଦ, ବିଶୁ ମହାରଣା, ଚକୁଳିଆ ପଣ୍ଡା, ବୋଇତ ବନ୍ଦାଣ, ଖପରଘର, ତଅପୋଇ ଉପାଖ୍ୟାନ, ପୋଡୁଚାଷ, ଫଟାବିଲ, ଥର ମରୁଭୂମି, ସାମନ୍ତବାଦର ପତନ ଓ ଜଙ୍ଗଲ ଅବକ୍ଷୟର ଦୃଶ୍ୟ ଦୃଶ୍ୟାନ୍ତରକୁ ଆନ୍ତରିକତାର ସହ ପାଠକ ସାମ୍ନାରେ ଉପସ୍ଥାପନ କରିଛନ୍ତି । ଅବଶେଷରେ କଟକ ମହାନଗରର ବିଭିନ୍ନ ଘଟଣାବଳୀକୁ ଅବତାରଣା କରି ପକ୍ଷୀ ପୁରାଣ ଅଧ୍ୟାୟର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଅତି ଭାବପୂର୍ଣ୍ଣ ଭାବରେ ପକ୍ଷୀ ପ୍ରତି ସମ୍ବୋଧନ ଏମିତି:

"ହେ ପକ୍ଷୀ ଭାରତବର୍ଷ ! ଡେଣା ତୁମ ନମାନୁ ଡରାଣ / ଫେରି ଆସ ପ୍ରବାସରୁ...ତୁମକୁ ଏ ମୁଲକର ରାଣ ।"**(ପୃ.୧୭୬)**

ବାସ୍ତବିକ, କବି, ପକ୍ଷୀକୁ ଉଡ଼ାଣ ବା ଅଗ୍ରଗତିର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି ।

**॥ ସାତ ॥**

ସଂପୃକ୍ତ ଗ୍ରନ୍ଥର ଅନ୍ତିମ ଅଧ୍ୟାୟ ହେଉଛି 'ମହାଭାରତବର୍ଷ' । ପକ୍ଷୀ ପୁରାଣ ଭଳି ଏଥିରେ ଦଶଟି କବିତା ସ୍ଥାନିତ । ପ୍ରତ୍ୟେକ କବିତାର ଆରମ୍ଭ ଓ ଶେଷରେ 'ହେ ମହାଭାରତବର୍ଷ' ଶବ୍ଦ ଉଚ୍ଚାରଣ କରିଛନ୍ତି । ପୁରାଣ ବର୍ଣ୍ଣିତ ଭାରତବର୍ଷ ଓ ସାରସ୍ୱତ ଭାରତବର୍ଷ ମଧ୍ୟରେ ତଫାତ୍ କଣ ? ଗିରିଜା କେବଳ ଅତୀତକୁ ପେରୋଟିଙ୍ଗ୍ କରିନାହାନ୍ତି କିମ୍ବା ସେଥିରୁ ସଂପୂର୍ଣ୍ଣ ମୁକ୍ତ ହୋଇନାହାନ୍ତି, ବରଂ ଉଭୟର ସମ୍ମିଶ୍ରଣରେ ମହାଭାରତବର୍ଷର ନକ୍ସା ପ୍ରସ୍ତୁତ କରିଛନ୍ତି । ମୋଟରେ, ଅଗ୍ରସର ହେଉଥିବା ଗୋଟେ ସୁସ୍ଥ, ନିରାମୟ ଭାରତବର୍ଷର ରୂପରେଖ ପ୍ରଦାନ କରିଛନ୍ତି । କଣ ହଁ କଣ ନାର ଗୋଟେ ଲମ୍ବାଲମ୍ବ ସାରଣୀ ପ୍ରସ୍ତୁତ କରି ନିଷ୍କର୍ଷରେ ପହଞ୍ଚିଛନ୍ତି । ତାଙ୍କ ଦୃଷ୍ଟିରେ ଭାରତ କେବଳ ବେଦବେଦାନ୍ତ, ବ୍ରାହ୍ମଣ୍ୟବାଦ, ମନ୍ତ୍ରତନ୍ତ୍ର, ସ୍ୱପ୍ନ, ମହଲ, ମାୟାମୋହ, ମୃତ୍ୟୁ, ମୋକ୍ଷ, ଆର୍ଯ୍ୟ, ଦ୍ରାବିଡ଼, ହୋମ, ଯଜ୍ଞ, ଯୁଦ୍ଧ, ବିଭୀଷିକା, ଧର୍ମୀୟ ଯୁଗ ବିଭାଜନ, କିମ୍ବଦନ୍ତୀ ବିବଦନ୍ତୀ, ନଦୀ, ନାରୀ, ନକ୍ଷତ୍ର, ଶ୍ଳୋକ, ଅସ୍ଥି ବିସର୍ଜନ ଜନିତ ପୁଣ୍ୟ ଅର୍ଜନର ଦେଶ ନୁହେଁ । ବରଂ ତାଙ୍କ କଳ୍ପନାର ମହାଭାରତ ବର୍ଷରେ ଯେଉଁ 'ହଁ'ର ଆଭାସ ଦେଇଛନ୍ତି ତାର ରୂପରେଖ ଏମିତି: ଅଣୁରୁ ଅଣିମା, ଅବିରତ ଅନାହତ ନାଦ, ହୃଦୟର ଉଦୟ, ଅନାମୟ ଆତ୍ମା, ଆନନ୍ଦିନୀ ଅନ୍ନ, ସୂର୍ଯ୍ୟ ପୂଜା, ସୂର୍ଯ୍ୟ ନମସ୍କାର, ଅତିଥି ଚର୍ଚ୍ଚା ଏବଂ ଅବଶେଷରେ ଅଗ୍ରସର ହେବାର ପ୍ରେରଣା ପ୍ରଦାନ କରି 'ମହାଭାରତବର୍ଷ'ର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଉଦ୍ଧୃତି ଏମିତି: "ହେ ମହାଭାରତବର୍ଷ ଓଜଃ ଔର୍ଜଃ ଔଜ୍ଜ୍ୱଲ୍ୟୈକ ମନାଃ ! / ଚରୈବେତି...ଚରୈବେତି...ଚରୈବେତି ଚିହ୍ନିତ-ଚେତନା ।" **(ପୃ.୨୦୮)**

**॥ ଆଠ ॥**

ବାସ୍ତବିକ୍, କବି ଗିରିଜାକୁମାର ବଳୀୟାରସିଂହଙ୍କର କବିତା ଗ୍ରନ୍ଥ 'ଭାରତବର୍ଷ' ଓଡ଼ିଆ କବିତା ଜଗତରେ ଏକ ଅନନ୍ୟ ସର୍ଜନା । କାବ୍ୟପୁରୁଷ ଭାରତୀୟ ଜୀବନବୋଧ, ଜୀବନଦର୍ଶନକୁ ତନ୍ନ ତନ୍ନ ଅଧ୍ୟୟନ କରିଛନ୍ତି । ସମ୍ଭବତଃ, ଏପରି କସରତ କ୍ଷେତ୍ରରେ କବି ନିଶ୍ଚିତ ଅଦ୍ୱିତୀୟ । ସନେଟ୍ ମାଧ୍ୟମରେ କବିତାକୁ, ଜୀବନକୁ ମହା ଭାରତୀୟ ଭାବନାକୁ ଚମତ୍କାର ଢଙ୍ଗରେ ପରିବେଷଣ କରିଛନ୍ତି । ସନେଟ୍ କବିତାକୁ ପାଠକ, ଲେଖକ ଓ ସମାଲୋଚକ ପ୍ରିୟ କରେଇଛନ୍ତି । ଅଶ୍ରୁତପୂର୍ବ ଚରିତ୍ର, ସ୍ଥାନ, କାଳ ସମ୍ପର୍କରେ ସେ ପାଠକ, ସମାଲୋଚକଙ୍କୁ ନୂଆ ନୂଆ ବାର୍ତ୍ତା ପ୍ରେରଣ କରିଛନ୍ତି । ସତରେ, ଏହା ଏକ ଅସାଧାରଣ କବିତା ଗ୍ରନ୍ଥ ।



# ମୋ ଉପନ୍ୟାସରେ ନାରୀ ଚରିତ୍ର

**ଆମ ସମୟର ଜଣେ ଶୃଙ୍ଖଳିତ ସ୍ରଷ୍ଟା ଭାବରେ ସୁନାମ ଅର୍ଜନ କରିଥିବା କଥୟିତ୍ରୀ, ଔପନ୍ୟାସିକା ଓ ସମ୍ପାଦିକା ଲକ୍ଷ୍ମୀ ଚାନ୍ଦ୍ ପ୍ରଥମ ଥର ପାଇଁ ନିଜ ଉପନ୍ୟାସରେ ଥିବା ନାରୀ ଚରିତ୍ରର ରହସ୍ୟ ଖୋଲିଛନ୍ତି ଏହି ସୃଜନ ସ୍ୱୀକାରୋକ୍ତିରେ ।**



**ଲକ୍ଷ୍ମୀ ଚାନ୍ଦ୍**

ଫଟୋ ସୌଜନ୍ୟ : ଲେଖିକା

ଏ ଯାବତ୍ ମୁଁ ଯେତୋଟି ଉପନ୍ୟାସ ଲେଖିଲିଣି ତା ମଧ୍ୟରୁ ଅଧିକାଂଶ ନାରୀ କୈନ୍ଦ୍ରିକ । ମୁଁ ନାରୀକୁ ନେଇ ମୁଖ୍ୟ ଚରିତ୍ର କରିବି ବୋଲି ଯଦିଓ ପ୍ରଥମରୁ ପ୍ରସ୍ତୁତ ହୋଇନଥାଏ, କାହାଣୀ ଏବଂ ଘଟଣା ସବୁ ଆଗେଇବା ସହ ତା ଦେହରେ ନାରୀଟିଏର ବୈଶିଷ୍ଟତା ଫୁଟି ଉଠୁଥାଏ । ତାହା ମନକୁ ମନ ନାରୀ କୈନ୍ଦ୍ରିକ ହୋଇଯାଏ । ମୁଁ ନାରୀଟିଏ ବୋଲି ନା ମୋ ଭିତରର ନାରୀତ୍ୱ ପ୍ରକାଶ ପାଇବା ପାଇଁ ସେଭଳି ଚରିତ୍ରଟିଏ ଆବଶ୍ୟକ କରୁଥାଏ ମନେ ମନେ ? ଏକଥା ମୁଁ ନିଜକୁ ଥରେ ନୁହେଁ ଅନେକ ଥର ପଚାରିଛି । ଏ ବିଷୟରେ ବହୁତ ତର୍ଜମା କରିଛି । ସାହିତ୍ୟିକ ବନ୍ଧୁମାନଙ୍କ ସହ ଆଲୋଚନା ମଧ୍ୟ କରିଛି । କାରଣ କଣ ? କାହିଁକି ଲେଖାସବୁ ପରିବର୍ତ୍ତନ ହୋଇଯାଉଛି ସମୟାନ୍ତରେ ? ମନକୁ ଆନ୍ଦୋଳିତ କରୁଥିବା ଚରିତ୍ରମାନଙ୍କୁ ତ ମୁଁ ରୂପ ଦେବାକୁ ଚାହେଁ କଲମ ମାଧ୍ୟମରେ । ଠିକ୍ ସମୟରେ କଲମ ବୋଲ ମାନେନା କାହିଁକି ? ନାରୀଟିଏର କାହାଣୀ ଅନ୍ତର ଫଟେଇ ବାହାରିଯାଏ ଆପେଆପେ । ମୋର

ମନେପଡୁଛି ଲେଖା ଆରମ୍ଭରୁ ମୁଁ ସ୍ଥିର କରିଥିଲି ମୁଁ କିଛି ଭିନ୍ନ ଲେଖିବି । ଯେହେତୁ ମୁଁ ନାରୀଟିଏ କିଛି ପୁରୁଷ ଚରିତ୍ରଙ୍କୁ ନେଇ ଗଳ୍ପ ଓ ଉପନ୍ୟାସ ଲେଖିବି । କିଛି ବନ୍ଧୁ କହିଲେ ନାରୀଟିଏ ହିସାବରେ ତୁମର ଯାହା ଅନୁଭବ ରହିବ, ପୁରୁଷ ଚରିତ୍ର ଲେଖିଲାବେଳେ ସେ ଅନୁଭବ ରହିବନି, ଲେଖା ନାଚୁରାଲ ଲାଗିବନି । ଗୋଟେ ଦୃଷ୍ଟିରୁ ତାଙ୍କ କଥା ସତ, ମୁଁ ବୁଝୁଥିଲି । ତେବେ ବି କିଛି ସ୍ୱତନ୍ତ୍ର ଲେଖିବା ଆଶାରେ ପୁରୁଷ ଚରିତ୍ରକୁ କେନ୍ଦ୍ର କରି ଲେଖା ଆରମ୍ଭ କଲି । ବିଡ଼ମ୍ବନା, ମୋର ଅଧିକାଂଶ ଗଳ୍ପ ଓ ଉପନ୍ୟାସରେ ଚିତ୍ରିତ ହେଲା ନାରୀର କାହାଣୀ ।

ମୋର ପ୍ରଥମ ଉପନ୍ୟାସ 'ତଥାପି ରେବତୀ' ଗୋଟେ ଭିନ୍ନ କାହାଣୀକୁ ଆଖି ଆଗରେ ରଖି ମୁଁ ଲେଖିବା ଆରମ୍ଭ କରିଥିଲି । ସେତେବେଳେ କିଛି ସାମାଜିକ ବାଧାବନ୍ଧନର ସମ୍ମୁଖୀନ ହେଉଥିବାରୁ ତାକୁ ଲେଖିବା ଚେଷ୍ଟାରେ ଥାଏ । କିଛି ସାମାଜିକ କୁସଂସ୍କାରର ବିଭିନ୍ନ ଦିଗ ଉନ୍ମୋଚନ କରିବା ଥିଲା ମୂଳ ଲକ୍ଷ୍ୟ । ମାତ୍ର ତାହା ଗଲା ଆଉ ଗୋଟେ ଦିଗରେ । ମୋ କଳ୍ପନାର ସମ୍ପୂର୍ଣ୍ଣ ବିପରୀତ । ପ୍ରଥମେ ଭାବିଲି ଲେଖା ବନ୍ଦ କରିଦେବି, ଯେ ସେୟା ନୁହେଁ ମୁଁ ଯାହା ଚାହୁଁଥିଲି । ଭୟ ବି ଲାଗିଲା ପ୍ରଥମ ଉପନ୍ୟାସ ତ କାଳେ ଠିକ୍ ଉତୁରିବନି, କୋଉଠି ଝୁଣ୍ଟିପଡ଼ିବି । ପୁଣି ଭାବିଲି କିଛି ଗୋଟେ ଲେଖି ହେଉଛି ତ, ଚାଲୁ । ଲେଖିସାରିଲା ପରେ ଚିନ୍ତା କଲେ ଚଳିବ । ମୋ କଥା ନହେଲା ନାଇଁ ପରୋକ୍ଷରେ ମୁଁ ଆଉ କାହା କଥା ଲେଖିଚାଲିଛି, ଅନ୍ତ ଯାଏଁ ଯାଉ । ମଝିରେ ତାକୁ ବଳପୂର୍ବକ ବଦଳେଇବାକୁ ଗୋପନ ଚେଷ୍ଟା ବି କରିଥିଲି । ସବୁ ଚେଷ୍ଟା ବୃଥା । କିଛି ପୃଷ୍ଠା ଲେଖିଲା ପରେ ମୁଁ ଅନୁଭବ କଲି କାହାଣୀ ଆଉ ମୋ ଅକ୍ତିଆରରେ ନାହିଁ । ତେଣୁ ତାକୁ ଇ ସଜାଡ଼ି ଆଗକୁ ବଢ଼ିବାକୁ ଲାଗିଲି । ତେବେ ମନ କଥା କହିପାରି ନଥିବାରୁ ଅବସ୍ଥା ମୋର ଏକଦମ୍ ଅସହାୟ । ନେଡ଼ି ଗୁଡ଼ କହୁଣୀକୁ । ସେତେବେଳେ ତାକୁ ପଢ଼ି ଜଣେ ଦୁଇଜଣ ପାଠକ ମୋତେ ଚେତାଇ ଦେଲେ କି ପାର୍ଶ୍ୱ ଚରିତ୍ରଟି ମୁଖ୍ୟ ଚରିତ୍ର ଉପରେ ଭାରି ପଡ଼ିଯାଇଛି । ସତ ସ୍ୱୀକାର କରୁଛି, ତାହା ପ୍ରଥମ ହୋଇଥିବା ହେତୁ ମୁଁ ସେ ବିଷୟରେ ସେତେଟା ସଚେତନ ନଥିଲି କିମ୍ବା ଏ ବିଷୟରେ ଗୋଟେ ମୋଟାମୋଟି ଧାରଣା ନଥିଲା । ଯୋଉ ବାଟରେ ଗଲା ଯେମିତି ଗଲା ଆଗେଇନେଲି ତାକୁ । ଆହୁରି ବିଭିନ୍ନ ପାଠକମାନଙ୍କ ଭିନ୍ନ ଭିନ୍ନ ମତ ପାଇଲି । ପ୍ରତ୍ୟେକଙ୍କ କଥାକୁ ଧ୍ୟାନର ସହ ଶୁଣି ପରବର୍ତ୍ତୀ ଉପନ୍ୟାସ ପାଇଁ ପ୍ରସ୍ତୁତ ହେଲି ।

ଉପନ୍ୟାସର ବିରାଟ କାନଭାସ୍‌ରେ ମୁଁ ନିଜକୁ ସହଜ ମନେ କରେ । ମନଇଛା ଖୋଲି ହୋଇ ଲେଖେ । ଲେଖୁ ଲେଖୁ ପୁଣି ତାହା ଯେଉଁ ଆଡ଼କୁ ଗଲା । କିଛି ସଙ୍କୋଚ କିମ୍ବା ଅଣନିଃଶ୍ୱାସୀପଣ ରହେ ନାହିଁ ଯାହା ମୁଁ ଗଳ୍ପରେ ଅନୁଭବ କରେ । କାହାକୁ ଉପନ୍ୟାସ କେମିତି ସୁହାଏ କହିପାରିବିନି, ମାତ୍ର ମୋ ପାଇଁ ତାହା ବଞ୍ଚିବାର ଏକ ମାଧ୍ୟମ । ଯେତେବେଳେ ମୁଁ ଉପନ୍ୟାସ ଲେଖୁଥାଏ ଏକ ବିରଳ, ବିଭୋର ଆନନ୍ଦରେ ତଲ୍ଲୀନ ଥାଏ । ମୋ ଉପନ୍ୟାସର ଚରିତ୍ର ମାନଙ୍କ ସହ ମୋର ଯାତାୟତ, ବସାଉଠା । ଚବିଶଘଣ୍ଟା ତାଙ୍କମନସ୍କ ମୋତେ ବସ୍ତୁବାଦୀ ଦୁନିଆଁରୁ କିଛିମାତ୍ରାରେ ଦୂରେଇ ନେଇଥାଏ । ଉପନ୍ୟାସ ଲେଖିବା ସମୟରେ ଈଶ୍ୱରଙ୍କ କରୁଣାରୁ ମୋ ଅନ୍ୟମନସ୍କତା ହେତୁ ପାର୍ଥିବ ଦୁନିଆଁରେ ସେମିତି କିଛି ଅସୁବିଧା ହୋଇ ନ ଥାଏ । ଅସୁବିଧା ସେତେବେଳେ ହୁଏ ଯେବେ ମୋର ଗୋଟିଏ ଉପନ୍ୟାସ ସମ୍ପୂର୍ଣ୍ଣ ଲେଖା ସରିଯାଏ । ଉପନ୍ୟାସଟିଏ ସରିଗଲା ପରେ ଭୀଷଣ କ୍ଳାନ୍ତି ଓ ଅସହାୟ ଲାଗେ । ଯେମିତି ମୁଁ ଏକ ପରିଚିତ ଦୁନିଆଁରୁ ଛିଟ୍‌କି ଆସିଲି କେଉଁ ଏକ ଅଜଣା ଦୁନିଆଁକୁ । କିଛିକ୍ଷଣ ଲାଗି ତ ମୁଁ ସ୍ତବ୍ଧ ହୋଇଯାଏ । ବଞ୍ଚିବାର କାରଣ ଖୋଜିପାଏନା । ଜୀବନଟା ବଡ ଅସାର ଲାଗେ । ସେଇ କିଛିଦିନ ଖୁବ୍ ମାନସିକ ଅଶାନ୍ତି ଓ ହତାଶବୋଧରେ କଟେ । ପ୍ରଥମତଃ ପୂର୍ବ ଉପନ୍ୟାସରେ ନିଜ ମନକଥା ସମ୍ପୂର୍ଣ୍ଣ କହିବାରେ ବିଫଳ, ଦ୍ୱିତୀୟରେ ବାହ୍ୟ ଦୁନିଆଁର ଚାପ । ଲାଗେ ମୁଁ ମୋ ଉପନ୍ୟାସର ଚରିତ୍ରମାନଙ୍କ ସହ କେତେ ମସଗୁଲ ଥିଲି, ଦୁଃଖ କଷ୍ଟ କଣ ଜାଣିପାରୁନଥିଲି । କିଏ ମୋତେ ପୁଣି ମୋ ପୂର୍ବ ସ୍ଥାନକୁ ଫେରେଇନେବ ? ସେତେବେଳେ ଅନ୍ତରରୁ ଏକମାତ୍ର ଆୱାଜ ଆସେ , ଆଉ ଏକ ଉପନ୍ୟାସ... ବାସ୍ ମୁଁ ପୁଣି ଏକ ଉପନ୍ୟାସର ପ୍ଲଟ ଖୋଜିବାରେ ଲାଗିଯାଏ । କେବେ ତାହା ଛାତି ଭିତରେ ଅଙ୍କୁରିତ ହେଉଥାଏ ତ କେବେ ତାହା ଥାଏ ଯୋଜନ ଯୋଜନ ଦୂର । ଏକଦମ ଅପହଞ୍ଚ । କେବେ ମୋର ଆକୁଳତା ବ୍ୟର୍ଥ ଯାଏ ତ କେବେ ଉପନ୍ୟାସ ଆଗକୁ ବଢୁଥାଏ କୂଳକିନାରା ନ ମାନି । ନିଶ୍ଚିତ ଭାବରେ ସେ ସମୟରେ ଏକ ଅନ୍ତଃପ୍ରେରଣା ଉପନ୍ୟାସକୁ ଆଗେଇନିଏ ।

'ମଧୁମିତା' ଲେଖିଲାବେଳେ ଲାଗିଲା ମୁଁ ନିଜକୁ କିଛି କିଛି ପ୍ରକାଶିତ କରିପାରୁଛି । ପିଲାଦିନରୁ ଘଟିଥିବା ଏକ ସମ୍ବେଦନଶୀଳ ଘଟଣା ମୋ ମୁଣ୍ଡରେ ରହି ମୋ ବୋଝ ବଢ଼ାଇ ଚାଲିଥାଏ । ଲାଗୁଥାଏ ସେ ବିଷୟରେ କିଛି ନ ଲେଖିଲେ ମୁଁ ଯେପରି ମୁକ୍ତି ପାଇବିନି । ମଧୁମିତାକୁ ମୁଁ ଖୁବ୍ ନିକଟରୁ ଦେଖିଥିବାରୁ ଓ ତା ସହ ପିଲାବେଳେ ମିଶିଥିବାରୁ ତାକୁ ନେଇ ଉପନ୍ୟାସଟିଏ ଲେଖିବା ଯେମିତି ମୋର ଦାୟିତ୍ୱ ପାଲଟିଗଲା । ତାଆରି ମାଧ୍ୟମରେ ହିଁ ନିଜ ମନକଥା କିଛି କହିବାକୁ ମନ ଆନ୍ଦୋଳିତ ହେଲା । ଲେଖା ଆରମ୍ଭ କରିଦେଲି । ସେ ମଧ୍ୟ ଅତି ସାବଲୀଳ ଗତିରେ ଆଗେଇ ଚାଲିଲା । କେତେବେଳେ ସରିଗଲା ଜାଣିପାରିଲି ନାହିଁ । ହୁଏତ ବହୁଦିନରୁ ମନରେ ଗଚ୍ଛିତ ଥିବା ଆଖି ଦେଖା ଘଟଣା ତାକୁ ବାଟ କଢ଼େଇନେଲା । ଖୁବ୍ ଉତ୍ସାହରେ ଉପନ୍ୟାସକୁ ସଂପୂର୍ଣ୍ଣ କଲି ମାତ୍ର ଠିକ୍ ସେଇ ମୁହୂର୍ତ୍ତରେ ଲାଗିଲା ନା, ହେଲାନି , ମୁଁ ଆଉ କଣ କହିବାକୁ ଚାହୁଁଥିଲି, କଣ ସବୁ ଲେଖିଗଲି । ଗୋଟିଏ ହେଲେ ଶବ୍ଦ ନିଜ ଇଛା ଅନୁଯାୟୀ ଲେଖିପାରିଲିନି । ହାଏ କେତେ ଅସନ୍ତୁଳିତ ମୁଁ ମୋ ଭିତରେ,





କେମିତି ହରଦମ୍ ଟକମକ ହୋଇ ଫୁଟୁଛି ଦୁଃଖ ଲାଭା ହୋଇ । ସେ ସବୁ ଲେଖିବି କିପରି ? କାହା ମାଧ୍ୟମରେ ପ୍ରକାଶ କରିବି ? ଯଦି ତାକୁ ପ୍ରକାଶ କରିନପାରିବି ମୋ ଅବସ୍ଥା କଣ ହେବ ? ପୁଣି ମନକୁ ବୁଝାଇଲି, ମୋର ଏକମାତ୍ର ସାହାରା ଉପନ୍ୟାସ । ତା ବ୍ୟତୀତ ମୁଁ ନିଜକୁ ପ୍ରକାଶ କରିପାରିବିନି ଆଉ କେଉଁ ଉପାୟରେ । ତାପରେ ଆରମ୍ଭ ହେଲା ଗୋଟେ ପରେ ଗୋଟେ ଉପନ୍ୟାସ, ଦିନରାତି ଏକାକାର ହୋଇଗଲା, ଝାଳନାଳ ହୋଇ କେତେ ଦିନ କେତେ ରାତି ବିତିଗଲା ।  କିଛି ଫଳ ହେଲାନି । ନା ମୁଁ ନିଜକୁ ପ୍ରକାଶ କରିପାରିଲି ନା ନିଜର ଅସହାୟତା ବିଷୟରେ ବଖାଣି ପାରିଲି । ଯୋଉଠି ସେଇଠି । ମନ କଥା କହି ନପାରିବାର ଅସହାୟତା ଯିଏ ଭୋଗିଛି ସିଏ ହିଁ ବୁଝିପାରୁଥିବ ମୋ ମନର ଅବସ୍ଥା । ମୋର ଲେଖକ ବନ୍ଧୁମାନେ ଅବଶ୍ୟ ଏସବୁ ବୁଝିପାରୁଥିବେ । କାରଣ ମୋ ପରି ସେମାନେ ବି ବାରମ୍ବାର ମନକଥା କହିବାକୁ ଚେଷ୍ଟା କରି କହିନପାରି ଘାଣ୍ଟି ହେଉଥିବେ ।

ଲେଖକ କେହି ଜନ୍ମରୁ ହୋଇ ନଥାଏ, ପ୍ରକୃତି ଓ ପରିବେଶ ଦେଖି ସେ ଯେତେଯେତେ ଭାବୁକ ହୁଏ ସେତିକି ଶବ୍ଦ ତା ଚାରିପାଖରେ କିଲିବିଲି ହୁଅନ୍ତି । ଶବ୍ଦ ସବୁ ତ ପ୍ରକାଶିତ ହେବା ପାଇଁ ମାଧ୍ୟମ ଖୋଜୁଥାନ୍ତି । ଲେଖକଟିକୁ ସେମାନଙ୍କୁ ଗ୍ରହଣ କରିବାକୁ ହୁଏ, ନିଜ ଭିତରେ ସମାହିତ କରିନେବାକୁ ହୁଏ । ଲେଖକ ନିଜ ଦକ୍ଷତା ଅନୁଯାୟୀ ଶବ୍ଦ ସବୁକୁ ଆତ୍ମସ୍ଥ କରିଥାଏ । ଯେତେ ଅଧିକ ଶବ୍ଦ ସେ ଆତ୍ମସ୍ଥ କରିପାରେ ତା ଲେଖା ସେତିକି ପରିବ୍ୟାପ୍ତ ହୁଏ । ପରିସର ବଢ଼ିଚାଲେ । ପାଠକଙ୍କ ମନକୁ ଛୁଇଁପାରେ । ମୁଁ ସେହି ଚେଷ୍ଟାରେ ଅନବରତ । ସଫଳତା ତ ଭାଗ୍ୟର କଥା ।

ଏହି ଦ୍ୱନ୍ଦ୍ୱ ଭିତରେ ଲେଖା ସରିଗଲା ମୋର ୧୪ଟି ଉପନ୍ୟାସ । ତେବେ ବି ମୁଁ ନିଜକୁ ବୁଝାଇପାରିନି କି ସାମାନ୍ୟ ଶାନ୍ତି ପାଇନି । ମୋ ମନ ଭିତରେ ଥିବା ଗୋଟିଏ ବି କଥା କହିପାରିନି, ଯାହା ଯେମିତି ଫୁଟୁଥିଲା ଠିକ୍ ସେମିତି ଫୁଟୁଛି ।  ତାହେଲେ ମୁଁ କଣ କରିବି । ମନ ଯେ ସାଗର ପରି ଅଶାନ୍ତ । ତା ଭିତରେ ଢେଉ ଖେଳୁଛି ଦୁଃଖର ଗନ୍ତାଘର । କେମିତି ମୁଁ ତାକୁ ପ୍ରକାଶ କରିବି ? କେଉଁ ମାଧ୍ୟମରେ ? ପୁଣି ଲେଖାଚାଲିଲା ଉପନ୍ୟାସ । ଗୋଟିଏ ପରେ ଗୋଟିଏ । ମଧୁମିତା ଲେଖିଲାବେଳେ ତାର ମୁଖ୍ୟ ଚରିତ୍ର ମଧୁମିତାକୁ ନେଇ ମୁଁ ବେଶ୍ ଆଶାବାଦୀ ଥିଲି । ଗୋଟିଏ ଗୋଟିଏ ମନ କଥା ତାକୁ କହୁଥିଲି ସେ ଯେମିତି ମୋତେ ନିଜ ମାଧ୍ୟମରେ ପ୍ରକାଶ କରିପାରିବ । କିଛି ଦୂରଯାଏ ସେ ସଫଳ ହୋଇ ଆସିଥିଲା ମଧ୍ୟ । ତାପରେ କାହାଣୀ ଟୁଇଷ୍ଟ୍ ନେଲା ଓ ମୋତେ ତା ଭିତରୁ ଯେମିତି ଆଉଟ୍ କରିଦିଆଗଲା । ଅର୍ଥାତ୍ ମଧୁମିତା ମୋତେ ନ ଜଣାଇ ମୋ ଭିତରୁ ଫେରାର ହୋଇଗଲା । ପିଲାର ହାତ ମୁଣ୍ଡକୁ ପାଇଲେ ଯେମିତି ସେ ନିଜ ଇଚ୍ଛାରେ ଆଗକୁ ବଢ଼େ, ଠିକ୍ ସେମିତି ସେ ପୋଖତ ପିଲା ପରି ଡଗ ଡଗ ହୋଇ ଆଗକୁ ବଢ଼ିଚାଲିଲା । ମୁଁ ସେମିତି ପଡ଼ିରହିଲି ଅସହାୟ, ଅବହେଳିତ ହୋଇ । ଅଣନିଃଶ୍ୱାସୀ ପଣରେ ମୋ ଭିତର କୋରି ହୋଇଯାଉଥିଲା । ପୁଣି ସେଇ ଅବସ୍ଥା, ନା କାହାକୁ କହିପାରୁଛି ନା ସହିପାରୁଛି । ଭିତରେ ଯାହା ଟକମକ ହୋଇ ଫୁଟୁଛି ସେ ବାହାରକୁ ଆସିବା ପାଇଁ ବାଟ ଖୋଜୁଛି, ବାଟ ପାଉନି । ଆପଣମାନେ ଭାବିବେ ସମସ୍ତଙ୍କର ତ ଏକା ଅବସ୍ଥା, ମୁଁ ଟିକେ ବେଶି ହେଉଛି । ନା ନା ମୋଟେ ନୁହେଁ, ବିଶ୍ୱାସ କରନ୍ତୁ । ମୁଁ କେବଳ ମୋ ଅସହାୟତା ବିଷୟରେ ଆପଣମାନଙ୍କୁ ସମ୍ୟକ୍ ସୂଚନା ଦେବାପାଇଁ ଚାହିଁଛି । ଆପଣଙ୍କୁ ଭାରାକ୍ରାନ୍ତ କିମ୍ବା ପଠନ କ୍ଳାନ୍ତି ଦେବା ମୋର ଉଦ୍ଦେଶ୍ୟ ନୁହେଁ । ହଁ ସମସ୍ତେ ମୋରି ପରି ଅବସ୍ଥା ନିଶ୍ଚୟ ଭୋଗୁଥିବେ, ମାନୁଛି ମୁଁ । ଏକା ଲାଉର ମଞ୍ଜି ଯେ ଆମେ । ଭାବପ୍ରବଣତା ଭିନ୍ନ ହେଲେ ମଧ୍ୟ ଚିନ୍ତାଧାରା ଯେ ଏକା ।

ଏହା ଭିତରେ ବଡ଼ ଉପନ୍ୟାସ ସହ ଲେଖିଦେଲି ଆଉ କେତୋଟି ଛୋଟ ଛୋଟ ଉପନ୍ୟାସ ବା ଉପନ୍ୟାସିକା । କାଳେ ସେଥିରେ ମନ କଥା ପ୍ରକାଶ କରିହେବ ସୁରୁଖୁରୁରେ । ପଞ୍ଜୁରୀର ପରୀ, ଉଚ୍ଚାଟନ, ହତ୍ୟା ଇତ୍ୟାଦି । କିନ୍ତୁ କାହିଁରେ ମନ ଶାନ୍ତି ହେଲାନି । ବରଂ ଅସହାୟତା ବଢ଼ିଚାଲିଲା । ସେହି ଉବୁଟୁବୁ ପଣ, ସେହି ବ୍ୟର୍ଥ ସ୍ୱପ୍ନ, ସେହି ନିରବିତ ଲୁହର ଭାଷା । ହାଏ ମୋ ଜୀବନ, କି ଉପାଦାନରେ ଗଢିଥିଲେ ଈଶ୍ୱର ? କହି ପାରୁନଥିବା ଓ ନ କହି ସହି ପାରୁନଥିବା  ଅଣନିଃଶ୍ୱାସୀ ପଣରେ ଛନ୍ଦିଦେଲେ ଜୀବନ ସାରା । ମନର ନିସ୍ୱକ୍ଷତାକୁ କାହାକୁ ପଢ଼ାଇ ପାରିଲିନି । କରିପାରିଲିନି ସାକ୍ଷୀ କାହାକୁ ନିଜ ଅନ୍ତର୍ମନର ନିର୍ଦ୍ଦୋଷତା ପାଇଁ । ମୁଁ ନିଜ ଭିତରେ ଅନବରତ ଘୂରିବୁଲିଲି । ଆହୁରି କିଛି ଦରକାର, ଆଉ ଏକ ବଡ କାନଭାସ୍ ଦିଅ, ନିଜକୁ ପ୍ରକାଶ କରିବା ପାଇଁ । ମୁଁ ଖୋଲି ହେଇଯିବାକୁ ଚାହେଁ, ମେଲି ହେଇଯିବାକୁ ଚାହେଁ । ମିଳିଲା ମଧ୍ୟ । ନର୍ତ୍ତକୀ । ମୋ ସ୍ୱପ୍ନର ଅଣୁପରମାଣୁ ସବୁ ପ୍ରକାଶିତ ହେବା ପାଇଁ ବାଟ ଖୋଜିଲେ । ପାୟଲ ଦ୍ୱାରା କିଛି କୁହେଇ ନେବି । ପାଠକେ ଜାଣିବେ ମୋ ମନ କଥା । ଧିକ୍ ମୋ କପାଳ, ନର୍ତ୍ତକୀ ମୋତେ ଏମିତି ଘୁରେଇଲା ମୋର କହିବା ବନ୍ଦ୍ ହୋଇଗଲା । ବାପ୍‌ରେ ସେ କି ଚରିତ୍ର... କାହାରି କଥା ଶୁଣିବାକୁ ନାଇଁ । ମୋତେ ଟପି ସେ ବହୁତ ଆଗକୁ ଚାଲିଗଲା । କୁଆଡୁ ଆସିଲା ଏତେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର ପରିଭାଷା । ଯେଉଁ ବିଷୟରେ ମୁଁ ଜାଣିନଥିଲି ସେଥିରେ ବି ମୋତେ ଟାଣି ଓଟାରି ପୂରେଇଦେଲା । ଦୁଇବର୍ଷ ଯାଏଁ ମୋତେ ଅନବରତ ଓଡିଶୀ ନୃତ୍ୟ ସଙ୍ଗୀତ ଶିଖିବା ପାଇଁ  ବାଧ୍ୟ କରାଗଲା । ଆଉ ପାୟଲ ଯେମିତି ମୋ ପେଟରୁ ଅଭିଜ୍ଞ ହୋଇ ବାହାରିଲା । ମୋର ଆଉ ତାକୁ ଅକ୍ତିଆରରେ ରଖିବା ପାଇଁ ଯୋଗ୍ୟତା ରହିଲାନି । ମୁଁ ଭାବୁଥାଏ ଗୋଟେ କଥା, ଲେଖୁଥାଏ ଗୋଟେ କଥା । ମୁଁ ମୋ ବାଟରେ ପାୟଲ ତା ବାଟରେ । ମୋ ଉପନ୍ୟାସ ଭିତରେ ରହି ସେ ମୋତେ ଟପି ଆକାଶ ଛୁଇଁଲା । ମୁଁ ସବୁଥର ପରି ମୁହଁ ଜାକି ବସିରହିଲି । ମନ କଥା କହି ପାରିନଥିବାରୁ ହତାଶାରେ ଆଉ ଏକ ଚରିତ୍ରକୁ ଉଣ୍ଡାଳି ହେଲି ।

କେବଳ ମନ କଥା ଟିକେ କହିବା ପାଇଁ ସୃଷ୍ଟି କରିଚାଲିଲି ଗୋଟିଏ ପରେ ଗୋଟିଏ ନାରୀ ଚରିତ୍ର ଆଉ ମନ ପ୍ରାଣ ଢାଳି ତା ଭିତରେ ନିଜକୁ ଗଢ଼ିବାକୁ ଲାଗିଲି । ପ୍ରତିଥର ଗଢ଼ିଲି, ପ୍ରତିଥର ଅସଫଳ ହେଲି । ଏବେ ମୁଁ କ୍ଷୂର୍ଣ୍ଣ ଓ ଅବସର୍ଣ୍ଣ । ଅସହାୟ ଏବଂ ନିରୁଦ୍‌ବେଗ । ବେଖିଆଲ ଏବଂ ବେଢ଼ଙ୍ଗ ଜୀବନ ଜିଉଁଥିବା ମଣିଷଟିଏ । ମୋ ଭିତରେ କିଛିଗୋଟେ ବିସ୍ଫୋରଣ ଘଟିବା ପାଇଁ ଟକ୍‌ମକ୍ ଫୁଟୁଛି । କାହାର ସାହାରା ନେବି ? ଆଉ ଗୋଟେ ନାରୀ ଚରିତ୍ର ? କିଏ ସେ ? ମୋତେ ପ୍ରତ୍ୟେକଥର ମୂଳରୁ ଆରମ୍ଭ କରିବାକୁ ପଡୁଛି କାହିଁକି ? ମୋର ବି ଜିଦି କମ୍ ନୁହେଁ । ମୁଁ ମୋ ମନ କଥା କହିବି ମାନେ କହିବି । ସେଥିପାଇଁ ମୋତେ ଯେତେଟା ଉପନ୍ୟାସ ଲେଖିବାକୁ ପଡୁ, ଯେତେ ଚରିତ୍ରଙ୍କୁ ମନ କଥା କହିବା ଆଳରେ ମୋ ଭିତରେ ସମାଧିସ୍ଥ କରିବାକୁ ପଡୁ । ଦିନେ ତ ସଫଳ ହେବି । କେହିହେଲେ ଅବିକଳ ମୋ କଥା ମୁଁ ଯାହା ଚାହୁଁଛି ପାଠକଙ୍କୁ କହିଦେବ ମୋର ହୋଇ । ସେତେ ଦିନ ଯାଏ ଅପେକ୍ଷା କଲେ କ୍ଷତି କଣ ?

ଅମୃତାୟନ,୯, ଷ୍ଟେସନ ସ୍କୋୟାର,ଭୁବନେଶ୍ୱର
ଫୋନ୍-୮୮୯୫୨୯୪୧୪୧




# ବହିର ମହାସାଗର

କୋଲ୍‌କାତା ଠାରେ ବିଦ୍ୟମାନ ବହିର ଗନ୍ତାଘର, ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ତଥା ୧୮୩୬ ମସିହାରେ ସ୍ଥାପିତ ଏକ ପାଠାଗାର ଯାହା ଏବେ 'ନ୍ୟାସ୍‌ନାଲ୍ ଲାଇବ୍ରେରୀ' ବା 'ରାଷ୍ଟ୍ରୀୟ ପାଠାଗାର' ଭାବେ ସର୍ବବିଦିତ, ସେହି ପାଠାଗାର ସମ୍ପର୍କରେ କୋଲ୍‌କାତାରୁ ଆମର ଏହି ପ୍ରତିବେଦନ ।

# ବହିର ବଗିଚା

# ନ୍ୟାସ୍‌ନାଲ୍ ଲାଇବ୍ରେରୀ



**ସୁଧାଂଶୁ ଶେଖର ଦ୍ୱିବେଦୀ**

ଫଟୋ ସୌଜନ୍ୟ : ଲେଖକ

**ଲାଇବ୍ରେରୀ ଆମ ପ୍ରାଚୀନ ମାନ୍ୟତା ଓ ଆଦର୍ଶକୁ ଜୀବନଚିତ୍ର ଆକାରରେ ଧରି ରଖେ । ଲାଇବ୍ରେରୀ ଆମମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରକୃଷ୍ଟ ମାର୍ଗ । ଲାଇବ୍ରେରୀ ବୌଦ୍ଧିକ ଉନ୍ନତିର ପ୍ରତୀକ ଓ ଆଧ୍ୟାତ୍ମିକ ଜାଗରଣର ପ୍ରହରୀ ମଧ୍ୟ । ଏଥର କୋଲ୍‌କାତାରେ ଅବସ୍ଥିତ ନ୍ୟାସ୍‌ନାଲ୍ ଲାଇବ୍ରେରୀ ଆମର ପ୍ରତିବେଦନ ।**

## ଗ୍ରନ୍ଥାଗାର : ଜ୍ଞାନରଘର

ଆଧୁନିକ ପୁସ୍ତକାଳୟକୁ ଜ୍ଞାନର ଭଣ୍ଡାର କୁହାଯାଏ । ଯେଉଁଥିରେ ଧର୍ମ ଓ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ସଂଗୃହୀତ ହୋଇ ରହିଥାଏ ।

ଯେଉଁ ଗୃହରେ ନିୟମିତ ପୁସ୍ତକକୁ ତାଲିକାଯୁକ୍ତ ଓ ସୁଶ୍ରେଣୀବଦ୍ଧ ଭାବେ ଆଲମାରିରେ ଠିକ୍ ଭାବେ ସଜେଇ ରଖାଯାଇଥାଏ ତଥା ଆବଶ୍ୟକତା ଅନୁସାରେ ଉପଯୋଗ କରାଯାଏ, ତାହା ହିଁ ପ୍ରକୃତ ପୁସ୍ତକାଳୟ ।

ପ୍ରାଚୀନ କାଳରେ ହସ୍ତଲିଖିତ ପୁସ୍ତକ ବ୍ୟତୀତ ଛପା ପୁସ୍ତକ ଦୃଶ୍ୟମାନ ନଥିଲା । ପରନ୍ତୁ ବର୍ତ୍ତମାନ ସମୟରେ ଆକର୍ଷକ ଶୈଳୀରେ ମୁଦ୍ରିତ ପୁସ୍ତକର ଉପଲବ୍ଧ ହେବା ଏବଂ ତାକୁ ସଂଗ୍ରହ କରିବା ଶିକ୍ଷିତ ତଥା ସଭ୍ୟ ଜଗତର ଉନ୍ନତି ପଥର ଏକ ଆଦର୍ଶ ନମୁନା କହିଲେ ଭୁଲ ହେବ ନାହିଁ ।

ସୁକାରାତ୍ କହିଥିଲେ, ଯେଉଁଘରେ ଭଲ ପୁସ୍ତକ ନାହିଁ, ସେହି ଘର ବାସ୍ତବରେ ଘର କହିବା ଯୋଗ୍ୟ ନୁହେଁ । ତାହା ଜୀବିତ ଶବମାନଙ୍କର ଶ୍ମଶାନ ସଦୃଶ ଅଟେ ।

ଯେଉଁଠି ଅଧିକ ମାତ୍ରାରେ ଉଚ୍ଚକୋଟିର ଭଲ ସାହିତ୍ୟକୁ ସଂଗ୍ରହ କରି ଗଚ୍ଛିତ କରାହୁଏ, ତାହାକୁ ହିଁ ପୁସ୍ତକାଳୟ କହନ୍ତି । ପୁସ୍ତକାଳୟରେ ସମସ୍ତ ବ୍ୟକ୍ତି କୌଣସି ଭେଦଭାବ ନରଖି ପୁସ୍ତକରୁ ଲାଭ ଉଠେଇଥାନ୍ତି । ସେଇଥିପାଇଁ ମହାତ୍ମା କାଲାଇଲ କହିଥିଲେ, ଉତ୍ତମ ପୁସ୍ତକର ସଂଗ୍ରହ ହିଁ ବର୍ତ୍ତମାନ ଯୁଗର ସଠିକ୍ ବିଶ୍ୱବିଦ୍ୟାଳୟ ଅଟେ । ପୁସ୍ତକ ଘରର ଆଲୁଅ, ସମାଜ ପାଇଁ ଜ୍ୟୋତି ଏବଂ ବଂଶ ପାଇଁ ଆଭା ।

କୌଣସି ଦେଶର ସଭ୍ୟତା ଏବଂ ସଂସ୍କୃତିର ଯଥାର୍ଥ ମୂଲ୍ୟାୟନ ସେଠାକାର ପୁସ୍ତକାଳୟ ମାଧ୍ୟମରେ ହୋଇଥାଏ । ସେଇଥିପାଇଁ ତ କୁହାଯାଏ 'A good, library is better than hundred teachers'.

ବ୍ୟକ୍ତି ସଫଳତାର ଅନୁମାନ ତାହାର ବୌଦ୍ଧିକ କ୍ଷମତାରେ ନୁହେଁ, ବରଂ ପୁସ୍ତକାଳୟରେ ସଫଳତା ପୂର୍ବକ ପ୍ରୟୋଗରେ ଲଗା ଯାଇପାରେ । 'ବହୁଜନ ହିତାୟ, ବହୁଜନ ସୁଖାୟ' ।

ପୁସ୍ତକାଳୟରେ ଆମର ପ୍ରାଚୀନ ମାନ୍ୟତା ଓ ଆଦର୍ଶକୁ ଜୀବନଚିତ୍ର ଆକାରରେ ସଜା ହୋଇଥାଏ । ପୁସ୍ତକାଳୟ ଆମ୍ଭମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରକୃଷ୍ଟ ମାର୍ଗ, ବୌଦ୍ଧିକ ଉନ୍ନତିର ପ୍ରତୀକ ଓ ଆଧ୍ୟାତ୍ମିକ ଜାଗରଣର ପ୍ରହରୀ ଅଟେ ।

## ରାଷ୍ଟ୍ରୀୟ ପାଠାଗାର ଓ ତାର ଇତିକଥା

୧୮୩୬ରେ ପ୍ରତିଷ୍ଠା ହୁଏ କୋଲ୍‌କାତା ପବ୍ଲିକ୍ ଲାଇବ୍ରେରୀ । ସେତେବେଳେ ଏହା ସରକାରୀ ସଂସ୍ଥା ନଥିଲା । କୌଣସି ବ୍ୟକ୍ତି ଏକାଥରେ ୩୦୦ଟଙ୍କା ଅଥବା ସେହି ଟଙ୍କାକୁ ତିନି କିସ୍ତିରେ ଦେଲେ ତାଙ୍କୁ ମାଲିକ ଭାବେ ଗ୍ରହଣ କରା ହେଉଥିଲା । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଗରିବ ଛାତ୍ରଛାତ୍ରୀ ଓ ଅନ୍ୟ ଲୋକମାନଙ୍କୁ ମାଗଣାରେ ଲାଇବ୍ରେରୀର ପୁସ୍ତକ ପଢ଼ିବା ପାଇଁ ଅନୁମତି ଦିଆ ହେଉଥିଲା ।

ତତ୍କାଳୀନ ଜେନେରାଲ ଗଭର୍ଣ୍ଣର ଲର୍ଡ଼ ମେଟ୍‌କାଫ୍ 'ଫୋର୍ଟ ଉଇଲିୟମ୍ ଲାଇବ୍ରେରୀ'ରୁ 'କୋଲ୍‌କାତା ପବ୍ଲିକ୍ ଲାଇବ୍ରେରୀ'କୁ ୪,୬୭୫ଖଣ୍ଡ ପୁସ୍ତକ ପ୍ରଦାନ କରିଥିଲେ । ସମୂହ ପୁସ୍ତକର ଦାନ ଫଳରେ ଗଠନମୂଳକ ପୁସ୍ତକର ମେରୁଦଣ୍ଡ ସୁଦୃଢ଼ ହୋଇ ପାରିଥିଲା । ସେ ସମୟରେ 'କୋଲ୍‌କାତା ପବ୍ଲିକ୍ ଲାଇବ୍ରେରୀ'ର ପ୍ରଥମ ମାଲିକ ଥିଲେ ରବୀନ୍ଦ୍ର ନାଥ ଟାଗୋରଙ୍କ ଜେଜେ ଦ୍ୱାରିକାନାଥ ଟାଗୋର ।

ଭାରତୀୟ ଭାଷାର ପୁସ୍ତକ ସହିତ ବିଦେଶୀ ପୁସ୍ତକ ଥିବା କୋଲ୍‌କାତା ପବ୍ଲିକ ଲାଇବ୍ରେରୀ ୧୮୫୦ ମସିହା ବେଳକୁ ଗୁଜୁରାଟୀ, ମରାଠୀ, ପାଲି, ପଞ୍ଜାବୀ ଓ ସିଂହଳୀ ପୁସ୍ତକ ସମୁହ ଗଚ୍ଛିତ ହୋଇ ସାରିଥିଲା । ସେତେବେଳେ

ଏହି ପୁସ୍ତକାଳୟ ସାର୍ବଜନୀନ ପ୍ରସିଦ୍ଧି ଲାଭ କରିବା ସହ ଆମ ଦେଶର ସାର୍ବଜନୀନ ପୁସ୍ତକାଳୟ ରୂପେ ଅଦ୍ୱିତୀୟ ମାନ୍ୟତା ଲାଭ କରିଥିଲା ।

## ଇମ୍ପେରିଆଲ୍ ଲାଇବ୍ରେରୀ

୧୮୯୧ରେ ସ୍ଥାପିତ ହେଲା ଇମ୍ପେରିଆଲ୍ ଲାଇବ୍ରେରୀ । ସଚିବାଳୟର କିଛି ପୁସ୍ତକକୁ ଏକତ୍ର କରି ଏହି ଲାଇବ୍ରେରୀ ଗଠନ କରାହୋଇଥିଲା ।ଲର୍ଡ଼ କର୍ଜନ ସେତେବେଳେ କୋଲ୍‌କାତାର ଗଭର୍ଣ୍ଣର ଜେନେରାଲ୍ । ସାର୍ବଜନୀକ ଉପଯୋଗ ପାଇଁ ଏକ ପୁସ୍ତକାଳୟ ଖୋଲିବାର ପରିକଳ୍ପନା ସେ ଉତ୍‌ଥାପନ କଲେ । କୋଲ୍‌କାତା ପବ୍ଲିକ୍ ଲାଇବ୍ରେରୀ ଓ ଇମ୍ପେରିଆଲ୍ ଲାଇବ୍ରେରୀର ଉପଯୋଗ ଖୁବ୍ ସୀମିତ ଓ ସୁବିଧାଜନକ ହୋଇପାରୁ ନଥିବାରୁ ସେ କିଛି ସର୍ତ୍ତ ମୁତାବକ ଦୁଇଟି ଲାଇବ୍ରେରୀକୁ ଏକତ୍ର କରିବାକୁ ନିଷ୍ପତ୍ତି ନେଲେ ।

ପୁଣି ଆଉ ଏକ ଇମ୍ପେରିଆଲ୍ ଲାଇବ୍ରେରୀ ନାମରେ ୧୯୦୩ ମସିହା ୩୦ ଜାନୁଆରୀରେ କୋଲ୍‌କାତାର ଏସ୍‌ପ୍ଲାନେଡ୍ ସ୍ଥିତ ମେଟ୍‌କାଫ୍ ହଲ୍‌ରେ ଜନତାଙ୍କ ପାଇଁ ଔପଚାରିକ ଭାବେ ଖୋଲା ହେଲା । ଏହି ଲାଇବ୍ରେରୀର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ କାର୍ଯ୍ୟସ୍ଥଳ ତଥା ଭାରତର ଭବିଷ୍ୟତ ଇତିହାସକାରଙ୍କ ପାଇଁ ମୁଖ୍ୟ ସାମଗ୍ରୀ ହୋଇଥିଲା । ଯେଉଁଥିରେ ଭାରତ ବିଷୟରେ ଲେଖା ହୋଇଥିବା ପ୍ରତ୍ୟେକ ବିଷୟବସ୍ତୁକୁ କୌଣସି ସମୟରେ ଦେଖି ହେବ ଓ ପଢ଼ାଯାଇ ପାରିବ ।

ଜନ୍ ମେକ୍‌ଫଲେନ୍‌ଙ୍କୁ ଏହି ଇମ୍ପେରିଆଲ ଲାଇବ୍ରେରୀର ପ୍ରଥମ ଲାଇବ୍ରେରୀଆନ୍ ଭାବେ ନିଯୁକ୍ତ କରାହୋଇଥିଲା । ତାଙ୍କ ମୃତ୍ୟୁ ପରେ ବହୁଭାଷୀ ବିଦ୍ୱାନ ହରିନାଥ ଡି ଲାଇବ୍ରେରୀର ସଞ୍ଚାଳକ ଭାର ସମ୍ଭାଳିଥିଲେ । ତାପରେ ୧୯୧୧ ମସିହାରେ ଜାଏ ଚେପଲେନ୍ ଏହାର ଉତ୍ତରାଧିକାରୀ ହୋଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ଲାଇବ୍ରେରୀରେ ଉଲ୍ଲେଖନୀୟ ବୃଦ୍ଧି ଓ ସୁଧାର ହୋଇ ପାରିଥିଲା । ଚେପ୍‌ଲେନ୍ ସେବାନିବୃତ୍ତ ହେବା ପରେ ଖାଁ ବାହାଦୁର ଏମ.ଏ. ଅସଦୁଲ୍ଲା ୧୯୪୭ ମସିହା ଜୁଲାଇ ମାସ ଯାଏଁ କାର୍ଯ୍ୟ କରିଥିଲେ ।

## ଜନ୍ମଜାତକ

୧୯୪୭ ମସିହା ଅଗଷ୍ଟ ୧୫ତାରିଖ ଭାରତ ସ୍ୱାଧୀନ ହେଲା । ଇଂରେଜମାନେ ଆମ ଦେଶରୁ ବିଦାୟ ନେଲେ । ସ୍ୱାଧୀନ ଭାରତର ସରକାର ଇମ୍ପେରିଆଲ ଲାଇବ୍ରେରୀର ନାମ ବଦଳେଇ (ନାମବଦଳା ଅଧିନିୟମ ୧୯୪୮) ରାଷ୍ଟ୍ରୀୟ ପୁସ୍ତକାଳୟ ରଖିଲେ । ସମସ୍ତ ସଂଗ୍ରହକୁ ଏସ୍‌ପ୍ଲାନେଡ୍‌ରୁ ସ୍ଥାନାନ୍ତର କରି ଆଲିପୁରର ବେଲ୍‌ବେଦରେ ଇଷ୍ଟେଟ୍‌ରେ ସ୍ଥାପିତ କରାହେଲା । ୧୯୫୩ ମସିହା ଫେବୃଆରୀ ୧ ତାରିଖରେ ମୌଲାନା ଆବୁଲ କାଲାମ ଆଜାଦଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଜନତା ଜନାର୍ଦ୍ଦନଙ୍କ ପାଇଁ 'ରାଷ୍ଟ୍ରୀୟ ପୁସ୍ତକାଳୟ' ବା ନ୍ୟାସ୍‌ନାଲ୍ ଲାଇବ୍ରେରୀ' ଭାବରେ ଖୋଲାଗଲା । ସ୍ୱାଧୀନ





ଭାରତର ପ୍ରଥମ ଲାଇବ୍ରେରୀଆନ୍ ହେଲେ ବି.ଏସ. କେସନ୍ ।

ରାଷ୍ଟ୍ରୀୟ ପୁସ୍ତକାଳୟରେ ପ୍ରାୟତଃ ସବୁ ଭାରତୀୟ ଭାଷାଭାଷୀ ପୁସ୍ତକ ଉପଲବ୍ଧ । ଅହମିଆ, ବଙ୍ଗାଳି, ହିନ୍ଦୀ, କନ୍ନଡ଼, କାଶ୍ମିରୀ, ମଲୟାଲାମ, ମରାଠୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସିନ୍ଧି, ତାମିଲ୍, ତେଲୁଗୁ ଓ ଉର୍ଦ୍ଦୁ ପାଇଁ ଅଲଗା ଅଲଗା ଭାଷାକୋଷର ବିଭାଗ ରହିଛି ।

ସେହିପରି ବିଦେଶୀ ଭାଷାର ପୁସ୍ତକ ଯଥା- ପୂର୍ବ ଏସିଆ, ଜର୍ମାନ୍, ରୋମ୍, ଫ୍ରାନ୍ସ, ପଶ୍ଚିମ ଏସିଆ ଆଦିର ପୁସ୍ତକ ବି ମହଜୁଦ ଅଛି ।

## ବହିର ସ୍ୱର୍ଗ : ବହୁଭାଷୀ ବହିର ମହାସାଗର

ରାଷ୍ଟ୍ରିୟ ପୁସ୍ତକାଳୟରେ ଦୁର୍ଲଭ ପୁସ୍ତକର ପ୍ରଭାବଶାଳୀ ସଂଖ୍ୟା ଅକଳନ । ୧୮୬୦ ମସିହାର ସବୁଠୁ ପୁରୁଣା ପୁସ୍ତକ, ତାହାର ଚିତ୍ରଣ ଓ ପ୍ରଥମ ସଂସ୍କରଣ ସହିତ ଗଚ୍ଛିତ ଅଛି । ଦୁର୍ଲଭ ପୁସ୍ତକ ବ୍ୟତୀତ ୪୭୦୦ ମନୋଗ୍ରାଫ୍, ୩୦୦୦ ପାଣ୍ଡୁଲିପି ଓ ୧୫୦୦ ମାଇକ୍ରୋ ଫିଲ୍ମ ମଧ୍ୟ ଗଚ୍ଛିତ ଅଛି ।

ବିଜ୍ଞାନ ଓ ପ୍ରାଦ୍ୟୋଗିକ ସଂଗ୍ରହ ମଧ୍ୟରେ ୧୭,୦୦୦ ପୁସ୍ତକ, ଭାରତୀୟ ଅଧିକାରୀଙ୍କ ନଥିପତ୍ର ଓ ବିଦେଶୀ ଅଧିକାରୀଙ୍କ ନଥିପତ୍ର ମଧ୍ୟ ଏହି ପୁସ୍ତକାଳୟରେ ସୁରକ୍ଷିତ ଭାବେ ଉପଲବ୍ଧ ।

ଏହା ବ୍ୟତୀତ ୧୯୬୮ ମସିହାରୁ ପୁସ୍ତକାଳୟର ପ୍ରୟୋଗଶାଳାରେ ପୁସ୍ତକର ରାସାୟନିକ ଉପଚାର ହେଉଛି । ବହୁ ପୁରୁଣା କ୍ଷତିଗ୍ରସ୍ତ ପୁସ୍ତକ ଗୁଡ଼ିକର ପୁନରୁତ୍‌ଥାନ ପାଇଁ ରାସାୟନିକ ଉପଚାର ଦ୍ୱାରା ମରାମତି କରାହେଉଛି ।

## ଗ୍ରନ୍ଥର ଗ୍ରାହକ : ଭାରତୀୟ ନାଗରିକ

ଏହିପରି ଏକ ରାଷ୍ଟ୍ରୀୟ ପୁସ୍ତକାଳୟର ସଦସ୍ୟତା ପାଇଁ ୧୮ ବର୍ଷରୁ ଉର୍ଦ୍ଧ୍ୱ କୌଣସି ବ୍ୟକ୍ତି ବିଶେଷ ରିଡିଙ୍ଗ୍ ରୁମ୍ ଉପଯୋଗ କରିପାରିବେ । ଆବେଦକଙ୍କୁ ନିର୍ଦ୍ଧାରିତ ଫର୍ମ ଭରିବାକୁ ପଡ଼ିଥାଏ । ବାର୍ଷିକ ସଦସ୍ୟତା ନିଃଶୁଳ୍କ ହେବା ସହ ଜଣେ ପାଠକ ଦିନେ କିମ୍ବା ଦୁଇଦିନ ଲାଗି ରିଡିଙ୍ଗ୍ ରୁମ୍ ବା ପଠନ କକ୍ଷ ଉପଯୋଗ କରିବା ପାଇଁ ଦୈନିକ ସଦସ୍ୟତା କାର୍ଡ଼ ତିଆରି କରିବାକୁ ହୋଇଥାଏ ।

ରାଷ୍ଟ୍ରୀୟ ପୁସ୍ତକାଳୟ ପ୍ରତିଦିନ ସକାଳ ୯ଟାରୁ ୮ଟା ଯାଏଁ ଖୋଲା ରହେ । ଶନିବାର, ରବିବାର ଓ ଅନ୍ୟ ଛୁଟିଦିନମାନଙ୍କରେ ସକାଳ ୯.୩୦ ମିନିଟ୍‌ରୁ ସନ୍ଧ୍ୟା ୬ଟା ଯାଏଁ ଖୋଲେ । ଏହାଛଡ଼ା ୨୬ ଜାନୁଆରୀ, ୧୫ ଅଗଷ୍ଟ ଓ ୨ ଅକ୍ଟୋବର ଏହି ତିନିଦିନ ପୁରା ଛୁଟି ରହେ ।

**ବିସି-୭୪, ସେକ୍ଟର-୧, ସଲଟ୍‌ଲେକ୍, କୋଲ୍‌କାତା-୬୪,**
**ଫୋନ : ୯୬୮୧୩୭୩୫୧୨**

ପର୍ଯ୍ୟଟନ

# 'ମେରୁମଠ'ର ମହିମା



## ଅଜିତ ପାତ୍ର


ଫଟୋ ସୌଜନ୍ୟ : ଲେଖକ

ମହମା ଧର୍ମର ପ୍ରଚାର ଏବଂ ପ୍ରସାର ପାଇଁ ଭଗବାନ ମହିମା ସ୍ୱାମୀଙ୍କ ଆଦେଶରେ ବାବା ଘାସିରାମ ଦାସ ଓ ତାଙ୍କ ଶିଷ୍ୟ ହନୁମାନ ଦାସଙ୍କ ପ୍ରଚେଷ୍ଟାରେ ୧୮୩୧ ମସିହାରେ 'ମେରୁମଠ' ପ୍ରତିଷ୍ଠା ହୋଇଛି ବୋଲି ଏକ ମାର୍ବଲ ପଥରରେ ଲିପିବଦ୍ଧ ରହିଥିଲେ ବି ଏଠାକାର ଇତିହାସ ଆହୁରି ପ୍ରାଚୀନ ବୋଲି ବିଭିନ୍ନ କାରଣରୁ ମନେହୁଏ ।

ଏହି ମଠଟି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାକୁ ଲାଗି ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକ୍‌ର ଏକ ସମୃଦ୍ଧଶୀଳ ଗାଁ ଶୀର୍ଷାକୁ ଲାଗି ସୁବର୍ଣ୍ଣରେଖା ନଦୀ ତଟରେ ଅବସ୍ଥିତ । ଯିବାକୁ ହେଲେ ମୟୂରଭଞ୍ଜ ସଦର ବାରିପଦାରୁ ଅଠର ନମ୍ବର ଜାତୀୟ ରାଜପଥ ଧରି ଝାରପୋଖରିଆକୁ ୩୦ କି.ମି. ଓ ପୁଣି ଓଡ଼ିଶା ରାଜ୍ୟ ସଡ଼କ ଦେଇ ଶୀର୍ଷା ଓ ଶୀର୍ଷା ଠାରୁ 'ମେରୁମଠ' ପର୍ଯ୍ୟନ୍ତ ଆହୁରି ପ୍ରାୟ ୯ କି.ମି. ବାଟ ଯିବାକୁ ପଡ଼େ । ଶୀର୍ଷା ଗାଁର ପଛରେ ଆରମ୍ଭ ହୋଇଥିବା ବନ-ବନାନୀ ଭିତରେ ଛାଇଆଲୁଅରେ ପ୍ରାୟ ପଚାଶ ଏକର ବିସ୍ତୃତ ବନଖଣ୍ଡ ଭିତରେ ରହିଛି 'ମେରୁମଠ' । ମଠ ତଳେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ଝାଡ଼ଖଣ୍ଡ ଓ ଓଡ଼ିଶା ମଧ୍ୟରେ ସୀମାରେଖା ନିର୍ଦ୍ଧାରଣ କରୁ କରୁ ପ୍ରାୟ ଆଉ ୬ କି.ମି. ପଥ ଅତିକ୍ରମ କଲା ପରେ ଯାଇ ପଶ୍ଚିମବଙ୍ଗ ସୀମାରେ ପ୍ରବେଶ କରିଛି ।

ଯଦି ପୁଣି କେହି ଝାରପୋଖରିଆରୁ ଜାତୀୟ ରାଜପଥ ୬କୁ ଧରି ଓଡ଼ିଶାର ଶେଷ ସୀମା ଜାମଶୋଳା

'ମେରୁମଠ'ର ପଶ୍ଚାତ୍‌ଭାଗରେ ଥିବା ସୁବର୍ଣ୍ଣରେଖା ନଦୀଶଯ୍ୟାର ମନୋରମ ଦୃଶ୍ୟ ▼



ଘାଟ ପର୍ଯ୍ୟନ୍ତ ୧୦ କି.ମି. ଆସି ସୁବର୍ଣ୍ଣରେଖା ନଦୀ ପୋଲ ପାରିହେବା ମାତ୍ରେ ଝାଡ଼ଖଣ୍ଡ ସୀମାକୁ ଛୁଇଁ ଜାତୀୟ ରାଜପଥ କଡ଼ରେ ବନାବୁଡ଼ା ଗାଁକୁ ଆସନ୍ତି ଏବଂ ଏହି ଗାଁ ଦେଇ ଗାଁ ରାସ୍ତାରେ ବଣକାଟା ଗାଁ ଓ ତାହାରି ତଳେ ପ୍ରବାହିତ ହେଉଥିବା ସୁବର୍ଣ୍ଣରେଖା ନଦୀ ପାରିହେଲେ ସେହି ମେରୁମଠକୁ ଆଉ ୫ କି.ମି. ପଥ ଯିବାକୁ ପଡ଼ିବ । ତେବେ ଏଠି ପାରିହେବା ପାଇଁ ନଈ-ପୋଲର ବ୍ୟବସ୍ଥା ନାହିଁ । ଏଠି ସୁବର୍ଣ୍ଣରେଖା ନଦୀ ତାର ଅପାର ସୌନ୍ଦର୍ଯ୍ୟର ଗନ୍ତାଘର ବିସ୍ତାରି ବସିଛି । ଶୀତ ଋତୁରେ ପାଣି କମ୍ ରହୁଥିବାରୁ ଚାଲି ଚାଲି ସେପାରିକୁ ଯିବା ବା ମାଛଧରା ହୁଳିଡଙ୍ଗା ଚଢ଼ି ସେପାରିକୁ ଯିବାର ଏକ ନିଆରା ଆନନ୍ଦ ରହିଛି । ସୁବର୍ଣ୍ଣରେଖା ଏହି ସ୍ଥାନରେ ବେଶ୍ ବିସ୍ତୃତ ଓ ଏଠାରେ ଏକ ମନଲୋଭା ନଦୀବାଙ୍କ ରହିଛି । ବିସ୍ତୃତ ନଦୀର ମଝିରେ ମଝିରେ ଦୃଶ୍ୟମାନ ବାଲୁଚର ଓ ଏଠିସେଠି ତାମ୍ର ରଙ୍ଗର ପ୍ରସ୍ତରର ଡୁଙ୍ଗୁରି ପାଣିରେ ସୃଷ୍ଟି କରୁଛି ଏକ ମନରୋମ ପରିବେଶ । ସେଥିପାଇଁ ଏଠାରେ ପ୍ରବାହିତ ପାଣିର ଜଳୋଚ୍ଛ୍ୱାସ ଓ କୁଳୁକୁଳୁ ଶବ୍ଦ ସୃଷ୍ଟି କରୁଛି ବେଶ୍ ତୀବ୍ର ସ୍ୱରଝଙ୍କାର । କେବେକେବେ ସେହି ପାଣି ପ୍ରବାହରେ କିମ୍ବା ସେହିସବୁ ପଥରର ଡୁଙ୍ଗୁରିରେ ଜଳଜ-ଉଦ୍ଭିଦଙ୍କ ସମାଗମ ଶାଗୁଆ ରଙ୍ଗ ପାଣି ଓ ତାମ୍ର ବର୍ଣ୍ଣ ପ୍ରସ୍ତର ଉପରେ ସୁଦୃଶ୍ୟ ଶୋଭା ରଚୁଥାଏ । ପାଣି ଉପରେ ପୁଣି ସୂର୍ଯ୍ୟାଲୋକ ପଡ଼ି   ନଈପାଣିକୁ ପିନ୍ଧାଇଥାଏ ଚିକ୍‌ମିକ୍ ଶାଢି । ପାଣି ତଳେ ସୁନେଲି ମାଛର ସନ୍ତରଣ । ଏହାଛଡ଼ା ସୁବର୍ଣ୍ଣରେଖାର ବାଲୁକାରେ ମିଶି ରହିଛି ଅୟୁତ-ନିୟୁତ ସ୍ୱର୍ଣ୍ଣରେଣୁ । ଏବେବି ସୁବର୍ଣ୍ଣରେଖା ନଦୀତଟର ଗ୍ରାମବାସୀମାନେ ବିଶେଷ ପଦ୍ଧତିରେ ବାଲିକୁ ଧୋଇଧାଇ ସ୍ୱର୍ଣ୍ଣରେଣୁ ସାଉଁଟି ଜୀବନଜୀବିକା ନିର୍ବାହ କରୁଥିବା ଦେଖିବାକୁ ମିଳେ ।


## କିମ୍ବଦନ୍ତୀ କହେ

ଅଜ୍ଞାତବାସ ସମୟରେ ଏଠି ପଞ୍ଚପାଣ୍ଡବଙ୍କ ମଧ୍ୟରୁ ଭୀମ ଆଣ୍ଠେଇଥିଲେ । ତେଣୁ ଭୀମଙ୍କ ଆଣ୍ଠୁର ଛାପ ପଥର ଉପରେ ଏବେ ବି ଦେଖାଯାଏ । ସବୁକିଛିର ମିଶ୍ରଣରେ ଅପୂର୍ବ ଏ ନଈପଠା ଓ ପଥର ଚଟାଣକୁ ଦେଖୁ ଦେଖୁ ଆପଣ କେତେବେଳେ ସେପାରିରେ ପହଞ୍ଚିଯିବେ ଜାଣିପାରିବେ ନାହିଁ । ସେପାଖର ତଟଦେଶରେ ଠିଆ ହୋଇଥିବା ଘଞ୍ଚଅରଣ୍ୟର ଦୀର୍ଘକାୟ ବୃକ୍ଷ ଯେପରି ହାତ ଠାରି ଡାକୁଥିବ । ଗଛଲତା ପରିପୂର୍ଣ୍ଣ ରାସ୍ତା ସ୍ୱାଗତର ମୁଦ୍ରାରେ ଅତିଥିକୁ ପାଦେ ପାଦେ ପାଛୋଟି ନେଇ ଅଜାଣତରେ କେତେବେଳେ ମଠ ପାଖରେ ପହଞ୍ଚାଇ ଦେଇଥିବ ଆପଣ ଜାଣି ସୁଦ୍ଧା ପାରିବେନି ।

## ମେରୁମଠର ଇତିହାସ

ଅଲେଖ ମହିମା ଧର୍ମ ପ୍ରଚାର ଓ ପ୍ରସାର ନିମନ୍ତେ ମଠଟି ସେତେବେଳେ ଗଞ୍ଜାମର ଯୋରନ୍ଦା ମଠରୁ ପରିଚାଳିତ ହେଉଥିଲା । ୧୮୩୧  ମସିହାର କଥା । ମେରୁମଠଟି ୧୮୩୧ରେ ସ୍ଥାପିତ ହୋଇଥିଲେ ବି ଏହାର ସବୁ ସାଧୁବାବାମାନଙ୍କ ନାମ ବା ସେମାନଙ୍କ ସମ୍ପର୍କରେ ସଠିକ ସୂଚନା ଏବେବି ଜଣା ପଡ଼ିନାହିଁ । କେବଳ ମଠର ମହନ୍ତମାନଙ୍କ ନାମ ଏକ ମାର୍ବଲ ପଥର ଉପରେ ଲିପିବଦ୍ଧ ରହିଛି । ତଦନୁଯାୟୀ ମଠର ମହନ୍ତ ପରମ୍ପରା ଏମିତି- ବାବା ଘାସିରାମ ଦାସ, ବାବା ହନୁମାନ ଦାସ, ବାବା ଋଷିନାଥ ଦାସ, ବାବା ଧରଣୀଧର ଦାସ ଏବଂ ବାବା ନବ କିଶୋର ଦାସ । ଏହି ପାଞ୍ଚ ମହନ୍ତ ଆଜି ବ୍ରହ୍ମଲୀନ ହୋଇ ଯାଇଥିବା ବେଳେ ବାବା ନବକିଶୋର ଦାସଙ୍କ ଶିଷ୍ୟ ବାବା ବିମ୍ବାଧର ଦାସ ଏବେ ମଠର ମହନ୍ତ ଭାବରେ ମଠର ଜାତୀୟ ପରମ୍ପରା ଓ କାର୍ଯ୍ୟଭାର ପରିଚାଳନା କରୁଛନ୍ତି । ମଝିରେ ସାଧୁ ରସାନନ୍ଦ ବାବା ଏହି ମଠଟିର ସୁନାମକୁ ନିଜ ଜ୍ଞାନ ଓ ଦୂରଦୃଷ୍ଟି ଦ୍ୱାରା ଦୂରଦୂରାନ୍ତବ୍ୟାପୀ ବିସ୍ତାରିତ କରିଥିଲେ ।

ବାବା ଘାସିରାମ ଦାସଙ୍କ ଦ୍ୱାରା ନିର୍ମିତ ସେହି ସୁଉଚ୍ଚ ଓ ବିଶାଳ ଭବ୍ୟ ମଠଟିକୁ ୧୯୪୩ ମସିହାରେ ସୁବର୍ଣ୍ଣରେଖାରେ ଆସିଥିବା ଭୟଙ୍କର ବନ୍ୟା ପ୍ରଭୂତ କ୍ଷତି କରିଥିଲା । ପରେ ୧୯୪୫ ମସିହାରେ ମଠଟି ଭୁଷୁଡ଼ି ପଡ଼ିବା ଆରମ୍ଭ କଲା । ଆଜି ସେହି ମଠଟି ଗଛଲତା ଆଡୁଆଳରେ ଗଛର ଚେର ଦ୍ୱାରା ଆବଦ୍ଧ ହୋଇ ଖୁବ୍ ଅଳ୍ପ ଅଂଶ ଠିଆ ହୋଇଥିବାର ପରିଲକ୍ଷିତ ହୁଏ ।



ପରେ ବାବା ନବକିଶୋର ଦାସ ପୁରୁଣା ମଠର ଅନତି ଦୂରରେ ଆଉ ଏକ ଧ୍ୱନିମନ୍ଦିର ନିର୍ମାଣ କରନ୍ତି ଯାହା ଆଜିସୁଦ୍ଧା ବିଦ୍ୟମାନ ।



କିନ୍ତୁ ବାବା ଘାସିରାମ ଦାସଙ୍କ ପୂର୍ବରୁ ମଧ୍ୟ ଏଠି ମଠ ରହିଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ମହୀନ୍ଦ୍ର ଦାସଙ୍କ ଏକ ଲେଖାରୁ ଜଣାଯାଏ, ମେରୁ ହ୍ରଦରେ ପଥରର ଏକାଧିକ ଗୁମ୍ଫା ଥିଲା, ଯେଉଁଠି କେବେ ଗଙ୍ଗେଇ କୁମାର ନାମକ ମହର୍ଷି ତପ କରୁଥିଲେ । ହୁଏତ ସେତେବେଳେ ମଠର ପାଖାପାଖି ସୁବର୍ଣ୍ଣରେଖାରେ ଛୋଟିଆ ହ୍ରଦ କିମ୍ବା ଗଭୀର ଜଳାଶୟଟେ ସୃଷ୍ଟି ହୋଇଥିବ । ଯାହା କାଳକ୍ରମେ ବାଲିରେ ପୋତି ଯାଇଥିବ । ମଠ ଠାରୁ ଅଳ୍ପ ଦୂରରେ ଏକ ଡୁଙ୍ଗରି ଭଳି ଅଛି । ଏହି ସ୍ଥାନକୁ ଦେଖିଲେ ଲାଗେ ଯେମିତି ଏହାର ତଳେ ଭୂଇଁ-ଘର ଥାଇପାରେ । ଲୋକ ମୁଖରେ ମଧ୍ୟ ଏହି କଥା ଶୁଣିବାକୁ ମିଳେ । ସୁବର୍ଣ୍ଣରେଖା ନଦୀ ଗର୍ଭରୁ ବାବା ଘାସିରାମ ଦାସ ଏକ ଖିଲାଣି ପଥର ପ୍ରାୟ ଦେଢ଼ଫୁଟ ଚଉଡ଼ା ଓ ଚାରିଫୁଟ ଲମ୍ବା ଉଦ୍ଧାର କରି ଆଣିଥିଲେ । ସେଥିରେ ଲମ୍ବା ଲମ୍ବା ଗାର ଟଣା ଯାଇ କାରୁକାର୍ଯ୍ୟ ଖୋଦିତ ହୋଇଛି । କିଛି ବର୍ଷ ପୂର୍ବେ ବର୍ତ୍ତମାନର ମଠ ପଛରେ ଏହା ପୋତା ହୋଇରହିଥିଲା । ଏବେ କୌଣସି କାରଣରୁ ମଠ ସାମ୍ନାରେ ତାହା ପଡ଼ିରହିଛି । ପଥରଟିକୁ ଦେଖିଲେ ଲାଗେ ଏହା ନଦୀ ଗର୍ଭରେ ବା ନଦୀତଟରେ ଥାଇପାରେ । ସେଠି କେବଳ ଗୁମ୍ଫା ନୁହେଁ ଉନ୍ନତ ମାନର ପ୍ରକୋଷ୍ଠ ମଧ୍ୟ ନିହାତି ଥିଲା । ବାବା ଘାସିରାମ ଦାସ ଏଠାକୁ ଆସିବା ସମୟରେ ହୁଏତ ଏଠାରେ ପୂର୍ବରୁ ରହୁଥିବା ତପସ୍ୱୀମାନଙ୍କ ପ୍ରଭାବ କମି ଯାଇଥିବାରୁ ଅଲେଖ ମହିମା ଧର୍ମର ପ୍ରଚାର ଓ ପ୍ରସାର ବେଶ୍ ଗତିଶୀଳ ହୋଇପାରିଥିଲା ।

ଅଷ୍ଟାଦଶ ଶତାବ୍ଦୀରେ ପାଳ ବଂଶର ସ୍ଥାପନା ଓ ସାମ୍ରାଜ୍ୟ ବିସ୍ତାର ହେଲା । ଏହା ବଙ୍ଗ-ବିହାର-ଓଡ଼ିଶା ଠାରୁ ଆସାମ ପର୍ଯ୍ୟନ୍ତ ବ୍ୟାପିଥିଲା । ସେତେବେଳେ ବୌଦ୍ଧ ଧର୍ମର ବିପୁଳ ପ୍ରଚାର ଓ ପ୍ରସାର ଘଟିଥିଲା । କିଛିବର୍ଷ ତଳେ ମେରୁ ଠାରୁ ପ୍ରାୟ ୬ କି.ମି. ଦୂରରେ (ଏବେକାର ଝାଡ଼ଖଣ୍ଡ ରାଜ୍ୟ) ଥିବା ଗୁହିଆପାଳ ଗାଁ ନିକଟସ୍ଥ ସୁବର୍ଣ୍ଣରେଖା ତଟରେ ପୁରାତତ୍ତ୍ୱ ବିଭାଗ ଦ୍ୱାରା ଖନନ କାର୍ଯ୍ୟ ହୋଇଥିଲା । ଖନନରୁ ମିଳିଥିବା ସାମଗ୍ରୀକୁ ଅନୁଧ୍ୟାନ ପରେ ଜଣାପଡ଼ିଥିଲା ଯେ ଏଠି ଏକଦା ପାଳବଂଶର ଶାସନ ଥିଲା । ପୁଣି ଏହି ମେରୁମଠର ନିକଟବର୍ତ୍ତୀ ଅଞ୍ଚଳ ଜାମଶୋଳା ପାଖ ଗଡ଼ଘାଟ ଠାରେ ରାଜପ୍ରାସାଦ ଥିବାର ସୂଚନା ମିଳେ, ଯାହା କୌଣସି କାରଣରୁ ଭସ୍ମୀଭୂତ ହୋଇ ଯାଇଛି । ଏବେ ସେସବୁ ମାଟି ତଳେ ପୋତି ଯାଇଛି । କେବେ କେବେ ବହୁ ମୂଲ୍ୟବାନ ସାମଗ୍ରୀ ଉଦ୍ଧାର ହୋଇଛି କିନ୍ତୁ ସେସବୁ ସୁରକ୍ଷିତ ହୋଇ ରହିନାହିଁ ।

ଏହିସବୁ କାରଣରୁ କୁହା ଯାଇପାରେ ଯେ ମେରୁମଠର ଇତିହାସ ୧୮୩୧ ମସିହା ଠାରୁ ଆହୁରି ପ୍ରାଚୀନ ଏବଂ ଏଠି ଗୋଟିଏ ପ୍ରାଚୀନ ଜନପଦ ଥିଲା । ଏହି ମେରୁମଠରେ ପାଳିତ ହେଉଥିବା ମକର ମେଳା ଏକ ଐତିହାସିକ ମେଳା । ଆଗରୁ ଏ ମେଳାକୁ ଦେଖିଥିବା କିଛି ପୁରୁଖା ଲୋକଙ୍କ ଠାରୁ ମେଳାର ବର୍ଣ୍ଣାଢ଼୍ୟ ଚିତ୍ରପଟ ସମ୍ପର୍କୀୟ ବର୍ଣ୍ଣନା ଶୁଣିଲେ ଅଭିଭୂତ ହେବାକୁ ପଡ଼େ । ଖୁବ୍ ଜାକଜମକରେ ଓ ଶ୍ରଦ୍ଧାଶୀଳ ଭାବେ ପାଳିତ ହେଉଥିଲା ସେ ଉତ୍ସବ ।


'ମେରୁମଠ'ସ୍ଥ ଧ୍ୱନି ମନ୍ଦିର

### ମେରୁମଠରୁ ପ୍ରକାଶ ପାଇଥିବା ଗ୍ରନ୍ଥ

ମେରୁମଠରୁ କତିପୟ ଗ୍ରନ୍ଥ ପ୍ରକାଶ ପାଇଥିବାର ପ୍ରମାଣ ମିଳେ । ଅବଶ୍ୟ ସେକଥା ଏବେ ପ୍ରାୟ କେହି ଜାଣନ୍ତି ନାହିଁ । ବହୁ ଚେଷ୍ଟା ପରେ ଆମେ ଯେଉଁ କେତୋଟି ଗ୍ରନ୍ଥ ଉଦ୍ଧାର କରିଥିଲୁ ସେସବୁ ଚଟିବହି ବା ପୁସ୍ତିକା ଆକାରର । କିନ୍ତୁ ଏହାର ଉପାଦେୟତା ଗୋଟେ ଗ୍ରନ୍ଥ ଠାରୁ କମ୍ ନୁହେଁ । ଆମେ ପାଇଥିବା ହୋଇଥିବା କେତୋଟି ପୁସ୍ତକ ହେଲା: ୧. ସାଧୁ ରସାନନ୍ଦ ଦାସଙ୍କ ଦ୍ୱାରା ରଚିତ 'ମେରୁମଠ ମହାତ୍ମ୍ୟ' ଯାହା ୧୯୪୪ ମସିହାରେ Royal Press, Seraikellaରୁ ମୁଦ୍ରିତ । ୨. ଶ୍ରୀ ଈଶ୍ୱର ପ୍ରକାଶ ବ୍ରହ୍ମଚାରୀଙ୍କ ରଚିତ 'ବାବା ଘାସିରାମ' । ଏହି ପୁସ୍ତକଟି ୧୯୫୦ ମସିହାରେ ଅନ୍ନପୂର୍ଣ୍ଣେଶ୍ୱରୀ ପ୍ରେସ୍, ଭଦ୍ରକରୁ ମୁଦ୍ରିତ । ୩. ପରିବ୍ରାଜକ ସନ୍ନ୍ୟାସୀ ମହୀନ୍ଦ୍ର ବାବାଙ୍କ ପ୍ରଣୀତ 'ବାବା ଘାସିରାମ ଉପଦେଶାମୃତ' । ୧୯୪୯ ମସିହାରେ ଏହା ମଧ୍ୟ ସେହି ଅନ୍ନପୂର୍ଣ୍ଣେଶ୍ୱରୀ ପ୍ରେସ୍, ଭଦ୍ରକରୁ ମୁଦ୍ରିତ । ୪. ସନ୍ନ୍ୟାସୀ ମହୀନ୍ଦ୍ର ବାବାଙ୍କ ପ୍ରଣୀତ 'ମେରୁମଠ ମକରଯାତ୍ରା' । ୧୯୫୦ ମସିହାରେ ଭଦ୍ରକରୁ ମୁଦ୍ରିତ । ୫. ବୈଦ୍ୟନାଥ ମିଶ୍ରଙ୍କ ଲିଖିତ 'ତତ୍ତ୍ୱଦ୍ରଷ୍ଟା ଭୀମଭୋଇ' ।୧୯୪୪ ମସିହାରେ ସାରସ୍ୱତ ପ୍ରେସ୍ କଟକରୁ ମୁଦ୍ରିତ ହୋଇଥିଲା ।

ଏହାବ୍ୟତୀତ ଆମର ହସ୍ତଗତ ହୋଇନଥିବା କିଛି ପୁସ୍ତକ ମଧ୍ୟ ଅଛି ଯାହା 'ବାବା ଘାସିରାମ ଉପଦେଶାମୃତ' ପୁସ୍ତକ ପଛରେ ମେରୁମଠ ମହିମା ସମିତିର ଗ୍ରନ୍ଥମାଳା ସୂଚୀମାଳାରୁ ଜଣାପଡ଼େ । ତାହା ଏମିତି: ୧. ତତ୍ତ୍ୱମାଳା ୨. ବାବା ଘାସିରାମ ଉପଦେଶାମୃତ ୩. ତତ୍ତ୍ୱଦ୍ରଷ୍ଟା ଭୀମଭୋଇ ୪. ବାବା ଘାସିରାମ ୫. ସାଧୁ ସଂଗୀତ ୬. ମେରୁ ମଠ ମହାତ୍ମ୍ୟ ୭. ପରାପର ସନ୍ୟାସ ମତ ସମୀକ୍ଷା ୮. ବସନ୍ତ ଉତ୍ସବରେ ମେରୁମଠ ମକରଯାତ୍ରା ଏବଂ ଯନ୍ତ୍ରସ୍ଥ ଅବସ୍ଥାରେ ରହିଥିବା ପୁସ୍ତକର ସୂଚୀ ହେଉଛି: ୧. ମହୀନ୍ଦ୍ର ନାଥ ଭଜନମାଳା ୨. ଭୋଇ ଭଜନ ତତ୍ତ୍ୱ ପ୍ରବେଶିକା ୩. ମହିମା ବର୍ଣ୍ଣନା ୪. ଯୋଗେଶ୍ୱର ମହିମା ୫. ମହିମା ପ୍ରସଙ୍ଗ ୬. ସ୍ମୃତିମନ୍ଦିର ୭. ମୁଁ କିଏ ? ୭. ବାଲ୍ୟଲୀଳା ୮. ଭ୍ରାତା ୯. ଭଗିନୀ ୧୦. ସଂକୀର୍ତ୍ତନ ପ୍ରଦୀପ । ଜଣାନାହିଁ ଏସବୁ ପୁସ୍ତକ ଛପା ହୋଇ ମେରୁମଠକୁ ଆସିଥିଲା କି ନାହିଁ ।

### ମେରୁମଠ : ବହି ଓ ବିତର୍କ

'ତତ୍ତ୍ୱଦ୍ରଷ୍ଟା ଭୀମଭୋଇ' ପୁସ୍ତକଟି ୩୧ ପୃଷ୍ଠା ବିଶିଷ୍ଟ ଏକ ଗବେଷଣାତ୍ମକ ପ୍ରବନ୍ଧ ପୁସ୍ତକ । ଏହା ଭୋଇ ସାହିତ୍ୟ ଉପରେ ରଚିତ ଏକ ଉପାଦେୟ

ଗବେଷଣାମୂଳକ ଗ୍ରନ୍ଥ । ଗ୍ରନ୍ଥଟି ୧୯୪୪ରେ କଟକରୁ ଛପା ହୋଇ ମଠକୁ ଆସିଥିଲା । ଭୋଇଙ୍କ ସବୁ ଜଣାଣ, ଚମ୍ପୁ ଯେ ବେଦାନ୍ତ ଅନୁମୋଦିତ ତାହା ଜନସାଧାରଣଙ୍କୁ ବୁଝାଇବା ଓ ଏହି ଜଣାଣଗୁଡ଼ିକ ସନାତନ ହିନ୍ଦୁମାନେ ଚର୍ଚ୍ଚା କରିବାରେ କୌଣସି ବାଧା ନାହିଁ ବୋଲି ଦର୍ଶାଇବା ଥିଲା ଏହି ବହି ପ୍ରକାଶନ ପଛର ମୂଳ ଉଦ୍ଦେଶ୍ୟ । ଆଶ୍ଚର୍ଯ୍ୟର ବିଷୟ ଗ୍ରନ୍ଥଟିର ପ୍ରଣେତା ପଣ୍ଡିତ ବୈଦ୍ୟନାଥ ମିଶ୍ର ଭୀମଭୋଇଙ୍କ ଲୋକମୁଖରେ କଥିତ ଭାଷାରେ ସୃଷ୍ଟି ପ୍ରତିଟି ଜଣାଣ, ଚମ୍ପୁରେ ବେଦାନ୍ତର ସାରତତ୍ତ୍ୱ ଅନ୍ତର୍ନିହିତ ଅଛି ବୋଲି ଭୀମଭୋଇଙ୍କ ରଚନା ସହିତ ବେଦାନ୍ତ କଥାମୃତର କୋଉଠି ମେଳ ନାହିଁ ଓ କୋଉଠି ସମାନତା ରହିଛି ତାହା ତୁଳନାତ୍ମକ ଭାବରେ ଦର୍ଶାଇଛନ୍ତି । ଶେଷରେ ଭୀମଭୋଇଙ୍କୁ ତତ୍ତ୍ୱଦ୍ରଷ୍ଟା ବୋଲି ପ୍ରମାଣିତ କରିଛନ୍ତି ।

ଗ୍ରନ୍ଥଟି ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଏହା ବହୁ ବିତର୍କ ସୃଷ୍ଟି କରି ପଣ୍ଡିତ ମହଲରେ ଚର୍ଚ୍ଚାକୁ ଆସିଲା । କିନ୍ତୁ ଯୋରନ୍ଦା ଗାଦିର ସାଧୁ ଅନନ୍ତ ଚରଣ ବାବା ଓ ସାଧୁ ପିତାମ୍ବର ବାବା ତତ୍ତ୍ୱଦ୍ରଷ୍ଟା ଭୀମଭୋଇ ଗ୍ରନ୍ଥଟିକୁ ଧର୍ମବିଦ୍ୱେଷୀ ପୁସ୍ତକ ବୋଲି ସମାଲୋଚନା କରି ବ୍ରହ୍ମପୁରରୁ ପ୍ରକାଶିତ 'ମହିମା' ପତ୍ରିକାରେ ସମାଲୋଚନା କଲେ । ଭୀମଭୋଇଙ୍କୁ ତତ୍ତ୍ୱଦ୍ରଷ୍ଟା ବୋଲି ପ୍ରମାଣିତ କରୁଥିବାରୁ ସେମାନେ କ୍ଷୁବ୍ଧ ହୋଇଥିଲେ ଏବଂ ତା'ର ବିରୋଧରେ ଲେଖିଥିଲେ । ତତ୍ତ୍ୱଦ୍ରଷ୍ଟା ଭୀମଭୋଇ ଗ୍ରନ୍ଥଟିର ପ୍ରଚ୍ଛଦପଟରେ ସ୍ୱସ୍ତିକ ଚିହ୍ନ ଅଙ୍କିତ ଥିବାରୁ ଏହା ନିରାକାର ଅଲେଖ ମହିମା ଧର୍ମର ବିରୁଦ୍ଧରେ ବୋଲି ଆଲୋଚନା କଲେ ।

ଏହାର ପ୍ରତିବାଦରେ ସେହି ବ୍ରହ୍ମପୁରରୁ ଶ୍ରୀ ଉଦୟନାଥ ଜେନାଙ୍କ ସମ୍ପାଦନାରେ ପ୍ରକାଶିତ 'ମହିମା' ପତ୍ରିକା (Regd No 0.25) ୧୫ ଏପ୍ରିଲ ୧୯୪୮ ମସିହା ଫାଲଗୁନ-ଚୈତ୍ର ସଂଖ୍ୟାରେ ମେରୁମଠର ସାଧୁ ଭିକ୍ଷୁ ରସାନନ୍ଦ ବାବା ଓ ଭିକ୍ଷୁ ନବଘନ ବାବା ସମାଲୋଚନାର ପ୍ରତିବାଦ ଶୀର୍ଷକରେ ଏକ ପ୍ରମାଣିତ ପ୍ରତ୍ୟୁତ୍ତର ଦେବାକୁ ଯାଇ ଯାହା ଲେଖିଥିଲେ ତାହା ମଧ୍ୟ ଏକ ପ୍ରମାଣିକ ପ୍ରବନ୍ଧ ଥିଲା । ଏହି ପ୍ରତ୍ୟୁତ୍ତରଟି ପ୍ରାବନ୍ଧିକ ବୈଦ୍ୟନାଥ ମିଶ୍ରଙ୍କ ସହାୟତାରେ ପ୍ରସ୍ତୁତ ହୋଇଥିଲା ।

କିନ୍ତୁ ଏଥିରେ ଯୋରନ୍ଦା ମଠର ସାଧୁମାନେ ଆହୁରି କ୍ଷୁବ୍ଧ ହୋଇଥିଲେ ଓ ମେରୁମଠରେ ସେମାନେ ଉପସ୍ଥିତ ହୋଇଥିଲେ । ହଜାର ହଜାର ଭକ୍ତ ଓ ନାଗରିକଙ୍କ ଗହଣରେ ବୈଦ୍ୟନାଥ ମିଶ୍ର ସ୍ୱସ୍ତିକ ଚିହ୍ନ ବି ଅଲେଖ ଧର୍ମର ପ୍ରତିକୂଳ ନୁହେଁ ବୋଲି ପ୍ରମାଣିତ କରିବା ସହ ଭୀମଭୋଇ ଯେ ଜଣେ ତତ୍ତ୍ୱଦ୍ରଷ୍ଟା ତାହା ସର୍ବସମ୍ମୁଖରେ ସେ ପ୍ରମାଣିତ କରିଥିଲେ ।

ମେରୁମଠ ମହାତ୍ମ୍ୟ ୨୩.୨.୧୯୪୪ ମସିହାରେ ପ୍ରକାଶିତ ପୁସ୍ତକରେ ପ୍ରକାଶଙ୍କ ନିବେଦନରେ ଉଲ୍ଲେଖ ଅଛି ଯେ, "ଅଲେଖ ଧର୍ମର କେନ୍ଦ୍ରସ୍ଥଳ ଯୋରନ୍ଦା ଗାଦିର ସହାନୁଭୂତି ନପାଇବାରୁ ଓ ବର୍ତ୍ତମାନ ପରିସ୍ଥିତିରେ ମେଦିନୀପୁର ପ୍ରଭୃତି ଅଞ୍ଚଳର ସାହାଯ୍ୟ କମି ଯାଇଥିବାରୁ ଏ ମଠ ବର୍ତ୍ତମାନ ସ୍ଥାନୀୟ ତଥା ବିଦେଶୀ ବଦାନ୍ୟ ବ୍ୟକ୍ତିଙ୍କ ଉପରେ ଭରସା ରଖିଅଛି ।"

ଏଥିରୁ ଜଣାପଡ଼େ ଯେ 'ତତ୍ତ୍ୱଦ୍ରଷ୍ଟା ଭୀମଭୋଇ' ପ୍ରକାଶ ପୂର୍ବରୁ ମେରୁମଠ ସହିତ କେନ୍ଦ୍ରସ୍ଥଳ ଯୋରନ୍ଦା ମଠର ସମ୍ପର୍କ କୌଣସି କାରଣରୁ ଠିକ୍‌ଠାକ୍ ନଥିଲା ।



'ମେରୁମଠ'ରୁ ପ୍ରକାଶ ପାଇଥିବା କିଛି ପୁସ୍ତକ


ମଠ ମହନ୍ତଙ୍କ ସହ ଲେଖକ ଅଜିତ ପାତ୍ର

ଏ ଲେଖକର ଜାଣିବାରେ 'ତତ୍ତ୍ୱଦ୍ରଷ୍ଟା ଭୀମଭୋଇ' ହେଉଛି ଭୀମଭୋଇ ଏବଂ ଭୋଇସାହିତ୍ୟ ଉପରେ ସର୍ବପ୍ରଥମ ଗବେଷଣାତ୍ମକ ପ୍ରବନ୍ଧ ପୁସ୍ତକ । ଏବେ ଏ ବିଷୟରେ ବୃହତ୍ ଚର୍ଚ୍ଚା ହେବା ସହିତ ଭୀମଭୋଇଙ୍କ ରଚନା ଉପରେ ଗବେଷଣା ମୂଳକ ପ୍ରଥମ ପ୍ରବନ୍ଧ ପୁସ୍ତକର ମାନ୍ୟତା ନିରୂପଣ କରି ଲେଖକଙ୍କ ଅବର୍ତ୍ତମାନରେ ହେଲେ ମଧ୍ୟ ତାଙ୍କର ଅଧିକାର ଫେରାଇ ଦେବା ଆମ ଦାୟିତ୍ୱ ।

## ସମୟର ସ୍ରୋତରେ ମେରୁମଠ

ସମୟ ସ୍ରୋତରେ ମେରୁମଠର ବାହ୍ୟିକ ପରିବେଶ, ଆଭ୍ୟନ୍ତରୀଣ ପରିବେଶ ଓ ଜନମାନସର ଆସ୍ଥା-ବିଶ୍ୱାସ ଆଦିରେ ବିପୁଳ ପରିବର୍ତ୍ତନ ଘଟିଛି । ସବୁ ସତ୍ତ୍ୱେ ଏ ମାଟି ଏ ବାତାବରଣ ଆଜି ମଧ୍ୟ ପବିତ୍ର । କର୍ମମୟ ଜୀବନ-ଜଞ୍ଜାଳରୁ କିଛି ସମୟ ବାହାର କରି ମେରୁମଠ ଆସନ୍ତୁ । ମଠର ଅବଶିଷ୍ଟ ଚେନାଏ ଅରଣ୍ୟ ଭିତରେ ବିଦ୍ୟମାନ । ଆତ୍ମୀୟସ୍ୱଜନଙ୍କ ସହିତ ସୁବର୍ଣ୍ଣରେଖା ନଦୀତଟର ମନଲୋଭା ସୌନ୍ଦର୍ଯ୍ୟରୁ ଆପଣମାନେ ଅଲୌକିକ ପ୍ରଶାନ୍ତି ଖୋଜି ନେବାକୁ ଆମର ଅନୁରୋଧ । । ଗଛପତ୍ରର ଫାଙ୍କ ବାଟେ ସୂର୍ଯ୍ୟକିରଣ ପଡି ଝଲମଲ୍ ହେଉଥିବା ସୁବର୍ଣ୍ଣରେଖା ନଦୀଜଳ ଓ ଜଣାଅଜଣା ଅନେକ ପକ୍ଷୀଙ୍କ କୂଜନ ପରିବେଶକୁ ରମଣୀୟ କରି ତୋଳେ । ତା ସହିତ ତାମ୍ର ବର୍ଣ୍ଣର ପଥର ଉପରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ଜଳସ୍ରୋତର କୁଳୁକୁଳୁ ଧ୍ୱନି ଏକ ନୈସର୍ଗିକ ଅନୁଭବ ଦେଇଥାଏ ଏଠି ।

ସମୟ ସ୍ରୋତରେ ମେରୁମଠ ଅନେକ କିଛି ହରାଇଛି । ତଥାପି ଆମ ମନଗହନରେ ମେରୁମଠର ସେହି ଅତୀତ ଇତିହାସ ବେଶ୍ ଛାପ ପକାଏ । ମନେହୁଏ ସେହି ତପସ୍ୱୀ ବାବାମାନଙ୍କ ଶୁଭେଚ୍ଛା ଏବେବି ଏଠି ବିଦ୍ୟମାନ । କେବେ ଦିନେ ଏଠାକାର ମହନ୍ତ ଓ ବାବାମାନେ ତ ବିହାର, ବଙ୍ଗଳା ଓ ଓଡ଼ିଶାର ଲୋକମାନଙ୍କୁ ଶାରୀରିକ ଓ ମାନସିକ ଜରା-ଯନ୍ତ୍ରଣାରୁ ମୁକ୍ତିର ମନ୍ତ୍ର ଶିଖାଉଥିଲେ । ଆଜି ତାହା ନିରବ ନିଥର । ଖାଲି ଯାହା ଶୁଭେ ସୁବର୍ଣ୍ଣରେଖାର କୁଳୁକୁଳୁ ଗୀତ, ରାତିଦିନ ।


**ଶାସନ, ବହଡ଼ାଗୋଡ଼ା, ପୂର୍ବସିଂହଭୂମ, ଝାଡ଼ଖଣ୍ଡ, ପିନ :୮୩୨୧୦୧**
**ଫୋନ: ୯୮୬୧୬୨୯୭୦୨**



କଥା-କାହାଣୀ- ୧
Dr Ranjan Mallik
ରେବତୀ

ଏ ଗପରେ ଅଛି କୋଡ଼ିଏ କ୍ୟାରେଟ୍ ସୁନା ଆଉ ଚାରି କ୍ୟାରେଟ୍ ଖାଦ । ସୁନା କହିଲେ ସତ ଆଉ ଖାଦ କହିଲେ ମିଛ । ସତ ମିଛର ଫେଣ୍ଟା ଫେଣ୍ଟି ସିମ୍ଫୋନି ହେଉଛି ଏ ଗଳ୍ପର ଦୃଶ୍ୟରାଗ । ଘଟଣାଟି ଆମ ଗାଁର । ନାୟକ ଜଣେ ହରିଜନ ଟିଉସନ ମାଷ୍ଟର, ନାୟିକା ଜଣେ ସବର୍ଣ୍ଣ ନାବାଳିକା ହାଇସ୍କୁଲ ଛାତ୍ରୀ । ଏଇ ଗଳ୍ପରେ ମୁଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଲମ୍ପଟ ପ୍ରେମିକ ଭୂମିକାରେ । ମୋ ବଡ଼ ଭାଇନାଙ୍କର ସାଙ୍ଗ ସ୍ୱର୍ଗତ ଭିକାରୀ ମଲ୍ଲିକଙ୍କୁ ମୁଁ ବାସୁଦେବ ଚରିତ୍ରରେ ପୁନଃନିର୍ମାଣ କରିବାର ପ୍ରଚେଷ୍ଟା କରିଛି ମାତ୍ର । ତେବେ ମୁଁ ମୋ ଗପରେ ମାରିଦେଇଥିବା ରେବତୀ, ଏବେବି ବଞ୍ଚିଛି କାହାଘରେ ବୋହୂଟିଏ ହୋଇ, କାହାର ସ୍ତ୍ରୀଟିଏ ହୋଇ । ସେ ମସ୍‌ଗୁଲ୍ ଅଛି ତାର ସୁଖଦୁଃଖ ସଂସାରରେ, ତାକୁ ତା ରାସ୍ତାରେ ଛାଡ଼ି ଦିଆଯାଉ । ଏଇଠି ସେ ତ ରେବତୀ, ରେବତୀର ଅର୍ଥ ହେଉଛି ମୋ ପାଇଁ ରେବତୀ ଅର୍ଥାତ୍ ହେ ନିଆଁ, ହେ ଆଲୁଅ । ଆଗାମୀ ଦିନରେ ରେବତୀମାନେ, ଟୋପେ ନିଆଁ ଝୁଲ ପରି ହେବେ ବୋଲି ମୋର ବିଶ୍ୱାସ । ପରିସ୍ଥିତିର ଯଥାର୍ଥତା ହୃଦୟଙ୍ଗମ କରି ସେମାନେ କେତେବେଳେ ସଞ୍ଜୀବତୀ ହୋଇ ଜଳିବେ ତ ପୁଣି କେବେ ଲେଲିହାନ ଶିଖାରେ ଜଳିପୋଡ଼ି ଧ୍ୱଂସ କରିଦେବେ.... ।


## ସଞ୍ଜୟ ଭଟ୍ଟ

ନୟାପାଲ୍ଲୀ, ଭୁବନେଶ୍ୱର - ୭୫୧୦୧୫
ଫୋନ୍ : ୯୪୩୭୯୩୬୫୮୧




ଗାଳ୍ପିକ ସଞ୍ଜୟ ଭଟ୍ଟ

କେମିତି ଗୋଟେ ଅସ୍ୱାଭାବିକ ଦୁଃସ୍ୱପ୍ନ ଦେଖି ନିଦଟା ମୋର ହଠାତ୍ ଭାଙ୍ଗିଗଲା ଚାଉଁକିନା । ଉଠିବସି ଚାରିଆଡ଼କୁ ଆଖି ଘୂରାଇ ଆଣିଲି । ରୁମ୍‌ସାରା ନେସିହୋଇ ଯାଇଥିଲା ପାଣିଚିଆ ଅନ୍ଧାର । ବନ୍ଦ ଝର୍କା ଫାଙ୍କ ଦେଇ ଅନୁପ୍ରବେଶ କରିବାକୁ ବ୍ୟର୍ଥ ଚେଷ୍ଟା କରୁଥିଲା ପତଳା ଆଲୋକ । ଶେଷ ଅକ୍ଟୋବରର ପାହାନ୍ତିଆ କଷିଶୀତରେ ବି ମୋ ଦେହରେ ସୃଷ୍ଟି ହୋଇ ସାରିଥିଲା ଅହେତୁକ ଝାଳର ଝରଣା । କେଇମୁହୂର୍ତ୍ତ ପୂର୍ବରୁ ଦେଖିଥିବା ଭୟାନକ ଦୁଃସ୍ୱପ୍ନଟିକୁ ମନର ବନ୍ଧନୀ ଭିତରେ ବାନ୍ଧିବାକୁ ଚେଷ୍ଟା କଲି । ନାଃ ! ମନେପଡୁନି କିଛି । ହେସ୍ଃ ! ଦେହରୁ କମ୍ବଳଟାକୁ ଅଲଗା କରିଦେଇ ସେଦିନର ଶେଷ ହାଇ ମାରିଲି, ଭିଡ଼ିମୋଡ଼ି ହେଲି । ଆଙ୍ଗୁଠି ଫୁଟେଇ ନିଜକୁ ସହଜ କରୁଛି, ଠିକ୍ ଏଇ ସମୟରେ କବାଟ ଖୋଲି ଘର ଭିତରକୁ ଗରମ୍ ଚା' କପ୍ ହାତରେ ଧରି ପଶି ଆସିଲା ସାନଭଉଣୀ ନେହା । ଲାଇଟ୍ ଜଳାଇ, ଟେବୁଲ୍ ଉପରେ ଚା' କପ୍‌ଟିକୁ ଥୋଉ ଥୋଉ ତାଚ୍ଛଲ୍ୟ କଲା ପରି କହିଲା– "ଜାଣିଲୁ ଭାଇ ! ବାସୁମାଷ୍ଟର୍‌ର କୀର୍ତ୍ତି ?" ବାସିପାଣି ପି'ସାରି, ଟେବୁଲ୍ ଉପରୁ ଚା' କପ୍‌ଟା ଆଣି ଓଠରେ ଦେଇ ପ୍ରଶ୍ନିଳ ଦୃଷ୍ଟିରେ ନେହାକୁ ଚାହିଁ ମୁଣ୍ଡ ହଲେଇଲି, ଯା'ର ଅର୍ଥ କୋଉ କଥା ?

"କାଲିରାତିରେ ବାସୁମାଷ୍ଟର୍ ମରିଯାଇଛି, ସିଲିଂଫ୍ୟାନ୍ ଦେହରେ ରଶି ଲଗେଇ ସେ ସୁଇସାଇଡ୍ କରିଛି ।" ନେହା ଝରକା ଖୋଲୁ ଖୋଲୁ କହିଲା ।

ଏମିତି ଅପ୍ରତ୍ୟାଶିତ ଦାରୁଣ ଦୁଃସମ୍ବାଦଟିଏ ପ୍ରକୃତରେ ଭୂମିକମ୍ପ ସୃଷ୍ଟି କରି ପକେଇଲା ମୋ ଛାତି ଭିତରେ । ଲାଗିଲା, ଯେମିତି ଖସି ଖସି ଯାଉଛି ମୋ ପାଦତଳର ପୃଥିବୀ । ଶୁଖି ଯାଉଛି ଓଠ, ତଣ୍ଟି । ଘୂରାଇ ଦେଉଛି ମୁଣ୍ଡ ଆଉ କୋରି ପକାଉଛି କଲିଜା । ବଗୁଲିଆ ପବନ ତୋଟା ପତରକୁ ଆକ୍ତାମାକ୍ତା କରିଦେଲା ପରି, ଜୀବନ ପ୍ରତି ଥିବା ସମସ୍ତ ଭାବପ୍ରବଣତା ଆଉ ଦରଦକୁ ଛିନ୍‌ଛତ୍ର କରିପକାଇଲା ଭଳି ଥିଲା ଖବରଟା । ଗରମ ଚା' ଅଧିକ ବୋଧେ ପି' ଦେଲିକି କ'ଣ, ଜିଭଟା ଗୋଟାପଣ ସିଝିଗଲା– ତ କାଶ ଉଠିଲା ଜୋର୍‌ରେ । ନେହା ଝରକା ପାଖରୁ ଚାଲିଆସି ମୋ ପିଠି ଆଉଁଶି ଦେଲା । ମୁଁ ଚା' କପ୍‌ଟିକୁ ଟେବୁଲ୍ ଉପରେ ଥୋଇଦେଇ ନେହାକୁ ପଚାରିଲି– "ଥାଉ ! ଆଚ୍ଛା ସତ କହିଲୁ... ! କ'ଣ ହେଇଛି ଘଟଣାଟା ?"

– "ରାତି ଅଧରେ ବାସୁମାଷ୍ଟ୍ର ଶୋଇଥିବା ଘର ଭିତରୁ ଗାଁ...ଗାଁ ଶବ୍ଦ ଶୁଣି ତା ବା' ଉଠି କବାଟ ବାଡ଼େଇଲା । କବାଟ ନଖୋଲିବାରୁ ତା' ବା' ଶେଷରେ କବାଟ ଭାଙ୍ଗି ପଶି ଦେଖେ ତ ସିଲିଂ ଫ୍ୟାନ୍‌ରେ ରଶି ଲଗାଇ ବାସୁମାଷ୍ଟର୍ ସୁଇସାଇଡ୍ କରିଛି ।"

"ତା'ପରେ ?" ମଝିରେ ମୁଁ ପଚାରିଦେଲି ସମ୍ଭାଳି ନପାରି ।

– ତା'ପରେ ଆଉ କ'ଣ ! କଥାଟାକୁ ଆଗ ପ୍ରଘଟ ନକରାଇ ପୋଲିସ୍ ଭୟରେ ରାତାରାତି ଲଙ୍କାଆମ୍ବ ଜଙ୍ଗଲରେ ନେଇ ପୋଡ଼ିଦେଲେ ତାଙ୍କ ସାଇଲୋକମାନେ । ସେଇକଥାକୁ ନେଇ ଏଇକ୍ଷଣି ପରା ଗାଁସାରା ଖାଲି ପଡୁଛି ଉଠୁଛି । ତୁ ୟା'ଡ଼େ କୁମ୍ଭକର୍ଣ୍ଣଙ୍କ ପରି ଶୋଇଥା, ସ୍ୟାଡ଼େ କାନ୍ଥକୁ ଅନାଇ ଦେଖ୍ ତ, ସାତଟା ପନ୍ଦର ହେଲାଣି ଘଣ୍ଟାରେ ? ନେହା କମ୍ବଳଟାକୁ ଭାଙ୍ଗୁ ଭାଙ୍ଗୁ କହିଲା । ମତେ ଲାଗୁଥିଲା ମୁଁ ଯେମିତି ଷ୍ଟାଚ୍ୟୁ ପାଲଟି ଯାଉଛି କ୍ରମଶଃ ! ମତେ ସବୁ ଦିଶୁଥିଲା ଜାଲ୍‌ଜାଲୁଆ... !

ନେହା ଚା' କପ୍‌ଟାକୁ ଧରି ଚାଲି ଗଲାଣି କେତେବେଳୁ । ଲାଗୁଥିଲା ଯେମିତି ମୋ ଦେହ ହାତ ସବୁ ଥରୁଛି, କମ୍ପୁଛି କେମିତି ଗୋଟେ ଦୁଃଖ ମିଶ୍ରିତ ଆଶଙ୍କାରେ । ମୁଁ ମୋ ନିଜ ମୁଣ୍ଡବାଳକୁ ଭିଡ଼ି ଧରିଲି ବିସ୍ମୟ, ହତବାକ୍ ଆଉ ଅବିଶ୍ୱାସରେ ।

ମୋ ମୁଣ୍ଡ ଭିତରେ କଙ୍କଡ଼ାବିଛାମାନେ କିଲ୍‌ବିଲ୍ ହେଉଥିଲେ ଯେପରି । ଓଃ ନୋ ! କାଓ୍ୱାର୍ଡ଼ କେଉଁଠିକାର । ମୋ ନାକପୁଡ଼ା ଦେଇ, ପଞ୍ଜରାଥରା ଦୀର୍ଘଶ୍ୱାସଟିଏ ବାହାରି ଆସି ବାୟୁମଣ୍ଡଳରେ ଉଭାନ୍ ହୋଇଗଲା ।

ଗତକାଲି ସନ୍ଧ୍ୟାବେଳେ ବାସୁଭାଇ ସାଥିରେ ପାଖାପାଖି ପ୍ରାୟ ଦି'ଘଣ୍ଟା ଧରି ଗପିଥିଲି । ହେଲେ, ସୁଇସାଇଡ୍‌ର ସାମାନ୍ୟତମ ସୂଚନା ତ ପାଇ ପାରିନଥିଲି ମୁଁ । ବାସୁଭାଇ କାଲି ବେଶୀ ସନ୍ତୁଷ୍ଟ ମନେ ହେଉଥିଲେ, ଯଦିଓ ତାଙ୍କର କଥାରେ ଭରି ରହିଥିଲା ଅୟୁତ ଯୁଗର ଶାଣିତ ଅଭିମାନ । ପ୍ରେମ

ମିଛ, ପ୍ରେମ ଫାଲ୍‌ତୁ, ପ୍ରେମ ଦୁଇଟି ମନର ମିଳନ ନୁହେଁ, ବରଂ ଦୁଇଟି ଭୋକିଲା ଦେହର ସାମୟିକ ଆକର୍ଷଣ ବୋଲି ଗମ୍ଭୀର ଭାବରେ ଘୋଷଣା କରିଥିଲେ ମୋ ଆଗରେ । ଫ୍ରୟେଡ୍‌ଙ୍କ ଠାରୁ ଓସୋ ରଜନୀଶଙ୍କ ଫିଲୋସଫି ଉପରେ ବେଶ୍ ଭାଷଣ ଦେଇଥିଲେ ଦାର୍ଶନିକଟେ ପରି । ବାଧ୍ୟ ଛାତ୍ରଟେ ପରି ମୁଁ ଶୁଣୁଥିଲି ସାପୁଆକେଲା ଠାରୁ ନାଗସାପଟିଏ ପଦ୍ମତୋଳା ଶୁଣିଲା ପରି ।

ୟୁନିଭର୍‌ସିଟିରେ ଛାତ୍ର ଆନ୍ଦୋଳନ ଯୋଗୁଁ କ୍ଲାସ୍ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଛୁଟି ହୋଇ ଯିବାରୁ ଚାରିଦିନ ତଳେ ଗାଁକୁ ଆସିଥିଲି । ବୋଉ କହିଲା- ଏତେ ଦିନକେ ଆଇଚୁ, ଆଉ ଦିନେ ଦି'ଦିନ ରହିଗଲେ ଚଳନ୍ତାନି ! ବୋଉ କଥା କାଟି ନପାରି ରହିଗଲି ମୁଁ ଦହିପଖାଳ ଓ ମାଛଭଜା ଲୋଭରେ ।

ଗାଁରେ ଥିଲାବେଳେ ପ୍ରାୟତଃ ମୁଁ ବାସୁଭାଇଙ୍କ ସହିତ ବିତାଇଥାଏ ଅନେକ ସମୟ । ମୁଁ ଗାଁକୁ ଆସିଛି ଶୁଣି ବାସୁଭାଇ ମତେ ଡାକି ନେଇଥିଲେ ଗାଁ ମୁଣ୍ଡ ପୋଖରୀହୁଡ଼ା ସିମେଣ୍ଟ୍ ଚାନ୍ଦିନୀ ଉପରକୁ । ବେଶ୍ ନିରୋଳା ଆଉ ଶାନ୍ତ, ଗମ୍ଭୀର ପରିବେଶ ସେଇଟି ।

ଗତକାଲି ସନ୍ଧ୍ୟାବେଳେ, ଜହ୍ନରାତିରେ ବାସୁଭାଇ ସାଥିରେ କଥାହେବାର ମୁଖ୍ୟ ବିଷୟ ଥିଲା ରେବତୀ ତ୍ରିପାଠୀ । ରେବତୀ ଥିଲା ମୋ ସାଙ୍ଗ ଜିତେନ୍‌ର ଭଉଣୀ ଓ ବାସୁଭାଇଙ୍କର ଟିଉସନ୍ ଛାତ୍ରୀ । ମୋ ପିଉସୀଘର ଗାଁରେ ଆଜିଠୁଁ ପାଖାପାଖି ଚାରିବର୍ଷ ତଳେ ତା'ର ବାହାଘର ହୋଇଥିଲା ଅର୍ଜୁନ ମିଶ୍ର ସହିତ । ବିବାହର ଏତେଦିନ ପରେ ପିଲାପିଲି ନହେବା ଯୋଗୁଁ ବଡ଼ ଚିନ୍ତା ଓ ଆଶଙ୍କାରେ ଦିନ କାଟୁଥିଲା ବିଚାରୀ । କାଳେ ଅର୍ଜୁନ ଅନ୍ୟ କାହାକୁ ବିବାହ କରିନେବ ଆଉ ସିଏ ସେଇ ଘରେ ଗୋଟେ ଅଲୋଡ଼ା ଜିନିଷ ପାଲଟିଯିବ, ଏଇ ଭୟରେ ।

ହଠାତ୍ କ'ଣ ହେଲା କେଜାଣି ଟେଲିଭିଜନ୍ ପରଦାରେ ଯୌତୁକ ନିର୍ଯାତନାର ମୁଖ୍ୟ ଖବରର ଶୀର୍ଷକ ଭାବରେ ରେବତୀର ଫଟୋ ଦେଖି ଆମ୍ଭେମାନେ ସ୍ତମ୍ଭୀଭୂତ ହୋଇଗଲୁ । ନିଜ ଦେହରେ କିରୋସିନି ଢାଳି ଅତି ଦୟନୀୟ ଅବସ୍ଥାରେ ଆତ୍ମହତ୍ୟା କରିଥିଲା ବିଚାରୀ । ପୋଲିସ୍ ରିପୋର୍ଟ ଅନୁସାରେ ରେବତୀର ସ୍ୱାମୀ କୁଆଡ଼େ ତା'ର ଚରିତ୍ରକୁ ଆକ୍ଷେପ କରି ଗାଳି ଆଉ ଖୁବ୍ ପିଟାପିଟି କରିଥିଲା କିଛିଦିନ ପୂର୍ବରୁ ।

ରେବତୀ ମରିଗଲା ପରେ ତା' ଭାଇ ଜିତେନ୍ ଥାନାରେ ଅଭିଯୋଗ କରିଥିଲା, ଯୌତୁକ ଦେଇ ନପାରିବା ହେତୁ ରେବତୀର ଶାଶୁ, ଦିଅର ଆଉ ସ୍ୱାମୀ ମିଶି ତାକୁ ପୋଡ଼ି ହତ୍ୟା କରିଛନ୍ତି ଏବଂ ଆତ୍ମହତ୍ୟାର ରଙ୍ଗ ଦେଇଛନ୍ତି ମିଛରେ । ଘଟଣାଟି ସତ ହେଉ କି ମିଛ, ପୋଲିସ ଇତିମଧ୍ୟରେ ଆରେଷ୍ଟ କରିନେଇ ସାରିଛନ୍ତି ରେବତୀକୁ ତାର ଶାଶୁ ଆଉ ଦିଅରକୁ । ସ୍ୱାମୀ ଏବେବି ଫେରାର୍ ଅଛି । ପୋଲିସ୍ ଖୋଜୁଛି ତାକୁ ।

ବୈଦେଶ୍ୱର ପୋଲିସ ଷ୍ଟେସନରେ ଦିବାକର ସେଠୀ ଇନ୍‌ଚାର୍ଜ ଅଫିସର୍ ଥିବା ସମୟରେ ବାସୁଭାଇ ରେବତୀକୁ ପ୍ରେମ କରୁଥିଲେ ଅନେକ ଦିନ ଧରି, ସମସ୍ତଙ୍କ ଅଜାଣତରେ । ରେବତୀର ବୋଉ ଶାଳିନୀ ମାଉସୀ ବାସୁଭାଇଙ୍କୁ ଧର୍ମରେ ଭାଇ କରିଥିଲେ ଓ ସେଇସୂତ୍ରେ ବାସୁଭାଇ ଜାତିରେ ହରିଜନ ହେଲେ ସୁଦ୍ଧା ବ୍ରାହ୍ମଣ ଘରକୁ ପ୍ରତିଦିନ ଯିବା ଆସିବା କରୁଥିଲେ, ଟିଉସନ୍ କରିବା ଆଳରେ ।

ଶାଳିନୀ ମାଉସୀ ବାସୁଭାଇଙ୍କୁ ଧର୍ମରେ ଭାଇ କରିବା ଘଟଣାଟି ଯେତିକି କୌତୂହଳପୂର୍ଣ୍ଣ ସେତିକି ଅପ୍ରତ୍ୟାଶିତ ମଧ୍ୟ । ପଞ୍ଚାୟତରେ କିଛି ଆଗବଲା ଟୋକାଙ୍କୁ ଧରି କୁଜି ରାଜନୀତି କରୁଥିବା ସରପଞ୍ଚ ନବଘନ ଘଡ଼େଇର ଖାସ୍ ଲୋକମାନଙ୍କ ଭିତରେ ଆଗଧାଡ଼ିରେ ଥିଲେ ବାସୁଭାଇ । ଏମେଲେ ସାରଙ୍ଗ ରାଉତର ସମ୍ପର୍କୀୟ ହେତୁ କୁଆଡ଼େ ସରପଞ୍ଚର ଭାରି ଭାଉ । ସେଇ ଖାତିରରେ ନବଘନ ଘଡ଼େଇ ଓ ପୋଲିସ୍ ଇନ୍‌ଚାର୍ଜ ଦିବାକର ସେଠୀଙ୍କର ବେଶୀ ଘଣି । ସେଠୀବାବୁ ଟିକେ ବେଶି ଆମିଷ ପ୍ରିୟ । ନବଘନ ଘଡ଼େଇର କାଠଗୋଲା ଭିତରେ ଥିବା ଘରେ ସବୁ ନିଷିଦ୍ଧ ଦୃଶ୍ୟ କାମ ଚାଲେ । ବାସୁଭାଇ ମଦ ନପିଇଲେ ବି ମଦ ପରଷିବାରେ ହେଳା କରନ୍ତିନି । ମିକ୍ସର ଖାଆନ୍ତି । କୁକୁଡ଼ା ଗୋଡ଼ ଖାଆନ୍ତି । ଅତିବେଶି ବାଧ୍ୟ କଲେ ବିୟର୍ ଟିକେ ନିଅନ୍ତି । ନବ ଘଡ଼େଇର ବିଶ୍ୱସ୍ତ ଲୋକ ହିସାବ ସାଙ୍ଗକୁ ସେଠୀବାବୁଙ୍କ ସ୍ୱ-ଜାତୀୟ ହୋଇଥିବାରୁ ଆମ ଅଞ୍ଚଳର ଅନେକ ଲୋକ ଜାଣନ୍ତି ଯେ, ବାସୁଭାଇ ବଡ଼ବାବୁଙ୍କର ଧର୍ମଶାଳକ ବୋଲି । ଏଇ ଗୋପନ ଗୂଢ଼ତତ୍ତ୍ୱ ଯୋଗୁଁ ସାଧାରଣ ଲୋକଙ୍କ ଆଖିରେ ବାସୁଭାଇ ପରୋପକାରୀ ଲୋକଟିଏ, ବେଳ ଅବେଳରେ ସାହାଯ୍ୟ କରୁଥିବା ଦରଦୀ ମଣଷଟିଏ ।

ଶାଳିନୀ ମାଉସୀଙ୍କ ସ୍ୱାମୀ ଶ୍ୟାମବନ୍ଧୁ ମଉସା ସୁରଟ୍‌ର ଗୋଟେ ଲୁଗା କମ୍ପାନୀରେ କାମ କରୁଥିବା ହେତୁ ବର୍ଷେକେ ଥରେ, ଦି'ଥର ଆସନ୍ତି ଗାଁକୁ । ସେଇଥିପାଇଁ ମଝିରେ ମଝିରେ କାହିଁକି କେଜାଣି ହଇରାଣ ହରକତ କରନ୍ତି ପାଖପଡ଼ିଶାଘରର ଲୋକମାନେ । ସେଥର ବିରକ୍ତିରେ ତାଙ୍କୁ ଅଶ୍ଳୀଳ-ଇଙ୍ଗିତ ଦେଉଥିବା ଯୋଗୁଁ ଅଭିଯୋଗ କରିଥିଲେ ଗାଁ ନ୍ୟାୟସଭାରେ, ପାଖ ପଡ଼ୋଶୀ ନଣ୍ଡା ତ୍ରିପାଠୀ ବିରୋଧରେ । ଗାଁ ଭଦ୍ରଲୋକମାନେ ନଣ୍ଡା ସପକ୍ଷରେ କହିବା ହେତୁ ରାଗ ଓ ଅଭିମାନରେ ଗାଁ ଭଦ୍ରଲୋକମାନଙ୍କୁ ଅଭିଶାପ ଦେଇ ଥାନାକୁ ବାଧ୍ୟ ହୋଇ ଯାଇଥିଲେ ଶାଳିନୀ ମାଉସୀ । ସେଇ




ସମୟରେ ଅଯାଚିତ ଭାବେ ନିଜ ଆଡ଼ୁ ପରମ ଉତ୍ସାହର ସହ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ବାସୁଭାଇ ।

ବାସୁଭାଇଙ୍କ ଦୃଢ଼ ହସ୍ତକ୍ଷେପ ଯୋଗୁଁ ଥାନାରେ ଶାଳିନୀ ମାଉସୀଙ୍କୁ ଗୋଡ଼ ଧରି ଭୁଲ୍ ମାଗିବା ସହିତ ହଜାରେ ଏକ ଟଙ୍କା ଜୋରିମାନା ଦେଇଥିଲେ ଗାଁ ରାମଲୀଳାର ହନୁମାନ ହୋଇ ଉଭା ହେଉଥିବା ପୁରୁଷପୁଙ୍ଗବ ନଣ୍ଡା ତିଆଡ଼ି ।

ତା'ରି ଭିତରେ ହଠାତ୍ ଗୋଟେ ଆଶ୍ଚର୍ଯ୍ୟ କାଣ୍ଡଟେ ଘଟିଗଲା । ସେଠୀବାବୁଙ୍କୁ ଶାଳିନୀ ମାଉସୀ ଲାଗିଲେ ଦେଶୀ କୁକୁଡ଼ାଙ୍କ ପରି ସ୍ୱାଦିଷ୍ଟ... । ବାସ୍ ! ସେଦିନ ନବ ଘଡ଼େଇ କାଠଗୋଲାଘର ଭିତରୁ ସନ୍ଧ୍ୟାବେଳକୁ ବାସୁଭାଇଙ୍କ ଲୁନା ପଛରେ ବସି ଘରକୁ ଫେରି, ଫ୍ରେସ୍ ହୋଇ କାନ୍ଥରେ ଟଙ୍ଗା ହୋଇଥିବା ପୁରୁଣା ଦର୍ପଣ ସାମ୍ନାରେ ନିଜ ଦେହ, ମୁହଁକୁ ବାରମ୍ବାର ତନ୍ନ ତନ୍ନ କରି ନିରେଖି ଦେଖିଥିଲେ ଆଉ ଲାଜେଇ ଯାଇଥିଲେ ଶାଳିନୀ ମାଉସୀ । ହୁତ୍‌ହୁତ୍ ନିଆଁରେ କିଏ ପାଣି ଢାଳି ଦେଇଥିଲା ଯେମିତି । ମନ ହେଇ ଯାଇଥିଲା ଚନ୍ଦନ ପରି ଶୀତଳ । ଯେମିତି ସିଏ ଫେରି ଯାଇଥିଲେ କୋଡ଼ିଏ/ ବାଇଶି ବର୍ଷ ତଳକୁ । ସେତିକିବେଳେ ଆମ୍ବଗଛ ସନ୍ଧିରୁ କୋଇଲିଟିଏ ଗୀତ ପ୍ରାକ୍ଟିସ୍ କରୁଥିଲା ରହିରହି ।

ଥାନାରୁ ଲାଜ, ଦୁଃଖ ଆଉ ଅପମାନରେ ଗାଁକୁ ଚୁପ୍‌ଚାପ୍ ଚାଲି ଆସିଲା ନଣ୍ଡା ତିଆଡ଼ି । ରାଗ ଆଉ ପ୍ରତିଶୋଧର ନିଆଁରେ ସେ ନିଜ ଭିତରେ କୁହୁଳୁଥିଲା । କେମିତି କେଜାଣି ଗାଁ ଲୋକେ କଥାଟିକୁ ଜାଣିଗଲେ । ଦି' ଚାରିଦିନ ପରେ ଗାଁ ମନ୍ଦିରର ବେଢ଼ା ଉପରେ ତାସ୍ ଖେଳ ସମୟରେ, ପଛପାଖେ ଖେଳ ଦେଖୁଥିବା ନଣ୍ଡାକୁ ବଗୁଲିଆ ସଇଁଆ ସାହୁ ହଠାତ୍ ପଚାରିଦେଲା, ଥଟ୍ଟାରେ, "ଭାଇନା ? କାଲିଗାଇ ନାତ ତ ଖାଇଲ, ହେଲେ

କ୍ଷୀର ଟୋପେ ବି ଦୁହିଁ ପାରିଲନି ? ସେଇଥିପାଇଁ ମନ ଉଣା ଲାଗୁଛି ? ତମେ କୋଉ ଭିଡ଼କୁ ନୁହଁ !"

ତାସ୍ ଫେଣ୍ଟୁ ଫେଣ୍ଟୁ ବିରଞ୍ଚି ସାହାଣୀ ନଣ୍ଡା ତିଆଡ଼ି ଆଡ଼େ ତୀର୍ଯ୍ୟକ୍ ଚାହାଣି ଫିଙ୍ଗି କହିଲା- "ଯାହା କହ ଭାଇନା । ମାନିବାକୁ ପଡ଼ିବ, ପୋଲିସ ବଡ଼ବାବୁଟା ଗୋଟେ ପକ୍କା ଗଉଡ଼ ହୋ ! ଓଲେଇ ଗାଈଟାକୁ କେମିତି ମନେଇବାକୁ ହୁଏ, ତାକୁ ଠିକ୍ ଜଣା ।"

ଖେଳରେ ନିଷ୍ଠା ରଖିଥିବା ମିଞ୍ଜୁ ପାଣି କହିଲା- "ନାଇଁ ହୋ ! ସେକଥା ନୁହଁ ! ଆମ ଚଇତନ ଭାଇନାଙ୍କୁ ଇଲେକ୍ଟ୍ରିକାମ ଜଣାନାହିଁ । ଯା' ପୁଅ ସୁଇଚ୍ ନ ଚିପି ହୁକରେ ଡାଇରେକ୍ଟ ହାତ ମାରିଦେଲେ ଡ...ଅ....ଅ... ।" ମିଞ୍ଜୁ ପାଣିର କଥା କାଟି ମୁନା କହିଲା- "ସେଇଥିପାଇଁ କରେଣ୍ଟ ସକ୍ ଖାଇଲା...ହାଃ...ହାଃ.... ।" ସମସ୍ତଙ୍କୁ ଗୋଟେ ଲେଖାଏ ଅଶ୍ରାବ୍ୟ ଗାଳି ଦେଇ ସେଠୁ ବିରକ୍ତିରେ ଚାଲିଗଲା ନଣ୍ଡା ତିଆଡ଼ି... । ପଛରୁ ଏକ ମିଳିତ ହସଧ୍ୱନି ତା' ପଛରେ ଗୋଡ଼ାଉଥିଲା ବାୟାକୁକୁର ପରି ।

ଏ ଘଟଣା ଘଟିବାର କିଛିଦିନ ପରେ ପଡ଼ିଥିଲା ରାକ୍ଷୀ ପୂର୍ଣ୍ଣିମା । ଶାଳିନୀ ମାଉସୀ ଧର୍ମରେ ଭାଇ କରିଥିଲେ ବାସୁଭାଇଙ୍କୁ- ରାକ୍ଷୀ ପିନ୍ଧେଇ ଦିବାକର ଶେଠୀ ଆଉ ନବଘନ ଘଡ଼େଇଙ୍କ ସାମ୍ନାରେ ।

ରେବତୀର ଯେତେବେଳେ ନବମ ଶ୍ରେଣୀ, ବାସୁଭାଇ ସେତେବେଳକୁ ବି.ଏ. ପାସ୍ କରି ଗାଁର ହାଇସ୍କୁଲ୍ ପଢ଼ା ପୁଅଝିଅଙ୍କୁ ଟିଉସନ କରୁଥାନ୍ତି ଓ ହରିଜନ ଟୋକାଙ୍କ ନେତା ଭାବେ ଗାଁ କୁଜି ରାଜନୀତିରେ ମୁଣ୍ଡ ଚଳଉଥାନ୍ତି । ବିବାଦୀୟ ଅବସ୍ଥାରେ ଅଧା ତିଆରି ହୋଇ ପରିତ୍ୟକ୍ତ ଭାବେ ପଡ଼ିଥିବା ପୁରୁଣାକାଳିଆ ଆଖଡ଼ା ଘରଟିକୁ ଯୁବକ ସଂଘ ଘର କରି ପୂରା ପକ୍କା କରିଦେଇଥାନ୍ତି ସରପଞ୍ଚଙ୍କ ପ୍ରେରଣା ଆଉ ଏମେଲେଙ୍କ ଆଶୀର୍ବାଦରୁ । ଦୋଳଯାତ୍ରା ସମୟରେ ଏମେଲେଙ୍କୁ ମୁଖ୍ୟ ଅତିଥି କରି ଯାତ୍ରା ନାଟକ ମଞ୍ଚସ୍ଥ କରୁଥିଲେ ବାହାରୁ ଭଡ଼ାଟିଆ ଅଭିନେତ୍ରୀମାନଙ୍କୁ ସାମୟିକ ଭାବେ ଆଣି ଓ ସେଥିରେ ବାସୁଭାଇ ମୁଖ୍ୟ ଖଳନାୟକ ଚରିତ୍ରରେ ଅଭିନୟ ନିର୍ବାହ କରି ନିର୍ଦ୍ଦେଶନାର ଗୁରୁଦାୟିତ୍ୱ ମୁଣ୍ଡାଉଥିଲେ ମଧ୍ୟ । ଆଖପାଖ ଅଞ୍ଚଳରେ ସେଇ ସମୟତକ ଖୁବ୍ ଚର୍ଚ୍ଚିତ ହୋଇ ପଡୁଥିଲେ ବାସୁଭାଇ । ସଭିଙ୍କ ମୁହଁରେ ବାସୁଭାଇଙ୍କ ଭୁରିଭୁରି ପ୍ରଶଂସା । ଏମିତିକି ସାମୟିକ ଭାବେ ପ୍ରଚଣ୍ଡ ଆକର୍ଷଣ ସୃଷ୍ଟି କରୁଥିବା ହିରୋଇନ୍ ଭୂମିକାରେ ଅଭିନୟ କରିବାକୁ ଆସିଥିବା ଯୁବତୀଟିର ଦଲ୍ ଦଲ୍ ଦେହ ଉପରୁ ସମୟକ୍ରମେ ମୋହ ତୁଟିଯାଇ ବାସୁଭାଇଙ୍କ ପାରିଲାପଣିଆ ଉପରେ ଠୁଳ ହେଉଥିଲା ସମସ୍ତଙ୍କ ନଜର୍ ।

ମାମୁଁ ନୁହେଁ, ବାସୁଭାଇଙ୍କୁ ରେବତୀ ସାର୍ ବୋଲି ଡାକେ । ଯାହା ବି ହେଉ, ଶାଳିନୀ ମାଉସୀଙ୍କ ପରିବାରର ପ୍ରତ୍ୟେକ କଥା ବୁଝାବୁଝି କରିବା ସହିତ ବାସୁଭାଇ ସେମାନଙ୍କ ଦୁଃଖ-ସୁଖରେ ଠିଆ ହେଉଥିଲେ । ଏକଥା ସତ ଯେ, ପ୍ରଥମରୁ ହିଁ ବାସୁଭାଇଙ୍କୁ ବିରୋଧ କରୁଥିଲେ ରେବତୀର ଜେଜୀମା' । ତାଙ୍କର ଯୁକ୍ତି ଥିଲା: ଗୋଟେ ଭେଣ୍ଡା ହରିଜନ ଟୋକା କ'ଣ ବ୍ରାହ୍ମଣ ଘରଟାରେ ବସାଉଠା କରିବ ! ଘରେ ଦି'ଦି'ଟା ଭୁଆସୁଣୀ ମାଇପି, ସେମାନଙ୍କ ସାଥିରେ ହେଁ ହେଁ ହେବ, ଥଟ୍ଟା ତାମ୍ସା କରିବ... ?"

ତେବେ ସବୁଠାରୁ ବିସ୍ମୟକର କଥା ହେଲା, ବାସୁଭାଇ ବୁଢ଼ୀ କାନରେ କି ମନ୍ତ୍ର ଫୁଙ୍କିଲେ କେଜାଣି ବୁଢ଼ୀ ମଧ୍ୟ ସତୁରି ବର୍ଷ ବୟସରେ ରାମ ନାମ ଭୁଲି ବାସୁଆ ବାସୁଆ ହେବାକୁ ଲାଗିଲେ । ନିନ୍ଦୁକମାନେ କୁହାକୁହି ହେଲେ- ଫୁଲବାଣୀ ଆଡୁ କୋଉ ଗୋଟେ ବୁଢ଼ା କନ୍ଧ ଗୁଣିଆ ପାଖରୁ କିଛି କାଟପାଣି ଆଣି ବାସୁଧୋବା ଛିଞ୍ଚିଦେଇଛି ରେବତୀ ପରିବାରର ସମସ୍ତଙ୍କ ଉପରେ । ଏଇ କିଛିଦିନ ତଳେ ପରା କୁଆଡ଼େ ତାଙ୍କ ବାଡ଼ିତଳେ ନାଲିଶଙ୍ଖ, ସିନ୍ଦୂର, ଲେମ୍ବୁ-କଞ୍ଚାଲଙ୍କା ସାତଟା, ନାଲିକନା, ଅରୁଆ ଚାଉଳ, ଆଉ ଦୂବପତ୍ର ଗୋଟେ ଜାଗାରେ ପଡ଼ିଥିଲା । ଈର୍ଷାରେ ଜଳି ଯାଉଥିବା ନିନ୍ଦୁକ ପଡ଼ୋଶିନୀମାନେ ବି ଏକାଠି ସୁଯୋଗ ପାଇଲେ ଚୁପଚାପ୍ ଚୁଗୁଲି କରିବାକୁ ପଛଉ ନଥିଲେ ତିଆଡ଼ି ଘର ଗୁମର ବିଷୟରେ- ବାସୁ ସେଠୀ ଆଉ ରେବତୀ ତ୍ରିପାଠୀର ଚରିତ୍ର ସମ୍ପର୍କରେ ।

ସମୟ ନଇ ବହି ଚାଲିଥିଲା ଆଗକୁ । ଶାଳିନୀ ମାଉସୀର ସଂସାର ନୌକା ବି ଭାସି ଭାସି ଚାଲିଥିଲା ଅନ୍ୟମାନଙ୍କ ସଂସାର ପରି । ପଞ୍ଚାୟତ ନିର୍ବାଚନରେ ହାରି ଯାଇଥିଲେ ନବଘନ ଘଡ଼େଇ, ହୃଦ୍‌ଘାତରେ ମରି ସାରିଥିଲେ ଏମେଲେ ସାରଙ୍ଗବାବୁ, ଥାନାରୁ ସେଠୀ ବାବୁଙ୍କର ବଦଳି ବି ହୋଇ ଯାଇଥିଲା ଓ ବାସୁଭାଇ ଗୋଟେ ରକ୍ତଚଖା ଜୋକ ପାଲଟି ଯାଇ ବେଶ୍ ସ୍ୱାସ୍ଥ୍ୟର ଅଧିକାରୀ ହୋଇ ସାରିଥିଲେ ଯା'ଭିତରେ । ମାଟ୍ରିକ୍ ପରୀକ୍ଷାରେ ଦି'ଦି'ଥର ଫେଲ୍ ହେଲାପରେ ବି ପୂର୍ବପରି ଆଗାମୀ ପରୀକ୍ଷାକୁ ପ୍ରତୀକ୍ଷା କରୁଥିଲା ରେବତୀ । କିଣିଥିବା ସେକେଣ୍ଡ୍ ହ୍ୟାଣ୍ଡ୍ ସ୍କୁଟର୍‌ରେ ତାକୁ ବସେଇ ପରୀକ୍ଷା ଦେଉଥିବା ଜାଗାକୁ ଯାଉଥିଲେ ବାସୁଭାଇ ।

ଲୋକମାନେ ଈର୍ଷା କରୁଥିଲେ ବି କିଛି କରିପାରୁ ନଥିଲେ । ପଛରେ ଜାତି, ଧର୍ମକୁ ନେଇ ଖାଲି ଚୁଗୁଲି କରୁଥିଲେ ଯାହା । ଶାଳିନୀ ମାଉସୀ ସବୁ ଶୁଣି ବି କୌଣସି କଥାକୁ କାନ ଦେଉନଥିଲେ କି ସେଥିପ୍ରତି ଗୁରୁତ୍ୱ ଦେଉ ନଥିଲେ । ତେବେ ହଠାତ୍ କ'ଣ ହେଲା କେଜାଣି ରେବତୀର ଶେଷଥର ମାଟ୍ରିକ ପରୀକ୍ଷା ପରେ ପରେ ଶାଳିନୀ ମାଉସୀଙ୍କ ସାଥିରେ ବାସୁଭାଇଙ୍କର କୌଣସି କାରଣରୁ ମନୋମାଳିନ୍ୟ ଘଟିଲା ଓ କ୍ରମଶଃ ତାହା ଘନୀଭୂତ ହୋଇ ଲୋକଲୋଚନକୁ ଆସିଗଲା ମଧ୍ୟ । ପଡ଼ୋଶୀ ନଣ୍ଡା ତ୍ରିପାଠୀର ଗୁଜବ ଅନୁସାରେ ବାସୁଭାଇଙ୍କ ସହ ରେବତୀକୁ ନିହାତି ଅସଂଯତ ଏବଂ ଅଶ୍ଳୀଳ ମୁଦ୍ରାରେ ଉଦ୍ଧାର କରିଥିଲେ ରେବତୀର ଜେଜୀମା' କୁଆଡ଼େ ।

ସମ୍ପର୍କର ଇଲେକ୍ଟ୍ରିକ୍ ତାର ଛିଣ୍ଡି ଯାଇଥିଲା ଅକସ୍ମାତ୍ । ଯା'ପରେ ରେବତୀକୁ କୃତ୍ରିମ ମାଡ଼ମାରି ତା' ବାପାଙ୍କ ପାଖକୁ ପଠାଇ ଦେଇଥିଲେ ଶାଳିନୀ ମାଉସୀ ଲୋକନିନ୍ଦାରୁ ଉଦ୍ଧାର ପାଇବା ପାଇଁ ଓ କ୍ଷତିପୂରଣ ବାବଦରେ ଅତ୍ୟଧିକ ଯୌତୁକ ଦେଇ ମୋ ପିଉସୀଘର ଗାଁରେ ରେବତୀ ବାହାଘର କରି ଦେଇଥିଲେ, ମନ୍ଦିରରେ ।

ଏ ପାଖେ ପ୍ରେମରେ ପ୍ରତାରିତ ଓ ଅପମାନିତ ହୋଇଥିବା ବାସୁଭାଇ ନିଜ ଭିତରେ ରକ୍ତଚାଉଳ ଚୋବାଉଥିଲେ ବି ଉପରକୁ ଦେଖା ଯାଉଥିଲେ ଅସମ୍ଭବ ଭାବେ ଗମ୍ଭୀର, ଶାନ୍ତ ଆଉ ନିର୍ଲିପ୍ତ । ଜମାରୁ କିଛି ଘଟିନାହିଁ ଯେମିତି ।

ସେଦିନ ସନ୍ଧ୍ୟାବେଳେ ଗାଁ ପୋଖରୀ ହୁଡ଼ା ଆଡ଼େ ପବନ ଖାଇବା ପାଇଁ ମୁଁ ବୁଲି ଯାଇଛି, ଜହ୍ନ ଆଲୁଅରେ ଦେଖିଲି, ଏକ୍ଲା ପୋଖରୀ ସିମେଣ୍ଟ ପାହାଚରେ ବସି ବସି ପାଣିରେ ପହଁରୁଥିବା ଜହ୍ନକୁ ଗୋଡ଼ିଫିଙ୍ଗି ଭଉଁରି ତିଆରି କରୁଛନ୍ତି ବାସୁଭାଇ । ମୁଁ ତାଙ୍କ ପାଖରେ ଯାଇ ବସିଲି । ମତେ ଚାହିଁ ପ୍ରଥମେ ସିଏ ଚମକି ଉଠିଲେ ଓ କହିଲେ- "ଓଃ ତୁ...! ବସ୍.... ।"

ମୁଁ କହିଲି- "ଆଉ ସବୁ ଖବର କ'ଣ ? ଗୋଟେ ଦୀର୍ଘ ଶ୍ୱାସ ପକାଇ ବାସୁଭାଇ କହିଲେ- "ଜାଣିବୁ ଫକ୍କୁ ! ରୁବି ମୋ ପ୍ରେମକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରି, ଆଉ ଜଣକୁ ବାହା ହୋଇଗଲା- ଏଇ ଚାରିଦିନ ତଳେ... । ଆଜି ତା' ଫୋର୍ଥ ନାଇଟ୍.... । ଅଥଚ....ଅଥଚ.... ।"

ମୁଁ କିଛି କହିଲିନି, କହିପାରିଲିନି । ହଠାତ୍ ଅସ୍ପଷ୍ଟ ଚିତ୍କାର କରି ଉଠିଲେ ବସୁଭାଇ । ମୁଁ ଚମକି ଉଠି ବୁଲିପଡ଼ି ତାଙ୍କ ମୁହଁକୁ ଚାହିଁଲି । ତାଙ୍କ ଆଖି ରଡ଼ ଅଙ୍ଗାର ଭଳି ଦେଖା ଯାଉଥିଲା । ସେ ବାଁ ହାତ ଆଙ୍ଗୁଳିରେ ଚୁଟ୍‌କି ମାରି କହିଲେ- "ତୁ ଦେଖିବୁ ଫକ୍କୁ, ରୁବି ମତେ ପ୍ରତାରଣା ଦେଇ ଆଜି ସିନା ଚାଲିଗଲା । ମୁଁ କିନ୍ତୁ ତାକୁ ଜମା ଛାଡ଼ିବିନି । ତା' ସଂସାରରେ ନିଆଁ ଲଗାଇ ଦେବି । ଆଇ ୱିଲ୍ ସ୍ମାସ୍ ଦ୍ୟାଟ୍ ଫାମିଲି ।"

ବୋଧେ ମତେ ପାଟି ଖୋଲିବାକୁ ବାଧ୍ୟ କରୁଥିଲେ ବାସୁଭାଇ । କ'ଣ ତା'ର ତମେ କରିପାରିବ ଏବେ ? ବରଂ ତମେ ବି ଗୋଟେ ଭଲ




ଝିଅ ଦେଖି ବାହା ହୋଇଯାଅ । ଆଉ ସେ ଫାଲ୍‌ତୁ ମିଛିମିଛିକା ସମ୍ପର୍କକୁ ଭୁଲିଯା.... ।

ବାସୁଭାଇଙ୍କ ଆଖିରେ କେମିତି ଗୋଟେ ଅବଜ୍ଞାର ଆଭାସ ପାଇଲି । କଥା କାଟି ବିଦ୍ରୁପ କଲା ପରି କହିଲେ- "କଣ କହିଲୁ ? ଫାଲ୍‌ତୁ....ମିଛି ମିଛିକା ସମ୍ପର୍କ ? ଠିକ୍ ଅଛି, ତୁ ଆ ମୋ ସାଙ୍ଗରେ... !"

- କୁଆଡ଼େ ? ମୋ ଆଖିରେ ବିସ୍ମୟର ଫସିଲ୍ ।

ଧଡ଼ାସ୍ କିନା ଉଠି ଠିଆ ହେଲେ ସେ । ମୋ ବାହୁକୁ ଟାଣି ଉଠାଇଲେ ଓ ଏକରକମ ଭିଡ଼ି ଧରି ଚାଲିଲେ । ସିନେମାରେ ଅଭିନୟ କରୁଥିବା ଚରିତ୍ରକୁ କ୍ୟାମେରାମ୍ୟାନ୍ ଅନୁସରଣ କଲା ପରି ମୁଁ ବାସୁଭାଇଙ୍କୁ ଅନୁସରଣ କଲି ନିଃଶବ୍ଦରେ । ଆଗ୍ରହ ଆଉ କୌତୂହଳ ମୋ ଭିତରେ ଦୋଳି ଖେଳୁଥିଲେ ।

ପୋଖରୀ ହୁଡ଼ା, ଆମ୍ବତୋଟା ଆଉ ମେଲଣ ପଡ଼ିଆ ଡେଇଁ ଆମେ ପହଞ୍ଚିଲୁ ଗାଁ ଶେଷାଶେଷି ଗ୍ରାମଦେବୀଙ୍କ ମନ୍ଦିର ବେଢ଼ା ଭିତରେ । ଚଉପାଢ଼ିରେ ଜଳୁଥିବା ଗୋଟେ ସ୍ୱଳ୍ପଶକ୍ତିସମ୍ପନ୍ନ ବିଦ୍ୟୁତ୍ ବଲ୍‌ବ୍ ସାମ୍ନାରେ ଆମେ ଛିଡ଼ା ହେଲୁ ।

ପାଖ ଗାଁ ଆଡୁ ପବନରେ ଭାସି ଆସୁଥିଲା ଡାକବାଜି ଯନ୍ତ୍ରର ଅସ୍ପଷ୍ଟ ଓଡ଼ିଆ ଆଲ୍‌ବମ୍ ଗୀତ: "ତୁ ଚାଲିଗଲୁ ତୋ ଶାଶୁଘର ଫୁଲର ସବାରିରେ..., ମୁଁ ଚାଲଯିବି ମଶାଣିକୁ ମୋର କାଠର କୋକେଇରେ..., ଯଦି ଆମ ପ୍ରେମ ସତ ହୋଇଥିବ, ପୁଣି ଦେଖାହେବ ଆର ଜନମରେ... ।"

ଚାରିଆଡ଼କୁ ଜଣେ ଦକ୍ଷ ସି.ଆଇ.ଡି. ଅଫିସର୍ ପରି ସତର୍କ ଚାହାଣି ଘୂରାଇ ଆଣି ନିଜ ପକେଟ୍‌ରୁ ଗୋଟାଏ କାଗଜ ପ୍ୟାକେଟ୍ ବାହାର କରି ମତେ ଦେଖାଇ ବାସୁଭାଇ କହିଲେ- "ଦେଖ୍... ।"

ପ୍ୟାକେଟ୍‌ଟିକୁ ଖୋଲିଲି । ପାଖାପାଖି ୩୦/୩୫ଟା ଅଲଗା ଅଲଗା ରଙ୍ଗୀନ ଫଟୋଚିତ୍ର ଉଠା ଯାଇଥିଲା ରେବତୀ ସହିତ ବାସୁଭାଇଙ୍କର ବିଭିନ୍ନ ଅନ୍ତରଙ୍ଗ ମୁଦ୍ରାରେ, ଭିନ୍ନ ଭିନ୍ନ ଭଙ୍ଗୀରେ । ଅଶ୍ଳୀଳତାର ସମସ୍ତ ସରହଦକୁ ଉଲ୍ଲଂଘନ କରି ସାରିଥିଲେ ଦୁହେଁ । ପ୍ୟାକେଟ୍ ଭିତରେ ଫଟୋତକ ପୂରାଇ ତାଙ୍କ ମୁହଁକୁ ଚାହିଁଲି ଆଶ୍ଚର୍ଯ୍ୟରେ । ସେ ବେପରୁଆ ଭାବରେ ମୋ ଆଖି ଉପରୁ ସତର୍କତାର ସହିତ ତାଙ୍କ ଆଖି ଦୁଇଟିକୁ ଓହ୍ଲାଇ ନେଇ ଓଠରେ ସୁସୁରି ବଜାଇଲେ । ନିଜ ସାର୍ଟ ପକେଟ୍‌ରୁ ଆଉ କିଛି ଭାଙ୍ଗକରା କାଗଜପୁଡ଼ିଆ ବାହାର କଲେ ଓ ମତେ ଦେଖାଇ ଏକ ରହସ୍ୟମୟ ହସ ହସି କହିଲେ- "ପୁଣି ଦେଖ... ।"

- "ଏଗୁଡ଼ା ପୁଣି କ'ଣ ?"

ବାସୁଭାଇ ମୋ ବାଁ କାନ୍ଧକୁ ଥାପୁଡ଼ାଇ ଦେଇ କହିଲେ- "ତୁ ବାବା ଖାଲି ଆମ ମିଛ ସମ୍ପର୍କକୁ ଦେଖିଯା, କିଛି ପଚାର୍‌ନା ମତେ.... ।"

କାଗଜ ପୁଡ଼ିଆଟିକୁ ଖୋଲିଲି । କେଉଁ ଏକ ଶସ୍ତା ନଭେଲ୍‌ରୁ ଉଧାର୍ କରାଯାଇ ବାସୁଭାଇଙ୍କୁ ହୃଦୟର ଦେବତା, ସୁଇଟ୍ ହାର୍ଟ ସମ୍ବୋଧନ କରି ରେବତୀ ଲେଖିଥିଲା କିଛି ଅଶ୍ଳୀଳ ସଂଳାପର ଭଗ୍ନାଂଶ..., କେଉଁ ସ୍ଥାନ ଓ କେତେବେଳେ ଏକାନ୍ତରେ ମିଶିବା ପାଇଁ ଅଧିକାର ମିଶା ପ୍ରଶ୍ନ । ପ୍ରତ୍ୟେକ ଚିଠିର ଶେଷରେ ଗୋଲାପୀ ରଙ୍ଗର ସ୍କେଚ୍‌ପେନ୍‌ରେ ଗୋଟେ ପାନପତରରେ ତୀକ୍ଷଣ ତୀରଟିଏ ଗଳିଯିବାର କଞ୍ଚା ହାତଅଙ୍କା ଚିତ୍ର । ସବାତଳକୁ ପୁଣି ଆଇ ଲଭ୍ ୟୁ ସାର୍...ମୋଟା ମୋଟା, ଶୁଖି କଳା ପଡ଼ିଯାଇଥିବା ରକ୍ତ ଅକ୍ଷରରେ, ସଂଭବତଃ !

ବାସୁଭାଇଙ୍କ ପାଖକୁ ରେବତୀ ପଠାଇଥିବା ପ୍ରତ୍ୟେକ ଚିଠିରେ ପ୍ରେମକୁ ନୁହେଁ, ବରଂ ଦେହକୁ ବେଶୀ ମାତ୍ରାରେ ଗୁରୁତ୍ୱ ଦିଆ ଯାଇଥିଲା । ଚିଠିଗୁଡ଼ିକରେ ପ୍ରେମ ବୋଲି ଯେଉଁ ଭାବର ଅଭିବ୍ୟକ୍ତି ଥିଲା, ହୃଦୟରେ ଯେତେଯାହା ବ୍ୟାକୁଳତା ପ୍ରକାଶ ପାଇଥିଲା, ସବୁଥିଲା ମୁଖ୍ୟତଃ ଦେହକୁ ନେଇ, ସମସ୍ତଙ୍କ ଅଜାଣତରେ ମିଳିତ ହେବା ଲାଗି ଏକ ଅଧୀର ଭାବପ୍ରବଣତା ଆଉ ଆକୁଳତା । ଦେହର ଏଇ ସାମୟିକ ଆକର୍ଷଣକୁ ବାସୁଭାଇ ଭୁଲ୍‌ରେ ପ୍ରେମ ବୋଲି ଧରି ନେଇଥିଲେ ।

ମୁଁ ଫଟୋ ଓ ଚିଠି ପ୍ୟାକେଟ୍ ଦୁଇଟିକୁ ବାସୁଭାଇଙ୍କ ହାତକୁ ଧରାଇ ଦେଇ ବେଢ଼ାରେ ଥିବା କୂଅ ଚାନ୍ଦିନୀରେ ବସି କହିଲି- "ଏବେ ଏସବୁ ଆଉ କାହିଁକି ?" ଶୁଣି ନଶୁଣିଲା ପରି ମୋ ପାଖରେ ବସିଲେ ବାସୁଭାଇ । ଆକାଶକୁ ଚାହିଁଲେ ସେ ନିରବରେ । ରାତିର ବୟସ କ୍ରମେ ବଢ଼ୁଥିଲା । ତାରାଖଚିତ ଆକାଶ ଥିଲା ପରିଷ୍କାର ଆଉ ଚାରିଆଡ଼େ ପୂର୍ଣ୍ଣିମା ଜହ୍ନକିରଣରେ ଉଦ୍‌ଭାସିତ ଉଜ୍ଜ୍ୱଳ ଆଲୋକର ଅନ୍ଧାର । ନଡ଼ିଆଗଛ ଉପରେ ଜହ୍ନ ବାଦଲ ସହିତ ଲୁଚକାଳି ଖେଳ ଖେଳୁଥିବା ବେଳେ ନଡ଼ିଆଗଛ ବାହୁଙ୍ଗାରେ ପବନରେ ଦୋଳି ଖେଳୁଥିବା ବାଇଚଢ଼େଇର ବସାଟିଏ । ପଶ୍ଚିମ ଦିଗରୁ ଉଦ୍‌ଭ୍ରାନ୍ତ ମେଘଖଣ୍ଡଟେ ଅକସ୍ମାତ୍ ଉଠାଇଥିଲା ସୁନ୍ଦର ଜହ୍ନରାତିଟାକୁ ଖିନ୍‌ଭିନ୍ କରିଦେବା ପାଇଁ ଯେମିତି... ।

ପ୍ରଗଳ୍‌ଭ ବାସୁଭାଇ ଟେପ୍‌ରେକର୍ଡ଼ିଟିଏ ପରି କହି ଚାଲିଥିଲେ ତାଙ୍କ ବିଫଳ ପ୍ରେମ କାହାଣୀର ତିକ୍ତ-ମଧୁର ଇତିହାସକୁ । ସତ-ମିଛର ଅନୁଭୂତିମାନଙ୍କୁ ମୋ ସାମ୍ନାକୁ ଜବରଦସ୍ତ ଭିଡ଼ି ଆଣୁଥିଲେ ଟାଣିଓଟାରି, ଅଇଁଠା ଚୁଇଂଗମ୍‌କୁ ଅଯଥାରେ ଟାଣିଲା ପରି ।

ଇଏ ଥିଲା ଆଜକୁ ପ୍ରାୟ ୪/୫ ବର୍ଷ ତଳର କଥା । ଯା' ପରେ ନିଜ ଘରଲୋକଙ୍କ ବାରମ୍ବାର କହିବା ସତ୍ତ୍ୱେ ବାହାହେବାର ନାଁ ସୁଦ୍ଧା ଧରୁନଥିଲେ ବାସୁଭାଇ । ସମୟକ୍ରମେ ବାସୁଭାଇ ରେବତୀକୁ, ଆଉ ରେବତୀ ବାସୁଭାଇକୁ ଭୁଲିଯିବାକୁ ବସିଲେ ।

ହେଲେ, ଦୀର୍ଘ ପାଞ୍ଚବର୍ଷର ବ୍ୟବଧାନ ପରେ ବାସୁଭାଇ କାହିଁକି ଏପରି ବାଟକୁ ବାଛିନେଲେ ? କାହିଁକି ? ଏଇ କାହିଁକି ପରି ଦୁର୍ବୋଧ୍ୟ ଶବ୍ଦଟିକୁ ମୁଁ ମୋ ନିଜ ଭିତରେ ସାଉଁଟୁଥିଲି ବାରମ୍ବାର ।

ମୁଁ ଜାଣେ, ବାସୁଭାଇ ଜଣେ ପରୋପକାରୀ ଆଉ ସାହସୀ ବ୍ୟକ୍ତି । ଗାଁ ନାଟକରେ ଭଲ ଅଭିନୟ କରୁଥିବା ଜଣେ ଦକ୍ଷ ଅଭିନେତା ଆଉ ମିଛ-ମଧୁର, କାଞ୍ଚନିକ ସୁଖସ୍ୱପ୍ନ ବାଣ୍ଟୁଥିବା ନିରୀହ ଚରିତ୍ରଟିଏ ।

ଏବେ ଭାବୁଛି, ଆତ୍ମହତ୍ୟାକୁ ଘୃଣା କରୁଥିବା ଲୋକଟି ଏତେବଡ଼ ଭୟଙ୍କର ନିଷ୍ପତ୍ତି ନେଇପାରିଲା କେମିତି ? ଦିନେ ତାଙ୍କରି ମୁହଁରୁ ମୁଁ ଶୁଣିଥିଲି ଯେ ପଳାତକମାନେ ହିଁ କେବଳ ଆତ୍ମହତ୍ୟାର ରାସ୍ତା ଖୋଜିଥାନ୍ତି... ! କିନ୍ତୁ !

ଏକଥା ସତ ଯେ, ଆମ ଗାଁରେ ମୋର ଯିଏ ସବୁଠୁ ବେଶୀ ଅନ୍ତରଙ୍ଗ ସିଏ ହେଲେ ବାସୁଭାଇ । ବୟସରେ ବାସୁଭାଇ ମୋ ଠାରୁ ଢେର୍ ବଡ଼ । ପ୍ରାୟ ଆଠବର୍ଷରୁ ଅଧିକ । ହେଲେ କେଜାଣି କାହିଁକି ସେ ମତେ ଭାରି ଭଲ ଲାଗନ୍ତି । ତାଙ୍କର ବିଶେଷତ୍ୱ ହେଲା, ସେ ସାମାନ୍ୟ ଗୋଟିଏ ଘଟଣାକୁ ବନେଇ ଚୁନେଇ କହି ପାରନ୍ତି କାହାଣୀ ପରି । ଗାଁ ଡ୍ରାମାରେ ଜୀବନ୍ତ ଅଭିନୟ କରିପାରିବାର ଦକ୍ଷତା ତଥା ଅନ୍ୟମାନଙ୍କୁ ସାହାଯ୍ୟ କରିବାର ମାନସିକତା ହିଁ ମୋତେ ବେଶୀ ଆକର୍ଷିତ କରିପାରିଥିଲା ତାଙ୍କ ବ୍ୟକ୍ତିତ୍ୱ ପ୍ରତି ।

ବାସୁଭାଇଙ୍କ ଘରଟା ଆମ ଗାଁର ଶେଷ ଆଡ଼କୁ ଥିବା ଧୋବା ବସ୍ତିର ପ୍ରଥମ ଘର । ତେବେ ବାସୁଭାଇ ହରିଜନ ବସ୍ତିର ପ୍ରଥମ ଗ୍ରାଜୁଏଟ୍ ହୋଇଥିବାରୁ ତାଙ୍କ ସାଇ ବସ୍ତିର ଟୋକାମାନେ ତାଙ୍କୁ ନେତା ମାନି ନେଇଥାନ୍ତି ନିଃସଙ୍କୋଚରେ, ବରଂ କୁହାଯାଉ ଗର୍ବରେ ବୋଲି । ବାସୁଭାଇଙ୍କ ବାପା ଗାଁ ପୋଷ୍ଟ ଅଫିସ୍‌ରେ ପିଅନ ।

ପାଞ୍ଚଫୁଟ ଆଠଇଞ୍ଚ୍ ଉଚ୍ଚତା ଫ୍ରେମ୍‌ର ବଳିଷ୍ଠ ଯୁବକ ବାସୁଭାଇଙ୍କ ବୟସ ସେତେବେଳେ ଏଇ ଚବିଶ୍ କି ପଚିଶ୍ । ଲୁଙ୍ଗି କରି ପିନ୍ଧିଥିବେ ସେତେବେଳେ ଗୋଟେ ଅର୍ଦ୍ଧ ନୂଆ ରଙ୍ଗର, ଧୋତି ଆଉ କାନ୍ଧରେ ମୋଟା ଟର୍କିସ୍ ଖଣ୍ଡେ । ଦେହରେ ଢାଙ୍କିଥିବେ କେବେ କେବେ ହାଫ୍‌ସାର୍ଟଟେ ତ ହାତକଟା ଗେଞ୍ଜିଟାଏ କେବେ କେବେ । ଶ୍ୟାମଳ ରଙ୍ଗର ମୁହଁରେ ଭିଲେନ୍‌ମାର୍କା ପତଳା ଦାଢ଼ି । ସାମ୍ପୋକରା ମୁଣ୍ଡବାଳକୁ ଯତ୍ନ କରି ନିଶ୍ଚେ କୁଣ୍ଡାଇଥିବେ ପଛଆଡ଼କୁ । ଆଉ ତାଙ୍କର ମୁଖନିଃସୃତ ସଂଳାପରେ ଥିବ କିଛିନାକିଛି ନାଟକୀୟତାର ଓ ସାହିତ୍ୟର ମୃଦୁସ୍ପର୍ଶ ।

ରେବତୀର ଭାଇ ଜିତେନ୍ ଥିଲା ମୋ ଉପର ବ୍ୟାଚ୍‌ର ଓ ବର୍ଷେ ଫେଲ୍ ହୋଇ ମୋ ସାଙ୍ଗରେ ପଢୁଥିଲା । ଜିତେନ୍ ଥିଲା ଟିକେ ମୁଣ୍ଡା ପ୍ରକୃତିର । ଯାହା ବୁଝିଥିବ ସେୟା । ରେବତୀର ରଙ୍ଗ ଶ୍ୟାମଳ ହେଲେ କ'ଣ ହେବ, ଗଢ଼ଣ ଥିଲା ଖୁବ୍ ଚମତ୍କାର । ଛାପିଛାପିକା ହାଲ୍‌କା ଗୋଲାପୀ ଓ ଗାଢ଼ ସର୍ପ ରଙ୍ଗର ଛିଟ ଫ୍ରକ୍ ପିନ୍ଧୁଥାଏ ସେତେବେଳେ । ଛାତି ଉପରେ କୁଞ୍ଚୁକୁଞ୍ଚିଆ ପତଳା କପଡ଼ାର ଆସ୍ତରଣଟା ପବନରେ କେବେକେବେ ଦୋଳି ଖେଳିଲେ ଅପ୍ରତ୍ୟାଶିତ ଦୃଶ୍ୟ ହୋଇ ପୁନଶ୍ଚ ଲୁଚି ଯାଉଥାଏ ରେବତୀର ପରିପୁଷ୍ଟ ଲଜ୍ଜା ଆଉ ଲୁକ୍କାୟିତ ଅଙ୍ଗସୌଷ୍ଠବ । କଷିଲେମ୍ବୁ ପରି କଅଁଳ, ଚିକ୍କଣ ଦେହରୁ ସତେ ଅବା ଝରି ପଡୁଥାଏ ଲାବଣ୍ୟ । ସାପ ପରି ଲମ୍ବ ବେଣୀ ଦୁଇଟି କେବେ ପିଠି ପରେ ତ କେବେ ପଡ଼ିଥାଏ ଛାତିର କର୍ଫ୍ୟୁ ଇଲାକାରେ । ସମ୍ଭାଳୁଆରୁ ପ୍ରଜାପତି ହୋଇଥାଏ ସିଏ ସେତେବେଳେ, ନୂଆ ନୂଆ ।

ଗାଁରେ ଆମଘରକୁ ପ୍ରଥମେ ହିଁ ଆସିଥିଲା ଗୋଟେ କୋଣାର୍କ କମ୍ପାନୀର ଦୀର୍ଘକାୟ ଦେଶୀ କଳା-ଧଳା ଟେଲିଭିଜନ୍ ସେଟ୍ । ସେଥିପାଇଁ ଗାଁର ପିଲାମାନଙ୍କ ଠାରୁ ବୟସ୍କ ପୁରୁଷ ଓ ଯୁବତୀମାନଙ୍କ ଠାରୁ ବୁଢ଼ାବୁଢ଼ୀମାନଙ୍କ ଯାଏଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଆମ ବୈଠକଘର । ରବିବାର ଦିନ ତ ଆମ ବୈଠକଘରେ ଗୋଟେ ଛୋଟିଆ ମେଳା ବସେ । ଆମ ପଡ଼ିଶାଘର ସମେତ ଆଖପାଖ ସାଇର କିଛି କିଶୋର, ଯୁବତୀ, ମହିଳା, ପ୍ରୌଢ଼ା, ବୟସ୍କ ପୁରୁଷ ଓ ଛୋଟ ପିଲାମାନେ ସେଇ ମେଳାଟିରେ ଭାଗ ନିଅନ୍ତି ।

ଟି.ଭି.ରେ ସେତେବେଳେ ଜାତୀୟ ଦୂରଦର୍ଶନ ପ୍ରସାରଣ କରୁଥାଏ ମହାଭାରତ ଆଉ ସେଇ ସମୟରେ ଆମ ଦାଣ୍ଡଘର ପୂର୍ଣ୍ଣ ହୋଇଯାଏ ଦର୍ଶକମାନଙ୍କ ଗହଳିରେ । ରେବତୀ ମଧ୍ୟ ତା ବିଧବା ଜେଜୀମା'କୁ ଧରି ଆସେ ଆମ ବୈଠକ ଘରକୁ ଟି.ଭି. ଦେଖିବା ପାଇଁ । ଜେଜୀମା ଗାଲରେ ହାତଭରା ଦେଇ ନିଷ୍ଠାର ସହିତ ବସି ଦେଖୁଥାନ୍ତି ପାଣ୍ଡବ-କୌରବ ଯୁଦ୍ଧ, ତନ୍ମୟ ହୋଇ ବିସ୍ମୟ ହତବାକ୍ ଚାହାଣିରେ । ବେଳେବେଳେ ଦୁଇହାତ ଯୋଡ଼ି ପ୍ରଣାମ ଜଣାଉଥାନ୍ତି ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଓ ତାଙ୍କ ଆଖି ଦୁଇଟିରେ ଢେଉ ଖେଳୁଥାଏ ଲୁହ କେଇବୁନ୍ଦା ସେଇ ସମୟରେ ।

ଅନ୍ୟମାନଙ୍କ ପରି ରେବତୀକୁ ହିନ୍ଦୀ ଜଣାନଥିଲେ ବି ଚିତ୍ର ଦେଖି ଦେଖି ମଝିରେ ମଝିରେ ଜେଜୀମା'ଙ୍କ କାନରେ ବୁଝାଇ ଦେଉଥାଏ ଅନୁବାଦ କଲାପରି, ଫୁସ୍‌ଫୁସ୍ ସ୍ୱରରେ ।

ମହିଳାମାନଙ୍କ ଭିତରେ ରେବତୀ, ଆଉ ତା' ପାଖରେ ମୌକା ଖୋଜି ବସିଥାଏ ମୁଁ, ଲମ୍ଫଟଟିଏ ସାଜି । ମଝିରେ ମଝିରେ ଓର ଉଣ୍ଡି ତା' ଆଣ୍ଠୁ ଆଉ ଜଙ୍ଘରେ ଭୟ ଭୟ ଭାବ ନେଇ ଛୁଆଁଇ ଆଣୁଥାଏ ମୁଁ ରେବତୀ-ମନସ୍କ ହାତ ପାପୁଲିର ସ୍ପର୍ଶ । ମୋ କାର୍ଯ୍ୟକଳାପକୁ ନିରବ ସମର୍ଥନ କରି ରେବତୀ ମଝିରେ ମଝିରେ ସ୍ମିତହସଟେ ଫୁଟାଇ ଦେଉଥାଏ ଓଠସନ୍ଧିରେ ଆଉ ମୋ ହାତକୁ ଚୁମୁଟି ଦେଉଥାଏ ମଝିରେ ମଝିରେ ଚୁଟ୍‌କିନା । କଷ୍ଟ ହେଲେ ବି ତା' ଚୁମୁଟାଟା ମତେ ଭାରି ମଜା ଲାଗୁଥାଏ ସେଇ ମୁହୂର୍ତ୍ତରେ ।

ରେବତୀ ତା' ଫ୍ରକ୍ ଭିତରେ ଲୁଚାଇ ମୋ ପାଇଁ ଆଣିଥାଏ ଦରପାଚିଲା ବରକୋଳି । ଆଉ ତା' ପ୍ରତିବଦଳରେ ମୋ ପାଖରୁ ଗଲା ବେଳେ ନେଇଯାଏ ରୁମାଲ୍ ବୁଣିବା ପାଇଁ ମୋ ହାତଅଙ୍କା ଛବି ଓ ଖଣ୍ଡେ ଲେଖାଏଁ ପୁରୁଣା ଜହ୍ନମାମୁଁ ବହି । ଦଶମ ଶ୍ରେଣୀ ପଢୁଥିବା ସମୟରେ ବହୁ ସତର୍କତାର ସହ ଖଣ୍ଡେ 'ପ୍ରେମ ଚିଠି' ଜହ୍ନମାମୁ ବହି ଭିତରେ ପୂରାଇ ଦେଇଥିଲି ତା' ହାତକୁ । ତା' ଆର ରବିବାର ଦିନ ମଧ୍ୟ ପାଇଥିଲି ରେବତୀର ମାଛମଞ୍ଜି ପରି ଗୋଲ୍ ଗୋଲ୍ ହସ୍ତାକ୍ଷରରେ ପ୍ରତ୍ୟୁତ୍ତର ।


ଦ୍ୱିତୀୟ ଚିଠିଟି ବି ମୁଁ ପଠାଇଥିଲି ଜହ୍ନମାମୁ ବହି ଭିତରେ । ଦୁର୍ଭାଗ୍ୟ, ତା' ପରଦିନ ମୋ ଚିଠିଟିକୁ ପଢ଼ି ରେବତୀ ମୋ ପାଖକୁ ଲେଖିଥିବା ପ୍ରେମଚିଠିର ପ୍ରତ୍ୟୁତ୍ତରଟିକୁ କେଜାଣି କେମିତି ବାସୁଭାଇ ଧରି ପକାଇଲେ ହଠାତ୍ ଆଉ ସେହିଦିନ ସନ୍ଧ୍ୟାବେଳେ ଶାଳିନୀ ମାଉସୀଙ୍କ ସାମ୍ନାରେ ବାସୁଭାଇ ରେବତୀକୁ ପିଟି ପକାଇଲେ ନିର୍ଦ୍ଧୁମ୍ । ତା'ପର ଠାରୁ ଲଜ୍ଜା, ଗ୍ଲାନି ଆଉ ଅପମାନରେ ମୁଁ ଶାଳିନୀ ମାଉସୀ, ଜିତେନ୍, ବାସୁଭାଇ ଆଉ ରେବତୀକୁ ମୁହଁ ଦେଖାଇ ପାରିଲି ନାହିଁ । ଲୁଚିବାକୁ ଆରମ୍ଭ କଲି ସେମାନଙ୍କୁ । ଏଇ ଥିଲା ରେବତୀର ଅଷ୍ଟମ ଆଉ ମୁଁ ଦଶମ ଶ୍ରେଣୀ ପାଠ ପଢ଼ିବା ବେଳର କଥା...ଅନେକ ଦିନ ତଳର ଘଟଣା ।

– "ଫଲ୍କୁ ! ଦେଖ୍ ତ ତତେ କିଏ ଜଣେ ପିଲା ଡାକୁଛି ।" ବୋଉର ଡାକରେ ପ୍ରକୃତିସ୍ଥ ହେଲି ।

– "ଏଁ...କିଏ ?" ମୁଁ ଘର ଭିତରୁ ବାହାରି ଆସି ଦାଣ୍ଡ କବାଟ ଖୋଲିଲି । ପାହାଚ ତଳେ ଚାଦରଟେ ଘୋଡ଼ିହୋଇ କାକୁସ୍ଥ ଭାବରେ ଠିଆ ହୋଇଥିଲା ବାସୁଭାଇଙ୍କ ସାନଭାଇ ମହିଆ, ମହାଦେବ ଶେଠୀ । ଦୁଃଖ ଆଉ ହତାଶାରେ ଯେମିତି ଥମ୍‌ଥମ୍ ହୋଇ ଫାଟି ପଡୁଥିଲା ତ' ମୁହଁର ମାନଚିତ୍ର । କାନ୍ଦି କାନ୍ଦି ଫୁଲିଯାଇ ମନ୍ଦାରଫୁଲ ପରି ଲାଲ୍-ଲାଲ୍ ଦିଶୁଥିଲା ତା' ଆଖି ଦୁଇଟା । ମତେ ଦେଖି ମହିଆ ପୁଣିଥରେ ଭୋ ଭୋ ହୋଇ କାନ୍ଦି ଉଠିଲା ।

ମୁଁ ତାକୁ ସାନ୍ତ୍ୱନା ଦେବା ପାଇଁ ଭାଷା ଖୋଜୁଥିଲି ନିଜ ଭିତରେ । ଧୀରେ ଧୀରେ ତା' ପାଖକୁ ଯାଇ ତା' କାନ୍ଧ ଉପରେ ଦି'ହାତ ଥୋଇ ଡାହାଣ ହାତରେ ତା' ଆଖିରୁ ଲୁହ ପୋଛି ଦେଇ କହିଲି- "ଛିଃ., ଏମିତି ପିଲାଙ୍କ ପରି ଅଧୈର୍ଯ୍ୟ ହେଲେ ଚଳିବ ? ହଠାତ୍ ଏମିତି କେମିତି ଘଟିଗଲା ମହିଆ ?"

ମୁଁ ଗୋଟେ ଦୀର୍ଘଶ୍ୱାସ ପକାଇଲି । ନିଜ ଚଦରରେ ଆଖିକୁ ଅମାନିଆ ଲୁହକୁ ପୋଛୁ ପୋଛୁ ମହିଆ କହିଲା- "କାଲିରାତିରେ ଖାଇ ପି ଆମେ ସମସ୍ତେ ଶୋଇଚୁ, ହଠାତ୍ ଅଧରାତି ବେଳକୁ ଭାଇ ଶୋଇଥିବା ଘର ଭିତରୁ ଗୁଁ...ଗୁଁ...ଶବ୍ଦ ଶୁଭିଲା । ମୋ ବା' ମୂତି ଉଠିଥିଲା ସେତିକିବେଳେ । ସେ ବାରି କବାଟ ବାଡ଼େଇ ସମସ୍ତଙ୍କୁ ବଡ଼ପାଟିରେ ଡାକି ଉଠାଇଲା । ଭାଇ ଭିତରପଟୁ କବାଟ କିଳି




ଶୋଇଥିଲା । କବାଟ ଭାଙ୍ଗି ତା' ବଖରା ଭିତରେ ପଶିଲା ବେଳକୁ ଭାଇ ଝୁଲୁଛି ବେକରେ ରଶି ଦେଇ ପଙ୍ଖାରେ... ।"

ମୁଁ ନିଜ ଆଖିରୁ ମହିଆର ଅଲକ୍ଷ୍ୟରେ ଲୁହ ପୋଛିଦେଲି । ହଠାତ୍ ଚମ୍‌କିଲା ପରି ମହିଆ ମୋ ହାତକୁ ଚୁପ୍‌ଚାପ୍ ଖଣ୍ଡେ ଭାଙ୍ଗକରା କାଗଜ ବଢ଼ାଇଦେଲା । କାଗଜଟିକୁ ଖୋଲିଲି । ମରିବା ପୂର୍ବରୁ ମୋ ଉଦ୍ଦେଶ୍ୟରେ ଚିଠି ଲେଖି ଯାଇଥିଲେ ବାସୁଭାଇ ।

ଚିଠିର ପ୍ରଥମ ପାରାଟି ପଢ଼ି ମୋ ଆଖି ଝଲମଲ ହେଉଥିଲା ବୁନ୍ଦାବୁନ୍ଦା ଲୁହରେ । ଝାପ୍‌ସା ଝାପ୍‌ସା ଦେଖାଯାଉଥିଲା ଚିଠିର ଅକ୍ଷରସବୁ । ବାସୁଭାଇ ଲେଖିଥିଲେ....

ପ୍ରିୟ ଫକ୍କୁ !

ଏ ଚିଠିଟି ତୋ' ହାତରେ ପଡ଼ିଲା ବେଳକୁ ମୁଁ ହୁଏତ ଆଉ ନଥିବି । ତେବେ ତୁ ଅନ୍ତତଃ ମତେ ଭଲଭାବରେ ବୁଝିପାରୁ ବୋଲି ତୋ ପାଖକୁ ଏ ଚିଠିଟି ଲେଖୁଛି । ମୁଁ ଆଜିଠୁଁ ପାଖାପାଖି ପନ୍ଦର ଦିନ ତଳେ ରୁବିର ଶାଶୁଘରକୁ ଅତୀତରେ ଆମେ ଦୁହେଁ ଏକାଠି ଉଠାଇଥିବା କିଛି ଫଟୋ ଓ ଚିଠି ପଠାଇଥିଲି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ । ମୁଁ ଜାଣି ନଥିଲି ଯେ, ରୁବି ଏମିତି ହଠାତ୍ ଆତ୍ମହତ୍ୟା କରି ନିଜ ଉପରେ ପ୍ରତିଶୋଧ ନେବ ବୋଲି ।

ରୁବି ମରିଗଲା ପରେ ମୋର ଆଉ ରହିଲା କ'ଣ ?

ମୋର ବିଶ୍ୱାସ ଥିଲା ଯେ, ରୁବି ମୋ ପାଖକୁ ଦିନେ ନାଦିନେ ଫେରି ଆସିବ ବୋଲି । ସେଇ ଅନ୍ଧବିଶ୍ୱାସରେ ତ ମୁଁ ବାହା ହବାର ନାଁ ଗନ୍ଧ ସୁଦ୍ଧା ଧରୁ ନଥିଲି ।

ତୁ ହୁଏତ ବିଶ୍ୱାସ କରିବୁନି, ଏଇ ଅଳ୍ପ ସମୟ ପୂର୍ବରୁ ମୋ ରୁବି ଆସିଥିଲା ମୋ ପାଖକୁ ଓ କାନ୍ଦି କାନ୍ଦି ବହୁତ କିଛି କହିଲା । ଜାଣୁ ଫକ୍କୁ ? ମଲା ପୂର୍ବରୁ ରୁବି ମୁଁ ପଠାଇଥିବା ଫଟୋ ଆଉ ଚିଠିଗୁଡ଼ିକୁ ନଷ୍ଟ କରିଦେଇଛି । ତା' ନ ହୋଇଥିଲେ ରୁବିର ଆତ୍ମହତ୍ୟା ପାଇଁ ପୋଲିସ୍ ପ୍ରଥମେ ମୋତେ ହିଁ ଆରେଷ୍ଟ୍ କରିଥାନ୍ତା ନା... ?

ତୁ ଏ ଚିଠି ପାଇସାରିଲା ପରେ ରୁବିର ନିର୍ଦ୍ଦୋଷ ଶାଶୁ ଆଉ ଦିଅରକୁ ହାଜତରୁ ଦୟାକରି ମୁକୁଳେଇବାକୁ ଟିକେ ଚେଷ୍ଟା କରିବୁ ।

ତୁ ନିଜେ କହ ଫକ୍କୁ ! ରୁବିର ମୃତ୍ୟୁ ପାଇଁ ମୁଁ କ'ଣ ଦାୟୀ ନୁହେଁ ? ସତ କହିବାକୁ ଗଲେ ମୁଁ ହିଁ ତ ରୁବିର ଅସଲ ହତ୍ୟାକାରୀ ନା ! ଏବେ ଅନେକ ଚିନ୍ତା କରି ମୁଁ ଏଇ ଭୟଙ୍କର ସିଦ୍ଧାନ୍ତକୁ ଗ୍ରହଣ କରୁଛି । ନିଜକୁ ନିଃଶେଷ କରିଦେବି, ନିରୁଦ୍ଦିଷ୍ଟ କରିଦେବି....ଚାଲିଯିବି ରୁବି ପାଖକୁ । ଏଇ, ସେଠି ରୁବି ଛିଡ଼ା ହୋଇ ମୋତେ ହାତଠାରି ଡାକୁଛି ।

ରେବତୀ ! ରେବା ! ରେବୀ ! ରୁବି...ଇ...

ମୋ ଆତ୍ମହତ୍ୟା ପାଇଁ ମୁଁ କାହାରିକୁ ଦାୟୀ କରୁନାହିଁ ।

(ଇତି)

ବାସୁଭାଇ

ତଳେ ବାସୁଭାଇଙ୍କର ସ୍ୱର୍ଦ୍ଧିତ ହସ୍ତାକ୍ଷର ।

ଚିଠିଟିକୁ ବନ୍ଦ କଲି । ଛାତିକୁ ଥରାଇ ଦମକାଏ ବତାସ ପରି ଗୋଟେ ଦୀର୍ଘଶ୍ୱାସ ଉତୁରି ଆସି ବାୟୁମଣ୍ଡଳରେ ମିଶିଗଲା ।

ମହିଆ କେତେବେଳକୁ ମତେ ନଜଣାଇ ଚାଲି ଯାଇଥିଲା । ଅନ୍ୟମନସ୍କ ଭାବରେ ଆକାଶକୁ ଚାହିଁଲି । ଅକ୍ଟୋବର ମାସର ସକାଳଟା ଆଜି କେମିତି ଗୋଟେ ଅସ୍ୱାଭାବିକ ଲାଗୁଥିଲା... । ଆକାଶରେ କଳାବାଦଲ, ଥଣ୍ଡା ବାତାବରଣ, ଆଉ ଶୀତୁଆ ପବନ ମିଶି କେମିତି ଗୋଟେ ଲାଗୁଥିଲା ଧୂସର ଧୂସର... ।

ଲାଗୁଥିଲା ପଶ୍ଚିମ ଦିଗରୁ ଯେମିତି ଅଦିନିଆ ଉଦ୍‌ଭ୍ରାନ୍ତ ଧୂଳିଝଡ଼ଟେ ଆରମ୍ଭ ହୋଇଯିବ ଏଇକ୍ଷଣି ।

କଥା-କାହାଣୀ-୧

# ଅଦୃଶ୍ୟ କ୍ଷତ



Dr Ranjan Mallik




## କମଳା ଶତପଥୀ

୧୨, ଆଟ୍‌ଲାଣ୍ଟା ସି.ଏଚ୍.ଏସ୍
ପ୍ଲଟ୍ ନଂ: ୨୯, ସେକ୍ଟର : ୪୦
ନେରୁଲ, ନବୀ ମୁମ୍ବାଇ-୪୦୦୭୦୬
ଫୋନ୍ : ୯୩୨୦୬୨୩୬୨୨


ଦୂରରୁ ଭାସି ଆସୁଥିବା ସନ୍ଧ୍ୟା ଆଳତୀର ଶବ୍ଦଟା ଧିରେ ଧିରେ ମିଳେଇ ଯିବା ସାଙ୍ଗେ ସାଙ୍ଗେ ନିତିଦିନିଆ ଘୋ’ ଘା’ ଶବ୍ଦରେ ଶୋଭାର ଆଖି ଖୋଲିଗଲା । ଡାକ୍ତର ନର୍ସଙ୍କ ପାଟି ସାଙ୍ଗକୁ ଆଖପାଖର ରୋଗୀମାନଙ୍କର ଯନ୍ତ୍ରଣା ମିଶ୍ରିତ ଚିତ୍କାରରେ ସବୁଦିନ ପରି ପରିବେଶ ଅଶାନ୍ତ ହୋଇଉଠିଲା । ନିଜ ବିଛଣା ଚାରିପଟେ ମଧ୍ୟ କିଛିଟା ଭିଡ ଜମିଥିବାର ଅନୁଭବ ସେ କରିପାରୁଥିଲା । ନିତିଦିନର ଘୋଷାପାଠ ପରି ତା’ କାନ ପାଖରେ ସେମାନେ କ’ଣ ସବୁ ଗାଇଗଲେ, ଯାହାକୁ ନବୁଝି ପାରିଲେ ବି ସେ ଏପରି ବ୍ୟବହାର ଦେଖୋଉଥିଲା, ସତେ ଯେମିତି ଏସବୁ ତାକୁ ଭଲ ଭାବରେ ଜଣା ଅଛି । ସେମାନଙ୍କ ବ୍ୟବହାର ବି ତ କିଛି ଆଉ ନୂଆ ନଥିଲା ତା’ ପାଇଁ! ହାତଗୋଡ ଟେକି ଦେଖିବା ସାରିକି ଛାତିରେ ଷ୍ଟେଥୋ ଲଗେଇବେ, ନଖ ଆଖି ଦେଖିବେ ଆଉ ନିଜ ନିଜ ଭିତରେ କିଛି କୁହାକୁହି ହେଇ ମୁହଁ ବୁଲେଇ ଚାଲିଯିବେ ।

ଦୀର୍ଘ ବର୍ଷରୁ ଆଉ କି ଚିକିତ୍ସା ହେଉଛି କି ତା’ର – ଏଇ ସବୁ ନାଟକ ଛଡା !

ଆଖି ମିଟି ମିଟି କଲା ଶୋଭା । ଅନ୍ଧାର ହୋଇଯାଇଛି ଚାରିଆଡ଼, କି ତା’ ଆଖିକୁ କିଛି ଆଉ ଦିଶୁନି, ସେକଥା ସେ ଜାଣିନି । ତେବେ ଯଥା ସମ୍ଭବ ଆଖିକୁ ମେଲା କରି ଚାରିଆଡ଼କୁ ନଜର ଦଉଡ଼େଇ ନେଲା । କେହି କୁଆଡ଼େ ଦିଶୁନଥିଲେ । ଡାକ୍ତର ନର୍ସ ସମସ୍ତେ ତା’ ବେଡ୍ ପାଖରୁ ଯାଇ ଅନ୍ୟ ରୋଗୀଙ୍କ ପାଖରେ ପହଂଚି ସାରିଥିଲେ । ବେହେରାକୁ ଚିତ୍କାର କରି ଡାକୁଥିଲା କେହି । କାହାରି ସଂପର୍କୀୟ ଜଣକ କଇଁ କଇଁ ହୋଇ କାନ୍ଦିବାର ଶବ୍ଦ ବି ତାକୁ ଶୁଭା ଯାଉଥିଲା । ଦେଖା ଯାଉନଥିଲେ ବି ରୋଗୀମାନଙ୍କର ଉଠିବା, ବସିବା, କାଶିବା, ଚାଲିବା, ସବୁ ଜାଣି ପାରୁଥିଲା । କିନ୍ତୁ ସେ ନିଜେ ପଡିଥିଲା ସ୍ଥିର ଅବିଚଳିତ ହୋଇ ଛାତ ଆଡ଼କୁ ଏକ ଲୟରେ ଚାହିଁ । ଏବେ ଏବେ ତ ତାକୁ ଖୁବ୍ ବେଶି ବେଶି ଲାଗୁଛି ଯେମିତି ଅନନ୍ତ କାଳ ବିତିଯାଇ ସାରିଲାଣି ଯା’ ଭିତରେ !

ଜାଲୁଜାଲୁଆ ଆଖିରେ ବେଡ୍ ସେପାଖକୁ ଜଣେ ଦୁଇ ଜଣ ଆସି ଠିଆ ହୋଇଥିବାର ଦେଖି ପାରୁଥିଲା। ଚିହ୍ନି ନପାରିଲେ ବି ଜାଣି ପାରୁଥିଲା ରାତି ପାଇଁ ନିଜ କର୍ତ୍ତବ୍ୟ ସାରିବାକୁ କେହି ଆସି ସେଠି ଠିଆ ହେଇଛି । ଖୁବ୍ ଅଳ୍ପ ସମୟ ଭିତରେ ସେ ଛାଇ ବି ଅପସରି ଯିବ । ତା’ ପରେ ସାରା ପୃଥିବୀଟା ତା’ ପାଇଁ ପାଲଟି ଯିବ ଶୂନ୍ୟତାର ଅଧାଲେଖା ଦସ୍ତାବିଜ୍।

ଝରକା ଦେଇ ବହି ଆସୁଛି ଥଣ୍ଡା ପବନ, ଆଉ ସେ ପବନରେ ଭାସି ଆସୁଛି ଅଜଣା ଫୁଲର ମହକ । ଆଃ... କି ଶାନ୍ତି ! କାହିଁ କେତେ ଯୁଗରୁ ଏପରିକା ଶାନ୍ତି ତା’ ଜୀବନକୁ ପ୍ରବେଶ କରିନାହିଁ । ଅବଶ୍ୟ ଜୀବନରେ ତା’ର ଶାନ୍ତି ଅଛି କି ଅଶାନ୍ତି ଅଛି, ସେ କିଛି ଜାଣିନାହିଁ । କ’ଣ ବା ଫରକ ପଡୁଛି ତାକୁ! ତା’ ପାଇଁ ଏ ପୃଥିବୀର ଘୂର୍ଣ୍ଣନ ତ କୋଉ କାଳୁ ବନ୍ଦ ହେଇଯାଇଛି !

ଥଣ୍ଡା ପବନର ପ୍ରଭାବରେ ଆଖି ବନ୍ଦ ହେଇ ହେଇ ଆସୁଥିଲା, ହେଲେ କିଏ ଗୋଟାଏ ଯାଇ ଧଡ୍ କରି ସେଟାକୁ ବନ୍ଦ କରିଦେଲା । ଧେତ୍, ଟିକିଏ ବି ନିଶ୍ଚିନ୍ତରେ ରହିବାକୁ ଦେବେ ନାହିଁ କେହି । ମନେ ମନେ ବିରକ୍ତ ହୋଇ ଆଖି ମିଟି ମିଟି କଲା । ମୁଣ୍ଡ ଉପରେ ଟିଣପଟାଟା ଝୁଲୁଛି । ୩୨୮ ନମ୍ବର ରୋଗୀ ବୋଲି ଖଣ୍ଡେ ବାଟରୁ ସମସ୍ତଙ୍କୁ ଜଣେଇ ଦଉଛି । ବେଶ୍ ଦିନରୁ ଏଇ ବେଡ୍‌ରେ ପଡି ପଡି ନିଜ ନାଁ ବି ସେ ଭୁଲିଗଲାଣି । ସମସ୍ତେ ତାକୁ ୩୨୮ର ରୋଗୀ ବୋଲି ଡାକନ୍ତି, ଜାଣନ୍ତି ।

ମଣିଷଟାର ଛାଂଚ ହିସାବରେ ହାତଗୋଡ ଗୁଡା ଅଛନ୍ତି, ବାକି ନହେଲେ ସବୁକିଛି ନାଁକୁ ମାତ୍ର । ସେ ବଂଚି ରହିଛି ବୋଲି ସମସ୍ତେ ଜାଣନ୍ତି ଖାଲି ତା’ ଆଖି ମିଟିମିଟିରୁ । ସେ ପୁଣି ଯଦି କୋଉ ଦିନ ଦୁଇ ଚାରି ଘଂଟା ପାଇଁ ନଖୋଲେ, ସମସ୍ତଙ୍କ ମନରେ ଅପୂର୍ବ ଉତ୍ସାହ ଖେଳେଇ ହୋଇଯାଏ । ଯାହାହେଉ ଏତେ ଦିନେ ବୁଢ଼ୀଟା ଗଲା ! କିନ୍ତୁ ସମସ୍ତଙ୍କର ସେଇ ଉତ୍ସାହରେ ପାଣି ପକେଇ ଆଖି ଦୁଇଟା ପୁଣି ମିଟ୍ ମିଟ୍ କରି ଉଠେ, ଆଉ ତା’ ସହିତ ନର୍ସ ଠୁ ନେଇ ବେହେରା ପର୍ଯ୍ୟନ୍ତ ସମସ୍ତଙ୍କ ଦାନ୍ତ କଡମଡ କରିଉଠେ । ତା’ ନିଜ ଜାଣିବାକୁ ବି ଏଇ ଆଖି ହିଁ ତା’ର ସର୍ବସ୍ୱ । ଆଉ କିଛି ଅଛି ବା ନାହିଁ ସେ କିଛି ଜାଣେନା । ତାକୁଇ ମଝିରେ ମଝିରେ ମିଟ୍ ମିଟ୍ କରି ନିଜ ବଂଚି ରହିବାର ଅଧିକାରକୁ ସାବ୍ୟସ୍ତ କରିଥାଏ ସେ ।

ଖାଲି ଯେ ୩୨୮ ଭାବରେ ସେ ପରିଚିତ, ସେକଥା ନୁହେଁ । ହସ୍‌ପିଟାଲ୍‌ର ଅନ୍ୟ ୱାର୍ଡକୁ ବି ମଝିରେ ମଝିରେ ଯାଇଛି । ଘରଲୋକଙ୍କ ଦୟାରୁ କିଛି ଦିନ ଘର ବେଡ୍‌ରେ ବି ଶୋଇପାରିଛି । କିନ୍ତୁ କେତେଦିନ କି ! ଦୁଇ ଚାରି ଦିନ ବିତୁ ନବିତୁଣୁ ପୁଣି ତାକୁ ଗାଡିରେ ଶୁଆଇ ନେଇଆସି ଏଠି ଛାଡି ଯାଆନ୍ତି । ଏସବୁ କାହିଁକି ହୁଏ, କିଏ କରେ, କେତେ ଦିନ ପର୍ଯ୍ୟନ୍ତ ଚାଲିଥିବ, ସେ କିଛି ଜାଣିନି । ତାକୁ ଜଣେଇବାକୁ କାହା ପାଖରେ ସମୟ ନାହିଁ, କି ଆଗ୍ରହ ବି ନାହିଁ । ବୋଧହୁଏ ସମସ୍ତେ ଭାବୁଥିବେ ଜଣେଇକି ହେବ କଅଣ ? ପରିବନଶୀଳ ଏଇ ଦୁନିଆରେ ସେ

**କାହାଣୀ ପଛର କାହାଣୀ**

‘ଅଦୃଶ୍ୟ କ୍ଷତ’ର କାହାଣୀ, ଉପରୁ ଦେଖିବାକୁ ଗଲେ ଏକ ତ୍ରିକୋଣୀୟ ପ୍ରେମ କାହାଣୀ ପରି ପ୍ରତୀତ ହେଉଥିଲେ ବି, ଏହା କୌଣସି ପ୍ରକାରେ ପ୍ରେମ ଆଧାରିତ ନୁହେଁ । ବରଂ ଏଥିରେ ପ୍ରେମ ନାମରେ ରହିଛି ଘୃଣା ଅସୂୟା ପ୍ରତିହିଂସା ସହିତ ପ୍ରତିଶୋଧ ନେବାର ଅଜବ ମାନସିକତା । ମଣିଷ ନିଜ ସ୍ୱପ୍ନକୁ ସାକାର କରିବାର ଇଚ୍ଛାରେ କିପରି ବାଟ ଘାଟ ଭୁଲି ଯାଇପାରେ, ନିଜ ପାରିପାର୍ଶ୍ୱକୁ ଭୁଲି କିପରିଅନ୍ଧ ପାଲଟି ଯାଇପାରେ, ଆଉ ତଦ୍ୱାରା ଅନ୍ୟ କାହାର ନୁହେଁ, ବରଂ ନିଜେ ଗଢ଼ିଥିବା ଆପଣାର ପୃଥିବୀଟିର ହିଁ ଅତିରେ କ୍ଷତିସାଧନ କରିଥାଏ, ତାହା ହିଁ ଏହି କାହାଣୀର ପଚ୍ଛଭୂମୀ । କ୍ରୋଧ ଆଉ ଆବେଶର ପଙ୍କ ଭିତରେ ଥରେ ପାଦ ରଖିଲେ, ନିଜକୁ ନିୟନ୍ତ୍ରଣରେ ରଖିବା କାହା ପକ୍ଷରେ ବି ସମ୍ଭବ ହୁଏନା । ଧିରେ ଧିରେ ନିଜର ସବୁ ହିତାହିତ ଜ୍ଞାନ ଭୁଲିବା ସହିତ ନିଜ ଅଜାଣତରେ ଏମିତି କିଛି କରି ପକେଇବାକୁ ସେ ଆଦୌ କୁଣ୍ଠାବୋଧ କରେ ନାହିଁ, ଯାହା ପରବର୍ତ୍ତୀ ଜୀବନରେ ତା’ର ସବୁ ଦୁଃଖର କାରଣ ହୋଇପଡେ । ସେହି ଦୁଃଖ ତା’ପରେ ଏପରି ଏକ କ୍ଷତ ହୋଇ ରହିଯାଏ, ଯାହାକୁ କାହାରିକୁ ଦେଖେଇ ପାରେନି କି ସହି ବି ପାରେନି । ସେ ଯନ୍ତ୍ରଣାକୁ ସାରା ଜୀବନ ନିଜ ଭିତରେ ଚାପି ରଖିବାକୁ ବାଧ୍ୟ ହୋଇଥାଏ ସେ ।

କମଳା ଶତପଥୀ

ତ ଏକ ବିଚିତ୍ର ଜୀବ, ଯାହାର କିଛି ବି ପରିବର୍ତ୍ତନ ନାହିଁ । ଠିକ୍ କରି ତ ମନେ ପଡୁନାହିଁ, ତେବେ ଏମିତି ଶେଯରେ ପଡି ରହିବାଟା ଯେ ଅନେକ ବର୍ଷର, ସେକଥା ଜଣାଅଛି ।

ସବୁଆଡ ଭୀଷଣ ଅନ୍ଧାରରେ ଭରା । ଆଲୋକର ସବୁ ଉପାଦାନ ଯେମିତି ତା' ଜୀବନରୁ ଅନ୍ତର୍ହିତ ହୋଇଯାଇଛି । ନିଶ୍ଚିହ୍ନ ହେଇଯାଇଛି ତା' ପୃଥିବୀର ସବୁ ରୂପରେଖ ତା' ଭିତରୁ ! ଏଇ ଅନ୍ଧାର ଭିତରେ ସେ ତା'ର ଅତୀତକୁ ଭେଟେ... ଅସ୍ପଷ୍ଟ ଆଉ ଅଚିହ୍ନା ଅତୀତକୁ ! ମନେ ପକେଇଲେ ବି ବିଶେଷ କିଛି ମନେ ପଡେନି, ସବୁକିଛି ଅସ୍ପଷ୍ଟ ଆଉ ଅବିଶ୍ୱାସରେ ଭରା ଲାଗେ । ସେ ଦେଖିପାରେ ଚାରିପଟରେ ତା'ର ବିଛେଇ ହେଇ ପଡିଥିବା ଅସଂଖ୍ୟ ଅଗଣିତ ଚରିତ୍ରମାନଙ୍କୁ, ହେଲେ ନିଜ ଜୀବନ ଚିତ୍ରକୁ ସେଥିରୁ ଖୋଜି ପାଏନି !

ସତରେ, ପାଦ ଦୁଇଟି ସିନା ତାକୁ ବୋହି ବୋହି ଆଗକୁ ନେଇ ପାରିଲାନି ବୋଲି ଅଧାବାଟରେ ଛାଡିଦେଲା, ହେଲେ ପବନରେ ଉଡେଇ ଉଡେଇ ନେଇଯାଇଛି ସମୟ ତାକୁ ଖୁବ୍ ଦୂରକୁ ... ଛିଟିକି ପଡିଛି ସେ ସମସ୍ତଙ୍କ ପାଖରୁ ! ଖସି ପଡିଛି ସେ ତା'ର ସେଇ ସୁରକ୍ଷିତ ବୃନ୍ତରୁ ! ମିଶିଯାଇଛି ଧୂଳିରେ !

କେତେଗୁଡେ କଥା ଖୁବ୍ ବେଶି ସତ ହେଇଥିଲେ ବି ଏକ୍‌ଦମ୍ ମିଛ ମିଛ ପରି ଲାଗୁଛି ଏବେ । ନିଜ ବିଶ୍ୱାସ ଉପରେ ହିଁ ଅବିଶ୍ୱାସ ହେଉଛି ! ଅତୀତ ଉପରେ ଆଣ୍ଠୁଏ ଉଚ୍ଚର ଧୂଳି ବସିଗଲାଣି । ସେ ଧୂଳି ତଳୁ କିଏ ବା ଖୋଜିକି ଆଣିଦେବ ତାକୁ ତା'ର ସେଇ ବିଶ୍ୱାସରେ ଭରା ସମୟଗୁଡାକ ! ଦିନେ ସେ ବି ଅନ୍ୟମାନଙ୍କ ପରି ଚାଲ୍‌ବୁଲ୍ କରିପାରୁଥିଲା, ଦୌଡି ଦୌଡି ସଂସାର ଆଡେଇ ଥିଲା, ସୁଖୀ ଆଉ ଭରାପୂରା ପରିବାରର ଅଧିକାରିଣୀ ଥିଲା, ସତରେ କ'ଣ ବିଶ୍ୱାସ କରି ହେବ ! ସେ କ'ଣ ସବୁଦିନ ଏମିତି ଖଟ-ଆଶ୍ରିତ ହୋଇ ପଡିଥିଲା ନା କ'ଣ !

ସଂସାରର କେତେ କେତେ ଦାୟିତ୍ୱ ସମ୍ଭାଳିଥିଲା, ଘରବାହାର ସବୁଆଡେ ଜୀବନଟା ତା' ପାଇଁ ଥିଲା ଏକ ଘୋଡ଼ାଦୌଡ଼ର ପ୍ରତିଯୋଗିତା, ଯୋଉଥିରେ ସେ ଆଖିବୁଜି ଦଉଡୁଥିଲା କେବଳ ଗୋଟିଏ ଲକ୍ଷ୍ୟ ନେଇ – ଜିତିବାର ! କିନ୍ତୁ ପାରିଥିଲା କି ଜିତି !

ଭାବିଲେ ଆଜି ସ୍ୱପ୍ନ ପରି ଲାଗୁଛି । ଆଖି ଆଗରେ ଚିତ୍ରପଟ ପରି ସବୁକିଛି ଘୂରି ଯାଉଛି । ଝାପ୍‌ସା ଅନ୍ଧାରିଆ ଭିତରେ ଜାଲୁଜାଲୁଆ ହୋଇ ଦିଶିଯାଉଛି ଛୋଟିଆ ଘରଟିଏ... ତା' ଆଗରେ ବିଶାଳ ଅଗଣା... ସେପାଖକୁ ଛୋଟିଆ ବଗିଚା, ସେଥିରେ ପୁଣି କେତେ ପ୍ରକାରର ନାଲି ନେଳି ଫୁଲ ଆହୁରି ବି କେତେ କ'ଣ ଅଛି ତା' ଭିତରେ ! ସବୁକିଛି ଏକଦମ୍ ଚିହ୍ନା ଚିହ୍ନା ପରି ଲାଗୁଛି । ଆପଣାର ଆପଣାର ମନେ ହେଉଛି । କିନ୍ତୁ ସ୍ପଷ୍ଟ ଭାବରେ ମନେ ପଡୁନି ଏସବୁ ସେ କୋଉଠି ଦେଖିଛି !

ନିଜର ପରି ଲାଗିଲେ ବି ନିଶ୍ଚୟ ତା' ନିଜର ନୁହେଁ । ହଁ, ଏକଥା ସତ ଯେ ଦିନେ ତାରି ହାତର ସ୍ପର୍ଶ ପାଇ ଏସବୁଥିରେ ଜୀବନ ଭରି ଯାଇଥିଲା । ପ୍ରାଣବନ୍ତ ହୋଇ ଉଠିଥିଲା । କିନ୍ତୁ ତା' ପିଞ୍ଜରାର ପକ୍ଷୀ ଆଜି ଅନ୍ୟ ଘରେ ରାବୁଛି... ତା' କଥା ମାନୁଛି ...ତା' ପାଇଁ ଗୀତ ଗାଉଛି ! ଏବେ ନିଜର କହି କେବଳ ଏଇ ହସ୍‌ପିଟାଲ୍‌ର ବେଡ୍‌ଟା ହିଁ ତା' ପାଖରେ ଅଛି ! ସେଇଟା ବି ଅନ୍ୟମାନଙ୍କ ଦୟା ଉପରେ ନିର୍ଭର କରୁଛି । କୋଉଦିନ କାହା ମନକୁ କ'ଣ ଆସିବ, ଏଇଟାକୁ ବି ଛଡେଇ ନିଆଯିବ ଏଇଆ କହି ଯେ କେତେଦିନ ଆଉ ଏଇଠି ପଡି ରହିଥିବୁ ତୁ ! ଚାଲ୍ ଆଉ କୋଉଠିକୁ !

ହ..ଅ .. ଏଇଟା ଆଉ କୋଉ ବଡ଼ କଥା ତା' ପାଇଁ ! ଏମିତି ହେଇ ହେଇ ସବୁକିଛି ତା' ପାଖରୁ ତ ଯାଇ ସାରିଲାଣି ! ଆଉ ଏଇଟା ଚାଲିଗଲେ କ'ଣ ଅଧିକାଟା ହେଇଯିବ ! ଯାହା ତ ଯିବା କଥା ଯାଉନାହିଁ ...ଏ ନିଉଛୁଣା ପ୍ରାଣଟା ହେଲେ ଚାଲିଯାଆନ୍ତା ! ସବୁକିଛିରୁ ମୁକ୍ତି ପାଇଯାଆନ୍ତା ସେ ! ଏତେ କଷ୍ଟ ଯନ୍ତ୍ରଣା, ମାନ ଅପମାନ ସହିଲା ପରେ ବି ଯାଇନି ଯେତେବେଳେ, ନିକଟ ଭବିଷ୍ୟତରେ ବା କୋଉ ଯିବ !

ପୁଣି ଥରେ ଆଖି ମିଟିମିଟି କଲା ଶୋଭା । ଅତୀତର ଆଉ କିଛି ପୁରୁଣା ପୃଷ୍ଠା ଖୋଲି ପକେଇବାକୁ ଇଚ୍ଛା କଲା । କୋଉ ପୃଷ୍ଠା ? ପିଲାମାନଙ୍କ ଛୋଟ ବେଳର... ନା ଜନ୍ମ ବେଳର ... ତା' ବାହାବେଳର... ନା ଝିଅ ବେଳର ! ନା ଆହୁରି ପଛକୁ ? ନାହିଁ, ନାହିଁ, ବେଶି ପୁରୁଣା କଥାକୁ ଫେରି ଯାଇ ହେଉନି । ବିଚଳିତ ଲାଗୁଛି । ସବୁକିଛି ଅନ୍ଧାରିଆ ଅନ୍ଧାରିଆ ଲାଗୁଛି । ଆଖି ଖୋଲିଲେ କିନ୍ତୁ ସବୁକିଛି କୁହୁଡି ପଛରେ ଚଟ୍ କରି ଲୁଚି ଯାଉଛି । ସେଇ କୁହୁଡି ଭିତରେ କିଏ ଯେମିତି ତାକୁ ଚାହିଁ ରହିଛି !

ଚମକି ପଡିଲା ଶୋଭା । କିଏ ସେ ? ଇସ୍... କି ଭୟଙ୍କର ସେ ଚାହାଣୀ ! କି କ୍ରୋଧ... ଅହନ୍ତା... ଆଉ ଅହଙ୍କାର ଭରି ରହିଛି ସେ ଚାହାଣୀରେ... ! ଖୁବ୍ ଭୟ ଲାଗୁଛି ତାକୁ ! ଛାତିଟା ଦାଉଁ ଦାଉଁ କରୁଛି । ଲାଗୁଛି, ଆଜି ଯେମିତି ସବୁ ରାଗ, ସବୁ ଅସହନ୍ତି ପଣକୁ ତା' ଉପରେ ଓଜାଡି ପକେଇବ । ଓଃ... ନାଇଁ ନାଇଁ... ସେମିତି କରନି ପ୍ଲିଜ୍...ତା'ର କିଛି ଦୋଷ ନାହିଁ ଏସବୁଥିରେ... !

କୋଉଥିରେ ? ନିଜକୁ ପ୍ରଶ୍ନ କରି ଉଠିଲା ସେ । କାହାକୁ ଭୟ କରୁଛି ଆଉ ? କଣଟା ଓଜାଡି ହେଇ ପଡିବ ବୋଲି ବିବ୍ରତ ହେଇ ପଡୁଛି ! ସେ କ'ଣ ତାକୁ ଚିହ୍ନିଛି ସତରେ ?

କେଜାଣି... ଆଉ ଅଧିକ କିଛି ତ ମନେ ପଡୁନାହିଁ ! ଏଇ ମୁହଁ, ଆଉ ତା'ର ବିଦ୍ରୁପରେ ଭରା ସେ ଚାହାଁଣୀ ହିଁ ମଝିରେ ମଝିରେ ଭାସି ଆସୁଛି ଆଖି ସାମ୍‌ନାକୁ । ହେଲେ ପୂରାପୂରି ଝାପ୍‌ସା ଝାପ୍‌ସା । କିଛି ବି ସ୍ପଷ୍ଟ ଦିଶୁନି କି ଶୁଭୁନି । ନିଜ ସ୍ମୃତି ଶକ୍ତି ଉପରେ ଆଉ ଟିକିଏ ଜୋର୍ ଲଗେଇ ସେ ଆଜି ମନେ ପକେଇବାକୁ କେତେବେଳୁ ଚେଷ୍ଟା କରୁଛି । କାହାର ଏ ମୁହଁ... କାହାର ଏ ଆଖି... କାହାର ବିଦ୍ରୁପରେ ଭରା ହସ... ସେ ଜାଣିବାକୁ ସତରେ ଚାହୁଁଛି । କିନ୍ତୁ ହାତ ଗୋଡ ଦେହ ଇଚ୍ଛା ନିଦ ମନ ସ୍ୱପ୍ନ ପରି ସ୍ମୃତିଶକ୍ତି ବି ତା' ପାଖରୁ କେବେ ଠାରୁ ଦୂରେଇ ଗଲାଣି ଯେତେବେଳେ, କେମିତି ମନେ ପକେଇ ପାରିବ ସବୁକଥା ସେ !

ତଥାପି ଆଜି ଅଳ୍ପ ଅଳ୍ପ ମନେ ପଡୁଛନ୍ତି ସମସ୍ତେ । ଏ ମୁହଁ... ଏ ହସ... ଏ ଘୃଣା ସବୁକିଛି ସମରେନ୍ଦ୍ରର ପରି ତ ଲାଗୁଛି । ... ସମରେନ୍ଦ୍ର ! !

ମରୁଭୂମୀରୁ ଦଲକାଏ ଗରମ ପବନ ଭାସି ଆସିଲା ସତେ କି ! ପୋଡିଗଲା ସେଥିରେ ଅତୀତକୁ ଫେରିଯିବାର ସବୁ ଆଗ୍ରହ, ସବୁ ଉତ୍କଣ୍ଠା । ଧପ୍ କରି ଲିଭିଗଲା ନଦୀର ସମୁଦ୍ର ସହିତ ଦେଖା ହେବାର ସବୁ ଉନ୍ମାଦନା ! ପୁଣି ଥରେ ନିଜକୁ ପ୍ରଶ୍ନ କଲା ସେ – ଇଏ କ'ଣ ସତରେ ସେଇ ସମରେନ୍ଦ୍ର !

ଆଜି କେତେ ଯୁଗ ପରେ ଆଖି କୋଣରେ କିଛି ତରଳ ପଦାର୍ଥର ଉପସ୍ଥିତିକୁ ସେ ଅନୁଭବ କରିପାରିଲା । କିଛି ବ୍ୟାକୁଳତା ଛାତି ତଳେ ଜମା ହେଉଥିବାର ବୋଧ କଲା । ଧୂଆଁ ଧୂଆଁ ଆକାଶ ଭିତରେ ଭାବହୀନ ସମରେନ୍ଦ୍ରର କଠୋର ମୁହଁକୁ ଦେଖି ଚିହ୍ନି ପାରିଲା । ହଁ, ହଁ, ସେ ଠିକ୍ ଚିହ୍ନି ପାରୁଛି – ଏ ମୁହଁ ସମରେନ୍ଦ୍ର ଛଡା ଆଉ କାହାରି ହୋଇ ନପାରେ !

କାହିଁ କେତେ ବର୍ଷ ତଳେ ସେ ମୁହଁକୁ ସେ ଦେଖିଥିଲା । ଦଶ କି ପନ୍ଦର ବର୍ଷ ହେବ .. ନା, ନା, ଯୁଗ ବିତି ଯାଇ ସାରିବଣି ! କୁଆଡ଼େ ଚାଲିଗଲା ତା'ପରେ ସେ ! କାହିଁ ଆଉ କେବେ ତ ଦେଖିନି ! ହଜିଗଲା .. ନା ତାକୁ ଛାଡି ଚାଲିଗଲା ?

ପୁଣି ଥରେ ସ୍ମୃତିଶକ୍ତି ସହ ଯୁଦ୍ଧ କରିବାକୁ ଲାଗିଲା । ମନେ ପକେଇବାକୁ ଲାଗିଲା ସମରେନ୍ଦ୍ରକୁ । ହୁଁ... ମନେ ପଡୁଛି ଟିକିଏ ଟିକିଏ ! ସେ ହଜି ଯାଇନି କି ଛାଡିକି ବି ଚାଲି ଯାଇନି । ସେ ତ... ସେ ତ... ମରି ଯାଇଥିଲା ସେଦିନ ! ...

ଚମ୍‌କି ଉଠିଲା ପୁଣି ଥରେ ନିଜ ଭାବନାରେ ଶୋଭା । ହାତ ଗୋଡ ହେମାଳ ପାଲଟି ଗଲା । ଆଖି ଆଗକୁ ଆଉ କିଛି ଦୃଶ୍ୟ ତା' ଇଚ୍ଛା ବିରୁଦ୍ଧରେ ଚାଲି ଆସିଲା ।

ସମରେନ୍ଦ୍ରର କ୍ଷତବିକ୍ଷତ ଶରୀର... ଗଛରେ ମାଡ ହେଇ ଚେପା ହେଇ ଯାଇଥିବା ଗାଡ଼ି... ରାସ୍ତାର ଉଠାଣି ଗଡାଣିରେ ଡେଇଁ ଡେଇଁ ତଳକୁ ଗଡ଼ି ଗଡ଼ି ଯାଇ ଧମ୍ କରି ଗୋଟେ ଶବ୍ଦ ! ଓଃ... ସମରେନ୍ଦ୍ର ମରିନଥିଲା... ତାକୁ ମାରି ଦିଆ ଯାଇଥିଲା !

ମାତ୍ର କିଏ ମାରି ଦେଇଥିଲା ! କ'ଣ ପାଇଁ ମାରିଲା... କେମିତି ମାରିଲା ? ଏସବୁକୁ ବି ତାକୁ ମନେ ପକେଇବାକୁ ହେବ ।

ପର ମୁହୂର୍ତ୍ତରେ ନିଜ ଉପରେ ହିଁ ତାକୁ ରାଗ ଆସିଲା । ଏତେ ଶୀଘ୍ର ଭୁଲିଗଲା ସବୁକିଛି ! ସେ ନିଜେ ହିଁ ତ ତାକୁ ମାରି ଦେଇଥିଲା ! ନିଜେ ? ? ହଁ, ହଁ, ନିଜେ !

ଆଖି ଆଗରେ ପୁଣି ଥରେ ନାଚି ଉଠିଲା ସେଇ ଦୃଶ୍ୟଟା... ସମରେନ୍ଦ୍ରର ଶେଷ ସମୟର ଦୃଶ୍ୟ... ତା' ମରଣର ଦୃଶ୍ୟ ! ମଲା ବେଳେ ତା' ମୁହଁଟା କେତେ ବିଭତ୍ସ ଦିଶୁଥିଲା ସତରେ ! କାର୍ ଆକ୍ସିଡେଂଟ୍‌ରେ କ୍ଷତବିକ୍ଷତ ହୋଇ ଗୋଟାପଣେ ରକ୍ତରେ ବୁଡି ଯାଇଥିବା ତା'ର ସେ ବିକୃତ ଶରୀରଟା ଏବେ ବି ଜଳ ଜଳ କରି ତାକୁ ଦେଖାଯାଉଛି । ରାସ୍ତାକଡର ଗଛ ସାଙ୍ଗରେ କେଡେ ଜୋର୍‌ରେ ଧକ୍‌କା ! ତା'ପରେ ବଲ୍‌ଟିଏ ପରି ରାସ୍ତା ତଳକୁ ଗଡ଼ି ପଡ଼ିଲା ଗାଡିଟା ! ଏ ସବୁକଥା ସ୍ପଷ୍ଟ ମନେ ପଡୁଛି । କିନ୍ତୁ ତା'ପରେ କ'ଣ ହେଲା, ସେ କିଛି ଜାଣିନାହିଁ । ହୋସ୍‌ରେ ଫେରିଲା ପରେ ଆଖି ସାମ୍ନାରେ ଦେଖିଥିଲା ସମରେନ୍ଦ୍ରର ସେଇ ରକ୍ତ ସାଲୁବାଲୁ ନିର୍ଜୀବ ଦେହଟା ! ଏବଂ ଜାଣିପାରିଲା ଯେ ସମରେନ୍ଦ୍ର ତାକୁ ସବୁଦିନ ପାଇଁ ଠକିଦେଇ ଚାଲି ଯାଇଛି । ଦୋଷ ନଥାଇ ମଧ୍ୟ ସବୁଦିନ ପାଇଁ ଦୋଷୀର ମୁକୁଟ ପିନ୍ଧେଇ ଦେଇଛି ।

କିନ୍ତୁ ଏତେ ସବୁ ଅଘଟଣ କାହା ପାଇଁ ଘଟିଗଲା ତା' ଜୀବନରେ ?

ପୁଣି ଅନ୍ଧାର ଭିତରେ ଉକୁଟି ଉଠିଲା ଆଉ ଗୋଟିଏ ହସ ହସ ମୁହଁ... ଏକ ସୌମ୍ୟ ବ୍ୟକ୍ତିତ୍ୱ – ବିନୟ ମହାପାତ୍ର ! ଛୋଟିଆ ନାଁ ଆଉ ଛୋଟିଆ ମଣିଷ... କିନ୍ତୁ କି ବିଶାଳ ବ୍ୟକ୍ତିତ୍ୱ ! ଏପରି ବ୍ୟକ୍ତିତ୍ୱ, ଯାହାକୁ କେହି କେବେ ଆବିଷ୍କାର କରିନଥିଲା । କେହି ଚିହ୍ନି ପାରିନଥିଲା । କିନ୍ତୁ ସେ କରିଥିଲା । ଲିଙ୍ଗରାଜ ମନ୍ଦିରର ବେଢ଼ା ଉପରେ ସେ ତାକୁ ପ୍ରଥମ ଥର ପାଇଁ ଭେଟିଥିଲା । କି ଅଦ୍ଭୁତ ଆକର୍ଷଣ ଥିଲା ତା' ଭିତରେ ସତରେ ! ସମରେନ୍ଦ୍ରଙ୍କ ଉପସ୍ଥିତିକୁ ବି ସେ ଭୁଲି ଯାଇଥିଲା । ତା' ଇଚ୍ଛାଶକ୍ତି... ତା' ଚେତନା, ଏପରିକି ତା'ର ସମଗ୍ର ଜୀବନ ସେଦିନ ପରଠୁ ଧିରେ ଧିରେ ଆଗେଇ ଯାଇଥିଲା ଏକ ଅମଡା ରାସ୍ତାରେ ! କହିବାକୁ ଗଲେ ଏକ ଅପରିହାର୍ଯ୍ୟ ସର୍ବନାଶ ଆଡେ ! ଯାହାକୁ ତା' ଛଡା ଆଉ ସମସ୍ତେ ଦେଖି ପାରୁଥିଲେ ।

ବୟସର ତାରତମ୍ୟ ଅନେକ ବେଶି ଥିଲା ସେମାନଙ୍କ ଭିତରେ । ସେହି କାରଣରୁ ସମରେନ୍ଦ୍ର କେବେ ଚିନ୍ତା କରିନଥିଲେ ଯେ ବିନୟକୁ ନେଇ ଶୋଭାର ମନରେ କିଛି ଅଯଥା ଆବେଗ ସୃଷ୍ଟି ହେଇପାରିବ । ସେ ତ ତାକୁ ଏକ ସଂଘର୍ଷରତ କଳାକାର ଭାବରେ ଗ୍ରହଣ କରିନେଇଥିଲେ, ଯାହାକୁ ଶୋଭା କେବଳ ପ୍ରତିଷ୍ଠିତ ହେବାକୁ ସାହାଯ୍ୟ ମାତ୍ର ହିଁ କରୁଛି । କିନ୍ତୁ ଏହି ସାହାଯ୍ୟର ନିଆଁ ଦିନେ ଯେ ତାଙ୍କରି ସଂସାରକୁ ଜାଳି ଦେଇପାରିବ, ତାହାର ସାମାନ୍ୟତମ ସନ୍ଦେହ ସେ କ'ଣ କରିପାରିଥିଲେ ! ଆବେଗର ସେଇ ସୂକ୍ଷ୍ମତାକୁ ସେ ସତରେ କ'ଣ ବୁଝିବାକୁ ଅକ୍ଷମ ଥିଲେ ! ନା ଶୋଭାକୁ ସେ ଖୁବ୍ ଅଧିକ ବିଶ୍ୱାସ କରୁଥିଲେ ବୋଲି ସେସବୁ ତାଙ୍କ ଆଖିକୁ ଦେଖା ଯାଉନଥିଲା !

କେଜାଣି, କ'ଣ ଥିଲା ସେସବୁର କାରଣ ! ଶୋଭା ବିନୟକୁ ଖୁବ୍ ଅଳ୍ପ ଦିନ ଭିତରେ ଜଣେ ପ୍ରତିଷ୍ଠିତ କଳାକାର ବନେଇ ଦେଇ ପାରିଥିଲା । ସମରେନ୍ଦ୍ରଙ୍କର ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ଭଲ ଚିହ୍ନା ପରିଚୟ ଥିଲା, ଯାହାର ସାହାଯ୍ୟ ନେଇ ବିନୟକୁ ରାତାରାତି ସେ ଷ୍ଟାର୍ ବନେଇବାକୁ ଲାଗି ପଡିଲା । ଏଥିକୁ ଅନ୍ୟଥା ମଣିନଥିଲେ ସମରେନ୍ଦ୍ର । ଶୋଭାର ଖୁସି ପାଇଁ ସେତକର ଅନୁମତି ସହର୍ଷରେ ଦେଇ ଦେଇଥିଲେ । କାହା ପାଇଁ ଏତିକି କରିଦେଇ ସେ ନିଜ ଦୃଷ୍ଟିରେ ମହାନ ନୁହେଁ, ବରଂ ଶୋଭାର ଦୃଷ୍ଟିରେ ମହାନ ହେବାକୁ ଚାହୁଁଥିଲେ ।

ହେଲେ ତାହାର ପ୍ରତିବଦଳରେ କ'ଣ ଦେଇଥିଲା ଶୋଭା ତାଙ୍କୁ ! ଏକ ନିର୍ଲଜ ସ୍ୱୀକାରୋକ୍ତି ଯେ ବିନୟର ସ୍ୱର ତା' ମନ ମସ୍ତିଷ୍କକୁ କବଳିତ କରି ପକେଇଛି ତା' ସହିତ ଦେଖା ହେବା ଦିନରୁ ! ସେ କଳାର ପୂଜାରିଣୀ । କଳାକୁ ନେଇ ତା' ମନରେ ଖୁବ୍ ବେଶି ଭାବପ୍ରବଣତା ! ଏ ଧନସମ୍ପତ୍ତି.. ମାନସମ୍ମାନ... ତାକୁ କେବେ ବି ଆକୃଷ୍ଟ କରିପାରିନି ସେତେ, ଯେତେ କରିଛି ବିନୟର କଳା !



ଓଃ, ଏତେ ବଡ ଭ୍ରମଧାରଣାକୁ ନେଇ ସେ ସଂସାର କରି ଚାଲିଛନ୍ତି ଏତେ ଦିନରୁ ! ଏହା ତ ତାଙ୍କ ପୁରୁଷପଣିଆର ସବୁଠାରୁ ବଡ ହାର୍ ! ଏହା ପରେ ସେ ଜୀବନ ଜିଇଁବେ କାହାକୁ ଆଧାର କରି ! ସମାଜ ଆଖିରେ ତାଙ୍କ ପାଇଁ ଦୟା କରୁଣା ତାଙ୍କୁ ଆହୁରି ବିକ୍ଷିପ୍ତ କରି ପକାଉଥିଲା । ବିନୟର ନାଁ ଶୁଣି ଚିଡି ଯାଉଥିଲେ ସେ । ତାକୁ ସାମ୍ନାରେ ଦେଖିଲେ ତାଙ୍କ ମୁଖଭଙ୍ଗୀ ବଦଳି ଯାଉଥିଲା । କିନ୍ତୁ ଦୁଃଖର ବିଷୟ, ଏ ସବୁକିଛି ଶୋଭା ଦେଖି ପାରୁଥିଲେ ବି ନଦେଖିବାର ଅଭିନୟ କରୁଥିଲା, କେବେ ନିଜର ସଫେଇ ଦେବାକୁ କି ଏସବୁ ଦୋଷରୁ ନିଜକୁ ମୁକ୍ତ କରିବାର ଚେଷ୍ଟା ବି କରୁନଥିଲା । ଯାହା ସମରେନ୍ଦ୍ରଙ୍କୁ ଦିନକୁ ଦିନ ଆହୁରି ଉତ୍‌କ୍ଷିପ୍ତ କରି ପକେଇଲା । ବିନୟକୁ ନେଇ ପରୋକ୍ଷରେ ଏବେ ନିତି ପ୍ରତିଦିନ ଉଚ୍ଚବାଚ, ଯୁକ୍ତିତର୍କ, ଝଗଡା ବଢ଼ି ବଢ଼ି ଚାଲିଲା । ହେଲେ ଶୋଭା ଏହାକୁ ସମରେନ୍ଦ୍ରଙ୍କର କୁଣ୍ଠା ବୋଲି ଗ୍ରହଣ କରିନେଇ ନିରବ ରହୁଥିଲା । ଦିନେ ଚିନ୍ତା ବି କରିନଥିଲା ଯେ ଏହା ପାଇଁ ଭବିଷ୍ୟତରେ ତାକୁ ବିରାଟ ମୂଲ୍ୟ ଭରିବାକୁ ପଡିପାରେ !

ବିନୟର କଣ୍ଠସ୍ୱର ଭାରି ସୁନ୍ଦର... ଏକ୍‌ଦମ୍ ମନଛୁଆଁ । ଜଣେ ଭଲ ଗାୟକ ପ୍ରତି ଶୋଭାର ଦୁର୍ବଳତା ସବୁଦିନର । ତା' ସାଙ୍ଗକୁ ସବୁବେଳେ ହସିବା ଆଉ ହସେଇବାର ଗୁଣ ଦ୍ୱାରା ଯାହାକୁ ନାହିଁ ତାହାକୁ ନିଜ ଆଡ଼କୁ ସେ ଟାଣି ଆଣିପାରେ । ସମରେନ୍ଦ୍ରଙ୍କ ପରି ରୁକ୍ଷ ନୁହେଁ ତା'ର କଥା । ନା ବି ତାଙ୍କ ପରି ଥିଲା ବ୍ୟବସାୟୀ ବୁଦ୍ଧି । ପ୍ରତି କଥାରେ ଟଙ୍କା ଗଣୁଥିବା ଲୋକ, ମଣିଷର ହୃଦୟକୁ କେତେ ବା ଚିହ୍ନେ ! କେବଳ ସେଇଥିପାଇଁ ସମରେନ୍ଦ୍ରଙ୍କର ସମସ୍ତ ବିରକ୍ତି ଆଉ ଅଶାନ୍ତି ସତ୍ତ୍ୱେ ବିନୟର ଗୁଣଗାନ କରୁଥିଲା ଏଠି ସେଠି ସବୁଠି ।

ତା' ସହିତ ସ୍ୱଚ୍ଛନ୍ଦରେ ମିଶୁଥିଲା ସାରା ଦୁନିଆକୁ ଭ୍ରୁକ୍ଷେପ କରି ।

ତା'ର ଏ ସ୍ୱଚ୍ଛନ୍ଦତା ସେମାନଙ୍କ ବୈବାହିକ ଜୀବନ ପ୍ରତି ବିପଦ ବୋଲି ଥରେ କି ଦି' ଥର ନୁହେଁ, ଅନେକ ଥର କହିଥିଲା ସମରେନ୍ଦ୍ର । କେବେ ବୁଲେଇ ବଙ୍କେଇ ତ ଆଉ କେବେ ସିଧାସଳଖ ବିନୟର ଉପସ୍ଥିତିରେ । ସବୁକଥାକୁ କିନ୍ତୁ ହସରେ ଉଡେଇ ଦଉଥିଲା ଶୋଭା । ଓଲଟି ତାକୁ ପାଲଟା ଜବାବ୍ ଦେଇ କହୁଥିଲା, "ତୁମ ପରି ସଂକୀର୍ଣ୍ଣ ମନୋବୃତ୍ତିର ମଣିଷ ଯା'ର ଆଗକୁ ଆଉ କେତେ ବା ଯାଇ ପାରିବ ! ସନ୍ଦେହର ବୀଜ ମୁଣ୍ଡ ଭିତରେ ଗଜା ମାରିବାକୁ ଲାଗିଲାଣି ମାନେ, ବିନୟ ଆମ ଘରକୁ ନ ଆସିଲେ ବି ତମ ମନରେ ସନ୍ଦେହ ରହିବ ଯେ ମୁଁ ତା' ସହିତ ଯାଇ ବାହାରେ କୋଉଠି ମିଶୁଛି ! ଏମିତି ବି ତୁମେ ଯୋଉ କଥାକୁ ଏତେ ଖରାପ ବୋଲି ଭାବୁଛ, ସେପରି ମୁଁ ଭାବି ପାରୁନାହିଁ । ବିନୟ ପ୍ରତି ତୁମ ମନରେ ବଢ଼ି ଚାଲିଥିବା ଘୃଣାର ଚିକିତ୍ସା ମୋ ପାଖରେ କିଛି ନାହିଁ । ତୁମେ ତା'ର ଉପସ୍ଥିତିକୁ ସହ୍ୟ କର ବା ନକର, ସେଥିକୁ ମୋର କିଛି ଯାଏ ଆସେ ନାହିଁ । ହେଲେ ମୁଁ ତମକୁ ସଫା ସଫା କହିଦେଉଛି ଯେ ବିନୟ ମତେ ବଂଚି ରହିବାର ନୂଆ ପାଠ ପଢ଼େଇଛି । ମୁଁ ତାକୁ ବିଶ୍ୱାସ କରୁଛି... ପସନ୍ଦ କରୁଛି... କହିବାକୁ ଗଲେ ଭଲ ବି ପାଉଛି । କିନ୍ତୁ ସେ ଭଲ ପାଇବାରେ କଳୁଷତା ନାହିଁ... ! ସେତିକି ବିଶ୍ୱାସ ମୁଁ ତମକୁ ଦେଇ ପାରିବି !"

ଚିତ୍କାର କରି ଉଠନ୍ତି ସମରେନ୍ଦ୍ର । ହାତକୁ ଯାହା ଆସେ ତା' ଉପରକୁ ଉଠେଇ ଫିଙ୍ଗିଦେଇ ନିଜ ଭିତରର ଉଦ୍‌ଗିରିତ ଲାଭାକୁ ଶୀତଳିତ କରାନ୍ତି । କିନ୍ତୁ ସେସବୁକୁ ହସରେ ଉଡ଼େଇ ଦେଇ ଶୋଭା ସେଠାରୁ ପ୍ରସ୍ଥାନ କରେ । ସମରେନ୍ଦ୍ରଙ୍କୁ ସେ ଭଲ କରି ଚିହ୍ନିଛି । ଅତି ମାତ୍ରାରେ ଅଧିକାର ପ୍ରଦର୍ଶିତ କରୁଥିବା ଲୋକକୁ ସେ ଆଦୌ ସହ୍ୟ କରି ପାରେନାହିଁ । କିନ୍ତୁ ଏବେ ବାଧ୍ୟ ହୋଇ ସେ ସହ୍ୟ କରୁଛି । ବିଗତ କିଛି ଦିନରୁ ଅତି ମାତ୍ରାରେ ସନ୍ଦେହୀ ହୋଇ ଉଠିଛନ୍ତି ସେ । କଥାରେ କଥାରେ ନିଜ ପୌରୁଷତ୍ୱ ଜାହିର କରିବାକୁ ତତ୍ପର ହେଉଉଠୁଛନ୍ତି । ତେବେ ଏସବୁର ସ୍ଥାୟିତ୍ୱ କିଛି ନାହିଁ । ଦିନ କେଇଟା ବିତିଗଲା ପରେ ଆପେ ଆପେ ଥଣ୍ଡା ପଡିଯିବେ ସେ । ପୁଣି ତାଙ୍କ ଭିତରର ଭଲ ପାଇବା... ବିଶ୍ୱାସ... ଆପଣାପଣ... ସବୁ ଲେଉଟି ଆସିବ । ଆଉ ସେପର୍ଯ୍ୟନ୍ତ ତାକୁ ସବୁକଥାରେ ଆଖିକାନ ବନ୍ଦ କରିବାକୁ ହେବ ।

ପ୍ରତିଥର ପରି କିନ୍ତୁ ଏଥରକ ସେମିତି କିଛି ହେଲା ନାହିଁ । ସମରେନ୍ଦ୍ରଙ୍କର ସନ୍ଦେହ କମ୍ ହେଲା ନାହିଁ କି ତାଙ୍କ ଭିତରର ଫାଟ ବୁଜି ହେଇଗଲା ନାହିଁ । ବରଂ ଚାରିପଟରୁ ଆହୁରି ମେଲି ମେଲି ଗଲା । ସେ ଯେ ତା' ବିଷୟରେ ଏତେ ତଳକୁ ଭାବି ପାରିବେ, ସେକଥା ଶୋଭା ସତରେ ଚିନ୍ତା କରିପାରିନଥିଲା । ବିନୟ ତା' ଠାରୁ ବୟସରେ ଖୁବ୍ ସାନ ଥିଲା । ପୁଅ ବୟସର ନହେଲେ ବି ସେହିପରି କିଛି ସଂପର୍କ ତା' ସହିତ ବାନ୍ଧି ହେଇପାରିବ, ସେତିକି ପ୍ରଭେଦ ତ ନିଶ୍ଚୟ ଥିଲା । କିନ୍ତୁ ସେଇ କଥାକୁ ନେଇ ସମରେନ୍ଦ୍ର ଶେଷରେ ତା'ର ଚରିତ୍ରକୁ କାଦୁଅ ଛାଟିଦେଲା... ଯେତେ ବୁଝେଇଲେ ବି ବୁଝିଲା ନାହିଁ । ବରଂ ସବୁକିଛି ପାଇଁ ଶୋଭାକୁ ଦାୟୀ କରିଲା । ବାରମ୍ବାର ନିଜକୁ ସେ ପଚାରୁଥିଲା – ସତରେ କ'ଣ ସଂପର୍କଟିଏ ନିଜ ପବିତ୍ରତା ପ୍ରମାଣିତ କରିବାକୁ ସବୁବେଳେ ପରିଭାଷା ଲୋଡ଼ିଥାଏ !

ମନରେ ରାଗ ଆସିଗଲା ଶୋଭାର । ସମରେନ୍ଦ୍ର ପ୍ରତି ରୁନ୍ଧି ହେଇ ଯାଉଥିଲା ମନ । ଏତେ ବଡ ଅପମାନ ପାଇ ଭାଙ୍ଗି ପଡ଼ିଲେ ବି ଭିତରେ ଭିତରେ ବଢ଼ି ଆସିଲା ଜିଦ୍ଦି । ବିନୟ ଠାରୁ ଦୂରେଇଯିବା ପରିବର୍ତ୍ତେ ଜାଣିଶୁଣି ଆହୁରି ପାଖେଇ ଆସିଲା । ଯାହାର ଫଳସ୍ୱରୂପ 'ମୁଁ' ଆଉ 'ମୋ' ଭିତରେ ଦିନରାତି ସେ ବୁଡି ରହିଲା । ଆଉ ନିଜ ଅଜାଣତରେ କେତେବେଳେ ଘରସଂସାର ପାଇଁ ସେ ଅଲୋଡା ହେଇ ଉଠିଲା, ଦୁନିଆ ପାଇଁ ବୋଝ ହେଇଗଲା... ପିଲାଙ୍କ ପାଇଁ ଲଜ୍ଜାର ବିଷୟବସ୍ତୁ ପାଲଟିଗଲା, ସେ ଜାଣିନି । ତଥାପି ନିଜ ଭିତରେ ଅହରହ ବଢ଼ି ଚାଲିଥିବା ଜିଦ୍ଦିକୁ ସେ ଛାଡି ପାରିଲାନି । ସମରେନ୍ଦ୍ରର ବିଚାରଧାରା ସହ ଦିନକୁ ଦିନ ସେ ଯେତେ ପରିଚିତ ହେବାକୁ ଲାଗିଲା, ତା' ଭିତରେ ଅନୁତାପ ନୁହେଁ, ବରଂ ବଢ଼ିଚାଲିଲା ସମରେନ୍ଦ୍ର ପ୍ରତି ଘୃଣା । ଆଉ ଅଜବ ଏଇ ଜିଦ୍ଦିକୁ ଜାବୁଡି ଧରି ଜାଣିଶୁଣି ସେ ସମରେନ୍ଦ୍ର ମନରେ ବଢ଼ି ଚାଲିଥିବା ସନ୍ଦେହର ବଟବୃକ୍ଷକୁ ବଢ଼ିବାକୁ ଛାଡିଦେଲା । ବିନୟ ଠାରୁ ଦୂରେଇ ନଯାଇ ଆହୁରି ପାଖେଇ ଆସିଲା ।

ସେମାନଙ୍କ ପିଲାମାନେ ସେତେବେଳକୁ ଏତେ ବି ବଡ଼ ହେଇନଥିଲେ ଯେ ନାରୀ ପୁରୁଷ ଭିତରେ ବଢୁଥିବା ସଂପର୍କର ନୈତିକତା ଉପରେ ନିଜ ମନ ଭିତରେ କିଛି ସନ୍ଦେହ ପାଳନ୍ତେ, ମାତ୍ର ଏତିକି ତ ବୁଝି ପାରୁଥିଲେ ନିଶ୍ଚୟ ଯେ ଦିନ ପ୍ରତିଦିନ ବାପାମା'ଙ୍କ ଭିତରେ ବଢ଼ି ଚାଲିଥିବା ଝଗଡାର ହେତୁ ହେଲେ ବିନୟ ନାମକ ଏହି ଭଦ୍ରବ୍ୟକ୍ତି, ଯାହାର ଅସ୍ତିତ୍ୱ ସେମାନଙ୍କ ଜୀବନରେ ଏଇ କିଛି ଦିନରୁ ହିଁ କାୟା ବିସ୍ତାରି ଚାଲିଛି । ଏସବୁଥିପାଇଁ କେବଳ ମା' ହି ଦାୟୀ, ତାହା ବି ସେମାନଙ୍କ ମନରେ ଦୃଢ଼ ହେଇ ଯାଇଥିଲା ।

ଏଇ ଗୋଟିଏ ଦୁଃଖ ଶୋଭା ବରଦାସ୍ତ କରି ପାରିଲାନି । ସମରେନ୍ଦ୍ର କଥା ଛାଡ, ସେ ତ ମଣିଷ ହିଁ ସେମିତି ! ତା'ର ଭଲ ପାଇବାର ରଜ୍ଜୁରେ ସବୁବେଳେ ଶୋଭାକୁ ତା'ତଣ୍ଟି ପାଖରୁ ବାନ୍ଧି ପକେଇବାକୁ ଚେଷ୍ଟା କରି ସଫଳ ହେଲାନି ବୋଲି ଶେଷରେ ସବୁଦିନ ପାଇଁ ଠକିଦେଇ ଚାଲିଗଲା ଭୁଲ୍ ବୁଝାମଣାର ବିନା କୌଣସି ସମାଧାନ କରି । କିନ୍ତୁ ବାକି ଯେଉଁମାନେ ରହିଗଲେ, ସେମାନେ ତ କମ୍ ସେ କମ୍ ବୁଝିବାର ଥିଲା ଯେ ବିନୟ ତା'ର କେହି ନୁହେଁ... ତାକୁ ସେ ପସନ୍ଦ କରେ କେବଳ ତା'ର ସୁନ୍ଦର ମନମୋହକ ସ୍ୱର ପାଇଁ । ତା' ଭିତରେ ତାକୁ ନେଇ କିଛି କଳୁଷତା ନାହିଁ କି ଆବିଳତା ବି ନାହିଁ । କିନ୍ତୁ କେହି କ'ଣ ବିଶ୍ୱାସ କରିଥିଲେ ତାକୁ ! ମାନି ନେଇଥିଲେ ତା'ର ଅବିଶ୍ୱସନୀୟ କଥାକୁ ! ବରଂ ଯୁକ୍ତି କରିଥିଲେ – ନାରୀ ଆଉ ପୁରୁଷ ଭିତରେ ରହିଥିବା ସବୁ ସଂପର୍କ ଦେହର ସାହାରା ନେଇ ହିଁ କେବଳ ଆଗକୁ ବଢ଼ି ପାରେ ! ବିନା ପ୍ରତ୍ୟାଶାରେ ପରସ୍ପରକୁ ଏତେ ବେଶି ପସନ୍ଦ କରିବା, କାହାରି ପକ୍ଷରେ ସମ୍ଭବ ନୁହେଁ । ଶୋଭା ସେଥିରୁ ବର୍ତ୍ତିପାରିବ ବା କେମିତି !

ସେଦିନର କଥା ଆଜି ବି ଝାପ୍‌ସା ଝାପ୍‌ସା ମନେ ପଡି ଯାଉଛି । ଏତେ ବର୍ଷ ବିତିଗଲା ପରେ ବି ସେହି ଭୟଙ୍କର ଅନୁଭୂତି ଆଜି ବି ଛାତି ଭିତରେ ଭୂକମ୍ପ ଆଣି ଦେଉଛି । ବନ୍ଦ ଆଖିରେ ବି ଜଳ ଜଳ କରି ଦେଖା ଦେଉଛି ସେଦିନ ସେ ପାର୍ଟିର ଘଟଣା ! ସେଇ ଅଭାବନୀୟ ଦୃଶ୍ୟଟି ତା' ଜୀବନର କଳାପଟା ଉପରେ ଏମିତି ଏକ ଚକ୍‌ରେ ଲେଖା ହେଇଯାଇଛି ଯେ ତାକୁ ଲିଭେଇବାର ଚେଷ୍ଟାରେ ତା' ନିଜର ଜୀବନ ପ୍ରଦୀପ ଲିଭିବାକୁ ବସିଲାଣି ପଛେ, ହେଲେ ସେଇ ଗୋଟିକ ରାତିକୁ ସେ ପୋଛି ଦେଇ ପାରିନାହିଁ ।

ଶର୍ମା ସାହେବଙ୍କ ପାର୍ଟିରେ ବିନୟର ଉପସ୍ଥିତି ସମସ୍ତଙ୍କୁ ଆଚମ୍ଭିତ କରିଥିଲା, କିନ୍ତୁ ସମରେନ୍ଦ୍ରକୁ କରିଥିଲା ଉତ୍‌କ୍ଷିପ୍ତ । ଅଫିସିଆଲ୍ ପାର୍ଟିରେ ବିନୟ ପରିକା ଏକ କଳାକାରର ବା କି କାମ ! କାହା ନିମନ୍ତ୍ରଣରେ ଆସିଛି ସେ ! କମ୍ପାନୀର ଲାଭକ୍ଷତିରେ ତା'ର କି ଅବଦାନ ରହିଛି !

ଯେତେବେଳେ ଜାଣିବାକୁ ପାଇଲା ଯେ କମ୍ପାନୀର ଏତେ ବଡ ଉପଲବ୍ଧିର ଉତ୍ସବକୁ ମହାସମାରୋହରେ ପାଳନ କରିବାକୁ ଶର୍ମା ସାହେବ ନୃତ୍ୟସଙ୍ଗୀତର କାର୍ଯ୍ୟକ୍ରମ ରଖିଛନ୍ତି, ଏବଂ ଶୋଭାର ବିଶେଷ ଆଗ୍ରହ ରକ୍ଷା କରି ବିନୟକୁ ସୁଯୋଗ ଦେଇଛନ୍ତି ନିଜ କଳା ପ୍ରଦର୍ଶିତ କରିବାକୁ, ସମରେନ୍ଦ୍ରର କ୍ରୋଧ ବନ୍ଧବାଡ଼ ମାନି ନଥିଲା ! ତାକୁ ଲାଗିଥିଲା ସତେ ଯେମିତି ଶୋଭାର ଏହା ଏକ ସୁଚିନ୍ତିତ ଯୋଜନା ତାକୁ ନୀଚା ଦେଖେଇବାକୁ... ବିରକ୍ତ କରେଇବାକୁ !

ପ୍ରଥମ ଗୀତ ଆରମ୍ଭ କରିଥିଲା ବିନୟ– "ମୋ ପ୍ରିୟା ଠାରୁ କିଏ ଅଧିକ ସୁନ୍ଦର.../ ମୋ ପ୍ରିୟା ଠାରୁ

କିଏ ଅଧିକ ଗୁଣର ।"

ସମରେନ୍ଦ୍ରର ଛାତି ଭିତରେ ଈର୍ଷା ଆଉ କ୍ରୋଧର ଝଞ୍ଜାବାତ !

ଦ୍ୱିତୀୟ ଗୀତ ଥିଲା– "ମୁଁ ତମକୁ ଭଲ ପାଏ ଲୁଚିଲୁଚିକା / ମୋ ମନକୁ ଛୁଇଁ ଯାଅ ଛପିଛପିକା ।"

ସମରେନ୍ଦ୍ରର ହାତ ବଢ଼ି ଯାଇଥିଲା ଗ୍ଲାସ୍ ଆଡ଼କୁ ।

ସମସ୍ତଙ୍କ ବାହାବାହାରେ କମ୍ପି ଉଠୁଥିଲା ପରିବେଶ । ଶୋଭାର ଓଠରେ ଉକୁଟି ଆସିଥିଲା ପ୍ରଶଂସାର ଅସରନ୍ତି ଲହଡ଼ି । ହେଲେ ସମରେନ୍ଦ୍ରକୁ ସେସବୁ କିଛି ଶୁଭୁନଥିଲା... କିଛି ଦେଖା ଯାଉନଥିଲା । ତା' ଆଖିରେ କେବଳ ଥିଲା ବିନୟ ପାଖରେ ହାରି ଯାଉଥିବାର ଅନୁଭବ । ଶୋଭାର ଅତି ବେଶି ଭଲ ପାଇବା ତା' ଆଖି ଆଗରେ ଅନ୍ଧାର ବିଂଚି ପକାଉଥିଲା । ସେଇ ଅନ୍ଧାର ଭିତରେ ତୁହାକୁ ତୁହା ଆଉଟୁ ପାଉଟୁ ହେଇ ପଡୁଥିଲା ସେ । ଶୋଭା ତାକୁ ବାରଣ କରୁଥିଲା ଆଉ ନ ପିଇବା ପାଇଁ । ସେ କିନ୍ତୁ ପିଇ ଚାଲିଥିଲା । ଦୁଇ .. ତିନି .. ଚାରି .. ତା'ପରେ ଆଉ ଗଣି ପାରିଲାନି କେତେ ଗ୍ଲାସ୍ ସେ ଶେଷ କରିଦେଲା ରାଗରେ ।

ବିନୟର ସୁନ୍ଦର ପରିବେଷଣ ପାଇଁ ସମସ୍ତେ ଭୁରି ଭୁରି ପ୍ରଶଂସା କରୁଥିଲେ, ତା' ମୁହଁ କିନ୍ତୁ ଘୃଣାର ରଙ୍ଗରେ ରଙ୍ଗୀନ ହେଇ ଯାଉଥିଲା । ସରୀସୃପ ପରିକା ଚରି ଯାଉଥିଲା ତା'ର ସମଗ୍ର ଦେହରେ ! ବିଷେଇ ଯାଉଥିଲା ସାରା ଅବୟବ !

ବିନୟର ତୃତୀୟ ଗୀତ– "ଅଳପ ହସରେ ଅନେକ ଆଶାର / ଇଶାରା ପାଇଲି ବନ୍ଧୁ / ମାନସୀ ଆସିଲା ମରମ ଦହିଲା / ଦେଇଗଲା ପ୍ରୀତି ମଧୁ ।"

ଗୀତ ଶେଷ ହେଲା ପର୍ଯ୍ୟନ୍ତ ଆଉ ଅପେକ୍ଷା କରି ପାରିଲାନି ସମରେନ୍ଦ୍ର । ତା' ଧୈର୍ଯ୍ୟର ବାଲିବନ୍ଧରେ ଘଳିଆ ପଡ଼ି ସାରିଥିଲା । କୌଣସି ମତେ ସେଥିରେ ଆଉ ବନ୍ଧ ବାନ୍ଧି ହେବନାହିଁ । ଆଗେଇ ଗଲା ସେ ସଙ୍ଗୀତ ଆସର ଦିଗକୁ । ଛଡେଇ ଆଣିଲା ତା' ହାତରୁ ମାଇକ୍ । ପାଟି କରି କହିଲା, "କି ନବରଙ୍ଗ ଲଗେଇଛୁ ତୁ କାଲିକା ଛୁଆଟା ! ଏଡେ ତୁ ପ୍ରୀତି ମଧୁ ପାଇଲା ବାଲା ! ତତେ ଆଉ କେହି ମିଳିଲେନି ! ଶେଷରେ ମୋରି ଘର ଜାଳିବାକୁ ତତେ ଥିଲା !"

ଚମକି ପଡିଲା ବିନୟ .. ଚମକି ପଡିଲା ଶୋଭା .. ଚମକି ବି ପଡିଲେ ସେଦିନ ପାର୍ଟିରେ ଉପସ୍ଥିତି ଥିବା ସମସ୍ତ ଅତିଥି ଅଭ୍ୟାଗତ । ମୁଣ୍ଡ ତଳକୁ ହେଇଗଲା ଶୋଭାର । ସମସ୍ତଙ୍କ ଆଖିରେ କୌତୂହଳ – ଇଏ କ'ଣ କହୁଛି ସମରେନ୍ଦ୍ର... ଆଉ କାହିଁକି କହୁଛି ! ଏଇ ଗୀତ ଗାଇଲାବାଲା ସହିତ ତା'ର ବା କି ସଂପର୍କ ?

ସମସ୍ତଙ୍କ ସବୁ ଅକୁହା ପ୍ରଶ୍ନର ଉତ୍ତର ସମରେନ୍ଦ୍ର ନିଜେ ଦେଇ ଦେବାକୁ ଅନ୍ୟଥା ମଣିଲାନି । "ବନ୍ଧୁମାନେ, ଆପଣମାନେ ସମସ୍ତେ ଆଶ୍ଚର୍ଯ୍ୟ ହଉଥିବେ ହଠାତ୍ ରଙ୍ଗରେ ଭଙ୍ଗ କାହିଁ କରିଦେଲି ମୁଁ ! କାହିଁକି ଆପଣଙ୍କ ସୁମଧୁର କାର୍ଯ୍ୟକ୍ରମକୁ ବେସୁରିଆ କରି ପକେଇଲି .." ପାଟି ଖନି ବାଜି ଯାଉଥିଲା .. ପାଦ ଟଳଟଳ ହେଉଥିଲା । ଶୋଭାର ସମସ୍ତ ବାରଣ ସତ୍ତ୍ୱେ ସେ ଗ୍ଲାସ୍‌କୁ ଛାଡୁ ନଥିଲା ଆଉ କହିବା ବି । ବିନୟ ଆଉ ଶୋଭାକୁ ନେଇ ଆଜି ପର୍ଯ୍ୟନ୍ତ ଯାହା ଯାହା ସେ ଭାବି ଆସିଛି, ସେସବୁକୁ ସମସ୍ତଙ୍କ ଆଗରେ ଓଗାଳି ପକେଇଲା, " ଏ ପିଲା... ଏ ପିଲା... ଦିନେ ଖାଇବାକୁ ପାଉନଥିଲା... କଳାକାର ସାଜିବ ବୋଲି ଘରଦ୍ୱାର ଛାଡ଼ି ଚାଲି ଆସିଥିଲା... ମୋ ପତ୍ନୀ ମୋର ସମସ୍ତ ବାରଣକୁ ବେଖାତିର୍ କରି ତା' ପାଇଁ ଇଆଡେ ସିଆଡେ ଦଉଡା ଦଉଡି କରି ସୁପାରିଶ୍ କରିଚାଲିଲା ।

ଏତେ ବର୍ଷର ସଂସାର କରିବା ଭିତରେ ବି ମୋ ପାଇଁ ଯେତିକି ଆକୁଳ ସେ ନହେଇଛି, ତା'ଠୁ ଶହେ ଗୁଣରେ ଆକୁଳ ବିକଳ ହେଇଗଲା ତାକୁ ପ୍ରତିଷ୍ଠିତ କରିବାରେ । କଣ୍ ନା... କଳାକାର ଜୀବନ ବଡ ସଂଘର୍ଷପୂର୍ଣ୍ଣ, ଆଉ ତାକୁ ସାହାଯ୍ୟ ନକଲେ ନଷ୍ଟ ହେଇଯିବ ତା' କଳା... ହଜିଯିବ ସେ ଅନ୍ଧାର ଭିତରେ । ହୁଁ .. ହଜିଯିବ ନା ଆଉ କିଛି !

ସତେ ଯେମିତି ଆମମାନଙ୍କ ଜୀବନରେ ସଂଘର୍ଷ ବୋଲି କିଛି ନାହିଁ ! ଆମେ ଯେମିତି ସିଧା ସିଧା ଉଠି ଆସିଛୁ ଉପରକୁ ! ଆମକୁ କାହାର ସାହାଯ୍ୟ ସହାନୁଭୂତି କିଛି ଲୋଡ଼ା ନାହିଁ ... !

ବନ୍ଧୁମାନେ... କୋଉ ମୁହଁରେ କହିବି ଆପଣମାନଙ୍କୁ...ଏସବୁ ସାହାଯ୍ୟ କରିବା ନାଁ ରେ କେବଳ... ।"

କାନ ବୁଜିଦେଲା ଶୋଭା । ଏତେ ଗୁଡ଼େ ମିଛ କଥା ପୁଣି ତା' ନାଁରେ ! ! ହୋସ୍‌ରେ ନାହିଁ ସେ । କ'ଣ କହୁଛି... କୋଉଠି କହୁଛି... କାହିଁକି କହୁଛି ... କିଛି ଜାଣି ପାରୁନି ! ଏ ସମସ୍ତେ ଯେ ତା'ର ଦୁଃଖରେ ଦୁଃଖି ହେଉଥିବେ, ସେ ଭଳିଆ ମିଛ କଳ୍ପନା କରି ନିଜେ ନିଜର ହିଁ ଅପମାନ କରୁଛି । ହେଲେ କେମିତି ରୋକିବ ତାକୁ ! ଏଇଠୁ ତାକୁ ବାହାର କରି ନନେଲେ ସେ ଆହୁରି ତଳକୁ ଖସି ଚାଲିଯିବ !

ଭିଡି ଭିଡି ତାକୁ ନେଇ ଆସିଲା ବାହାରକୁ । ଖୁବ୍ ପ୍ରତିରୋଧ କରିଥିଲା ସମରେନ୍ଦ୍ର... ତାକୁ ଆହୁରି ବହୁତ କିଛି କହିବାକୁ ଅଛି ବୋଲି ହାତ ଛଡେଇ ଦୁଇ ଚାରି ଥର ହଲ୍ ଭିତରକୁ ଚାଲି ବି ଗଲା । କିନ୍ତୁ କେମିତି କରି ବାହାରକୁ ଆଣି ଗାଡି ଭିତରେ ବସେଇ ଦେଲା । ନିଜେ ଡ୍ରାଇଭର୍ ସିଟ୍‌ରେ ବସିବାକୁ ଚାହୁଁଥିଲ । କିନ୍ତୁ ସମରେନ୍ଦ୍ର ତା' କଥାକୁ ଭୃକ୍ଷେପ ନକରି ଗାଡି ଚଲେଇବାକୁ ଜିଦ୍ଦି କରିଲା ।

ତା'ର ଅଣାୟତ୍ତ ଅବସ୍ଥା ଦେଖି ଶୋଭା ଭୟରେ ଥର ଥର କମ୍ପୁଥିଲା । କିଛି ନା କିଛି ନିଶ୍ଚୟ ଘଟିଯିବ ଆଜି । ସମରେନ୍ଦ୍ର ଅର୍ଦ୍ଧଚେତନ ଅବସ୍ଥାରେ ଗାଡ଼ି ଚଲେଇବା ସାଥେ ସାଥେ ନିହାତି ଅସଭ୍ୟ ଭାଷାରେ ଶୋଭାକୁ ବିନୟ ସହିତ ଯୋଡ଼ି ଗାଳିଗୁଲଜ କରି ଚାଲିଥିଲା । ସେସବୁ ସହିବା ସମ୍ଭବ ନଥିଲେ ବି ତା'ର ଅବସ୍ଥା ଦେଖି ଚୁପ୍ ବସିଥିଲା ସେ । କେମିତି କରି ଘରେ ପହଂଚି ଗଲା ପରେ ରକ୍ଷା ଅଛି ! କାଲି ସକାଳକୁ ହୋସ୍‌କୁ ଫେରିଲେ ସବୁ ହିସାବ କିତାବ ସୁଝେଇବ ସେ । ଏଇ ମୁହୂର୍ତ୍ତରେ ସବୁକଥାକୁ ଆଖିକାନ ବୁଜି ତାକୁ କେବଳ ସହ୍ୟ କରିଯିବାକୁ ହିଁ ପଡ଼ିବ ।

କିନ୍ତୁ ଫଳ ହେଲା ଓଲଟା । ତା'ର ଭୁଲ୍ ଅଛି ବୋଲି ସେ ଏମିତି ନିରବରେ ବସିଛି କହି ପୁଣି ଆକ୍ଷେପ କଲା ସମରେନ୍ଦ୍ର । ଆହୁରି ଉତ୍‌କ୍ଷିପ୍ତ ହେଇ ଉଠିଲା । ଆଜି ସବୁ ନାଟକ ଉପରୁ ପରଦା ଉଠିବା ଦରକାର । "ସେଇ ବିନୟଟା ପ୍ରତି କାହିଁକି ଏତେ ଦରଦ ତୋର... କାହିଁକି ତାକୁ ତୁ ମୋ ଠୁ ଅଧିକ ଭଲ ପାଉଛୁ... କ'ଣ ନକରିଛି ମୁଁ ତୋ' ପାଇଁ... ହେଲେ ତୁ .. ତୁ .. ତୁ ।"

ଆଉ ଆଗକୁ କିଛି କହିବାର ସୁଯୋଗ ନଥିଲା । ସେପଟରୁ ଦ୍ରୁତ ଗତିରେ ଆସୁଥିବା ଗୋଟେ ଟ୍ରକ୍‌କୁ ଓଭର୍‌ଟେକ୍ କରିବାକୁ ଯାଇ ଗଛ ସହିତ ଗାଡ଼ି ପିଟି ହେଇ ସାରିଥିଲା । ଶୋଭାର ସମସ୍ତ ପ୍ରୟାସକୁ ବ୍ୟର୍ଥ ସାବ୍ୟସ୍ତ କରି କୋଡ଼ିଏ ଫୁଟ ତଳକୁ ଗଡ଼ି ପଡ଼ିଲା ଗାଡ଼ି ।

ଅନ୍ଧାର... ନିବିଡ ଅନ୍ଧାର... ସେଇ ଅନ୍ଧାର ଭିତରେ ହଜିଗଲା ଗୋଟେ ଅସହିଷ୍ଣୁ ଜୀବନର ନିବିଡ଼ ମନେ ହେଉଥିବା ଅଣବାହୁଡା ବାସ୍ତବତା ! ଜୀବନଟା ଫେରି ଆସିଲା ଅଧାଅଧୁରା ହେଇ । ପାରାଲାଇଜଡ୍ ହେଇ ଯାଇଥିବା ଶରୀର ସବୁଦିନ ପାଇଁ ଅଟକି ଯାଇଥିଲା ଗୋଟିଏ ବିରକ୍ତିକର ଆଉ ଗତାନୁଗତିକ ନକ୍‌ସା ପାଖରେ ! ହଜିଗଲା ସବୁ ଭଲ ପାଇବା, ଈର୍ଷା, ଅସୂୟା, ସନ୍ଦେହ, ସ୍ନେହ ମମତା, ବିଶ୍ୱାସ ସବୁକିଛି ! ବାପାଙ୍କର ମୃତ୍ୟୁ ପାଇଁ ମା' ହିଁ କେବଳ ଦାୟୀ ! ଏ ଧାରଣାକୁ ବଦଳେଇବାର ପ୍ରୟାସରେ ତା'ର ଅର୍ଦ୍ଧେକ ଜୀବନ ଶେଷ ହେଇଗଲା । କିନ୍ତୁ ବିଶ୍ୱାସର ଜଡ ମାଟି ଭିତରକୁ ବହୁତ ଦୂର ପର୍ଯ୍ୟନ୍ତ ଚାଲି ଯାଇଥିଲା । ସେଥିରୁ ସମୂଳେ ଧ୍ୱଂସ କରିବା ଆଉ ସମ୍ଭବ ନଥିଲା । ସଜାଡି ହେଲାନି ଭାଙ୍ଗି ପଡିଥିବା ସଂସାରଟା !

ଏବେ ଭାରି ଅଚିହ୍ନା ଲାଗୁଥିଲା ତାକୁ ତା' ଘରସଂସାର । ତା' ଭିତରର ନିର୍ମମ ନିରବତା ତାକୁ ପ୍ରତି ମୁହୂର୍ତ୍ତରେ ଆଘାତ ଦେବାକୁ ଚାହିଁ ବସିଥିଲା । ସ୍ଥାଣୁ ପାଲଟି ଯାଇଥିଲା ମୁଖରିତ ସମୟ । ବଂଚିଥିଲା ବେଳେ ସମରେନ୍ଦ୍ର କ'ଣ ଦେଇଥିଲା ଆଉ କ'ଣ ନ ଦେଇଥିଲା, ତାହାର ହିସାବ ଆଉ ସେ

ପାଉନଥିଲ । କିନ୍ତୁ ସେ ମରଯିବା ପରର ଲାଂଛନାମୟ ଜୀବନର ଅସରନ୍ତି ତାଲିକା ଦିନରାତି ତା’ ଚତୁଃପାର୍ଶ୍ୱରେ ଘୂରି ବୁଲୁଥିଲା ।

ଦୂରେଇ ଯାଇଥିଲା ସଂସାର... ଦୂରେଇ ଯାଇଥିଲା ସାହାଯ୍ୟର ହାତ ! କେମିତି କାଟୁଛି ସେ ଦିନ ସବୁ... କାହାକୁ ନେଇ ବଂଚୁଛି ମରୁଛି, କେହି ଜଣେ ବି ଖବର ରଖୁନଥିଲେ ଆଉ । ସେ ନିଜେ ବି ଜାଣିନଥିଲା ସେ ପ୍ରକୃତରେ ବଂଚିଛି କି ମରିଛି ! ଯଦି ବଂଚିଛି, ତେବେ କାହିଁକି ? ଘରର ଚାରିକାନ୍ଥ ଭିତରେ ତା’ ଜୀବନର ବୋଝ ବୋହି ବୋହି ଅତିଷ୍ଠ ହେଇ ପଡିଥିବା ପିଲାମାନେ ଏବେ ତାକୁ ସବୁଦିନ ପାଇଁ ଏଇ ହସ୍‌ପିଟାଲ୍ ବେଡ୍‌ର ଆଶ୍ରାରେ ଛାଡ଼ି ଦେଇଛନ୍ତି । ସେଥିକୁ ଅଭିଯୋଗ କରିବାର ଆଉ କିଛି ନାହିଁ । ଏ ଖଟ, ନହେଲେ ସେ ଖଟ... କ’ଣ ବା ଫରକ ସେଥିରେ !

ଏମିତି କେତେ ଦିନରାତି କୁଆଡେ ବୋହି ଗଲାଣି, କି ଖବର ବା ରଖୁଛି ସେ ! ଶୋଇବା, ଚାହିଁବା, ଉଠିବା ବସିବା, ଖାଇବା ପିଇବା, ସବୁ ତ ସମାନ ହେଇଯାଇଛି ! କେବଳ ଆଖି ମିଟି ମିଟି କରି ହିଁ ସେ ନିଜ ବଂଚିବାର ସୂଚନା ଦିଏ । ଏମିତି ହେଇ ହେଇ ଦିନେ ତାହା ବି ବନ୍ଦ ହେଇଯିବ, କାହାକୁ କ’ଣ ବା ଫରକ ପଡିବ ! ବରଂ ଖୁସି ହେବେ ! ସେ ନିଜେ କ’ଣ ଖୁସି ହେବନି !

ଖୁସି ! କ’ଣ ଅର୍ଥ ଏଇ ଶବ୍ଦଟିର ସତରେ ! କ’ଣ ତା’ର ଭାଗମାପ ! ବିନୟକୁ ସାହାଯ୍ୟ କରିବାରେ ତାକୁ ମିଳୁଥିଲା ଅପାର ଆନନ୍ଦ... ନିଜର ପୂରା ନହେଇଥିବା ସ୍ୱପ୍ନକୁ ସେ ତା’ ଆଖିରେ ଦେଖିବାର ଚେଷ୍ଟା କରିଥିଲା ମାତ୍ର ! କିନ୍ତୁ କ’ଣ ପାଇଲା ! ସାରା ଜୀବନର ଅପମାନ... ଲାଂଛନା... ଏପରିକି କଳଙ୍କ ମଧ୍ୟ ! କେବେ ଦିନେ ବି ସମରେନ୍ଦ୍ର ଚିନ୍ତା କରିଲାନି ଯେ ଯୋଉ ଗାୟିକାର ଗୀତରେ ମୁଗ୍ଧ ହେଇ ସେ ଦିନେ ତାକୁ ବାହା ହେବାକୁ ଜିଦ୍ଦି କରିଥିଲା, ତାକୁ ପରବର୍ତ୍ତୀ ଜୀବନରେ ସେହି ସ୍ୱର ତାଳ ପାଖରୁ ଦୂରେଇ ରଖି କେତେ ଅନ୍ୟାୟ କରିଛି ତା’ ସହ ସେ !

ବାହା ହେବା ପୂର୍ବରୁ କଥା ଦେଇଥିଲା ତା’ ସଙ୍ଗୀତକୁ ନେଇ ବହୁତ କିଛି କରିବ ସେ ! କିନ୍ତୁ କାହିଁ ? କେବେ ଦିନେ ତ ସେ ବିଷୟରେ କିଛି ଉଠେଇଲା ନାହିଁ । ଓଲଟି କେବେ କେମିତି ସେ ନିଜ ଆଡୁ କଥା ବାହାର କଲେ କୁହେ – ପାଗଳ ହେଲଣି ନା କ’ଣ ! ଭଲଘରର ବୋହୂମାନେ ଷ୍ଟେଜ୍ ଉପରେ ଯାଇ ସମସ୍ତଙ୍କ ଆଗରେ ସ୍ୱର ଲମ୍ୱେଇବାଟା କ’ଣ ସମ୍ମାନଜନକ କଥା !!

– ମାନେ ? ?

ଚମକି ପଡିଥିଲା ଶୋଭା ! ଭଲଘରର ବୋହୂ ? ବିବାହ ପୂର୍ବରୁ ସେ ଯୋଉ ଗୀତ ଗାଉଥିଲା, ସେତେବେଳେ କ’ଣ ସେ ଭଲଘରର ନଥିଲା ?

ଯଦି ନଥିଲା, ତେବେ ତା’ ପରି ଖାନଦାନୀ ପିଲା କାହିଁକି ତାକୁ ଜବରଦସ୍ତି ବାହା ହେଇଥିଲା !! କାହିଁକି ସଙ୍ଗୀତର ସୁନ୍ଦର ଦୁନିଆରୁ ତାକୁ ବାହାରକୁ ନେଇ ଆସିଥିଲା ? କାହିଁକି ତାକୁ କହିଥିଲା ଯେ ‘ତୁମ ଠାରୁ ତୁମ ସ୍ୱର ଆହୁରି ଅଧିକ ସୁନ୍ଦର..ଏକଦମ୍ ମନୋମୁଗ୍‌ଧକର ..! ସଂଗୀତ ପାଇଁ ହିଁ ଭଗବାନ ତମକୁ ମଣିଷର ଦେହଟେ ଦେଇଛନ୍ତି ..!’

ଏସବୁ ପ୍ରଶ୍ନ ତାକୁ ସେଦିନ ପଚାରିବାକୁ ତା’ର ଥିଲା । ଉତ୍ତର ଆଦାୟ କରିବାକୁ ବି ଥିଲା । ହେଲେ ହେଲା ନାହିଁ । ସବୁବେଳେ ତାକୁ ମିଛ କଥା କହି ଠକିଥିବା ମଣିଷଟା ଶେଷରେ ସତସତିକା ଠକିଦେଇ ଚାଲିଗଲା । ଖାଲି ଗଲା ନାହିଁ, ସବୁଦିନ ପାଇଁ ନିରୁତ୍ତର ବି କରିଦେଲା ।

କୋଉ ମୁହଁରେ ସେ ପିଲାମାନଙ୍କୁ କହିଥାନ୍ତା ଯେ ସଙ୍ଗୀତ ପ୍ରତି ତା’ର ଦୁର୍ବଳତା ଏତେ ବେଶି ଥଲା ଯେ ତା’ ଆଗରେ ସମରେନ୍ଦ୍ର ପରି ବିଶ୍ୱାସଘାତକର ଭଲ ପାଇବା ତାକୁ ସବୁବେଳେ ତୁଚ୍ଛ ହିଁ ଲାଗିଥିଲା ! ଆଉ ତା’ର ସେହି ଚଂଚକତାକୁ ପ୍ରତିରୋଧ କରିବା ପାଇଁ ବିନୟକୁ ଢ଼ାଲ ଭଳି ସେ ବ୍ୟବହାର କରିଥିଲା ମାତ୍ର, ଯାହାକୁ ସମରେନ୍ଦ୍ର ଭଲ ଭାବରେ ଜାଣି ପାରିଥିଲା ବୋଲି ହାରି ଯାଇଥିବାର ଭାବନାରେ ଉତ୍‌କ୍ଷିପ୍ତ ହୋଇ ପଡିଥିଲା ସେଦିନ !

---

## ବହି ବିଚାର




- ପୁସ୍ତକର ନାମ: **ଲେଭଲ୍ କ୍ରସିଂ**
- ଲେଖକଙ୍କ ନାମ : **ଦିଲ୍ଲୀପ ବେହେରା**
- ପ୍ରକାଶକଙ୍କ ନାମ : **ଶ୍ରଦ୍ଧା ପବ୍ଲିକେଶନ, ସହଦେବଖୁଣ୍ଟା, ବାଲେଶ୍ୱର**
- ମୂଲ୍ୟ : **୧୦୦/-, ପୃଷ୍ଠା : ୯୬**



ସମକାଳୀନ କବିତାରେ ଯେତେବେଳେ ସମୟ, ସମ୍ପର୍କ ଓ ସମାଜର ତ୍ରିବେଣୀ ଧାରା ପ୍ରବାହିତ, ଠିକ୍ ସେତିକିବେଳେ କବିର ଭାଗ୍ୟ ନେଇ ଦିଲ୍ଲୀପ ବେହେରାଙ୍କ ‘ଲେଭଲ୍ କ୍ରସିଂ’ ଆତ୍ମପ୍ରକାଶ କରିଛି । ଏହି କବିତା ପୁସ୍ତକଟି ମାଧ୍ୟମରେ ଦିଲ୍ଲୀପଙ୍କ ଆଗମନ ବେଶ୍ ଆଶ୍ୱାଭାଜନ ମନେହୁଏ । ସେ ମଣିଷକୁ ମଣିଷ ସହ ଯୋଡ଼ିବାର ଏକ ସଂକଳ୍ପକୁ ନେଇ ସତ୍ୟନିଷ୍ଠ ଭାବେ ଖୁବ୍ ସଶକ୍ତ ମନେହୁଅନ୍ତି ସଙ୍କଳନସ୍ଥ କବିତାମାନଙ୍କରେ । ସମୟକୁ ଧରି ରଖିବାର ଗୋଟେ ନିବିଡ଼ ଭାବକୌଶଳରେ ମଧ୍ୟ ସେ ଆଦୌ ପଛରେ ନାହାଁନ୍ତି । ସେଇଥିପାଇଁ ତ ସମାଜର ନିଷ୍ଠୁର ସତ୍ୟମାନଙ୍କୁ ଉଖାରି ସାରି ସେ କରନ୍ତି ଲହୁ-ସ୍ନାନ । ତା’ପରେ ଭାସି ଆସେ ଦେଖନ୍ତୁ ଦିଲ୍ଲୀପଙ୍କ ସ୍ୱର କିପରି: “ଭଲ ହେବ ତୁମେ ଏ ରଙ୍ଗତୂଳୀ ନିଅ / ଜୀବନକୁ ନୂଆ ରଙ୍ଗ ଦିଅ / ସମୟକୁ ନୂଆ ରୂପ ଦିଅ / ମୋ ଛାତିରେ ଯେଉଁ ପୋଡ଼ା ଦାଗ ଅଛି / ତାକୁ ନେଇ କେଉଁ ଚିତ୍ର ଆଙ୍କି ହେବ / ତା’ ଉପରେ କେଉଁ ରଙ୍ଗ ଦେଇ ହେବ/ ମୁଁ ବସି ଭାବୁଛି ।” ତରୁଣ କବି ଦିଲ୍ଲୀପ ବେହେରାଙ୍କ କାବ୍ୟିକ ସମ୍ପଦ କହିଲେ ମୁଠାଏ ‘ସତ୍ୟ’ । ତାଙ୍କ କବିତାରୁ ଏହି ‘ସତ୍ୟ’ଟିକୁ ଖୋଜିବା ବେଳେ ପାଠକମାନେ ନିଶ୍ଚୟ ଅନୁଭବ କରିବେ ଦିଲ୍ଲୀପଙ୍କ କାବ୍ୟ ଉଷ୍ମତା । ପ୍ରାୟ କବିତାରେ ତାଙ୍କର କାବ୍ୟଶୈଳୀ ପାଠକମାନଙ୍କୁ ନୂଆ ଉଷ୍ମତା ଦେଇପାରେ । କିନ୍ତୁ ଏ ଶୈଳୀକୁ ସେ ନିଜର ମୌଳିକ ଶୈଳୀ ଭାବରେ କେତେଦୂର ଧରି ରଖିବେ ତାହା ଆଗାମୀ ସମୟ କହିବ । ପୁସ୍ତକଟିରେ ସନ୍ନିବେଶିତ କବିତା ମଧ୍ୟରୁ ଅଧିକାଂଶ କବିତାରେ ରହିଛି ଜୀବନର ଏକ ନିଖୁଣ ବାସ୍ତବତା । ସେ ବାସ୍ତବତାରେ ଦିଲ୍ଲୀପଙ୍କ ଶ୍ଳେଷ ଓ କଟାକ୍ଷ ମିଶେଇଛି ଜୀବନ । ସ୍ୱପ୍ନ ଓ ଦୁଃସ୍ୱପ୍ନ, ପ୍ରାପ୍ତି ଓ ଅପ୍ରାପ୍ତି, ପାପ ଓ ପୁଣ୍ୟ , ସତ୍ୟ ଓ ଛଳନା ଭିତରେ ଦିଲ୍ଲୀପ ନିଜର ଏକ କଳ୍ପିତ ପୃଥିବୀର ନକ୍ସା ଆଙ୍କିଛନ୍ତି । ଆଶା କରାଯାଉଛି ତାଙ୍କର ଏହି ନୂଆ ନକ୍ସାଟି ଓଡ଼ିଆ କବିତା ଜଗତରେ ଗ୍ରହଣୀୟ ହେବ । ସୁନ୍ଦର ପ୍ରଚ୍ଛଦ ସାଙ୍ଗକୁ ‘ଲେଭଲ୍ କ୍ରସିଂ’ର ଆବେଦନ ପାଠକମାନଙ୍କୁ କିଛି ସମୟ ସ୍ତବ୍ଧ କରିବ ।

# ରାଧା ନୋଳିଆଣୀ କିଏ?

ରାଧା ନୋଳିଆଣୀ କିଏ ? ସେ ଦେବତୀ ନା ଦୈତେୟୀ ? ମାନବୀ ନା ମୁନିକନ୍ୟା ? ବିଳାସିନୀ ନା ବାରାଙ୍ଗନା ? ଏ ଚରିତ୍ରକୁ ନେଇ ମୁଁ 'ରାଧାନୋଳିଆଣୀ' ଶୀର୍ଷକରେ ଅନେକଗୁଡ଼ିଏ କବିତା ଲେଖିଛି । ସତରେ 'ରାଧାନୋଳିଆଣୀ' କବିତା ଲେଖିଲା ବେଳେ ମନର ଅବସ୍ଥା ମୋର କିପରି ଥିଲା, ଦୀର୍ଘ ୧୨ବର୍ଷ ପରେ ଆଜି ତାହା ହିଁ ଭାବୁଚି । 'ରାଧାନୋଳିଆଣୀ' ନାମରେ ଲେଖିଥିଲି ୧୯ଟି କବିତା । ଆଜି ପୁଣିଥରେ ପଢୁଚି ।

ମନେ ପଡୁଚି ସେଦିନସବୁ । ବିଷାଦର ବିରଳ ଅନୁଭବ । ସେସବୁ କବିତାକୁ ନେଇ ହୋଇଥିବା ବହିର ମୁଖବନ୍ଧରେ ମୁଁ ଲେଖିଥିଲି "ହ ଭଗବାନ, ଗୀତ ପଦେ ଗାଇବା ପାଇଁ ମୋ ଭିତରେ ଏତେ ବିଷାଦ, ଏତେ ନିଃସଙ୍ଗତା ଭରିଦେଲ ନା ? ପ୍ରେମରେ ମତେ ବାୟାଣୀ କରିଦେଲ ? ପ୍ରକୃତିକୁ କିପରି ଭଲପାଇବାକୁ ହୁଏ ମତେ ଜନ୍ମରୁ ଶିଖାଇ ଦେଲ ? ନହେଲେ ସୁନ୍ଦର ଶସ୍ୟ କିଆରି, ଫୁଲବଣ, ମାଳମାଳ ଉଡୁଥିବା ଚଢ଼େଇ, ଆକାଶର ନକ୍ଷତ୍ରଙ୍କୁ ଦେଖି ମୁଁ କାହିଁକି କାନ୍ଦନ୍ତି ?"

ନଦୀ, ସମୁଦ୍ର, ପକ୍ଷୀ, ଜହ୍ନତାରା, ପଥର ପାହାଡ଼, ଗଛ, ରାତି, ରେବତୀ, ଦ୍ୱୀପ ସିପ ଯାହାକୁ ଦେଖୁଥିଲି ସେସବୁ ଯେମିତି ମୁଁ ଥିଲି । ଆଉ କେହି ନୁହେଁ । ସେତେବେଳେ ସେମିତି ଇ ଲାଗୁଥିଲା । ଏହା ନିରାଟ ସତ୍ୟ, ପ୍ରେମରେ ଶଠତା ଚଳେନି ।

କବିତାରେ ଚାଲାକି ଚଳେନି । ତେଣୁ ସେସବୁ କବିତାରେ ମୁଁ ଯାହା ଲେଖିଥିଲି, ସେ କଣ୍ଠସ୍ୱର କାହାର ଥିଲା ? ସେ ଶୋକୋଚ୍ଛ୍ୱାସ କଣ ମୋର ନଥିଲା ?

ହଁ ତ ତାହା ଥିଲା ମୋର । ସେ କାରୁଣ୍ୟର ରୋମାଞ୍ଚକର ସ୍ପର୍ଶକୁ ସେତେବେଳେ ମୁଁ ଗଭୀର ଭାବରେ ଅନୁଭବ କରୁଥିଲି ।

ଯିଏ ଗୀତ ଗୁନ୍ଥୁଥାଏ ଗୋଛା ଗୋଛା ଗୋପନ କଥାକୁ । ସମୁଦ୍ର ସ୍ମୃତିପୀଠରେ ଠିଆ ହୋଇଥାଏ ଯେଉଁ ଶୂଦ୍ରନାରୀ, ସ୍ମୃତିସାଉଁଟାଣୀ । ସତୀତ୍ୱର ସଂଜ୍ଞା ପଚାରିଲେ ଯିଏ ହସି ଦିଏ ।

ତାର ବି ଅନ୍ୟର ନାମ । ରଙ୍ଗ ତାର ଶାବେନି । ନାକରେ ନୋଥ, କାନରେ ଝୁମୁକା,



◀କବି ରୁନୁ ମହାନ୍ତି

## ରାଧା ନୋଳିଆଣୀ

ରୁନୁ ମହାନ୍ତି

ମୁଁ କ'ଣ କହିଲି ମିଛ ତା' ସମ୍ବନ୍ଧରେ ।
ପଦେ ଆଉ ଲେଖି ତ ପାରୁନି ।
ସେତେବେଳେ ଲେଖୁଥିଲି
ଯେତେବେଳେ ମୋ' ପଛେ ପଛେ, ଆଗେ ଆଗେ
ଚାଲୁଥିଲା ରାଧା ନୋଳିଆଣୀ ।
ଅବିକଳ ଦିଶୁଥିଲା ମୋ' ପରି ନାରୀ
କେଜାଣି ହେଇଥିବ ମୋ ଛାଇ, ମୋ' ଲୁହ
ଛାଇର କି ଥାଇପାରେ ଏତେ କଷ୍ଟ, କଇଁ କଇଁ କୋହ ?

ମୁଁ କ'ଣ କହିଲି ମିଛ
ମୁଁ କ'ଣ ଖୋଜିନି ତା' ସ୍ୱର ପାଣି, ପବନରେ ।
ପତ୍ରଙ୍କ ସନ୍ଧିରେ ।
ମୁଁ' କଣ ଖୋଜିନି ତାକୁ ନୋଳିଆ ବସ୍ତିରେ,
ନାଆ ପାଖ ନହୁଲି ମେଳରେ ।

ମୁଁ କ'ଣ ଛୁଇଁନି ହାତ, ଭାବି ନାହିଁ
ଏଇ କଣ ସେଇ ରାଧା
ଯିଏ ପାଲଟିଛି ଶୁଷ୍କ ତରୁଡାଳ ।
ମୁଁ କଣ ପଚାରି ନାହିଁ ଝଡ଼ିଥିବା ଝୁମୁକାଟିଏକୁ
ଇଏ ସତରେ କାହାର ?

ଏବେ ଅଛି ଖାଲି ଡଙ୍ଗା,
ଖାଲି ସମୁଦ୍ର,
ଖାଲି ବେଳାଭୂଇଁ ।
କାହିଁ ସେ ନୋଳିଆଣୀ ?
ଆଉ ଜମା ଦିଶୁନାହିଁ ।
ତା' ପାଉଁଜି ପାଦ
ତା' ମୁକୁଳା ବାଳ
ତା' କରିସ୍ମା ଚାଲି
ତା' କାନ୍ଦ କାନ୍ଦ ସ୍ୱର ।
ଯିଏ କହୁଥିଲା ଦିନେ
'ପଥର ତଳେ ପଡ଼ିଚି ଭାଗ୍ୟ ମୋର ।'

ଯିଏ କହୁଥିଲା କେବେ ପଚାରି ପାରିଲିନି
କୋଉ ଦେଶରେ ଘର ତୋର ?

କେଜାଣି ଏବେ କେଉଁଠି ସେ ନାରୀ
କୋରାନ ପଢ଼େ କି' ପୁରାଣ ପଢ଼େ...
ଦୋହା ଦୋହରେ କି' ଦେଉଳ ଗଢ଼େ...
କେଜାଣି
ଦେଶ ଛାଡ଼ିଲା କି' ଦେହାନ୍ତ ହେଲା ।
ଦେବତୀ ହେଲା କି' ଦୈତେୟୀ ହେଲା
ଦେବଦାସୀ, ଦେବକନ୍ୟା
ବିଳାସିନୀ, ବାରାଙ୍ଗନା
ମୁଁ କହିପାରୁନି, କଣ କୁହାଯିବ ତାକୁ ।
କୁମ୍ଭରାଶିର ସେ କୃଶାଙ୍ଗୀ, କେଶବତୀ କୁଆଡ଼େ ଚାଲିଗଲା ?

କିଏ ଦେଖିଚ କି ସେ ଉଦାସୀ ନୋଳିଆଣୀକୁ ?

କେଶରେ ମଲ୍ଲୀକଢ଼, ହାତରେ ମେହେନ୍ଦି, ଦେହରେ ହଳଦୀ, ମଥାରେ ବିନ୍ଦିଆ, ଆଖିରେ କଜ୍ଜ୍ୱଳ, ପାଦରେ ଅଳତା ହାଏ... ସିପ ଶଙ୍ଖ ଶାମୁକା ଉପଦ୍ୱୀପର ଯେମିତି ସେ ଏକ ଶ୍ୟାମାଙ୍ଗୀ ଠିଣ୍ଟିଣୀ ଚଢ଼େଇ । ଅବା ଗୋଟେ ବରବାଦି ବନସ୍ତ । ନହେଲେ ସତସତିକା ଅପଦେବୀ ଅବା ଠାକୁରାଣୀ । ପ୍ରୀତିପୁର ସାଗର ସାହିରେ ଯାର ଘର । ଭଙ୍ଗା ଡଙ୍ଗା ଯାର ପ୍ରେମ । ପୁରୀର ସେ କୋଉ ସୁଆରସାହିର ସୁନାରେ ମଣ୍ଡଣି ହୋଇଥିବା ସରମୀ ଅଳିଅଳି ବୋହୂଟିଏ ତ ଜମା ନୁହେଁ ।

କେବେ ଯିଏ ପାଣିରେ ବୁଡ଼େନି, ନିଆଁରେ ପୋଡ଼େନି, ପବନରେ ଉଡ଼େନି, ବଣରେ ହଜି ଯାଏନି, ନିଶ୍ଚୟ ସେ ଚୁମ୍ବକି । ଜିଦ୍‌ଖୋରୀ ଜାଇଫୁଲ ।

ସେ ଏକ ବାୟାଣୀ ବର୍ଷା, ପାଚିଲା ଧାନକେଣ୍ଡା, ଲହଲହକା ସଜନାଗଛ ଝଙ୍କାଏ ପବନରେ ଯେମିତି ଉପୁଡ଼ି ପଡ଼ିବ । ହେଲେ ସେ ଉପୁଡ଼ି ପଡ଼େନି ।

ବାଉଁଶ ଗଛ ପରି ଝଡ଼ବେଳେ ମାଟିରେ ଲୋଟି ପୁଣି ଅଣ୍ଟା ସଳଖି ଠିଆ ହୁଏ । ଅମରି ଲତା ପରି ମୁରୁ ମରୁ ବଞ୍ଚିଯାଏ । ମଥା ପୋତି ବସିଥିବା ସେ ଦୁଃଖିନୀ ଦୂବଗଛ । ଦୁଗ୍ଧଧଳାପି ଦୁର୍ବା, ପୁଣି ସଞ୍ଚରିଯାଏ ମୁହାଏ ବର୍ଷାରେ ।

ଧୋକା ଖାଇଲେ ସିନା ଛାତିଟା ବୋକା ହେବ ।

କିନ୍ତୁ ପ୍ରେମରେ ବାଜି ଲାଗିଥାଏ, ଲାଗିଥାଏ ମାନେ ଯାହା ଅଛି ନିଜର, ସବୁ କିଛି ବାଜି ଲଗା ଯାଇଥାଏ । ଜିତିଗଲେ ତ ଭଲ । ଯଦି ହାରିଗଲ? ବେଶ୍ ବାଜିମାତ୍ କରି ହୁଏ । ସତ କହିଲେ କିଛି ଦରଜକୁ ବେଖାତିର୍ କରିହୁଏନି, ମୋ ହାତରେ ତ କଲମ୍ ଅଛି । ମୋ ଛାତି ଭିତରେ ପ୍ରେମ ଅଛି । ମୋ ପ୍ରେମରେ ମୁଁ ଅଧୁରା ହେଲେ ବି କାହିଁକି ଚକ୍ରବର୍ତ୍ତିନୀ ହେବିନି ? ଆଖି ତ ବହୁତ କିଛି କହିଦେବ । ହେଲେ ଶବ୍ଦ ସେ ଚିତ୍କାର କରିବନି ତ ଆଉ କଣ କରିବ ? ସେଇ କାନ୍ଦ କାନ୍ଦ ଛଳଛଳ ନାରୀ ଚରିତ୍ରଟି କିଏ ବୋଲି ଯଦି ମୋତେ ପଚାର, କହିବି କି ? ସେ ବାଲିଦ୍ୱୀପର ସତୀ ସାଧବାଣୀ ? କହିବି କି, ସେ ରାଧା, ଗୋପର ଗୋରୀ ଗଉଡୁଣୀ ? ସେ ମିଛ ମୁଁ କହି ପାରିବିନି । ଛାତି ଫାଟିଯିବ । ବରଂ କହିବି, ପୁରୀ ସ୍ୱର୍ଗଦ୍ୱାର ଠୁ ଖଣ୍ଡେ ଦୂର ଗଲେ ଦେଖିବ ଗୋଟେ ଘର, ତାହା ରାଧାର । ପଛରେ ତାଳବଣିଆ, ଆଗରେ ଅନନ୍ତ ସାଗର ।

ସବୁବେଳେ ତୁମ ଲେଖାରେ ମୋ ନିଜକୁ ହିଁ ଲେଖିଛି । ତେବେ ସେ ରାଧାନୋଳିଆଣୀ କବିତାର ସେ ବୋକୀ ରାଧାଟି ଆଉ କିଏ ?

କାକୁଡ଼ି ଭିତରେ ଥିବା ଜଡ଼ସଡ଼ ପାଣି ପରି ମୁଁ ହିଁ ତ ମୋ ଲେଖାରେ ଥାଏ । ନିଜକୁ ପଢୁଥାଏ । ନିଜକୁ ଲେଖୁଥାଏ । ମୋ ଭିତରେ ତ ପର୍ବତ ପ୍ରମାଣ ପ୍ରେମ କଥା ଅଛି, ମୁଁ ଆଉ କୋଉ କଥା ଲେଖିବି ? ମୋ ଭିତରେ ବି ଅଛି ରାଶି ରାଶି ଅନନ୍ତ ଦୁଃଖ, ଅସରନ୍ତି ଅସହାୟତା, ହତାଶା, ପରାଜୟବୋଧ, ନିର୍ଜନତା, ନିଃସଙ୍ଗତା, ବ୍ୟର୍ଥତା ଆଉ ନିରୀହପଣ । ମୋତେ ଲାଗେ ମୋ ଛାତି ଭିତରଟା ଗୋଲାପ ବଣ ଯେତିକି, ସେ ଭୂମିଟି ବରଂ ଅଧିକ ମହାଭାରତର ମଇଦାନ । ଗୋଟେ ଯୁଦ୍ଧଭୂମି, ରକ୍ତାକ୍ତ କୁରୁକ୍ଷେତ୍ର । 'ରାଧାନୋଳିଆଣୀ' କବିତା ଲେଖିଲା ବେଳେ ହୃଦୟଟା ତ ଭଙ୍ଗା ଥିଲା, ମୋ ମସ୍ତିଷ୍କଟା କେମିତି ଥିଲା ? ସତ କହିଲେ ମୁଁ ଆଦୌ ସୁସ୍ଥ ନଥିଲି । ଏବେ କୋଉ ଅଛି ଯେ ? ନହେଲେ କାହିଁକି ମୁଁ ଗୋଟେ ମାନସିକ ହାସପାତାଳକୁ ବାରମ୍ବାର ଯାଆନ୍ତି ! ମୋ ପର୍ସରେ ସେହି ଔଷଧ ସବୁକୁ କାହିଁକି ରଖନ୍ତି ? ଏବେବି ଲାଗୁଚି ମୋ ଜିଭ ଶୁଖି ଯାଉଚି । ମୁଁ ପାଗଳ ହୋଇ ଯାଇଚି । ସେଇ ଅବସ୍ଥା ଘଟିଲେ ମୋର ଯତ୍ନ କିଏ ନେବ ? ମୋ ପାଖଲୋକ ତ ନିର୍ବିଚାର ଭାବରେ ମୋତେ ରାଞ୍ଚିକୁ ପଠେଇ ଦେବ ।

ଯୋଉ ଲୋକଟା ସବୁବେଳେ କୁହେ ମୋତେ, ଅସତୀ, ପାଗଳୀ, ଏହାଠୁ ଆହୁରି ଅଧିକ ଖରାପ ଶବ୍ଦ ସବୁ କୁହେ । ଧନ୍ୟ କହିବ ସେ ଭଗବାନଙ୍କୁ ? ମୋ ଜୀବନରେ ମୁଁ ଅଧିକ ପ୍ରେମ କରି ବି ଆଉ ଖାସ୍ ପୁଣି ପ୍ରେମ କବିତା ଦିନରେ ଜର ପରି ହାଡ଼େ ହାଡ଼େ ମୁଁ ଭୋଗୁଥାଏ ପ୍ରେମକୁ, ରାତିରେ ମୋ ପିଠି ଥାପୁଡ଼ାଏ ସପନ ।

କିଛି କଥା ଆଖିରେ ହେଲେ । କିଛି କଷ୍ଟ ହୃଦୟରେ ପହଁରେ, ଆଉ କିଛି କାଗଜରେ ଉତୁରେ ।




ବଂଶୀ ଖଣ୍ଡେ ହାତରେ ଧରି ମୋ ପାଖକୁ ପବନ ଆସେ । ମୁଁ ଗାଇ ଚାଲେ ମୋ ଜୀବନ-ବେଦର ଧୂସର ଧ୍ରୁପଦୀ । ଲେଖି ବସେ ବାଜେଝିଅ କବିତା, ସହଜ ସୁନ୍ଦରୀ କବିତା, ମୋହିନୀ କବିତା ପରି ଅନେକ ଅନେକ ପ୍ରେମ କବିତା । ଯେଉଁଥିରେ ଥାଏ କେବଳ ପରକୀୟା ପ୍ରେମର ଆରତି, ଅବା ପ୍ରେମର ଦରଜ । ମୁଁ ଭଲ ସଂସାରିଣୀଟେ ନହୋଇ ପ୍ରେମିକା ପଟେ ହେବି ବୋଲି ବିଧାତା ତ ପ୍ରଥମରୁ ହିଁ ସ୍ଥିର କରି ଦେଇଥିଲେ । ଯେମିତି ପ୍ରେମିକାର ବନ୍ଧନରୁ ମୋତେ ଛୁଟି ମିଳିବନି । ହୃଦୟ ଗଢ଼ି ହେଉଥାଏ ପୁଣି ହୃଦୟ ଭାଙ୍ଗି ଯାଉଥାଏ । ପ୍ରେମ କରିବା ମୋ ଆୟତ୍ତରେ ନଥାଏ । ରାତି ମୋ ନିଦକୁ ଉଡ଼େଇ ଦିଏ ? ନା ମୁଁ ରାତିର ନିଦକୁ ଉଡ଼େଇ ଦିଏ ?

ନୋଳିଆ ତ ଯାଏ ଡଙ୍ଗା ନେଇ ସମୁଦ୍ର ଭିତରକୁ । ସେଇ ରାତିରେ ସମୁଦ୍ର କି ଆସେ ନୋଳିଆ ବସ୍ତିକୁ ? କାଚ ଭାଙ୍ଗି ଯାଉଥାଏ ପଥର ଆଘାତରେ । ପଥର ବି ଭାଙ୍ଗି ଯାଉଥାଏ କାଚ ଖୋଜିବାରେ ।କିନ୍ତୁ ଜାରି ରହିଥାଏ ସାଧନା ।

କୋଉଠି ମୁଁ ? ନିଜକୁ ପଚାରି ବସେ ପର୍ବତ ଗୁମ୍ଫାରେ ? ନା ପାଉଁଶ ଶେଯରେ ? ସମୁଦ୍ର ତଟରେ ? ନା ବାରବନିତା ସାହିରେ ? ମୁଁ ଯକ୍ଷିଣୀ ନା ଯୋଗିନୀ ? ପକ୍ଷିଣୀ ନା ପରକ୍ଷୁଣୀ ? ନା ବୀଣା ବାଦିନୀ ? ମୁଁ ଥିର ରହି ପାରେନା । ରାତି ଯେତେବେଳେ ଚେତାଶୂନ୍ୟ, ସମାଧି ସ୍ତରରୁ ମୁଁ ଉଠିଆସେ ବସ୍ତ୍ର ଫିଙ୍ଗି । ଖଣ୍ଡାଧାରରେ ଚାଲିବା ସହଜ କି ଏତେ ? ପ୍ରବଳ ନିଶାରେ ନିଘୋଡ଼ ନିଦରେ ଶୋଇ ପଡ଼ିଥିବା ବଡ଼ଦାଣ୍ଡ ମୋ ପାଦ ଦୁମ୍ ଦୁମ୍ ଶବ୍ଦ ଶୁଣି ଚମକି ପଡ଼େ ତ, ପୁଣି ଆଖିବୁଜି ଶୋଇ ପଡ଼େ । ସମୁଦ୍ର କା ଧରେ । ସେ କି ମେହେଫିଲ୍ । ସେ ସାଗର କୂଳରେ ସେ ସାଗରିକାଟି କିଏ ? ସତରେ ସେ କିଏ ?

ଲେଖିବି ବୋଲି ଜାଣିଜାଣି ଗୋଟେ ଦେଢ଼ ହାତ ଲମ୍ବର ବିଷଧର ସର୍ପ ସହିତ ଘର ବାନ୍ଧିବାକୁ ସେ ନିର୍ଦ୍ଦେଶ ଦେଲେ ଯେ ସାରା  ଜୀବନ ଯନ୍ତ୍ରଣାରେ ଛଟପଟ ହେଲି । ନହେଲେ କାଚ, ସିନ୍ଦୂର ଫିଙ୍ଗିଦେବା, ଚାରିଦଉଡ଼ି କଟା ହେବା ଏତେ ସହଜ କଥା ନୁହେଁ । ଯେବେ ଯେବେ ଦେଖିଲେ ଲୋକଟା କୁହେ, "ଗୁଡ଼ାଏ ପ୍ରେମ କରିଚି ତ ସେଇ କବିତା ଲେଖୁଚି । ନାଁ କମଉଚି ।" କିଛି ସମୟ ପରେ ମୁଁ କୁହେ- "ହଉ ଟଙ୍କା ନିଅ କିଛି ଜେରକ୍ସ କାଗଜ, ଡାଏରୀ ଆଣିଦିଅ ତ ମୋ ପାଇଁ ।" (ଯେଉଁଥିରେ ସତରେ ମୁଁ ଲେଖିବି ପ୍ରେମ କବିତା, ମୋ ଜୀବନ କଥା) ଗୋଟେ ଅସତୀ, ପାଗଳୀଟେ ଲେଖିଚାଲେ, 'ରାଧାନୋଳିଆଣୀ' କବିତା । ବେଳେବେଳେ ଜୀବନରେ ଏମିତି ଘଟେ । ପ୍ରେମିକ ନିର୍ବାଚନରେ ନିୟନ୍ତ୍ରଣ ଭୁଲ୍ ହୋଇଯାଏ । ଆମେ ଇଚ୍ଛା କରୁ ଆମ ଚାଲିବା ବାଟରେ ଖାଲି ଯେ କଦମ୍ବ ଗଛ ଥିବ, ଚନ୍ଦନ ଗଛ ଥିବ । ଏମିତି ହୁଏକି ? ଅନେକ ଗବଗଛ ବି ଥିବ । କଣ୍ଟାସିଜୁ ଗଛ ଥିବ । ସେମାନେ କି ଛାଇ ଦେବେ ? ଜୁଳୁଜୁଳିଆ ପୋକଟି ବି ଜହ୍ନ ଆଲୁଅରେ ଭ୍ରମ ଦେଖାଏ । ଡାକି ନିଏ ଅନ୍ଧାର ଆଡ଼କୁ । ମଶାଣିକୁ ମନ୍ଦିର, ବିଷକୁ ପୀୟୂଷ, ସୈତାନକୁ ସୁନାପୁଅ, ସର୍ପକୁ ସନ୍ୟାସୀ, ଦାନବକୁ ଦେବତା, ପ୍ରତାରକକୁ ପ୍ରୀତି ବୋଲି କହୁଁ କହୁଁ ଲେଖା ସରିଥାଏ ଗ୍ରନ୍ଥ । ସରିଥାଏ ଜମାନବନ୍ଦୀ । ବତ୍ରିଶ ସିଂହାସନ ଲେଖା ସରିଲା ବେଳକୁ ବେତାଳ ଆଉ କାନ୍ଧରେ ନଥାଏ । ଫେରାର୍ ।

କିନ୍ତୁ ଆଖିର ଝର୍କା ଖୋଲି ସବୁତକ ଲୁହ ଚାଲି ଯାଇଥାଏ ସମୁଦ୍ରକୁ । ଛାତିର ଲହୁରେ ଆହୁରି ଲାଲ୍ ଦିଶୁଥାଏ ପ୍ରାଣର ପଦ୍ମ-ପାଖୁଡ଼ା । ଠିକ୍ ସେତିକି ବେଳେ ଶ୍ମଶାନରେ ମୁଁ ଗୋଟେ ଧୋକ୍କାବାଜ ଶବକୁ ପୋଡ଼େ । ତା ସହିତ ପୋଡ଼ିଦିଏ ସେଇ ମଲାଲୋକର ବସ୍ତ୍ର, ତା' ଛଡ଼ା ତା ଜିନିଷପତ୍ର । ବାସ୍, ପୁଣି ବାଟ ଚାଲେ ଗୋଟେ ସଫା ଦିଗ୍‌ବଳୟ ଆଡ଼କୁ, ହାତରେ ପ୍ରେମର ପତାକା ଧରି । ପ୍ରେମ ଗୋଟେ ସମୁଦ୍ର, ଯେତେ ଖରା ହେଲେ ବି ସମୁଦ୍ର କଣ ଶୁଖିଯାଏ ? ମୁଁ ବୁଝି ସାରିଚି ସମୁଦ୍ର ଠାରୁ ହୃଦୟ ଭାଙ୍ଗିଗଲେ କେମିତି ଯୋଡ଼ି ହୁଏ । ଏତେସବୁ କଥା କହି ସାରିବା ପରେ ଆଉ କଣ କହିବାର ଅଛି ସତରେ ସେ 'ରାଧାନୋଳିଆଣୀ' କିଏ ?

**ଚୂଡ଼ଙ୍ଗସାହି, ମାତାଗୋସ୍ୱାମୀ ଲେନ୍, ପୁରୀ**
**ଫୋନ : ୮୨୪୯୫୫୦୯୬୩, ୯୫୮୩୬୭୨୦୪୯**

## ଅଭିସାର

### ଦୁର୍ଗା ପ୍ରସାଦ ପଣ୍ଡା

ତୁ ଏମିତି ଆବୋରି ବସିଥା
ମୋର ଭଙ୍ଗାରୁଜା ଅସ୍ତିତ୍ୱକୁ
ସତେଯେପରି ତୁ କେଉଁଏକ ପ୍ରାଚୀନ ଦୁର୍ଗ
ଆଉ ମୁଁ ରକ୍ତାକ୍ତ ଇତିହାସର ଖଣ୍ଡେ ଚିରାଫର୍ଦ୍ଦ ।
ମୁଁ କିନ୍ତୁ ତୋ'ଠୁ ଟିକେ ଦୂରେଇ
ଠିଆ ହେଇଥାଏ କରଛଡ଼ା ହେଇ
ଜର୍ଜର ଦେହକୁ ମୋର
ଯାହିତାହି କରି ସାଉଁଟିନେଇ
ମୋର ଭୟ କାଳେ ତୋ କାଉଁରି ଛୁଆଁରେ
ପୂର୍ଣ୍ଣତା ଲଭିଯିବ ଏ ଜୀବନ
ତୁ ବୋଧହୁଏ ଜାଣିନୁ
ଗୋଟାପଣେ ଭର୍ତ୍ତି ହେଇଯିବାକୁ
ଆଉ ଠିକ୍ ତା' ପରେପରେ ମୂର୍ତ୍ତି ହେଇଯିବାକୁ
ମେର କାନ୍ଦେକାନ୍ଦେ ଡରି
ମୋର ଅର୍ଦ୍ଧେକ ପୂର୍ଣ୍ଣ
ଆଉ ଆର ଅର୍ଦ୍ଧେକ ଏମିତି ଶୂନ୍ୟହେଇ
ରହିଥାଉ ସବୁଦିନ ।
କେବଳ ତୋରଇ ଯୋଗ୍ୟ ହେବାକୁ
ଚାଲିଥାଉ ମୋର ସକଳ ଅସରନ୍ତି ଆୟୋଜନ

ଦୂରରେ ଦୂରେଇ ଥାଇ ତୋତେଇ ନେଇ
ମୁଁ ଭାଙ୍ଗୁଥାଏ ଗଢୁଥାଏ
ଉଡୁଥାଏ କଳ୍ପନାର ଏକକ ଅଭିସାର ।
ଝଙ୍କାଳିଆ ଗଛ ନୁହେଁ, ଫଟା କାନ୍ଥ ଭିତରୁ
ପକେଇଥିବା ଦୁଇ କେର ପତ୍ରର
ସବୁଜ ଅହଙ୍କାର ହିଁ ତ ମୋର ଜୀବନ ।

ତୋ'ରି ଦିଗକୁ ମୋର ଏ ଯାତ୍ରା
ଏମିତି ଜାରି ରହିଥାଉ ଜନ୍ମ ଜନ୍ମାନ୍ତର ।
ଅହରହ ତୋତେଇ ନୁରିନୁରି
ତୋତେଇ ଝୁରିଝୁରି ମରି
ବଢ଼ିଯାଉ ମୋର ବର୍ଷ ମାସ ଦିନ ।
ଜାଣେ, ମୁଁ ମୁଠାଏ ମଇଳାପଙ୍କ
ଆଜି ତୁ ନହନହକା ପଦ୍ମନାଡ଼
ତୋ ଅଥୟ ପ୍ରେମର ପାଣିତଳେ
ତୁ ଭିଡ଼ିଧରିଥା ମୋତେ
ଏମିତି ନିବିଡ଼ ଅଶ୍ଳେଷରେ
ତୋର ଅଦୃଶ୍ୟ ଆଲିଙ୍ଗନରେ
ଏତେ ଜୋରରେ ଯେ
ଯୋଡ଼ି ହେଇଯାଉ ମୋର
ଦେହର ସବୁତକ ଭଙ୍ଗାହାଡ଼ । ♥

ଏମଆର୍-୧୪, ଜଗନ୍ନାଥ କଲୋନୀ
ବୁଢ଼ାରଜା, ସମ୍ବଲପୁର-୪
ଫୋନ : ୮୩୨୭୭୭୭୫୮୧


▶କବି ଦୁର୍ଗାପ୍ରସାଦ ପଣ୍ଡା

## ହେ ମହାକାଳ !

### ଅଭୟ ଦାସ


▲କବି ଅଭୟ ଦାସ

ହେ ସୀମାହୀନ ସୁନୀଳ ଆକାଶ,
ମୋତେ ଦିଅ କିଛି ନିରୁତା ଆପଣାପଣ
ଇନ୍ଦ୍ରଧନୁର ନମ୍ର ଆଲିଙ୍ଗନ
ସୁଶୀତଳ ଦକ୍ଷିଣାପବନ ।
ହେ ପୃଥିବୀ, ଦିଅ ମୋତେ
ଛଳଛଳ ଆବେଗର ଭରା ନଈଟିଏ;
ଦିଅ ରଙ୍ଗବେରଙ୍ଗ ପକ୍ଷୀର
ମିଠା କଳରବ,
ଦିଅ ମୋତେ ଦିଗନ୍ତବିସ୍ତାରୀ ସବୁଜିମାର
ଅଦେଖା ଚୁମ୍ବନ ।

ଗୋଟେ ପ୍ରଶାନ୍ତ ଶୁଭ୍ର ସକାଳ ପାଇଁ
କାହାର ନଥାଏ ଯେ ଅପେକ୍ଷା ?
କାହାର ନଥାଏ ଅଭୀପ୍ସା
ଭୂମିରୁ ଭୂମା ପର୍ଯ୍ୟନ୍ତ ବ୍ୟାପିଯିବାକୁ
ପଲକ ମାତ୍ରକେ ?

ଏବେ ଖାଲି ମହାକାଳର
ଆଦେଶକୁ ଯାହା ଅପେକ୍ଷା;
ଦଶ ଦିଗପାଳଙ୍କୁ ସାକ୍ଷୀ ରଖି
ମୁଁ ପୁଣିଥରେ ପାଲଟିଯିବାକୁ ଚାହେଁ
ଏକ ନିମିତ୍ତ ମାତ୍ର ଈଶ୍ୱର କଣିକା ।
ହେ ମହାକାଳ !
ତ୍ରସ୍ତ ଏକ ଦୀପଶିଖାର
ସ୍ତିମିତ ଆୟୁଷ ନେଇ
ତଥାପି ମୁଁ ବଂଚିବାକୁ ଚାହେଁ
ଆଉ କିଛି କାଳ;
ନିସ୍ତରଂଗ ସମୟର ପାପୁଲିରେ
କ୍ଷୁଦ୍ର ତିଳ ଚିହ୍ନଟିଏ ହୋଇ
ମୁଁ ଲାଖି ରହିବାକୁ ଚାହେଁ କାଳକାଳ;
ମୋତେ ନିର୍ଦ୍ଦେଶ ଦିଅ ହେ ମହାକାଳ ! ♥

ବହିଘର, ସିନେମାବଜାର
ବାଲେଶ୍ୱର-୭୫୬୦୦୩
ଫୋନ : ୮୩୨୮୯୦୯୦୩୦



# ଦୁଇଟି ପ୍ରେମ କବିତା

## ପୀତାମ୍ବର ତରାଇ



◀ କବି ପୀତାମ୍ବର ତରାଇ

**ପ୍ରଥମା :**

ବହୁଦିନ ପରେ ଆଜି ବିଜନରେ
ମନେ ପଡୁଅଛ କାହିଁକି ଏତେ
ବେଳ ରତରତ ବୟସର ଏଇ
ଗୋଧୂଳି ବେଳାରେ ବିଦାୟ ପଥେ ।

ତମେ କହିଥିଲ ସପନ ସେପାରେ
ରହିଛି ତୁମର ନିଦର ଗାଆଁ
ସେଇ ଠିକଣାରେ ଦେଖା ହେବା ପାଇଁ
ଛାତିରେ ଜାଳିଲି ବିରହ ନିଆଁ ।

କୁହୁଡ଼ିର କେତେ ଘର ମୁଁ ତୋଳିଲି
ଲୁହର କାକର ଭରି ମୁଁ ତା'ରେ
ସାଇତି ରଖିଲି ଫୁଲ ପାଖୁଡ଼ାରେ
ସଜ ସକାଳର ଆଲୁଅ ଧାରେ ।

କୁହୁ କାହାଣୀର କେତେ ଯେ ଗୋପନ
ନରମ ପରଶ ଧରି ମୁଁ ଧୀରେ
ଅଧିରେ ଅଧରେ ରଖି ଦେଇଥିଲି
ଅଳପ ହସର ଅନେକ ସୁରେ ।

ମେଘ ମୁଲକରୁ ମହକ ଆଣି ମୁଁ
ଲିପି ଦେଇଥିଲି ପ୍ରେମର କାନ୍ଥ
ହୃଦୟର ଘରେ କୋହ ପଲଙ୍କରେ
ଲେଖି ଦେଇଥିଲି ପ୍ରଣୟ ଗୀତ ।

ରଖି ଦେଇଥିଲି ତୁମ ପାଦ ପାଇଁ
ଅଳସ ଚାଲିର ନୂପୁର ଛନ୍ଦ
ତମ ତନୁ ପାଇଁ ସାଇତି ଥିଲି ମୁଁ
ରଙ୍ଗ ସୁରଭି ଫଗୁଣ ଗନ୍ଧ ।

ମନ୍ଦ ମଳୟର ମହୁରୀ ସାଥିରେ
ପଠାଇଥିଲି ମୁଁ ଫୁଲ ସବାରୀ
ତମେ ଆସିଲନି, ଖାଲି ହାତ ନେଇ
ସ୍ମୃତିର ବିହଗ ଆସିଲା ଫେରି ।

ସେବେଠାରୁ ମୋର ମନ ବନାନୀରେ
ଫୁଟି ନାହିଁ ଆଉ ହସର ଫୁଲ
ଉଜୁଡ଼ି ଯାଇଛି ଆଶାର ମରତ
ଆଜି ମୁଁ ନିଃସଙ୍ଗ ନୁହେଁ ମୁଁ କା'ର ।

**ଅନ୍ତିମା :**

ସେବେ ମନେପଡ଼ ତୁମେ ଗୋ
ଯେବେ ଉଜାଣି ବହିଛି ନଇ
ପାଣି ପଣତରେ ଥାଏ ଗୋ
ଅଧା ଉଜୁଡ଼ା ଅତୀତ ଛାଇ ।

କରିଛି ଯେତେ ମୁଁ ମନା ଗୋ
କାହିଁ ନିଦରେ ଆସୁଛ ମୋର
ସେତେ କରି ତୁମେ ନିତି ଗୋ
ମୋର ସପନକୁ ଖାଲି ଜାଳ ।

ତମେ ଗଲା ପରେ ସାଥୀ ଗୋ
ମୋର ଜଳିଅଛି ଉପବନ
ଏଇ ପଥ ଦେଇ କେବେ ଗୋ
ଆଉ ଫେରିନାହିଁ କୁହୁତାନ ।

ଜୀବନର ଏଇ ଘର ମୋ
ଏବେ ଅଶୋଭିତ ଅଛପର
କେତେ ନିରିଜନ ତା'ରେ ଗୋ
ଖାଲି ତମ ବିନା ଭରପୁର ।

ଏହିପରି ବୋଧେ ପ୍ରେମ ଗୋ
ଯାର ଜଳିବାରେ ଥାଏ ସୁଖ
ତେଣୁ କରି ତୁମେ ଥାଅ ଗୋ
ଛୁଇଁ ଛାତିତଳ ଆରପାଖ ।

ଯେବେ ଏ ପ୍ରେମିକ ଦିନେ ଗୋ
ଚିର ନିଦରେ ଯିବ ତ ଶୋଇ
ଲୁହ ଟୋପେ ପଛେ ନ ଢ଼ାଳ
ହେଲେ ସମାଧି ଉପରେ ମୋର
ଗୋଟେ ଗୋଲାପ ଦେବ ଗୋ ଥୋଇ । ♥

**ଅଶ୍ରୁନୀଡ଼, ମଙ୍ଗରାଜପୁର**
**କୁଜଙ୍ଗ, ଜିଲ୍ଲା-ଜଗତସିଂହପୁର, ପିନ୍ - ୭୫୪୧୪୧**
**ଫୋନ୍ : ୯୪୩୭୧୬୩୪୨୧**

ଦେଉଳିଆ



# ଯାଜ୍ଞାଡ଼ାଶୁଣୀ

# ଶକ୍ତିପୀଠ ମା' ସାହାଡ଼ାଶୁଣୀ





## ବିଭୂତି ଭୂଷଣ ସେନାପତି

ଫଟୋ ସୌଜନ୍ୟ : ଲେଖକ

ଆର୍ଯ୍ୟମାନଙ୍କ ଆଗମନ ପୂର୍ବରୁ ଭାରତ ବର୍ଷରେ ଦ୍ରାବିଡ଼ମାନେ ପ୍ରଥମେ ଦେବୀ ଶକ୍ତିଙ୍କୁ ପୂଜା କରୁଥିବାର ପ୍ରମାଣ ରହିଛି । ଚାରି ହଜାର ବର୍ଷ ତଳେ ମହେଞ୍ଜୋଦାର ଓ ହରପ୍ପାର ମାଟି ତଳେ ଆବିଷ୍କୃତ ହୋଇଛି ଦେବମୂର୍ତ୍ତି, ଯାହାଙ୍କ ଗର୍ଭରୁ ଏକ କ୍ଷୁଦ୍ର ବୃକ୍ଷର ଉତ୍ପତ୍ତି ଘଟିଛି । ଦ୍ରାବିଡ଼ମାନେ ଦେବୀ ପୂଜା କରୁଥିଲେ, ଏହାର ଇତିହାସ ଲିଖିତ ଭାବେ ନଥିଲେ ମଧ୍ୟ ଦେବୀପୂଜା ଯେ ଅତି ପ୍ରାଚୀନ ଏ କଥାକୁ କୌଣସି ସମୟରେ ଅସ୍ୱୀକାର କରିହେବ ନାହିଁ । ଓଡ଼ିଶାର ପାଇକପଡ଼ାର ପାତାଳେଶ୍ୱର ମନ୍ଦିରରେ ଥିବା ସପ୍ତମାତୃକା ମୂର୍ତ୍ତି, ଯାଜପୁରରେ ମା' ବିରଜା ମୂର୍ତ୍ତି ଓ ଭଦ୍ରକରେ ଥିବା ଭଦ୍ରକାଳୀଙ୍କ ମୂର୍ତ୍ତିମାନଙ୍କ ଇତିହାସ ଅତି ପ୍ରାଚୀନ । ଐତିହାସିକଙ୍କ ମତରେ ଦ୍ୱିତୀୟ ଶତାବ୍ଦୀରେ ବିରଜା, ତୃତୀୟ ଶତାବ୍ଦୀରେ ଭଦ୍ରକାଳୀ, ଧାମନଗରରେ ରକ୍ଷାକାଳୀ, ଚାନ୍ଦବାଲିରେ ଦକ୍ଷିଣକାଳୀ, ଇଚ୍ଛାପୁରରେ କୁଣ୍ଡକାଳୀ, ଚରମ୍ପା ବଜାରରେ ଐତିହାସିକ କାଳୀପୂଜା ପ୍ରମାଣ କରେ ଭଦ୍ରକ ଜିଲ୍ଲା ଶକ୍ତିପୀଠର କେନ୍ଦ୍ରସ୍ଥଳୀ । ଭଦ୍ରକାଳୀଙ୍କ ପୁଷ୍କରିଣୀରୁ ପ୍ରାପ୍ତ ପ୍ରସ୍ତର ଖଣ୍ଡିକର ଅଭିଲେଖ ଅନୁସାରେ ଜପଙ୍କ ପତ୍ନୀ ରଙ୍ଗୋଲି ପର୍ଣ୍ଣଦେବୀଙ୍କୁ କୁଆଡ଼େ ରତ୍ନବସ୍ତ୍ର ଦାନ କରିଥିଲେ । ଏହି ପର୍ଣ୍ଣଦେବୀ ପ୍ରାକ୍-ବୈଦିକ ଓ ଜୈନ ସଂସ୍କୃତିର ପର୍ଣ୍ଣଗବରୀ । ସେହିପରି ଓଡ଼ିଶାର ବିଭିନ୍ନ ଗ୍ରାମମାନଙ୍କରେ ଭିନ୍ନ ଭିନ୍ନ ଦେବୀଙ୍କୁ ଗଛମୂଳ, ନଦୀକୂଳ, ପାହାଡ଼ର ପାଦଦେଶ ଓ ଗ୍ରାମର ଶେଷମୁଣ୍ଡରେ ପଥର ମଧ୍ୟରେ କାଷ୍ଠ ଆରୋପିତ କରାଯାଇଛି । ଅନ୍ୟପକ୍ଷରେ ଉତ୍କଳ ଦ୍ରାବିଡ଼ ସଭ୍ୟତାର ପ୍ରାଣକେନ୍ଦ୍ର ହୋଇଥିବାରୁ ବୃକ୍ଷମୂଳରେ ପତ୍ର ମାଳିକା ମଧ୍ୟରେ ବନଦେବୀଙ୍କୁ ଆରାଧନା କରାଯାଏ ।

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର କୋହ୍ଳ ଗ୍ରାମର ଅନ୍ତିମ ସ୍ଥାନରେ ପୂଜା ପାଉଛନ୍ତି ମା' ସାହାଡ଼ାଶୁଣୀ । ଯାହାଙ୍କର ପୂଜା ପ୍ରତ୍ୟେକ ସପ୍ତାହର ଗୁରୁବାର ଦିନ ପଡ଼ିଥାଏ । ଜନଶ୍ରୁତି ଅନୁସାରେ ପ୍ରାୟ ଚାରିଶହ ବର୍ଷ ପୂର୍ବେ ଏଠାରେ କୋହ୍ଳ, କନ୍ଧ ଓ ସାଆନ୍ତାଳମାନେ ବସତି ସ୍ଥାପନ କରୁଥିଲେ । ଦିନମାନ ଅକ୍ଳାନ୍ତ ପରିଶ୍ରମ କରି ରାତିରେ ଗୋଟିଏ ସ୍ଥାନରେ ବିଶ୍ରାମ ନେଉଥିଲେ । ଏକଦା ରାତିବେଳେ ମାଛ ଭାଜି ଖାଉଥିଲା ବେଳେ କୌଣସି କାରଣରୁ ନିକଟସ୍ଥ ସାହାଡ଼ା ଗଛର ପାଣି ତା' ଉପରେ ପଡ଼ିଲା । ତଳେ ଥିବା କିଛି ମାଛ ଜୀବଦାନ ପାଇଗଲେ । ସେହିଦିନ ଠାରୁ ସାହାଡ଼ା ଗଛର ମହିମା ବଢ଼ିଲା । ସାହାଡ଼ା ଗଛର ପାଣି ଠାକୁରାଣୀଙ୍କ ଗାଧୁଆ ପାଣି ସହ ମିଶି ରୋଗୀମାନଙ୍କ ରୋଗ ଭଲ କଲା । ବହୁ ଅଫଳନ୍ତି ଗଛ ଫଳରେ ପରିପୂର୍ଣ୍ଣ ହେଲେ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ଏକଦା ଈଶ୍ୱର ପାର୍ବତୀ ଆକାଶ ମାର୍ଗରେ ଯାଉଥିଲେ । ଏହି ପଥର ଖଣ୍ଡ ଉପରେ ପାର୍ବତୀଙ୍କ ଦୃଷ୍ଟି ପଡ଼ିଲା । ସେ ତତ୍‌କ୍ଷଣାତ୍ ଶିବଙ୍କୁ ପଚାରିଲେ ଏହି ଗଛ ଓ ପଥରର ମହତ୍ତ୍ୱ କ'ଣ ? ସଙ୍ଗେ ସଙ୍ଗେ ଶିବ କହିଲେ, "ଏହି ସ୍ଥାନର ଏକ ବିଶେଷ ମହତ୍ତ୍ୱ ଅଛି । ତୁମର ଅଂଶ ବିଶେଷ ମା' ସାହାଡ଼ାଶୁଣୀ । ସମଗ୍ର ଓଡ଼ିଶାରେ ଯେତେ ଶକ୍ତିପୀଠ ଅଛି ତନ୍ମଧ୍ୟରେ କୋହ୍ଳ ଅନ୍ୟତମ । ତୁମେ ଜାଣିବା ଉଚିତ୍ ଏହି ସ୍ଥାନର ମହତ୍ତ୍ୱ ସର୍ବାଧିକ । ବହୁ ଲୋକଙ୍କ ରୋଗ ଦୂର କରିବାରେ ଏହି ବୃକ୍ଷର ପାଣି ଅବ୍ୟର୍ଥ ଔଷଧ ।" ପରବର୍ତ୍ତୀ ସମୟରେ ତତ୍କାଳୀନ ଜମିଦାର ଶ୍ରୀକୃଷ୍ଣ ସାହୁଙ୍କୁ ଦେବୀ ସ୍ୱପ୍ନାଦେଶ ଦେଲେ, ଦେବୀଙ୍କୁ ପୂଜା କରି ଏକ ଚାଳଘରେ ସେ ପଥର ଖଣ୍ଡିକ ସ୍ଥାପନ କରି ତା' ଉପରେ ସିନ୍ଦୂର ଓ ହଳଦୀ ଲେପନ କର । ଆହୁରି ମଧ୍ୟ ଏହି ସାହାଡ଼ା ସୁନ୍ଦରୀଙ୍କୁ ପୂଜା କରିବା ପାଇଁ କୈବର୍ତ୍ତମାନେ ଯୋଗ୍ୟ ବୋଲି ସ୍ୱପ୍ନାଦେଶ ହୋଇଥିଲା । ସେହିଦିନ ଠାରୁ ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ ହେବ ମା' ସାହାଡ଼ା ସୁନ୍ଦରୀ ପୂଜା ପାଉଛନ୍ତି ମା'ଙ୍କୁ ପ୍ରତିଦିନ ନିତି ପୂଜା କଲେ ମଧ୍ୟ ପ୍ରତି ଗୁରୁବାର ଦିନ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ବେଲପତ୍ରିରେ ସେ ପୂଜା ପାଆନ୍ତି । ତାଙ୍କ ପାଖରେ ଏକ ସିନ୍ଦୂର ବୋଳା ବେତ ଥାଏ । ଛୋଟଛୁଆ ଠାରୁ ଆରମ୍ଭ କରି ବଡ଼ଲୋକ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ପାଣି ପୂଜକମାନେ ମୁହଁକୁ ଛାଟି ବେତ ବୁଲାଇ ଦିଅନ୍ତି । ଭକ୍ତମାନେ ତାଙ୍କ ହଳଦୀ ଓ ସିନ୍ଦୂରକୁ ଅତି ଆଦରରେ ଘରକୁ ନିଅନ୍ତି, ବୋତଲରେ ଠାକୁରାଣୀଙ୍କ ପାଣି ସଯତ୍ନେ ନେଇ ଅଫଳନ୍ତି ଗଛରେ ଦେବା ସହ ଜ୍ୱର ଓ କର୍କଟ ରୋଗରେ ପୀଡ଼ିତ ଶିଶୁମାନଙ୍କୁ ସେଥିରେ ଗାଧୋଇ ଦିଅନ୍ତି । ଗଛର ପତ୍ର ଶୁଖି ହଳଦିଆ ପଡ଼ିଗଲେ ମଧ୍ୟ ମା'ଙ୍କ ପାଣି ସ୍ପର୍ଶରେ ସବୁଜ ବର୍ଣ୍ଣ ଧାରଣ କରେ । ବହୁ ବଡ଼ବଡ଼ ରୋଗ ମା'ଙ୍କ ଗାଧୁଆ ପାଣିରେ ଅଚିରେ ଆରୋଗ୍ୟ ହୋଇଥାଏ । ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱଲୋକ ଗୁରୁବାର ଦିନ ଏଠାରେ ମିଳିତ ହୁଅନ୍ତି ।

ଭଦ୍ରକସ୍ଥ ଚରମ୍ପା ଠାରୁ ଚାନ୍ଦବାଲି ରାସ୍ତାରେ ମାତ୍ର ୨୫ କି.ମି. ଯିବା ପରେ ତିହିଡ଼ି ଏବଂ ତାପରେ ତିହିଡ଼ିରୁ ୩ କି.ମି. ଗଲା ପରେ କୋହ୍ଳ ବଜାର । ଏହି ବଜାରରୁ ଦକ୍ଷିଣକୁ ଗୋଟିଏ ପକ୍କା ରାସ୍ତା । ମାତ୍ର ଦୁଇଶହ ମିଟର ଦୂରରେ ଚାନ୍ଦବାଲି ରାସ୍ତାରେ ପଡ଼େ ଠାକୁରାଣୀଙ୍କ ପୀଠ । ମହାବିଷୁବ ସଂକ୍ରାନ୍ତିରେ ତିନିଦିନ ଧରି ଏଠାରେ ପାଟୁଆ ନାଚ ଅନୁଷ୍ଠିତ ହୁଏ । ପାଟୁଆମାନେ ଝୁଣାପାନ କରି ଖୁଣ୍ଟରେ ଝୁଲିଥାନ୍ତି । କିଛି ସମୟ ପରେ ଭକ୍ତମାନେ ହରିବୋଲ ଶଙ୍ଖ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ କରନ୍ତି । ଠାକୁରାଣୀଙ୍କ ଦାସୀ ଗ୍ରାମଲୋକଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତି । ଏହି ଉତ୍ତର ପ୍ରାୟ ଯଥାର୍ଥ ବୋଲି ଭକ୍ତମାନଙ୍କର ହୃଦ୍‌ବୋଧ ହୁଏ । ମା'ଙ୍କ ଆସ୍ଥାନ ତଳେ ବହୁ ବିଷଧର ସାପ ରହନ୍ତି ବୋଲି ପୂଜକ କହନ୍ତି । ନିକଟ ଅତୀତରେ ସ୍ଥାନୀୟ ବିଧାୟକ ପାଣ୍ଠିରୁ ଚାଳଘର ଭଙ୍ଗାଯାଇ ଏକ ମନ୍ଦିର ନିର୍ମିତ ହୋଇଛି । ସମଗ୍ର ଭଦ୍ରକ ଜିଲ୍ଲାର ଏହା ଏକ ପ୍ରସିଦ୍ଧ ସ୍ଥାନ । ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନ ପାଇବା ଉଚିତ ବୋଲି ସ୍ଥାନୀୟ ଲୋକେ କହନ୍ତି ।

କୋହ୍ଳ, ତିହିଡ଼ି, ଭଦ୍ରକ-୭୫୬୧୩୦



# ଭଲର ନାଆଁ ଭଦଭଦଳିଆ



# ଭଦଭଦଳିଆ ପକ୍ଷୀ



**ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ଗୁଗୁଲ୍ ଓ କ୍ଷେତ୍ରବାସୀ ନାଏକ

## ଓଡ଼ିଶା ଓ ବନ୍ୟପ୍ରାଣୀ

ଓଡ଼ିଶାର ଭୌଗୋଳିକ ପରିସ୍ଥିତି ଓ ଜଳବାୟୁ ତଥା ଜଙ୍ଗଲ ପରିବେଶକୁ ନେଇ ଦେଖାଯାଆନ୍ତି ବିଭିନ୍ନ ପ୍ରକାରର ପ୍ରାଣୀ । ପରିବେଶର ଅବକ୍ଷୟ ଓ ମନୁଷ୍ୟର ବିଭିନ୍ନ ଅମାନୁଷିକ ଅତ୍ୟାଚାର ଫଳରେ ପରିବେଶର ଦ୍ରୁତ ଅବକ୍ଷୟ ରାଜ୍ୟର ଉଦ୍ଭିଦ ଓ ପ୍ରାଣୀମାନଙ୍କୁ ଠେଲି ଦେଉଛି ହ୍ରାସ ପାଇବାରେ । କାହିଁ କେତେ ଯେ ପ୍ରାଣୀ ମରି ହଜି ଗଲେଣି ତାହା ଗଣି ବାହାର କରିବା କଷ୍ଟ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଯେଉଁ କେତେକ ପ୍ରାଣୀ ଆମ ଆଖି ଆଗରେ ଦେଖା ଯାଉଥିଲେ, ସେମାନଙ୍କ ମଧ୍ୟରୁ ଅନେକ ଆମ ନଜରକୁ ଆଉ ଆସୁନାହିଁ । କୁଆଡ଼େ ଗଲେ ସେମାନେ ଭାବିଲେ ଅନେକ ଦୁଃଖ ଆସେ ମନରେ ।

ପ୍ରାଣୀମାନଙ୍କୁ ଭଲ ନପାଇଲେ ସେମାନେ ଆମ ପରିବେଶରେ ତିଷ୍ଠିବା କଷ୍ଟ ହୋଇଯିବା ସ୍ୱାଭାବିକ । ସେଥିପାଇଁ ଉଦ୍ଭିଦ, ପ୍ରାଣୀ, ପୁଷ୍ପ ଓ ପକ୍ଷୀମାନଙ୍କୁ ଚିହ୍ନିତ କରାଯିବା ସତରେ ସୌଭାଗ୍ୟର ବିଷୟ । ଓଡ଼ିଶାର ରାଜ୍ୟ ଉଦ୍ଭିଦ (State Tree) ହେଉଛି ଅଶ୍ୱତ୍ଥ (Ficus religiosa) ଯାହାକି ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷର ଏକ ପ୍ରଥା ଅନୁଯାୟୀ ଧର୍ମ ଓ ସଂସ୍କୃତି ସହ ସଂଶ୍ଲିଷ୍ଟ । ଅଶୋକ (Saraca Asoka) ଏ ରାଜ୍ୟର ରାଜ୍ୟ ପୁଷ୍ପ (State Flower) । ତା'ପରେ ପ୍ରାଣୀମାନେ ବା ବାଦ୍ ଯିବେ କିପରି ? ସମ୍ବର (Cervus Unicolour) ନାମକ ହରିଣ ରାଜ୍ୟ ପଶୁ (State Animal) ହେବାବେଳେ ରାଜ୍ୟର ରାଜ୍ୟପକ୍ଷୀ (State Bird) ଏ ଭଦଭଦଳିଆ (Coracias Benghalensis) ଓଡ଼ିଆମାନଙ୍କର ଏକ ଶୁଭ ପକ୍ଷୀ ।

## ଓଡ଼ିଶାର ଗର୍ବ ଓ ସଙ୍କେତ ଭଦଭଦଳିଆ ପକ୍ଷୀ

ଭଦଭଦଳିଆ (Blue Jay)କୁ ସାଧାରଣ ଭାବରେ ଲୋଟଣୀ (Roller) ମଧ୍ୟ କୁହାଯାଏ । ଅନ୍ୟ ଦେଶରେ ଲୋଟଣୀମାନେ ଦେଖାଗଲେ ବି ଭାରତରେ ଦେଖା ଯାଉଥିବା ଲୋଟଣୀ (Indian Roller Bird) ଅନ୍ୟ ଲୋଟଣୀମାନଙ୍କ ଠାରୁ ଦେଖିବାକୁ ଭିନ୍ନ । ଯାହା ହେଉ ଭଦଭଦଳିଆକୁ ହିନ୍ଦୀ ଭାଷାରେ ନୀଳକଣ୍ଠ (Neelkanth) ବା ସବ୍‌ଜକ୍ (Sabzak) ବୋଲି କୁହାଯାଏ । ଏହା ଦେଖିବାକୁ ମାଛରଙ୍କା (King-fisher) ପକ୍ଷୀ ପରି ଦେଖାଯାଏ । କିନ୍ତୁ ମାଛରଙ୍କା ଓ ଭଦଭଦଳିଆ ମଧ୍ୟରେ ପାର୍ଥକ୍ୟ ଅନେକ । ଭଦଭଦଳିଆ ଏକ ଅତି ସୁନ୍ଦର ପକ୍ଷୀ ।

ଶାନ୍ତ ଓ କୋଳାହଳ-ଶୂନ୍ୟ ପଡ଼ିଆ ଏମାନଙ୍କର ପ୍ରିୟ ସ୍ଥାନ । ଜଙ୍ଗଲକୁ ବେଶୀ ଭଲପାଆନ୍ତି ନାହିଁ । ଖୋଲା ଗୋଟିକିଆ ଗଛ, ଟେଲିଫୋନ୍ ଖୁଣ୍ଟ, ତାର ଓ ବତୀଖୁଣ୍ଟ ଆଦି ସ୍ଥାନରେ ଏକାକୀ ବସିଥିବାର ଦେଖାଯାଏ । ଏମିତି ଚୁପ୍‌ଚାପ୍ ବସିଥିବା ବେଳେ ଶିକାର ବା ଖାଦ୍ୟ ନଜରରେ ପଡ଼ିଲେ ଭୂଇଁରୁ



ଶିକାରକୁ ଝାମ୍ପିନେଇ ପୁଣି ଉଚ୍ଚ ଜାଗାରେ ବସି ଖାଇବାରେ ସେମାନେ ଖୁସି ହୋଇଥାଆନ୍ତି । ଏମାନଙ୍କର ଖାଇବା ଶିକାରଗୁଡ଼ିକ ହେଉଛନ୍ତି ବିଭିନ୍ନ ପ୍ରକାର ପୋକ ବା କୀଟ, ପ୍ରଜାପତି, ମଥ୍ ଓ ପତଙ୍ଗ ପରି ପ୍ରାଣୀ । ତା'ଛଡ଼ା ବଡ଼ ବଡ଼ ପ୍ରାଣୀମାନେ ବି ତାଙ୍କ ହାବୁଡ଼ରୁ ବାଦ୍ ପଡ଼ନ୍ତିନି । ସେମାନେ ହେଲେ ବେଙ୍ଗ, ଏଣ୍ଡୁଅ, ଝିଟିପିଟି, ଚମ୍ପେଇ ନେଉଳ, ମୂଷା ଓ ଅନ୍ୟାନ୍ୟ ଛୋଟ ଛୋଟ ମେରୁଦଣ୍ଡୀ ପ୍ରାଣୀ ।

ଭଦଭଦଳିଆ ଦେଖିବାକୁ ଆକାରରେ ପାରା ପରି । ପାରା ଠାରୁ ମୁଣ୍ଡଟି ବଡ଼ ଓ ଶକ୍ତ । ଥଣ୍ଟଟି ମଧ୍ୟ ଓଜନିଆ ଏବଂ ମୁନିଆ । ପେଟ ପାଖର ବର୍ଣ୍ଣ ଧୂସର, ମାତ୍ର ଲାଞ୍ଜର ତଳଭାଗଟି ପାଣିଚିଆ ନୀଳ । ଡେଣା ଦୁଇଟି ନୀଳ ଓ କଳାରଙ୍ଗର ପଟାପଟା ଦାଗ ରହିଥାଏ । ଦୂରରୁ ଦେଖିଲେ ଶରୀରଟି ପ୍ରାୟ ଚକ୍‌ଚକ୍ ନୀଳବର୍ଣ୍ଣର ଦିଶେ । ଦେହ ତୁଳନାରେ ଲାଞ୍ଜଟି ଛୋଟ ଓ ଆୟତାକାର । ନୀଳବର୍ଣ୍ଣ ଯୋଗୁଁ ହିନ୍ଦୀରେ 'ନୀଲକଣ୍ଠ' ବୋଲି ନାମକରଣ କରାଯାଇଛି । ଦେହଟି ବେଶ୍ ଚଉଡ଼ା । ପିଠି ପାଖରୁ ଦେଖିଲେ ଦେଖାଯାଏ ନୀଳବର୍ଣ୍ଣର ପରଗୁଡ଼ିକ ଦୁଇ ପାର୍ଶ୍ୱରେ କିଏ ଖଞ୍ଜିଦେବା ପରି । ମୋଟାମୋଟି ଶରୀରର ବର୍ଣ୍ଣ ବେଶ୍ ମନୋହର ଓ ମନୋଲୋଭା ।

ଭଦଭଦଳିଆର ବିଶେଷତ୍ୱ ହେଉଛି ଆକାଶରେ ଉଡ଼ାଣ । ଶୂନ୍ୟରେ ଉଡ଼ିବା ସମୟରେ ଏତେ ପ୍ରକାର କୌଶଳରେ ସେ ଉଡ଼ିପାରେ ଯେ ତାହା ନଦେଖିଲେ ବିଶ୍ୱାସ କରିବା ଅସମ୍ଭବ । ଘିରିଘିରି ହୋଇ ଚକର କାଟି ଉଡ଼ିବା, ତଳୁ ଉପରକୁ ରକେଟ୍ ଯିବା ପରି ଖୁବ୍ ଜୋର୍‌ରେ ଉଠିବା, ଉପରୁ ତଳକୁ ଖସିବା ବେଳେ ମୁଣ୍ଡକୁ ଲମ୍ବାଇ ତଳକୁ ଉଡ଼ି ଉଡ଼ି ଖସିବା, ସର୍କସ୍‌ରେ ଖେଳ ଦେଖାଇବା ପରି ଚିତ୍ ପଟାଙ୍ଗ ମାରିବା ଏବଂ ବାମରୁ ଡାହାଣକୁ ବା ଡାହାଣୁ ବାମକୁ କଡ଼େଇ କଡ଼େଇ ଉଡ଼ିବା ଆଦି ଉଡ଼ାଣ ଶୈଳୀ ଅତି ଆକର୍ଷଣୀୟ । ଦେଖିଲେ ମନେହୁଏ ସତେ ଯେପରି ଆକାଶରେ ବ୍ୟାୟାମ କରୁଛି ଏ ଭଦଭଦଳିଆ ! କିଏ ବୋଧହୁଏ ଶିଖାଇଛି ଏମିତି ଖେଳ ପ୍ରଦର୍ଶନ କରିବା ପାଇଁ ଶୂନ୍ୟରେ !

ଭଦଭଦଳିଆ ବଡ଼ ବଡ଼ ଗଛର କୋରଡ଼କୁ ଭଲପାଆନ୍ତି ଅଣ୍ଡା ଦେବା ପାଇଁ । ଅଣ୍ଡା ଦେବା ସମୟ ଆସିଲେ ସେମାନେ କାଠି, କୁଟା, ପକ୍ଷୀମାନଙ୍କର ପର ଓ ଅନ୍ୟାନ୍ୟ ନରମ ଜିନିଷ ଆଦି ଥଣ୍ଟରେ ସଂଗ୍ରହ କରି ଗଛ କୋରଡ଼ ମଧ୍ୟରେ ସୁନ୍ଦର ଭାବରେ ସଜାଇଥାନ୍ତି । ତା' ଉପରେ ଅଣ୍ଡା ଦେଉଥାଆନ୍ତି । ଅଣ୍ଡାର ସଂଖ୍ୟା ଚାରିଟି ବା ପାଞ୍ଚଟି । ଅଣ୍ଡାଗୁଡ଼ିକ ଦେଖିବାକୁ ଚକ୍ ଚକ୍ ଧଳାବର୍ଣ୍ଣର । ଅଣ୍ଡା ଫୁଟି ଛୁଆ ବାହାରିଲେ ବସାରେ କିଛି ଦିନ ରହିବା ପରେ ବଡ଼ ହୋଇଯାଆନ୍ତି ଓ ତା'ପରେ ପରେ ଡେଣା ଶକ୍ତ ହୋଇଯିବା ପରେ ମାଆ ପରି ଉଡ଼ି ବୁଲିବା ଆରମ୍ଭ କରନ୍ତି ।

ଭଦଭଦଳିଆର ରୂପ ଓ ଗୁଣ ସାଙ୍ଗକୁ ଉଡ଼ିବା କୌଶଳ ବାସ୍ତବିକ ବେଶ୍ ମର୍ମସ୍ପର୍ଶୀ । ବୋଧହୁଏ ଏପରି ବୈଶିଷ୍ଟ୍ୟକୁ ଉପଲବ୍ଧି କରି ଓଡ଼ିଶାବାସୀ ଏ ପକ୍ଷୀକୁ ଏକ ଶୁଭ ପକ୍ଷୀ (Auspicious Bird) ଭାବରେ ବିବେଚନା କରନ୍ତି । ବିଶେଷକରି ଦେଖାଯାଇଛି ଯେ ଦୁର୍ଗାପୂଜା ବା ଦଶହରା ସମୟରେ ଅନେକ ଚଢ଼େଇଆ ପୁରପଲ୍ଲୀର କେତେକ ସ୍ଥାନରେ ଘରକୁ ଘର ବୁଲି ଏ ପକ୍ଷୀକୁ ଦେଖାଇ ଦୁଇ ପଇସା ରୋଜଗାର କରିଥାଆନ୍ତି । ଲୋକମାନଙ୍କର ବିଶ୍ୱାସ ଯେ ଏ ପକ୍ଷୀକୁ ଦେବୀପୂଜା ସମୟରେ ଦେଖିଲେ ଶୁଭ ଓ ମଙ୍ଗଳମୟ ହୋଇଥାଏ । ପୂଜା ପର ଠାରୁ ଦୁର୍ଘଟଣା, ଅମଙ୍ଗଳ ପରିସ୍ଥିତି ତଥା ଅସ୍ୱାଭାବିକ ଘଟଣା ପରିବାର ମଧ୍ୟରେ ଘଟିବ ନାହିଁ ବୋଲି ଧାରଣା ରହିଥାଏ । ଭଦଭଦଳିଆ ପକ୍ଷୀଟିର ଗୁଣଗାରିମା, ସୌନ୍ଦର୍ଯ୍ୟ ତଥା ଓଡ଼ିଶାବାସୀଙ୍କର ଏ ପକ୍ଷୀ ପ୍ରତି ଅନାବିଳ ପ୍ରେମ ଓ ଶୁଭ ବିଶ୍ୱାସ ଆଦି ଯୋଗୁଁ ହିଁ ଏହାକୁ ରାଜ୍ୟର ଏକ ଗର୍ବ ହିସାବରେ ଗଣ୍ୟ କରାଯାଇଛି । ନଜାଣିଥିବା ବ୍ୟକ୍ତିବିଶେଷ ଓ ପିଲାମାନେ ଏହାକୁ 'ରାଜ୍ୟ ପକ୍ଷୀ' ବୋଲି ଜାଣି ରଖିଲେ ଆହୁରି ଭଲ । ଏହାକୁ ଜାଣିରଖି ଚିହ୍ନିବା ସହ ଶୂନ୍ୟରେ ସର୍କସ୍ କରାମତି ପର୍ଯ୍ୟବେକ୍ଷଣ କରିବା ବଡ଼ ଆମୋଦଦାୟକ ।

## ଭଦଭଦଳିଆ ଓ ସଂରକ୍ଷଣ ପଦକ୍ଷେପ

ମନୁଷ୍ୟର ଅମାନୁଷିକ ଅତ୍ୟାଚାର, ଶିକାର ଓ ଲୋଭ ହିଁ ଆମର ପରିବେଶ ମଧ୍ୟସ୍ଥ ପ୍ରାଣୀମାନଙ୍କୁ ନିଶ୍ଚିହ୍ନ ହେବା ପାଇଁ ଠେଲି ଦେଉଛି । ଭଲରେ, ନିର୍ଭୟରେ ଓ ନିରାପଦରେ ରହିବା ପାଇଁ ବା ବଞ୍ଚିବା ପାଇଁ ଅଛି ଅଭୟାରଣ୍ୟ ଓ ଜୀବଉଦ୍ୟାନ ପରି ସୁରକ୍ଷିତ ସ୍ଥାନ । ସେଗୁଡ଼ିକ ମଧ୍ୟରେ ପ୍ରଧାନ କୃତିଗୁଡ଼ିକ ଭାବରେ ନିରବରେ ଠିଆ ହୋଇଛନ୍ତି ଶିମିଳିପାଳ ଜୈବମଣ୍ଡଳ (୨୭୫୦ ବର୍ଗ କି.ମି.), ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ (୬୭୨ ବର୍ଗ କି.ମି.) ଓ ଭିତରକନିକା ଜାତୀୟ ଉଦ୍ୟାନ ଓ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ (Bhitarkanika Wildlife Sanctuary) (୬୭୨ ବର୍ଗକିମି) ଓ ଭିତରକନିକା ଜାତୀୟ ଉଦ୍ୟାନ (Bhitarkanika National Park) (୧୪୫ବର୍ଗ କି.ମି.), ୧୯୮୭ ମସିହାରେ ଆରମ୍ଭ ହୋଇଥିବା ଚିଲିକାସ୍ଥିତ ନଳବଣ ବନ୍ୟପ୍ରାଣୀ ଅଭୟାରଣ୍ୟ (Chilika Nalabana Wildlife Sanctuary) (୧୫.୫୮ ବର୍ଗ କି.ମି.) ୧୯୮୨ ମସିହାରେ ସ୍ଥାପିତ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ (Chandaka Dampara Sanctuary) (୧୭୫.୭୯ବର୍ଗ କି.ମି.) ଏବଂ ୧୯୬୦ ମସିହାରେ ସ୍ଥାପିତ ହୋଇଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନ (Nandankanan Zoological Park) (୧୪.୧୬୮୯) ବର୍ଗ କି.ମି.) । ତେବେ ଭଦଭଦଳିଆ ପାଇଁ ନନ୍ଦନକାନନ ପରି ପାର୍କ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର (Regional Science Centre, Bhubaneswar) ଓ ଢେଙ୍କାନାଳ ପରି ବିଜ୍ଞାନ କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟଟକମାନଙ୍କ ନିମନ୍ତେ ରଖାଗଲେ ସେମାନେ ଚିହ୍ନି ପାରିବା ସହ ମନେରଖିବାର ସୁଯୋଗ ପାଆନ୍ତେ । ଜନସାଧାରଣଙ୍କୁ ଅବଗତ ଓ ସଚେତନ କରାଯିବାର ଏହା ହେଉଛି ଏକ ପ୍ରକୃଷ୍ଟ ମାଧ୍ୟମ । ଓଡ଼ିଶାର ରାଜ୍ୟପକ୍ଷୀ ଭାବରେ ଭଦଭଦଳିଆକୁ ବିବେଚନା କରାଯିବା ସତରେ ଯଥାର୍ଥ୍ୟ । ଆମେ ସମସ୍ତେ ଏହାକୁ ମନେରଖି ଓ ଚିହ୍ନି ତା'ର ସଂରକ୍ଷଣ ଦିଗରେ ଚେଷ୍ଟିତ ଓ ପଦକ୍ଷେପ ନେଲେ ଭଦଭଦଳିଆ ଭଲରେ ବଂଚିବା ସହ ରାଜ୍ୟର ଗର୍ବ ଓ ଗୌରବ ହୋଇପାରିବ ।

**୩୬୫/୨୭୮୭, ଶିଶୁ ବିହାର, ପଟିଆ, ଭୁବନେଶ୍ୱର-୭୫୧୦୨୪**
**ଫୋନ:୯୪୩୮୦୩୬୨୩**



# ସୁବର୍ଣ୍ଣମୟୀ ସୁବର୍ଣ୍ଣରେଖା



▲ ସୁବର୍ଣ୍ଣରେଖା : ଚନ୍ଦ୍ରାବଳୀ (ଭୋଗରାଇ) ପଟ

# ସୁବର୍ଣ୍ଣରେଖାର ଲୁହ !



**ରଂଜନ ପ୍ରଧାନ**

ଫଟୋ ସୌଜନ୍ୟ : ଲେଖକ

**ନଈର ଧର୍ମ ବହିବା । ନଈ ସର୍ବଦା ଛଳ ଛଳ, ଉନ୍ମାଦିନୀ । ନଈ କ'ଣ ହ୍ରଦ ଭଳି ଅଚଳ ଓ ଦୁଃଖୀ ? ମାତ୍ର ଆଜିର ମଣିଷ ନଈରେ ବନ୍ଧ ବାନ୍ଧି ଅଟକାଇ ତାକୁ ନାନା ନିର୍ଯାତନା ଦେଇ ଚାଲିଛି । ତାକୁ ଗୋଟିଏ ସ୍ଥାନରେ ଅଟକାଇ ରଖିବାର ଅପଚେଷ୍ଟା କରୁଛି । ଅନ୍ୟ ନଈ କଥା ଭିନ୍ନ, ମାତ୍ର ସୁବର୍ଣ୍ଣରେଖା ନଈ କଥା ପଡ଼ିଲେ ମନରେ ଟିକେ ସରାଗ ଜାଗେ । କାରଣ ସୁବର୍ଣ୍ଣରେଖା ଏକ ନଈ ନୁହେଁ, ସେ ସଦା ଯୌବନରେ ଭରା ଛଳ ଛଳ ସୁନା ଝିଅ । ସେ ଭାରତର 'ସୁନା ନଈ' ଭାବେ ପରିଚିତ । ସୁବର୍ଣ୍ଣରେଖା ନଦୀ ଉପତ୍ୟକାରେ ଦେଶର ସର୍ବାଧିକ ସୁନା, ତମ୍ବା ଓ ୟୁରାନିୟମ ଗଚ୍ଛିତ ଥିବାରୁ ଏହା ପୁଣି ତା' ପାଇଁ ବିପଦ ଭାବେ ଉଭା ହୋଇଛି । ସୁବର୍ଣ୍ଣରେଖା ନଦୀ ଉପତ୍ୟକାରେ ଏବେ ତିନି ଗୋଟି ୟୁରାନିୟମ ଖଣି ଖୋଲା ଚାଲିଛି । ଅନେକ ତମ୍ବା, ଲୁହା ଓ ବକ୍ସାଇଟ୍ ଖଣି ଖନନ ମଧ୍ୟ ଜାରି ରହିଛି । ଏହି କାରଣରୁ ସୁବର୍ଣ୍ଣରେଖା ଏବେ ଲୁଣ୍ଠିତ ଓ ପୀଡ଼ିତ । ଆମର ସ୍ୱତନ୍ତ୍ର ଆଲେଖ୍ୟ ।**

## ସୁବର୍ଣ୍ଣରେଖା : ଏକ ସୁନା ଝିଅର କାହାଣୀ

ଭାରତୀୟ ପୁରାଣରେ ସୁବର୍ଣ୍ଣରେଖାକୁ 'ସୁନାଝିଅ' ଭାବେ ଚିତ୍ରଣ କରାଯାଇଛ । ଏହାକୁ ମଧ୍ୟ ଭାରତର 'ସୁନାନଈ' କୁହାଯାଇଥାଏ । ସୁବର୍ଣ୍ଣରେଖା ନଦୀଟି ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରୁ ଉତ୍ପତ୍ତି ଲାଭ କରି ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଦେଇ ଶେଷରେ ବାଲେଶ୍ୱର ଜିଲ୍ଲାର କୀର୍ତ୍ତନିଆ ଠାରେ ବଙ୍ଗୋପସାଗରେ ମିଳିତ ହୋଇଛି । ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚି ନିକଟସ୍ଥ ଏକ ଗାଁ ପିସ୍କା (ନାଗ୍ରି)ଠାରୁ ସୁବର୍ଣ୍ଣରେଖା ବାହାରି ମୋଟ ୪୪୬ କିଲୋମିଟର ପଥ ଅତିକ୍ରମ କରିଛି । ଝାଡ଼ଖଣ୍ଡର ରାଞ୍ଚି, ଷଡ଼େଇକଳା-ଖରସୁଆଁ, ପୂର୍ବ ସିଂହଭୂମି ଜିଲ୍ଲା, ପଶ୍ଚିମବଙ୍ଗର ପଶ୍ଚିମ ମେଦିନିପୁର ଏବଂ ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ନଦୀ ପ୍ରବାହିତ ହୋଇଛି । 'ସୁବର୍ଣ୍ଣରେଖା'ର ଅର୍ଥକୁ ବିଶ୍ଳେଷଣ କଲେ ଏହାର ଅର୍ଥ 'ସୁନାର ଏକ ଦୀର୍ଘ ରେଖା' (Streak of Gold) ଭଳି ପ୍ରତୀୟମାନ ହୋଇଥାଏ । ଅର୍ଥାତ୍ ରାଞ୍ଚି ନିକଟସ୍ଥ ପିସ୍କା ଗ୍ରାମରୁ ଯେତେବେଳେ ସୁବର୍ଣ୍ଣରେଖା ଉତ୍ପତ୍ତି ଲାଭ କଲା, ସେତେବେଳେ ଏହି ନଦୀର କୂଳେ କୂଳେ ସୁନାକଣିକାର ଧାରମାନ ଦୃଶ୍ୟମାନ ହେଉଥିଲା । ଏଥିପାଇଁ ଏହି ନଦୀର ନାମ ସୁବର୍ଣ୍ଣରେଖା ଦିଆଯାଇଛି ବୋଲି ସ୍ଥାନୀୟ ଅଞ୍ଚଳରେ କଥିତ ଅଛି । ସୁବର୍ଣ୍ଣରେଖା ନଦୀ ବାଲିରେ ପ୍ରଚୁର ମାତ୍ରାରେ ସ୍ୱର୍ଣ୍ଣ କଣିକା ରହିଥିବାରୁ ଦଲାଲମାନେ ନଦୀ ଗର୍ଭକୁ ଖୋଳି ମୂଲ୍ୟବାନ ବାଲିକୁ ବିଦେଶକୁ ଚାଲାଣ କରୁଛନ୍ତି । ଆଜିର ଦିନରେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଲୋକମାନେ ସୁବର୍ଣ୍ଣରେଖା ନଦୀରୁ ସୁନା କଣିକା ସଂଗ୍ରହ କରିଥାନ୍ତି । ଏଣୁ ସୁବର୍ଣ୍ଣରେଖାକୁ 'ଭାରତର ସୁନାନଦୀ' (Golden river of India) କୁହା ଯାଇଥାଏ । ସୁବର୍ଣ୍ଣରେଖା ନଦୀ କୂଳରେ ରାଞ୍ଚି (ଝାଡ଼ଖଣ୍ଡ), ଜାମ୍‌ସେଦପୁର (ଝାଡ଼ଖଣ୍ଡ), ଗୋପୀବଲ୍ଲଭପୁର (ପଶ୍ଚିମବଙ୍ଗ), ଚାଣ୍ଡିଲ (ଝାଡ଼ଖଣ୍ଡ),ବହଡ଼ାଗୋଡ଼ା (ଝାଡ଼ଖଣ୍ଡ), ଜାମଶୋଳା (ଓଡ଼ିଶା-ପଶ୍ଚିମବଙ୍ଗ-ଝାଡ଼ଖଣ୍ଡ) ଘାଟଶିଳା (ପଶ୍ଚିମବଙ୍ଗ), ଜଳେଶ୍ୱର (ଓଡ଼ିଶା), ବାଲିଆପାଳ (ଓଡ଼ିଶା), ଭୋଗରାଇ (ଓଡ଼ିଶା) ଭଳି ସହର ଅବସ୍ଥିତ । ସୁବର୍ଣ୍ଣରେଖା ନଦୀରେ ଅନେକ ଆକର୍ଷଣୀୟ ଜଳପ୍ରପାତ ମନ ମୋହିଥାଏ । ସୁବର୍ଣ୍ଣରେଖାର ସମସ୍ତ ଜଳପ୍ରପାତ ଝାଡ଼ଖଣ୍ଡ ରାଜ୍ୟରେ ରହିଛି । ସେମାନଙ୍କ ମଧ୍ୟରେ ହୁଣ୍ଡ୍ରୁ ଜଳପ୍ରପାତ, ଜହ୍ନ ଜଳପ୍ରପାତ, ଦଶମ ଜଳପ୍ରପାତ, ପଞ୍ଚଘାଘ ଜଳପ୍ରପାତ ଏବଂ ହିର୍‌ନୀ ଜଳପ୍ରପାତ ପ୍ରମୁଖ ।

**ଝାଡ଼ଖଣ୍ଡରେ ଖଣି ଖନନ ଓ ବ୍ୟାରେଜ ନିର୍ମାଣ ସୁବର୍ଣ୍ଣରେଖା ପାଇଁ ବିପଦ ।**

ସୁବର୍ଣ୍ଣରେଖା ଆଉ ସେଦିନର ସୁନା ଝିଅ ହୋଇ ଦୁଷ୍ଟାମି କରୁନି । ଅତୀତର ଚପଳଛନ୍ଦା ସୁନା ଝିଅ 'ସୁବର୍ଣ୍ଣରେଖା' ପ୍ରତି ଏବେ ଚାରିଆଡ଼ୁ ବିପଦ ମାଡ଼ି ବସିଛି । ଖଣିଖନନ, ଜଳଭଣ୍ଡାର ନିର୍ମାଣ ଓ ଶିଳ୍ପ କାରଖାନା ଏବେ ସୁବର୍ଣ୍ଣରେଖାକୁ ଅଣନିଶ୍ୱାସୀ କରି ଦେଲାଣି । ସୁବର୍ଣ୍ଣରେଖା ଏବେ ଲୁଚିଲୁଚି କାନ୍ଦୁଛି । ବର୍ଷକ ଏଗାର ମାସ ସମୁଦ୍ର ସହ ତା'ର ସମ୍ପର୍କ ଛିନ୍ନ । କେବଳ ବର୍ଷା କେଇ ଦିନ ସେ ଉଛୁଳେ । ଅନ୍ୟ ଦିନମାନଙ୍କରେ ଶୁଷ୍କ ଓ ମୃତ ପ୍ରାୟ । ଉପର ମୁଣ୍ଡରୁ ଧରି ଆଣିଥିବା ରାଶି ରାଶି ଜଳ ସମୁଦ୍ରରେ ଢାଳି ଦେଇ ହାଲୁକା ନିଶ୍ୱାସ ମାରିପାରୁନି ସେ । ସୁବର୍ଣ୍ଣରେଖା ନଦୀ ଶଯ୍ୟାରେ ଅତ୍ୟଧିକ ମାତ୍ରାରେ ସୁନା ଗଚ୍ଛିତ ଥିବାରୁ ଏହାର ରଙ୍ଗ ସର୍ବଦା ହଳଦିଆ ଦିଶିଥାଏ । ସୁବର୍ଣ୍ଣରେଖା ବାଲୁକା ଶଯ୍ୟାର ନିମ୍ନ ପ୍ରଦେଶରେ ସୁନାର ସ୍ତରମାନ ଥିବାରୁ ମାଫିଆମାନେ ଆଧୁନିକ ଯନ୍ତ୍ରପାତି ବଳରେ ଗଭୀର ଶଯ୍ୟା ପର୍ଯ୍ୟନ୍ତ ଖନନ କରି ସୁନାର ସନ୍ଧାନ ପାଇପାରୁଛନ୍ତି । ଏହାବ୍ୟତୀତ ସୁବର୍ଣ୍ଣରେଖାର ଉପର ମୁଣ୍ଡରେ ଲୁହାପଥର, ମାଙ୍ଗାନିଜ, ତମ୍ବା, ୟୁରାନିୟମ, ବକ୍ସାଇଟ୍ ଭଳି ଖଣିଜ ସଂପଦ ଗଚ୍ଛିତ ଥିବାରୁ ଝାଡ଼ଖଣ୍ଡରେ ବ୍ୟାପକ ଖଣି ଖନନ ଚାଲିଛି । ସୁବର୍ଣ୍ଣରେଖା ଉପତ୍ୟକାରେ ଦେଶର ସର୍ବୋଚ୍ଚ ସୁନା ଓ ତମ୍ବା ଗଚ୍ଛିତ ରହିଛି । ଏହା ଜାଣିବା ପରେ ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି ସୁବର୍ଣ୍ଣରେଖା ଉପରେ ପଡ଼ିବା ଆରମ୍ଭ କଲାଣି । ସୁବର୍ଣ୍ଣରେଖା ଉପତ୍ୟକାରେ ବର୍ତ୍ତମାନ ତିନି ଗୋଟି ୟୁରାନିୟମ ଖଣି ପରିଚାଳିତ

ହେଉଛି । ଭାରତ ସରକାରଙ୍କ ୟୁରାନିୟମ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହି ଖଣି ଖନନ ଚାଲିଛି । ଏହା ଦ୍ୱାରା ସୁବର୍ଣ୍ଣରେଖା ନଦୀ ସର୍ବାଧିକ ବିପଦରେ ଅଛି । ସେହିଭଳି ଜାମ୍‌ସେଦପୁର ସହରର ବର୍ଜ୍ୟବସ୍ତୁ ଏବଂ ଶିଳ୍ପ କାରଖାନାରୁ ନିର୍ଗତ ବର୍ଜ୍ୟ ଓ ବିଷାକ୍ତ ପଦାର୍ଥକୁ ସିଧାସଳଖ ସୁବର୍ଣ୍ଣରେଖାକୁ ଛଡ଼ା ଯାଉଥିବାରୁ ବିପଦ ଘନେଇବାରେ ଲାଗିଛି । ଏବେ ଆଉ ସୁବର୍ଣ୍ଣରେଖାର ଜଳରେ ସୁନାର ସ୍ପର୍ଶ ନାହିଁ । ବରଂ ସୁବର୍ଣ୍ଣରେଖାର ଜଳ ବିଷାକ୍ତ ହୋଇ ପଡ଼ିଛି । ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ବାଲିଆପାଳ ବ୍ଲକରେ ଥିବା ସୁବର୍ଣ୍ଣରେଖା ମୁହାଁଣରେ କୀର୍ତ୍ତନିଆ ବନ୍ଦର ପାଇଁ ରାଜ୍ୟ ସରକାର ଚୁକ୍ତି ସ୍ୱାକ୍ଷର କରିଛନ୍ତି । ମାତ୍ର ଝାଡ଼ଖଣ୍ଡରେ 'ଚାନ୍ଦିଲି' ଓ 'ଇଛା' ଜଳଭଣ୍ଡାର ସମେତ ଆଉ ଦୁଇଟି ବ୍ୟାରେଜ୍ ସୃଷ୍ଟି କରାଯାଇ ସବୁତକ ପାଣିକୁ ଅଟକ ରଖି ଦିଆଯାଉଛି । ଫଳରେ ଓଡ଼ିଶାକୁ ଆଉ ସୁବର୍ଣ୍ଣରେଖାର 'ସୁନା ଭିଜା ପାଣି' ଆସୁନି । ସୁବର୍ଣ୍ଣରେଖାର କୀର୍ତ୍ତନିଆ ମୁହାଁଣ (ଅତୀତର ପିପ୍‌ଲି ବନ୍ଦର) ଏବେ ପୋତି ହୋଇଗଲାଣି ।

## ଚନ୍ଦ୍ରାବଳୀ ଓ ଚଉମୁଖ: ସୁବର୍ଣ୍ଣରେଖାର ଦୁଇ ବିୟୁଟି ସ୍ପଟ୍

ସୁବର୍ଣ୍ଣରେଖା ନଈଟି ବାଲେଶ୍ୱର ଜିଲ୍ଲାର କୀର୍ତ୍ତନିଆ ମୁହାଁଣ ନିକଟରେ ବଙ୍ଗୋପସାଗରରେ ମିଳିତ ହୋଇଛି । ଏହା ଦିନେ ଅତୀତର ପିପ୍‌ଲି ବନ୍ଦର ଥିଲା । ସୁବର୍ଣ୍ଣରେଖା ନଦୀର ମୁହଁରେ ଦୁଇ ପାର୍ଶ୍ୱରେ ଥିବା ଦୁଇଟି ରମଣୀୟ ସ୍ଥାନ ଯେକୌଣସି ପର୍ଯ୍ୟଟକଙ୍କୁ ଉଚ୍ଚାଟନ କରିଥାଏ । କେହି କେହି ଏହି ଦୁଇଟି ସ୍ଥାନକୁ ସୁବର୍ଣ୍ଣରେଖା ମୁହଁରେ ଥିବା ଦୁଇଟି 'ବିୟୁଟି ସ୍ପଟ୍' ଭାବେ ଚିତ୍ରଣ କରିଥାନ୍ତି । ସୁବର୍ଣ୍ଣରେଖା ମୁହଁର ସେହି ଦୁଇଟି ସୌନ୍ଦର୍ଯ୍ୟ ଚିହ୍ନ ହେଲେ-**ଚଉମୁଖ ଓ ଚନ୍ଦ୍ରାବଳୀ** । 'ଚଉମୁଖ' ସୁବର୍ଣ୍ଣରେଖାର ଦକ୍ଷିଣ-ପଶ୍ଚିମ ପାର୍ଶ୍ୱ ବାଲିଆପାଳ ବ୍ଲକରେ ଥିଲା ବେଳେ ଚନ୍ଦ୍ରାବଳୀ ଉତ୍ତର-ପୂର୍ବ ପାର୍ଶ୍ୱ ଭୋଗରାଇ ବ୍ଲକରେ ଅବସ୍ଥିତ । ଉଭୟ କିନ୍ତୁ ନଦୀ ଓ ସମୁଦ୍ରର ମିଳନ ସ୍ଥଳରେ ଅବସ୍ଥିତ ଥିବାରୁ ସ୍ଥାନ ଦୁଇଟି ବେଶ ଆକର୍ଷଣୀୟ । ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ, ଭାବୁକ ଏହି ଦୁଇଟି ସ୍ଥାନକୁ ଆସି ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି ।

## ସୁବର୍ଣ୍ଣରେଖାର ଉପନଦୀ

ଅନେକ ଛୋଟବଡ଼ ଜଳ ଉତ୍ସ ସୁବର୍ଣ୍ଣରେଖାର ଛାତିକୁ ମୋଟ କରିଛନ୍ତି । ସୁବର୍ଣ୍ଣରେଖା ନଦୀର ଏହିସବୁ ଉପନଦୀ ହେଲେ- ରରୁ, କାଞ୍ଚି, ଦାମ୍‌ରା, କରୁ, ଖଡ଼ଖାଇ, ବାଙ୍କବଳ, ନେସା, ଚିଙ୍ଗୁରୁ, କରାକାରି, ଗୁରୁମା, ଗରା, ସିଂଡୋଭ, କୋଡ଼ିଆ, ଦୁଲୁଙ୍ଗା, ଖେଜୁରି, ବାଳିଆପେଟା, ହୁକାଖାଳ । ଖଡ଼ଖାଇ ସୁବର୍ଣ୍ଣରେଖାର ଏକ ପ୍ରମୁଖ ଉପନଦୀ । ଏହା ଶିମିଳିପାଳରୁ ବାହାରି ମୟୂରଭଞ୍ଜ ଜିଲ୍ଲାର ଉତ୍ତର-ପଶ୍ଚିମ ଦିଗରେ ଗତିକରି ଝାଡ଼ଖଣ୍ଡର ଷଡ଼େଇକଳା-ଖରସୁଆଁ ଜିଲ୍ଲାରେ ସୁବର୍ଣ୍ଣରେଖା ନଦୀ ସହ ମିଳିତ ହୋଇଛି । ଖଡ଼ଖାଇ ନଦୀରେ ସୁଲେଇପାଟ ଜଳଭଣ୍ଡାର ନିର୍ମାଣ କରାଯାଇ ରାଇରଙ୍ଗପୁର ଉପଖଣ୍ଡର ଚାଷଜମିକୁ ଜଳସେଚନର ସୁବିଧା କରାଯାଇଛି । ଖଡ଼ଖାଇ ନଦୀ କୂଳରେ ରାଇରଙ୍ଗପୁର, ଷଡ଼େଇକଳା-ଖରସୁଆଁ ଭଳି ସହର ଅବସ୍ଥିତ । ନେସା ଓ ବାଙ୍କବଳ ସୁବର୍ଣ୍ଣରେଖାର ଅନ୍ୟ ଦୁଇଟି ଉପନଦୀ । ନେସା ନଦୀ ଶିମିଳିପାଳରୁ ବାହାରି ଖଡ଼ଖାଇ ନଦୀରେ ବହଳଦା ନିକଟରେ ମିଳିତ ହୋଇଥିବାବେଳେ ବାଙ୍କବଳ ବିଜାତଳା ନିକଟରେ ଖଡ଼ଖାଇରେ ପଡ଼ିଛି । ବହଳଦା ନିକଟରେ ନେସା ନଦୀରେ ଏକ ଜଳଭଣ୍ଡାର ଏବଂ ବିଜାତଳାରେ ବାଙ୍କବଳ ନଦୀରେ ଏକ ଜଳଭଣ୍ଡାର ନିର୍ମାଣ କରାଯାଇଛି । ହୁକାଖାଳ ବାଙ୍କବଳ ନଦୀର ଏକ ପ୍ରମୁଖ ଉପନଦୀ । ଏହା ବାଙ୍କବଳ ଜଳଭଣ୍ଡାରର ଉପର ମୁଣ୍ଡରେ ବାଙ୍କବଳ ନଦୀ ସହ ମିଳିତ ହୋଇଛି ।

## 'ପିପ୍‌ଲି' ମୁହାଁଣ : ପ୍ରଥମ ୟୁରୋପୀୟ ବାଣିଜ୍ୟ କୋଠି

ସୁବର୍ଣ୍ଣରେଖା ମୁହାଁଣର 'ପିପ୍‌ଲି' ବନ୍ଦର ହେଉଛି ଓଡ଼ିଶାର ଏକମାତ୍ର ବନ୍ଦର, ଯେଉଁ ବନ୍ଦର ଦେଇ ୟୁରୋପୀୟମାନେ ପ୍ରଥମେ ଓଡ଼ିଶାକୁ ଆସିଥିଲେ ଏବଂ ପିପ୍‌ଲିରେ ହିଁ ପ୍ରଥମେ ୟୁରୋପୀୟ ବାଣିଜ୍ୟ କୋଠି ପ୍ରତିଷ୍ଠା ହୋଇଥିଲା । ୧୫୧୪ ମସିହାର ଏକ ନିସ୍ତବ୍ଧ ରାତ୍ରିରେ ମାଡ୍ରାସ (ଚେନ୍ନାଇ) ଉପକୂଳର ସାନ୍‌ଥମେ ଠାରୁ ପର୍ତ୍ତୁଗୀଜ ବାଣିଜ୍ୟ ପେଣ୍ଠର ଶତାଧିକ ନିର୍ଯାତିତ ନାବିକ ଓ ଶ୍ରମିକ ଚାଲିଆସି ଯେଉଁଠି ପହଂଚିଥିଲେ, ତାହା ଥିଲା ସୁବର୍ଣ୍ଣରେଖାର ମୁହାଁଣ; ପିପ୍‌ଲି । ଏହି ପର୍ତ୍ତୁଗୀଜ ନାବିକମାନେ ହିଁ ସୁବର୍ଣ୍ଣରେଖା ମୁହାଁଣ ନିକଟସ୍ଥ 'ପିପ୍‌ଲି' ଠାରେ ପ୍ରଥମ କରି ନୂତନ ବାଣିଜ୍ୟ ପେଣ୍ଠ ସ୍ଥାପନ କରିଥିଲେ ।

ଓଡ଼ିଶାର ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କ ସମୟରେ ପର୍ତ୍ତୁଗୀଜମାନେ ଓଡ଼ିଶାରେ ବାଣିଜ୍ୟ କରିବାକୁ ଅନୁମତି ପାଇଥିଲେ । ସେମାନେ ୧୫୧୪ ମସିହାରେ ବାଲେଶ୍ୱରର ସୁବର୍ଣ୍ଣରେଖା ମୁହାଁଣ ପିପ୍‌ଲି ବନ୍ଦରରେ ବାଣିଜ୍ୟ କାରବାର ଆରମ୍ଭ କରିଥିଲେ । ଏ ସଂପର୍କରେ ଜେ.ଏ. କ୍ୟାମ୍ପସଙ୍କ ପୁସ୍ତକ 'ପର୍ତ୍ତୁଗୀଜ ଇନ୍ ବେଙ୍ଗଲ'ରେ ଉଲ୍ଲେଖ ରହିଛି । ପରିବ୍ରାଜକ 'ଫିନର୍' ତାଙ୍କ ବିବରଣୀରେ 'ପିପ୍‌ଲି' ଭାରତବର୍ଷର ଏକ ବିଖ୍ୟାତ ବନ୍ଦର ଥିବା ନେଇ ଉଲ୍ଲେଖ କରିଛନ୍ତି । ସେହିଭଳି ଥମାସ୍ ମୋଟେ (୧୭୬୬) ଏବଂ ହାମିଲ୍‌ଟନ (୧୮୨୮)ଙ୍କ ରିପୋର୍ଟ (ଇମ୍ପେରିଆଲ ଇଷ୍ଟ ଇଣ୍ଡିଆ ଗେଜେଟିୟର)ରେ ଅଷ୍ଟାଦଶ ଶତାବ୍ଦୀର ଶେଷ ବେଳକୁ ପିପ୍‌ଲି ବନ୍ଦରର ବାଣିଜ୍ୟ କାରବାର ପ୍ରାୟ ନଥିଲା ବୋଲି ଉଲ୍ଲେଖ ରହିଛି । ଅର୍ଥାତ୍ ଉନ୍ନବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପିପ୍‌ଲି ବନ୍ଦର ଅଚଳ ପ୍ରାୟ ହୋଇ ପଡ଼ିଥିଲା ।

ସୁବର୍ଣ୍ଣରେଖା ନଦୀର ମୁହାଁଣ ସମ୍ମୁଖରେ ବାଲି ବନ୍ଧ (Sand Bar) ସୃଷ୍ଟି

▼ସୁବର୍ଣ୍ଣରେଖା : କୀର୍ତ୍ତନିଆ ମୁହାଣ



ହୋଇ ନଦୀ ଓ ସମୁଦ୍ର ମଧ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାରୁ ବଡ଼ବଡ଼ ଜାହାଜ ଆଉ ନଦୀ ମଧ୍ୟକୁ ପ୍ରବେଶ କରିପାରିଲା ନାହିଁ । ଧୀରେ ଧୀରେ ବନ୍ଦରଟି ଅକାମୀ ହୋଇ ପଡ଼ିଲା ।

ଇତିହାସରେ ପିପ୍‌ଲି ବନ୍ଦରଟି ଭାରତର ପ୍ରାଚୀନ ବନ୍ଦରମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ପିପ୍‌ଲି ବନ୍ଦର ନିକଟରେ ଏକ ବିରାଟକାୟ ବଟବୃକ୍ଷ ଏବଂ ପ୍ରାଚୀନ ମନ୍ଦିର ଥିଲା ବୋଲି ରବର୍ଟ କେମ୍ପଥର୍ନ ପ୍ରଥମେ ସୂଚନା ଦେଇଥିଲେ । ରବର୍ଟ କେମ୍ପଥର୍ନଙ୍କ ଶହେ ବର୍ଷ ପୂର୍ବରୁ ଐତିହାସିକ ଆବୁଲ୍ ଫାଜଲ 'ଆଇନ-ଇ-ଆକବରି' ପୁସ୍ତକରେ 'ପିପ୍‌ଲି' ମାହାଲର ସମୃଦ୍ଧି ସଂପର୍କରେ ଉଲ୍ଲେଖ କରିଛନ୍ତି । ପିପ୍‌ଲି ବନ୍ଦର ନିକଟରେ ଥିବା ଏହି ବିରାଟ ବୃକ୍ଷ ଓ ମନ୍ଦିର ସୁବର୍ଣ୍ଣରେଖାର ପିପ୍‌ଲିକୁ ଚିହ୍ନିବା ପାଇଁ ଏକ ଲ୍ୟାଣ୍ଡମାର୍କ ଥିଲା । ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟ ଭାଗ ବେଳକୁ ପିପ୍‌ଲି ବନ୍ଦର ଆନ୍ତର୍ଜାତିକ ସ୍ତରରେ ସୁପ୍ରତିଷ୍ଠିତ ହୋଇ ସାରିଥିଲା । ପର୍ତ୍ତୁଗୀଜମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ନୌଚାଳନା ତଥ୍ୟ ସମ୍ବଳିତ ମାନଚିତ୍ରଗୁଡ଼ିକରେ ପିପ୍‌ଲି ପାଟଣା ବନ୍ଦର ସଂପର୍କରେ ଉଲ୍ଲେଖ କରାଯାଇଛି ।

ପର୍ତ୍ତୁଗୀଜମାନଙ୍କ ପରେ ଡିନାମାର (ଡେନ୍‌ମାର୍କ) ଏବଂ ଡଚ୍ (ହଲାଣ୍ଡ)ମାନେ ପିପ୍‌ଲି ବନ୍ଦରରେ ନିଜନିଜର ବାଣିଜ୍ୟ କୋଠି ସ୍ଥାପନ କରି ବ୍ୟବସାୟ ବାଣିଜ୍ୟରେ ଲିପ୍ତ ଥିଲେ । ଆବୁଲ୍ ଫାଜଲ୍‌ଙ୍କ ବର୍ଣ୍ଣନା ଅନୁସାରେ, ପିପ୍‌ଲି ସହରର ମୁଖ୍ୟ ବାସସ୍ଥାନ, ମନ୍ଦିର, ବଡ଼ବଡ଼ କୋଠାବାଡ଼ି, ଖୋଲାସ୍ଥାନ, ରମଣୀୟ ବଗିଚା, ସୁବିସ୍ତୃତ ଘାସଗାଲିଚା ଓ ଫଳ ବଗିଚାରେ ପରିବେଷ୍ଟିତ ଥିଲା । ପିପ୍‌ଲି ମାହାଲରେ ୧୦ ଜଣ ଅଶ୍ୱାରୋହୀ ସୈନିକ ଓ ୨୦ ଜଣିଆ ପଦାତିକ ବାହିନୀ ମୁତୟନ ଥିଲେ । ପର୍ତ୍ତୁଗୀଜ ଓ ଡଚ୍‌ମାନେ ପିପ୍‌ଲିଠାରେ ଏକ କ୍ରୀତଦାସ ବଜାର ସୃଷ୍ଟି କରିଥିଲେ । ୧୬୨୫ ମସିହାରେ ଡିନାମାରମାନେ ପିପ୍‌ଲି ଠାରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ । ମାତ୍ର ସପ୍ତଦଶ ଶତାବ୍ଦୀର ଶେଷ ଭାଗକୁ ପିପ୍‌ଲି ବନ୍ଦରରେ ବଡ଼ବଡ଼ ଜାହାଜ ଲାଗୁ ନଥିଲା ।

ସେହିଭଳି ଇଂରେଜମାନେ ସର୍ବପ୍ରଥମେ ବାଲେଶ୍ୱରକୁ ଆସିଥିଲେ । ପିପ୍‌ଲି ବନ୍ଦରରେ କାଳକ୍ରମେ ପର୍ତ୍ତୁଗୀଜମାନଙ୍କ ବେପାର, ବଣିଜ ବୃଦ୍ଧିଯିବା ବେଳକୁ ଇଂରେଜମାନେ ପିପ୍‌ଲିରେ ନିଜର ବାଣିଜ୍ୟ କୋଠି ନିର୍ମାଣ କଲେ । ମାତ୍ର ପିପ୍‌ଲି ବନ୍ଦର ଜାହାଜ ଚଳାଚଳ ପାଇଁ ଅନୁକୂଳ ନ ହେବାରୁ ଇଂରେଜମାନେ ବାଲେଶ୍ୱରର ବୁଢ଼ାବଳଙ୍ଗ ମୁହାଁଣରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ । ପରେ ବୁଢ଼ାବଳଙ୍ଗ ମୁହାଁଣ ବନ୍ଦର ପାଇଁ ଅନୁପଯୁକ୍ତ ହୋଇପଡ଼ିବାରୁ ଇଂରେଜମାନେ ବାଲେଶ୍ୱର ଛାଡ଼ି ହୁଗୁଳି ନଦୀ କୂଳସ୍ଥ ସୂତାନଟି (ବର୍ତ୍ତମାନର କଲିକତା) ଚାଲି ଯାଇଥିଲେ ।

## କାବ୍ୟକବିତାରେ ସୁବର୍ଣ୍ଣରେଖା

ସୁବର୍ଣ୍ଣରେଖାର ରୂପକାନ୍ତି କବିବର ରାଧାନାଥ ରାୟଙ୍କୁ ଆକର୍ଷିତ କରିଥିଲା । ସୁବର୍ଣ୍ଣରେଖାକୁ ନେଇ ରାଧାନାଥ ଲେଖି ଯାଇଛନ୍ତି ରାଶିରାଶି କାବ୍ୟ ଓ କବିତା । ରାଧାନାଥ ତାଙ୍କର 'ଉଷା' କାବ୍ୟରେ ସୁବର୍ଣ୍ଣରେଖା ସଂପର୍କରେ ବର୍ଣ୍ଣନା କରିଛନ୍ତି-

"ଜଳେଶ୍ୱର ଯାର ପ୍ରକ୍ଷାଳେ ପୟର ବକ୍ର ଗାମିନୀ,
ସୁବର୍ଣ୍ଣ ତଟିନୀ ମସ୍ୟମୟୀ ଚାରୁଚକ୍ର ବାକିନୀ ।
ମୃତ-ପ୍ରତାପର ମୂକ-ସାକ୍ଷୀ ପ୍ରାୟେ ଟେକଇ ଶିଖ,
ଏକାଳେ ଯା କୂଳେ ଶୂନ୍ୟକାର ଦୁର୍ଗ ଐତିହାସିକ ।"


"କୁମରଦା ଆଦିସ୍ଥଳୀ ବୀରଦ୍ରୁମ ନିକୁଞ୍ଜେ ନୀଳ,
ସୁବର୍ଣ୍ଣତଟିନୀ-ପଟ୍ଟସ୍ତରେ ଯାର ତନୁ ପଙ୍କିଳ ।
ଭୋଗରାଇ ଯାର ଦିଗନ୍ତ ବିସ୍ତାରି-ସିକତା ରାଶି,
ଶିରେ ଖେଳୁଥିଲା ରଙ୍ଗେ ଦିନେ ସିନ୍ଧୁ-ତରଙ୍ଗ ଆସି ।"

"ଯାମକୁଣ୍ଡ ଯହିଁ-ଘନ ତାଳିବନ-ଶ୍ୟାମଳ-ତୀରା,
ସୁବର୍ଣ୍ଣତଟିନୀ ସିନ୍ଧୁ ଅଙ୍ଗେ ଅଙ୍ଗ ଢାଳେ ଗଭୀରା ।
ବେନିକର ଯହିଁ ନୀର ସଂଘର୍ଷଜ ଧୀର ନିର୍ଘୋଷ,
ଉପୁଜାଏ ଦେବ ଭୂଷଣ୍ଡ-ଈଶ୍ୱରେ ନିରତେ ତୋଷ ।"

ସୁବର୍ଣ୍ଣରେଖା ମୁହାଁଣର ଅଳ୍ପ ଦୂରରେ ବିଶ୍ୱର ସର୍ବବୃହତ୍ ଶିବଲିଙ୍ଗ 'ଭୂଷଣ୍ଡେଶ୍ୱର' ଉପାସିତ । ଏହି ଶିବଲିଙ୍ଗର ଉଚ୍ଚତା ୧୨.୫ ଫୁଟ ଓ ଗୋଲେଇ ୧୪.୫ ଫୁଟ ।

ସେହିଭଳି ରୀତିକବି ଦୀନକୃଷ୍ଣ ଦାସ ସୁବର୍ଣ୍ଣରେଖା ସଂପର୍କରେ ବର୍ଣ୍ଣନା କରିବାକୁ ଭୁଲି ନାହାନ୍ତି । 'ରସକଲ୍ଲୋଳ' କବି ଦୀନକୃଷ୍ଣ ସୁବର୍ଣ୍ଣରେଖା ନଦୀ କୂଳସ୍ଥ ଖୁଦିଆ ମାଝୀସାହି ପଞ୍ଚାୟତ ଅନ୍ତର୍ଗତ ମୁଣିଡୁଣିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ତାଙ୍କ 'ରସବିନୋଦ' କାବ୍ୟରେ ସୁବର୍ଣ୍ଣରେଖାକୁ ସ୍ମରଣ କରିଛନ୍ତି ।

"ପୂର୍ବ ବାସନା ଆଦିମୂଳ । ଜନମ ରାଜପୁତ୍ର କୋଳ ॥
ସୁବର୍ଣ୍ଣରେଖା ନଦୀ ତୀର । କଟକ ନାମ ଜଳେଶ୍ୱର ॥



▼ଚାଣ୍ଡିଲି ଡ୍ୟାମ୍, ଝାଡ଼ଖଣ୍ଡ



▲ ସୁବର୍ଣ୍ଣରେଖା : ବାଲିଆପାଳ ପାଖ ଚୌମୁଖ

ସପତ ପୁରୁଷ ମୋ ତହିଁ । ଗଲାଯେ ଏତେ କାଳ ବହି ।।
ବନ୍ଧୁ କୁଟୁମ୍ବ ଯହିଁ ଯେତେ । ରହିଣ ଅଛନ୍ତି ସମସ୍ତେ ।।
ତଣିଆ ରାଜ୍ୟର ନିକଟେ । ଷୋଳ ଚଉଦ ଦଣ୍ଡ ପାଟେ ।।”

ଶ୍ରୀଚୈତନ୍ୟ ଯେତେବେଳେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ, ସେ ସୁବର୍ଣ୍ଣରେଖାର ଜଳ ସ୍ପର୍ଶ କରି ଆତ୍ମବିଭୋର ହୋଇ ଉଠିଥିଲେ । ସୁବର୍ଣ୍ଣରେଖା ନଦୀରେ ସ୍ନାନ କରି ପରମ ତୃପ୍ତ ହୋଇ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲେ । ଏ ସଂପର୍କରେ ଡ଼ଶ୍ରୀଚୈତନ୍ୟ ଭାଗବତ’ରେ ଉଲ୍ଲେଖ ରହିଛି-

“ସୁବର୍ଣ୍ଣରେଖାର ଜଲ ପରମ ନିର୍ମଲ,
ସ୍ନାନ କରିଲେନ୍ ପ୍ରଭୁ ବୈଷ୍ଣବ ସକଲ ।
ସ୍ନାନ କରି ସ୍ୱର୍ଣ୍ଣରେଖା ନଦୀ ଧନ୍ୟ କରି,
ଚାଲିଲେନ ଶ୍ରୀଗୌର ସୁନ୍ଦର ନରହରି ।”

## ଚଳଚ୍ଚିତ୍ରର ନାଁ ‘ସୁବର୍ଣ୍ଣରେଖା’

ସୁବର୍ଣ୍ଣରେଖା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କୁ ସର୍ବାଧିକ ପ୍ରଭାବିତ କରିଥିଲା । ବିଶ୍ୱକବିଙ୍କ ଅନେକ କାବ୍ୟକବିତାରେ ସୁବର୍ଣ୍ଣରେଖା ଧସେଇ ପଶି ଆସିଥାଏ । ପ୍ରଖ୍ୟାତ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ଋତିକ ଘାତକ ୧୯୬୨ ମସିହାରେ ‘ସୁବର୍ଣ୍ଣରେଖା’ ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ ଯାହା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା । ଏହି ଚଳଚ୍ଚିତ୍ରରେ ବଙ୍ଗଳାଦେଶୀ ଶରଣାର୍ଥୀଙ୍କ କାହାଣୀ ମାର୍ମିକ ଭାବେ ଉପସ୍ଥାପନ କରାଯାଇଛି । ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ପୂର୍ବ ପାକିସ୍ତାନର ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ପାକିସ୍ତାନର ମୁସଲମାନମାନେ ନରସଂହାର ଲୀଳା ଚଳାଇଥିଲେ । ମୁସଲମାନ ମୌଳବାଦୀଙ୍କ ଆକ୍ରମଣ ଓ ଅତ୍ୟାଚାରରେ ବ୍ୟଥିତ ହୋଇ ସଂଖ୍ୟାଲଘୁ ହିନ୍ଦୁମାନେ ଭାରତକୁ ଚାଲି ଆସିଥିଲେ । ଭାରତକୁ ଚାଲି ଆସିଥିବା ଜଣେ ସଂଖ୍ୟାଲଘୁ ହିନ୍ଦୁ ଶରଣାର୍ଥୀ ଏବଂ ତାଙ୍କର ସାନ ଭଉଣୀର କାହାଣୀକୁ ନେଇ ‘ସୁବର୍ଣ୍ଣରେଖା’ ଚଳଚ୍ଚିତ୍ରର କାହାଣୀ ଗତିଶୀଳ । ସୁବର୍ଣ୍ଣରେଖା ନଦୀ କିଭଳି ପୂର୍ବ ପାକିସ୍ତାନ (ଆଧୁନିକ ବଙ୍ଗଳାଦେଶ)ର ଶରଣାର୍ଥୀ ଓ ଭାରତ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଛି ତାହା ଏହି କାହାଣୀରେ ପ୍ରାଞ୍ଜଳ ଭାବେ ବର୍ଣ୍ଣିତ ।


### କୀର୍ତ୍ତନିଆ ନୁହେଁ, ଚଉମୁଖରେ ହେବ ବନ୍ଦର ?

ସୁବର୍ଣ୍ଣରେଖା ନଦୀ ମୁହାଁଣ କୀର୍ତ୍ତନିଆ ପରିବର୍ତ୍ତେ ନିକଟସ୍ଥ ଚଉମୁଖରେ ବନ୍ଦର ହେବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ଏହି କଳ୍ପିତ ବନ୍ଦରର ସମସ୍ତ ବର୍ଥ ମୁହାଁଣର ଦକ୍ଷିଣ-ପଶ୍ଚିମ ପାର୍ଶ୍ୱ ବାଲିଆପାଳ ବ୍ଲକ ଅନ୍ତର୍ଗତ ଚଉମୁଖଠାରେ ହେବ । ସେହିଭଳି ବନ୍ଦରର ଅନ୍ୟ ସମସ୍ତ ଭିତ୍ତିଭୂମି ଉତ୍ତର-ପୂର୍ବ ପାର୍ଶ୍ୱ ଭୋଗରାଇ ବ୍ଲକର କୀର୍ତ୍ତନିଆ ଅଞ୍ଚଳରେ ହେବ ବୋଲି ସରକାର ଘୋଷଣା କରିଛନ୍ତି । ମାତ୍ର ବିସ୍ଥାପିତ ଲୋକଙ୍କ ଥଇଥାନ ପ୍ରସଙ୍ଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ମାତ୍ର କୀର୍ତ୍ତନିଆ ଠାରେ ବନ୍ଦର ପ୍ରତିଷ୍ଠା କରିବାକୁ କ୍ରିଏଟିଭ୍ ପୋର୍ଟ୍ ଡେଭଲପମେଣ୍ଟ୍ ପ୍ରାଇଭେଟ୍ ଲିମିଟେଡ୍ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଥିଲା । ସୁବର୍ଣ୍ଣରେଖା ପୋର୍ଟ ଲିମିଟେଡ୍ ନାମରେ ପ୍ରତିଷ୍ଠିତ ଏହି କଂପାନୀ ସର୍ଭେ କାମ ମଧ୍ୟ ଶେଷ କରିସାରିଛି । ମାତ୍ର କୀର୍ତ୍ତନିଆ ମୁହାଁଣରେ ବାଲିଚର ଏବଂ ଲୁଣା ଜଙ୍ଗଲ ସୃଷ୍ଟି ହୋଇଥିବାରୁ କୀର୍ତ୍ତନିଆ ପରିବର୍ତ୍ତେ ନଦୀର ଅପରପାର୍ଶ୍ୱରେ ଚଉମୁଖରେ ବନ୍ଦର ନିର୍ମାଣ କରାଯିବ ବୋଲି କଂପାନୀ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଛି । ମାତ୍ର ଚଉମୁଖ ବନ୍ଦର ପାଇଁ ଆବଶ୍ୟକ ପଡୁଥିବା ଜମି ମଧ୍ୟରୁ ଅଧିକ ଘରୋଇ ହୋଇଥିବାରୁ ବିସ୍ଥାପନ ସମସ୍ୟା ଜଟିଳ ହେବାର ସମ୍ଭାବନା ରହିଛି । ସେହିଭଳି ଚଉମୁଖ ସହ ରୁପ୍ସା ରେଳପଥ ଓ ସଡ଼କ ନିର୍ମାଣ ପାଇଁ ପ୍ରାୟ ଦୁଇ ହଜାର ଏକର ଜମିର ଆବଶ୍ୟକତା ରହିଛି । ଏହି ରେଳପଥ ବାଲିଆପାଳ, ବସ୍ତା ଓ ବାଲେଶ୍ୱର ସଦର ବ୍ଲକର ୫୫ଟି ଗ୍ରାମ ଦେଇ ଯିବାର ରହିଛି । ଏସବୁ ଜଟିଳ ବ୍ୟବସ୍ଥା ମଧ୍ୟରେ କେବଳ ଚଉମୁଖରେ ବନ୍ଦର ନିର୍ମାଣ ହେବ ତାହା ସମୟ କହିବ ।


**ବରିଷ୍ଠ ସାମ୍ବାଦିକ, ‘ସମ୍ବାଦ’, ଭୁବନେଶ୍ୱର**
**ଫୋନ: ୯୪୩୭୨୧୩୮୫୪**

ଭ୍ରମଣ କାହାଣୀ

# ମଶୋରୀର ମାୟା



# ପାହାଡ଼ ରାଣୀ



**ବ୍ରହ୍ମନାଥ ରଥ**

**ଫଟୋ ସୌଜନ୍ୟ : ଲେଖକ**

ମୋର ବୁଲିବାରେ ଅନେକ ସଉକ୍ । ପ୍ରତିବର୍ଷ କିଛିନା କିଛି ସ୍ଥାନକୁ ଯାଇ ମୁଁ ଓ ମୋର ପରିବାର ବୁଲାବୁଲି କରିଥାଉଁ । ଏହି ବୁଲିବା ଦ୍ୱାରା ମନରେ ଅନେକ ପରିବର୍ତ୍ତନ ଆସିଥାଏ । ସେହିଭଳି ଯେଉଁ ସ୍ଥାନକୁ ଯାଉ ସେଠାକାର ଚାଲିଚଳଣି, ରୀତିନିତି ସମ୍ପର୍କରେ ଅବଗତ ହୋଇଥାଉଁ । ଗୋଟାଏ ପଟେ ନୂତନ ଜ୍ଞାନ ଆହରଣ ହୋଇଥାଏ, ଅପରପଟେ ଦୈନିକ କାର୍ଯ୍ୟରୁ ବିରତି ମିଳିବା ଫଳରେ ମାନସିକ ଶାନ୍ତି ମିଳିଥାଏ । ପରେ ପୁଣି ଘରକୁ ଫେରିଲେ କାର୍ଯ୍ୟରେ ମନ ଲାଗେ । ମୋ ମତରେ ସମସ୍ତେ ବର୍ଷରେ ଥରେ ନା ଥରେ ଯେ କୌଣସି ସ୍ଥାନକୁ ଯାଇ ବୁଲିବା ଦରକାର ।

ମୁଁ କାଶ୍ମୀର୍ ଠାରୁ କନ୍ୟାକୁମାରୀ, ଭାରତବର୍ଷର ପ୍ରାୟ ସମସ୍ତ ସ୍ଥାନ ବୁଲି ସାରିଛି । ମୋ ଭାରତରେ ବସବାସ କରୁଥିବା ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ବ୍ୟକ୍ତି ସହ ମିଶି ମନରେ ଆନନ୍ଦ ଆସିଥାଏ । କେବଳ ଯେ ବୁଲେ ତାହା ନୁହେଁ । ମୁଁ ଯେଉଁ ସ୍ଥାନକୁ ଯାଏ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ କେମିତି, ସେଠାକାର ମୁଖ୍ୟ ଖାଦ୍ୟ କ'ଣ, ସେମାନେ ମୁଖ୍ୟତଃ କିପରି ଜୀବିକା ନିର୍ବାହ କରନ୍ତି, ସେମାନଙ୍କର ଅନ୍ୟାନ୍ୟ ଦର୍ଶନୀୟ ସ୍ଥଳି କ'ଣ, ସେସବୁ କଥା ମଧ୍ୟ ପଚାରି ବୁଝିଥାଏ । ଏଥିସହ ସେ ସ୍ଥାନର ଖାଦ୍ୟ ଖାଇଥାଏ । ପାଖଆଖ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖିଥାଏ ଓ ସେସବୁ ସ୍ଥାନର ଫଟୋ ଉଠାଇ ଥାଏ । ଏହା ଦ୍ୱାରା ଆମେ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ସେହି ସ୍ଥାନ ସଂପର୍କରେ ଅବଗତ କରେଇ ପାରିବା ।


ସେଥର ମୁଁ, ମୋର ସହଧର୍ମିଣୀ ଅର୍ଚ୍ଚନା ଏବଂ ଦୁଇଝିଅ ଅଭିନନ୍ଦିତା ଓ ଅଭିବନ୍ଦିତା ଚିନ୍ତା କଲୁ ନାଗାଲାଣ୍ଡ୍ ଯିବା ପାଇଁ । ହେଲେ ମୋର ସାନଝିଅ ଅଭିବନ୍ଦିତା ପାର୍ଲ୍ୟାମେଣ୍ଟ୍ ଦେଖିବା ପାଇଁ ଇଚ୍ଛା ପ୍ରକାଶ କଲା । ସେଥିପାଇଁ ଆମ ଯୋଜନା ବଦଳିଲା । ମୁଁ ଆମ ସାଂସଦ ଇଂଜିନିୟର ରବୀନ୍ଦ୍ର କୁମାର ଜେନାଙ୍କର ସହଧର୍ମିଣୀ ସୁବାସିନୀ ଜେନାଙ୍କ ସହ କଥା ହୋଇ ପାର୍ଲ୍ୟାମେଣ୍ଟ୍ ଚାଲିଥିବା ସମୟରେ ଦିଲ୍ଲୀ ଯିବାକୁ ସ୍ଥିର କଲୁ । ସେଥିପାଇଁ ଆମେ ନାଗାଲାଣ୍ଡ୍ ନଯାଇ ଉତ୍ତରାଖଣ୍ଡ ଆଡ଼େ ମୁହାଁଇଲୁ । ଦିଲ୍ଲୀରେ ୩ ଦିନ ରହି ପାର୍ଲ୍ୟାମେଣ୍ଟ୍, କୁତବ୍‌ମିନାର, ତାଜ୍‌ମହଲ୍ ଇତ୍ୟାଦି ଦେଖିଲୁ । ଏପ୍ରିଲ ୩ ତାରିଖ ରାତିରେ ଆମେ ଦିଲ୍ଲୀ ଛାଡ଼ି ନନ୍ଦାଦେବୀ ଏକ୍ସପ୍ରେସ ଯୋଗେ ସକାଳ ୬ରେ ଡ଼େରାଡୁନ୍‌ରେ ପହଁଚିଗଲୁ ।

ଡ଼େରାଡୁନ୍ ଷ୍ଟେସନ୍‌କୁ ଲାଗି ବସ୍‌ଷ୍ଟାଣ୍ଡ । ସେଠାରୁ ବସ୍ ଯୋଗେ ଦେଢ଼ ଘଣ୍ଟାରେ ଯାଇ ପହଁଚିଗଲୁ ମଶୋରୀରେ । ଡ଼େରାଡୁନ୍‌ରୁ ମଶୋରୀର ଦୂରତ୍ୱ ମାତ୍ର ୩୫ କି.ମି. । ପାହାଡ଼ିଆ ରାସ୍ତା ଯୋଗୁଁ ଦେଢ଼ ଘଣ୍ଟା ସମୟ ଲାଗେ । ବାଲେଶ୍ୱରରୁ ମଶୋରୀ ଯିବାକୁ ହେଲେ ପ୍ରଥମେ ଟ୍ରେନ୍ ଯୋଗେ ଦିଲ୍ଲୀ ଯିବାକୁ ପଡ଼ିବ । ଦୀଲ୍ଲୀରୁ ଟ୍ରେନ୍ ଯୋଗେ ବା ବସ୍ ଯୋଗେ ଡ଼େରାଡୁନ ଯାଇ ସେଠାରୁ ବସ୍ ଯୋଗେ ମଶୋରୀ ଯିବାକୁ ପଡ଼ିବ । ସେଥିପାଇଁ ଜଣ ପିଛା ୬୦ଟଙ୍କା କରି ଟିକେଟ୍ କାଟିବାକୁ ହୋଇଥାଏ । ଟ୍ରେନ୍ ହେଉ ବା ବସ୍ ଦିଲ୍ଲୀରୁ ଡ଼େରାଡୁନ ଯିବା ପାଇଁ ୫ରୁ୬ଘଣ୍ଟା ସମୟ ଲାଗିଥାଏ । ମଶୋରୀ ବସ୍‌ଷ୍ଟାଣ୍ଡ ଉପରକୁ ଥିବା ମାଲ୍‌ରୋଡ଼ରେ ଆଉ ଗାଡ଼ି ମଟର ଯାତାୟତ କରେ ନାହିଁ । ସେଠାରୁ ଉପରକୁ ଚାଲି ଚାଲି ଯିବାକୁ ପଡ଼େ । ଆମର ଇଚ୍ଛା ହେଲା ସେହି ଉଚ୍ଚା ସ୍ଥାନରେ ରହିବାକୁ । କାରଣ ସେଠାରେ ରହିଲେ ପାହାଡ଼ ରାଣୀକୁ ଦେଖିବାର ମଜା ଅଲଗା ହେବ । ଆମେ ଗୋଟାଏ କୁଲି ଯୋଗାଡ଼ କରି ତା ସହ ବଜାର ଭିତରେ ଚାଲିଲୁ । ଅଳ୍ପ କିଛି ବାଟ ଯିବା ପରେ ବଜାର ମଝିରେ ଗୋଟାଏ ସୁନ୍ଦର ହୋଟେଲ୍ ଦେଖିଲୁ । ହୋଟେଲଟି ଖୁବ୍ ବିଳାଶପୂର୍ଣ୍ଣ ହୋଇନଥିଲେ ହେଁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଥିଲା । ନାମ ଥିଲା : 'ମିନର୍ଭା' । ହୋଟେଲ୍ ଆଗରେ ଦୁଇଟି ବିରାଟ ପାଇନ୍ ଗଛ । ଋଛସବୁ ଫୁଲରେ ଭରପୁର ଥିଲା ।


ସକାଳ ୫ଟାରେ ସେଠାରେ ସୂର୍ଯ୍ୟ କିରଣ ଆସି ଯାଉଥିଲା । ଏପ୍ରିଲ୍ ମାସରେ ବି ଭଲ ଥଣ୍ଡା ଥିଲା । ଏଣୁ ସକାଳର ଖରା ଆମକୁ ବେଶ୍ ଉଷ୍ମତା ଦେଉଥିଲା । ସେଠି ହଜାରେ ଟଙ୍କାରୁ ଆରମ୍ଭ କରି ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଭଡ଼ା ଥିଲା ଡ଼ବଲ୍ ବେଡ୍‌ରୁମ୍‌ର । ବଜେଟ୍‌କୁ ଚାହିଁ ଯିଏ ଯେମିତି ରୁମ୍ ନେଇପାରିବ । ଆମକୁ ଦିନବେଳେ ହାଫ୍ ଜ୍ୟାକେଟ୍ ପିନ୍ଧି ରହିବାକୁ ପଡୁଥିଲା । ରାତିରେ ଗୋଟିଏ ନୁହେଁ ଦୁଇଟି କମ୍ବଳ ଦରକାର ପଡ଼ିଲା । ନହେଲେ ଶୀତକୁ ସାମ୍ନା କରିବା ପ୍ରାୟତଃ ଥିଲା ଅସମ୍ଭବ । ଏପ୍ରିଲ ମାସରେ ବି ରାତିର ତାପମାତ୍ରା ୯ ଡ଼ିଗ୍ରୀ । ଅବଶ୍ୟ ଆମେ ସେଥିପାଇଁ ପ୍ରସ୍ତୁତ ହୋଇ ବାହାରିଥିଲୁ । ହୋଟେଲ୍‌ରେ ଉଠି ଆମେ ଟିକିଏ ଫ୍ରେସ୍ ହୋଇ ବାହାରି ଗଲୁ ବୁଲିବାକୁ । ହୋଟେଲ ଠୁ ଅଳ୍ପ ଦୂରରେ ଦୁଇଟି ବହି ଦୋକାନ ନଜରରରେ ପଡ଼ିଲା । 'କେମ୍ବ୍ରିଜ୍ ବୁକ୍‌ଷ୍ଟୋର୍' ନାମକ ଏକ ବହି ଦୋକାନରେ ରସ୍କିନ୍ ବଣ୍ଡ୍‌ଙ୍କର ଫଟୋ ଲାଗିଥିଲା । ମୋ ସାନଝିଅ ବାଲେଶ୍ୱର ସେଣ୍ଟ୍ ଭିନ୍‌ସେଣ୍ଟ୍ ସ୍କୁଲ୍‌ର ୧ ଦଶମ ଛାତ୍ରୀ । ରସ୍କିନ୍ ବଣ୍ଡ୍‌ଙ୍କୁ ଜାଣିଥିଲା । ସେ ଯେ ମଶୋରୀରେ ରହନ୍ତି ଏ କଥା ବି ଝିଅ ଜାଣିଥିଲା । ତାଙ୍କ ଇଂରାଜୀ ବହିରେ ରସ୍କିନ୍ ବଣ୍ଡ୍‌ଙ୍କର ଗପ ପଢ଼ାଯାଏ । ମୋ ବାପା ଥିଲେ ବିଖ୍ୟାତ କବି ବ୍ରଜନାଥ ରଥ । ଆମ ଘରେ ବହିର ଭଣ୍ଡାର । ଏଣୁ ଲେଖକ ଓ ବହି ପ୍ରତି ସ୍ୱତଃ ଆମର ଦୁର୍ବଳତା ଥାଏ ମନ ଭିତରେ । ସୁତରାଂ ଆମେ ଇଚ୍ଛା କଲୁ ରସ୍କିନ୍ ବଣ୍ଡ୍‌ଙ୍କୁ ଭେଟିବା । ତାଙ୍କ ସହ ଟିକିଏ କଥା ହେବାକୁ ମନ ଛକପକ ହେଲା । ଦୋକାନର ମାଲିକଙ୍କ ଠାରୁ ପଚାରି ବୁଝିଲୁ ଯେ ରସ୍କିନ୍ ବଣ୍ଡ ସେଠାକୁ କେବଳ ଶନିବାର ଦିନ ଅପରାହ୍ନ ୩ଟା ୩୦ରେ ଆସନ୍ତି । ଗୋଟାଏ ଘଣ୍ଟା ରହି ପୁଣି ଘରକୁ ଫେରି ଯାଆନ୍ତି । ତାଙ୍କ ଘର ସେଠାରୁ ତିନି କିଲୋମିଟର । ଲାଣ୍ଡୋର ଛକ ନିକଟରେ ଥିବା ଡ଼ୋମାସ୍ ହୋଟେଲ ପାଖରେ ହିଁ ତାଙ୍କ ଘର । ଆମେ ଯେତେବେଳେ ଜାଣିବାକୁ ଚାହିଁଲୁ ଦୋକାନୀଠୁ ଯେ, ଆମେ ତାଙ୍କ ଘରକୁ ଯାଇ ତାଙ୍କୁ ଭେଟି ପାରିବୁ ତ ସେ ମନା କଲେ । କହିଲେ, ଘରେ ସେ କାହାରିକୁ ଦେଖା କରନ୍ତି ନାହିଁ । ମନର ଉତ୍ସାହରେ ସହସା ଭଟ୍ଟା ପଡ଼ିଲା । ଅନେକ କଷ୍ଟ ହେଲା । କାରଣ ଆମେ ସେଠାରେ ଗୁରୁବାର ଓ ଶୁକ୍ରବାର ରହି ଫେରିଥାନ୍ତୁ । ଶନିବାର ରହିଥିଲେ ତାଙ୍କ ସହ ଦେଖା ହୋଇପାରିଥାନ୍ତା । ଆଗରୁ ମଧ୍ୟ ଆମେ ସେକଥା ଜାଣିନଥିଲୁ । ରସ୍କିନ୍ ବଣ୍ଡ୍‌ଙ୍କ ଦୋକାନ ଆଗରେ ଛିଡ଼ା ହୋଇ ଫଟୋ ଉଠାଇ ଆଗକୁ ଚାଲିଲୁ ।

ଆଗକୁ ଥାଏ ରୋପ୍-ୱେ । ଏହା ଭାରତର ପ୍ରଥମ ରୋପ୍-ୱେ । ଆମେ ଚାରଜଣ ରୋପ୍-ୱେରେ ବସି ପାହାଡ଼ ଉପରକୁ ଗଲୁ । ସେଠାରେ କିଛି ସମୟ ବୁଲାବୁଲି କରି ପୁଣି ଫେରିଲୁ । ସାରାଦିନ ଆମେ ବୁଲାବୁଲିରେ କଟେଇ କ୍ଳାନ୍ତ ହୋଇ ପଡ଼ିଥିଲୁ । ଅପରାହ୍ନରେ ସେଠି ପାହାଡ଼ ପାର୍ଶ୍ୱସ୍ଥ ବେଞ୍ଚରେ ବସି ପ୍ରକୃତିକୁ ଉପଭୋଗ କଲୁ । ଚାରିଆଡ଼େ କେବଳ ବିଭିନ୍ନ ପ୍ରକାରର ଫୁଲ । ସେସବୁ ପ୍ରଜାତିର ଫୁଲ ଆମଆଡ଼େ ଦେଖାଯାଏ ନାହିଁ । ନାନା ପ୍ରକାର ଗୋଲାପ । କିଛି









ଫୁଲ ପ୍ରଜାପତି ପରି ଆକୃତିର ହୋଇଥିବା ବେଳେ କିଛି ଥିଲା ଆକର୍ଷଣୀୟ ରଙ୍ଗର । ପାହାଡ଼ ଉପରେ ଅପୂର୍ବ ଦିଶୁଥାଏ ଥାକ ଥାକ ହୋଇ ତିଆରି ହୋଇଥିବା ଘରସବୁ । ସତେକି କେହି ଚିତ୍ରଶିଳ୍ପୀ ତା ହାତରେ ଆଙ୍କିଛି ଚିତ୍ର ! ସୂର୍ଯ୍ୟ ଏଠି ସକାଳ ପାଞ୍ଚଟାରେ ଉଦୟ ହେଉଥିବା ବେଳେ ଅସ୍ତ ଯାଆନ୍ତି ସାତଟାରେ ।

ସନ୍ଧ୍ୟାରେ ଥଣ୍ଡା ପବନ ଦେହମନକୁ ଶୀତଳେଇ ଦେଉଥାଏ । ଆମେ କିନ୍ତୁ ପାହାଡ଼ ଧାରରେ ବସି ପ୍ରକୃତିର ମନଲୋଭା ଶୋଭାରାଜିକୁ ଏନ୍‌ଜୟ କରିବା ସହ ମାଗି, ମୋମ୍, ମକାସିଝା, ଆମ୍‌ଲେଟ୍ ଓ ଚାହା ପିଇବାର ସୁଯୋଗକୁ ହାତଛଡ଼ା କରୁନଥାଉ । କେବଳ ଯେ ଆମେ ବସିଥିଲୁ ତା' ନୁହେଁ, ଆମଭଳି ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଭଳିକିଭଳି ପର୍ଯ୍ୟଟକ ସେହି ସ୍ଥାନରେ ବସି ପ୍ରକୃତିକୁ ଉପଭୋଗ କରୁଥାନ୍ତି । ଆରେ ଏ କଣ ! ହଠାତ୍ ଚାରିଆଡ଼େ କୁହୁଡ଼ିରେ ଭରିଗଲା । ପାହାଡ଼ ଗୁଡ଼ିକ ଆଉ ସ୍ପଷ୍ଟ ଦିଶିଲା ନାହିଁ । ଆମେ ଉଠିଲୁ । କୁହୁଡ଼ିର ଛାତି ଚିରି ବଜାର ଆଡ଼େ ମୁହାଁଇଲୁ । ବଜାରରେ ପହଞ୍ଚି ଦେଖିଲୁ ସୁନ୍ଦର କୋଟ୍ ଓ ଜାକେଟ୍ ସବୁ ବିକ୍ରି ହେଉଥାଏ । ଏପ୍ରିଲ ମାସରେ ସେଠାରେ ଜାକେଟ୍ ଓ କୋଟ୍ ଉପରେ ୫୦% ପର୍ଯ୍ୟନ୍ତ ରିହାତି ମିଳୁଥାଏ । ଆମେ କେତୋଟି ଜାକେଟ୍ ଓ କୋଟ୍ କିଣିଲୁ । ସେଠି ଦୁଇ ପ୍ରକାର ଦୋକାନ ଅଧିକ । ଗୋଟାଏ ହେଲା ପୋଷାକ ଦୋକାନ, ଆଉ ଅନ୍ୟଟି ଜଳଖିଆ ଦୋକାନ । ଏହାବ୍ୟତୀତ ଅନ୍ୟକିଛି ଦୋକାନ ପ୍ରାୟ ନଥିଲା । ପଚାରି ବୁଝିଲୁ : ଅଧିକ ଲୋକ କେଉଁ ସମୟରେ ଆସନ୍ତି ? ସେମାନେ କହିଲେ, ମଇ ଓ ଜୁନ୍ ମାସ ହେଉଛି ସିଜିନ୍ ସମୟ । ଏହି ସମୟରେ ଅଧିକ ଲୋକ ସେଠାକୁ ଆସନ୍ତି । ହଁ ସେଠିକାର ଖାଦ୍ୟ କଥା କହିଲିନି ଯେ ! ସମସ୍ତ ପ୍ରକାର ଖାଦ୍ୟ ଉପଲବ୍ଧ । ଆପଣ ଖାଇ ପାରିଲେ ହେଲା । ଆଳୁ ପରଟା କୁହନ୍ତୁ କି କୋବି ପରଟା ଅବା ମୂଳା ପରଟା- ସବୁ ହିଁ ସ୍ୱାଦିଷ୍ଟ । ମଟନ୍ ଅପେକ୍ଷା ଚିକେନ୍‌ର ଦର ଅଧିକ । ହେଲେ ମାଛ ସାତ ସପନ । ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ଏଠାରେ ଦକ୍ଷିଣ ଭାରତର ଖାଦ୍ୟ, ପଶ୍ଚିମ ଭାରତର ଖାଦ୍ୟ ମଧ୍ୟ ମିଳିଥାଏ । ସମସ୍ତେ ପ୍ରାୟ ମାଛମାଂସକୁ ଅଧିକ ପସନ୍ଦ କରିଥାନ୍ତି । ମଶୋରୀ ସମତଳ ଭୂମି ଠାରୁ ବହୁ ଉଚ୍ଚରେ ଅବସ୍ଥିତ ହୋଇ ଥିବାରୁ ଓ ଏହା ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ଏଠାରେ ଖାଦ୍ୟ ସାମଗ୍ରୀର ଦର ଟିକିଏ ଚଢ଼ା । ଚାହା ଗୋଟା ୨୦ ଟଙ୍କା ହୋଇଥିବା ବେଳେ, ଆଳୁପରଟା ଗୋଟା ୪୦ଟଙ୍କା, କୋବି ଓ ମୂଳା ପରଟା ଗୋଟା ୫୦ଟଙ୍କାରେ ବିକ୍ରି ହୁଏ । ସେହିଭଳି ଚିଲିଚିକେନ୍ ପ୍ଲେଟ୍ ୪୫୦ଟଙ୍କା, ଆମ୍‌ଲେଟ୍ ଗୋଟା ୪୦ଟଙ୍କା । ଭାତ ପ୍ଲେଟ୍ ୪୦ଟଙ୍କା । ଗୁପ୍‌ଚୁପ୍ ୫ଟାକୁ ୨୦ଟଙ୍କା, ସିଙ୍ଗଡ଼ା ଗୋଟା ୧୦ରୁ ୧୫ ଟଙ୍କାରେ ମିଳେ ।

ପରଦିନ ଆମେ ଗୋଟାଏ ଟ୍ୟାକ୍ସି ଭଡ଼ା କରି ମଶୋରୀର କିଛି ସ୍ଥାନ ବୁଲିଲୁ । ତାହା ମଧ୍ୟରେ ଥିଲା ମଶୋରୀ ହ୍ରଦ, କେମ୍ପ୍‌ଟି ଫଲ୍, କମ୍ପାନୀ ଗାର୍ଡ଼େନ, ବୁଦ୍ଧ ମନ୍ଦିର ଓ ମାଁ ସନ୍ତୁରାଦେବୀଙ୍କ ମନ୍ଦିର । କମ୍ପାନୀ ଗାର୍ଡ଼େନରେ ବିଭିନ୍ନ ପ୍ରକାର ଫୁଲ ଦେଖିବା ସହ ସେଠାରେ ଆମେ ମହମରେ ଗଢ଼ା ଯାଇଥିବା କିଛି ମହାନ ବ୍ୟକ୍ତିଙ୍କର ପ୍ରତିମୂର୍ତ୍ତି ଦେଖି ବିମୋହିତ ହେଲୁ । ଅଧିକ ଆକର୍ଷଣୀୟ ଥିଲା କେମ୍ପ୍‌ଟି ଫଲ୍ । ପ୍ରପାତଟି ଛୋଟ ହେଲେ ମଧ୍ୟ ତାକୁ ସେଠାକାର ସରକାର ସୁନ୍ଦର ଭାବରେ ସଜାଇ ରଖିଛନ୍ତି । ଯାହା ଦର୍ଶକମାନଙ୍କର ମନକୁ ହରଣ କରୁଛି । ସେଠି ଆକର୍ଷଣୀୟ ଥିଲା କିଛି ପକ୍ଷୀ । ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ପକ୍ଷୀ ଦେଖି ଆମେ ଆନନ୍ଦିତ ହେଲୁ ।

ମଶୋରୀର ମାୟାରେ ମସ୍‌ଗୁଲ୍ ହୋଇ ଦୁଇଦିନ କେମିତି ସରିଗଲା, ଜାଣି ହିଁ ପାରିଲୁ ନାହିଁ ଆମେ । ପରେ ପରେ ଆମର ଋଷିକେଶ୍ ଯିବାର ଥିଲା । ଦୁଇଦିନର ରହଣି ଆମ ଭିତରେ ଶତେକ ସ୍ୱପ୍ନର ଶାଏରୀ ବୁଣିଦେଲା 'ପାହାଡ଼ରାଣୀ' । ଫେରିବା ବେଳେ ଆଉଥରେ ଆସିବାର ପ୍ରତିଶ୍ରୁତି ଦେଲୁ, କାରଣ ଦେଖା ଯେ ହେଇପାରିଲାନି ବିଶ୍ୱବିଖ୍ୟାତ ଭାରତୀୟ ଲେଖକ ରସ୍କିନ୍ ବଣ୍ଡଙ୍କ ସହ !

**ସିନେମା ବଜାର, ବାଲେଶ୍ୱର, ଫୋନ:୯୪୩୭୧୬୦୦୦୫**

# ଭାଟିକାନ୍‌ର ଭୂଗୋଳ



ଭାଟିକାନ୍ ସିଟି : ବିହଙ୍ଗ ଦୃଷ୍ଟି

# ବିଶ୍ୱର କ୍ଷୁଦ୍ରତମ ଦେଶ

# ଭାଟିକାନ୍ ସିଟି




**ସୌରଭ ରଞ୍ଜନ ମହାପାତ୍ର**

ବାଏର୍‌ଏଥ୍ ୟୁନିଭର୍ସିଟି ବାଭେରିଆ, ଜର୍ମାନୀ


ଫଟୋ ସୌଜନ୍ୟ : ଲେଖକ

ହଜାରେ ମାଇଲ୍ ଚାଲିବାକୁ ହେଲେ ପ୍ରଥମେ ଗୋଟିଏ ପାଦରୁ ଆରମ୍ଭ କରିବାକୁ ପଡ଼େ । କହିବାର ଅର୍ଥ ହେଲା କେବଳ ବିଦେଶକୁ ବୁଲିଯିବା ଯେ ଏକ ଖୁବ୍ ଆଶ୍ଚର୍ଯ୍ୟର କଥା ସେମିତି କିଛି ନୁହେଁ । ଆମେ ବେଳେବେଳେ ଆମ ଗାଁ ପାଖ ଠାକୁରାଣୀ ମନ୍ଦିର ଆଡ଼େ ଯିବାକୁ ବି ଭୁଲି ଯାଇଥାଉ । ଖାସ୍ କରି ବୁଲିବା ପାଇଁ ପ୍ରଥମ ଆବଶ୍ୟକତାଟି ହେଲା ଦୃଢ଼ ଇଚ୍ଛାଶକ୍ତି । ଇଏ ଇଚ୍ଛାଶକ୍ତି ଆପଣଙ୍କୁ ଦେଖାଏ ଅନେକ ରାସ୍ତା । ରାସ୍ତା ହୋଇପାରେ ମାଟି କାଦୁଅର କିମ୍ବା ଫର୍ଚ୍ଚା ଆକାଶର, କିଏ ଜାଣେ ?

ମୁଁ ଜର୍ମାନୀରୁ କହୁଛି । ଜର୍ମାନ୍‌ରେ ରହେ । ବାଇରଏଥ୍ ୟୁନିଭର୍‌ସିଟିରେ ରିସର୍ଚ୍ଚ କରୁଛି । ତା ସହ ପାର୍ଟ ଟାଇମ୍ କାମ ବି କରେ । ସାଧାରଣତଃ ଏଠି ସମସ୍ତେ ପାର୍ଟ ଟାଇମ୍ ଜବ୍ କରନ୍ତି ନିଜର ପକେଟ୍ ଖର୍ଚ୍ଚ ପାଇଁ । ସେ ଅତି ଧନୀ ବ୍ୟକ୍ତିଙ୍କ ପିଲା ହେଇଥିଲେ ବି ସେମାନେ ନିଜ ଖର୍ଚ୍ଚ ନିଜେ କରିବାକୁ ପସନ୍ଦ କରନ୍ତି । ଆଉ ଏଇ ପାର୍ଟ ଟାଇମ୍ କାମ କରିବାର ଅଧିକାଂଶ ଭାଗ ସାଧାରଣତଃ ସମସ୍ତେ ବୁଲାବୁଲିରେ ଖର୍ଚ୍ଚ କରନ୍ତି । ୟୁରୋପ୍‌ର କୌଣସି ଦେଶରେ ଚାକିରି କରିବା ବା ପଢ଼ିବାରେ ଏକ ବଡ଼ ବୋନସ୍ ଅଛି । ସେ ବୋନସ୍‌ଟି ହେଲା, ସେଇ ଗୋଟିଏ ଦେଶର ଭିସାରେ ଜଣେ ସମସ୍ତ ୨୮ଟି ୟୁରୋପୀୟ ଦେଶ ବୁଲି ପାରିବ । ୟୁରୋପୀୟ ୟୁନିଅନର ଏହା ଏକ ସ୍ୱାଗତଯୋଗ୍ୟ ବ୍ୟବସ୍ଥା । କିନ୍ତୁ ଏହା ଅନ୍ୟ କୌଣସି ମହାଦେଶରେ ସମ୍ଭବ ନୁହେଁ ।

ପିଲାଦିନରେ ଆମେ ଯେବେ ସ୍କୁଲ୍‌ରେ ପଢୁଥିଲୁ, ପ୍ରାୟ ପିଲାଙ୍କ ପାଖରେ ସବୁବେଳେ ଗୋଟେ ଜି.କେ. ବହି ଥାଏ । ସେଥିରେ ଲେଖାଥାଏ ପୃଥିବୀର ବୃହତ୍ତମ ଓ ପର ପୃଷ୍ଠାରେ ପୃଥିବୀର କ୍ଷୁଦ୍ରତମ । ପୃଥିବୀର କ୍ଷୁଦ୍ରତମ ଦେଶଟି ହେଉଚି ଭାଟିକାନ୍ ସିଟି । ଇଟାଲୀ ଦେଶର ପାଖାପାଖି ମଝିରେ ଏକ ଛୋଟ ଭୂଖଣ୍ଡ । ଦେଶଟି ଖୁବ୍ ଛୋଟ ହେଲେ ମଧ୍ୟ ତାର ଇତିହାସ ଖୁବ୍ ବିସ୍ତୀର୍ଣ୍ଣ । ବିଶ୍ୱର ସବୁଠୁ ବଡ଼ ଚର୍ଚ୍ଚ (ସେଣ୍ଟ୍ ପିଟର୍ ବେସିଲିକା) ଏଇ ଦେଶରେ ଅଛି । କ୍ୟାଥୋଲିକ ଧର୍ମର ସବୁଠୁ ବଡ଼ ଗୁରୁ ବା ମାର୍ଗଦର୍ଶକ (ପୋପ୍) ଏଇଠି ରୁହନ୍ତି । କଣ ଏଇ ଛୋଟ ଦେଶରେ ଅଛି ? ଆଉ ତାର ମାହାତ୍ମ୍ୟ କଣ ? ଏମିତି କିଛି

ଭାଟିକାନ୍ ସିଟିର ଏକ ମନୋରମ ଦୃଶ୍ୟ









ପ୍ରଶ୍ନ ମୋ ଭିତରେ ଘୁରି ବୁଲୁଥିଲା । ଆଉ ଉତ୍ତର ପାଇଁ ମୁଁ ଖୋଜୁଥିଲି ଛୁଟି ଦିନ । ୟୁରୋପରେ ସବୁଠୁ ବଡ଼ ଆଉ ଲମ୍ବା ଛୁଟିଦିନ ଆସେ ଡିସେମ୍ବରରେ । ବଡ଼ଦିନ ଆଉ ନୂଆବର୍ଷର ଛୁଟି । ମୋ ପାଇଁ ଏଇ ଛୁଟି ଏକ ଟ୍ରାଭେଲିଙ୍ଗ୍ ବ୍ରେକ୍ ବୋଲି କହିହବ ।

ଟ୍ରାଭେଲ୍‌କୁ ସାଧାରଣତଃ ଆମେ ତିନି ଭାଗରେ ବିଭକ୍ତ କରିପାରିବା । ପ୍ରଥମଟି ହେଲା ଗ୍ରୁପ୍ (ଦୁଇରୁ ଅଧିକ), ଦ୍ୱିତୀୟଟି ହେଲା କପୁଲ୍ (ଦୁଇଜଣ) ଓ ତୃତୀୟଟି ହେଲା ସୋଲୋ (ଏକାକୀ) । ଯଦିଓ ମୁଁ ଅଧିକାଂଶ ସମୟ ମୋ ସାଙ୍ଗମାନଙ୍କ ସହ ବିତେଇବାକୁ ପସନ୍ଦ କରେ, କିନ୍ତୁ ବେଳେବେଳେ ଏମିତି ଏକୁଟିଆ ବୁଲିବାକୁ ଭଲ ଲାଗେ । ଏକ ଅଜଣା ସହରରେ ଯେଉଁଠି କିଛି ପରିଚୟ ନାହିଁ କେହି ଜଣା ଶୁଣା ନାହାନ୍ତି ସେଠି ନିଜ ସହ ନିଜର ଭେଟ ହୁଏ । ପ୍ରକୃତରେ ମଣିଷଟିଏ ନିଜ ସହିତ ନିଜେ କଥା ହେବା ନିହାତି ଆବଶ୍ୟକ । କିନ୍ତୁ ଏକାକୀ ବୁଲିବାର କିଛି ନେଗେଟିଭ୍ ସାଇଡ୍ ମଧ୍ୟ ଅଛି । ଯେମିତି ଭୁଲ୍ ବସ୍‌ରେ ଚଢ଼ିଯିବା । ଇଅର୍ ଫୋନ୍‌ରେ ଗୀତ ଶୁଣୁଶୁଣୁ ଭୁଲ୍ ଦିଗରେ ଚାଲିଯିବା । ଲାଇନ୍‌ରେ ଠିଆ ହେଲା ବେଳେ ବୋର୍ ହେବା ଇତ୍ୟାଦି ।

ଭାଟିକାନ୍ ସିଟିର ନିଜର ଆନ୍ତର୍ଜାତିକ ଏୟାର୍‌ପୋର୍ଟ ନାହିଁ, କେମିତି ବି ଆସିବ ! ସମୁଦାୟ ଦେଶର କ୍ଷେତ୍ରଫଳ ୧୦୦ ଏକର । ସେଥିରେ ପୁଣି ଏୟାର୍‌ପୋର୍ଟ ପାଇଁ ଜାଗା କାହିଁ । ଜର୍ମାନୀର ନୁର୍‌ମେବର୍ଗ ଏୟାର୍‌ପୋର୍ଟରୁ ରୋମ୍ ଯିବାକୁ ପଡ଼େ । ଭାଟିକାନ୍ ସିଟିରେ ପହଂଚିବାକୁ ହଲେ ରୋମ୍ ସହରରେ ପହଂଚି ସେଠୁଁ ବସ୍ କିମ୍ବା ଟ୍ରେନ୍‌ରେ ଯିବାକୁ ପଡ଼ିବ । ରୋମ୍‌ରୁ ଭାଟିକାନ୍ ସିଟି ମାତ୍ର ପାଂଚ କିଲୋମିଟର । ମୁଁ ଗୁଗୁଲ୍‌ରେ ସର୍ଚ୍ଚ କଲି ଓ ଅନେକ ଲୋକଙ୍କ ମତାମତ ପଢ଼ିଲି, ସେଥିରେ ଲେଖାଥିଲା ଯେ ଏହା ଏକ ଟୁରିଷ୍ଟ୍ ପ୍ଲେସ୍ । ତେଣୁ ବସ୍ କିମ୍ବା ମେଟ୍ରୋରେ ଗଲେ ପକେଟ୍‌ମାର୍ ହେବାର ସମ୍ଭାବନା ବେଶୀ । ତେଣୁ ମୁଁ ସ୍ଥିର କଲି ଚାଲି ଚାଲି ଯିବି । ମାତ୍ର ପାଞ୍ଚ କିଲୋମିଟର । ଏଇ ଚାଲିବା ଭିତରେ ପୁରା ସହର ପରିକ୍ରମା ବି ହେଇଯିବ । ତାପମାତ୍ରା ପାଖାପାଖି ୧୩ ଡିଗ୍ରୀ । ସେମିତି କିଛି ବେଶୀ ଶୀତ ନୁହେଁ । ଚାଲିଚାଲି ବୁଲିଲେ ରାସ୍ତାଯାକ ବହୁତ କିଛି ଖାଇବା ପାଇଁ ସୁଯୋଗ ମିଳେ । ଇଟାଲୀୟ ଖାଦ୍ୟ ପୃଥିବୀରେ ଖୁବ୍ ଲୋକପ୍ରିୟ । ପିଜ୍ଜା ଆଉ ପାସ୍ତା– ଏଇ ଦୁଇଟି ମୁଖ୍ୟ ଖାଦ୍ୟ ସେମାନେ ହିଁ ଆରମ୍ଭ କରିଛନ୍ତି । ସେମାନେ ରେଡ୍‌ୱାଇନ୍ ପିଇବାକୁ ପସନ୍ଦ କରିଥାନ୍ତି । ଅନେକ ରେଷ୍ଟୁରାଣ୍ଟ୍‌ରେ ଏହା କମ୍ପ୍ଲିମେଣ୍ଟାରି । ମୁଁ ସେଠାରେ ପହଞ୍ଚିଲା ପରେ ଖୁବ୍ ଆଶ୍ଚର୍ଯ୍ୟ ହେଇଗଲି । ଏହି ଦେଶଟି ଖୁବ୍ ଛୋଟ ହେଲେ ମଧ୍ୟ ସବୁଠୁ ବଡ଼ କଥା ହେଲା ଏହି ଦେଶର ପ୍ରାୟ ଚାଳିଶ ଭାଗ ହେଉଛି ଉଦ୍ୟାନ ଓ ଗଛଲତା । ପ୍ରାକୃତିକ ସୌନ୍ଦର୍ଯ୍ୟରେ କେଉଁଠି କମ୍ ନାହିଁ । ତାପରେ ଏତେବଡ଼ ଚର୍ଚ୍ଚ ମୁଁ କେବେ ଦେଖିନି । ଅତି ସୁନ୍ଦର ପରିବେଶ । ଚର୍ଚ୍ଚ ଭିତରକୁ ସବୁ ଧର୍ମର ଲୋକମାନେ ଯାଇପାରିବେ । ସେଥିପାଇଁ କିଛି ପ୍ରବେଶ ଦେୟ ମଧ୍ୟ ନାହିଁ । ସାଧାରଣତଃ ସବୁ କିଛି ଇଟାଲୀୟ ଭାଷାରେ ଲେଖାଥାଏ ତେଣୁ ମୁଁ ଜଣେ ଟୁରିଷ୍ଟ୍ ଗାଇଡ୍‌ଙ୍କ ସହ ଯିବାକୁ ସ୍ଥିର କଲି । ଯିଏ ମତେ ଇତିହାସ ଏବଂ ସମ୍ପ୍ରତି ପରିସ୍ଥିତିର ବିବରଣୀ ଦେଇ ପାରିବେ । ତାଙ୍କ କହିବା ଅନୁସାରେ, ରୋମାନ୍ ଏମ୍ପାୟାର୍ ପଞ୍ଚମ ଶତାବ୍ଦୀରେ ସମ୍ପୂର୍ଣ୍ଣ ସତ୍ତା ହରେଇବା ପରେ ରୋମ୍ ସହରଟି ପୋପ୍‌ଙ୍କ ଅଧୀନରେ ରହିଲା । ତାଙ୍କୁ ମଧ୍ୟ କୁହା ଯାଉଥିଲା କିଙ୍ଗ୍ ପୋପ୍ । ଧୀରେ ଧୀରେ ପୋପ୍ ନିଜେ ନିଜ ପାଇଁ ଏକ ସାମ୍ରାଜ୍ୟ ସୃଷ୍ଟି କରିବାକୁ ଚାହିଁଲେ । କିନ୍ତୁ କିଛି ବର୍ଷ ପରେ ଇଟାଲୀର ସମସ୍ତ ଛୋଟ ସାମ୍ରାଜ୍ୟ ଏକଜୁଟ ହୋଇଗଲେ । କିନ୍ତୁ ପୋପ୍ ଏଥିରେ ସହମତ ନଥିଲେ । ତେଣୁ ତାଙ୍କୁ ଏଇ ଛୋଟ ସହର ଭାଟିକାନ୍ ସିଟିକୁ ଏକ ଦେଶର ମାନ୍ୟତା ଦେଇ ଛାଡ଼ି ଦିଆଗଲା । ଏହା ପୂର୍ବରୁ ଲୋକମାନେ ଏଇ ସହରକୁ ଭାଟିକାନ୍ ହିଲ୍ ବୋଲି କହି ଆସୁଥିଲେ । ପୋପ୍‌ମାନେ ସାଧାରଣତଃ ଲୋକଙ୍କୁ ଆଧ୍ୟାତ୍ମିକ ଚେତନା ଦଉଥିଲେ । ତେଣୁ ତାଙ୍କ ଅଞ୍ଚଳକୁ କେହି ଦଖଲ କରିବାକୁ ଚାହୁଁ ନଥିଲେ । ଶେଷରେ, ୧୧ ଫେବୃଆରୀ

୧୯୨୯ରେ ଏହା ଏକ ସ୍ୱତନ୍ତ୍ର ଦେଶ ବୋଲି ସ୍ୱୀକୃତି ପାଇଲା । କିଛି ଲୋକ ଏହି ଦେଶକୁ ମଧ୍ୟ ହୋଲି ସିଟି ବୋଲି କହିଥାନ୍ତି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଟାଲୀକୁ ଅଧିକାର କରିବାକୁ ଆସିଥିବା ଜର୍ମାନ ସୈନିକମାନେ ମଧ୍ୟ ଭାଟିକାନ୍ ସିଟିକୁ ଏକ ଆଧ୍ୟାତ୍ମିକ ଦେଶ ବୋଲି ସ୍ୱୀକାର କରି କୌଣସି କ୍ଷତି କରିନଥିଲେ । ଅନେକେ ସମୟରେ ଇଟାଲୀରେ ବୋମା ବିସ୍ଫୋରଣ ହେବାର ଶୁଣା ଯାଇଛି । କିନ୍ତୁ ଭାଟିକାନ୍ ସିଟିକୁ ସାଧାରଣ ଭାବରେ କେହି ଆକ୍ରମଣ କରିନାହାନ୍ତି । ଏହି ସିଟିର ଚର୍ଚ୍ଚଟି କୋଟି କୋଟି କ୍ୟାଥୋଲିକ୍ ଖ୍ରୀଷ୍ଟ ଧର୍ମ ଭାବନାକୁ ବାନ୍ଧି ରଖିଛି । ଯାକୁ କ୍ଷତି ପହଞ୍ଚାଇବା ଆକ୍ରମଣକାରୀମାନଙ୍କ ପାଇଁ ଏକ ପ୍ରକାର ଅସମ୍ଭବ ଥିଲା ।

ପ୍ରଥମ ପୋପ୍‌ଙ୍କ ନାମ ଥିଲା ସେଣ୍ଟ ପିଟର୍ । ତେଣୁ ତାଙ୍କ ନାମରେ ନାମିତ ହେଲା ଏହି ଚର୍ଚ୍ଚ ସେଣ୍ଟ ପିଟର୍ ବେସିଲିକା । ଚର୍ଚ୍ଚ ଭିତରେ କାରୁକାର୍ଯ୍ୟ ଖୁବ୍ ସୂକ୍ଷ୍ମ ଏବଂ ଚକିତ କରିଦେଲା ପରି । ସାଧାରଣତଃ ତମ୍ବା, ଅଭ୍ର ଓ ମାର୍ବଲ ପଥରରେ ତିଆରି ହୋଇଛି ଏଇ ସେଣ୍ଟ ପିଟର୍ ବେସିଲିକା । କିଛି ଚିତ୍ରକୁ ଦେଖିଲେ ଲାଗୁଥିଲା ଯେ ଏହା ନିଶ୍ଚିତ ଏକ ପେଣ୍ଟିଂ । କିନ୍ତୁ ତାହା ପେଣ୍ଟିଂ ନଥିଲା । ସେସବୁ ଥିଲା ମୋଜାଇକ୍ ଡିଜାଇନ୍ । ଏହି ବୃହତ୍ ଚର୍ଚ୍ଚ ସାମ୍ନାରେ ଏକ ଖୁବ୍ ବଡ଼ ଗେଷ୍ଟ ହାଉସ୍ ନିର୍ମାଣ କରିବାର ଇଚ୍ଛା ଥିଲା ଭାଟିକାନ୍ ନାଗରିକଙ୍କର । କିନ୍ତୁ କୌଣସି ଏକ ଅଟ୍ଟାଳିକା ଏହି ଚର୍ଚ୍ଚର ସୁନ୍ଦର ଦୃଶ୍ୟକୁ ଅବରୋଧ କରିପାରେ ବୋଲି ଅନେକ ବିରୋଧାଭାସ ଉଠେଇ ଥିଲେ । ତେଣୁ ଏହି ନିର୍ମାଣଟି ହୋଇପାରିଲା ନାହିଁ ।

ଖ୍ରୀଷ୍ଟିୟାନ ଧର୍ମ ବିଷୟରେ ମୋର ଜ୍ଞାନ ଖୁବ୍ କମ । ତେଣୁ ଅନେକ କିଛି ବୁଝି ପାରୁନଥାଏ । ଏକାବେଳେ ଏତେ ମୂର୍ତ୍ତି ପ୍ରତିମା ଓ ସିନେମାରେ କିଏ ସେଇ ଟୁରିଷ୍ଟ ଗାଇଡ୍ ଜଣକ କହି ଚାଲୁଥାନ୍ତି । ମୁଁ ବୋଧହୁଏ ୨୫ ପ୍ରତିଶତ ବୁଝିଥିବି । ଚର୍ଚ୍ଚ ବୁଲି ସାରି ବାହାରିଲି ସହର ଛକ ବଜାର ବୁଲିବା ପାଇଁ ।

ପୁରା ଦେଶଟିକୁ ଗୋଟେ ରାହାରେ ବୁଲି ହବ । ସମୁଦାୟ ୪୦ ମିନିଟ୍ ଲାଗିପାରେ । ଦେଶର ମୋଟ ଜନସଂଖ୍ୟା ପାଖାପାଖି ୯୦୦ । କିନ୍ତୁ ତାଙ୍କର ନିଜର ଡାକ ବ୍ୟବସ୍ଥା ଅଛି । ନିଜର ପୋଲିସ, ନିଜର ସୁରକ୍ଷା ବାହିନୀ ସବୁ କିଛି ନିଜ ଦେଶ ପାଇଁ ସୃଷ୍ଟି କଲେ । ଏମିତି କି ସେମାନଙ୍କର ନିଜର ଇଣ୍ଟରନେଟ୍ ଡୋମେନ୍ ମଧ୍ୟ ଅଛି । ଖାଦ୍ୟପେୟ ସେମାନଙ୍କର ସମ୍ପୂର୍ଣ୍ଣ ଇଟାଲୀୟ । ରୋଜଗାର ସେମାନେ କେବଳ ଟୁରିଜିମ୍‌ରୁ ହିଁ କରନ୍ତି ।

ଦେଶଟି ବୁଲୁଥାଏ ଏବଂ ମୁଁ ଇଣ୍ଟରନେଟ୍‌ରୁ ଶୁଣୁଥାଏ ଏଇ ଦେଶ ବିଷୟରେ ଅନେକ ତଥ୍ୟ । ବୁଲୁଥିବା ସମୟରେ ମୋ ସହ ଦେଖା ହେଲେ ଜଣେ ଇଟାଲୀୟ ଭଦ୍ରବ୍ୟକ୍ତି । ତାଙ୍କ ନାମ ଯୋଶେଫ୍ । ସେ ଇଟାଲୀ ଏବଂ ଭାଟିକାନ୍ ସିଟିର ସୀମାନ୍ତରେ ଥିବା ଏକ ଚର୍ଚ୍ଚରେ କାମ କରନ୍ତି । ମୁଁ ତାଙ୍କୁ ମୋ ଫଟୋଟିଏ ଉଠେଇବାକୁ ଅନୁରୋଧ କଲି । ସେ ଭାରି ମିଷ୍ଟଭାଷୀ ଲୋକ ହୋଇଥିବାରୁ ମୋ ବିଷୟରେ ଅଧିକ ଜାଣିବାକୁ ଚାହିଁଲେ । ଏବଂ ମୋ ସହ କିଛି ସମୟ ବୁଲାବୁଲି ମଧ୍ୟ କଲେ । ତାଙ୍କଠୁ ମୁଁ ପ୍ରାୟ ଅନେକ କଥା ଜାଣିବାକୁ ପାଇଲି । ତାଙ୍କ କହିବା ଅନୁସାରେ, ଏହି ଦେଶର ସମସ୍ତ ରାଜନୈତିକ ଓ ଆର୍ଥିକ ନିଷ୍ପତ୍ତି କେବଳ ପୋପ୍ ହିଁ ନେଇ ପାରିବେ । ସେ ହିଁ ସର୍ବୋଚ୍ଚ ସ୍ଥାନର ଅଧିକାରୀ । ଅବଶ୍ୟ ସ୍ୱାସ୍ଥ୍ୟ, ସୁରକ୍ଷା, ଯୋଗାଯୋଗ ବିଭାଗର ଅନ୍ୟ ମୁଖ୍ୟମାନେ ଅଛନ୍ତି । ଦେଶର ସୁରକ୍ଷା କେବଳ ଭାଟିକାନ୍ ସିଟିର ନାଗରିକ ବା ପୋଲିସ ହାତରେ ନଥାଏ, ପୋପ୍‌ଙ୍କୁ ସୁରକ୍ଷା ଦେବା ପାଇଁ ଶହେରୁ ଅଧିକ ସିସ୍ ସୁରକ୍ଷାକର୍ମୀ ମଧ୍ୟ ଅଛନ୍ତି । ଏଠି କୌଣସି ପୁରୁଷ କିମ୍ବା ନାରୀର ଭୋଟ ଦେବାର ଅଧିକାର ନାହିଁ । ଅର୍ଥାତ୍ ଏଠାରେ ନିର୍ବାଚନ ହୁଏ ନାହିଁ । ପୋପ୍‌ଙ୍କୁ ଚୟନ କରିବା ପାଇଁ ଏକ ସ୍ୱତନ୍ତ୍ର ଟାଇମ୍ ଅଛି, ଯାହାକୁ କୁହାଯାଏ କଲେଜ୍ ଅଫ୍ କାର୍ଡିନାଲସ୍ । ବର୍ତ୍ତମାନର ପୋପ୍ ହେଉଛନ୍ତି 'ଫ୍ରାନ୍‌ସିସ୍' । ସାଧାରଣତଃ ଲୋକମାନେ ତାଙ୍କୁ ପାପା ଫ୍ରାନ୍‌ସିସ୍ ବୋଲି ଡାକନ୍ତି । ସେ ୧୩ ମାର୍ଚ୍ଚ ୨୦୧୩ରେ ପୋପ୍ ଭାବରେ ନିର୍ବାଚିତ ହୋଇଥିଲେ ।



▲ ପ୍ରଥମ ପୋପ୍ ସେଣ୍ଟ ପିଟର୍‌ଙ୍କ ପ୍ରତିମୂର୍ତ୍ତି, ଯାହାଙ୍କ ନାମରେ ଚର୍ଚ୍ଚଟି ନିର୍ମିତ

ଏହି ଦେଶ ଏକ ଆଂଶିକ ମହିଳା ଶୂନ୍ୟ ଦେଶ କହିଲେ ଚଳିବ । ମାତ୍ର ୩୨ଜଣ ମହିଳା ଏଇ ଦେଶରେ ନାଗରିକତ୍ୱ ପାଇଛନ୍ତି । ଶୁଣାଯାଏ ଯେ ଭାଟିକାନ୍ ସିଟିର ଜଣେ ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କ ଝିଅ ନାଗରିକତ୍ୱ ପାଇଥିଲେ ଏବଂ ତାଙ୍କ ବିବାହ ପରେ ସେ ପୁଣି ତାଙ୍କ ନାଗରିକତ୍ୱ ହରେଇଥିଲେ । କାରଣ ସେ ଅନ୍ୟ ଏକ ଦେଶର ପୁରୁଷଙ୍କୁ ବିବାହ କରିବାକୁ ଚାହିଁଥିଲେ । କିଛି ବର୍ଷ ପୂର୍ବେ ଏଇ ଦେଶରେ ମହିଳାମାନଙ୍କୁ ବ୍ୟାଙ୍କ୍‌ରେ ଖାତା ଖୋଲିବାର ଅନୁମତି ନଥିଲା । କିନ୍ତୁ ଏବେ ଏହି ନିୟମଟି ବଦଳାଇ ଦିଆ ଯାଇଛି । ଏବେର ପୋପ୍ ପାପା ଫ୍ରାନ୍ସିସ୍ ଭବିଷ୍ୟତରେ ଆଉ କିଛି ମହିଳାମାନଙ୍କୁ ତାଙ୍କ ଅଫିସିଆଲ୍ ଦଳରେ ସାମିଲ କରିବେ ବୋଲି ଏକ ଅଭିଭାଷଣରେ କହିଥିଲେ । ଏକ ଆଚମ୍ବିତ ତଥ୍ୟ ହେଲା ଏହି ଦେଶରେ କେହି କାହାକୁ ଛାଡ଼ପତ୍ର ଦେଇ ପାରିବେ ନାହିଁ ଏବଂ କୌଣସି ମହିଳା ଭ୍ରୃଣହତ୍ୟା କରି ପାରିବ ନାହିଁ । ମହିଳାଟିର ପରିସ୍ଥିତି ଯେତେ ଜଟିଳ ଥିଲେ ମଧ୍ୟ କୌଣସି ପରିସ୍ଥିତିରେ ଏହା ସମ୍ଭବ ନୁହେଁ । କାଲିଫର୍ନିଆର ଏକ ଲାଇନ୍ ଇନଷ୍ଟିଚ୍ୟୁଟ୍ ଭାଟିକାନ୍ ସିଟିରେ ପିଆ ଯାଉଥିବା ୱାଇନ୍‌ର ପରିମାଣର ଏକ ସର୍ଭେ କରିଥିଲା । ତାଙ୍କ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ଏକ ଭାଟିକାନ୍ ନାଗରିକ ହାରାହାରି ୧୦୫ ବୋତଲ ୱାଇନ୍ ପିଇଥାଏ । ଯାହା ପାଖାପାଖି ୭୪ଲିଟର ସହ ସମାନ । ଏହା ଇଟାଲୀ ଓ ଫ୍ରାନ୍ସର ନାଗରିକଙ୍କ ଦୁଇଗୁଣ ଓ ବ୍ରିଟିଶ ନାଗରିକଙ୍କ ତିନି ଗୁଣ ।

ଏହି ଦେଶରେ ସାଧାରଣ ଭାବରେ ଅପରାଧ ବହୁତ କମ ହୋଇଥାଏ । କିନ୍ତୁ ଯଦି ଏମିତି କେବେ ହୁଏ ତେବେ ଏହି ମାମଲାର ତଦନ୍ତ ଇଟାଲୀ ସରକାରଙ୍କ ଦ୍ୱାରା ହେବ ବୋଲି ଏକ ଚୁକ୍ତି ହୋଇସାରିଛି । କାରଣ ଭାଟିକାନ୍ ସିଟିରେ ଜେଲ୍ କିମ୍ବା କାରାଗାର ନାହିଁ । ଯଦି କେହି ଭାଟିକାନ୍ ନାଗରିକ ଅପରାଧ କରେ ଏବଂ ଇଟାଲୀୟ ଜେଲ୍‌ରେ ରୁହେ, ତାର ସମସ୍ତ ଖର୍ଚ୍ଚ ଭାଟିକାନ୍ ସରକାର ହିଁ ବହନ କରିବେ । ଦେଶର ଖବର ଘୋଷଣା ପାଇଁ ସେମିତି କିଛି ଖବର ଚ୍ୟାନେଲ୍ ଏଠି ନାହିଁ । କିନ୍ତୁ ୨୦୧୩ ମସିହାରେ ସେମାନେ ଏକ ମୋବାଇଲ୍ ସଫ୍ଟୱେୟାର ଲଞ୍ଚ କଲେ । ଯାର ନାମ ପ୍ରଥମେ ଥିଲା 'ଦ ପୋପ୍ ଆପ୍' । ଏବେ ତାର ନାମ ହଉଛି 'ଭାଟିକାନ୍ ନ୍ୟୁଜ୍ ଆପ୍' ।

ମୁଁ କେଉଁ ଏକ ଅଜଣା ଦେଶକୁ ଗଲାବେଳେ ଖୁବ୍ ଶକ୍ତିଶାଳୀ ଓ ଦାମିକିଆ କ୍ୟାମରାଟେ ଧରି ଯାଇଥାଏ । ଭାବେ ଯେ ଯାହା ଦେଖିବି ତୋଳି ଆଣିବି । କିନ୍ତୁ ସବୁବେଳେ ମୁଁ ହାର୍ ମାନେ । ଆଖି ଯାହା ଦେଖେ ତାହା ଫଟୋରେ ଆସେ ନାହିଁ । ଶେଷରେ ମୁଁ ମୋ ମନକୁ ବୁଝେଇ ଦିଏ ଆଉ କହେ, କିଛି ସୌନ୍ଦର୍ଯ୍ୟ ଏମିତି ଅଛି ଯାହାକୁ କେବଳ ଆଖି ଆଉ ଭାବନାରେ ହିଁ ଉପଲବ୍ଧି କରି ହବ । ଏଇ ଯେମିତି ମନ୍ଦିର ଭିତରେ ଦିଅଁକୁ ଦେଖିବା ଆଉ ଫଟୋଟିଏ ଆଣି ଦେଖିବା ଭିତରେ ଏକ ବୃହତ୍ ଫରକ ଥାଏନି କି ?

# ହେ ମହାବାହୁ

ଈଶ୍ୱରଙ୍କର ବିଦ୍ୟମାନତାକୁ ନେଇ ଆମ ଭିତରେ ରହିଆସିଛି ବହୁ ମତପାର୍ଥକ୍ୟ, ଦ୍ୱନ୍ଦ୍ୱ ଓ ବିଶ୍ୱାସ-ଅବିଶ୍ୱାସ । ତେବେ ଆମ ଭିତରୁ କେହିନା କେହି ଜୀବନରେ କେବେବି ଈଶ୍ୱରଙ୍କର ଉପସ୍ଥିତିକୁ ଅନୁଭବ କରିଥିବାର ଦୃଷ୍ଟାନ୍ତବି ବିରଳ ନୁହେଁ । ବିଭୁକୃପା ଲାଭ ଏବଂ ଦିବ୍ୟ-ଅନୁଭବର ପରିପ୍ରକାଶ ହିଁ ଆମର ଏହି ନୂତନ ପ୍ରୟାସ । ଈଶ୍ୱରଙ୍କର ଅନୁଭବ ଲାଭ କରିଥିବା ଯେକେହି ବି ଏଠାରେ ପ୍ରକାଶ କରିପାରିବେ ସେଇ ଅବିଶ୍ୱସନୀୟ କାହାଣୀ ।



# ମରଣ ମୁହଁରୁ ଫେରାଇଲେ ଜଗନ୍ନାଥ


## କିଶୋର ପାଣିଗ୍ରାହୀ

ଇଂରାଜୀ ବିଭାଗ, ଆଇ.ଜି.ଏମ୍. ଡିଗ୍ରୀ କଲେଜ୍
ସାଆଁଳପୁର, ଧୂଷୁରୀ, ଭଦ୍ରକ
ଫୋନ୍ : ୭୦୦୮୧୧୭୯୬୪


ଫଟୋ ସୌଜନ୍ୟ : ଗୁଗୁଲ୍




ତାଙ୍କ ନାଆଁ ଶୁଣିଲେ ଆଖି କାହିଁକି ଓଦା ହୁଏ । ଦୁଃଖରେ ନୁହେଁ କି ସୁଖରେ ନୁହେଁ । ଗୋଟିଏ ଅଦ୍ଭୂତ ଆହ୍ଲାଦ କେମିତି ତରଳି ଯାଏ ଲୁହ ହେଇ । ଲୁହ ଗଡ଼ିବା ପରି ଏକ ଆବେଗିକ ଭାବ-ମୋକ୍ଷକୁ ପ୍ରଚୋଦିତ କରିବା ପାଇଁ ଅନେକ ମାନସିକ ଭାବ ସଞ୍ଚରଣ କାରଣ ଭାବେ ପ୍ରତୀୟମାନ ହୋଇଥା'ନ୍ତି । ଅନେକ କ୍ଷେତ୍ରରେ ଦୁଃଖ, ଦୟା, ସହାନୁଭୂତି, ଭୟ, କ୍ଷୋଭ, ଏକ ବିଶେଷ ଅସହାୟପଣ ଇତ୍ୟାଦିର ଶେଷ ପରିଣତି ବା ମୁକ୍ତି ଭାବେ ଲୁହ ବିବେଚିତ ହୋଇଥାଏ । କିନ୍ତୁ ଏ ଯେଉଁ ଲୁହର କଥା ମୁଁ କହୁଚି ତାହା କ'ଣ ଉପରୋକ୍ତ ମାନସିକ ଅବସ୍ଥାମାନଙ୍କର ପରିଣତି । ବୋଧହୁଏ ନା । ଏହାକୁ ଏତେ ସହଜରେ ଗ୍ରହଣ କରାଯାଇ ପାରେନା । ଏ ଲୁହ ଏହି ସାମାନ୍ୟ ଭାବମାନଙ୍କର ପ୍ରକାଶ ନୁହେଁ । ବରଂ ଏକ ମହାଭାବର ମୋକ୍ଷପ୍ରାପ୍ତି, ଯେଉଁଠି ଐଶୀ ଚିତ୍ତବୃତ୍ତି ନୁହେଁ, ଆଧ୍ୟାତ୍ମିକ ଦାର୍ଶନିକତାରେ ଉତ୍ତରିତ ନୁହେଁ ବରଂ ଏହି ଆଧ୍ୟାତ୍ମିକ ତାତ୍ତ୍ୱିକତାରୁ ମୁକ୍ତ ଏକ ଆତ୍ମୀୟ ଭାବ ବିହ୍ୱଳତାର ମୁକୁଳିତ ଅବସ୍ଥା । ଏହା ଆତ୍ମାର ବା କୌଣସି ଧାର୍ମିକ ବିଶ୍ୱାସବୋଧର ଉତ୍ତରଣ ନୁହେଁ ବରଂ ସାର୍ବଜନୀକ, ସାର୍ବକାଳୀକତାରୁ ଏକ ମୁହୂର୍ତ୍ତସର୍ବସ୍ୱ ବ୍ୟକ୍ତିକ ପ୍ରୀତିମୟ ଭାବାବେଗକୁ ଅବରୋହଣ: ବିହ୍ୱଳପଣ । ଏ କାନ୍ଦିବା ପ୍ରେମର ମହାଧିକାର ସାବ୍ୟସ୍ତ କିମ୍ବା ମହାସମର୍ପଣ ହୋଇପାରେ । ନା ବୁଦ୍ଧି ନା ବୋଧି, ତତ୍ତ୍ୱ ନା ଚେତନା- କାହାର ଯୋର୍ ଚଳେନା ସେଠି ।

ଈଶ୍ୱରଙ୍କୁ କେବଳ ଏକ ବିଶ୍ୱାସ ଭିତରକୁ ସଙ୍କୁଚିତ କରି ଆଣିବାର ଉଦ୍ୟମକୁ ଆମ ଆଧୁନିକତାର ବୌଦ୍ଧିକ ଓ ବୈଜ୍ଞାନିକ ବିଚାରବୋଧରେ ଏକ ବିଚକ୍ଷଣତା ଭାବେ ବିବେଚନା କରାଯିବାର ନଜିର କମ୍ ନାହିଁ । କେବଳ ବିଶ୍ୱାସ ନୁହେଁ, 'ଧାରଣା' ଏପରିକି 'ବାଦ' ଶବ୍ଦରେ ଈଶ୍ୱରଙ୍କୁ ସୀମିତ କରିବାର ହେତୁବାଦୀ ବିଚାର ମଧ୍ୟ ନୂଆ ନୁହେଁ । ତେବେ ଈଶ୍ୱର କ'ଣ ଏକ ଅନୁଭବ ନୁହେଁ ? ଈଶ୍ୱର ଯଦି ଏକ ଅନୁଭବ, ତେବେ ଅଭିଜ୍ଞତା ନଥାଇ ଅନୁଭବ ଥାଏ କି ? ବାସ୍ତବ ଅନୁଭବଟିର କଥା କୁହାଯାଉ । ଅନୁଭବ ବାଣ୍ଟିବାରେ ଆପୋସ ଆନନ୍ଦ ଉଭୟ ପକ୍ଷର ।

ଗୋଟେ ପାଖରେ ମୃତ୍ୟୁ ଆରପାଖରେ ଜଗନ୍ନାଥଙ୍କୁ ମୁଁ ଦେଖିଚି, ଗୋଟିଏ ଜାଗାରେ । ମୃତ୍ୟୁ ପାଖରୁ ପଳେଇ ଆସିବାକୁ ମୋତେ ଗୋଟେ ବାଟ ଦେଖେଇ କହିଥିଲେ, "ତୋତେ ଯେଉଁ କାମ ଦେଇଥିଲି କରିସାରିଚୁ କି ? ଯା' ଏଇ ବାଟେ ପଳେଇ ଯା' ।" ତାଙ୍କୁ ନେଇ ଅନୁଭୂତି ଗପ ପରି ମିଛ ମିଛ ଲାଗିପାରେ । ହେଲେ ବି ମୋତେ ସତ । ଆପଣଙ୍କୁ କେମିତି ଛୁଇଁବ ଜାଣେନା । ତାଙ୍କୁ ନେଇ ଯେତେଯେତେ ଅନୁଭୂତି ତା'ପାଇଁ କେଇ ପୃଷ୍ଠାର କାଗଜ ଯଥେଷ୍ଟ ନୁହେଁ । ପ୍ରଥମରୁ ଏତିକି କହି ରଖିବି- ଅନୁଭବୀ ପାଇଁ ସେ ଦୁଇ ଖିଅ ପବନର ସ୍ନେହ-ଧନ, ମହାପ୍ରମୋଦର ପାଟହାତୀ, ଦୁଃଖର ଦୟଣା, ତୁଳସୀ ମାଳ, ସେ ଦୁଃଖ-ମହାମେରୁ, ସେ ଏକାଧାରରେ ଆତଙ୍କ, ଅବ୍ୟକ୍ତ ଆହ୍ଲାଦ ବି ।

ଜଗନ୍ନାଥଙ୍କୁ ଦେଖିଲେ କି ତାଙ୍କ କଥା ଭାବିଲେ ମତେ କାନ୍ଦ ଲାଗେ । ଏହାର ଅନ୍ୟ ଏକ କାରଣ ମଧ୍ୟ ଅଛି । ମୋ ଜେଜେ ବାପାଙ୍କ ଠାରୁ ମୁଁ ଶୁଣିଥିଲି, ଜେଜେଙ୍କ ଗୋସି ମା'ଙ୍କର ପାଂଚ ପାଂଚଟା ପୁଅ ଭିତରୁ ଚାରିଜଣ ମାତ୍ର ଅଠର କୋଡ଼ିଏ ବର୍ଷ ବୟସରେ ଅକାଳରେ ମରି ଯାଇଥିଲେ । କେବଳ ଥିଲେ ମୋ ଜେଜେଙ୍କ ବାପା । ସେ ବି ଜେଜେ ଦେଢ଼ ବର୍ଷର ହେବା ବେଳକୁ ଚାଲିଗଲେ । ବୁଢ଼ୀ ତେଣୁ ହତାଶ ଓ ସଂସାର ପ୍ରତି ବିତୃଷ୍ଣ ହୋଇ ନିଜର ବିଧବା ବୋହୂ ଓ ମୋ'ର ଜେଜେଙ୍କୁ ଶୈଶବ କାଳରେ ନିରାଶ୍ରୟ ଛାଡ଼ିଦେଇ ଜଗନ୍ନାଥଙ୍କ ଉପରେ ପ୍ରଚଣ୍ଡ କ୍ଷୋଭ ମନରେ ନେଇ ପୁରୀ ଚାଲି ଯାଇଥିଲେ । ସେଠାରୁ ଆଉ ଫେରି ନଥିଲେ । ଏମାର୍ ମଠରେ ଅବଶିଷ୍ଟ ଜୀବନ କାଟି ଦେଇଥିଲେ । ଆମ ଅଞ୍ଚଳରୁ କେହି କେବେ ପୁରୀ ଯାଇଥିବା ବେଳେ ବୁଢ଼ୀର ଦେଖା ହେଲେ ଓ ଘରକୁ ଫେରିବା କଥା କହିଲେ ବୁଢ଼ୀ ଗମ୍ଭୀର ହେଇ କହେ, "ସେଇ ପୋଡ଼ା ମୁହାଁକୁ ପଚାର । ମୁଁ ଜାଣେନି । ମୁଁ ଏଇଠି ତା' ପାଖରେ ମରିବି । ସେ ମୋ' ଛୁଆଙ୍କୁ ଯାହା କରିବାର ଥିବ କରିବ । ଆଉ କ'ଣ ବାକି ରଖିଚି କି ?" ତା'ପରେ ଆଉ ପାଖରେ ରହେନି ଜାଗା ଛାଡ଼ି ପଳେଇ ଯାଏ ।

୨୦୧୦ ମସିହା ତିନି ଜଣ ସହକର୍ମୀଙ୍କ ସହ ଯାଇଥିଲି ପୁରୀକୁ ଜଗନ୍ନାଥଙ୍କ ପାଖକୁ । ଦିନ ୧୨ଟାରେ ପହଞ୍ଚିଲୁ ଶ୍ରୀମନ୍ଦିରରେ । ପହଡ଼ ଖୋଲି ନଥାଏ । ଖୋଲିବ ବୋଲି 'ହରିବୋଲ' ଧ୍ୱନି ମଝିରେ ମଝିରେ ଶୁଭୁଥାଏ । ଆମେ ବସିଲୁ ହାତଯୋଡ଼ି ବଡ଼କାଠ ସାମ୍ନାରେ, ଆଖି ବୁଜି । ଗୋଟିଏ ଅଦ୍ଭୂତ ଶାନ୍ତଭାବ ଯେମିତି ମୋ'ର ସମଗ୍ର ଚେତନାକୁ ଆବୋରି ବସିଲା କ୍ରମେ । ଯେତେଯେତେ ଦଃଖ, କ୍ଷୋଭ, ମହାପ୍ରଭୁଙ୍କ ପାଖରେ ମନର ଯେତେ ସବୁ ଅଭିଯୋଗ ଏକାବେଳକେ ଯେମିତି ଉତୁରି ଆସିଲେ ଲୁହ ହେଇ । ଜଗନ୍ନାଥଙ୍କୁ ନେଇ ଗୋଟିଏ ଓଡ଼ିଆ ପ୍ରାଣର ଯେଉଁ ଆତ୍ମୀୟତା ଯେଉଁ ଗଭୀର ଆପଣାପଣ ତାହା ଜଣେ ଜଗନ୍ନାଥଙ୍କର ଭକ୍ତ ହିଁ କେବଳ ଅନୁଭବ କରିପାରେ । ମୁଁ ଅନ୍ୟ ବନ୍ଧୁମାନଙ୍କ ଟିକିଏ ଆଗକୁ ଜାଣିଶୁଣି ବସିଥାଏ ଏଇଥି ପାଇଁ ଯେ, ଜଗନ୍ନାଥଙ୍କ ପାଖରେ ମୋ'ର ସ୍ୱତଃ ଲୁହର ନୈବେଦ୍ୟ ଉପରେ ସେମାନଙ୍କ ନଜର ନପଡୁ । ହଠାତ୍ କେହି ଜଣେ ଯେମିତି ମୋ' କାନ୍ଦିବାକୁ ବାଧା ଦେବାକୁ ଯାଇ ବା ମୋତେ ଏଇ ଭାବପ୍ରବଣତାରୁ ପ୍ରକୃତିସ୍ଥ କରିବା ପାଇଁ ମୋ' ଉପରେ ମେଞ୍ଚାଏ ପାଣି ଛାଟିଦେଲା ଓ ମୁଁ ଚମକି ପଡ଼ିଲି । ପାଣି କେଉଁଠୁ ଆସିଲା ବୋଲି ଜିଜ୍ଞାସୁ ଦୃଷ୍ଟିରେ ଚାରି ଆଡ଼କୁ ଚାହିଁଲି । ପାଣି ପଡ଼ିବାର କୌଣସି ସମ୍ଭାବ୍ୟ ପରିସ୍ଥିତି

ନଥିବାର ଦେଖି ଅନ୍ୟମାନଙ୍କୁ ମଧ୍ୟ ପଚାରିଲି, "ତୁମ ଉପରେ କାହାର ପାଣି ପଡ଼ିଚି କି ? ସାମାନ୍ୟ ପାଣି ଛିଟିକାଟିଏ ବି କାହାରି ଉପରେ ପଡ଼ି ନଥିଲା । ମୋ' ପାଖରେ ବସିଥିବା ମୋ'ର ବନ୍ଧୁମାନେ ଆଶ୍ଚର୍ଯ୍ୟରେ ମୋତେ ଚାହିଁଲେ । କ'ଣ ଭାବିଥିବେ ଜାଣିନି । ମୋ' ମୁଣ୍ଡର କେଶ ଓ ସାର୍ଟ ମଧ୍ୟ ଅଧାଅଧି ଓଦା ହେଇଯାଇଥିଲା । ଏ କଥାକୁ କିଏ କେମିତି ଗ୍ରହଣ କରିବ ଭାବି ମୁଁ ଚୁପ୍ ରହିଲି । ମେତେ ଲାଗିଲା, ନା ବରଂ ଧାରଣା ହେଲା ଈଶ୍ୱର ଲୁହକୁ ବୁଝନ୍ତି ବା ଡରନ୍ତି । ତା'ପରେ ଆମେ ଜଗନ୍ନାଥ ଦର୍ଶନ କରି ଫେରିଲୁ ଯେ ହେଲେ ସେହି ଘଟଣାଟି ମୋ' ମନରେ ଗୋଟିଏ ଅସମାହିତ ରହସ୍ୟ ହେଇ ରହିଚି ଏ ଯାବତ୍ ।

ଠିକ୍ ତା'ପରବର୍ଷ, ୨୦୧୧ ମସିହା, ଜୁନ୍ ମାସରେ ମୁଁ ଭୀଷଣ ଅସୁସ୍ଥତାର ଶିକାର ହେଲି । ବିଭିନ୍ନ ହସ୍ପିଟାଲ୍ ବୁଲିବୁଲି ପହଂଚିଲି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଯେଉଁଠି ଚିକିତ୍ସା ଠାରୁ ଅର୍ଥ ଶୋଷଣର ଆତଙ୍କ ଅଧିକ । ଏପରିକି ସେଠାକାର କର୍ମଚାରୀମାନଙ୍କର ଦୁର୍ବ୍ୟବହାର, ଅତ୍ୟାଚାରର ଶିକାର ହେଇଚି କେତେଥର । ଝାପସା ମନେଅଛି– ସେଦିନ ପଡ଼ିଥାଏ ରଥଯାତ୍ରା । ମୁଁ ମନେମନେ ଭାବୁଥାଏ ବୋଧହୁଏ ଆଜି ଯେହେତୁ ରଥଯାତ୍ରା, ଜଗନ୍ନାଥ ମୋ' ଡାକ ଶୁଣିବେ । ମୋ' ପରିବାର, ବନ୍ଧୁବାନ୍ଧବ ଓ ମୋ' ଶୁଭାକାଂକ୍ଷୀମାନଙ୍କ ଆକୁଳ ପ୍ରାର୍ଥନା ଶୁଣିବେ । ହୁଏତ ମୋ' ସ୍ୱାସ୍ଥ୍ୟର ଅବସ୍ଥା ଆଜିଠାରୁ ସୁଧୁରିବ । ମାତ୍ର ସେହି ଦିନ ଠାରୁ ହିଁ ମୁଁ ସଂପୂର୍ଣ୍ଣ ଚେତାଶୂନ୍ୟ ହୋଇଗଲି । ଏପରିକି ବାହୁଡ଼ା ଯାତ୍ରା ଦିନ ରାତିରେ ଆମ ଘର ଲୋକ ଓ ପ୍ରିୟଜନମାନଙ୍କ ପାଖକୁ ମୋତେ ଶେଷ ଥର ଦେଖିବା ପାଇଁ ଖବର ପଠାଯାଇଥିଲା, ସେଠାରୁ । ସେହି ଶେଷ ଅବସ୍ଥାରେ ମୃତ୍ୟୁର ଦୁଆରେ ମୁଁ ପ୍ରାୟ ପନ୍ଦର ଦିନ ରହିଲି । ସମସ୍ତେ ଆଶା ଛାଡ଼ିଦେଲେ । ଭଦ୍ରକରେ ମୋ'ର ଛାତ୍ର, ଶିକ୍ଷକ, ସହକର୍ମୀ, ବନ୍ଧୁ, ପରିଜନ ବିଭିନ୍ନ ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାମାନଙ୍କରେ ପ୍ରାର୍ଥନା କରୁଥାନ୍ତି, ଦୀପ ଜାଳୁଥା'ନ୍ତି ମୋ' ପାଇଁ । ବାପା, ମାଆ, ବୁଢ଼ୀ ମା' ଭାଇଭାଉଜ ଓ ଶ୍ୱଶୁରଘର ଲୋକମାନେ ପାଗଳ ପ୍ରାୟ ହେଉଥା'ନ୍ତି, ସ୍ତ୍ରୀ ଅଖଣ୍ଡ ଦୀପ ଜାଳି ମାସେ କାଳ ବସିଥାଏ ଏକାକୀ ଠାକୁର ଘରେ, କବାଟ କିଳି, ପଥର ପ୍ରତିମାଟେ ପରି । ନଅ ବର୍ଷର ଝିଅ ସଞ୍ଜ ସକାଳେ ହନୁମାନ ଚାଳିଶା ପଢୁଥାଏ ଏବଂ ଅନ୍ୟ ସମୟରେ ପ୍ରାୟ କାନ୍ଦୁଥାଏ ଲୁଚି ଲୁଚି । ତା' ଅବସ୍ଥାକୁ ଦେଖିଲେ ସାହି ପଡ଼ିଶାଙ୍କ ଆଖିରେ ବି ଲୁହ ଆସେ । ସେତେବେଳକୁ ମୋ'ର ରାଜ୍ୟ ଓ ରାଜ୍ୟବାହାରର ଓଡ଼ିଆ ସାହିତ୍ୟ ପରିବାରର ଲୋକମାନେ ମଧ୍ୟ ମତେ ବଞ୍ଚେଇବାକୁ ପୂଜାପାଠ ଠାରୁ ଆରମ୍ଭ କରି ବିଭିନ୍ନ ସଂସ୍ଥାରୁ, ବ୍ୟକ୍ତିବିଶେଷଙ୍କ ଠାରୁ ଅର୍ଥ ଯୋଗାଡ କରି ମୋ ପାଇଁ ସହାୟତା ଓ ଆଶୀର୍ବାଦ ସାଉଁଟିବାରେ ବ୍ୟସ୍ତବିବ୍ରତ ହୋଇ ଲାଗି ପଡ଼ିଥାନ୍ତି । ସେମାନଙ୍କ ନାଆଁ ନେଲେ କେଇ ପୃଷ୍ଠା କାଗଜ ନିଅଣ୍ଟ ହେବ । ମୋଟାମୋଟି ମୋତେ ବଞ୍ଚେଇ ରଖିବାର ଏ ଦୁରୁହ ପ୍ରୟାସକୁ ସେମାନେ ମାନି ନେଇଥା'ନ୍ତି ଏକ ଚ୍ୟାଲେଞ୍ଜ୍ ଭାବରେ । କାରଣ ସେତେବେଳେ ପ୍ରଚୁର ଅର୍ଥର ଆବଶ୍ୟକତା ଥାଏ ଏବଂ ଓଡ଼ିଶାର ଏହି ଭଲ ମଣିଷମାନେ ସେହି ଅର୍ଥର ଅଭାବକୁ ଅନୁଭବ କରିବାକୁ ବି ଦେଉ ନଥାନ୍ତି ମୋ ପରିବାରକୁ । ଉଣେଇଶ ଦିନ ପରେ ମୋତେ ସେ ହସ୍ପିଟାଲ୍‌ରୁ ସ୍ଥାନାନ୍ତରିତ କରାଗଲା ଆପୋଲୋ ହସ୍ପିଟାଲ୍, ଭୁବନେଶ୍ୱରକୁ । ତାହା ପୁଣି ବହୁ କଷ୍ଟରେ । କାରଣ ପୂର୍ବର ସେ ଘରୋଇ ହସ୍ପିଟାଲ୍ ମୋତେ ଆପୋଲୋ ନ ଛାଡ଼ିବା ପାଇଁ ବହୁ ଫନ୍ଦିଫିକର କରିଥିଲା ପଇସା ଝାଡ଼ିବା ଲୋଭରେ । ଏବେ ବି ଭାବେ, ସତରେ କ'ଣ ଏପରି ଡାକ୍ତରମାନଙ୍କୁ ଦ୍ୱିତୀୟ ଈଶ୍ୱର ବୋଲି କୁହା ଯାଇପାରେ ?

ଆପୋଲୋରେ ମୁଁ ଗୋଟିଏ ପାଖରେ ମୃତ୍ୟୁ ଓ ଅନ୍ୟ ପାଖରେ ଜଗନ୍ନାଥଙ୍କ ଉପସ୍ଥିତି ଅନୁଭବ କଲି । ଉଭୟ ମୋତେ ପରସ୍ପର ଆଡ଼କୁ ଟାଣୁଥିଲେ । ମୋ'ର ମନେ ଅଛି ବ୍ରଜ ସାର୍ (ପ୍ରଫେସର୍ ବ୍ରଜମୋହନ ମିଶ୍ର ଯିଏ ସବୁ ବେଳେ ପରିଚ୍ଛନ୍ନ ଧଳା ଧୋତିପଞ୍ଜାବୀ ପିନ୍ଧନ୍ତି), ମୁଁ ଓ ମୋ' ବଡ଼ ଭାଇଙ୍କର ଜଣେ ସାଙ୍ଗ (ଆମ ଗାଆଁର) ବଡ଼ ଦେଉଳର ଚୂଡ଼ାରେ ଉପରେ ବସିଚୁ । ଦେଉଳ ଉପରେ ତୁଳସୀ ଗଛରେ ଧଳାଫୁଲ । ପାଣି ମାଡ଼ି ଆସୁଚି ମହା ପ୍ରବଳ, ସ୍ୱଚ୍ଛ ଦେଖା ଯାଉଚି ଅଭୂତ ସେ ବନ୍ୟାଜଳ । ବଡ଼ ଦେଉଳ ବି ବୁଡ଼ିଯିବ । ଆମେ ତିନିହେଁ ତେଣୁ ସ୍ଥିର କରିଚୁ ରତ୍ନସିଂହାସନ ଯେତେବେଳେ ବୁଡ଼ିଯିବ, ଆମେ ମନ୍ଦିର ଚୂଡ଼ାରୁ ଡେଇଁ ପଡ଼ିବୁ ମନ୍ଦିର ଭିତରକୁ, ମନ୍ଦିର ଭିତରର ସେଇ ପ୍ରଳୟ ଜଳକୁ । ମନ୍ଦିର ଛୁଡ଼ାରୁ ମନ୍ଦିର ଭିତରକୁ ସିଧା ଗୋଟେ ବଡ଼ ଫାଙ୍କ ବି ରହିଚି ଯେଉଁଠି ଆମେ ଅପେକ୍ଷା କରିଚୁ । ଚାରି ଆଡ଼େ ପାଣି ଆଉ ପାଣି । ମନ୍ଦିର ମୂଳ ଉପୁଡ଼ି ଯାଉଚି ଓ ଧିରେଧିରେ ମନ୍ଦିର ଦୋହଲୁଚି, ପାଣିରେ ଡଙ୍ଗାଟିଏ ପରି । ହାତରେ କିଛି ଧଳାଧଳା ଦେଖା ଯାଉଥିବା ତୁଳସୀ ଫୁଲଙ୍କୁ ଛିଣ୍ଡେଇ ମୁଁ ଦଳୁଚି । ମୋ' ବଡ଼ଭାଇଙ୍କ ସାଙ୍ଗ ମତେ ବାରଣ କହୁଚନ୍ତି ସେପରି କରିବାକୁ ।

କିଛି କ୍ଷଣ ପରେ ଆମେ ନିଶ୍ଚିତ ହେଇଗଲୁ ଯେ ଏବେ ମନ୍ଦିର ବୁଡ଼ିବ ଓ ତା'ପୂର୍ବରୁ ଆମକୁ ଡେଇଁବାକୁ ପଡ଼ିବ । ପ୍ରଥମେ ମୁଁ ଡାହାଣ ପାଦ ବଢ଼ାଇ ଦେଉଚି ଡେଇଁ ପଡ଼ିବାକୁ ହେଲେ ମନେମନେ ଭାବୁଚି ମତେ କେହି ଅଟକାଇ ଦିଅନ୍ତା କି ! ଅର୍ଥାତ୍ ତାଙ୍କ ସହିତ ଡେଇଁ ପଡ଼ିବାକୁ ସିନା କହିଦେଲି ହେଲେ ଜୀବନ ପ୍ରତି ଲୋଭ ଛାଡୁନି । ଏଣେ ଲାଜରେ ନିଜର ଜୀବନ ପ୍ରତି ମାୟା ଥିବାର ଦୁର୍ବଳତା, ମୋର ସ୍ୱାର୍ଥପରତା ବି ପ୍ରକାଶ କରିପାରୁନି । ମୁଁ ଡେଉଁଚି– ଠିକ୍ ଏତିକିବେଳ ବ୍ରଜ ସାର୍ ମୋ' ହାତଟିକୁ ଧରିପକାଇ କହୁଛନ୍ତି, "ରହ ! ତୁ କ'ଣ ଆଗେ ଡେଉଁଚୁ । ସେମିତି ତ ଆମେ କଥା ହୋଇନଥିଲେ ! ଆଗ ମୁଁ ତା'ପରେ ସେ (ମୋ ବଡ଼ ଭାଇଙ୍କ ସାଙ୍ଗ) ଯିବ । ତତେ ଯୋଉ କଥା କହିଥିଲି ସବୁ କରିଦେଇଚୁ ?" ସତରେ ମୁଁ ଯେମିତି ତାଙ୍କ ଅଟକାଇବାକୁ ମନେମନେ ଅପେକ୍ଷା କରିଥିଲି । କହିଲି, "ନା ସବୁ ସରିନି ।"

"ତୁ ଯା' ସେ ସବୁ ସାରିକି ଆସିବୁ । ଆମ ପରେ ଯିବୁ ।"

ମନ୍ଦିର କାନ୍ଥରେ ଗୋଟିଏ ଝରକା ପରି ଗୁପ୍ତ ବାଟ ଥାଏ । ସେଇ ବାଟଟି ଦେଖେଇ ଦେଇ ମତେ କହିଲେ, "ଏଇ ବାଟେ ପଳେଇ ଯା' । ଭିତର ପଟେ କାନ୍ଥରେ ଯେଉଁ ଥାକ ପରି ଜାଗାଟି ଅଛି ସେଇଠି ପାଣି କମିଯିବା ପର୍ଯ୍ୟନ୍ତ ଅପେକ୍ଷା କର ।" ସେୟା କଲି । ବେଳେବେଳେ ପାଣି ବଢ଼ି ଗୋଡ଼ହାତ ବି ଓଦା ହେଉଥାଏ । ମୁଁ ହଲି ଚଳି ପାରୁନଥାଏ ।

ତା'ପରେ ଅନେକ ଥର ମୁଁ ନିଜକୁ ଦେଖେ ଆମ ଗାଁ ମଶାଣିରେ ଶୋଇଚି ଓ ଯେତେ ଡାକିଲେ ସେ ବାଟରେ ଯାଉଥିବା ଚିହ୍ନାଲୋକ କି ମୋ' ପରିବାରର ଲୋକେ ମୋ' ଡାକ ଶୁଣି ପାରୁନାହାନ୍ତି । ପୁଣି କେତେବେଳେ ଜଣେ ଧଳା ପୋଷାକ ପିନ୍ଧା ସାଧୁ ଆସି ତାଙ୍କ କାଚ ଚକଲଗା ଗାଡ଼ିରେ ନେଇଆସି ମୋତେ ସେହି ମନ୍ଦିର କାନ୍ଥର ସେ ଥାକରେ ଶୁଆଇ ଦେଉଛନ୍ତି । ଏମିତି ଅନେକ ଥର ଏକା ପ୍ରକାରର ଅନୁଭବ ମୋର ହୋଇଛି । ସବୁ କହିଲେ ସରିବ ନାହିଁ ।


ଦିନେ ମୋ'ର ଜଣେ ଅଗ୍ରଜ କଥାକାର (ତତ୍‌କାଳୀନ ସଂସ୍କୃତି ସଚିବ)ଙ୍କୁ ଦେଖିଲି, ମୋ ସାମ୍ନାରେ ଠିଆ ହୋଇଛନ୍ତି । କହୁଛନ୍ତି, "ତୁମେ ବହୁତ ଲଢ଼ିଲଣି । ଆଉ ତୁମର କିଛି ଅସୁବିଧା ହେବନି । ମୁଁ ଡାକ୍ତରଙ୍କ ସହିତ କଥା ହୋଇଚି ।" ଏବଂ ସେଇ ନିର୍ଦ୍ଦିଷ୍ଟ ସମୟଟି ବୋଧହୁଏ ମୁଁ ପୁଣିଥରେ ମୋ'ର ଚେତା ଓ ଇହଜଗତକୁ ଫେରି ଆସିବାର ମୁହୂର୍ତ୍ତ ଥିଲା । କାରଣ ମୁଁ ତାଙ୍କୁ ଚିହ୍ନି ପାରୁଥିଲି, ତାଙ୍କ କଥା ଶୁଣି ପାରୁଥିଲି ଓ ବୁଝି ପାରୁଥିଲି । ହେଲେ ବଡ଼ ଦେଉଳ ଉପରେ ବ୍ରଜ ସାର୍ କେଉଁ କାମ କଥା କହୁଥିଲେ ମୁଁ ଏଯାଏଁ ବୁଝି ପାରିନି । ବୋଧହୁଏ ବୁଝିବାର ସମୟ ଆସିନି ।

ଆଉ ଏଇ ଚିରିତ୍ରମାନେ ? ଯେଉଁମାନ ମୋତେ ପୁଣି ଥରେ ସେମାନଙ୍କ ଗହଣକୁ ଫେରେଇ ଆଣିବାକୁ ଦିନରାତି ଏକ କରି ଦେଇଥିଲେ ? ମୋ ପାଇଁ ସେମାନଙ୍କ ଆଖିରୁ ଝରି ପଡ଼ିଥିବା ଲୁହମାନେ ଈଶ୍ୱରଙ୍କ ପାଦ ତଳେ କମ୍ ବଡ଼ ଦାବିଟିମାନ ହେଇ ପହଂଚି ନଥିବେ ! ସେଇ ଲୋକମାନେ ଦେବଦୂତଙ୍କ ଠାରୁ କୌଣସି ଗୁଣରେ କମ୍ କି ?

ଏ ତ ଗପ ନୁହେଁ । ସତରେ ଦେବତା ଯଦି ସଚ୍ଚା ଲୁହକୁ ବୁଝନ୍ତି, ମଣିଷ ଏଠି ଏମିତି ଦେବଦୂତ ହେଇପାରନ୍ତି, ଈଶ୍ୱରଙ୍କର ଏତେ ଭାବରେ ଏତେ ଆଶୀର୍ବାଦ, ଏତେ ଆଶ୍ୱାସନା ଥାଇ ବି ଜୀବନକୁ ନେଇ ଏତେ ନୈରାଶ୍ୟ କାହିଁକି ?

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



**॥ ଭାଗ-୫ ॥**

# ଆଣିଦେବି ସୁନା ଚଉଁରୀ, ବୋଲେ ହୁଁଟି...



## ନେତାଜୀ ଅଭିନନ୍ଦନ

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

**ସାଧବମାନେ କେବଳ ଓଡ଼ିଶାରେ ଉତ୍ପାଦିତ ଓ ପ୍ରସ୍ତୁତି ଦ୍ରବ୍ୟ ବା ସାମଗ୍ରୀ ସାଙ୍ଗରେ ନେଇ ଯାଉନଥିଲେ । ସାଙ୍ଗରେ ମଧ୍ୟ ନେଇ ଯାଉଥିଲେ ନିଜର ପ୍ରଥା, ପରମ୍ପରା, ଭାଷା, ସଂସ୍କୃତି ଓ ଚଳଣି । ଯେଉଁଠିକି ସାଧବମାନେ ଯାଉଥିଲେ, ସେଠି ଓଡ଼ିଶା ଓଡ଼ିଶା ବାସୁଥିଲା । ସ୍ଥାପିତ ହେଉଥିଲା ସାଂସ୍କୃତିକ ମହାମଣ୍ଡଳ । ସାଂସ୍କୃତିକ ବିଶ୍ୱାୟନର ଆମ ସାଧବମାନେ ଥିଲେ ଆଦ୍ୟ ସୂତ୍ରଧର ।**

କାଳିଆ କୋପ କଲା ନା ଘର ବଇରିଏ ତଣ୍ଟି କାଟିଲେ !

ସମ୍ପତ୍ତି-ଗାଦି ଲୋଭରେ ନିଜ ରାଇଜଟାକୁ ଠେଲି ଦେଲେ ଧ୍ୱଂସ ମୁହଁକୁ ।   ଗଛ-ବୃଛରେ 'ଲୁଥିଲା ପଇସା, ନଈ-ସମୁଦ୍ରରେ ଭାସୁଥିଲା ପଇସା, ଯେତେ ଗୋଟେଇ ପାରିବ, ଗୋଟାଅ । ଅଣ୍ଟି ଭରିକର । ଯଉଠି ଛୁଇଁଲେ ସୁନା ।

ଅଭାବ କ'ଣ ଓଡ଼ିଆଏ ଜାଣିନଥିଲେ । ପ୍ରାଚୁର୍ଯ୍ୟ ପସରା ମେଲିଥିଲା ସବୁଠି ।

ଆମେ ଥିଲୁ ସ୍ୱଚ୍ଛଳ, ବି ବେଶ୍ ସମୃଦ୍ଧ ।

ଆଜି ସିନା ଆମେ ପଛୁଆ ତାଲିକାର ଶୀର୍ଷରେ, ଆଜି ସିନା ଆମେ ଆମ 'ପଛୁଆପଣ'କୁ ଗଳାମାଳି କରି ପିନ୍ଧୁଛୁ, ବିଶ୍ୱର ସମବେଦନା ସାଉଁଟୁଛୁ – ଭୁଲିଗଲେ ଚଳିବନି ଯେ, ଆମର ଜାତି ଦିନେ ଗଢ଼ିଥିଲା କୋଣାର୍କ, ଲିଙ୍ଗରାଜ, ଜଗନ୍ନାଥ ମନ୍ଦିର ଭଳି ଅନନ୍ୟ, ଅପୂର୍ବ, ଅପରୂପ କଳାବିଭବ ଯାହା ଆଜି ବି ବିଶ୍ୱାବାସୀଙ୍କୁ ବିମୋହିତ, ଚମତ୍କୃତ କରୁଛି ।

ଇଏ ସେଇ ସମୟର କଥା, ଯେତେବେଳେ ବିଶ୍ୱ ବାଣିଜ୍ୟ ମାନଚିତ୍ରରେ ଓଡ଼ିଶାର ଥିଲା ଯଥେଷ୍ଟ ଖ୍ୟାତି ଓ ପ୍ରସିଦ୍ଧି । ଦରିଆରେ ଓଡ଼ିଆ ସାଧବପୁଅର ଜାହାଜର ପତାକା ଉଡୁଥିଲା 'ର'ର ହୋଇ; ଗର୍ବରେ, ବଡ଼ିମାରେ । ଯେଉଁମାନେ ଦରିଆପାରି ଜାହାଜ ନେଇ ଯାଉଥିଲେ ବେପାର ବଣିଜ ପାଇଁ, ସେମାନଙ୍କୁ ସାଧବ କୁହାଯାଉଥିଲା । ସାର୍ଥବାହ ଶବ୍ଦରୁ ଆସିଛି ସାଧବ ଶବ୍ଦ ।

ସାଧବମାନେ ଓଡ଼ିଶାରୁ ନେଇ ଯାଉଥିଲେ ହଳଦୀ, ଅଦା, ଜିରା, ଗୋଲମରିଚ, ସୂକ୍ଷ୍ମ ବସ୍ତ୍ର, ସୂତି ବସ୍ତ୍ର, ରତ୍ନ ପଥର; ଏପରିକି ହାତୀ ଓ ହାତୀଦାନ୍ତ ରପ୍ତାନି ହଉଥିବାର ସୂଚନା ମିଳେ । ଓଡ଼ିଶାର ଉପକୂଳ ବନ୍ଦର ମାନଙ୍କରୁ ଶହ ଶହ ଲୋକ ଜାହାଜ ବୋଝେଇ ହୋଇ ଯାଉଥିଲେ ଦେଶ, ବିଦେଶକୁ । ଭାରତର ବିଭିନ୍ନ ଅଞ୍ଚଳରେ ଓଡ଼ିଶାର ପଙ୍ଗାଲୁଣର ଚାହିଦା ବେଶ୍ ଥିଲା । ବସ୍ତ୍ର ବ୍ୟବସାୟରେ ମହାର୍ଘ ବସ୍ତ୍ର ଯଥା ପାଟ, ଟସର, ମଠା, ଖଣ୍ଡୁଆ ଆଦି ଦେଶର ବିଭିନ୍ନ ଆଡ଼େ ଯାଉଥିଲା । ଦରିଆ ପାରି ଦେଶମାନଙ୍କରେ ଓଡ଼ିଶାର ରତ୍ନପଥର ପ୍ରତି ଯଥେଷ୍ଟ ଆଗ୍ରହ ରହିଥିଲା ।

ପ୍ରଚଳିତ ଲୋକୋକ୍ତିରୁ ରପ୍ତାନି ହେଉଥିବା ଦ୍ରବ୍ୟମାନଙ୍କ ବିଷୟରେ ସୂଚନା ମିଳେ, ଯେମିତିକି – "ଅଦା ବେପାରୀର ଜାହାଜ ମୂଲ" ।

ଅର୍ଥ – ଅଦା, ହଳଦୀ, ଗୋଲମରିଚ, ଜିରା ଆଦି ଏତେ ଶସ୍ତାରେ ମିଳୁଥିଲା, ଆଉ ଏତେ କମ୍ ମୂଲ୍ୟରେ ବିକ୍ରି ହେଉଥିଲା ଯେ, ଏଇ ବେପାରୀମାନଙ୍କ ଜାହାଜ କିଣିବା କଥା ଚିନ୍ତା କରିବା ନିତାନ୍ତ ହାସ୍ୟାସ୍ପଦ ଥିଲା ।

॥୨॥

ସେହିପରି- ବହରାମ ଗାଁ ଜରଦାପାଟ
ଖାଇଚୁଙ୍ଗ କଳା ମୁଗୁନି ଟୋକୀ
ଲବଙ୍ଗ କନିଆ ବଇଚି ଟାକି ।

ଅର୍ଥ- ବ୍ରହ୍ମପୁରର ଜରିଦିଆ ପାଟ ଓ ଖିଚିଙ୍ଗର କଳା ମୁଗୁନି ପଥରର ବାସନକୁ



ଲବଙ୍ଗ ଦୀପର କନ୍ୟାଙ୍କ ଭାରି ଆଦର ।

ସାହିତ୍ୟିକମାନେ ବି ସିଂହଳ ଦ୍ୱୀପରେ ସାଧବମାନଙ୍କ କାରବାର ବିଷୟରେ ଲେଖିଛନ୍ତି ।

ଶିରେ କରେ ଦେଇ ଭେଟି ଏତେ ଦ୍ରବ୍ୟ,
ଦେଲା ପ୍ରମୋଦ ଚିତ୍ତରେ ସେ ସାଧବ ।
ମଣିଷ ଚକ୍ଷୁ ନୀଳ, ବ୍ରହ୍ମଜାତି ହୀରା,
ତା'ର ମୁକୁତା, କୁକ୍‌କୁଟ ଡ଼ିମ୍ବ ପରା ।
ଅଛି ସୁମାଣିକ୍ୟ ପଦ୍ମରାଗ ଜାତି,
ଅଷ୍ଟବକ୍ର ପ୍ରବାଳ ହିଁ ପନ୍ତି ପନ୍ତି ।
ଚନ୍ଦ୍ରକାନ୍ତି ପାଷାଣ ନୀଳେନ୍ଦ୍ର ମଣି,
ଲକ୍ଷ୍ମୀ ନାରାୟଣ ଶିଳା ନୋହେ ଗଣି

'ଖୁଲଣା ସୁନ୍ଦରୀ'ରେ ଲେଖାଅଛି –

ମନୋହର ବୋଲି ଏକ ବୋଇତ,
ତକ୍ଷଣେ ସଜ କଲା ନରନାଥ ।
ଅନେକ ଦ୍ରବ୍ୟ ତା'ଭିତରେ ଭରି,
ଶୁଣ୍ଠି ପିପ୍ପଳି ଯେ ପାନ ମହୁରି ।
ଗଞ୍ଜେଇ କର୍ପୂର କସ୍ତୁରୀ ଝୁଣା,
ଜାଇ'ଳ ବଡ଼ଜିରା ଟାଙ୍ଗଣା ।
ଅଷ୍ଟରତ୍ନ ଆଜି ଯେତେକ ଦ୍ରବ୍ୟ,
ବୋଇତ ଭିତରେ ରଖିଲେ ସର୍ବ ।

ପଢ଼ନ୍ତୁ 'ଖୁଲଣା ସୁନ୍ଦରୀ'ର ଆଉ ଠାଏ କ'ଣ ଲେଖାଅଛି –

ତୁମ ପାଶେ ଯିବେ ବୋଲିଣ
ସଜାଡ଼ିଲେ ବେପାର,
ଟଙ୍କା ଲୁଗାଧନ କଉଡ଼ି
ଅଷ୍ଟରତନ ସାର ।

॥ ୩ ॥

ଟାଙ୍ଗଣା ହିଙ୍ଗୁ ମରିଚ ଯେ
ଜିରା କଳାମରିଚ,
ଗଞ୍ଜାଇ କର୍ପୂର କସ୍ତୁରୀ
ମେଥି ରସୁଣ ବଚ ।
ଅଳାଇଚ ତେଜପତର
ନାଗେଶ୍ୱରକୁ ଘେନି,
ଶୁଣ୍ଠି ପିପ୍ପଳୀ ହରିତାଳ
ନୀଳକଡ଼ିକୁ ପୁଣି ।
ପାନମଧୁରି ଯେ ଧନିଆ
କଳାଜିରା ସହିତେ,
ଚିରେଇତା ଜାଇପତ୍ର ସେ
ଜାଇ'ଳ ସେ କେତେ ।
ଅଁମ ସହିତେ ମହୁରା
ମନଶୀଳ ହିଙ୍ଗୁଳ,
ଗୁଡ଼ତ୍ୱକ ଆଦି ଭାଲିଆ
ପୁଣି ସେ ମହାକାଳ ।
ଏମନ୍ତେ ସେ କେତେ ପ୍ରକାର
ସଙ୍ଗେ ବେକାର ଘେନି,
ମେଲାଣି ମାଗିଣ ବୋଇତେ
ବସିଲେକ ସେ ପୁଣି ।

ହଁ, ଆମେ ସବୁଠୁ ଆଗୁଆ ଥିଲୁ । ଆମ ବଣିକ ଓ ସାଧବମାନେ ଜାହାଜରେ ଭଳିକି ଭଳି ଜିନିଷ ବୋଝେଇ ନେଇ ଯାଉଥିଲେ ସାତ ସମୁଦ୍ର ସେପାରି । ଦେଶ-ବିଦେଶର ଲୋକେ ପସନ୍ଦ କରୁଥିଲେ ଆମ ଜିନିଷ, ଆଉ ମନଚାହିଁ ମୂଲ୍ୟ ଦେଇ କିଣି ନେଉଥିଲେ । ଜାହାଜ ପୁଣି ଭର୍ତ୍ତି ହୋଇ ଫେ'ରୁଥିଲା ଘରକୁ । ଐଶ୍ୱର୍ଯ୍ୟ, ସମୃଦ୍ଧି ଓ ପ୍ରାଚୁର୍ଯ୍ୟ ନେଇ ।

ସାଧବ ପୁଅ ପତ୍ନୀକୁ ଭଉଣୀ ଜିମା ଦେଇ ବଣିଜ କରିବାକୁ ଗଲାବେଳେ କହିଦେଇ ଯାଉଥିଲା –

ତୋତେ କି ବୋଇଲା ଗଉରୀ, ବୋଲେ ହୁଁଟି
ଆଣିଦେବି ସୁନା ଚଉଁରୀ, ବୋଲେ ହୁଁଟି
କଳବତୀ ତୋତେ ଲାଗିଲା, ବୋଲେ ହୁଁଟି

॥ ୪ ॥

ତଅପୋଇ କାହାଣୀ ଆପଣମାନଙ୍କର ମନେଥିବ । ଏଠି ଦୋହରେଇବାର ଆବଶ୍ୟକତା ନାହିଁ ।

ସୁଗନ୍ଧି, ମସଲା ଓ ରତ୍ନପଥର ରପ୍ତାନି ପାଇଁ ଓଡ଼ିଶା ବିଶେଷ ପ୍ରସିଦ୍ଧି ଅର୍ଜନ





କରିଥିଲା । ବଲାଙ୍ଗୀର ଜିଲ୍ଲା, ମହାନଦୀର ଶଯ୍ୟା, ହୀରାକୁଦ ଓ ହୀରାଖଣ୍ଡର ଉପତ୍ୟକାରୁ ମିଳୁଥିବା ରତ୍ନପଥରକୁ ଆକର୍ଷଣୀୟ କରିବାର ଯନ୍ତ୍ର ଏବେ ବି ମାଣିକ ଗଡ଼ (କଳାହାଣ୍ଡି- ନୂଆପଡ଼ା ଜିଲ୍ଲା ମଧ୍ୟସ୍ଥ ସୁନାବେଡ଼ା ଜଙ୍ଗଲ)ରେ ପଡ଼ି ରହିଛି । ସାଧବ ପୁଅ ଜାହାଜରେ ଯାଇ ପହଞ୍ଚୁଥିଲେ ସିଂହଳ, ମାଳଦ୍ୱୀପ, ଜାଭା, ସୁମାତ୍ରା ଓ ବାଲିଦ୍ୱୀପରେ । ଓଡ଼ିଶା ଉପକୂଳର 'ମାଣିକପାଟଣା' ବନ୍ଦରରୁ ବଣିକମାନେ ନିୟମିତ ସିଂହଳ ଦ୍ୱୀପ ଯାଉଥିଲେ । 'ଗଞ୍ଜାମ' ନାଁରେ କର୍ଣ୍ଣାଟକ ରାଜ୍ୟରେ ଏବେ ବି ରହିଛି ରତ୍ନପଥର ବ୍ୟବସାୟିକ ପ୍ରତିଷ୍ଠାନ ଯାହାକି ଓଡ଼ିଶାର ଥିବା 'ଗଞ୍ଜା' ବା 'ଗଞ୍ଜାମ' ବନ୍ଦରର ଅବିକଳ ଉଚ୍ଚାରଣ ।

ଏଇ ଥିଲା ଆମ ଓଡ଼ିଶା ।

ସୁନାର ଓଡ଼ିଶା । ବିଭବଶାଳୀ ଓଡ଼ିଶା । ଝକ୍ ମକ୍ କରି ଝଲସୁଥିବା ଓଡ଼ିଶା, ଧନ-ଧାନ୍ୟ-ଗୋପ-ଲକ୍ଷ୍ମୀରେ ଭରପୁର ଓଡ଼ିଶା ।

ନୌ-ବାଣିଜ୍ୟର କ୍ଷେତ୍ରରେ ବିଶେଷ ପରିଚୟ ଓ ସମ୍ମାନ ହାସଲ କରିଥିବା ଓଡ଼ିଶା ଏବଂ ତା'ର ସାଧବ, ଶିଳ୍ପୀ ଓ ଶ୍ରମିକ ଗଣ ।

ସାଧବମାନେ କେବଳ ଓଡ଼ିଶାରେ ଉତ୍ପାଦିତ ଓ ପ୍ରସ୍ତୁତି ଦ୍ରବ୍ୟ ବା ସାମଗ୍ରୀ ସାଙ୍ଗରେ ନେଇ ଯାଉନଥିଲେ । ସାଙ୍ଗରେ ମଧ୍ୟ ନେଇ ଯାଉଥିଲେ ନିଜର ପ୍ରଥା, ପରମ୍ପରା, ଭାଷା, ସଂସ୍କୃତି ଓ ଚଳଣି । ଯେଉଁଠିକି ସାଧବମାନେ ଯାଉଥିଲେ, ସେଠି ଓଡ଼ିଶା ଓଡ଼ିଶା ବାସୁଥିଲା । ସ୍ଥାପିତ ହେଉଥିଲା ସାଂସ୍କୃତିକ ମହାମଣ୍ଡଳ । ଅନ୍ୟ ଅର୍ଥରେ ଶହ ଶହ ବର୍ଷ ପୂର୍ବେ ଆମ ଓଡ଼ିଆମାନେ ହିଁ ଦରିଆପାରିରେ ଗଢ଼ିଥିଲେ ଛୋଟ ଛୋଟ 'ସାଂସ୍କୃତିକ' ଉପନିବେଶମାନ । ସାଂସ୍କୃତିକ ବିଶ୍ୱାୟନର ଆମ ସାଧବମାନେ ଥିଲେ ଆଦ୍ୟ ସୂତ୍ରଧର ।

ବ୍ରହ୍ମଦେଶ, ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ଶ୍ୟାମଦେଶ ଓ ମାଲେସିଆରେ ଆଜି ବି ଓଡ଼ିଆ ଚଳଣି ଓ ସଂସ୍କୃତିର ପ୍ରଭାବ ଦେଖିବାକୁ ମିଳେ ।

ବୌଦ୍ଧଧର୍ମ ଓଡ଼ିଶାରୁ ସମୁଦ୍ର ପଥରେ ଯାଇ ପହଞ୍ଚିଥିଲା ବିଶ୍ୱ ଦରବାରରେ । ଅଶୋକଙ୍କ ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରା ଏଠାରୁ ବୁଦ୍ଧଙ୍କର ଦନ୍ତାବଶେଷ ନେଇ ସିଂହଳ ଯାଇଥିଲେ । ସେହିପରି ହିନ୍ଦୁ ପୁରାଣ ଧର୍ମଗ୍ରନ୍ଥ ଥାଇଲାଣ୍ଡ, ଜାପାନ, ଚୀନ୍, ମାଲେସିଆ ଓ କାମ୍ବୋଡ଼ିଆରେ ପହଞ୍ଚିଥିଲା ସେଇ ସମୁଦ୍ରପଥରେ ।

ଧନଶାଳୀ, ସମୃଦ୍ଧ ଓଡ଼ିଶା ଉପରେ ଲୋଲୁପ ଦୃଷ୍ଟି ଥିଲା ଉଭୟ ମୋଗଲ ଓ ଆ'ଗାନ୍‌ଙ୍କର ।

॥ ୫ ॥

ଓଡ଼ିଶାକୁ ହାସଲ କରିବା ପାଇଁ ସେମାନଙ୍କ ଭିତରେ ଚାଲିଥିଲା ଘମାଘୋଟ, ଜୋରଦାର ଭିଡ଼ାଭିଡ଼ି । ୧୫୬୮ରେ ସୁଲେମାନ କର୍‌ରାନୀଙ୍କ ହାତରେ ମୁକୁନ୍ଦଦେବଙ୍କ ପରାଜୟ ପରେ ଓଡ଼ିଶା ଶାସନ ଆ'ଗାନମାନଙ୍କ ହାତକୁ ଗଲା ।

ଓଡ଼ିଶା ଜିତିବାର ଚାରିବର୍ଷ ଭିତରେ, ୧୫୭୨ରେ, କର୍‌ରାନୀ ପ୍ରାଣ ହରେଇଲେ ଓ ତାଙ୍କ ପୁଅ ବାୟାଜିଦ୍ ଶାସନ ଗାଦିରେ ବସିଲେ ।

ସେ ବି ବେଶିଦିନ ତିଷ୍ଠିଲେନି । ଗାଦିରେ ବସିବାର କିଛିଦିନ ଭିତରେ ହିଁ ଭିଣୋଇ ହନସୁ ହାତରେ ତା'ର ପ୍ରାଣ ଗଲା ।

ଓଡ଼ିଆଙ୍କର ଅଭିଶାପ ଫଳୁଥିଲା କି କ'ଣ !

ଗାଦିରେ ବସିବା ପରେ ଦାଉଦ୍ ମୋଗଲ ବଶ୍ୟତାକୁ ଅସ୍ୱୀକାର କରି ନିଜକୁ 'ସ୍ୱାଧୀନ' ବୋଲି ଘୋଷଣା କଲେ ।

ଦାଉଦ୍‌ଙ୍କ ବିଦ୍ରୋହ ଦମନ ପାଇଁ ମୋଗଲ ସମ୍ରାଟ୍ ଆକବର ସେନାପତି ମୁନିମ୍ ଖାଁଙ୍କୁ ବିହାରକୁ ଓ ସୁଦକ୍ଷ ସେନାପତି ତୋଡ଼ରମଲ୍ଲଙ୍କୁ ଓଡ଼ିଶା ପଠାଇଲେ । ସେମାନେ ବିଦ୍ରୋହ ଦମନ କରିନପାରିବାରୁ, ସ୍ୱୟଂ ଆକବର ଅଭିଯାନର ନେତୃତ୍ୱ ନେବାକୁ ମୁର୍ସିଦାବାଦରେ ଆସି ପହଞ୍ଚିଲେ ।

ଆତ୍ମରକ୍ଷା ପାଇଁ ଦାଉଦ ପଳେଇଲେ ଓଡ଼ିଶା ।

ତାଙ୍କ ପଛରେ ଗୋଡ଼େଇଲେ ମୁନିମ୍ ଖାଁ ଓ ରାଜା ତୋଡ଼ରମଲ୍ଲ ।

ସେମାନେ ଜଳେଶ୍ୱରରେ ପହଞ୍ଚିବା ବେଳକୁ ଦାଉଦ ଯାଇ ପହଞ୍ଚିଥିଲେ କଟକରେ ।

ବିଲେଇ-ମୂଷା ଖେଳ ଚାଲିଥିଲା ।

ଶେଷରେ ସନ୍ଧି ସ୍ୱାକ୍ଷରିତ ହେଲା ।

ଉପହାର ସ୍ୱରୂପ ବାୟାଜିଦ୍ ଓ ପୁତୁରା ଶେଖ୍ ମହମ୍ମଦଙ୍କୁ ପଣବନ୍ଦୀ ଭାବରେ ମୁନିମ୍ ଖାଁ ଦିଲ୍ଲୀ ନେଇଗଲେ ।

ବଙ୍ଗଳା ଆକବରଙ୍କ ଅଧୀନତା ସ୍ୱୀକାର କଲା । ମୁନିମ୍ ହେଲେ ବଙ୍ଗଳାର ନୂଆ ଶାସକ । ଓଡ଼ିଶା ରହିଲା ଦାଉଦଙ୍କ ପାଖରେ ।

୧୯୭୬ରେ ମୁନିମ୍ ଖାଁଙ୍କର ମୃତ୍ୟୁ ହେଲା । ମୁନିମ୍‌ଙ୍କ ମୃତ୍ୟୁର ସୁଯୋଗ ନେଇ ଦାଉଦ ପୁଣିଥରେ ବଙ୍ଗଳା ଦଖଲ କରିବାକୁ ଆଗଭର ହେଲେ ।

ଚୁକ୍ତି ଭାଙ୍ଗିଗଲା ।

ଅହଙ୍କାର ଓ ମହତ୍ତ୍ୱାକାଂକ୍ଷା ଆଗରେ କୌଣସି ଚୁକ୍ତି କାଏମ୍ ରହେନି ।

ହେଲେ, ବିଦ୍ରୋହ ସଫଳ ହେଲାନି ।


॥ ୬ ॥

ବଙ୍ଗର ରାଜମହଲ ଠାରେ ଦାଉଦ ମୋଗଲ ସେନା ହାତରେ ପରାଜିତ ହେଲେ ।

ଓଡ଼ିଶା ଆସିଲା ମୋଗଲମାନଙ୍କ ଅଧୀନକୁ । କିୟା ଖାଁ ଓଡ଼ିଶାର ଗଭର୍ଣ୍ଣର ରୂପେ ମୋଗଲମାନଙ୍କ ଦ୍ୱାରା ନିଯୁକ୍ତ ହେଲେ । ହେଲେ, ଆଫଗାନ ପୁରାପୁରି ଓଡ଼ିଶାର ଆଶା ଛାଡ଼ିନଥିଲେ ।

ମଝିରେ ମଝିରେ ବିଦ୍ରୋହ ମୁଣ୍ଡ ଟେକୁଥିଲା । ରକ୍ତ ବୋହୁଥିଲା । ଶାନ୍ତି ଥିଲା କୌଣସି ଆଫ୍ରିକୀୟ ମରୁଭୂମିର ମରୀଚିକା ଭଳି — ପାଖକୁ ଗଲାମାନେ ଉଭେଇ ଯାଉଥିଲା ।

**(ଏ ଲେଖାରେ ପ୍ରତିଫଳିତ ତଥ୍ୟ, ସୂଚନା, ମତ ଓ ମନ୍ତବ୍ୟ ସଂପୃକ୍ତ ଲେଖକଙ୍କର ନିଜସ୍ୱ ଅଟେ । ଏହା 'ରେବତୀ ଆମ ମାଟିର ସ୍ୱର' ପତ୍ରିକାର ମତ ନୁହେଁ ବୋଲି ବିବେଚିତ ହେବ ।)**



# ॥ ୩ ॥

# ବୁଦ୍ଧି ବଡ଼ ନା ବଳ



ଡକ୍ଟର ବିବୁଧରଂଜନ
ତଳମାଳି ସାହି, ପୁରୀ
ଫୋନ : ୯୯୩୭୬୪୯୮୯୪

ସିଂହ ପିଙ୍ଗଳକ ଠାରୁ ଆଶ୍ୱାସନା ପାଇଯିବା ପରେ ବିଲୁଆ ଦମନକ ନଦୀ କୂଳରେ ରଡ଼ି ଛାଡୁଥିବା ବଳଦ ସଂଜୀବକ ପାଖରେ ପହଞ୍ଚି କହିଲା- "ଆରେ ଦୁଷ୍ଟ ବଳଦ, ମୋ ସ୍ୱାମୀ ପିଙ୍ଗଳକ ତୋତେ ତାଙ୍କ ପାଖକୁ ଡାକୁଛନ୍ତି ।" ସଂଜୀବକ ବଳଦ ପଚାରିଲା- "ଏ ପିଙ୍ଗଳକ କିଏ ସେ ? ମୁଁ ତ ତାଙ୍କୁ ଜାଣିନାହିଁ ।" ବିଲୁଆ କହିଲା- "ତୁ ପିଙ୍ଗଳକକୁ ଜାଣିନାହୁଁ ? ସେ ହେଉଛି ଏ ଜଙ୍ଗଲର ରାଜା ।" ଏକଥା ଶୁଣିବା ମାତ୍ରକେ ସଂଜୀବକର ପ୍ରାଣ ଶୁଖିଗଲା ପରି ଲାଗିଲା । ବିଲୁଆ ଦମନକ ସାମ୍ନାରେ ବଡ଼ କାକୁତି ମିନତି ହୋଇ ବଳଦ ସଂଜୀବକ କହିଲା- "ମିତ୍ର ! ତୁ ଯଦି ମୋତେ ଜଙ୍ଗଲର ରାଜା ସିଂହ ପିଙ୍ଗଳକ ପାଖକୁ ନେବାକୁ ଚାହୁଁଛୁ ତେବେ ମୋତେ କଥା ଦେ ସେ ମୋର କୌଣସି କ୍ଷତି କରିବେ ନାହିଁ ।" ଏକଥା ଶୁଣି ବିଲୁଆ କହିଲା- "ତୁ ଠିକ୍ କଥା କହିଛୁ । ତୁ ଏହିଠାରେ ଅପେକ୍ଷା କର୍, ମୁଁ ଯାଇ ସିଂହ ଠାରୁ ତୋ ପାଇଁ ଅଭୟ ବଚନ ନେଇକରି ଆସୁଛି ।"

ବିଲୁଆ ଦମନକ ସିଂହ ପାଖକୁ ଯାଇ କହିଲା- "ସ୍ୱାମୀ, ନଦୀ କୂଳରେ ହୁଁକାର ଛାଡୁଥିବା ସେହି ଜୀବଟି କୌଣସି ସାଧାରଣ ଜନ୍ତୁ ନୁହେଁ । ସେ ହେଉଛି ଭଗବାନଙ୍କର ବାହନ ବଳଦ । ସେ କହୁଛି ଯେ ଭଗବାନ କୁଆଡ଼େ ତା ଉପରେ ପ୍ରସନ୍ନ ହୋଇ ତାକୁ ଏହି ଯମୁନା ନଦୀ କୂଳକୁ କଅଁଳିଆ ଘାସ ଖାଇବାକୁ ଏବଂ ଏହି ଜଙ୍ଗଲରେ ବୁଲାଚଲା କରିବାକୁ ପଠାଇଛନ୍ତି ।" ବିଲୁଆ କଥା ଶୁଣି ସିଂହ ସାମାନ୍ୟ ଡରିଗଲା ଭଳି ଲାଗିଲା । କହିଲା- "ତୁ ତାକୁ କ'ଣ କହିଲୁ ?" ବିଲୁଆ କହିଲା- "ମହାରାଜ, ଆପଣ ଅଭୟ ବଚନ ଦେଲେ ମୁଁ ତାକୁ ଆପଣଙ୍କ ପାଖକୁ ନେଇ ଆସିବି ବୋଲି କହିଛି ।" ସିଂହ ପିଙ୍ଗଳକ ବହୁତ ଖୁସୀ ହୋଇ କହିଲା- "ଦମନକ ତୁ ମୋ ହୃଦୟର କଥା କହିଛୁ । ଯା, ଶୀଘ୍ର ତାକୁ ମୋ ପାଖକୁ ନେଇ ଆ ।"

ବଳଦ ସଂଜୀବକ ପାଖରେ ପହଞ୍ଚି ବିଲୁଆ ଦମନକ କହିଲା- "ମିତ୍ର, ମୋ ସ୍ୱାମୀ ସିଂହ ପିଙ୍ଗଳକ ତୁମକୁ ଅଭୟବଚନ ଦେଇଛନ୍ତି । ସେ ତୁମର କୌଣସି ପ୍ରକାରରେ କ୍ଷତି କରିବେ ନାହିଁ । ବରଂ ବନ୍ଧୁତାର ସହ ତୁମେ ତାଙ୍କ



ପାଖରେ ରହିବ । କିନ୍ତୁ ମିତ୍ର ରାଜପ୍ରାସାଦରେ ରହିଲା ପରେ ମୋତେ ଯେମିତି ଭୁଲି ନ ଯାଅ । ମୋ ସହ ବନ୍ଧୁତା ରଖିବ । ମୁଁ ତୁମରି ସଂକେତରେ ମନ୍ତ୍ରୀ ଭାବରେ ଏ ରାଜ୍ୟ ଚଳାଇବି । ଆମେ ଦୁହେଁ ମିଶି ଏ ରାଜ୍ୟକୁ ଭୋଗ କରିବା ।” ଦୁହେଁ ବିଲୁଆ ଆଉ ବଳଦ ଯାଇ ସିଂହ ପାଖରେ ପହଞ୍ଚିଲେ । ସିଂହ ପିଙ୍ଗଳକ ବଳଦ ସଂଜୀବକକୁ ସ୍ୱାଗତ କଲା । ସଂଜୀବକ କେଉଁ ଅବସ୍ଥାରେ ଆସି ଜଙ୍ଗଲରେ ପହଞ୍ଚିଛି ସବୁ ଶୁଣିଲା ପରେ ସିଂହ କହିଲା– “ମିତ୍ର ! ଆଦୌ ଡର ନାହିଁ । ଏ ଜଙ୍ଗଲ ହେଉଛି ମୋରି ରାଜ୍ୟ । ମୋ ଛତ୍ରଛାୟା ତଳେ ଆଶ୍ରିତ ତୁମର କୌଣସି କ୍ଷତି କୌଣସି ପଶୁ କରିବାକୁ ସାହାସ କରି ପାରିବେ ନାହିଁ । ତଥାପି ଖୁବ୍ ଭଲ ହେବ ତୁମେ ସବୁବେଳେ ମୋ ପାଖେ ପାଖେ ରହିଥିବ । ବଣ ଭିତରେ ଅନେକ ଭୟଙ୍କର ପଶୁ ରହୁଛନ୍ତି । କେତେବେଳେ କେଉଁକଥା ଘଟିଯିବ କିଏ କହି ପାରିବ ? ସହଜେ ତ ତୁମେ ହେଲ ନିରାମିଷ ଭୋଜୀ ପ୍ରାଣୀ ।”

ସିଂହ ଏବଂ ବଳଦର ଏହି ମିତ୍ରତା ପରେ କିଛିଦିନ ପାଇଁ ଜଙ୍ଗଲର ଶାସନ ବସ୍ତୁତଃ ଦୁଇ ବିଲୁଆ କରଟକ – ଦମନକ କରିବାକୁ ଲାଗିଲେ । ସମୟ ବିତିବା ସହ ସିଂହ ଏବଂ ବଳଦ ମଧ୍ୟରେ ଦିନକୁଦିନ ବନ୍ଧୁତା ପ୍ରଗାଢ଼ ହେବାକୁ ଲାଗିଲା । ବଳଦ ସଂଜୀବକକୁ ଏକ ଭଦ୍ର, ନମ୍ର, ଖୁବ୍ ଭଲ ସ୍ୱଭାବର ବନ୍ଧୁ ଭାବରେ ସିଂହ ଗ୍ରହଣ କରିନେଲା । ଫଳ ହେଲା କଣ ନା – ପ୍ରତି କଥାରେ, ରାଜ୍ୟ ଶାସନରେ ସିଂହ ପିଙ୍ଗଳକ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେବଳ ବଳଦ ସଂଜୀବକ ସହ ପରାମର୍ଶ କରି ନେବାକୁ ଲାଗିଲା । ସିଂହ ରାଜ୍ୟ ଶାସନରେ ଜଙ୍ଗଲର ଅନ୍ୟାନ୍ୟ ପଶୁ ମାନଙ୍କର ପରାମର୍ଶକୁ ଉପେକ୍ଷା କରିବାକୁ ଲାଗିଲା । ମନ୍ତ୍ରୀ ଦମନକ ବିଲୁଆ ମଧ୍ୟ ସିଂହର ଉପେକ୍ଷାର ପାତ୍ର ହେଲା । ଧୀରେ ଧୀରେ ବିଲୁଆର ମନ ଭିତରେ ବଳଦ ପ୍ରତି ଈର୍ଷାର ନିଆଁ ଜଳିବାକୁ ଆରମ୍ଭ କରିଦେଲା । ଏହା ବ୍ୟତୀତ ସିଂହ – ବଳଦର ଏହି ମିତ୍ରତାର ଆଉ ଏକ ଦୁଷ୍ପରିଣାମ ଏୟା ହେଲା ଯେ – ସିଂହ ଦିନକୁ ଦିନ ଶିକାର କାର୍ଯ୍ୟରେ ହେଳା କରିବାକୁ ଲାଗିଲା । କରଟକ – ଦମନକ ଦୁଇ ବିଲୁଆ ସାଧାରଣତଃ ସିଂହ ଶିକାର କରି ଖାଇଥିବା ବଳକା ଉଚ୍ଛିଷ୍ଟ ମାଂସକୁ ଖାଇ ଜୀଉଁଥିଲେ । ସିଂହର ଶିକାର ଯେତେବେଳେ କମ୍ ହେବାକୁ ଲାଗିଲା – ଏ ଦୁଇ ବିଲୁଆ ଭୋକରେ ରହିବାକୁ ଲାଗିଲେ । ଭୋକ ପେଟରେ କେତେ ଦିନ ରହିହେବ ? ଦୁହେଁ ଏଥିପାଇଁ ଉପାୟ ପାଞ୍ଚିଲେ ।

ବିଲୁଆ ଦମନକ କହିଲା– “କରଟକ ଭାଇ, ଇଏ ତ ଅନର୍ଥ ହୋଇଗଲା । ସିଂହ ଦୃଷ୍ଟିରେ ମହତ୍ୱ ପାଇବା ପାଇଁ ତ ମୁଁ ଏସବୁ ଡ୍ରାମା ଆରମ୍ଭ କରିଥିଲି । ଏହି ଉଦ୍ଦେଶ୍ୟରେ ବଳଦ ସଂଜୀବକକୁ ମୁଁ ସିଂହ ସହ ମିଳାଇ ଥିଲି । କିନ୍ତୁ ଏବେ ତ ମୁଁ ଦେଖୁଛି ଫଳ ପୁରାପୁରି ବିପରୀତ ହେବାକୁ ଲାଗୁଛି । ବଳଦକୁ ପାଇଯିବା ପରେ ସିଂହତ ଆମକୁ ପୁରାପୁରି ଭୁଲି ଯିବାକୁ ବସିଲାଣି । ଏପରିକି ନିଜ କାମ ମଧ୍ୟ ସେ ଆଉ ଠିକ୍ ଠାକ୍ ଭାବେ କରୁ ନାହାନ୍ତି ।” କରଟକ ବିଲୁଆ ସାଥୀ ବିଲୁଆ ଦମନର ଦୁଃଖ କଥା ଶୁଣି କହିଲା– “କିନ୍ତୁ ଏଥିରେ ଦୋଷ କାହାର ? ତୁ ତ ଏ ଦୁହିଁଙ୍କର ଭେଟ କରେଇ ଥିଲୁ । ଏବେ ତୁ ନିଜେ କୌଣସି ଉପାୟ ବାହାର କର ଯଦ୍ୱାରା ଦୁହିଁଙ୍କ ମଧ୍ୟରେ ଶତ୍ରୁତା ଆସିଯିବ ।”

ଦମନକ କୁଟିଳ ହସ ହସି କହିଲା– “ଯିଏ ଦୁହିଁଙ୍କ ଭିତରେ ମିତ୍ରତା ଆଣିଥିଲା ସିଏ ମଧ୍ୟ ଶତ୍ରୁତା ଆଣି ଦେଇ ପାରିବ ।” କରଟକ ସାଥୀ ବିଲୁଆକୁ ସାବଧାନ କରାଇ ଦେଇ କହିଲା– “ଦେଖ୍, ଯଦି ତୋର ଏହି ଯୋଜନା ବାବଦରେ କିଏ ଜାଣିଯିବ ତେବେ ତୋର ବଡ଼ ଅସୁବିଧା ହେବ । ଏକଥା ମନେ ରଖିଥା ।” ଦମନକ କହିଲା– “ମୋତେ ଏତେ କଞ୍ଚା ଖେଳାଳି ବୋଲି ଭାବନାହିଁ । ମୋର ବୁଦ୍ଧି କୌଶଳ ସବୁକିଛି କରିଦେଇ ପାରିବ । ବୁଦ୍ଧିର ବଳରେ ଅସମ୍ଭବ ବି ସମ୍ଭବ ହୋଇ ଯାଇ ପାରିବ । ଯେଉଁ କାର୍ଯ୍ୟ ଶାସ୍ତ୍ର ଏବଂ ଅସ୍ତ୍ର ଦ୍ୱାରା ହୋଇ ପାରେ ନାହିଁ ତାହା ବୁଦ୍ଧି ଦ୍ୱାରା ହୋଇ ପାରିଥାଏ । ଯେପରି ସୁନାର ହାର ଦ୍ୱାରା କାକପତ୍ନୀ କଳା ବିଷଧର ସାପକୁ ମାରିଥିଲା ।” କରଟକ ପଚାରିଲା– “କିପରି ?” ଦମନକ ‘ବିଲୁଆ ସାପ ଏବଂ କାଉ’ର କାହାଣୀ ଶୁଣାଇଲା ।

ଗୋଟିଏ ଜଙ୍ଗଲରେ ଏକ ବରଗଛର ଖୋଲ ଭିତରେ ଗୋଟିଏ କାଉ ଏବଂ ତାର ପତ୍ନୀ ସାଙ୍ଗ ହୋଇ ରହୁଥିଲେ । ସେହି ବରଗଛର ତଳେ ଗୋଟିଏ ବିଷଧର କଳାସାପ ମଧ୍ୟ ରହୁଥିଲା । କାଉ ଯେବେ ବି ଛୁଆ ଦେଉଥିଲା– ଅଣ୍ଡା ଭିତରୁ ଛୁଆ ଫୁଟି ବାହାରିବା ମାତ୍ରକେ ସାପଟି ଓର ଉଣ୍ଡି ଯେତେବେଳେ ମା, ବାପା କାଉ ଛୁଆମାନଙ୍କ ପାଇଁ ଖାଦ୍ୟ ସଂଗ୍ରହ କରିବାକୁ ବାହାରକୁ ଯାଆନ୍ତି ଭାରି ସେତିକିବେଳେ କଳାସାପ ଛୁଆମାନଙ୍କୁ ମାରି ଖାଇ ଦେଉଥିଲା । ପ୍ରତିଥର ଏଇମିତି ହେଉଥାଏ । ନିଜ ଛୁଆମାନଙ୍କର ଏପରି ମରଣ ଦେଖି କାଉ ପତିପତ୍ନୀ ବଡ଼ ମନ ଦୁଃଖରେ କାଳାତିପାତ କରୁଥାଆନ୍ତି । ସେହି ବରଗଛ ତଳେ ଗୋଟିଏ ବିଲୁଆ ମଧ୍ୟ ତା ପରିବାର ସହ ରହୁଥିଲା । ଶେଷରେ ଦିନେ ବଡ଼ ଚିନ୍ତିତ ହୋଇ କାଉ ପତିପତ୍ନୀ ଗଛ ତଳେ ରହୁଥିବା ବିଲୁଆ ଆଗରେ ସେମାନଙ୍କର ଦୁଃଖ ଜଣାଇଲେ । ଏହା ମଧ୍ୟ କହିଲେ ଯେ ବିଲୁଆ ଭାଇ – ସାପ ରହୁଥିବା ଗୃହ ସବୁବେଳେ ପ୍ରାଣଘାତକ ହୋଇଥାଏ ।

ବିଲୁଆ କାଉ ଠାରୁ ସମସ୍ତ ବୃତ୍ତାନ୍ତ ଶୁଣିବା ପରେ କହିଲା, “ଏହାର ସମାଧାନ ବଡ଼ ଚତୁରତାର ସହ କରିବାକୁ ପଡ଼ିବ । ଶତ୍ରୁ ଉପରେ ଉପାୟ ଦ୍ୱାରା ବିଜୟ ପାଇବା ଅଧିକ ସହଜ ହୋଇଥାଏ । ଥରେ ଗୋଟିଏ ବଗ ଦୀର୍ଘଦିନ ଧରି ଅନେକ ଉତ୍ତମ, ମଧ୍ୟମ, ଅଧମ ମାଛମାନଙ୍କୁ ମାରି ଖାଇବା ପରେ ମଧ୍ୟ ଲୋଭର ବଶବର୍ତ୍ତୀ ହୋଇ ଗୋଟିଏ କଙ୍କଡ଼ା ହାତରେ ଉପାୟ ଦ୍ୱାରା ମରା ଯାଇଥିଲା ।” କାଉ ଦୁହେଁ ପଚାରିଲେ– “କିପରି ?”

ବିଲୁଆ କହିଲା, “ତେବେ ଶୁଣ ।”




# ମାହେଶ୍ୱରୀଙ୍କ ସ୍ୱପ୍ନ



**ସ୍ୱାଗତିକା ସେଠୀ**

କେଶରୀ ଏନକ୍ଲେଭ୍-୧୦୫, ୟୁନିଟ-୮
ନୂଆସାଇ, ଭୁବନେଶ୍ୱର-୭୫୧୦୧୨
ଫୋନ୍ - ୯୪୩୭୮୧୫୫୪୦

ମାହେଶ୍ୱରୀ ଦେବୀ ରକିଂ ଚେୟାର୍ ରେ ସେମିତି ଝୁଲୁଥିଲେ। ଘଂଟି ଶବ୍ଦ ରକିଂ ଚେୟାର୍‌ର ପେଣ୍ଡୁଲାମ୍ ଗତିକୁ ସ୍ଥିର କରିଦେଲା। ତଳେ ଠାକୁରଘରେ ମୋନୁ ଶଂଖ ଫୁଙ୍କିଲାଣି। ମାହେଶ୍ୱରୀ ଦେବୀ ସଚେତନ ହେଲେ, ସନ୍ଧ୍ୟା ନଇଁ ଆସିଲାଣି ତେବେ। ଯଦିଓ ତାଙ୍କ ଆଖି ଖୋଲା ଥିଲା ତଥାପି କେତେବେଳୁ ପ୍ରଶସ୍ତ ହଲ୍‌ଟା ଅନ୍ଧାରୁଆ ହୋଇଗଲାଣି ସେ ଜାଣିପାରି ନଥିଲେ। ହଠାତ୍ ହଲ୍‌ଟି ଆଲୋକିତ ହୋଇଗଲା। ଟିକିଏ ସଳଖି ବସିଲେ ମାହେଶ୍ୱରୀ ଦେବୀ। ବାସନ୍ତି ଚା' କପ୍ ଟ୍ରେ'ରେ ଧରି ତାଙ୍କ କଡ଼ରେ ଆସି ଠିଆ ହୋଇଗଲାଣି। ତାକୁ କ'ଣ କହିବେ କହିବେ ହୋଇ କପ୍ ଟ୍ରେ'ରୁ ଉଠାଇଛନ୍ତି ତ ମୋନୁ ଓ ସାନୁ ତାଙ୍କ ଆଡ଼କୁ ଆସୁଥିବାର ଆଭାସ ସେ ପାଇଲେ। କପ୍ ପୁଣି ଟ୍ରେ'ରେ ରଖିଦେଲେ। ବାସନ୍ତି ଟିକିଏ ଘୁଞ୍ଚିଗଲା। ମୋନୁ ଓ ସାନୁ ଆସି ମାହେଶ୍ୱରୀ ଦେବୀଙ୍କ ପାଦ ପାଖେ ବସିଗଲେ। ତାଙ୍କ ଆଖି ପିଲାଦୁହିଁଙ୍କ ମୁହଁକୁ ଠିକ୍ ତଉଲି ଆଣିଥିଲା। ତାଙ୍କ ଆଖିରେ ଲୁହ ଜକେଇ ଆସିଲା। ଆଉ ଏହା ମୋନୁ ଓ ସାନୁଙ୍କୁ ଦୁର୍ବଳ କରିଦେବାକୁ ଯଥେଷ୍ଟ ଥିଲା। ପିଲା ଦୁହେଁ ମା' କୋଳରେ ମୁଣ୍ଡ ରଖି କଇଁ କଇଁ ହୋଇ କାନ୍ଦି ଉଠିଲେ। "ମା' ଆପଣ ଏମିତି ଭାଙ୍ଗି ପଡ଼ିଲେ କେମିତି ଚଳିବ କହିଲେ? ଏ ଅସମୟରେ ଆପଣ ସିନା ଦମ୍ଭ ଧରିଲେ ଘର ଚାଲିବ। ସାନୁବାବୁ ଉଠ। ତୁମେ ପରା ଭେଣ୍ଡିଆଟେ ହେଲଣି, ଏମିତି ଅଧୈର୍ଯ୍ୟ ହେଲେ କେମିତି ହେବ? ମୋନୁ ମା', ମୋ ସୁନାଟା ପରା ଉଠ। କ'ଣ ଆଉ କରିବା? ଭଗବାନ ଏମିତି ଦଣ୍ଡ ଦେଲେ। ଆମ ହାତରେ କ'ଣ ଅଛି? ତାଙ୍କ ଆଦେଶକୁ ମୁଣ୍ଡପାତି ସହିନେବା କଥା। ଏଇ କିଛିଦିନ ହେଲା ଖିଆପିଆର କିଛି ଠିକ୍ ନାହିଁ। ନିଜ ଦେହକୁ ଜଗି ନ ଚଳିଲେ କେମିତି ହେବ? ଗଲା ଲୋକ ତ ଗଲା। ଏବେ ଛାତିକୁ ପଥର କରି ଚଳିବାକୁ ହେବ। ଉଠ ମା', ଉଠ। ଚା' କେତେବେଳୁ ଥଣ୍ଡା ହୋଇଗଲାଣି। ମୁଁ ଆଉ କପେ କରି ଆଣୁଛି। ମୋନୁ ମା', ସାନୁବାବୁ ଆସ। ମୁଁ ସୁପ୍ କରି ଡାଇନିଂ ଟେବୁଲ୍ ରେ ରଖି ଆସିଛି। ସେ ମଧ୍ୟ ଥଣ୍ଡା ହୋଇ ଯିବଣି।" ବାସନ୍ତି କାନିରେ ଆଖି ପୋଛୁ ପୋଛୁ ଥଣ୍ଡା ଚା' କପ୍ ଧରି ତଳକୁ ଓହ୍ଲାଇ ଯାଇଥିଲା।

ଦୀର୍ଘ ନିଃଶ୍ୱାସଟେ ଛାଡିଥିଲେ ମାହେଶ୍ୱରୀ ଦେବୀ। ମୋନୁ ଓ ସାନୁ ତାଙ୍କ କୋଳରେ ମୁଣ୍ଡ

ରଖି ସେମିତି ବାସିଥା'ନ୍ତି । ସେ ପିଲା ଦୁହିଁଙ୍କ ମୁଣ୍ଡରେ ହାତ ବୁଲାଇ ଆଣୁ ଆଣୁ କହିଲେ, "କ'ଣ କରିବା ? ଭାଗ୍ୟ ତ ଆମର ଏମିତି । ଜୀବନ ମୋତେ ଆଉ କେତେ ଦୁଃଖ ଦେଖାଇବ କେଜାଣି ? ଏବେ ମୋ ମୁଣ୍ଡରେ ଘର ବାହାର, ତୁମ ଦୁହିଁଙ୍କର, ସମସ୍ତଙ୍କର ଦାୟିତ୍ୱ । ମୋ ଜୀବନରେ ଆଉ କ'ଣ ରହିଲା ? ତୁମେ ଦୁହେଁ ମୋର ଅମୂଲ୍ୟ ସମ୍ପଦ । ତୁମ ଦେହକୁ ଜଗି ଚଳିବାକୁ ହେବ । ଉଠ ପିଲେ, ବାସନ୍ତି ତେଣେ ତୁମ ପାଇଁ ସୁପ୍ କରି ତଳେ ଜଗିଛି ।" ମାହେଶ୍ୱରୀ ଦେବୀ ଶୁଷ୍କ ଗଳାରେ କହିଥିଲେ ।

"ମମ୍ମୀ, ଏସବୁ ଭିତରେ ତୁମ ଅବସ୍ଥା ଯାହା ହେଲାଣି, ଆମେ ଦେଖି ଆଉ ସହି ପାରୁନୁ । ତୁମେ ବି ଆସ । କିଛି ଖାଇନେବ ।" ମୋନାର ସ୍ୱର ଗଣଗଣିଆ ଶୁଭୁଥିଲା ।

"ବ୍ୟସ୍ତ ହ'ନା ରେ ମା' । ମୁଁ ଏଇଠି ଟିକିଏ ଏମିତି ନିରୋଳାରେ ବସିଲେ ମୋତେ ଟିକିଏ ଶାନ୍ତି ଲାଗିବ । ମୋ ଧନ ପରା, ମୋ କଥା ମାନ । ଯାଅ କିଛି ଖାଇନିଅ ।"

"ମୋନୁ ମା', ସାନୁ ବାବୁ ଆସ । ନହେଲେ ସୁପ୍ ପୁଣି ଥଣ୍ଡା ହୋଇଯିବ । ତୁମେମାନେ ଆସିଲେ ମୁଁ ମା'ଙ୍କୁ ଚା' ବିସ୍କୁଟ୍ ନେଇ ଦେଇ ଆସିବି ।" ଶିଡ଼ି ତଳୁ ବାସନ୍ତି ଉଚ୍ଚସ୍ୱରରେ ଡାକୁଥିଲା ।

ମୋନୁ ସାନୁ ମା'ଙ୍କ କଥା ମାନି ତଳକୁ ଓହ୍ଲାଇ ଆସିଥିଲେ । ଉପର ମହଲାର ସେଇ ପ୍ରଶସ୍ତ ହଲ୍ ଓ ତାକୁ ବେଢ଼ି ରହିଥିବା କେତୋଟି ରୁମ୍‌ରେ ପୁଣି ଶୂନ୍ୟତା ରାଜ୍ କଲା । ମାହେଶ୍ୱରୀ ଦେବୀ ତାଙ୍କ ଆଖି ପୋଛିଲେ । ତାଙ୍କ ସାମ୍ନା ବର୍ଣ୍ଣାଢ୍ୟ କାନ୍ଥରେ ଚନ୍ଦନମାଳ ଓ ସୁଦୃଶ୍ୟ ଫୁଲହାରରେ ମହେଶଙ୍କର ବିଶାଳ ତୈଳଚିତ୍ର ଶୋଭିତ ହେଉଥିଲା । ପାଖରେ ଦୀପଟିଏ ଦିକ୍ ଦିକ୍ ହୋଇ ଜଳୁଥିଲା । ମାହେଶ୍ୱରୀ ଦେବୀଙ୍କ ଆଖି ମହେଶଙ୍କର ତୈଳଚିତ୍ରରେ ନିବିଷ୍ଟ ଥିଲା । ତାଙ୍କ ଅଜାଣତରେ ସେ ବସିଥିବା ରକିଂ ଚେୟାରଟି ପୁଣି ପେଣ୍ଡୁଲମ୍ ପରି ଦୋହଲିବାକୁ ଲାଗିଲା । ହଁ, ୨୩ ବର୍ଷ ତଳେ ସେ ମହେଶଙ୍କ ହାତ ଧରି ଏ ଘରକୁ ଆସିଥିଲେ...

ମାଧବୀ ଦେବୀଙ୍କୁ ଏତେବଡ ଘର ଖାଁ ଖାଁ ଲାଗୁଥିଲା । ଝିଅ କଲ୍ୟାଣୀକୁ ତା' ବାପା ଥାଉ ଥାଉ ବାହା କରାଇ ଦେଇଥିଲେ । ପୁଅ ମହେଶ କଲେଜ୍‌ରେ ପଢୁଥିବା ବେଳେ ହିଁ ଅଧା ବୟସରେ ମାଧବୀ ଦେବୀ ବୈଧବ୍ୟକୁ ଆପଣେଇ ନେବାକୁ ବାଧ୍ୟ ହୋଇଥିଲେ । ଦେବୀ ପ୍ରତିମା ପରି ଝଟକୁଥିବା ମୁହଁରେ ଉଦାସୀନତାର କଳାବାଦଲ ମହେଶଙ୍କ ପାଇଁ ଅସହ୍ୟ ଥିଲା । ସେ ବାପାଙ୍କ ବିସ୍ତାରିତ ବ୍ୟବସାୟ ସମ୍ଭାଳିବା ପାଇଁ ଘରକୁ ଫେରି ଆସିଲେ । ଆଗେ ମହେଶ ହଷ୍ଟେଲ୍‌ରୁ ଘରକୁ ଆସିଲେ କେତେ କ'ଣ ଜିନିଷ ପାଇଁ ବରାଦ କରୁଥିଲେ ଓ ମା' ମାଧବୀ ଦେବୀ ତାକୁ ସ୍ୱାମୀଙ୍କ ସହାୟତାରେ ପୂରଣ କରିବାରେ ଆନନ୍ଦ ପାଉଥିଲେ । ହେଲେ ସ୍ୱାମୀଙ୍କ ଦେହାନ୍ତ ପରେ ଏବେ ମାଧବୀ ଦେବୀ ପୁଅ ପାଇଁ ଆଉ ଚଳଚଂଚଳ ହୋଇ ପଡୁ ନଥିଲେ କି ମହେଶ ଆଉ ଚପଳ ଯୁବକ ହୋଇ ରହି ନଥିଲେ । ବାପାଙ୍କ ଆକସ୍ମିକ ବିୟୋଗରେ ଭାଙ୍ଗି ପଡିଥିବା ମହେଶଙ୍କୁ ସମ୍ଭାଳିବାକୁ ପଡିଥିଲା ସେ କେବେ ମୁଣ୍ଡ ଖେଳାଇ ନଥିବା ବାପାଙ୍କ ବ୍ୟବସାୟ, ସମାଜ ଆଗରେ ବାପାଙ୍କ ପ୍ରତିଷ୍ଠିତ ପ୍ରତିପତ୍ତିକୁ ଆଗେଇ ନେବାର ଚାପ । ଏହି ପରିସ୍ଥିତି ତାଙ୍କୁ ଖୁବ୍ ଗମ୍ଭୀର କରି ଦେଇଥିଲା । ବାପାଙ୍କ ପରି ତାଙ୍କୁ ମଧ୍ୟ ଦୀର୍ଘ ସମୟ ଘର ବାହାରେ ବିତାଇବାକୁ ପଡୁଥିଲା । ଘରେ ଚାକର ପୂଜାରୀ ଥିଲେ ମଧ୍ୟ ସବୁକୁ ବ୍ୟବସ୍ଥିତ ଢଙ୍ଗରେ ଚଳାଇବା ପାଇଁ ମାଧବୀ ଦେବୀଙ୍କୁ ଦିନ ତମାମ ଚକି ପରି ଘୁରିବାକୁ ହେଉଥିଲା । ହେଲେ ସ୍ୱାମୀଙ୍କ ଦେହାନ୍ତ ପରେ ଏବେ ସତେ ଯେପରି ସବୁଥିରେ ପୂର୍ଣ୍ଣଚ୍ଛେଦ ପଡି ଯାଇଥିଲା । ଏତେ ଲୋକ ଘରେ ଥିଲେ ମଧ୍ୟ ତଙ୍କୁ ଘର ଖାଇ ଗୋଡ଼ାଉଥିଲା । ଏଥିରୁ ମୁକୁଳିବା ପାଇଁ ପୁଅ ବାହା କରିବାକୁ ବନ୍ଧୁ ବାନ୍ଧବ ମତାଇଲେ । ପୁଅ ମହେଶଙ୍କୁ ସେମିତି କିଛି ବୟସ ହୋଇ ଯାଇନଥିଲା । ହେଲେ ବୋହୂଟିଏ ଆଣିଲେ ତାଙ୍କ ଉଜୁଡା ସଂସାର ପୁଣି ଗଢି ଉଠିବ, ଲିଭି ଯାଇଥିବା ହସ ଓ ଉତ୍ସାହ ପୁଣି ଫେରି ଆସିବ ଏଇ ଆଶା ନେଇ ମାଧବୀ ଦେବୀ ପୁଅକୁ ବାହା ହେବା ପାଇଁ ବଡ଼ କଷ୍ଟରେ ରାଜି କରାଇଲେ । ବହୁତ ଖୋଜାଖୋଜି କରି ଏଇ ମାହେଶ୍ୱରୀଙ୍କୁ ବୋହୂ ବାଛିଥିଲେ । ମାହେଶ୍ୱରୀ ଏକ ଏକାନ୍ନବର୍ତ୍ତି ପରିବାରର ବଡ଼ ଝିଅ । ତେଣୁ ମାଧବୀ ଦେବୀଙ୍କ ପୂର୍ଣ୍ଣ ବିଶ୍ୱାସ ବୋହୂ ନିଶ୍ଚିତ ଦାୟିତ୍ୱବାନ ଓ ସ୍ନେହୀ ହେବ । ତାଙ୍କ ଘରେ କେତେଟା ବା ଲୋକ ? ନେଇ ଦେଇ ଦି'ଟା ଲୋକ । ବାହା ହେଲା ଝିଅ କଲ୍ୟାଣୀ କୁଣିଆ ପରି କେଉଁ ଦିନେ ଅଧେ ଆସିବ । ଯିଏ ଏତେବଡ ପରିବାରରେ ସମସ୍ତଙ୍କ ସହ ଚଳିଛି, ସେ ତାଙ୍କ ଘରେ କ'ଣ ଭଲରେ ଚଳି ପାରିବନି ? ଆଉ ମାହେଶ୍ୱରୀଙ୍କ ସୌନ୍ଦର୍ଯ୍ୟ ? ସତେ ଅବା କଟକ ଚାନ୍ଦିନୀଚୌକ ମେଢର ମୁହଁ ଛଡେଇ ଆଣିଛି । କଥା କହିବ ଯେ ମନ ପୁରା କିଣି ନେବ ।

ହଁ, ଏମିତି ବୋହୂ ତାଙ୍କ ପରି ଖାନଦାନୀ ଘର ବୋହୂ ହେବାକୁ ସମ୍ପୂର୍ଣ୍ଣ ଯୋଗ୍ୟା । ମାହେଶ୍ୱରୀଙ୍କୁ ବୋହୂ କରି ଆଣିଲା ବେଳେ ମାଧବୀ ଦେବୀ କେତେ କ'ଣ ସ୍ୱପ୍ନ ଦେଖିଥିଲେ । ହେଲେ ମଣିଷର ସବୁ ସ୍ୱପ୍ନ କ'ଣ ସତ ହୁଏ ? ତାହାହେଲେ ମାଧବୀ ଦେବୀଙ୍କର ସବୁ ସ୍ୱପ୍ନ କିପରି ବା ସତ ହେବ ? ହଁ, ଅବଶ୍ୟ ଘରଲୋକଙ୍କ ମୁହଁରେ ହସ ଖେଳାଇବାକୁ ଅଳ୍ପଦିନ ବ୍ୟବଧାନରେ ମୋନୁ ଓ ସାନୁ ଏ ଘରକୁ ଆସିଥିଲେ । ନାତି ନାତୁଣୀଙ୍କୁ ପାଇ ମାଧବୀ ଦେବୀ ପୁଣି ଘରଟାରେ ଦିନସାରା ପୂର୍ବବତ୍ ଚକିଟିଏ ପରି ଘୁରିବାକୁ ଲାଗିଲେ । ପିଲାଦୁହିଁଙ୍କ ହସରେ ଫୁଲି ଉଠୁଥିବା ତାଙ୍କ ଛାତି ମାହେଶ୍ୱରୀଙ୍କ ପାଇଁ ଭିତରେ କିନ୍ତୁ ଭୁଷୁଡି ପଡୁଥିଲା । କାହାକୁ କହିବେ ? ନିଜେ ତ ବାଛି ବାଛି ବୋହୂ ଆଣିଛନ୍ତି । ଅଜାଗା ଘା', ସହି ହୁଏନି କି ଦେଖାଇ ହୁଏନି । ଘରର ମାନସମ୍ମାନକୁ ଜଗିବାକୁ ହୁଏ ।

× × ×

ମହେଶଙ୍କର ଯିବାର ଆଜିକୁ ପନ୍ଦର ଦିନ ହୋଇଗଲାଣି । ଶାଶୁ ତ ତିନି ବର୍ଷ ଆଗରୁ ହାର୍ଟ ଆଟାକ୍‌ରେ ଚାଲି ଯାଇଥଲେ । ଘରୁ ବନ୍ଧୁ ବାନ୍ଧବ ସବୁ ବାର ଦିନରେ ଖାଲି ହୋଇ ଯାଇଥିଲେ । କଲ୍ୟାଣୀ ନାନୀ ମଧ୍ୟ ସେହିଦିନ ତାଙ୍କ ଘରକୁ ଫେରି ଯାଇଥିଲେ । ମହେଶ ଜୀବିତ ଥିବା ବେଳେ ଚାହୁଁଥିଲେ ତାଙ୍କ ପ୍ରାଣପ୍ରିୟା ନାନୀ ତାଙ୍କ ବାପାଙ୍କ ସମ୍ପତ୍ତିର ସମାନ ଅଧିକାରିଣୀ ହେଉ ବୋଲି । ହେଲେ କଲ୍ୟାଣୀ ବାପଛେଉଣ୍ଡ ତାଙ୍କ ଝିଆରୀ ପୁତୁରାଙ୍କ ପାଇଁ ସେଇ ସମ୍ପତ୍ତି ନେବାକୁ ରାଜି ହୋଇନଥିଲେ । ତାଙ୍କ ମତରେ ବାପା ତାଙ୍କୁ ଭଲରେ ବାହା ଦେଇଛନ୍ତି । ନିଜ ସୁଖଦୁଃଖରେ ସେ ଅଛନ୍ତି । ତାଙ୍କ ପାଇଁ ସମ୍ପର୍କ ବଡ, ସମ୍ପତ୍ତି ନୁହେଁ ।

ଗାଳ୍ପିକା ପଞ୍ଚରେ ଗାଳ୍ପିକା

**ଯାହାକୁ ପଚାରିଲେ, ସମସ୍ତେ କହିବେ ଲକ୍ଷ୍ୟ ସାଧନ କରିବାକୁ ହେଲେ ଏକନିଷ୍ଠ ପ୍ରଚେଷ୍ଟା ଆବଶ୍ୟକ । ହେଲେ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଇପ୍ସିତ ଫଳ ପ୍ରାପ୍ତ ହୁଏ ନାହିଁ । କାରଣ ଏ କଥା ମଧ୍ୟ ସମସ୍ତେ ଜାଣନ୍ତି ଯେ, ଦଇବ ଦଉଡି ମଣିଷ ଗାଇ, ଯେଣିକି ଟାଣିଲେ ତେଣିକି ଯାଇ । ଏହି ତତ୍ତ୍ୱ ଉପରେ ମୋର ଏହି ଗପଟି ଆଧାରିତ ।**

ସ୍ୱାଗତିକା ସ୍ୱେନ୍



ଯାହା ହେଉ ମାହେଶ୍ୱରୀ ଦେବୀଙ୍କ ମୁଣ୍ଡରୁ ଏ ନେଇ ବଡ ଚିନ୍ତାଟା ଉତୁରି ଗଲା । ଗତକାଲି ସଂକିର୍ତ୍ତନ ମଧ୍ୟ ସରି ଯାଇଛି । ସବୁ ଝାମେଲା ଏବେ ତୁଟିଲା । ଏବେ ଏତେବଡ କୋଠିରେ କେବଳ ସେ, ତାଙ୍କ ଦୁଇ ପିଲା ଓ ବୋଲହାକ କରିବା ପାଇଁ ବାସନ୍ତି । ବର୍ତ୍ତମାନ ଏ କୋଠି, ବ୍ୟବସାୟ ଓ ଏ ଅଚଳାଚଳ ସମ୍ପତ୍ତିର ସେ ଏକମାତ୍ର ଅଧିକାରିଣୀ । ତାଙ୍କ ମୁଠାରେ ସବୁକିଛି । ସେ ଏବେ ବ୍ୟବସାୟ ନିୟନ୍ତ୍ରିତ କରିବେ । ପୂର୍ବେ ସ୍ୱାମୀ ଓ ଶାଶୁଙ୍କ ଆଗରେ ମୁଣ୍ଡ ନୁଆଉଁଥିବା କର୍ମଚାରୀଗଣ ଏବେ ତାଙ୍କ ଆଗରେ ମୁଣ୍ଡ ନୁଆଇଁବେ । ଆଉ ତାଙ୍କ ପିଲାମାନେ ତ ସହଜେ ତାଙ୍କ ଅଧୀନରେ । ଏବେ ସେ ତାଙ୍କ ନୂଆ ସାମ୍ରାର୍ଯ୍ୟ ଓ ସାମ୍ରାଜ୍ୟର ଅଧିବାସୀମାନଙ୍କୁ, ମାନେ ତାଙ୍କ ପିଲା ଓ କର୍ମଚାରୀମାନଙ୍କୁ ନିଜ ମନମୁତାବକ ଚଳାଇବେ । ମାହେଶ୍ୱରୀ ଦେବୀ ଏକାନ୍ନବର୍ତ୍ତି ପରିବାରର ବଡ ଝିଅ । ମାନେ ତାଙ୍କ ବାପା ଓ ଦୁଇ ଦାଦା ମିଶି ଗୋଟିଏ ଘରେ ରହୁଥିଲେ । ତିନି ଭାଇଙ୍କର ପିଲାପିଲି ମିଶି ୧୭ଜଣ ସଦସ୍ୟ । ତେଣୁ ବହୁସଦସ୍ୟ ପରିବାରର ବଡ଼ ଝିଅ ହେତୁ ତାଙ୍କ ଉପରେ କାର୍ଯ୍ୟଭାର କିଛି ଅଧିକ ଥିଲା । ନିଜର କିଛି ଗୋଟେ ଇଚ୍ଛା ଥିଲେ ମଧ୍ୟ ନିଜ ଇଚ୍ଛାକୁ ଚପାଇ ଘରର ଅନ୍ୟ ସଦସ୍ୟଙ୍କ ପାଇଁ କାମ କରିବାକୁ ତାଙ୍କ ମା' ସବୁବେଳେ ତାଙ୍କୁ ତାଗିଦ୍ କରନ୍ତି । ମା'ଙ୍କ ମତରେ ଏମିତି ଚଳିଲେ ପରିବାରରେ ଶାନ୍ତି ଓ ଖୁସି ରହିବେ । ଏ କି କଥା ଭଲା ? ପରିବାର ଏକାଠି ଚଳିବେ ବୋଲି ନିଜ ମନକୁ ସବୁବେଳେ ମାରି ଚଲୁଥିବ, ଆଉ ଅନ୍ୟ ପାଇଁ ଖଟୁଥିବ । ଚିଡ଼ି ଉଠନ୍ତି ମାହେଶ୍ୱରୀ । ବାପା ମା'ଙ୍କ ଡରରେ ପ୍ରକାଶ୍ୟରେ କାହାକୁ କିଛି କହି ପାରନ୍ତି ନାହିଁ । ହେଲେ ସାନ ଭାଇଭଉଣୀମାନେ ଏହା ଜାଣିପାରି ପିଲାବେଳୁ ତାଙ୍କ ଠାରୁ ଆଡ ଆଡ ହୋଇ ରୁହନ୍ତି । ଆଉ ଏଇଥି ପାଇଁ ମାହେଶ୍ୱରୀଙ୍କ ସଫେଇ ହେଲା, "ଏକାଠି ଏତେ ପିଲା ରହି ଦୁଷ୍ଟ ହୋଇ ଯାଇଛନ୍ତି । ଯେହେତୁ ସେ ବଡ଼ ଭଉଣୀ ହିସାବରେ ସେମାନଙ୍କୁ ଶାସନ କରୁଛନ୍ତି, ତେଣୁ ସେମାନେ ତାଙ୍କ ପାଖ ମାଡୁ ନାହାନ୍ତି ।"

ମାହେଶ୍ୱରୀ ସ୍ୱପ୍ନ ଦେଖନ୍ତି, ତାଙ୍କର ମଧ୍ୟ ନିଜର ଘର ହେବ । ସେ ତାକୁ ନିଜ ମନ ମାଫିକ୍ ଚଳାଇବେ । କାହା ପାଇଁ ମନମାରି ଆଡ୍‌ଜଷ୍ଟ୍ କରିବାକୁ ପଡିବନି । ଆଉ ଏତିକି ବେଳେ ମହେଶଙ୍କର ପ୍ରସ୍ତାବ ଆସିଥିଲା । ମାହେଶ୍ୱରୀ ଖୁସିରେ କୁରୁଳି ଉଠିଥିଲେ । ତାଙ୍କ ସ୍ୱପ୍ନ ଠାରୁ ଏ ପ୍ରସ୍ତାବ ଥିଲା ଖୁବ୍ ବଡ । ତାଙ୍କୁ ଦେଖିବାକୁ ଆସିଥିବା ତାଙ୍କ ଶାଶୁ, ମାଧବୀ ଦେବୀଙ୍କୁ ପ୍ରଭାବିତ କରିବାର କୌଣସି ମୌକା ସେଇ ସ୍ୱଳ୍ପ ସମୟ ଭିତରେ ସେ ହାତଛଡ଼ା କରି ନଥିଲେ । ଆଉ ମାଧବୀ ଦେବୀ ମଧ୍ୟ ବଡ଼ ପରିବାରର ବଡ଼ଝିଅ ତାଙ୍କ ଛୋଟ ପରିବାରକୁ ସ୍ନେହରେ ବାନ୍ଧି ରଖିବ ବୋଲି ନିଃସନ୍ଦେହ ହୋଇ ମାହେଶ୍ୱରୀଙ୍କୁ ବୋହୂ କରି ଆଣିଥିଲେ । ଆଖିରେ ଆଖିଏ ସ୍ୱପ୍ନ ନେଇ ମହେଶଙ୍କ ହାତ ଧରି ମାହେଶ୍ୱରୀ ଏ ଘରକୁ ଆସିବାର ଦିନ ଦି'ଟାରେ ତାଙ୍କ ସ୍ୱପ୍ନସବୁ ଧୂସର ପଡିଗଲା । ଘରେ ବିଧବା ଶାଶୁ ଓ ସ୍ୱାମୀ କେବଳ ନଥିଲେ, ବରଂ ସବୁବେଳେ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗି ରହୁଥିଲା । ଦିନତମାମ ରନ୍ଧା ଚାଲୁଥିଲା, ଖିଆ ଚାଲୁଥିଲା । ଗୋଟେ ବନ୍ଧୁ ଘରୁ ଗୋଡ ନକାଢୁଣୁ ଆଉ ଜଣେ ଆସି ଆସ୍ଥାନ ଜମାଉଥିଲେ । ଏମିତି ଟଙ୍କାପଇସା ଅନ୍ୟ ପିଛା ଅଣାୟତ୍ତ ହୋଇ ଉଡୁଥିଲା । ଆଉ କଲ୍ୟାଣୀ ନାନୀ ଓ ତାଙ୍କ ପରିବାର ଆସିଲେ ତ ମା' ପୁଅ ସତେ ଅବା ସ୍ୱର୍ଗ ପାଇ ଯାଉଥିଲେ । ସେମାନଙ୍କ ରହଣି କାଳରେ ତ ଯାହା ଖର୍ଚ୍ଚ, ଗଲାବେଳେ ମଧ୍ୟ ଝିଅ ନୂଆ ବାହାହେଲା ପରି ଭାରଥୁର । ମାହେଶ୍ୱରୀ ବ୍ୟସ୍ତ ହୋଇ ଯାଉଥିଲେ, 'ଏମିତି କ'ଣ ତାଙ୍କ ହକ୍‌ର ସମ୍ପତ୍ତି ଅନ୍ୟ ପଛରେ ଉଡି ଚାଲୁଥିବ ?' କିଛିଗୋଟେ ବ୍ୟବସ୍ଥା କରିବାକୁ ଅଣ୍ଟା ଭିଡିଲେ । ଆଉ ସେ ତାଙ୍କ ସେଇ ଚେଷ୍ଟାରେ ଏମିତି ସବୁ ବ୍ୟବସ୍ଥିତ କରିଦେଲେ ଯେ ବନ୍ଧୁବାନ୍ଧବ ଆସିବା ତ ବନ୍ଦ ହୋଇଗଲା, ନିଜ ବୃଦ୍ଧା ମା'ଙ୍କୁ ଦେଖିବାକୁ ଆସିଲେ ମଧ୍ୟ କଲ୍ୟାଣୀ ନାନୀ ଓଳିଏ ରହିଲେ ବି ଢେର୍ । ବହୁଲୋକଙ୍କ କୋଳାହଳରେ ପୂର୍ଣ୍ଣ ଏ ଘରେ ଯାହା ପିଲା ଦୁହିଁଙ୍କ ସ୍ୱର ପ୍ରତିଧ୍ୱନିତ ହେଉଥିଲା । ସେମାନେ କିଛି ବଡ଼ ହୋଇ ପାଠ ପାଇଁ ହଷ୍ଟେଲ୍ ଚାଲିଯିବା ପରେ ସେତକ ମଧ୍ୟ ବନ୍ଦ ହୋଇ ଯାଇଥିଲା । ଆଉ ତା' ସହ ଶାଶୁ ମାଧବୀ ଦେବୀ ମଧ୍ୟ ସମ୍ପୂର୍ଣ୍ଣ ଚୁପ୍ ହୋଇ ଯାଇଥିଲେ । ବ୍ୟବସାୟ ବ୍ୟସ୍ତତା ଭିତରେ ବୁଡ଼ି ରହୁଥିଲେ ମଧ୍ୟ ମହେଶ ତାଙ୍କ ଭଉଣୀ ଆଉ ଆଗ ପରି ତାଙ୍କ ଘରକୁ ନ ଆସିବାଟା ଅନୁଭବ କରି ପାରିଥିଲେ । ମାହେଶ୍ୱରୀ ଦେବୀଙ୍କ ଚେଷ୍ଟା ସତ୍ତ୍ୱେ ମହେଶ କଲ୍ୟଣୀଙ୍କ ଠାରୁ ଦୂରେଇ ଯାଇ ନଥିଲେ ଓ ଭଉଣୀଙ୍କୁ ସେମିତି ଦେବା ନେବା କରୁଥିଲେ । ଏ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ଉତ୍ତେଜନା ବଢି ଚାଲିଲା । ତାଙ୍କର ଛୋଟ ପ୍ରକୃତି ପାଇଁ କେବେ କେବେ ମହେଶଙ୍କ ଧୈର୍ଯ୍ୟଚ୍ୟୁତି ହେଉଥିଲା । ଏପରିକି ସେ ମାହେଶ୍ୱରୀ ଦେବୀଙ୍କ ଉପରକୁ ହାତ ଉଠାଇ ଦେଉଥିଲେ । ଘରର ଅଶାନ୍ତି ମାଧବୀ ଦେବୀଙ୍କ ପାଇଁ ଅସହ୍ୟ ଥିଲା । ଆଉ ଶେଷରେ ଦିନେ ସେ ହୃଦ୍‌ଘାତରେ ପ୍ରାଣ ହରାଇଲେ । ଓଃ ! ମାହେଶ୍ୱରୀ ଦେବୀଙ୍କ ରାସ୍ତାରୁ ଗୋଟେ କଂଟାଗଲା । ଆଉ ଏହାର ତିନିବର୍ଷ ନପୂରୁଣୁ ହଠାତ୍ ଏକ ସଡକ ଦୁର୍ଘଟଣାରେ ମହେଶ ମଧ୍ୟ ଏଇ ୧୫ ଦିନ ତଳେ ଚାଲିଗଲେ ।

ମହେଶଙ୍କ ଅପ୍ରତ୍ୟାଶିତ ଦେହାନ୍ତ ପରେ ଏତେବଡ ବ୍ୟବସାୟ କିପରି ଚାଲିବ ଭାବି ପ୍ରଥମେ ମାହେଶ୍ୱରୀ ଦେବୀ ଶଙ୍କାୟିତ ହୋଇ ପଡ଼ିଥିଲେ । ତା' ପରେ ଠିକ୍ କରିନେଲେ ସାନୁକୁ ପଢା ଅଧାରୁ ହଷ୍ଟଲ୍‌ରୁ ଡକାଇ ଆଣି ବ୍ୟବସାୟରେ ଲଗାଇ ଦେବେ । ସେ ମା', ତେଣୁ ନୂଆସିଖାଳି ପିଲାଟି ତାଙ୍କ କଥାରେ ନିଶ୍ଚିତ ବ୍ୟବସାୟ ଚଲାଇବ । ଆଉ ମୋନୁ ତ ଏଇ ବର୍ଷ କ୍ୟାମ୍ପସ୍‌ରେ ଚାକିରୀ ପାଇଗଲା । ସେଇ ଦରଦୀ ଝିଅଟି ସାରା ଜୀବନ ମା'ର ଦାୟିତ୍ୱ ନିଶ୍ଚିତ ନେବ । ନିଜ ଅଧିକୃତ ନୂଆ ସାମ୍ରାଜ୍ୟ ପାଇ ତାଙ୍କ ଓଠକଣରେ ହସଟେ ଖେଳିଗଲା । ତୈଳଚିତ୍ରରେ ମହେଶଙ୍କ ଗାମ୍ଭୀର୍ଯ୍ୟଭରା ମୁହଁଟି ଦୀପର କ୍ଷୀଣ ଆଲୋକରେ ଚକ୍ ଚକ୍ କରୁଥିଲା ନା ତାଙ୍କ ଆଖିରୁ ଗଡି ଆସୁଥିବା ପରାଜୟର ଲୁହ ଚିକ୍ ଚିକ୍ କରୁଥଲା ଠିକ୍ କହି ହେବନି ।

ମୋନୁ ଓ ସାନୁ ଚୁପ୍‌ଚାପ୍ ସୁପ୍ ପିଉଥିଲେ । ସାନୁ କହିଲା, "ଦିଦି, ମୁଁ ଏ ବ୍ୟବସାୟ ଭିତରେ ପଶିବାରୁ ଜାଣିଲି ଜେଜେବାପା ଓ ବାପା ଅନେକ ସମାଜ ସେବା କରୁଥିଲେ, ଅଭାବୀକୁ ମୁକ୍ତହସ୍ତରେ ଦାନ କରୁଥିଲେ । ଯାହାକୁ ମା' ବାପାଙ୍କର ବଦଭ୍ୟାସରେ ପଇସା ଉଡା ବୋଲି ଭାବୁଥିଲେ । ମୁଁ ବାପାଙ୍କ ମହତ କାର୍ଯ୍ୟକୁ ନିଶ୍ଚିତ ଆଗେଇ ନେବି । ଆଉ ତୋ ବାହାଘର ରୋହିତ ଭାଇଙ୍କ ସହ କରାଇବାର ଦାୟିତ୍ୱ ମଧ୍ୟ ମୋର ।"

"ତତେ ଏଇ ବୟସରୁ ଏତେ ଦାୟିତ୍ୱ ମୁଣ୍ଡାଇବାକୁ ପଡୁଛି । ତୁ ତ ଜାଣୁ ରୋହିତଙ୍କ ପାଇଁ ତୁ ସାନଭାଇ ପରି । ବ୍ୟବସାୟ ହେଉ କିମ୍ବା ଅନ୍ୟକିଛି ସମସ୍ୟା, ସବୁବେଳେ ମୁଁ ଓ ରୋହିତ ତୋ ପାଖେ ପାଖେ ରହିବୁ..." ମୋନୁ ସାନୁର ହାତକୁ ଚାପି ଧରି ନିଜ କୋହ ସମ୍ଭାଳୁଥିଲା ।

**ଦୀର୍ଘ ନିଃଶ୍ୱାସଟେ ଛାଡିଥିଲେ ମାହେଶ୍ୱରୀ ଦେବୀ । ମୋନୁ ଓ ସାନୁ ତାଙ୍କ କୋଳରେ ମୁଣ୍ଡ ରଖି ସେମିତି ବାସିଥା'ନ୍ତି । ସେ ପିଲା ଦୁହିଁଙ୍କ ମୁଣ୍ଡରେ ହାତ ବୁଲାଇ ଆଣୁ ଆଣୁ କହିଲେ, "କ'ଣ କରିବା ? ଭାଗ୍ୟ ତ ଆମର ଏମିତି । ଜୀବନ ମୋତେ ଆଉ କେତେ ଦୁଃଖ ଦେଖାଇବ କେଜାଣି ? ଏବେ ମୋ ମୁଣ୍ଡରେ ଘର ବାହାର, ତୁମ ଦୁହିଁଙ୍କର, ସମସ୍ତଙ୍କର ଦାୟିତ୍ୱ । ମୋ ଜୀବନରେ ଆଉ କ'ଣ ରହିଲା ? ତୁମେ ଦୁହେଁ ମୋର ଅମୂଲ୍ୟ ସମ୍ପଦ ।**

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ଚର୍ବିର ସୁନାମି



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

**ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା**
**ଲିଙ୍କ୍ ରୋଡ୍, କଟକ - ୧୨**
**ଫୋନ : ୯୪୩୭୦୫୫୦୦୭**

ଫଟୋ ସୌଜନ୍ୟ : ଗୁଗୁଲ୍

ଶାରୀରିକ ଓ ମାନସିକ ସୌନ୍ଦର୍ଯ୍ୟ ସହ ବଳିଷ୍ଠ ବ୍ୟକ୍ତିତ୍ୱ ହିଁ ଗୋଟିଏ ପୁରୁଷ ବା ନାରୀକୁ ଆକର୍ଷଣୀୟ କରି ତୋଳିଥାଏ । ମଣିଷର ଚେହେରା ସିନା ଈଶ୍ୱର ଦେଇଥାନ୍ତି କିନ୍ତୁ ରୂପ, ରଙ୍ଗ ଓ ଉପଯୁକ୍ତ ଅଙ୍ଗବିନ୍ୟାସ ହିଁ ସେମାନଙ୍କୁ ରମଣୀୟ କରି ତୋଳିଥାଏ । ଲାଳିତ୍ୟମୟ ଆଭିଜାତ୍ୟ ତଥା ଆକର୍ଷଣୀୟ ବ୍ୟକ୍ତିତ୍ୱ ନିଜକୁ ହିଁ ଗଢିବାକୁ ହୋଇଥାଏ । ଆଜିକାଲି ସମସ୍ତେ ପ୍ରାୟ ଚାହାନ୍ତି ସେମାନେ କେମିତି ପତଳା ଓ ଉଜ୍ଜ୍ୱଳ ଗୌରବର୍ଣ୍ଣ ହୋଇ ସୁନ୍ଦର ଦେଖାଯିବେ । ତେବେ ଜୀବନଶୈଳୀ, ଶାରୀରିକ ଓ ମାନସିକ ଚାପ ତଥା ଚର୍ବିଯୁକ୍ତ ଜଙ୍କ୍‌ଫୁଡ୍ ଏବଂ ବ୍ୟାୟାମ୍ ର ଅଭାବ ହିଁ ମଣିଷକୁ ମୋଟା କରିଥାଏ । ଏହି ମୋଟାପଣ ଯୋଗୁଁ ଶରୀର ଅସନ୍ତୁଳିତ ହୋଇ ଚେହେରା ଖରାପ ହେବା ସାଙ୍ଗକୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ ।

ବର୍ଦ୍ଧିତ ମୋଟାପଣକୁ ଲକ୍ଷ୍ୟ କଲେ ଆମେ ଦେଖିବା ଯେ, ଭାରତବର୍ଷରେ ଧନୀ ଲୋକଙ୍କ ସଂଖ୍ୟା ଯେତିକି ବୃଦ୍ଧି ପାଉଛି, ଚର୍ବି ଓ ମୋଟାପଣିଆ ମଧ ସେଇ ପରିମାଣରେ ବଢି ବଢି ଚାଲିଛି । ଭାରତବର୍ଷ ଏବେ ଏକ ବିରାଟ ଚର୍ବି ସୁନାମିର ସାମ୍ନା କରିବାକୁ ଯାଉଛି । କିଛି ବର୍ଷ ଆଗରୁ ସମୁଦ୍ରରେ ସୃଷ୍ଟି ହୋଇଥିବା ସୁନାମି ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ହାନି ହୋଇଥିଲା ଏବଂ ସହସ୍ର ସହସ୍ର ଲୋକ ବିପର୍ଯ୍ୟସ୍ତ ହୋଇ ପଡିଥିଲେ । ସେହିଭଳି ଚର୍ବିର ସୁନାମି କଥା ଭାବନ୍ତୁ ତ ? ମଣିଷ ଜୀବନରେ ଚର୍ବିର ସୁନାମି ସୃଷ୍ଟି ହେଲେ ବିପର୍ଯ୍ୟସ୍ତ ହୋଇଯିବନି କି ସେମାନଙ୍କ ଜୀବନ ? ତେବେ ଆସନ୍ତୁ ମୋଟାପଣିଆର କିଛି ତଥ୍ୟ ଜାଣିବା ।

- ସାରା ପୃଥିବୀର ୧୦ଟି ମୋଟା ଦେଶଙ୍କ ମଧ୍ୟରୁ ଭାରତ ଅନ୍ୟତମ ।
- ଏବେ ସୁଦ୍ଧା ୧୨୦୦୦ ଲକ୍ଷ ଭାରତୀୟ ଅତ୍ୟଧିକ ମୋଟା ।
- ପ୍ରାୟ ୩୫ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ମହିଳାଙ୍କ ଶରୀରର ଆକାର ଅତ୍ୟଧିକ ମୋଟା । ଭାରତରେ ପ୍ରତି ୧୦ଟି ଶିଶୁମାନଙ୍କ ମଧ୍ୟରୁ ଗୋଟିଏ ଶିଶୁ ଅତ୍ୟଧିକ ଓଜନର ହୋଇଥାଏ ।
- ଭାରତରେ ଶତକଡ଼ା ୪୫ ଭାଗ ପୁରୁଷ ଓ ଶତକଡା ୫୫ ଭାଗ ମହିଳା ଅତ୍ୟଧିକ ମୋଟା ।

ତେଣୁ ଆପଲ୍ ଭଳି ଅଣ୍ଟା ଠାରୁ ନାସ୍‌ପାତି ଭଳି ଅଣ୍ଟା (କ୍ଷୀଣ କଟୀ) ଭଲ । ସାରା ପୃଥିବୀରେ ପ୍ରାୟ ୧୦ କୋଟି ଅତ୍ୟଧିକ ମୋଟା ଲୋକ ବାସ କରୁଛନ୍ତି । ତନ୍ମଧ୍ୟରୁ ୩କୋଟି ହେଉଛନ୍ତି ବେଶୀ ଓଜନର ବ୍ୟକ୍ତି । ଏହାଦ୍ୱାରା ମଧୁମେହ ରୋଗ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍ ତଥା କେତେକ କର୍କଟ ରୋଗ ହୋଇଥାଏ । ଅତ୍ୟଧିକ ଉଚ୍ଚ କ୍ୟାଲୋରୀ ଓ ଚର୍ବିଯୁକ୍ତ ଖାଦ୍ୟ ଖାଇବା ତଥା ଆଦୌ ବ୍ୟାୟାମ୍ ନକରିବା ଦ୍ୱାରା ମୋଟାପଣ ବଢି ଯାଇଥାଏ । ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ବେଶୀ ମୋଟା ହୋଇଥାଆନ୍ତି । ପୁରୁଷମାନଙ୍କ ଶରୀରରେ ଶତକଡା ୨୫ ଭାଗ ଚର୍ବିରୁ ଅଧିକ ହେଲେ ସେମାନେ ଅତ୍ୟଧିକ ମୋଟା ବ୍ୟକ୍ତି ହିସାବରେ ପରିଗଣିତ ହୁଅନ୍ତି । ଅତ୍ୟଧିକ ଚର୍ବି ବଢିଗଲେ 'ଓବେସିଟି' କୁହାଯାଏ ଏବଂ ଚର୍ବି ସହ ମାଂସପେଶୀ ଓ ଜଳୀୟ ଅଂଶ ବଢିଗଲେ 'ଓଭର୍‌ୱେଟ୍' କୁହାଯାଏ । ମେନୋପଜ୍ ବା ମାସିକ ଋତୁସ୍ରାବ ବିରତି ପରେ ମହିଳାମାନଙ୍କର ତଳିପେଟ ଓ ଅଣ୍ଟାରେ ବେଶୀ ଚର୍ବି ଲାଗିଯାଏ, ଯାହାକୁ ଆମେ 'ସେଣ୍ଟ୍ରାଲ୍ ଓବେସିଟି' କହି ଥାଉ । ଏହା ଯଦି ୩୫ ଇଂଚ୍‌ରୁ ଅଧିକା ହୁଏ, ତେବେ ମହିଳାମାନେ ମେଟାବୋଲିକ୍ ସିଣ୍ଡ୍ରୋମ୍



ଏବଂ ହୃଦ୍‌ରୋଗ ଓ ହୃଦ୍‌ଘାତରେ ଆକ୍ରାନ୍ତ ହେବାର ଚାନ୍ସ୍ ଅଧିକା ଥାଏ ।

## ଅତ୍ୟଧିକ ଚର୍ବିକୁ ମାପିବେ କିପରି ?

**ବଡି ମାସ୍ ଇଣ୍ଡେକ୍ସ:** ଆଜିକାଲି ବଡିମାସ୍ ଇଣ୍ଡେକ୍ସ ହିଁ ପ୍ରକୃତ ଓବେସିଟିର ମାପଯନ୍ତ୍ର ।

ଏହା ଶରୀରର ଓଜନକୁ (କେ.ଜି.) ଉଚ୍ଚତାର ସ୍କୋୟାର୍ ମିଟର୍‌ରେ ହରଣ କଲେ ମିଳିଥାଏ ।

**ବି.ଏମ୍.ଆଇ:**

୧୮.୫ ରୁ କମ୍ ଥିଲେ - କମ୍ ଓଜନ
୧୮.୫ ରୁ ୨୪.୯ ଥିଲେ - ସୁସ୍ଥ
୨୫ ରୁ ୨୯.୯ ଥିଲେ - ବେଶୀ ଓଜନ ଏବଂ
୩୦ ରୁ ଅଧିକ ଥିଲେ - ଓବେସିଟି ଓ ବର୍ଦ୍ଧିତ ମୋଟାପଣ ବୋଲି ଧରି ନିଆଯିବ ।



ଏହି ବର୍ଗରେ ଶରୀରର ଓଜନ ସ୍ୱାଭାବିକ ଠାରୁ ୧୦ ପ୍ରତିଶତ ଅଧିକ ଥାଏ ।

❖ **ସାମାନ୍ୟ ମୋଟାପଣ**

ଏଥିରେ ସ୍ୱାଭାବିକ ଠାରୁ ୧୦-୨୦ ପ୍ରତିଶତ ଓଜନ ଅଧିକ ଥାଏ ।

❖ **ଅତ୍ୟଧିକ ମୋଟାପଣ**

ସ୍ୱାଭାବିକ ଓଜନର ୩୦ ପ୍ରତିଶତ ଠାରୁ ଅଧିକ ଓଜନକୁ ଅତ୍ୟଧିକ ମୋଟାପଣ କୁହାଯାଏ ।

## ବର୍ଦ୍ଧିତ ମୋଟାପଣର କାରଣ

ଉଚ୍ଚ କ୍ୟାଲୋରୀ ଯୁକ୍ତ ଖାଦ୍ୟ ଖାଇଲେ ଏବଂ ତା ସାଙ୍ଗକୁ ବ୍ୟାୟାମ୍ ଦ୍ୱାରା କ୍ୟାଲୋରୀ କମ୍ ନହେଲେ ମୋଟା ହୋଇଯିବାର ଆଶଙ୍କା ଅଧିକ ଥାଏ ।

◆ ବଂଶଗତ : ଯଦି ପରିବାରରେ ବାପା, ମା' ବା ଉଭୟେ ମୋଟା ଥାଆନ୍ତି ।

◆ ଅତ୍ୟଧିକ କ୍ୟାଲୋରୀ ଓ ଚର୍ବିଯୁକ୍ତ ଖାଦ୍ୟ ବେଶୀ ପରିମାଣରେ ଖାଇଲେ ।

◆ ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କର ମାଂସ ପେଶୀ କମ୍ ଥାଏ । ଅନ୍ୟକୋଷ ଅପେକ୍ଷା ମାଂଶପେଶୀ ଶରୀରରୁ ବେଶୀ ଚର୍ବି ତରଳାଇ ଦେଇପାରେ । ନାରୀମାନଙ୍କର ପାଚନ କ୍ରିୟା ମନ୍ଥର ହୋଇଥିବାରୁ କମ୍ ଚର୍ବି ତରଳିଥାଏ । ଫଳରେ ସେମାନଙ୍କର ଓଜନ ବେଶୀ ବଢି ଯାଇଥାଏ । ତେଣୁ ସେମାନଙ୍କର ଓଜନ କମାଇବା ହାର ମଧ୍ୟ କମି ଯାଇଥାଏ ।

**ଶାରୀରିକ ନିଷ୍କ୍ରିୟତା :** କୌଣସି ବ୍ୟାୟାମ୍ ନକରି ନିଷ୍କ୍ରିୟ ହୋଇ ବସି ରହିଲେ ।

**ଔଷଧ ସେବନ :** ବାତ, ମାନସିକ ରୋଗ, ଉଚ୍ଚ ରକ୍ତଚାପ, ଥାଇରଏଡ୍ ବା ଗଳଗଣ୍ଡ ରୋଗ ବା ଥଣ୍ଡା ଛାଡିବା ପାଇଁ ଆଣ୍ଟିହିଷ୍ଟାମିନ୍ ବଟିକା ଖାଇବା ଦ୍ୱାରା ଓଜନ ବଢିଯାଏ ।

◆ କିଛି ବ୍ୟକ୍ତି ମାନସିକ ଚାପଗ୍ରସ୍ତ ହେଲେ, ଅତ୍ୟଧିକ ଭାବପ୍ରବଣ ହେଲେ, ବିଷାଦଗ୍ରସ୍ତ ହେଲେ, ଦୁଃଖ ଶୋକରେ ଅଭିଭୂତ ହେଲେ ବା ରାଗିଗଲେ ବେଶୀ ଖାଇଦେଇ ଥାଆନ୍ତି ।

◆ ମହିଳାମାନଙ୍କର ଅନିୟମିତ ଋତୁସ୍ରାବ ହୋଇ ପଲିସିଷ୍ଟିକ୍ ଓଭାରିଆନ୍ ସିନ୍‌ଡ୍ରୋମ୍ ବା କୁଶିଙ୍ଗସ୍ ସିନ୍‌ଡ୍ରୋମ୍ ହେଲେ ଓଜନ ବଢିଥାଏ ।

◆ ଅନିଦ୍ରା ଦୋଷ ଓଜନ ବଢାଇଥାଏ ।

## ଅତ୍ୟଧିକ ମୋଟାପଣିଆର ଜଟିଳତା

◆ ଗଲ୍‌ବ୍ଲାଡ଼ର୍ ରୋଗ ଓ ପଥର (ଗଲ୍‌ବ୍ଲାଡ଼ର ଷ୍ଟୋନ୍) କୋଲିଲିଥିଆସିସ୍

◆ ଯକୃତରେ ଚର୍ବି ବୃଦ୍ଧି

◆ ଅମ୍ଳପିତ୍ତ ରୋଗ

◆ ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା

◆ ଗାଉଟ୍ ବା ଛୋଟଗଣ୍ଠି ବ୍ୟଥା

◆ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା

◆ ଅନିୟମିତ ଋତୁସ୍ରାବ, ବନ୍ଧ୍ୟାଦୋଷ

◆ ଗର୍ଭାବସ୍ଥାରେ ଅତ୍ୟଧିକ ଓଜନ ବୃଦ୍ଧି, ପ୍ରସବ ସମୟରେ ଅତ୍ୟଧିକ ଅସୁବିଧା ସୃଷ୍ଟି କରିଥାଏ ।

ଯେଉଁମାନେ ଅତ୍ୟଧିକ ମୋଟା ହୋଇଥାଆନ୍ତି ସେମାନେ ସର୍ବସାଧାରଣ ଜାଗାକୁ ଯିବାକୁ ଲଜ୍ଜା ଅନୁଭବ କରନ୍ତି ଓ ଅତ୍ୟଧିକ ମାନସିକ ଚାପଗ୍ରସ୍ତ ହୋଇ ପଡନ୍ତି ।

## ବର୍ଦ୍ଧିତ ମୋଟାପଣିଆର ଚିକିତ୍ସା

ଯେଉଁମାନଙ୍କର ବଡି ମାସ୍ ଇଣ୍ଡେକ୍ସ ବା ବି.ଏମ୍.ଆଇ. ୨୫ ରୁ ୨୯.୯ ବା ୩୦ରୁ କମ୍ ଥାଏ ସେମାନଙ୍କର ଆଉ ଓଜନ ବଢିବା ଦରକାର ନାହିଁ ।

ଯେଉଁମାନଙ୍କର ବି.ଏମ୍.ଆଇ. ୪୦ରୁ ଅଧିକ ଥାଏ ସେମାନଙ୍କ ପାଇଁ ଓଜନ କମାଇବା ଖୁବ୍ ଜରୁରୀ ହୋଇପଡ଼େ । ସେମାନେ କେତୋଟି ଜିନିଷ ଉପରେ ଜୋର୍ ଦେବା ଉଚିତ୍ ।

**ସେଗୁଡ଼ିକ ହେଲା:** ଖାଦ୍ୟ, ବ୍ୟାୟାମ୍, ଜୀବନଶୈଳୀରେ ପରିବର୍ତ୍ତନ ତଥା ଓଜନ କମାଇବା ପାଇଁ ଔଷଧ ସେବନ ।

## ହେଲ୍‌ଥ୍ ଟିପ୍‌ସ୍ : ଏକ

❍ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।



❍ କେବଳ ଭୋକ ଲାଗିଲେ ହିଁ ଖାଦ୍ୟ ଖାଆନ୍ତୁ ।

❍ ଏକା ଥରକେ ବେଶୀ ଖାଦ୍ୟ ନଖାଇ ଅଳ୍ପ ଅଳ୍ପ ଖାଦ୍ୟ ଅନେକ ଥର ଖାଆନ୍ତୁ ।

❍ ଓଜନ କମାଇବା ପାଇଁ ଖାଦ୍ୟ ଗ୍ରହଣ କମାନ୍ତୁ ନାହିଁ । ନହେଲେ ଦୁର୍ବଳତା ଯୋଗୁଁ ବିଭିନ୍ନ ପ୍ରକାର ରୋଗ ଦେଖାଯିବ ।

❍ ଖାଦ୍ୟ ଗ୍ରହଣ ସଂପୂର୍ଣ୍ଣ ପରିହାର





ନକରି ଧିରେ ଧିରେ କମ୍ ଖାଦ୍ୟ ନିଅନ୍ତୁ ।

❍ଶରୀର ପାଇଁ ପ୍ରୋଟିନ୍‌ର ଆବଶ୍ୟକତା ଖୁବ୍ ଅଧିକ । ଏଥିପାଇଁ ଶରୀରର ଓଜନ ଅନୁସାରେ ପ୍ରୋଟିନ୍ ନିଅନ୍ତୁ ।

❍କମ୍ ଚର୍ବି ଓ କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଆନ୍ତୁ ।

❍ଖାଦ୍ୟରେ ଅଧିକ ପନିପରିବା, ତଟକା ଫଳ ଓ ସାଲାଡ୍ ଖାଆନ୍ତୁ ।

❍ଗଜାମୁଗ, ଗଜାବୁଟ, ଦୁଧ, ଦହି ଖାଆନ୍ତୁ । ଲହୁଣୀ, ଚକୋଲେଟ୍, ଛଣାଛଣି ଓ ମିଠା ଖାଦ୍ୟ, ଜଙ୍କ୍ ଫୁଡ୍ ଖାଆନ୍ତୁ ନାହିଁ ।

## ହେଲ୍‌ଥ୍ ଟିପ୍‌ସ୍ : ଦୁଇ

●ଖାଦ୍ୟ ଛଡ଼ା ରୀତିମତ ବ୍ୟାୟାମ୍ କରନ୍ତୁ । ସକାଳେ ଓ ସଂଧ୍ୟାରେ ଚାଲନ୍ତୁ, ଦୌଡନ୍ତୁ, ଜଗିଗ୍ କରନ୍ତୁ, ପହଁରନ୍ତୁ, ଟ୍ରେଡ୍‌ମିଲ୍ କରନ୍ତୁ ବା ସାଇକ୍ଲିଂ କରନ୍ତୁ । ଆଜିକାଲି ରୋଷେଇ ଘରେ ମଧ୍ୟ ହାତ ପାଖରେ ସବୁ ସୁବିଧା ମିଳୁଛି । ତେଣୁ ରୋଷେଇ କଲାବେଳକୁ ମଧ୍ୟ ଯେମିତି ବ୍ୟାୟାମ୍ କରି ହେବ, ଯଥା : ତେଲ, ମସଲା, ପରିବା ପ୍ରତ୍ୟେକଟିକୁ ନଇଁକରି ନିଅନ୍ତୁ । ସେଥିରେ ମଧ୍ୟ ଚର୍ବି କମି ଯାଇଥାଏ ।

● ନିୟମିତ ଭାବରେ ଶାରୀରିକ ପରିଶ୍ରମ ଓ ବ୍ୟାୟାମ୍ ପ୍ରଚୁର ଶକ୍ତି ଦେଇଥାଏ । ମାନସିକ ଚାପ କମାଇବା ପାଇଁ ଶୁଅନ୍ତୁ ବା ବିଶ୍ରାମ ନିଅନ୍ତୁ । ଗଭୀର ଭାବରେ ଶ୍ୱାସପ୍ରଶ୍ୱାସ ନେଇ (ଡିପ୍ ବ୍ରିଦିଂ) ମାଂସପେଶୀକୁ ଢିଲା କରନ୍ତୁ ବା ଷ୍ଟ୍ରେଚ୍ ବ୍ୟାୟାମ୍ କରନ୍ତୁ ।

●ନିଜର ପ୍ରଧାନ କାମଛଡ଼ା କିଛି ହବି ମଧ୍ୟ ରଖନ୍ତୁ, ଯଥା ବଗିଚା କାମ, ସଙ୍ଗୀତ ବା ଯେଉଁକାମ ଆପଣଙ୍କୁ ଆନନ୍ଦ ଦେବ, ସେଇ କାମ ହିଁ କରନ୍ତୁ ।

●ନିଜ ଚାରିପାଖରେ ଏପରି ଲୋକଙ୍କୁ ରଖନ୍ତୁ, ଯାହାଙ୍କର ସାନ୍ନିଧ୍ୟ ଆପଣଙ୍କୁ ଆନନ୍ଦ ଦେବ ।

●ହସ ହେଉଛି ସବୁଠାରୁ ବଡ ବ୍ୟାୟାମ୍ । ଏହା ମନକୁ ହାଲୁକା ମଧ୍ୟ କରିଦିଏ । ତେଣୁ ମନଖୋଲା ହସ ଖୁବ୍ ହସନ୍ତୁ ।

## ଓଜନ ରେକର୍ଡ

ପ୍ରତି ସପ୍ତାହରେ ନିଜ ଓଜନ ନିଅନ୍ତୁ ଏବଂ ଓଜନର ଗୋଟିଏ ରେକର୍ଡ ଓ ଚାର୍ଟ ପ୍ରସ୍ତୁତ କରନ୍ତୁ । ଏହାଛଡ଼ା ପ୍ରତିଦିନ ଦିନଲିପି ନୁହେଁ, କେଉଁ ସମୟରେ କି ଖାଦ୍ୟ ଏବଂ କେତେ କ୍ୟାଲୋରୀର ଖାଦ୍ୟ ଖାଉଛନ୍ତି, ବିଶେଷ ଭାବରେ କେତୋଟି ରସଗୋଲା ଖାଉଛନ୍ତି ଓ ଆଳୁ ଚିପ୍‌ସ ଖାଉଛନ୍ତି ତାର ଗୋଟିଏ ଡାଏରୀ ରଖନ୍ତୁ । ତା' ହେଲେ ଆଖି ପିଛୁଳାକେ ଆପଣ ସାରା ଦିନରେ କେତେ କ୍ୟାଲୋରୀ ଖାଇଲେ ଜଣା ପଡ଼ିଯିବ ଏବଂ ତଦ୍ୱାରା ଆପଣ ସତର୍କ ମଧ୍ୟ ରହିବେ । ଠିକ୍ ସେହିଭଳି ଆପଣ ଦିନରେ କେଉଁଭଳି ବ୍ୟାୟାମ୍ କେତେ ସମୟ କଲେ, ତାହା ମଧ୍ୟ ଜାଣି ପାରିବେ । ପ୍ରତିଦିନ ନିଜର ଓଜନ ନନେଇ ମଧ୍ୟ ଆପଣ ପିନ୍ଧୁଥିବା ପୋଷାକ କିଭଳି ଫିଟ୍ ରହୁଛି, ତଦ୍ୱାରା ଚର୍ବିକ୍ଷୟ କଥା ଜାଣିପାରିବେ ।

## ମୋଟା କମାଇବା ପାଇଁ ଔଷଧ

ଆଜିକାଲି ମୋଟାପଣ କମିବା ପାଇଁ ଅନେକ ଗୁଡ଼ିଏ ଔଷଧ ମିଳିଲାଣି । ଯାହାକି ମସ୍ତିଷ୍କରେ ସାଟାଇଟି ସେଣ୍ଟର୍ ବା 'ସନ୍ତୋଷକେନ୍ଦ୍ର'ରେ କାମ ନକରି ବାହାରୁ ଚର୍ବି କମାଇ ଦିଏ ଏବଂ ଏଗୁଡ଼ିକ ମଧ୍ୟ ନିରାପଦ । ଯାହାର ବଡି.ମାସ୍.ଇଣ୍ଡେକ୍ସ. ୩୦ରୁ ଅଧିକା ଥାଏ କିମ୍ବା ବି.ଏମ୍.ଆଇ. ୨୭ ସହ ବର୍ଦ୍ଧିତ ମୋଟାପଣିଆ ଜନିତ ଜଟିଳତା ଥାଏ, ଯଥା ଉଚ୍ଚ ରକ୍ତଚାପ, ମଧୁମେହ ଓ କୋଲେଷ୍ଟେରାଲ୍ ଥାଇ ହୃଦ୍‌ଘାତ ହେବାର ସଂଭାବନା ଥାଏ, ସେମାନେ ଔଷଧ ଖାଦ୍ୟ ଖାଇବା ଜରୁରୀ । ଏହି ଆଣ୍ଟି ଓବେସିଟି ବଟିକା ଡାକ୍ତରଙ୍କ ପରାମର୍ଶ ନେଇ ଖାଇବା ଉଚିତ୍ ।

ବେଶୀ ମୋଟା ହୋଇଥିବା ବ୍ୟକ୍ତି ନିଜ ଉପରୁ ନିଜର ଆତ୍ମବିଶ୍ୱାସ ହରାଇ ବସନ୍ତି ଏବଂ ପବ୍ଲିକ୍ ମିଟିଂ, ବାହାଘର ବା ବିଶେଷ ଜନଗହଳି ଜାଗାକୁ ଯିବା ପାଇଁ ପସନ୍ଦ କରନ୍ତି ନାହିଁ । କାଳେ କିଏ ତାଙ୍କ ମୋଟାପଣିଆ ଉପରେ କମେଣ୍ଟସ୍ ଦେବ ଏବଂ ସେମାନେ ନ୍ୟୁନ ହୋଇଯିବେ ସେଥିପାଇଁ ଅନେକ ସ୍ଥାନକୁ ସେମାନେ ଯିବା ପାଇଁ ପସନ୍ଦ ମଧ୍ୟ କରନ୍ତି ନାହିଁ । ତେଣୁ ଶାରୀରିକ ଓ ମାନସିକ ଉଭୟ ଦୃଷ୍ଟିରୁ ଓବେସିଟି ବା ମୋଟାପଣିଆର ଶିକାର ହେବା ଉଚିତ୍ ନୁହେଁ ।

## ସକରାତ୍ମକ ମନୋଭାବ

ଜୀବନର ଲକ୍ଷ୍ୟ କେବଳ ସୁଖୀ ହେବା ପାଇଁ ନୁହେଁ, ସମ୍ମାନର ସହ ବଂଚି ଅନ୍ୟ ପାଇଁ କିଛି କାମ କରିପାରିଲେ ମନରେ ସନ୍ତୋଷ ଆସିବା ସହ ତୃପ୍ତି ମଧ୍ୟ ଆସିବ ଯେ ମୁଁ ଜୀବନକୁ ଭଲ ଭାବେ ଜିଇଁ ଶିଖିଛି । ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ସହ ଏକ ସକରାତ୍ମକ ମନୋଭାବ ହିଁ ପ୍ରକୃତ ସୁଖ ଆଣି ଦେଇଥାଏ । ତେଣୁ ନିଷ୍ଠାର ସହ ଓଜନ କମାଇବା ପାଇଁ ପ୍ରୟାସ ଜାରି ରଖନ୍ତୁ, ନିଶ୍ଚୟ ଆପଣ ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ ଏବଂ ନିଜର ଫିଗର୍ ଓ ଫିଟ୍‌ନେସ୍ ପାଇଁ ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହୋଇପାରିବେ ।

ଗୃହ ସମସ୍ୟା

# ହସଖୁସିର ପରିବାର - ୩

**ହସଖୁସିର ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ । ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ । କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାନ୍ତି । ସେତେବେଳେ ସେମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟା ପାଇଁ ସମାଧାନର ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନର ସୂତ୍ର ଆମର

### ସମସ୍ୟା – ୧

ମୁଁ ଜଣେ ଗୃହିଣୀ । ସ୍ୱାମୀ ଓ ୫ ବର୍ଷର ପୁଅ ସହିତ ମୁଁ ଭୁବନେଶ୍ୱରରେ ରହୁଛି । ସ୍ୱାମୀ ହୋଟେଲ୍ ବ୍ୟବସାୟ କରନ୍ତି । ପ୍ରଥମେ ଜଣେ ସାଙ୍ଗ ସହିତ ମିଶି ଏହି ବ୍ୟବସାୟ କରୁଥିଲେ । କିନ୍ତୁ ଦୁହେଁ ଅଲଗା ହୋଇଗଲା ପରେ ସେ ଏକୁଟିଆ ହୋଟେଲ୍‌ଟି ଚଳାଉଛନ୍ତି । ବେଳେବେଳେ ଭଲ ରୋଜଗାର ତ ଆଉ ବେଳେବେଳେ ସେତେ ରୋଜଗାର ହେଉନାହିଁ । ଏକୁଟିଆ ବୋଲି ବେଳେବେଳେ ଥକିଯାଇ ମନ ଭାଙ୍ଗି ପଡୁଛି । ଏଇ କିଛି ମାସ ହେବ ଖରାପ୍ ସାଙ୍ଗମାନଙ୍କ ସହିତ ମିଶି ମଦ ପିଇବା ଆରମ୍ଭ କରିଛନ୍ତି । ଏଣୁ ବ୍ୟବସାୟ ଭଲ ହେବା ପରିବର୍ତ୍ତେ କ୍ଷତି ହେଉଛି । ମୁଁ ଯେତେ ବୁଝାଇଲେ ବି ସେ ବୁଝୁନାହାନ୍ତି କିମ୍ବା ମଦ ପିଇବା ଛାଡୁନାହାଁନ୍ତି । ବେଶୀ ବୁଝାଇଲେ ସେ ପାଟିତୁଣ୍ଡ କରୁଛନ୍ତି ଓ ମତେ ଗାଳି କରୁଛନ୍ତି । ଏକଥା ଦେଖି ପୁଅ ବି ଡରି ଯାଉଛି । ଅଯଥାରେ ଟଙ୍କାଗୁଡା ନଷ୍ଟ କରୁଛନ୍ତି । ତାଙ୍କୁ ବୁଝାଇବା ପାଇଁ ଆଉ କେହି ନାହାନ୍ତି । ମୁଁ କଣ କେମିତି କଲେ ମୋ ସଂସାର ଠିକ୍ ଭାବେ ଚାଲିବ ଟିକେ ବାଟ ବତାନ୍ତୁ ।

**ମୀତା ମହାନ୍ତି, ଭୁବନେଶ୍ୱର**

### ସମାଧାନର ସୂତ୍ର

ଆପଣଙ୍କ ପରିବାରରେ ଯାହା ଘଟୁଛି ସେଥିପାଇଁ ଆଦୌ ବିଚଳିତ ହୁଅନ୍ତୁ ନାହିଁ ଅବା ଭାଙ୍ଗି ପଡନ୍ତୁ ନାହିଁ । ଏଥିପାଇଁ ସ୍ୱାମୀଙ୍କୁ ଦୋଷ ଦିଅନ୍ତୁ ନାହିଁ କିମ୍ବା ଭାଗ୍ୟ ଖରାପ୍ ବୋଲି ଭାବି ଧୈର୍ଯ୍ୟ ହରାନ୍ତୁ ନାହିଁ । ଏଭଳି ଛୋଟ ବଡ ଘଟଣା ସବୁ ପରିବାରରେ ଦେଖାଦେଇଥାଏ । ସମସ୍ତେ ଚାହାଁନ୍ତି ସୁଖଶାନ୍ତିରେ ବଂଚିବା ପାଇଁ । କିନ୍ତୁ ସମସ୍ତଙ୍କୁ ତାହା ସହଜରେ ମିଳିନଥାଏ । ଏବେ ସିନା ଏଭଳି ସମସ୍ୟା ଆସିଛି କିନ୍ତୁ ପୂର୍ବରୁ ତ ସବୁକିଛି ଠିକ୍‌ଠାକ୍ ଥିଲା । ଆପଣଙ୍କ ସ୍ୱାମୀ ତାଙ୍କ ସାଙ୍ଗ ସହିତ ମିଶି ଭଲରେ ବ୍ୟବସାୟ କରୁଥିଲେ । ଏବେ କିଛିଟା କାରଣରୁ ତାଙ୍କର ମନୋବଳ ଭାଙ୍ଗି ଯାଇଛି । ଏବଂ ଆର୍ଥିକ ଅଭାବ ଯୋଗୁଁ ସେ ନିଜ ଉପରୁ ଆତ୍ମବିଶ୍ୱାସ ହରାଇ, ଖରାପ ସାଙ୍ଗମାନଙ୍କ ସହ ମିଶି ଅବାଟରେ ଯାଇଛନ୍ତି । ଏବେ ତାଙ୍କୁ ବାଟକୁ ଆଣିବା ଦାୟିତ୍ୱ ଆପଣଙ୍କର । ଆପଣଙ୍କର ପ୍ରଥମ କାମ ହେଉଛି ତାଙ୍କୁ କୌଣସି ପରିସ୍ଥିତିରେ ଦୋଷ ଦେବେ ନାହିଁ କିମ୍ବା ତାଙ୍କ ପ୍ରତି ଆପଣଙ୍କ ମନରେ ଅସନ୍ତୋଷ ପ୍ରକାଶ କରିବେ ନାହିଁ ।

ଉପଦେଶ ଦେବାଟା ସବୁଠାରୁ ସହଜ କଥା । କିନ୍ତୁ ପ୍ରକୃତ କାରଣ ଖୋଜି ତାହାର ସଠିକ୍ ସମାଧାନର ବାଟ ବତାଇବା ହିଁ ଯଥାର୍ଥ । ଏଣୁ ଆପଣ ସ୍ୱାମୀଙ୍କୁ ବୁଝାଇବା ପରିବର୍ତ୍ତେ ନିଜେ ସ୍ୱାମୀଙ୍କର ପରିସ୍ଥିତିକୁ ବୁଝିବା ପାଇଁ ଚେଷ୍ଟା କରିବା ଉଚିତ୍ । ତାଙ୍କ ସହିତ ହସିହସି କଥା ହୋଇ ତାଙ୍କୁ ମାନସିକ ଦମ୍ଭ ଦେବା ସହିତ ଏଭଳି ପରିସ୍ଥିତିର ପ୍ରକୃତ କାରଣଟା ବୁଝିବାକୁ ଚେଷ୍ଟା କରିବା ଦରକାର । ଆପଣଙ୍କ ମନରେ କେବେ କିଛିବି ବିରକ୍ତି ଭାବ ନାହିଁ ବୋଲି ତାଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ । ତା ଦ୍ୱାରା ସେ ଆଦୌ ଭାଙ୍ଗି ପଡିବେ ନାହିଁ ଏବଂ ଧିରେ ଧିରେ ନିଜ ମନକଥା ଆପଣଙ୍କୁ ଖୋଲିକରି କହିବେ । ଆପଣଙ୍କର କଥା ଓ କାମରେ ପ୍ରମାଣ କରିବା ଦରକାର ଯେ ଆପଣ ପ୍ରକୃତରେ ତାଙ୍କ ସୁଖଦୁଃଖର ସାଥୀ । ଏହାଛଡା ତାଙ୍କ ହୋଟେଲ୍ ବ୍ୟବସାୟରେ ଆପଣ ଯଦି କିଛି ସାହାଯ୍ୟ କରିପାରିବେ ତେବେ ଆହୁରି ଭଲ । ସେଥିପାଇଁ ଆପଣ ନିଜ ଆଡୁ ତାଙ୍କୁ ପ୍ରସ୍ତାବ ଦେଲେ ସେ ଖୁସି ହେବେ ବୋଲି ମୁଁ ଭାବୁଛି । ସେ ଘରକୁ ଆସିବା ପରେ ତାଙ୍କ ସହିତ ହସିହସି କଥା ହୋଇ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଦରକାର । ଏଥିପାଇଁ ଆପଣଙ୍କ ମନରେ ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ ରହିବା ଆବଶ୍ୟକ ।



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ବକ୍ତା ଓ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ସୁପରିଚିତ । ଜଣେ ଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂରାଜୀ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇଛି । ଏବେ ସେ ମ୍ୟାକ୍ ଗ୍ରୁପର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡ. ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସହଯୋଗୀ ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

### ସମସ୍ୟା – ୨

ମୁଁ ଏକ ସରକାରୀ ସଂସ୍ଥାରେ ଚାକିରୀ କରେ । ଏକ ଦାୟିତ୍ୱଭରା ଚାକିରି । ସର୍ବଦା ସର୍ବସାଧାରଣଙ୍କ ସମସ୍ୟା ସହ ସଂପୃକ୍ତ । କିନ୍ତୁ ସମସ୍ତଙ୍କ ସମସ୍ୟା ଦୂର କରିବା ସମ୍ଭବ ହୁଏନି । ସମସ୍ତେ ଚାହାନ୍ତି ତାଙ୍କ କାର୍ଯ୍ୟ ମୁଁ କରେ । ହେଲେ ନୀତିନିୟମ ଭିତରେ ରହିଥିବାରୁ ତାହା ସମ୍ଭବ ହୁଏନି । ଏତଦ୍ ବ୍ୟତୀତ ଉପରିସ୍ଥ ହାକିମଙ୍କ ଆଦେଶ ସବୁ ସମୟରେ ପାଳନ କରିବା ଅସମ୍ଭବ ହୋଇପଡେ । ଏହାଛଡା ସରକାରଙ୍କର ଭିଜିଲାନ୍ସ ବିଭାଗର ସନ୍ଦେହ ଘେରରେ ରହିବା ଦ୍ୱାରା ସର୍ବଦା ଚିନ୍ତାରେ ରହିବାକୁ ପଡୁଛି । ପାରିବାରିକ ସମସ୍ୟା ପ୍ରାୟ ଠିକ୍ ସେହିପରି । ମୋ ସ୍ତ୍ରୀ ବି ସରକାରୀ ଚାକିରି କରୁଛନ୍ତି । ପୁଅ ଓ ଝିଅ ଦୁହେଁ କଲେଜରେ ପଢୁଛନ୍ତି । ସମସ୍ତଙ୍କର ନିଜନିଜର ସମସ୍ୟା ରହିଛି । ସମସ୍ତେ ନିଜ ନିଜ ସମସ୍ୟାକୁ ନେଇ ବିବ୍ରତ । ଇଚ୍ଛା କରି ମଧ୍ୟ ଆମେମାନେ କେବେହେଲେ ଏକାଠି ବସି ମନଖୋଲା କଥା ହୋଇପାରୁନୁ । ଅନେକ ସମୟରେ ଏପରି କିଛି ନା କିଛି ଘଟୁଛି ଯେ ପରସ୍ପର ଆଲୋଚନା ବା ସୁଖଦୁଃଖ ହେବା ବଦଳରେ ଅଯଥାରେ ପାଟିତୁଣ୍ଡ ହୋଇଯାଉଛି । ବହୁତ ସମୟରେ ଅଶାନ୍ତିରେ ଆମର ଦିନ କଟୁଛି । କଣ କଲେ ମାନସିକ ଶାନ୍ତି ପାଇପାରିବି ।

**ମନୋଜ ପୁହାଣ,** ରାଉରକେଲା

### ସମାଧାନର ସୂତ୍ର

ଆପଣଙ୍କ ପ୍ରଶ୍ନରୁ ଜଣାପଡୁଛି ଯେ ଆପଣଙ୍କର ଉଭୟ ଘରେ ଓ କାର୍ଯ୍ୟକ୍ଷେତ୍ରରେ କିଛିନାକିଛି ଅସୁବିଧା ରହିଛି । ଯାହାକି ଆପଣଙ୍କ ମନରେ ଅଶାନ୍ତି ସୃଷ୍ଟି କରୁଛି । ଆମେ ପ୍ରଥମେ ଆପଣଙ୍କର କାର୍ଯ୍ୟକ୍ଷେତ୍ର କଥା ଆଲୋଚନା କରିବା । ସେଠାରେ ଯେ ଅନ୍ୟମାନେ ଆପଣଙ୍କ ମନମୁତାବକ ହେବେ, ତାହା ଭାବିବା ସଂପୂର୍ଣ୍ଣ ଭୁଲ । ଆପଣଙ୍କର ସହକର୍ମୀ ହୁଅନ୍ତୁ ଅବା ଉପର ଅଫିସର୍ ହୁଅନ୍ତୁ ସମସ୍ତେ ନିଜ ନିଜର ସ୍ୱାର୍ଥ ଅନୁଯାୟୀ କାମ କରିବେ । ସ୍ୱାର୍ଥ ହାସଲ ପାଇଁ ହୁଏତ ସେମାନେ ଆପଣଙ୍କ ସହିତ ଭଲ ସମ୍ପର୍କ ରଖି ପାରନ୍ତି । କିନ୍ତୁ ନିଜର ସ୍ୱାର୍ଥ ଆସିଲେ କେହି କାହାର ନୁହଁନ୍ତି । ଏହି ସତ୍ୟକୁ ଆପଣଙ୍କୁ ଗ୍ରହଣ କରିବାକୁ ହେବ । ଆପଣଙ୍କୁ ଅଧର୍ଯ୍ୟ ନହୋଇ ଆତ୍ମବିଶ୍ୱାସର ସହିତ କାର୍ଯ୍ୟ କରିବାକୁ ହେବ । ଏତିକି ମନେରଖିବେ ଯେ କୌଣସି ପରିସ୍ଥିତିରେ ବି ଆପଣ କାହାରି କଥାରେ ପ୍ରଭାବିତ ହୋଇ ନୀତିନିୟମରୁ ବିଚ୍ୟୁତ ହେବେ ନାହିଁ । ସବୁବେଳେ ଆପଣଙ୍କର ଦାୟିତ୍ୱ ଅନୁଯାୟୀ କାମ କରିବେ । ଅଫିସ୍‌ର ନୀତିନିୟମ ମାନିବେ । ଆପଣଙ୍କ ଉପରେ କେହି ଅସନ୍ତୁଷ୍ଟ ହେଲେ ଆପଣ ବିଚଳିତ ହେବେ ନାହିଁ । ସବୁ ଅଫିସ୍‌ରେ ଏଭଳି ପରିସ୍ଥିତି ଦେଖା ଦେଇଥାଏ । ସମସ୍ତଙ୍କୁ ଖୁସି କରିବାକୁ ଚେଷ୍ଟା କରିଲେ ତାହା ସମ୍ଭବ ହେବ ନାହିଁ । କିନ୍ତୁ ଆପଣ ଯଦି ନୀତିନିୟମରେ ଥିବେ ତେବେ କେହିବି ଆପଣଙ୍କର କ୍ଷତି କରିପାରିବେ ନାହିଁ ।

ଆପଣ ଖୁସି ହେବା ଦରକାର ଯେ ଆପଣଙ୍କର ପତ୍ନୀ ସରକାରୀ ଚାକିରି କରୁଛନ୍ତି । ତେଣୁ ସବୁ ସମୟରେ ଆପଣଙ୍କ ପରିବାରର ଆର୍ଥିକ ଅବସ୍ଥା ଠିକ୍ ରହିବ । ପୁଅ ଝିଅ ବି କଲେଜ୍‌ରେ ପଢୁଛନ୍ତି । ତେଣୁ ଆପଣ ଅଫିସ୍‌ର ଅଶାନ୍ତିକୁ କେବେ ବି ଘରକୁ ଆଣିବେ ନାହିଁ । ସେହିପରି ଘରର ଅଶାନ୍ତିକୁ ବି କେବେ ଅଫିସ୍‌କୁ ନେବେ ନାହିଁ । ଘରକୁ ଆସିଲା ପରେ ଆପଣ ପୁଅଝିଅ ତଥା ପତ୍ନୀଙ୍କୁ ସମୟ ଦେବାଟା ନିହାତି ଜରୁରୀ । ପୁଅଝିଅଙ୍କ ସହିତ ବସି ସେମାନଙ୍କର ପାଠପଢା ତଥା ଭବିଷ୍ୟତ ବିଷୟରେ ଆଲୋଚନା କରିବା ନିହାତି ଦରକାର । ତାଦ୍ୱାରା ଆପଣ ଜଣେ ବାପା ହିସାବରେ ନିଜର ଦାୟିତ୍ୱ ତୁଲାଉଛନ୍ତି ବୋଲି ଆପଣଙ୍କର ପିଲାମାନେ ବୁଝି ପାରିବେ ଓ ଖୁସି ହେବେ । ଆପଣଙ୍କ ପତ୍ନୀଙ୍କର ବି ଆପଣଙ୍କ ଭଳି ଅଫିସ୍‌ରେ କିଛି ସମସ୍ୟା ଥାଇପାରେ । ତେଣୁ ଆପଣ ଘରେ



ଫଟୋ ସୌଜନ୍ୟ : କ୍ଷୀରୋଦ ଦାସ

ଥିଲା ବେଳେ ତାଙ୍କ ସହିତ ଅଫିସ୍ ବିଷୟରେ କଥା ହେବେ ନାହିଁ । ନିଜ ପରିବାର ଓ ନିଜ ଜୀବନ ହିଁ ସବୁଠାରୁ ଅଗ୍ରାଧିକାର ପାଇବା ଦରକାର । ରାତିରେ ଖାଇବା ବେଳେ ଆପଣ ପୂରା ପରିବାର ସହିତ ମିଶି ଖାଇପାରିଲେ ତାହା ଅନେକ ଆନନ୍ଦ ଯୋଗାଇ ଦେବ । ଏହା ଆପଣଙ୍କର ଆତ୍ମବିଶ୍ୱାସ ତଥା ଆତ୍ମବଳ ବଢାଇ ପାରିବ । ଆମେ ଯାହା ଚାହିଁବା ତାହା ଯେ ପାଇପାରିବା ତାହା ଜରୁରୀ ନୁହେଁ । କିନ୍ତୁ ଯାହା ପାଇବା ତାହାକୁ ଆନନ୍ଦର ସହିତ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ । ଏହି ଅନୁସାରେ ଆପଣ କାମ କରିଲେ ଆପଣଙ୍କର ନିଶ୍ଚିତ ରୂପେ ସବୁ ଅସୁବିଧା ଦୂର ହୋଇଯିବ ।

**ସମସ୍ୟା – ୩**

ମୋ ସ୍ୱାମୀ ଅଧିକ ଚାଲାକ ନୁହଁନ୍ତି । ସେ କୌଣସି କଥାକୁ ମନେ ରଖନ୍ତି ନାହିଁ । ମତେ ମଧ୍ୟ ଗୋଟିଏ କଥାକୁ ବାରମ୍ବାର ଘୋଷିହେବାର ଅଭ୍ୟାସ ବିଚଳିତ କରେ । ତା ସହିତ ଜୀବନରେ କୌଣସି ପ୍ରକାରର ସ୍ୱାମୀ-ସ୍ତ୍ରୀର ସମ୍ପୂର୍ଣ୍ଣତା ପାଇଲି ନାହିଁ । ମୁଁ ନିଜେ ଚାକିରି କରିଥିଲି । ନିଜ ଚେଷ୍ଟାରେ ଘର, ଗାଡି, ବ୍ୟାଙ୍କ୍ ବାଲାନ୍ସ ସବୁ କରିଲି । ତଥାପି ବି ମୋ ସ୍ୱାମୀ କେବେହେଲେ ସ୍ନେହରେ ପଦେ ହେଲେ କଥା ମତେ କୁହନ୍ତି ନାହିଁ । ତାଙ୍କୁ ବଦଳେଇ ପାରିବିନି କି ତାଙ୍କ ସହିତ ରହିଲେ ସଂସାର ଚାଲିବନି । ଶାଶୁ ଶ୍ୱଶୁର ସବୁବେଳେ ଅଧିକ ପାଇବାର ଆଶା ରଖୁଛନ୍ତି । ହେଲେ ମୋ ନିଜ ଉପରେ ନିଜର ଭରସା ନାହିଁ । ସେ ଆତ୍ମବିଶ୍ୱାସ ବି ଆଉ ନାହିଁ । ଏପରିକି ମୁଁ ଏବେ ଘରୁ ବାହାରିବାକୁ ଡରୁଛି । ଆଜିକାଲି ମୁଁ ନିଜେ ସ୍କୁଟି ଧରି ଏକୁଟିଆ ବାହାରକୁ ଯାଇ ପାରୁନାହିଁ । ବେଳେବେଳେ ଅଜବ ଅଜବ ଚିନ୍ତା ମନକୁ ଆସୁଛି । ଆଉ ଆଗ ପରି ସେ ଧୈର୍ଯ୍ୟ ନାହିଁ । ସବୁବେଳେ ମନ ବିଚଳିତ ରହୁଛି । ବେଳେବେଳେ ଛାତି ଜୋର୍‌ରେ ଧଡ ଧଡ ହେଉଛି । ପାରିବାରିକ ସମସ୍ୟା କିଛି ନଥିଲେ ବି ସବୁବେଳେ ମନ ନିରାଶ ହେଉଛି । ତିନିଥର ଚେଷ୍ଟା କଲିଣି ନିଜକୁ ସଂସାରରୁ ହଟାଇ ଦେବାକୁ । ହେଲେ ତାହା ବି କରିପାରୁନି । କେଜାଣି ମୁଁ ଆଉ ଆଗକୁ କେତେଦିନ ବଂଚିବି । ମୋ ନିଜ ଉପରେ ଆଉ ସେ ଭରସା ବି ନାହିଁ ।

**ଗୀତା ମହାରଣା, କଟକ**

**ସମାଧାନର ସୂତ୍ର**

ଆପଣ ନିଜେ ହିଁ ଲେଖିଛନ୍ତି ଯେ ଆପଣଙ୍କର ପାରିବାରିକ ସମସ୍ୟା କିଛି ନଥିଲେ ବି ସବୁବେଳେ ନିରାଶ ହେଉଛନ୍ତି । ଆପଣ ନିଜେ ଚାକିରି କରିଥିଲେ ଓ ନିଜ ଚେଷ୍ଟାରେ ଘର, ଗାଡି, ବ୍ୟାଙ୍କ୍ ବାଲାନ୍ସ ସବୁ କରିଛନ୍ତି । ଏହା ହିଁ ଆପଣଙ୍କର କର୍ମଦକ୍ଷତା, ଆତ୍ମବିଶ୍ୱାସ ତଥା ମନୋବଳକୁ ପ୍ରମାଣିତ କରୁଛି । ସ୍ୱାମୀଙ୍କ ବିଷୟରେ ଯାହା ଲେଖିଛନ୍ତି ସେସବୁ ସତ୍ତ୍ୱେ ଆପଣ ନିଜ କାମରେ ପଛେଇ ଯାଇ ନାହାନ୍ତି । ଆପଣଙ୍କର ବିବାହ କେବେ ହେଲା ସେ ବିଷୟରେ ଲେଖିନାହାନ୍ତି କିମ୍ବା ପିଲାମାନଙ୍କ ବିଷୟରେ ମଧ୍ୟ ଜଣାଇନାହାନ୍ତି । ଆଜି ପର୍ଯ୍ୟନ୍ତ ଆପଣ ସ୍ୱାମୀଙ୍କ ସହିତ ଚଳି ଆସିଛନ୍ତି । ଏବେ ଆଉ ତାଙ୍କୁ ନେଇ ଅଶାନ୍ତି ହେବା ବା ସଂସାରରୁ ନିଜକୁ ହଟାଇ ଦେବା କଥା ଭାବିବା ଆଦୌ ଠିକ୍ ନୁହେଁ । ଆପଣଙ୍କ ପରି ଜଣେ ବୟସ୍କ ଓ ବିଜ୍ଞବ୍ୟକ୍ତି ଏପରି ନିରାଶ ହେବାଟା ଠିକ୍ ନୁହେଁ । ଶାଶୁ ଶ୍ୱଶୁର ବି ଅଧିକ ଆଶା କରିବେ ଏଥିରେ କିଛି ନୂତନତ୍ୱ ନାହିଁ । ଆମେ ମନେ ରଖିବା ଉଚିତ ଯେ ସେମାନେ ବି ବାପାମାଆ । ସେମାନଙ୍କର ଆମ ଉପରେ ଆଶା ରଖିବା ଏକ ସାଧାରଣ କଥା । ଏହା ସତ ଯେ ଆମେ ପରିବାରରେ ସବୁବେଳେ ସମସ୍ତଙ୍କୁ ଖୁସି କରିପାରିବା ନାହିଁ । କିନ୍ତୁ ଆମେ ଯେତିକି ଦେଇ ପାରିବା ସେତିକି ଦେବା । ଏଥିରେ ଅନ୍ୟମାନେ ଅସନ୍ତୁଷ୍ଟ ହେଲେ ବି ଆମେ ସେ କଥାରେ ଆଦୌ ବିଚଳିତ ହେବା ନାହିଁ । କିମ୍ବା ସେଥିରେ ବିରକ୍ତିଭାବ ପ୍ରକାଶ କରିବା ନାହିଁ । ଏପରି କରିବାଟା ନିଜର ବୋକାମି ହେବ । ଏବଂ ତାଦ୍ୱାରା ଆମର ନିଜର ମାନସିକ ଚାପ ସୃଷ୍ଟି ହେବା ସହିତ ମନୋବଳ ମଧ୍ୟ




ଫଟୋ ସୌଜନ୍ୟ : ଲିପ୍‌ସିତା ପରମଗୁରୁ

ଭାଙ୍ଗି ପଡିବ । ସବୁଠାରୁ ଭଲ ହେବ ଆପଣ ଯୋଗ ବା ପ୍ରାଣାୟମ କରନ୍ତୁ, ଆଧ୍ୟାତ୍ମିକ ଦିଗରେ ମନଓଃଦେଇ ନିଜକୁ ପ୍ରଭୁଙ୍କ ପାଖରେ ସମର୍ପଣ କରନ୍ତୁ । ଆପଣଙ୍କର ଯେଉଁମାନେ ଶୁଭାକାଂକ୍ଷୀ ସେମାନଙ୍କ ସହିତ ଆଲୋଚନା ବା ପରାମର୍ଶ କରନ୍ତୁ । ନିଜର ମନୋବଳକୁ ଦୃଢ଼ କରନ୍ତୁ । ମନକୁ ହାଲ୍‌କା କରିବାର ତଥା ଖୁସି ରହିବାର ବାଟ ଖୋଜନ୍ତୁ । ତେବେ ଯାଇ ଆପଣ ସବୁ ଅସୁବିଧା ସତ୍ତ୍ୱେ ଶାନ୍ତିରେ ରହିପାରିବେ ।

### ସମସ୍ୟା – ୪

ମୁଁ ଜଣେ ଭଲ ଛାତ୍ର ଥିଲି । ମୁଁ ଦଶମ ପଢିବା ପର୍ଯ୍ୟନ୍ତ ବହୁତ ଭଲ ପଢୁଥିଲି । ଭଲ ମାର୍କରେ ପାଶ୍ ମଧ୍ୟ କରିଥିଲି । କିନ୍ତୁ ଦଶମ ପାସ୍ କରି ମୁଁ ଯେତେବେଳେ +୨ ରେ ନାମ ଲେଖାଇଲି, ମୁଁ ଭାବୁଥିଲି ଏହା ବହୁତ ସହଜ । ମୁଁ ସହଜରେ ପାସ୍ କରିଯିବି । ହେଲେ ମୁଁ +୨ ତ ପାଶ୍ କଲି । କିନ୍ତୁ ଭଲ ମାର୍କରେ ପାଶ୍ କରିପାରିଲି ନାହିଁ । ମୁଁ ଭଲ ଛାତ୍ର ହୋଇଥିବାରୁ ସମସ୍ତଙ୍କର ମୋ ଉପରେ ବହୁତ ଆଶା ଓ ବିଶ୍ୱାସ ଥିଲା ଯେ ମୁଁ ନିଶ୍ଚିତ କିଛି ଭଲ କରି ଦେଖାଇବି । ମାତ୍ର ମୁଁ ସମସ୍ତଙ୍କର ଭରସାକୁ ଭାଙ୍ଗି ଦେଇଥିଲି । ଏବେ ଘରେ ସମସ୍ତଙ୍କ ଠାରୁ ଗାଳି ଶୁଣୁଛି । ସବୁବେଳେ ସମସ୍ତେ ମୋ ଉପରେ ଚିଡ୍‌ଚିଡ୍ ହେଉଛନ୍ତି । ମୁଁ କିଛି ବି କଲେ ସମସ୍ତେ ଭୁଲ ବୁଝୁଛନ୍ତି । ସବୁବେଳେ ଅନ୍ୟ ପିଲାଙ୍କ ଉଦାହରଣ ମତେ ଦେଉଛନ୍ତି । ମୋ ପାଇଁ ମୋ ବାପାମା ସବୁବେଳେ ଚିନ୍ତାରେ ରହୁଛନ୍ତି । ଏବେ ମୁଁ ହିଁ ଆମ ପରିବାରର ଅଶାନ୍ତିର କାରଣ ହୋଇଯାଇଛି । ବେଳେ ବେଳେ ଭାବୁଛି ଘରଛାଡି କୁଆଡ଼େ ପଳେଇବି । ପୁଣି ମନରେ ଅନେକ ଖରାପ ଚିନ୍ତା ମଧ୍ୟ ଆସୁଛି । କିନ୍ତୁ ମୁଁ ଏବେ କଣ କରିବି ମୋତେ କିଛି ବୁଦ୍ଧିବାଟ ଦେଖା ଯାଉନି । ମୋତେ ଟିକେ ଏସବୁକୁ ଦୂରେଇବାର ସଠିକ ଉପାୟ ବତାନ୍ତୁ ।


**ଅଶୋକ ସୋରେନ୍,** ବଲାଙ୍ଗିର

### ସମାଧାନର ସୂତ୍ର

ତୁମେ ନିଜେ ହିଁ ଲେଖିଛ ଯେ ତୁମେ ଜଣେ ଭଲ ଛାତ୍ର ଥିଲ । ଦଶମ ପର୍ଯ୍ୟନ୍ତ ଭଲ ବି ପାଠ ପଢୁଥିଲ । ଏଥିରୁ ଜଣାପଡୁଛି ଯେ ତୁମର ଜ୍ଞାନ ଓ ଦକ୍ଷତା ନିଶ୍ଚିତ ଭାବରେ ବହୁତ ଭଲ ଅଛି । ମାନସିକ ବଳ ଓ ଆତ୍ମବିଶ୍ୱାସ ମଧ୍ୟ ରହିଛି । ତମେ +୨ରେ ଭଲ ମାର୍କ ରଖି ପାରିଲନି ବୋଲି ଯେ ତୁମର ସବୁକିଛି ନଷ୍ଟ ହୋଇଗଲା ତାହା ଭାବିବା ଉଚିତ୍ ନୁହେଁ । ତୁମେ ଜଣେ ଭଲ ଛାତ୍ର ବୋଲି ସମସ୍ତଙ୍କର ତୁମ ଉପରେ ଆଶା ଓ ବିଶ୍ୱାସ ଥିଲା । ସେମାନଙ୍କର ଏବେ ବି ତୁମ ଉପରେ ସେହି ଭରଷା ଓ ବିଶ୍ୱାସ ରହିଛି । କେବଳ ତୁମେ କମ ମାର୍କ ରଖିବାରୁ ତୁମ ମନରେ ନକାରାତ୍ମକ ଭାବନା ଆସିଯାଇଛି । ଯେଉଁଥିପାଇଁ ତୁମେ ନିଜକୁ ସବୁବେଳେ ଦୋଷୀ ବୋଲି ଭାବି ମନରେ ଅନେକ ଦୁଶ୍ଚିନ୍ତା ସୃଷ୍ଟି କରୁଛ । ଅନ୍ୟମାନେ ତୁମକୁ ଖରାପ ଭାବୁଛନ୍ତି କି ନାହିଁ ସେଇଟା ଜଣା ନାହିଁ । କିନ୍ତୁ ତୁମ କଥାରୁ ଏଇଟା ସ୍ପଷ୍ଟ ଜଣା ପଡୁଛି ଯେ ତୁମେ ନିଜକୁ ନିଜେ ବହୁତ ଖରାପ ଭାବୁଛ । ନିଜକୁ ନିଜେ ଧିକ୍କାର କରୁଛ । ଘରେ ତୁମକୁ ଅନ୍ୟପିଲାଙ୍କ ଉଦାହରଣ ଦେବାଟା କିଛି ଭୁଲ୍ କଥା ନୁହେଁ । ତୁମକୁ ଉତ୍ସାହିତ କରିବା ତଥା ତୁମର ମନୋବଳ ବଢ଼ାଇବା ପାଇଁ ସେମାନେ ଏପରି କହୁଛନ୍ତି । କାରଣ ତୁମେ ତୁମ ପରିବାରର ଏକ ସଦସ୍ୟ । ଏବଂ ତୁମର ପିତାମାତା ହିସାବରେ ତୁମର ମଙ୍ଗଳ କାମନା କରିବାଟା ହିଁ ସେମାନଙ୍କର ଦାୟିତ୍ୱ । ତୁମେ ଅଯଥାରେ ଏତେଗୁଡ଼ିଏ ନକାରାତ୍ମକ କଥା ମୁଣ୍ଡରେ ପୁରାଇ ନିଜେ ନିଜକୁ ନିରୁତ୍ସାହିତ କରୁଛ । ଏହା ଫଳରେ ତୁମେ ନିଜେ ହିଁ ନିଜ ପାଇଁ ବାଧା ସୃଷ୍ଟି କରୁଛ । ନିଜେ ହିଁ ନିଜର ମନୋବଳ ହ୍ରାସ କରୁଛ । ତେଣୁ ତୁମେ ଆଗ ନିଜ ମନକୁ ସ୍ଥିର ରଖି ଥଣ୍ଡା ମୁଣ୍ଡରେ ତୁମ କମ୍ ମାର୍କ ରହିବାର କାରଣ ଖୋଜି ବାହାର କର । କେଉଁ ଅବହେଳା ଯୋଗୁଁ ତୁମେ ଏତେ କମ ନମ୍ବର ରଖିଲ । ସେକଥା ଜାଣି ପାରିଲେ ତଥା ହୃଦୟଙ୍ଗମ କରିପାରିଲେ ହିଁ ତୁମେ ତାହାର ପ୍ରତିକାର କରିପାରିବ । ଅନେକ ଛାତ୍ରଙ୍କ ଜୀବନରେ ଏହିଭଳି ଘଟଣା ଘଟିଛି । ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ କରି ମଧ୍ୟ +୨ରେ ଫେଲ୍ ବା ଥାର୍ଡ଼ ଡିଭିଜନରେ ପାସ୍ କରିଛନ୍ତି । ତେଣୁ ତୁମକୁ ହିଁ ଏହାର ପ୍ରକୃତ କାରଣ ଖୋଜି ବାହାର କରିବାକୁ ହେବ । ପ୍ରକୃତ କାରଣଟା ଜାଣିଲେ ତମେ ତାହାର ସମାଧାନ ପାଇଁ ଚେଷ୍ଟା କରିପାରିବ । ତେଣୁ ମନରେ ଏଣୁତେଣୁ କଥା ନ ଭାବି ନିଜର ଦକ୍ଷତାର ସଦ୍‌ବ୍ୟବହାର କରି ଆଗାମୀ ପରୀକ୍ଷାରେ କିପରି ଅଧିକ ମାର୍କ ରଖିବ ସେଥିପାଇଁ ଧ୍ୟାନ ଦିଅ । ଯଦି ତୁମର ଖରାପ ସାଙ୍ଗ ଥାଆନ୍ତି ତେବେ ସେମାନଙ୍କ ଠାରୁ ନିଜକୁ ଦୂରେଇ ରଖ । ମନରେ ସବୁବେଳେ ସକାରାତ୍ମକ ଭାବନା ରଖିବା ପାଇଁ ଯୋଗ ବା ପ୍ରାଣାୟମ ଅଭ୍ୟାସ କର । ମନ ପ୍ରଫୁଲ୍ଲ ତଥା ସକରାତ୍ମକ ରହିଲେ ତୁମେ ତୁମ ସମସ୍ୟାର ସମାଧାନ କରିପାରିବ ।

**ପ୍ରତ୍ୟେକ ପରିବାରରେ କିଛି ନା କିଛି ସମସ୍ୟା ରହିଛି । ପ୍ରତ୍ୟେକ ସମସ୍ୟାର ବି ସମାଧାନ ଅଛି । ଯଦି ଆପଣଙ୍କ ସମସ୍ୟାର ସମାଧାନ ଚାହାନ୍ତି ତେବେ ବିଶଦ ଭାବରେ ସମସ୍ୟା ଲେଖି ଆମକୁ ପଠାନ୍ତୁ । ପରବର୍ତୀ ସଂଖ୍ୟାରେ ଆମେ ତାର ସମାଧାନର ସୂତ୍ର ଜଣାଇବୁ ।**
**ଫୋନ କରନ୍ତୁ : ୯୪୩୭୦୧୧୦୨୨**
**ଇ-ମେଲ୍ : rebati.rebati2018@gmail.com**

## ବହି ବିଚାର




- ପୁସ୍ତକର ନାମ: **ପୁରୁଷକାର**
- ଲେଖକଙ୍କ ନାମ : **ରଞ୍ଜନ ବାଗ**
- ପ୍ରକାଶକଙ୍କ ନାମ : **ସୁବର୍ଣ୍ଣଶ୍ରୀ ପ୍ରକାଶିନୀ,** ବାଲେଶ୍ୱର
- ମୂଲ୍ୟ : **୨୦୦/-,** ପୃଷ୍ଠା : **୨୪୦**



ଗୋଟେ ପତ୍ରକାରର ପରିଚୟ ପଛରେ ଲୁକ୍କାୟିତ ଗୋଟେ କବିତ୍ୱର ସଦ୍ୟତମ ଉଦାହରଣ ହେଉଛନ୍ତି କବି ରଂଜନ ବାଗ୍ । ତାଙ୍କର ଏ 'ପୁରୁଷକାର' ପୁସ୍ତକଟିକି ପଢ଼ିବା ପରେ ଜଣେ ନିଶ୍ଚୟ ଧାରଣା କରିପାରିବେ ଯେ ରଂଜନଙ୍କ ରକ୍ତରେ ବୋହୁଛି କବିତାର ରାଗ-ରାଗିଣୀ । ନିଜସ୍ୱ ଏକ କାବ୍ୟଶୈଳୀ ନିର୍ମାଣ ଦିଗରେ ପ୍ରୟାସରତ ଏ କବିଙ୍କ କବିତାରେ ପାଠକ ପାଇବେ କ୍ରୂର ବାସ୍ତବତାର ଚିତ୍ର । ସମାଜ ଓ ମାନବଜାତି ଭିତରେ ଥିବା ସୂକ୍ଷ୍ମ ତାରତମ୍ୟକୁ ଅବଲୋକନ କରିବା ବେଳେ ରଂଜନଙ୍କ ଆଖିରୁ ବାଦ୍ ପଡ଼ିନି ଭିନ୍ନ ବିସଙ୍ଗତି ଓ ଅମାନବୀୟ କାଣ୍ଡ-କାରଖାନା । ସେସବୁ ପ୍ରତି ବେଶ୍ ସମ୍ବେଦନଶୀଳ କବି ତାଙ୍କ କବିତାରେ ତେଣୁ ଆଣିଛନ୍ତି ପ୍ରତିବାଦର ସ୍ୱର । ତା' ସାଙ୍ଗକୁ ରହିଛି ସକରାତ୍ମକ ଭାବଧାରାର ଏକ ଛଳଛଳ ପ୍ରବାହ । ମଣିଷ ଭାବେ ବଞ୍ଚିବାର ଅଧିକାର ଏବଂ କ୍ଷମତା ଓ ପ୍ରତିପତ୍ତି ଭିତରେ ମଣିଷର ପୁରୁଷକାରକୁ କବି ରଂଜନ ବାଗ୍ ଅନେକତ୍ର ଉଖାରିଛନ୍ତି । "ପୁରୁଷ ପୁଅଟିଏ ବୋଲି / ପ୍ରତି ମୁହୂର୍ତ୍ତରେ / ମରି ମରି ବଞ୍ଚିବାକୁ ହୁଏ ।" ଜୀବନବାଦର ଗଣିତକୁ କବି ଅତି ନିକଟରୁ ପରଖିଛନ୍ତି । ନିଜକୁ ଏକ ସାଧାରଣ ମଣିଷ କହୁଥିଲେ ବି 'ସ୍ୱର୍ଗ ମୋର ଈପ୍‌ସିତ ନୁହେଁ' ବୋଲି କହିବାର ଆସ୍ପର୍ଦ୍ଧା ବି ରଖିଛନ୍ତି କବି ।



# ଉପକାରୀ ଧଣିଆପତ୍ର

ଲତାଗୁଳ୍ମ ଓ ଦ୍ରୁମ-ମହାଦ୍ରୁମ କ୍ଷେତ୍ରରେ ବିଶେଷ ଗବେଷଣା କରି ସୁନାମ ଅର୍ଜନ କରିଥିବା ଏବଂ 'ଦ୍ରୁମ-ମହାଦ୍ରୁମ' ପୁସ୍ତକର ସ୍ରଷ୍ଟା ଦେବଯାନୀ ଦାସ 'ରେବତୀ'ର ବାଡ଼ିବଗିଚା ବିଭାଗରେ ଆପଣମାନଙ୍କୁ ବାଢ଼ିଦିଅନ୍ତି ପନିପରିବାର ଉପକାରୀ ଗୁଣ ଓ ତହିଁରୁ ପ୍ରସ୍ତୁତ ବ୍ୟଞ୍ଜନର ବାଟ ।





# ଶୀତ ଦିନରେ ଧଣିଆପତ୍ରର ଉପକାରିତା



**ଦେବଯାନୀ ଦାସ**

ଫଟୋ ସୌଜନ୍ୟ : ଲେଖିକା

ଶୀତଦିନରେ ଧଣିଆପତ୍ର ଆମମାନଙ୍କ ମନରେ ଏକ ମଧୁମୟ ବାସ୍ନାର ଅନୁଭବ ଆଣିଦିଏ । ଧଣିଆପତ୍ରର ବହୁଳ ବ୍ୟବହାର ପାଇଁ ଏହାର ଗୁରୁତ୍ୱ କେବଳ ଯେ ଶୀତଦିନରେ ତା ନୁହେଁ, ସାରା ବର୍ଷ ସଭିଙ୍କ ପାଖରେ ଏହାର ଆଦର ଓ ଆବଶ୍ୟକତା କମିନଥାଏ ।

ସାଧାରଣତଃ ଶରତ ଋତୁରେ ବୁଣା ଯାଉଥିବା ଧଣିଆର ଚେରକୁ ଛାଡ଼ିଦେଲେ ସଂପୂର୍ଣ୍ଣ ଗଛ ବ୍ୟବହାରରେ ଲାଗେ । ଗଛରେ କିଛିପତ୍ର ଗଜୁରି ଆସିବା ପରେ ଗଛକୁ ରଖି ପତ୍ର ଓ ଡାଳ ବ୍ୟବହାର କରାଯାଏ । ଗଛକୁ ନ ଉପାଡ଼ି ଛାଡ଼ିଦେଲେ କିଛିଦିନ ପରେ ସେଥିରେ ଫୁଲ ହୋଇ ଫଳ ହୁଏ । ଏହି ଫଳକୁ ଧଣିଆ କୁହାଯାଏ । ଏହା ସାଧାରଣତଃ ତରକାରୀରେ ମସଲା ଭାବେ ବ୍ୟବହୃତ ହୋଇଥାଏ । ଓ ପାନରେ ଏକ ବାସ୍ନାୟିତ ଜିନିଷ ଭାବେ ବ୍ୟବହାର କରାଯାଏ ।

ଧଣିଆର ବନସ୍ପତିକ ନାମ Coriandrum Sativum. ଓଡ଼ିଶାରେ ଏହାକୁ ଧଣିଆଁ, ବଙ୍ଗଳାରେ ଧନେ, ହିନ୍ଦୀରେ କୋଥିମିର୍, କୋଥହିଲ୍, ତେଲୁଗୁରେ ଧନପାଷ୍ଟ, ଧନଚାଲ, କୋଥମିଲୁ ଓ କେଥିମିର୍, ଗେଗେଟୁ ଏବଂ ସଂସ୍କୃତରେ ଧାନ୍ୟକ ଧାନ୍ୟା ଛତ୍ରା ଧେନୁକା, କୁନ୍ଟୀ ଓ ଧାନେୟକ ପ୍ରଭୃତି କହନ୍ତି । ଏହା ଦ୍ରବ୍ୟ ଗୁଣରେ ଅନେକାନେକ ପୂର୍ଣ୍ଣ । ଧଣିଆ ପତ୍ରରେ ରହିଛି ପ୍ରଚୁର ଭିଟାମିନ୍ ସି, ଭିଟାମିନ୍ କେ ଏବଂ ପ୍ରୋଟିନ୍ । ଏଥିରେ ଅଳ୍ପ ପରିମାଣରେ କ୍ୟାଲସିଅମ୍, ଫସ୍‌ଫରସ୍, ପୋଟାସିଅମ୍, ଥାୟାମିନ୍, ନିୟାସିନ୍ ଏବଂ କ୍ୟାରୋଟିନ୍ ରହିଛି ।

ଧଣିଆ ଅଳ୍ପ ତିକ୍ତ ମିଶ୍ରିତ କଷାୟ ରସ, ଲଘୁ, ଉଷ୍ଣ ବୀର୍ଯ୍ୟ, ସ୍ନିଗ୍ଧ, ରୁଚିକର, ମୁତ୍ରଜନକ, ପାଚକ ଧାରକ, ଅଗ୍ନି ଉଦ୍ଦୀପକ ଏବଂ ଜ୍ୱର, କାଶ, ଶ୍ୱାସ, ବାୟୁ, ବାତ, ହୃଦ୍‌ରୋଗ, କୃମି, ବାନ୍ତି ଓ ତୃଷ୍ଣା ପ୍ରଭୃତିର ନିବାରକ ।

## ସ୍ୱାସ୍ଥ୍ୟପକ୍ଷେ ଏହାର ଉପକାରିତା ଅନେକ

- ଧଣିଆ କ୍ଷତିକାରକ କୋଲେଷ୍ଟରଲ୍ ଏଲ୍‌ଡିଏଲ୍‌କୁ କମ୍ କରୁଥିବା ସ୍ଥଳେ ହିତକାରୀ କୋଲେଷ୍ଟରଲ୍ ଏଚ୍‌ଡିଏଲ୍‌ର ପରିମାଣ ବୃଦ୍ଧି କରିଥାଏ ।
- ଧଣିଆ ଲିଭର୍‌ର କାର୍ଯ୍ୟକାରୀ କ୍ଷମତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଝାଡ଼ା ସଫା କରିବାରେ ସାହାଯ୍ୟ କରେ ।
- ଏଥିରେ ଭିଟାମିନ୍ କେ. ଥିବାରୁ ଏହା ଆଲ୍‌ଜିମରସ୍ ରୋଗ ପାଇଁ ହିତକାରୀ ।
- ଆରଥ୍ରାଇଟିସ୍ ଓ କ୍ୟାଭିଟି କ୍ୟାନ୍‌ସର୍ ପାଇଁ ମଧ୍ୟ ଏହା ଉପକାରୀ ।
- ଧଣିଆ ଡାଏବେଟିସ୍ ରୋଗୀମାନଙ୍କ ପାଇଁ ହିତକର । ଏହା ଇନ୍‌ସୁଲିନ୍ କ୍ଷରଣକୁ ତ୍ୱରାନ୍ୱିତ କରି ରକ୍ତ ଶର୍କରା କମେଇବାରେ ସାହାଯ୍ୟ କରିଥାଏ ।
- ମୁଖ ଗହ୍ୱର ରୋଗ ଭଲ କରିବାରେ ସାହାଯ୍ୟ କରେ ।
- ଧଣିଆ ଆଖି ପାଇଁ ମଧ୍ୟ ହିତକାରୀ । ଏଥିରେ ଥିବା ଆଣ୍ଟି ଅକ୍‌ସିଡାଣ୍ଟ ଆଖି ରୋଗ ଭଲ ହେବାରେ ସାହାଯ୍ୟ କରେ । ଏହା Conjuetivitis ପାଇଁ ଏକ ଭଲ ଉପକାରୀ ପଦାର୍ଥ ।





# ଧଣିଆପତ୍ର ଚଟଣି

### ୧. ସବୁଜ ଚଟଣି

**ଆବଶ୍ୟକ ସାମଗ୍ରୀ:** ଧଣିଆ ପତ୍ର ୨କପ୍, ପୁଦିନା ପତ୍ର ୧/୨ କପ୍, ରସୁଣ- ଦଶ କୋଲା, ଅଦା- ଏକ ଇଞ୍ଚର, କଞ୍ଚାଲଙ୍କା- ୪ଟି, ଜିରା- ଏକ ଛୋଟ ଚାମଚ, ଲୁଣ- ସ୍ୱାଦାନୁସାରେ, ଲେମ୍ବୁ ରସ-୧ ବଡ଼ ଚାମଚ, ବୁଟଭଜା ଚୋପା ଛଡ଼େଇ- ୩ ଚାମଚ । ଏ ସବୁକୁ ମିଶାଇ ଗ୍ରାଇଣ୍ଡ୍ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସବୁଜ ଚଟଣି ।

### ୨. ଧଣିଆପତ୍ର ତିଖା ଚଟଣି:

**ଆବଶ୍ୟକ ସାମଗ୍ରୀ :** ଧଣିଆପତ୍ର ୨କପ୍, ଶୁଖିଲା ଲଙ୍କା ୬ଟି, ରସୁଣ ଦଶ କୋଲା, ତେନ୍ତୁଳି ୧୦ଗ୍ରାମ୍, ଲୁଣ ସ୍ୱାଦୁନାସାରେ । କରେଇରେ ତେଲ ଗରମ କରି ଶୁଖିଲା ଲଙ୍କାକୁ ଭାଜି କାଢ଼ି ଆଣନ୍ତୁ । ବାକି ରହିଥିବା ତେଲରେ ଅନ୍ୟ ସମସ୍ତ ସାମଗ୍ରୀକୁ ପକାଇ ଅଳ୍ପ ରାନ୍ଧି ଦିଅନ୍ତୁ । ଧଣିଆ ପତ୍ର ନରମି ଆସିଲେ ସବୁକୁ କାଢ଼ି ଲଙ୍କା ସହ ଗ୍ରାଇଣ୍ଡ୍ କରିଦିଅନ୍ତୁ । ଖାଇବାକୁ ଦିଅନ୍ତୁ । ଏଥିରେ ରୁଚି ଅନୁସାରେ ଚିନି ମିଶାଇ ପାରିବେ ଏବଂ ଲଙ୍କା ମଧ୍ୟ କମ୍ କରିପାରିବେ ।

### ୩. ଧଣିଆପତ୍ର ଓ ନଡ଼ିଆ ଚଟଣି

**ଆବଶ୍ୟକ ସାମଗ୍ରୀ :** ଧଣିଆପତ୍ର ୨ କପ୍, ନଡ଼ିଆ କୋରା- ୧କପ୍, ଗୋଟେ ପିଆଜ କଟା, ରସୁଣ- ୪ କୋଲା, ଅଦା ଏକ ଇଞ୍ଚର, ବୁଟଭଜା- ୨ ବଡ଼ ଚାମଚ, କଞ୍ଚାଲଙ୍କା- ୨ଟି । କରେଇରେ ତେଲ ପକେଇ ରସୁଣ ଅଦା ପିଆଜ, କଞ୍ଚାଲଙ୍କାକୁ କିଛି ସମୟ ଭାଜିବା ପରେ । ଧଣିଆପତ୍ର ଓ ବୁଟଭଜା ପକାଇ ଅଳ୍ପ ସମୟ ରଖନ୍ତୁ । ଏସବୁକୁ ଗ୍ରାଇଣ୍ଡ୍ କରି ରଖନ୍ତୁ । କରେଇରେ ତେଲ ଗରମ କରି ଫୁଟଣ ପକାନ୍ତୁ । ଭୃସଙ୍ଗ ପତ୍ର ଓ ଶୁଖିଲା ଲଙ୍କା ପକେଇ ପ୍ରସ୍ତୁତ ହୋଇଥିବା ଚଟଣୀ ଉପରେ ଢାଳନ୍ତୁ । ପ୍ରସ୍ତୁତ ହୋଇଗଲା ଚଟଣି ।

# ଧଣିଆପତ୍ର ସୁପ୍

**ଧଣିଆ ସୁପ(ରେଷ୍ଟୁରେଣ୍ଟ ଭଳି) ଚାରିଜଣଙ୍କ ପାଇଁ**

**ଆବଶ୍ୟକ ସାମଗ୍ରୀ:** କଟା ଧଣିଆପତ୍ର- ୪କପ୍, ବଡ଼ ଚାମଚ ତେଲ, କଟା ରସୁଣ ଏକ ବଡ଼ ଚାମଚ, କଟା ଅଦା ୧ ବଡ଼ ଚାମଚ, ୧ ଛୋଟ ଚାମଚ କଟା କଞ୍ଚାଲଙ୍କା, ଛୋଟ ଛୋଟ କଟା ହୋଇଥିବା ଏକ କପ୍ ଗାଜର, ଏକ କପ୍ କଳା ଜିରା, ଅଧାକପ୍ କଟା ପିଆଜ, କଟା ହୋଇଥିବା ଛତୁ ୩/୪ଟି, ସ୍ୱାଦ ଅନୁସାରେ ଲୁଣ, ଗୋଲ ମରିଚ ଗୁଣ୍ଡ ୨ ଚାମଚ, ୧ ବଡ଼ ଚାମଚ ଲେମ୍ବୁରସ, ୩ ବଡ଼ ଚାମଚ କର୍ଣ୍ଣଫ୍ଲୋର୍ ।

**ପ୍ରସ୍ତୁତି:** କରେଇରେ ତେଲ ଗରମ କରି ରସୁଣ, ଅଦା, କଞ୍ଚାଲଙ୍କା ପକାଇ ଅଳ୍ପ ଭାଜନ୍ତୁ । ଏବେ ଏଥିରେ ଅନ୍ୟ ସମସ୍ତ କଟା ପରିବା ପକେଇ ଗୋଳେଇ ଗୋଳେଇ ଅଳ୍ପ ସମୟ ରାନ୍ଧିବା ପରେ ପାଞ୍ଚ ବଡ଼ କପ୍ ପାଣି ଦିଅନ୍ତୁ । ଏହା ଫୁଟିବା ସମୟରେ କର୍ଣ୍ଣଫ୍ଲୋର୍‌ରେ ୨ କପ୍ ପାଣି ମିଶାଇ ଆଣ ପ୍ରସ୍ତୁତ କରନ୍ତୁ । କରେଇରେ ପରିବା ଅଧା ସିଝି ଆସିଲେ ଏହି ଆଣ, ଲେମ୍ବୁରସ, ଗୋଲମରିଚ ଗୁଣ୍ଡ ଓ ଲୁଣ ମିଶାଇ ଗୋଳେଇ ଗୋଳେଇ ଟିକେ ସମୟ ଫୁଟାନ୍ତୁ । ଶେଷରେ କଟା ଧଣିଆପତ୍ର ପକାଇ ଟିକେ ସମୟ ଫୁଟାଇ ଆଞ୍ଚ କମ୍ କରନ୍ତୁ ଓ ଗରମ ଗରମ ପିଇବାକୁ ଦିଅନ୍ତୁ ।



- ସ୍ତୀମାନଙ୍କ ସୁସ୍ଥ ଋତୁସ୍ରାବ ପାଇଁ ଧଣିଆ ଅତ୍ୟନ୍ତ ଉପକାରୀ ।
- ଏହା ସ୍ମୃତିଶକ୍ତିର ପ୍ରଖରତା ଆଣିବାରେ ସାହାଯ୍ୟ କରିଥାଏ ଏବଂ ସ୍ନାୟୁର କାର୍ଯ୍ୟକାରୀ କ୍ଷମତା ବୃଦ୍ଧି କରିଥାଏ ।
- ଧଣିଆରେ ପ୍ରଚୁର ପରିମାଣରେ ଆଇରନ ରହିଥିବାରୁ ଏହା ରକ୍ତହୀନତା ରୋଗ ଭଲ ହେବାରେ ସାହାଯ୍ୟ କରେ ।
- ଏହା ଦେଖା ଯାଇଛି ଯେ ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ନିୟମିତ ଧଣିଆ ସେବନ ଦ୍ୱାରା ଉପକୃତ ହେଇଥାନ୍ତି । ଧଣିଆରେ ଥିବା ଉପାଦାନ କାଲ୍‌ସିୟମ୍ ଆୟନ ଓ ନ୍ୟୁରୋଟ୍ରାନ୍ସ୍‌ମିଟର ଏସିଟାଇକୋଲିନ୍ ସହ ପ୍ରତିକ୍ରିୟା କରି ରକ୍ତନଳୀର ବିକୃତତା ଭଲ କରିଥାଏ ।

### ବ୍ୟବହାର ବିଧି

- ଏସିଡ୍ ହେଇ ପେଟରେ ଗଡ଼ବଡ଼ି ଲାଗୁଥିଲେ ଦୁଇମୁଠା ଧଣିଆପତ୍ର ସାଙ୍ଗରେ କିଛି ମିଶ୍ରି ଓ ପାଣି ସହ ଗ୍ରାଇଣ୍ଡ୍ କରି ଛାଣି ସେ ସରବତ୍‌କୁ ପିଇଲେ ପେଟ ଶାନ୍ତ ପଡ଼ିଯାଏ । ପେଟ ଜଳାପୋଡ଼ାରେ ମଧ୍ୟ ଏହା କାମ ଦେଇଥାଏ । ଗ୍ରୀଷ୍ମ ଋତୁରେ ଏହା ଭାରି ଉପକାର ଦେଇଥାଏ ।
- ଜ୍ୱର ପରେ ଅତ୍ୟଧିକ ଶୋଷ ଲାଗୁଥିଲେ ଧଣିଆ ସାଙ୍ଗରେ କିଛି ତେଜପତ୍ର ମିଶାଇ ପାଣିରେ ଫୁଟାଇ ଦେବ । ତାକୁ ଛାଣି ସେଥିରେ ମିଶ୍ରି ମିଶେଇ ପିଆଇଲେ ଜ୍ୱର ରୋଗୀର ଉତ୍କଟ ତୃଷା ନିବାରିତ ହୁଏ ।
- ଧଣିଆ, ମେଥି ଓ ହଳଦୀ ଏ ତିନି ଦ୍ରବ୍ୟକୁ ସମାନ ପରିମାଣରେ ଆଣି ଏକତ୍ର ବାଟି ପେଟରେ ଲେପ ଦେଲେ ପେଟର ଯାବତୀୟ ପ୍ରକାର ବାୟୁଦୋଷ ଜନିତ କଷ୍ଟ, ବ୍ୟଥା, ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ପେଟଫମ୍ପା, ପେଟଗରମ, ମୂତ୍ରାଶୟ ପୀଡ଼ା ପ୍ରଭୃତି ନିବାରିତ ହୁଏ ।
- ବଟା ଧଣିଆକୁ ଗରମ କରି ବ୍ରଣ ଉପରେ ଲଗାଇଲେ ବ୍ରଣ ଭଲ ହୁଏ ।
- ଧଣିଆର ସମ୍ପୂର୍ଣ୍ଣ ଗଛକୁ ଆଣି କାଟି, ପାଣିରେ ସିଝାଇ ସେହି ପାଣି ଦ୍ୱାରା ସେକ ଦେଲେ ପାଦରେ କଣ୍ଟା ରହି ମାଛିଆ ଖିଆ ହୋଇଥିଲେ ଭଲ ହୁଏ ।
- କୌଣସି ଲୋକ ଦେହରୁ ଜ୍ୱର ଓହ୍ଲାଉ ନଥିଲେ କିଛି ପରିମାଣରେ ଧଣିଆକୁ ଆଣି କୁଟି ଚାରିଘଣ୍ଟା ପର୍ଯ୍ୟନ୍ତ ପାଣିରେ ଭିଜାଇ, ଛାଣି, ସେଇ ପାଣି ସହିତ ଅଳ୍ପ ମିଶ୍ରି ଗୁଣ୍ଡ ମିଶାଇ ଦିନକୁ ଦୁଇ ତିନିଥର ଖାଲି ପେଟରେ ପିଆଇଲେ ଖୁବ୍ ସୁଫଳ ମିଳିଥାଏ ।
- ଭଜା ଧଣିଆ ସହ କିଛି ପାନମହୁରୀ ମିଶାଇ ଡବାରେ ରଖିଥିବ । ଦିନସାରା ସେଥିରୁ ଅଳ୍ପ ଅଳ୍ପ ଚୋବଉଥିଲେ ଅମ୍ଳପିତ୍ତ ରୋଗରେ କାମ ଦେଇଥାଏ ।

# ପଶ୍ଚିମବଙ୍ଗର ଖାଦ୍ୟ




# ଦୁଇଟି ବଙ୍ଗାଳୀ ବ୍ୟଞ୍ଜନ




**ରିମି ଦାସ**

ମାର୍ଫତ୍ : ଡକ୍ଟର ଜୟନ୍ତ ଦାସ
ଆସିଷ୍ଟାଣ୍ଟ ପ୍ରଫେସର
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ଫୋନ୍ : ୯୫୫୬୫୯୭୭୭୩


ଫଟୋ ସୌଜନ୍ୟ : ଜୟନ୍ତ ଦାସ



## ସ୍ପଞ୍ଜ କେକ୍

ଉପକରଣ: ମଇଦା-୧କପ୍, ଚିନି-୧କପ୍ (ଗୁଣ୍ଡକରା) ତେଲ(ରିଫାଇନ୍(୧/୨)କପ୍ ବଟର-୧ ଚାମଚ, ଅଣ୍ଡା-୨ଟା, କ୍ଷୀର-୧/୨କପ୍, ବେକିଙ୍ଗ୍ ପାଉଡ଼ର-୧ଚାମଚ, ବେକିଙ୍ଗ୍ ସୋଡ଼ା/ଖାଇବା ସୋଡ଼ା-୧/୨ ଚାମଚ ।

ପ୍ରଣାଳୀ:-ପ୍ରଥମେ ଦୁଇଟି ପାତ୍ରନେଇ ଥଣ୍ଡା କେଶର ଓ ସାଧା ଅଂଶକୁ ଅଲଗା କରନ୍ତୁ । ହେତୁ ହ୍ୟୁସ୍କ ବା କଣ୍ଟା ଚାପଚ ଦେଇ ଅଣ୍ଡଶର ସାଧା ଅଂଶ ଓ ଗୁଣ୍ଡ ଚିନିକୁ ଭଲ ଭାବରେ ଫେଣ୍ଟିବାକୁ ହେବ । ଏହାପରେ ଅଣ୍ଡା କେଶର ସହିତ ବଟଲ ଓ ତେଲକୁ ଭଲ ଭାବରେ ମିଶେଇ ଦିଅନ୍ତୁ । କେବଳ ଅଣ୍ଡ କେଶର ମିଶ୍ରଣରେ ବେକିଙ୍ଗ୍ ପାଉଡ଼ର ଓ ବେକିଙ୍ଗ୍ ସୋଡ଼ା ଦେଇ କ୍ଲକ ଓ୍ୱାଇଜ ଫେଣ୍ଟିବାକୁ ପଡ଼ିବ । ଏହି ମିଶ୍ରଣରେ ପୂର୍ବରୁ ଥିବା ଅଣ୍ଡାର ସାଧା ଅଂଶ ଓ ଚିନି ଗୁଣ୍ଡର ମିଶ୍ରଣକୁ ଅଳ୍ପ ଅଳ୍ପ ଦେଇ ଧୀରେ ଧୀରେ ମିଶାନ୍ତୁ । ମିଶ୍ର ସାମାନ୍ୟ ଘନ ହେଲେ ସେଥିରେ ଅଳ୍ପ ଅଳ୍ପ କରି କ୍ଷୀର ମିଶାନ୍ତୁ । ଯେମିତି ମିଶ୍ରଣ ବେଶୀ ପତଳା ନହୁଏ ଲକ୍ଷ୍ୟ ରଖନ୍ତୁ । ଏବେ କେକ୍ କରବା ପାତ୍ର ପ୍ରସ୍ତୁତ କରନ୍ତୁ ।

## କେକ୍ ପାତ୍ର ପ୍ରସ୍ତୁତି

କେକ୍ ପାତ୍ର ଭଲଭାବେ ଶୁଖେଇ ନିଅନ୍ତୁ । ସେଥିରେ ଭଲ କରି ତେଲଉ ଲଗେଇ ତା ଉପରେ ମଇଦାର ଏକ ପ୍ରଲେପ ତିଆରି କରନ୍ତୁ । (ସେଥିରେ ହାତ ଲଗାନ୍ତୁ ନାହିଁ) ଏହାପରେ କେକ୍ ମିଶ୍ରଣକୁ ଉପରୁ ଧିରେ ଧରେ ଏହି ପାତ୍ରରେ ଅଧା ପର୍ଯ୍ୟନ୍ତ ଢାଳନ୍ତୁ ଭିତରେ ଥିବା ପବନକୁ ବାହାର କରିବା ପାଇଁ ପାତ୍ରଟିକୁ ୨/୩ଥର ଧୀରେ ଧୀରେ ଟ୍ୟାପ୍ କରନ୍ତୁ । ଏବେ ଯଦି ପ୍ରେସର କୁକରରେ କରିବେ, ପ୍ରେସରର ସିଟି ଓ ଉଦର ବାହାରକରି ଭିତରେ ଗୋଟେ ଷ୍ଟଲ ପ୍ଲେଟ / ଟିଫିନ୍ ଢାଙ୍କୁଣୀ ରଖି ୫ ମିନିଟ୍ କରନ୍ତୁ । ତାପରେ କେକ୍ ପାତ୍ର ଧୀରେ ତା ଉପରେ ବସେଇ ପ୍ରେସରର ଢାକୁଣୀ ବନ୍ଦ କରନ୍ତୁ । ପ୍ରଥମେ ଗ୍ୟାସ ହାଇ ଫ୍ଲେମରେ ୫ ମିନିଟ୍ ରଖି ତା ପରେ ମିଡ଼ିୟମ ଫ୍ଲେମରେ ୩୦ ମିନିଟ ରଖନ୍ତୁ । ୩୦ ମିନିଟ ପରେ ପ୍ରେସର ଖେଶଲି ଗୋଟି ଛୁରୀ ବା ଟୁଥ୍ ପିକ୍ କେକ୍ ମଝିରେ ପୁରେଇ କାଢ଼ନ୍ତୁ । ଯଦି ଦେଖିବେ ଏଥିରେ କେକର କିଛି ଅଙ୍ଗ ଲାଗି ରହୁଛି ତାହେଲେ ଆଉ ୧୦ ମିନିଟ୍ ପାଇଁ ମିଡ଼ିୟମ ଫ୍ଲେମରେ ବସାନ୍ତୁ ଓ ପରେ ସମାନ ଭାବେ ଚେକ୍ କରନ୍ତୁ । ଯଦି ଛୁରୀରେ କିଛି ନଲାଗେ ତାହେଲେ ଆପଣଙ୍କ ହୋଇଯାଇଛି । ମାଇକ୍ରୋ ଓ ଭେନରେ କରିବା ପାଇଁ ଓଭେନରେ କନଭେକସନ ମୋଡ଼ରେ ନିକଟରେ ୪୦ମିନିଟ ବେକ୍ କରନ୍ତୁ । ୪୦ ମିନଟ ପରେ ଉପରେ ଦେଇଥିବା ପ୍ରଣାଳୀରେ କେକ୍ କରନ୍ତୁ । କେକ୍ ସଂପୂର୍ଣ୍ଣ ଥଣ୍ଡା ହେଲାପରେ ପାତ୍ରରୁ ବାହାର କରନ୍ତୁ ଓ ଟେଷ୍ଟ କରନ୍ତୁ ।


## ଛେନା ପୋସ୍ତ

**ଆବଶ୍ୟକୀୟ ସାମଗ୍ରୀ:** ଛେନା-୨୫୦ଗ୍ରାମ, ମଇଦା- ଅଢ଼େଇ ଚାମଚ(ଟିସ୍କୁବ୍), ପୋସ୍ତବଟା-୬ ଚାମଚ, କାଜୁ ବଟା-୨ ଚାମଚ, ଟମାଟୋ ସସ୍-୨ଚାମଚ, ଅଦା ବଟା-୧ଚାମଚ, ଶୁଖିଲା ଲଙ୍କା-୨ଟା, ଜିରା ୧/୨ଚାମଚ, ସ୍ୱାଦ ଅନୁସାରେ ଲୁ. ଚିନି, ହଳଦୀଗୁଣ୍ଡ, ଆଳୁ-୧ଟା, କଞ୍ଚାଲଙ୍କା-୨/୩ଟି ।

**ପ୍ରସ୍ତୁତି ପ୍ରଣାଳୀ:** ଛେନାରେ ମଇଦା ଓ ଅଧା ଚାମଚ ଲୁଣ ଦେଇ ହାତ ପାପୁଲି ସାହାଯ୍ୟରେ ୧୦ ମିନିଟ୍ ପର୍ଯ୍ୟନ୍ତ ଚକୁଡ଼ିବାକୁ /ମାଖିବାକୁ ପଡ଼ିବ । ଏହି ଛେନାକୁ ଛୋଟ ଛୋଟ ବଲ କରି ଗ୍ୟାସକୁ ସିମ୍ କରି ଗୋଲ୍ଡେନ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜିବାକୁ ହେବ । ସେହି ତେଲରେ ଆଳୁ ଭାଜି ନେବାକୁ ହେବ । ଏଥର ନିଡ଼େଇରେ ପରିମାଣ ଅନୁସାରେ ତେଲ ଦେଇ (୩ଚାମଚ) ଶୁଖିଲା ଲଙ୍କା ଓ ଜରା ପକାଇ ସେଥିରେ ଅଦା ବଟା ଦିଅନ୍ତୁ । ଅଦା ଭଜା ହେବା ଭିତରେ ଲୁଣ ଓ ହଳଦୀ (ସ୍ୱାଦ ଅନୁସାରେ) ଦିଅନ୍ତୁ । ଏହାପରେ ଏଥିରେ କାଜୁ ଓ ପୋସ୍ତ ବଟା ଦେଇ ୨/୩ମିନିଟ୍ କଶିସେଥିରେ ଟମାଟୋ ସସ୍ ଦିଅନ୍ତୁ । କାଜୁ ଦିଆ ହୋଇଥିବା ଯୋଗୁଁ ବାରମ୍ବାର ଆହୁରି ୨/୩ ମିନିଟ୍ ପର୍ଯ୍ୟନ୍ତ କଷି ପରିମାଣ ଅନୁସାରେ ପାଣି ଦିଅନ୍ତୁ ଓ ଆଳୁ ପକେଇ ଦିଅନ୍ତୁ । ପାଣି ଫୁଟିବାକୁ ଆରମ୍ଭ କଲେ ସେଥିରେ କଞ୍ଚାଲଙ୍କା ଓ ଲୁଣ, ଚିନି ପରଶି ଦିଅନ୍ତୁ । ଗ୍ୟାସ୍ ବନ୍ଦ କରିବା ଆଗରୁ ଝୋଳ ରଖି ସେଥିରେ ଭଜା ହୋଇଥିବା ଛେନା ବଲ୍ ଗୁଡ଼ିକୁ ଦେଇ ଦିଅନ୍ତୁ ଓ ଗ୍ୟାସ ବନ୍ଦ କରି ୫ ମିନିଟ୍ ପର୍ଯ୍ୟନ୍ତ ଢାଙ୍କି ଦିଅନ୍ତୁ । ଏହାକୁ ରୁଟି ବା ପରଟା ସହ ପରିବେଷଣ କରନ୍ତୁ ।



# ଶୃଙ୍ଖଳିତ ସୁରେନ୍ଦ୍ର



# ରୋଲ୍ ନମ୍ବର-୦୧



**ବିଜୟ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

‘ଗପ ହେଲେ ବି ସତ’ରୁ ଆରମ୍ଭ ହୋଇଥିଲା ଯାତ୍ରା । ଦୀର୍ଘଦିନର ସୃଜନ ଯାତ୍ରାରେ ସେ ଏକ ନୂଆ ଅଧ୍ୟାୟ ଯୋଡ଼ିଥିଲେ । ଓଡ଼ିଆ ସିନେମା ଶିଳ୍ପରେ ପ୍ରଥମ ସ୍ୱାକ୍ଷର ତୋଳିଥିଲେ । କ୍ୟାମେରା ଲେନ୍ସରେ ବଦଳାଇ ଦେଇଥିଲେ ଯୁଗରୁଚି । ସମୟ ସହ ତାଳଦେଇ ସେ ବୈଷୟିକ କ୍ଷେତ୍ରରେ ପ୍ରଗତିର ରାହା ଦେଖାଇଥିଲେ । ସେ ହେଉଛନ୍ତି ପ୍ରଖ୍ୟାତ କ୍ୟାମେରାମ୍ୟାନ ତଥା ଶିକ୍ଷାବିତ୍ **ସୁରେନ୍ଦ୍ର ସାହୁ** । ଏବେ ସୁରେନ୍ଦ୍ରଙ୍କୁ ଛୁଇଁଲାଣି ୭୧ବର୍ଷ । କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ କଟିକଟା ଭଳି ଏକ ମଫସଲ ଗାଁରେ ଜନ୍ମ ସୁରେନ୍ଦ୍ରଙ୍କର । ସେ ଦୁଇଭାଇ, ଜଣେ ଭଉଣୀ । ବାପା କଟକରେ ଚାକିରୀ  କରିଥିଲେ । ତେଣୁ ସେ ବଢ଼ିଛନ୍ତି କଟକରେ । ଗାଁରୁ ଚାହାଳି ପାଠ ସାରି ସିଧା ତୃତୀୟ ଶ୍ରେଣୀରେ ନାଁ ଲେଖାଇଥିଲେ କଟକରେ । ରେଭେନ୍ସା କଲିଜିଏଟ ସ୍କୁଲର ଛାତ୍ରଥିଲେ । ପରେ ରେଭେନ୍ସା କଲେଜରେ ଅଧ୍ୟୟନ କଲେ ଓ ସେଠାରେ ଗ୍ରାଜୁଏସନ ସାରିଥିଲେ । ସେ ଖୁବ୍ ମେଧାବି ଛାତ୍ର ଥିଲେ । ମେରିଟ୍ ତାଲିକା ଶୀର୍ଷରେ ତାଙ୍କ ନାଁ ରହୁଥିଲା । ଆଗ ବି ଆଡ଼ମିଶନ ନେଇଥିଲେ । ତେଣୁ ତାଙ୍କ ରୋଲ ନମ୍ବର ୱାନ୍ ଥିଲା । ଶ୍ରେଣୀରେ ସାଙ୍ଗସାଥୀମାନେ ତାଙ୍କୁ ରୋଲ ନମ୍ବର-୦୧ ବୋଲି ଡାକୁଥିଲେ ।  ଏବେବି ଅନେକ ବନ୍ଧୁ ତାଙ୍କ ନାଁ ମନେ ରଖିନାହାନ୍ତି, କିନ୍ତୁ ରୋଲ ନଂ-୦୧ କହିଲେ ଜାଣନ୍ତି । ବିଏସସିରେ ପଦାର୍ଥ ବିଜ୍ଞାନ ବିଷୟରେ ରଖି ପଢୁଥିଲେ ସୁରେନ୍ଦ୍ର । ଏହା ସରିବା ପରେ ସେ ଚାହିଁଥିଲେ କିଛି ଭିନ୍ନ ପାଠ୍ୟକ୍ରମରେ ପଢ଼ିବେ । ଫଟୋଗ୍ରାଫି ପ୍ରତି ଖୁବ ଦୁର୍ବଳତା ଥିଲା । ତେଣୁ ବନ୍ଧୁମାନେ ତାଙ୍କୁ ସିନେମାଟୋଗ୍ରାଫି ପଢ଼ିବାକୁ ପ୍ରୋତ୍ସାହିତ କଲେ । ସେବେଠୁ ଆରମ୍ଭ ହେଲା- ତାଙ୍କ ଜୀବନର ଆଉ ଏକ ଅଧ୍ୟାୟ । ସେ ପଢ଼ିବା ପାଇଁ ସୁଦୂର ପୁନେ ଯାତ୍ରା କଲେ । ଯେତେବେଳେ ସେ ବମ୍ବେରେ ପାଠ ପଢୁଥିଲେ, ସେତେବେଳେ ତାଙ୍କୁ ଅନେକ ଓଡ଼ିଶାଟା କେଉଁଠି ବୋଲି ପଚାରୁଥିଲେ । ଅର୍ଥାତ୍ ଓଡ଼ିଆ ମାନେ ଅନ୍ୟମାନଙ୍କ ତୁଳନରେ ଊଣାଥିଲେ । ଏହା ଅନୁଭବ କରିଥିଲେ ସୁରେନ୍ଦ୍ର ।

ପୁନେ ଫିଲ୍ମ ଆଣ୍ଡ ଟିଭି ଇନଷ୍ଟିଚ୍ୟୁଟରୁ ପାଶ କଲାପରେ ସେ ବମ୍ବେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ ଆରମ୍ଭ କରିଥିଲେ । ଓଡ଼ିଶାରେ ସେତେବେଳେ କଳାଧଳା ଫିଲ୍ମ ଚାଲୁଥିଲା । ଓଡ଼ିଆ ପ୍ରେକ୍ଷାଳୟରେ ପ୍ରାୟତଃ ହିନ୍ଦି ଫିଲ୍ମ ପଡୁଥିଲା । ଏହା ରଙ୍ଗୀନ ଥିଲା । ତେଣୁ ଓଡ଼ିଆ ଫିଲ୍ମ ତୁଳନାରେ ଯୁବକମାନେ ଅଧିକ ସଂଖ୍ୟାରେ ହିନ୍ଦି ଫିଲ୍ମ ଦେଖିବାକୁ ଆଗ୍ରହ ରଖୁଥିଲେ । ସେତେବେଳେ ସେ ଅନୁଭବ କରିଥିଲେ ଯେ, ଓଡ଼ିଆ ଫିଲ୍ମ ରଙ୍ଗୀନ ନହେବା ଦର୍ଶକଙ୍କ ପାଇଁ ପ୍ରତିବନ୍ଧକ ହେଉଛି । ଯଦି ଏହା ରଙ୍ଗୀନ କରିଦିଆଯାଏ, ଯେଉଁମାନେ ପ୍ରେକ୍ଷାଳୟରେ ହିନ୍ଦୀଫିଲ୍ମ ଦେଖୁଛନ୍ତି, ସେମାନେ ବି ଓଡ଼ିଆ ଫିଲ୍ମ ଦେଖିବେ । ତେଣୁ ଯେତେବେଳେ ‘ଗପ ହେଲେ ବି ସତ’ ସୁଟିଂ ପାଇଁ ତାଙ୍କୁ ଆମନ୍ତ୍ରଣ କରାଗଲା, ସେ ପ୍ରଯୋଜକଙ୍କୁ ଏହି ପ୍ରସ୍ତାବ ଦେଇଥିଲେ ଯେ ଫିଲ୍ମ ରଙ୍ଗୀନ ହେଉ । ସେ ସମୟରେ ଓଡ଼ିଆ କଳାକାରଙ୍କର ରଙ୍ଗୀନ ସିନେମା ଉପରେ କିଛି ବି ଧାରଣା ନଥିଲା । ରଙ୍ଗୀନ ଓ କଳାଧଳା ଭିତରେ ଏକ ଅଜଣା ବ୍ୟବଧାନ ରହିଥିଲା । ବୈଷୟିକ କ୍ଷେତ୍ରରେ ଓଡ଼ିଆମାନେ ଭାବୁଥିଲେ ଆମେ ଅନୁନ୍ନତ ଆଉ ଛୋଟ । ମାତ୍ର ସୁରେନ୍ଦ୍ର ଥିଲେ ଖୁବ୍ ଆତ୍ମବିଶ୍ୱାସୀ ଓ ଦୃଢ଼ମନା । ପୁନେରେ ପାଠ ପଢ଼ି ସାରିବା ପରେ ତାଙ୍କ ଭିତରେ ଗୋଟିଏ ଜୋସ୍ ଆସିଥିଲା । ଓଡ଼ିଶାରୁ ଆସିଛନ୍ତି ବୋଲି ସେ କ'ଣ ଅନ୍ୟମାନଙ୍କଠ ଜଉଣା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ସୁରେନ୍ଦ୍ର ସାହୁ▼






କି ? ନା, ହୋଇ ନପାରେ । ପାଠ ତ ଏକା, ସାରା ଦେଶର ସବୁ ଛାତ୍ରଛାତ୍ରୀଙ୍କ ପାଇଁ । ତେଣୁ ଓଡ଼ିଆ ସିନେମା ପଛରେ ପଡ଼ିଯିବ କାହିଁକି ? ଏହା ବି ରଙ୍ଗୀନ ହୋଇପାରିବ । ଏହାକୁ ଏକ ଚାଲେଞ୍ଜ ଭାବେ ନେଲେ ସୁରେନ୍ଦ୍ର । କାମରେ ବି କରି ଦେଖେଇଲେ । ଆଜି ସମୟ ବଦଳିଛି । ସାରା ବମ୍ବେ ଇଣ୍ଡଷ୍ଟ୍ରିରେ ଓଡ଼ିଆ ପିଲା ତଥା ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନଷ୍ଟିଚ୍ୟୁଟରେ ଛାତ୍ରଛାତ୍ରୀମାନେ ଛାଇ ହୋଇ ରହିଛନ୍ତି । ସେମାନେ ଖୁବ୍ ପରିଶ୍ରମୀ ବୋଲି ମଧ୍ୟ ସବୁଆଡ଼େ ସୁନାମ ରହିଛି ।

ସୁରେନ୍ଦ୍ର ଏଇ ପ୍ରଫେସନରେ ଯୋଗଦେଲେ ବୋଲି ପ୍ରଥମେ ପ୍ରଥମେ ବାପା ଖୁବ ଅସନ୍ତୁଷ୍ଟ ଥିଲେ । ପରବର୍ତ୍ତୀ ସମୟରେ ଯେତେବେଳେ ସେ ରମାନାନ୍ଦ ସାଗରଙ୍କ ସହ କାର୍ଯ୍ୟ କଲେ, ସେ ଫିଲ୍ମ ବି ଓଡ଼ିଶା ପ୍ରେକ୍ଷାଳୟରେ ଚାଲିଲା । ସେ ଏହା ନେଇ ବାପାଙ୍କୁ ଦେଖାଇଲେ । ତାଙ୍କ ବନ୍ଧୁମାନେ ବି ଏହା ଦେଖି ବାପାଙ୍କ ଆଗରେ ତାଙ୍କର ପ୍ରଶଂସା କଲେ । ସେତେବେଳେ ବାପା ବୁଝିଲେ ବୋଧହୁଏ ପୁଅ ଯାହାକୁ ବୃତ୍ତି ବାଛିଚି, ତାହା ଠିକ୍ । "ଗପହେଲେ ବି ସତ' ପୂର୍ବରୁ ସେ ପାଞ୍ଚବର୍ଷ ଧରି ବମ୍ବେରେ କାମ କରିସାରିଥିଲେ । ଓଡ଼ିଶାରେ ସେତେବେଳେ ବର୍ଷେ, ଦୁଇବର୍ଷରେ ଗୋଟିଏ କି ଦୁଇଟି ଫିଲ୍ମ ହେଉଥିଲା । ଏହା ପ୍ରାୟ ସତୁରୀ ଦଶକର କଥା । ସେ ବି ଓଡ଼ିଶା ଫିଲ୍ମ ଇଣ୍ଡଷ୍ଟ୍ରିର କେଉଁ ଲୋକଙ୍କୁ ଚିହ୍ନି ନଥିଲେ । ପ୍ରଶିକ୍ଷଣ ପାଇଁ ବମ୍ବେ ଯିବା ବ୍ୟତୀତ ଅନ୍ୟ କିଛି ପନ୍ଥା ନଥିଲା । ସେ ପଢ଼ା ପରେ କ୍ୟାମ୍ପସରେ ମନୋନୀତ ହୋଇ ସିଧା ରାମାନନ୍ଦ ସାଗରଙ୍କ ଟିମ୍‌ରେ ଯୋଗ ଦେଇଥିଲେ । ତେଣୁ ବେଶିକିଛି ସଂଘର୍ଷ କରିବାକୁ ପଡ଼ି ନଥିଲା ।

'ଗପ ହେଲେ ବି ସତ' ଫିଲ୍ମର ନିର୍ଦ୍ଦେଶକ ନଗେନ ରାୟ ଓ କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁ ଥିଲେ ନିଆଳି ଅଞ୍ଚଳର । ଏହି ଫିଲ୍ମ ନିର୍ମାଣ ପୂର୍ବରୁ ଡାକ୍ତର ବସନ୍ତ ମହାପାତ୍ର ପ୍ରଥମ ଥର ପାଇଁ କଟକରେ ନଗେନ ରାୟଙ୍କୁ ବମ୍ବେରେ ଥିବା ଓଡ଼ିଆ କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁଙ୍କ ସହ ଭେଟ କରାଇଥିଲେ । ସେତେବେଳେ ବମ୍ବେ ଇଣ୍ଡଷ୍ଟ୍ରିରେ ଖୁବ ଜଣାଶୁଣା ଥିଲେ ଶ୍ରୀ ସାହୁ । ସେ ଓଡ଼ିଶାରେ ଚିତ୍ର ନିର୍ମାଣ କଥା ଶୁଣି ଏ ନେଇ ଖୁବ ଆଗ୍ରହ ପ୍ରକାଶ କଲେ । ବୈଷୟିକ ଦିଗରୁ ଚିତ୍ରର ଅଧିକାଂଶ କାର୍ଯ୍ୟ ସେ ବମ୍ବେରେ କରାଇଦେବାକୁ ନଗେନ ବାବୁଙ୍କୁ ପରାମର୍ଶ ଦେଲେ । କଲିକତା ଅପେକ୍ଷା ବମ୍ବେରେ କାମ ଭଲ ହେବ ଓ ବୈଷୟିକ ସୁବିଧା ମିଳିବ ବୋଲି କହିଲେ । ପରେ ନଗେନ ରାୟ ବମ୍ବେ ଯାଇ ସୁରେନ୍ଦ୍ର ବାବୁଙ୍କୁ ଭେଟିଲେ । ସେଠାରେ ସୁର ବାବୁ ସେଠାର ସ୍କ୍ରିନ ପ୍ଲେ ରାଇଟର ପି.ଡି. ସେନୟଙ୍କ ସହ ନଗେନ ରାୟଙ୍କୁ ଭେଟାଇଲେ । ସୁରେନ୍ଦ୍ର ସାହୁଙ୍କୁ ଏହି ଫିଲ୍ମରେ ସହାୟତା କରିଥିଲେ ବମ୍ବେର କେ.କେ.ଜୟସ୍ୱାଲ । ସୁଟିଂ ପରେ ବମ୍ବେରେ ଏଡିଟିଂ ଓ ଲାବରେ ପ୍ରୋସେସିଂ ହୋଇ ଫାଇନାଲ ପ୍ରିଣ୍ଟ ବାହାରିଲା । ସେତେବେଳେ ଏକ ନିମ୍ନମାନର ଫିଲ୍ମ ଏଥିରେ ବ୍ୟବହୃତ ହୋଇଥିଲା । କାରଣ ଉନ୍ନତମାନର ଫିଲ୍ମ ମିଳୁନଥିଲାଶ । ତେବେ କ୍ୟାମେରାମ୍ୟାନଙ୍କ ଚିତ୍ରୋଉଳନ ଏତେ ଉନ୍ନତ ଥିଲା ଯେ, ଫିଲ୍ମଟି ଇଷ୍ଟମ୍ୟାନ କଲର ଫିଲ୍ମ ଠାରୁ ବି ଉନ୍ନତ ହୋଇଥିଲା । ଏହାର ସବୁ ଶ୍ରେୟ ସୁରେନ୍ଦ୍ର ସାହୁଙ୍କର । ଏଥିପାଇଁ ଏହି ଫିଲ୍ମର ଉପଦେଷ୍ଟା ଭାବେ ମଧ୍ୟ ତାଙ୍କ ନାଁ ଉଲ୍ଲେଖ ଥିଲା ।

ଅତିତ ଓ ବର୍ତ୍ତମାନ ଭିତରେ ଫଟୋଗ୍ରାଫିରେ ବିଶେଷ କିଛି ଫରକ ନାହିଁ । କୌଶଳ ସେଇଆ ରହିଛି । କିନ୍ତୁ ଯନ୍ତ୍ରାଂଶରେ ବିକାଶ ଘଟିଛି । ଯେଉଁ ଗୁଡ଼ିକ ସେ ମାନୁଆଲ କରୁଥିଲେ, ଏବେତ ବହୁ ଅତ୍ୟାଧୁନିକ ଯନ୍ତ୍ରାଂଶ ବାହାରିଲାଣି । ଲାଇଟସରେ ବି ଖୁବ ଉନ୍ନତି ଘଟିଛି । ପିଢ଼ି ପରିବର୍ତ୍ତନ ହେଲେ ଫିଲ୍ମ ନିର୍ମାଣର କୌଶଳ ବଦଳେ । ତେଣୁ ନୂଆପିଢ଼ିଙ୍କ ଜୀବନଶୈଳୀ ବଦଳିବ ନିଶ୍ଚୟ । ସେତେବେଳେ ତାଙ୍କ ଚିନ୍ତାଧାରା ଅଲଗା ଥିଲା । ଆଗାମୀ ଦିନରେ ବି ଚିନ୍ତାଧାରା ସମୟକ୍ରମେ ବଦଳି ଚାଲିବ । କିନ୍ତୁ ଫରକ ଏଇଆ ଯେ, ବର୍ତ୍ତମାନର ଯୁବକମାନେ ଅଧିକ ବସ୍ତୁବାଦୀ ହୋଇପଡ଼ିଛନ୍ତି । ସୁରେନ୍ଦ୍ର ବାବୁ ସିନେମାଟୋଗ୍ରାଫି କରିଥିବା ୨୫ଟି ଫିଲ୍ମରୁ ଅଧିକାଂଶ ସିନେମା ହଲରେ ଦୀର୍ଘ ସମୟ ଧରି ଚାଲିଛି । ତାଙ୍କ ସମୟରେ ବର୍ଷକୁ ଗୋଟିଏ ସିନେମା ତିଆରି ହେଉଥିଲା । ବିଷୟ ନଜାଣିଲେ ସେ ସିନେମାରେ ହାତ ଦେଉନଥିଲେ । ଅନ୍ୟମାନେ ପାଲଟା ପଚାରୁଥିଲେ- ତମେତ ଫଟୋ ଉଠେଇବ । ବିଷୟ ଜାଣିବା କ'ଣ ଦରକାର ? ସେ କିନ୍ତୁ ବିଷୟ ନଜାଣିଲେ, ସେ ଭିତରେ ଜଡ଼ିତ ନହେଲେ ମାନସିକ ସ୍ତରରେ ଫିଲ୍ମ ସୁଟିଂ ପାଇଁ ସେ ପ୍ରସ୍ତୁତ ହୋଇପାରୁ ନଥିଲେ । ସେ ସର୍ବଦା କହୁଥିଲେ- ପ୍ରକୃତରେ ସିନେମା ହିଁ କ୍ୟାମେରାମ୍ୟାନ ଓ ନିର୍ଦ୍ଦେଶକର ପରିକଳ୍ପନା । ସେତେବେଳେ ଡାଇରେକ୍ଟର କିଏ ଥିଲେ କି ? ଓଡ଼ିଶାରେ ଆଜି ଭଳି ସେତେବେଳେ ପ୍ରଶିକ୍ଷଣ ତ ନଥିଲା । ଅନ୍ୟ ଡାଇରେକ୍ଟରଙ୍କ ପାଖରେ ସହକାରୀ ଭାବେ କାମକରି ପରେ ଡାଇରେକ୍ଟର ଭାବେ କେତେକ ସିନେମା ନିର୍ମାଣକୁ ଓହ୍ଲାଉଥିଲେ । ହେଲେ ସେ ପିଢ଼ି ବି ଆସିନଥିଲା । ଦୀର୍ଘବର୍ଷ ଧରି ବାହାରର ନିର୍ଦ୍ଦେଶକଙ୍କ କବଜାରେ ଥିଲା ଓଡ଼ିଆ ସିନେମା । ତେବେ ଶିଶିର ମିଶ୍ର ବମ୍ବେରେ କିଛିଦିନ ସେଠାର ଡାଇରେକ୍ଟରଙ୍କ ପାଖରୁ କାମ ଶିଖି ଓଡ଼ିଶାରେ କାମ ଆରମ୍ଭ କରିଥିଲେ । ଏବେତ ରାଜ୍ୟରେ ଫିଲ୍ମ ପ୍ରଶିକ୍ଷଣରେ ବହୁସୁବିଧା ହେଲାଣି । ଯେଉଁଟା ତାଙ୍କର ପାଇଁ ଦିନେ ସ୍ୱପ୍ନ ଥିଲା, ତାହା ଆଜି ସଫଳ ହୋଇଛି । ସାରା ଦେଶରେ ଓଡ଼ିଆ ଯୁବକମାନେ ବାହାର ରାଜ୍ୟରେ ବି ସିନେମା ଓ ଦୂରଦର୍ଶନରେ କାମକରି ସୁଖ୍ୟାତି ଅର୍ଜନ କରୁଛନ୍ତି ।

ଜଣେ ଭଲ କାମ କଲେ ସେ ତା'ର ନିଜର ବିକାଶ ଚାହେଁ । ୧୯୯୦ ମସିହା ସୁଦ୍ଧା ସେ ଥିଲେ ଓଡ଼ିଆ ଇଣ୍ଡଷ୍ଟ୍ରିରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ କ୍ୟାମେରାମ୍ୟାନ ।






ଦର୍ଶକଙ୍କ ଶ୍ରଦ୍ଧା ଓ ଭଲପାଇବା ଓ ଆଦର ତାଙ୍କୁ ଶୀର୍ଷରେ ପହଞ୍ଚାଇଥିଲା । ତେବେ ସମୟ ଆସିଲା, ସେ ଅନୁଭବ କଲେ ଯେ, କେତେ ବ୍ୟକ୍ତିର ବିକାଶ କରିବେ ? ଗୁଡ଼ାଏ ରୋଜଗାର କରିବେ ? ଗଦାଗଦା ପୁରସ୍କାର ପାଇବେ ? ପରିବାର ଆରାମରେ ଚଳିବ ? କିନ୍ତୁ ମୃତ୍ୟୁପରେ କିଏ ତାଙ୍କୁ ମନେରଖିବ ? କାହା ମାଧ୍ୟମରେ ସେ ସମସ୍ତଙ୍କ ହୃଦୟରେ ସବୁଦିନ ରହିବେ ? ତାଙ୍କର ଅସଲ ଉଦ୍ଦେଶ୍ୟ ଥିଲା, ସେ ଶିକ୍ଷାଦାନ କରିବେ । ତେଣୁ ଅଧ୍ୟାପନା କ୍ଷେତ୍ରକୁ ଓହ୍ଲାଇଲେ । ତେଣେ ମୁଖ୍ୟସ୍ରୋତ ଛାଡ଼ିବାକୁ ପଡ଼ିଲା । ଏହି ସମୟରେ ସରକାରୀ ସ୍ତରରେ ଗୋଟିଏ ସୁଯୋଗ ଆସିଲା । ଚିନ୍ତାଧାରା ଥିଲା ଓଡ଼ିଶାରେ କ'ଣ ଫିଲ୍ମ ପ୍ରଶିକ୍ଷଣ ନେଇ ଗୋଟିଏ ଅନୁଷ୍ଠାନ ହୋଇପାରିବନି ? ଅନେକ ହୁଏତ ଏହା କଳ୍ପନା ବି କରିନଥିବେ ? ଏହାଥିଲା ବ୍ୟୟବହୁଳ, ଆଉ ଟେକ୍ନୋଲୋଜି ବି ଅନେକଙ୍କୁ ଜଣାନଥିଲା । ସେତେବେଳେ ସେ ଏକ ସାହସିକ ପଦକ୍ଷେପ ନେଇଥିଲେ । ରାଜ୍ୟ ସରକାରଙ୍କ ସହ ହାତ ମିଳାଇଥିଲେ । ସାକାର ରୂପନେଲା ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନଷ୍ଟିଚ୍ୟୁଟ । ଯାହା ଯୋଗୁଁ ଓଡ଼ିଶା ଆଜି ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ଆଣିଛି । ଯୁଆଡ଼େ ଦେଖିଲେ ଏହି ଅନୁଷ୍ଠାନର ଛାତ୍ର କାମ କରୁଥିବେ । ଅନେକ ସ୍ଥଳେ ସେମାନେ ବି ଅଧ୍ୟାପନା କରୁଛନ୍ତି । ତେଣୁ ପିଢ଼ିରୁ ପିଢ଼ିକୁ ତାଙ୍କ ଶିକ୍ଷାଦାନର ପ୍ରତିଦାନ ସେ ପାଇଚାଲିଥିବା କହନ୍ତି । ସରକାରୀ ନିୟମ ଅନୁସାରେ ୨୦୦୭ ରେ ଅବସର ନେଇଛନ୍ତି ସତ, କିନ୍ତୁ ବିରାମ ନେଇନାହାନ୍ତି ନିଜ କାର୍ଯ୍ୟ ଓ ଚିନ୍ତାଧାରାରୁ । ଅବସର ପରେ ବି ଏବେ ସେ ବିଭିନ୍ନ ଅନୁଷ୍ଠାନ ଯାଇ ଶିକ୍ଷାଦାନ କରୁଛନ୍ତି ।

ଛାତ୍ରଛାତ୍ରୀଙ୍କ ଭିତରୁ ତାଙ୍କୁ ନେଇ ଖୁବ ଡର ଥାଏ, କାରଣ ସେ ଭୀଷଣ ରାଗି । କିନ୍ତୁ ସୁରେନ୍ଦ୍ର କହନ୍ତି, ଏହା ତାଙ୍କ ଜୀବନର କଠୋର ଶୃଙ୍ଖଳା । ଫିଲ୍ମ ଇଣ୍ଡଷ୍ଟ୍ରିରେ ଫଟୋଗ୍ରାଫି ଗୋଟିଏ ଶୃଙ୍ଖଳାଗତ କାର୍ଯ୍ୟ । ସାମାନ୍ୟତମ ଭୁଲ କଲେ ପୁରା କାମଟା ଭୁଲ୍ ହୋଇଯିବ । ଏନେଇ ସେ ବି ପ୍ରଶିକ୍ଷଣ ପାଇଥିଲେ । ଏପରି ଏକ ପ୍ରଫେସନରେ ଯୋଗ ଦେବାପରେ ସେ ନିଜ କାମରେ ପରଫେକସନ ରଖିବା ଶିଖିଯାଇଥିଲେ । ନିଜେ ଯାହା ଶିଖିଥିଲେ, ପିଲାଙ୍କୁ ତାହା ଶିଖାଉଥିଲେ । ତେଣୁ ବାହାରେ କାର୍ଯ୍ୟ କରୁଥିବା ତାଙ୍କ ଛାତ୍ରଛାତ୍ରୀଙ୍କୁ ଅନେକ ପଚାରୁଥିଲେ- ତୁମେ କେଉଁ ଅନୁଷ୍ଠାନରୁ ଆସିଛ ? ଏ ସୁନାମ କଥା ଶୁଣିଲେ ତାଙ୍କ ଛାତି କୁଣ୍ଢେମୋଟ ହୋଇଯାଏ । ସେତେବେଳେ ସେ ଏରି ୱିଥ ବ୍ଲିଂଥ କ୍ୟାମେରା ବ୍ୟବହାର କରୁଥିଲେ । ଏରିଫ୍ଲେକ୍ସ କ୍ୟାମେରା ନେବା ଆଣିବା ପାଇଁ ସୁବିଧା ହେଉଥିଲା । ଏହାବ୍ୟତୀତ ଏଥିରେ ଆଉଟ-ଡୋର ଓ ଇନଡୋର କାର୍ଯ୍ୟ ସବୁ କିଛି ହୋଇପାରୁ ଥିଲା । ସେତେବେଳେ ଏଠାରେ ସାଉଣ୍ଡ ରେକର୍ଡ଼ିଂ ପ୍ରାୟତଃ କେହି ଜାଣିନଥିଲେ । 'ଗପ ହେଲେ ବି ସତ'ର ଡବିଂ ହୋଇନଥିଲା । "ସିଙ୍କ୍ ସାଉଣ୍ଡ ବା ଡାଇରେକ୍ଟ ସାଉଣ୍ଡରେ କାମ ଚଳୁଥିଲା । ଏରି କ୍ୟାମେରା ଘର୍ଘର ନଏଜ ହୁଏ । ଲୋକେସନରେ ଏହି ନଏଜ କମ୍ କରିବା ନେଇ ଏଥିରେ ଲାଗିଥିବା ଯନ୍ତ୍ରାଂଶ ଯୋଗୁଁ, କ୍ୟାମେରାଟି ବଡ଼ ଦିଶିଥାଏ । ଅବଶ୍ୟ ସେତେବେଳେ ବମ୍ବେରେ ଡବିଂ ହେଉଥିଲା । ତେବେ ଓଡ଼ିଶାରୁ ଏତେ ଆର୍ଟିଷ୍ଟଙ୍କୁ ନେଇ ସେଠାକୁ ଯାଇ ଡବିଂ କରିବା ସମ୍ଭବ ହେଉ ନଥିଲା । ଯେହେତୁ ସେ ବମ୍ବେ ଇଣ୍ଡଷ୍ଟ୍ରିରେ କାମ କରୁଥିଲେ, ଗପ ହେଲେ ବି ସତ ନିର୍ମାଣ ସମୟରେ ସେ ସବୁ ବୈଷୟିକ ସାମଗ୍ରୀ ସେଠାରୁ ହିଁ ଆଣିଥିଲେ । ସୁରେନ୍ଦ୍ର ସାହୁ ବହୁ ଫିଲ୍ମରେ ସିନେମାଟୋଗ୍ରାଫି କରିଛନ୍ତି । ତେବେ 'ଗପ ହେଲେ ବି ସତ' ଫିଲ୍ମ ପାଇଁ ଅନେକ ତାଙ୍କୁ ମନେ ରଖିଛନ୍ତି । ଏହା ଅନେକ ସମୟରେ ତାଙ୍କୁ ଆଶ୍ଚର୍ଯ୍ୟ ଲାଗେ । ଡୋରା, ଦଣ୍ଡାବାଲୁଙ୍ଗା ଓ ଯାହାକୁ ରଖିବେ ଅନନ୍ତ- ତାଙ୍କର ଗୋଟିଏ ଗୋଟିଏ ସଫଳ ସିନେମା । ତାଙ୍କ ବିବେଚନାରେ 'ଯାହାକୁ ରଖିବେ ଅନନ୍ତ' ଏକ ସଫଳ ସିନେମା, ଯାହାର ସିନେମାଟୋଗ୍ରାଫି ତାଙ୍କୁ ଯଥେଷ୍ଟ ଆତ୍ମସନ୍ତୁଷ୍ଟି ଦେଇଛି । ଏଥିରେ ସେ ପଶୁ, ପକ୍ଷୀଙ୍କୁ ନେଇ ବହୁ ଏକ୍ସପେରିମେଣ୍ଟ କରିଛନ୍ତି । ଏହି ଫିଲ୍ମ ନିର୍ମାଣ ପରେ ସମ୍ପାଦନା ବେଳେ ସେ ଜଣେ ଖ୍ୟାତନାମା କଳାକାରଙ୍କ ସବୁତକ ସିନ୍ ଏକାଥରେ କାଟିଦେଇଥିଲେ । ପରବର୍ତ୍ତୀ ସମୟରେ ସେହି ବରିଷ୍ଠ କଳାକାର ଜଣକ ପ୍ରତିକ୍ରିୟା ପ୍ରକଶ କରି, ସୁରେନ୍ଦ୍ର ବାବୁ ମୋର ସିନ୍ କାଟିଦେଇଥିବା ଅନେକଙ୍କୁ କହିଥିଲେ । ମାତ୍ର ସିନେମାଟିରୁ ଅନାବଶ୍ୟକ ଜିନିଷ କାଟି ଏହାକୁ ଅଧିକ ଗୁଣାତ୍ମକ ମାନର ଓ ଲୋକପ୍ରିୟ କରାଇବା ତାଙ୍କର ଉଦ୍ଦେଶ୍ୟ ଥିଲା । ସେହି କଳାକାର ଜଣକ ତାଙ୍କର ଅତି ନିକଟତର ଓ ଜଣେ ବନ୍ଧୁଥିଲେ ମଧ୍ୟ ଏହି କଠୋର ଅପ୍ରିୟ ନିଷ୍ପତ୍ତିକୁ ସେ କାର୍ଯ୍ୟକାରୀ କରିଥିଲେ । ତାଙ୍କୁ କଠିନ ହେବାକୁ ପଡ଼ିଥିଲା । ସେ କହନ୍ତି- ନିଜ କାମକୁ ନିଜେ ପ୍ରଶଂସା କଲେ ନିଜର ଅଧୋପତନ ଘଟିବ । ତେଣୁ ସେ ନିଜେ ନିଜର ସମାଲୋଚକ ହେବା ଦରକାର ବୋଲି ସେ ପରାମର୍ଶ ଦିଅନ୍ତି । ତାଙ୍କ ଗାଳିରେ ଆଜି ଅନେକ ମଣିଷ ହୋଇଛନ୍ତି । ତିଆରି ହୋଇଛନ୍ତି ଅନେକ କଳାକାର ।

ସେ ବହୁତ ପଢ଼ନ୍ତି । ଅଧ୍ୟାପନା ତାଙ୍କର ନିଶା । ଏବେ କେବଳ ଏହି କ୍ଷେତ୍ରରେ ମନୋନିବେଶ କରିଛନ୍ତି । ଜୀବନରେ ସବୁକିଛି ପାଇଛନ୍ତି । ଏବେ ଶିକ୍ଷାଦାନ ହିଁ କେବଳ ତାଙ୍କର ଅବଶୋଷ, ଜୀବନର ଅବଶିଷ୍ଟ ସମୟତକ । ସିନେମା ତାଙ୍କର ପ୍ୟାସନ । କ୍ୟାମେରା ଏକ କଲମ ଭଳି । କଲମରେ କବିତା ଲେଖାଯାଇପାରେ । କିନ୍ତୁ କଲମ କେବେ ନିଜ କବିତା ଲେଖିଚି କି ? ନା । ତେଣୁ ପ୍ରଥମେ କଳ୍ପନା ଦରକାର । ଦାମି କଲମ ହେଉ କି ପେନସିଲ, ସେଥିରେ କିଛି ବି ଫରକ ନାହିଁ । କାରଣ କବିତା ମଗଜରୁ ତିଆରି ହୁଏ । ଠିକ୍ ସେମିତି ସିନେମା ।

ଫଟୋଗ୍ରାଫିକୁ ସହଜ ଭାବିବା ଠିକ୍ ନୁହେଁ । କାରଣ ଏହା ପଛରେ କ୍ୟାମେରାମ୍ୟାନର ସୃଜନଶୀଳତା କାମ କରିଥାଏ । ପଢ଼ିବା ସମୟରେ ତାଙ୍କର ରୋଲ ନମ୍ବର ୱାନ ଥିଲା । ଆଉ ଓଡ଼ିଆ ସିନେମାରେ ମଧ୍ୟ ସେ ପ୍ରଥମ ସ୍ୱିକୃତି ଯୋଡ଼ିଦେବାରେ ପ୍ରମୁଖ ଅଂଶୀଦାର ଥିଲେ । ତାଙ୍କର କାର୍ଯ୍ୟ, ପ୍ରୟୋଗାତ୍ମକ ଚିନ୍ତାଧାରା ଓ ସୃଜନଶୀଳତା ସମସ୍ତଙ୍କ ପାଇଁ ପ୍ରେରଣା ଓ ଦୃଷ୍ଟାନ୍ତ ହୋଇ ସବୁଦିନ ଯେ, ଇତିହାସରେ ସାଇତି ହୋଇରହିବ, ଏଥିରେ ସନ୍ଦେହ ନାହିଁ ।

**ବରିଷ୍ଠ ସାମ୍ବାଦିକ, ନ୍ୟୁଜ-୦୭, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର**


श्रीhari Inn
Live the life, the right way.
Luxurious Hospitality at a New Address
FACILITIES
• Travel Desk
• Multi Cuisine Family Restaurant
• 24 Hrs. Room Service Facilities
• Express Check in / Check out
• Wi-Fi Internet Connectivity
• All Major Cards Accepted
• Car Parking Facilities in front of Hotel
• Conference Hall to Accommodates 50 Pax
HOTEL & RESTAURANT
Station Road, Balasore, Mob : 9861036571, 7894544906
www.shreehariinn.com
facebook.com/shreehariinn


ସରସତୀ ସମ୍ମାନପ୍ରାପ୍ତ ପ୍ରଖ୍ୟାତ କବି

# ରମାକାନ୍ତ ରଥ

ପାଇଁ ସତନ୍ତ୍ର ମୁଦ୍ରାରେ

ଫଟୋଗ୍ରାଫି : ଆଦିତ୍ୟ ରାଉତ

**ଶୁଭେଚ୍ଛା ସହ...**



# ଲେଖକ ଓ ପାଠକର ସମ୍ପର୍କ

ଲେଖକଟିଏ ହେବା ପାଇଁ ଲୋଡ଼ାହୁଏ ପ୍ରତିଭା । ଏହା ଜନ୍ମଗତ । କୌଣସି ଶିକ୍ଷାନୁଷ୍ଠାନ ବା କୌଣସି ଗୁରୁଙ୍କ ଠାରୁ ଶିକ୍ଷାପ୍ରାପ୍ତ ହୋଇ କେହି ଲେଖକ ହୁଏ ନାହିଁ । ଏ ଲେଖକୀୟ ପ୍ରତିଭାଟି ତାକୁ ଜନ୍ମସୂତ୍ରରେ ମିଳିଥାଏ । ଏହା ସହିତ ଲେଖକଟିଏ ହେବା ପାଇଁ ଆହୁରି କିଛି ସାମର୍ଥ୍ୟ ଦରକାର । ପୂର୍ବସୂରୀଙ୍କର ରଚନା ପଠନ ସହିତ ପାରିପାର୍ଶ୍ୱିକ ଜୀବନର ଅନୁଶୀଳନ ଏକାନ୍ତ ଅପରିହାର୍ଯ୍ୟ । କେବଳ ଲେଖକ ହେବାର ଇଚ୍ଛା ଦ୍ୱାରା ଲେଖକ ହେଇ ହୁଏନାହିଁ କି ଉଚ୍ଚକୋଟୀର ରଚନା ସୃଷ୍ଟି କରାଯାଇ ପାରେନା । ଉଚ୍ଚକୋଟୀର ସାହିତ୍ୟ ରଚନାରୁ ହିଁ ଆସେ ପାଠକର କଥା । କୁହାଯାଏ, ଯେଉଁ ସାହିତ୍ୟ ପାଠକର ମନକୁ ବାନ୍ଧି ରଖେ, ତାହା ହିଁ ପ୍ରକୃତ ସାହିତ୍ୟ । କାଳକ୍ରମେ ସେଇ ସାହିତ୍ୟ ହିଁ ହୁଏ କାଳୋତ୍ତୀର୍ଣ୍ଣ । ଏଣୁ ପାଠକ ମନକୁ ଛୁଇଁବା ପରି ସାହିତ୍ୟ-ସର୍ଜନାର ଆବଶ୍ୟକତା ଯେ ରହିଛି, ତାହା ପ୍ରମାଣିତ । ମାତ୍ର ଆଜିର ସମୟରେ ଲେଖକର ଔଦ୍ଧତ୍ୟ ପାଖରେ ବିଚରା ପାଠକଟି ଧରାଶାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶୁଣିବାକୁ ମିଳେ ଅନେକ ସମୟରେ ଯେ, ଲେଖକ ଲେଖେ ତା ମର୍ଜିରେ । ପୁଣି କେହି କେହି ଲେଖକ କହନ୍ତି, ମୁଁ ଲେଖେ ମୋ ନିଜର ଆତ୍ମସନ୍ତୋଷ ପାଇଁ । ଏସବୁ କହି ପାଠକକୁ ପରୋକ୍ଷରେ ଉପେକ୍ଷା କରୁଥିବା ସେଇ ଲେଖକମାନେ ଭୁଲିଯାଆନ୍ତି ଯେ, ପାଠକ ସେଇ ବ୍ୟକ୍ତି ଯିଏ ସାହିତ୍ୟ-ସର୍ଜନାଟିର ଭଲ ଓ ମନ୍ଦ ନିର୍ଦ୍ଧାରଣ କରିବା ସହ 'ସାହିତ୍ୟ' ଦେହରେ 'ସାମାଜିକତା'ର ମୋହର ମାରେ । ନିଜ ମର୍ଜିରେ ଲେଖୁଥିବା ଲେଖକ କିମ୍ବା ନିଜ ସୁଖ ପାଇଁ ଲେଖୁଥିବା ଲେଖକ କେବେ ନିଜ ଘର ଭିତରେ ସୀମିତ ରଖନ୍ତି ନାହିଁ ସେମାନଙ୍କ ଲେଖାକୁ । ଭୁଲିଯିବା ଉଚିତ ନୁହେଁ ଯେ, ଆମେ ଯେତେବେଳେ ଆମ ଲେଖାଟିକୁ କୌଣସି କାଗଜ, ପତ୍ରିକା କିମ୍ବା ବେତାର, ଦୂରଦର୍ଶନ ଅଥବା ଆଜିକାର ସାମାଜିକ ଗଣମାଧ୍ୟମରେ ପ୍ରକାଶନ ନିମନ୍ତେ ଦେଉ, ସେତେବେଳେ ସେ ଲେଖା ଆଉ 'ନିଜର' କି 'ନିଜ ମର୍ଜି' ଭିତରେ ନରହି ବଳୟ ବାହାରକୁ ଚାଲି ଆସେ । ଆଉ ଚାଲି ଆସିବା ମାତ୍ରେ ହିଁ ତ ତାହା ପାଠକାଧୀନ ହୁଏ । ସୁତରାଂ ପାଠକକୁ ଆମେ କେଉଁ ପକ୍ଷରୁ ଅସ୍ୱୀକାର କରିବା ? କେଉଁ ପଟୁ ପାଠକକୁ ଆମେ ଉପେକ୍ଷା କରିପାରିବା ?

ଯେମିତି, ଯିଏ ଗାଇଦେଲେ ସେ ଗାୟକ ହୁଏନା, ସେମିତି ଯିଏ ଲେଖିଦେଲେ ଲେଖକ ପଦବାଚ୍ୟ ହୁଏନା । ଲେଖକୀୟ ପ୍ରତିଭା ସହିତ ଲେଖକୀୟ ନିଷ୍ଠା ଓ ଅଭ୍ୟାସ ଜରୁରୀ । ଆଜିର ସମୟରେ କିନ୍ତୁ ଯିଏ ଲେଖିଲା ସେ ଲେଖକ ଏବଂ ସେ ଲେଖକର କିଛି ନିଷ୍ଠା, ସାଧନା, ଅଭ୍ୟାସ ଥାଉକି ନଥାଉ ତାକୁ ଆମେ ମୁଣ୍ଡରେ ବସେଇ ଥେଇ ଥେଇ ହେଇ ନାଚୁ । ଏ କଥାଟିକୁ ଆଜିର ସମୟରେ ଅଧିକ ସରଳ କରିଦେଇଛି ଫେସ୍‌ବୁକ୍ ନାମକ ଏକ ସାର୍ବଜନୀନ କ୍ଷେତ୍ର ବା ପବ୍ଲିକ୍ ଡୋମେନ୍ । ଏଥିରେ ଯେ ପ୍ରକୃତ ଲେଖକମାନେ ଉପକୃତ ହେଉନାହାନ୍ତି, ତାହା ନୁହେଁ । ହେଲେ ଲେଖକ ପଦବାଚ୍ୟ ହୋଇନଥିବା ବ୍ୟକ୍ତିବିଶେଷଙ୍କର ପ୍ରବେଶ ପ୍ରବଳ । ଏ ପ୍ରକାର ଏକ ପ୍ରାବଲ୍ୟକୁ ରୋକ୍ ଲଗେଇବ କିଏ ?

ହଁ, ଏଇଠି ହିଁ ପାଠକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଲେଖକ (ଅଲେଖକ + ଅଣଲେଖକ + ଅପଲେଖକ ସମେତ) ମାନୁ କି ନମାନୁ, ପାଠକଟି ପଢ଼ିବ ଏବଂ ମତବ୍ୟକ୍ତ କରିବ । ସେଇ ମତାନୁସାରେ ଲେଖାର ପାଠକୀୟତା ବଢ଼ିପାରେ କିମ୍ବା କମିପାରେ । ପାଠକର ମନକୁ ବାନ୍ଧି ପାରୁନଥିବା ଲେଖାଗୁଡ଼ିକର ସ୍ରଷ୍ଟାମାନେ ଏହାକୁ ଉଦାର ଚିତ୍ତରେ ଗ୍ରହଣ କଲେ ଯାଇ ଆମେ ଆଗାମୀ ଦିନରେ ପାଠକକୁ ବଂଚେଇବା ସହ ଏକ ସୁଷମ ସାହିତ୍ୟ ଘର ଗଢ଼ି ପାରିବା । ନହେଲେ ଲେଖକୀୟ ଅହଂ, ଲେଖକୀୟ ଔଦ୍ଧତ୍ୟ ହିଁ ଭାଙ୍ଗି ଚୁର୍ମାର୍ କରିଦେବ ସମଗ୍ର ପାଠକ ସମାଜକୁ । ଭାବିଲେ ଦେଖି: ନାରୀ ନଥିବା ଏକ ସମାଜ, କେମିତି ଦିଶିବ ! ଠିକ୍ ସେମିତି ପାଠକ ନଥିବା ସାହିତ୍ୟ-ସମାଜ କୋଉ କାମରେ ଆସିବ ?

ଆଜିର ସମୟରେ ଲେଖକ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ପାଠକ ଘର ଶୂନ୍ । ଅର୍ଥାତ୍ ନୂଆ ପାଠକ ସୃଷ୍ଟି ହେଉନାହାନ୍ତି । ଏହାର ହେତୁ ଯାହାହେଉନା କାହିଁକି, ଆମ ଲେଖକମାନେ କେବଳ ପୁସ୍ତକ ପ୍ରକାଶନରେ ମନୋନିବେଶ ନକରି କିପରି ଲେଖକର ମନକୁ ବାନ୍ଧି ରଖିବା ପରି ଲେଖା ରଚନା କରିବେ, ସେ ଦିଗରେ ଆତ୍ମବିଶ୍ଳେଷଣ କରିବା ସହ ଲେଖକ-ପାଠକଙ୍କ ସମ୍ପର୍କରେ ଥିବା ଦୂରତାକୁ ଘୁଞ୍ଚେଇବା ପାଇଁ ତତ୍ପର ହୁଅନ୍ତୁ ।

ପାଠକକୁ ଦୋଷ ଦେବାର ଅଭ୍ୟାସ ପରିହାର କରି ଲେଖକକୁ ନିଜର ଲେଖା ପ୍ରତି ସଚେତନ ହେବା ଦରକାର । ଗୋଟିଏ ପାଖରେ ଅଲେଖକର ବନ୍ୟା ଓ ଆରପାଖରେ ପାଠକର ମରୁଡ଼ି ଭଳି ଅବସ୍ଥା ପ୍ରକୃତ ସୃଜନ-ସାଧକଙ୍କୁ କୁଜ୍ଝଟୀକାରେ ଢାଙ୍କି ନଦେଉ, ଏଥିପାଇଁ ଆମେ ଏବେ ସଜାଗ ହେବାର ସମୟ ଆସିଛି ।

ଶେଷରେ ଏତିକି କହିବି, ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଭାଷାରେ ଲେଖକର ଯେତେ କିଛି ସ୍ୱୀକୃତି, ଯେତେ କିଛି ସମ୍ମାନ ଓ ପୁରସ୍କାର, ସେସବୁଥିରେ ପାଠକର ମଧ୍ୟ ସମାନ ଦାବୀ ଅଛି । କାରଣ ପାଠକ ହିଁ ଲେଖକର କୃତିକୁ ଅର୍ଥାୟିତ କରିଥାଏ । ପାଠକଙ୍କ ପ୍ରତି ଏତେ ବିପୁଳ ସମ୍ମାନଶୀଳତା ଥିବା ସେଇ ଲେଖକ ମନୋଜ ଦାସଙ୍କ ଏହା ମହନୀୟତା ଛଡ଼ା ଆଉ କିଛି ନୁହେଁ ।



Kubota
For Earth, For Life




M/s NIGAMANANDA ASSOCIATES

At- Meghadamburu, P.O. : Kuruda
Near Tamulia Rly. Gate, Balasore - 756056

Ph (O) 06782-256089, 9777159462

The **REBATI AMA MATIRA SWARA** • February 2019 Vol - 1 Issue - 5 • R.N.I. Title Code : ODIODI 07916 • Rs. 30
Total Page : 108




**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

Email : contactus@supratikgroup.com
Website : www.supratikgroup.com

Associate editor : **Krushna Kumar Mohanty**

Editor : **Subasini Jena**